ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ଜୁଲାଇ ୬/୨୦୨୪ (୧୮ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, July 6/2024 Page 18 ₹ 7.00
୫୦ଶ ଭାଗ ୨୨୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 222 ମୂଲ୍ୟ₹୭/-



## ଓଏଫ୍‌ସି ସହ ଆଣ୍ଟୋନୀ ଅନୁବନ୍ଧିତ

ଭାରତୀୟ ଫୁଟବଲର ପୂର୍ବତନ ଖେଳାଳି ଆଣ୍ଟୋନୀ ଫର୍ନାଣ୍ଡିଜ୍ ସହକାରୀ କୋଚ୍‌ଭାବେ ଓଡ଼ିଶା ଏଫ୍‌ସି ସହ ଅନୁବନ୍ଧିତ ହୋଇଛନ୍ତି।

୧୮

୧୩

## 'ସ୍ପାଇ ୟୁନିଭର୍ସ'ରେ ଅଭିନୟ କରିବେ ଆଲିଆ

ଅଭିନେତ୍ରୀ ଆଲିଆ ଭଟ୍ଟ ମା' ହେବା ପରେ ଖୁବଶୀଘ୍ର ୟଶ୍ ରାଜ ଫିଲ୍ମସ୍‌ର 'ସ୍ପାଇ ୟୁନିଭର୍ସ' ଚଳଚ୍ଚିତ୍ରରେ ଅଭିନୟ କରିବାକୁ ଯାଉଛନ୍ତି।



# କିର୍ ଷ୍ଟାର୍ମର ବ୍ରିଟେନ୍ ପ୍ରଧାନମନ୍ତ୍ରୀ



ବକିଂହାମ୍ ପ୍ୟାଲେସ୍‌ରେ ଶୁକ୍ରବାର କିଙ୍ଗ୍ ଚାର୍ଲସ-୩ୟଙ୍କୁ ଭେଟୁଛନ୍ତି ବ୍ରିଟେନର ନୂଆ ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍ମର।

**ଲଣ୍ଡନ/ନୂଆଦିଲ୍ଲୀ,୫।୭**

ବ୍ରିଟେନ୍ ସାଧାରଣ ନିର୍ବାଚନରେ ଶାସକ କଞ୍ଜରଭେଟିଭ୍ ପାର୍ଟି ଧରାଶାୟୀ ହୋଇଯାଇଛି। ବିରୋଧୀ ଲେବର ପାର୍ଟି ଐତିହାସିକ ବିଜୟ ହାସଲକରି ଦୀର୍ଘ ୧୪ ବର୍ଷ ପରେ କ୍ଷମତାକୁ ଫେରିଛି। ଏଥିସହ ଲେବର ଲିଡର କିର୍ ଷ୍ଟାର୍ମର ନୂଆ ପ୍ରଧାନମନ୍ତ୍ରୀ ନିଯୁକ୍ତ ହୋଇଛନ୍ତି। କିର୍‌ଙ୍କ ନିକଟକୁ ବିଶ୍ୱନେତାଙ୍କ ଅଭିନନ୍ଦନର ସୁଅ ଛୁଟିବାରେ ଲାଗିଛି।

ବ୍ରିଟେନ୍ ପାର୍ଲାମେଣ୍ଟର ନିମ୍ନ ସଦନ ହାଉସ୍ ଅଫ୍ କମନ୍ସର ଆସନ ସଂଖ୍ୟା ୬୫୦। ସରକାର ଗଠନ ପାଇଁ ମ୍ୟାଜିକ୍ ନମ୍ବର ହେଉଛି ୩୨୬। ଗୁରୁବାର ସମସ୍ତ ୬୫୦ ଆସନରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଭୋଟ ଗଣତି ପରେ ଶୁକ୍ରବାର ଏହାର ଫଳାଫଳ ସାମ୍ନାକୁ ଆସିଛି। ନିର୍ବାଚନରେ ବିରୋଧୀ ନେତା କିର୍ ଷ୍ଟାର୍ମରଙ୍କ ଲେବର ପାର୍ଟିର ୪୧୨ ଏମ୍‌ପି ବିଜୟୀ ହୋଇଛନ୍ତି, ଯାହାକି ☞ପୃଷ୍ଠା-୪

# ଏନ୍‌ଇଇଟି-ୟୁଜି : କେନ୍ଦ୍ର ଚାହୁଁନି ପୁନଃ ପରୀକ୍ଷା

## ଅନିୟମିତତାର ବଡ଼ ପ୍ରମାଣ ନ ଥିବା ସୁପ୍ରିମକୋର୍ଟଙ୍କୁ ଜଣାଇଲା

**ନୂଆଦିଲ୍ଲୀ,୫।୭(ପି.ଟି.)**

ପ୍ରଶ୍ନପତ୍ର ଲିକ୍ ଓ ଅନ୍ୟାନ୍ୟ ଅନିୟମିତତା ଅଭିଯୋଗକୁ ନେଇ ବିବାଦ ଘେରରେ ରହିଥିବା ଚଳିତ ବର୍ଷର ଏନ୍‌ଇଇଟି-ୟୁଜି ପରୀକ୍ଷା ସମ୍ପୂର୍ଣ୍ଣ ବାତିଲ କରିବା ପ୍ରସ୍ତାବକୁ କେନ୍ଦ୍ର ସରକାର ଶୁକ୍ରବାର ସୁପ୍ରିମକୋର୍ଟରେ ବିରୋଧ କରିଛନ୍ତି। ମେ' ୫ରେ ଅନୁଷ୍ଠିତ ଏନ୍‌ଇଇଟି-ୟୁଜି ପରୀକ୍ଷାରେ ପ୍ରଶ୍ନପତ୍ର ପ୍ରଘଟ ସହ ବ୍ୟାପକ ଦୁର୍ନୀତିର ଅଭିଯୋଗ ହୋଇଥିଲା। ବିହାର, ଗୁଜରାଟ ସମେତ ବିଭିନ୍ନ ରାଜ୍ୟରେ ତଦନ୍ତ ବେଳେ ପ୍ରଶ୍ନପତ୍ର ଲିକ୍ ସମେତ ପ୍ରକୃତ ପରୀକ୍ଷାର୍ଥୀଙ୍କ ସ୍ଥାନରେ ଅନ୍ୟ ବ୍ୟକ୍ତି ପରୀକ୍ଷା ଆଦିର ପ୍ରମାଣ ମଧ୍ୟ ସାମ୍ନାକୁ ଆସିଛି। ଏହା ସତ୍ତ୍ୱେ ଦେଶବ୍ୟାପୀ ଅନୁଷ୍ଠିତ ହୋଇଥିବା ଏହି ପ୍ରବେଶିକା ପରୀକ୍ଷାରେ କୌଣସି ବଡ଼ ଧରଣର ଗୋପନୀୟତା ଉଲ୍ଲଂଘନ ହୋଇଥିବାର ପ୍ରମାଣ ନାହିଁ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ସତ୍ୟପାଠ ଜରିଆରେ ସୁପ୍ରିମକୋର୍ଟଙ୍କୁ ଜଣାଇବା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। ପରୀକ୍ଷା ଅନିୟମିତତାର ସମସ୍ତ ଅଭିଯୋଗର ତଦନ୍ତ ଦାୟିତ୍ୱ ସିବିଆଇକୁ ଦିଆଯାଇଛି। ପରୀକ୍ଷା ଫଳ ଘୋଷଣା ସରିଥିବାରୁ ବର୍ତ୍ତମାନ ସ୍ଥିତିରେ ପରୀକ୍ଷା ବାତିଲ କରିବା ଯୁକ୍ତିଯୁକ୍ତ ପଦକ୍ଷେପ ହେବନାହିଁ। ଏହା ଅନେକ ଲକ୍ଷ ସଚ୍ଚୋଟ ପରୀକ୍ଷାର୍ଥୀଙ୍କ ସ୍ୱାର୍ଥକୁ ଗୁରୁତର ଭାବେ କ୍ଷତି ପହଞ୍ଚାଇବ ବୋଲି କେନ୍ଦ୍ର ସରକାର ସତ୍ୟପାଠରେ ସର୍ବୋଚ୍ଚ ଅଦାଲତଙ୍କୁ ଅବଗତ କରାଇଛନ୍ତି।

ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ପାଇଁ ଚଳିତ ବର୍ଷ ୨୪ ଲକ୍ଷ ଛାତ୍ରୀଛାତ୍ର ଏନ୍‌ଇଇଟି-ୟୁଜି ପରୀକ୍ଷା ଦେଇଥିଲେ। ଜୁନ୍ ୧୪ରେ ରେଜଲ୍ଟ ବାହାରିବାକୁ ଥିବାବେଳେ ତରବରିଆ ଭାବେ ଲୋକ ସଭା ନିର୍ବାଚନ ଫଳାଫଳ ଘୋଷଣା ଦିନ ପରୀକ୍ଷା ଫଳ ପ୍ରକାଶ ପାଇଥିଲା। ୬୭ ଜଣ ପରୀକ୍ଷାର୍ଥୀ ୧୦୦ ପ୍ରତିଶତ ନମ୍ବର ରଖି ର୍‍ୟାଙ୍କ୍ ୱାନ୍‌ରେ ସ୍ଥାନ ପାଇବା ଏବଂ ସେଥିରୁ ଗୋଟିଏ ପରୀକ୍ଷା କେନ୍ଦ୍ରର ୬ ଜଣ ରହିବା ପରୀକ୍ଷାରେ ଅନିୟମିତତା ସନ୍ଦେହକୁ ଦୃଢ଼ୀଭୂତ କରିଥିଲା। ପରୀକ୍ଷା ବାତିଲ କରିବା ସହ ସାନି ପରୀକ୍ଷା କରାଇବା ଦାବି ନେଇ ଛାତ୍ରୀଛାତ୍ର, ଅଭିଭାବକ ଓ ବିଭିନ୍ନ କୋଚିଂ ସେଣ୍ଟର ପକ୍ଷରୁ ସୁପ୍ରିମକୋର୍ଟରେ ୨୬ଟି ପିଟିଶନ ଦାଏର ହୋଇଥିଲା। ଆସନ୍ତା ୮ରେ ଉକ୍ତ ପିଟିଶନ୍‌ଗୁଡ଼ିକର ଶୁଣାଣି ହେବାର ଥିବାବେଳେ ଏହା ପୂର୍ବରୁ ସରକାର ସତ୍ୟପାଠ ଦାଖଲ କରି ନିଜର ପକ୍ଷ ରଖିଛନ୍ତି।

ସତ୍ୟପାଠରେ କେନ୍ଦ୍ର ସରକାର ସମସ୍ତ ପ୍ରତିଯୋଗିତାମୂଳକ ପରୀକ୍ଷାକୁ ସ୍ୱଚ୍ଛ ଓ ସଚ୍ଚୋଟତାର ସହ ପରିଚାଳନା ☞ପୃଷ୍ଠା-୪

# ୨୨ରୁ ବିଧାନସଭା

## ୨୫ରେ ବଜେଟ

**ଭୁବନେଶ୍ୱର,୫।୭ (ଅନିଲ ଦାସ)**

ଆସନ୍ତା ୨୨ ତାରିଖରୁ ସପ୍ତଦଶ ବିଧାନସଭାର ପ୍ରଥମ ଅଧିବେଶନ ଆରମ୍ଭ ହେବ। ଏହା ସେପ୍ଟେମ୍ବର ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଜୁଲାଇ ୨୫ରେ ୨୦୨୪-୨୫ ଆର୍ଥିକବର୍ଷ ପାଇଁ ବଜେଟ ଉପସ୍ଥାପନ ହେବ। ଅଧିବେଶନର ପ୍ରଥମ ଦିବସରେ ରାଜ୍ୟପାଳଙ୍କ ଅଭିଭାଷଣ ଏବଂ ୨୩ରେ ଅଭିଭାଷଣ ☞ପୃଷ୍ଠା-୪

# ଗଣିତ, ଏଥିକ୍ସ ପ୍ରଶ୍ନପତ୍ର ଭାଇରାଲ

## ଯୁକ୍ତ୩ ଦ୍ୱିତୀୟ ବର୍ଷ ଚତୁର୍ଥ ସେମିଷ୍ଟର

**ପାରାଦୀପ, ୫।୭ (ଶରତ ରାଉତ)**

ଦେଶରେ ଏବେ ଏନ୍‌ଇଇଟି ପ୍ରଶ୍ନପତ୍ର ଲିକ୍ ଘଟଣାକୁ ନେଇ ପ୍ରତିବାଦ, ଆନ୍ଦୋଳନ ଜାରି ରହିଛି। ଏହାମଧ୍ୟରେ ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନ ମହାବିଦ୍ୟାଳୟଗୁଡ଼ିକରେ ହୋଇଥିବା ଯୁକ୍ତ୩ ଦ୍ୱିତୀୟ ବର୍ଷ ଚତୁର୍ଥ ସେମିଷ୍ଟର ପରୀକ୍ଷାର ଗଣିତ ଏବଂ ଏଥିକ୍ସ ବିଷୟର ପ୍ରଶ୍ନପତ୍ର ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଗଣିତ ପରୀକ୍ଷା ଗତ ୪ ତାରିଖ ଗୁରୁବାର ସକାଳ ୯ରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଥିଲା। ଏହାର ପ୍ରଶ୍ନପତ୍ର ଓ ଉତ୍ତର ଥିବା କାଗଜ ୩ ତାରିଖ ☞ପୃଷ୍ଠା-୪

ଆଜିର ସମ୍ପାଦକୀୟ ଯୋଗୀଙ୍କ ସଙ୍କେତ

ଲକ୍ଷେ ଟଙ୍କାରେ ବିକ୍ରି ଶିଶୁପୁତ୍ର ଉଦ୍ଧାର ପୃଷ୍ଠା ୩







କିର୍ ଷ୍ଟର୍ମର ବ୍ରିଟେନ୍‌ର ନୂଆ ପ୍ରଧାନମନ୍ତ୍ରୀ ହେବା ପରେ ସ୍ତ୍ରୀ ଭିକ୍ଟୋରିଆଙ୍କ ସହ ୧୦ ଡାଉନିଂ ଷ୍ଟ୍ରିଟ୍‌ରେ ପହଞ୍ଚିଛନ୍ତି।

# ଡାଉନିଂ ଷ୍ଟ୍ରିଟ୍‌ରେ ଷ୍ଟର୍ମର

ପରେ କଶ୍ମୀର ପ୍ରସଙ୍ଗରେ ମଧ୍ୟସ୍ଥତା ପାଇଁ ପ୍ରସ୍ତାବ ଦେଇଥିଲେ। ଏହା ପରେ ସବୁ ବିଗିଡ଼ିଯାଇଥିଲା। ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଆଇ.କେ. ଗୁଜରାଲ ବ୍ରିଟେନ୍‌କୁ ଏକ 'ତୃତୀୟ ଶ୍ରେଣୀର ଶକ୍ତି' ଭାବେ ଅଭିହିତ କରିଥିଲେ। ବ୍ରିଟେନ୍‌ର ଏଭଳି ଆଭିମୁଖ୍ୟକୁ ଭାରତରେ ଦୃଢ଼ ନିନ୍ଦା କରାଯାଇଥିଲା। କୁଇନ୍ ଏଲିଜାବେଥ୍‌ଙ୍କ ଗସ୍ତ କେବଳ ଏକ ଔପଚାରିକତାରେ ସୀମିତ ହୋଇଯାଇଥିଲା। ଏହା ଏକ କୂଟନୈତିକ ବିପର୍ଯ୍ୟୟ ଥିଲା। କଶ୍ମୀର ଉପରେ ଲେବର ପାର୍ଟିର ଆଭିମୁଖ୍ୟ ଏବଂ ଏହାର ପାକିସ୍ତାନ ପ୍ରୀତି ଯୋଗୁ ଭାରତ ଏବଂ ବ୍ରିଟିଶ୍ ଇଣ୍ଡିଆନ୍ କମ୍ୟୁନିଟି ସହ ବ୍ରିଟେନ୍‌ର ସମ୍ପର୍କରେ ତିକ୍ତତା ସୃଷ୍ଟି ହୋଇଥିଲା।

୨୦୧୯ ଅଗଷ୍ଟ ୫ରେ ଭାରତ ସରକାର ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନକାରୀ ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ଉଚ୍ଛେଦ କରିଥିଲେ। ଏହା ପରେ ଜେରେମି କୋର୍ବିନ୍‌ଙ୍କ ନେତୃତ୍ୱାଧୀନ ଲେବର ପାର୍ଟି ବ୍ରିଟେନ୍ ପାର୍ଲାମେଣ୍ଟରେ ଭାରତ ବିରୋଧୀ ସଂକଳ୍ପନାମା 'କଶ୍ମୀରରେ ଅନ୍ତର୍ଜାତୀୟ ହସ୍ତକ୍ଷେପ ଏବଂ ଜାତିସଂଘ ନେତୃତ୍ୱରେ ଗଣଭୋଟର ଆହ୍ୱାନ'କୁ ଗୃହୀତ କରାଇଥିଲେ। ଏହାକୁ ସେତେବେଳେ ଭାରତ ବିରୋଧୀ ଓ ପାକିସ୍ତାନ ସପକ୍ଷବାଦୀ ଆଭିମୁଖ୍ୟ ବୋଲି କେନ୍ଦ୍ରର ମୋଦି ସରକାର ବିବେଚନା କରିଥିଲେ। କୋର୍ବିନ୍‌ଙ୍କ ନିକଟକୁ ଶତାଧିକ ଭାରତୀୟ ଗୋଷ୍ଠୀ ପତ୍ର ଲେଖି ଏହାର ପ୍ରତିବାଦ ଜଣାଇଥିଲେ। ବ୍ରିଟିଶ୍-ଭାରତୀୟ ଭୋଟର ଲେବର ପାର୍ଟି ବିରୋଧରେ କଞ୍ଜରଭେଟିଭ୍ ପାର୍ଟିକୁ ବିପୁଳ ଭୋଟରେ ଜିତାଇଥିଲେ। ନିର୍ବାଚନରେ ପରାଜୟ ପାଇଁ କଶ୍ମୀର ସଂକଳ୍ପନାମାକୁ ଲେବର ପାର୍ଟି ଅଧ୍ୟକ୍ଷ ଇଆନ୍ ଲାଭେରି ଦାୟୀ କରିଥିଲେ। ଏହା ପରେ ଖଲିସ୍ତାନୀ ଆତଙ୍କବାଦୀଙ୍କ ପ୍ରତି ଲେବର ପାର୍ଟିର କୋହଳ ମନୋଭାବକୁ ନେଇ ମଧ୍ୟ ଭାରତ ସହ ଏହାର ସମ୍ପର୍କ ଖରାପ ହୋଇଛି। ତେଣୁ ଲେବର ପାର୍ଟି କ୍ଷମତାକୁ ଆସିବା ପରେ ଭାରତ ସହ ଏହାର ସମ୍ପର୍କ କିପରି ରହିବ ତା' ଉପରେ ସମସ୍ତଙ୍କ ନଜର ରହିଛି।

## ୬୩୦ ଭୋଟରେ ହାରିଲେ ଲିଜ୍ ଟ୍ରସ୍



ବ୍ରିଟେନ୍‌ରେ ସବୁଠୁ କମ୍ ସମୟ ପାଇଁ ପ୍ରଧାନମନ୍ତ୍ରୀ ହୋଇଥିବା କଞ୍ଜରଭେଟିଭ୍ ପାର୍ଟିର ଲିଜ୍ ଟ୍ରସ୍ ୬୩୦ ଭୋଟ ବ୍ୟବଧାନରେ ନିର୍ବାଚନ ହାରିଯାଇଛନ୍ତି। ପୂର୍ବ ଲଣ୍ଡନ୍‌ର ନୋର୍‌ଫୋକ୍ ସାଉଥ୍ ୱେଷ୍ଟ ସଂସଦୀୟ ଆସନରେ ଲେବର ପ୍ରାର୍ଥୀ ଟେରି ଜର୍ମ ୨୬,୦୦୦ରୁ ଊର୍ଦ୍ଧ୍ୱ ଭୋଟ ପାଇ ବିଜୟୀ ହୋଇଛନ୍ତି। ୨୦୨୦ରୁ ଏହି ଆସନରୁ ହାଉସ୍ ଅଫ୍ କମନ୍ସରେ ପ୍ରତିନିଧିତ୍ୱ କରୁଥିବା ଟ୍ରସ୍ ନିଜ ପରାଜୟ ପରେ କିଛି ପ୍ରତିକ୍ରିୟା ଦେଇନାହାନ୍ତି। ୨୦୨୨ରେ ବୋରିସ୍ ଜନ୍‌ସନ୍ ପାର୍ଟିଗେଟ୍ ମାମଲାରେ ବିବାଦୀୟ ହୋଇ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେବା ପରେ ସେପ୍ଟେମ୍ବର ୬ରୁ ଅକ୍ଟୋବର ୨୫ ପର୍ଯ୍ୟନ୍ତ ଟ୍ରସ୍ ପ୍ରଧାନମନ୍ତ୍ରୀ ଥିଲେ।

# କେମିତି ରହିବ ଭାରତ-ବ୍ରିଟେନ୍ ସମ୍ପର୍କ

**ଲଣ୍ଡନ୍,୫।୭**

ବ୍ରିଟେନ୍ ସାଧାରଣ ନିର୍ବାଚନରେ ଲେବର ପାର୍ଟି ବିପୁଳ ବିଜୟ ସହ କ୍ଷମତାକୁ ଫେରିଛି। କିନ୍ତୁ ଭାରତ-ବ୍ରିଟେନ୍ ମଧ୍ୟରେ ଲେବର ପେନ୍ ଅନ୍ୟୂନ ୨୫ ବର୍ଷ ପୁରୁଣା। ୧୯୯୭ରେ ଭାରତ ବ୍ରିଟେନ୍‌ଠାରୁ ସ୍ୱାଧୀନତା ପ୍ରାପ୍ତିର ୫୦ତମ ବର୍ଷପୂର୍ତ୍ତି ପାଳନ କରୁଥିଲା। ସେତେବେଳେ ବ୍ରିଟେନ୍‌ର କଞ୍ଜରଭେଟିଭ୍ ପାର୍ଟି ଏବଂ ଭାରତ ସରକାର ଏହି ଉତ୍ସବରେ କୁଇନ୍ ଏଲିଜାବେଥ୍‌ଙ୍କୁ ଅତିଥି କରିବା ପାଇଁ ଯୋଜନା କରିଥିଲେ। ତେବେ ମେ'ରେ ଅନୁଷ୍ଠିତ ନିର୍ବାଚନରେ ଜନ୍ ମେଜରଙ୍କ ନେତୃତ୍ୱାଧୀନ କଞ୍ଜରଭେଟିଭ୍ ପାର୍ଟି ଟୋନି ବ୍ଲେୟାରଙ୍କ ଲେବର ପାର୍ଟିଠାରୁ ହାରିଯାଇଥିଲା। ଭାରତରେ ମଧ୍ୟ ଇନ୍ଦର କୁମାର ଗୁଜରାଲଙ୍କ ନେତୃତ୍ୱରେ ମିଳିତ ସରକାର ଗଠନ ହେଲା।

କୁଇନ୍ ଏଲିଜାବେଥ୍ ଅକ୍ଟୋବରରେ ଭାରତ ଆସିବା ପୂର୍ବରୁ ତାଙ୍କ ସ୍ୱାମୀ ପ୍ରିନ୍ସ ଫିଲିପ୍‌ଙ୍କ ସହ ପାକିସ୍ତାନରେ ଅଟକିଯାଇଥିଲେ। ଇସ୍‌ଲାମାବାଦର ଏକ ସରକାରୀ କାର୍ଯ୍ୟକ୍ରମରେ ଏଲିଜାବେଥ୍ କହିଥିଲେ, କଶ୍ମୀର ପ୍ରସଙ୍ଗ ଉପରେ ଭାରତ ଓ ପାକିସ୍ତାନ ମତଭେଦ ଦୂରକରି ସମାଧାନ କରିବା ଉଚିତ। ରାଣୀଙ୍କ ସହ ଗସ୍ତ କରିଥିବା ବ୍ରିଟିଶ୍ ଫରେନ୍ ସେକ୍ରେଟାରି ରୋବିନ୍ କୁକ୍ ପାକିସ୍ତାନର ତତ୍କାଳୀନ ପ୍ରଧାନମନ୍ତ୍ରୀ ନୱାଜ ଶରିଫ୍‌ଙ୍କୁ ଭେଟିବା


ଲେବର ପାର୍ଟି ନେତା କିର୍ ଷ୍ଟର୍ମର ଜୁନ୍ ୨୮ରେ ନିର୍ବାଚନ ପ୍ରଚାର ବେଳେ ଭାରତୀୟ ବଂଶୋଦ୍ଭବ ଭୋଟରଙ୍କୁ ଆକର୍ଷିତ କରିବା ପାଇଁ ଲଣ୍ଡନର କିଙ୍ଗ୍ସବରିସ୍ଥିତ ସ୍ୱାମୀନାରାୟଣ ମନ୍ଦିରକୁ ଯାଇଥିଲେ।

ମାନବାଧିକାର ବାରିଷ୍ଟର କିର୍ ଷ୍ଟର୍ମର ବ୍ରିଟେନ୍‌ର ନୂଆ ପ୍ରଧାନମନ୍ତ୍ରୀ ନିର୍ବାଚିତ ହେବା ପରେ ଶୁକ୍ରବାର କେବଳ ନିଜ ଦେଶ ପାଇଁ ବିକାଶର ବ୍ଲୁପ୍ରିଣ୍ଟ ବାହାର କରିନାହାନ୍ତି, ବରଂ ସେଠାରେ ବସବାସ କରୁଥିବା ଭାରତୀୟ ସମୁଦାୟ ସହ ଲେବର ପାର୍ଟିର ନୂଆ ସମ୍ପର୍କ ଉପରେ ଅବତାରଣା କରିଛନ୍ତି। ଶାସକ ଦଳ ଭାରତୀୟ ବଂଶୋଦ୍ଭବମାନଙ୍କ ସହିତ ଏକ 'ନୂତନ ରଣନୈତିକ ସହଭାଗିତା' ବୃଦ୍ଧି କରିବ ବୋଲି ସେ କହିଛନ୍ତି।

## ଡେଭିଡ୍ ଲାମି ନୂଆ ବହିର୍ବ୍ୟାପାର ସଚିବ

### ଖୁବ୍‌ଶୀଘ୍ର ଭାରତ ଆସିବେ



ବ୍ରିଟେନ୍ ପ୍ରଧାନମନ୍ତ୍ରୀ କିର୍ ଷ୍ଟର୍ମର ଶୁକ୍ରବାର ଲେବର ଏମ୍‌ପି ଡେଭିଡ୍ ଲାମିଙ୍କୁ ଦେଶର ନୂଆ ବହିର୍ବ୍ୟାପାର ସଚିବ ନିଯୁକ୍ତ କରିଛନ୍ତି। ୫୧ ବର୍ଷୀୟ ଡେଭିଡ୍ ଭାରତ ସହ ଦୃଢ଼ ଦ୍ୱିପାକ୍ଷିକ ସମ୍ପର୍କର ସପକ୍ଷବାଦୀ। ସେ ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କୁ ଜଣେ ବନ୍ଧୁ ବୋଲି ଅଭିହିତ କରିଛନ୍ତି। ଏଥିସହ ମାସକ ଭିତରେ ଭାରତ ଗସ୍ତ କରିପାରନ୍ତି ବୋଲି କହିଛନ୍ତି। ଡେଭିଡ୍‌ଙ୍କ ନେତୃତ୍ୱରେ ଭାରତ-ବ୍ରିଟେନ୍ ମୁକ୍ତ ବାଣିଜ୍ୟ ଚୁକ୍ତି (ଏଫ୍‌ଟିଏ) ସମ୍ପାଦନ ହୋଇପାରେ ବୋଲି ଆଶା କରାଯାଉଛି।

## ହାଉସ୍ ଅଫ୍ କମନ୍ସରେ ୨୬ ଭାରତୀୟ ବଂଶୋଦ୍ଭବ


ଋଷି ସୁନକ୍

ବ୍ରିଟେନ୍ ପାର୍ଲାମେଣ୍ଟର ନିମ୍ନ ସଦନ ହାଉସ୍ ଅଫ୍ କମନ୍ସର ୬୫୦ ଆସନ ପାଇଁ ଅନୁଷ୍ଠିତ ନିର୍ବାଚନରେ ୧୦୭ ବ୍ରିଟିଶ-ଇଣ୍ଡିଆନ ଅବତୀର୍ଣ୍ଣ ହୋଇଥିଲେ। ସେମାନଙ୍କ ମଧ୍ୟରୁ ରେକର୍ଡ ସଂଖ୍ୟକ ୨୬ ଭାରତୀୟ ବଂଶୋଦ୍ଭବ ବିଜୟୀ ହୋଇଛନ୍ତି। ବିଜୟୀଙ୍କ ମଧ୍ୟରେ ଉଭୟ ଲେବର ପାର୍ଟି ଏବଂ କଞ୍ଜରଭେଟିଭ୍ ପାର୍ଟିର ଏମ୍‌ପି ରହିଛନ୍ତି। କଞ୍ଜରଭେଟିଭ୍ ପାର୍ଟିର ଶିବାନୀ ରାଜା ଲିସେଷ୍ଟର ଇଷ୍ଟରୁ ବିଜୟୀ ହୋଇଛନ୍ତି। ଲେବର ପାର୍ଟିର କନିଷ୍କ ନାରାୟଣ, ୱେଲ୍‌ଶ ଆସନରୁ ପ୍ରଥମ ଥର ପାଇଁ ନିର୍ବାଚିତ ହୋଇଛନ୍ତି। ପୂର୍ବତନ ମନ୍ତ୍ରୀ ସୁଏଲ୍ଲା ବ୍ରାଭରମ୍ୟାନ୍ ଫାରେହାମ୍ ଏବଂ ୱାଟରଲୁ ଆସନରୁ ଜିତିଛନ୍ତି। ବର୍ମିଂହାମ୍ ଏଜବଷ୍ଟୋନରୁ ଲେବର ପାର୍ଟି ପ୍ରାର୍ଥୀ ପ୍ରୀତ୍ କୌର ଗିଲ୍ ବିପୁଳ ଭୋଟରେ ବିଜୟୀ ହୋଇଛନ୍ତି।

ବିଦାୟୀ ପ୍ରଧାନମନ୍ତ୍ରୀ ଋଷି ସୁନକ୍ ନର୍ଥ ଇଂଲଣ୍ଡର ରିଚ୍‌ମଣ୍ଡ ଆସନରୁ ବିଜୟୀ ହୋଇଥିବାବେଳେ ତାଙ୍କ କଞ୍ଜରଭେଟିଭ୍ ପାର୍ଟିର ଅନେକ ବରିଷ୍ଠ ନେତା ପରାଜିତ ହୋଇଛନ୍ତି।

## ୩୮ ତୀର୍ଥଯାତ୍ରୀଙ୍କୁ ଉଦ୍ଧାର କଲା ଏସ୍‌ଡିଆର୍‌ଏଫ୍

**ଡେରାଡୁନ୍,୫।୭**

ଉତ୍ତରାଖଣ୍ଡର ଉତ୍ତରକାଶୀ ଜିଲା ଚିଦ୍‌ୱାସା ନିକଟରେ ଏକ ବ୍ରିଜ୍ ଗୁରୁବାର ରାତିରେ ଭୁଶୁଡ଼ିବାରୁ ୨୭ କାଉଡ଼ିଆଙ୍କ ସମେତ ୩୮ ତୀର୍ଥଯାତ୍ରୀ ନଦୀର ଅନ୍ୟ ପାର୍ଶ୍ୱରେ ଫସିରହିଥିଲେ। ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବଳ (ଏସ୍‌ଡିଆର୍‌ଏଫ୍) ଟିମ୍ ସେମାନଙ୍କୁ ଉଦ୍ଧାର କରିଛି। ଗଙ୍ଗୋତ୍ରୀ ଥାନା ପୋଲିସଠାରୁ ଖବର ପାଇବା ପରେ ଏସ୍‌ଡିଆର୍‌ଏଫ୍ ଟିମ୍ ୮ କିଲୋମିଟର ପାଦରେ ଚାଲି ଦୁର୍ଘଟଣାସ୍ଥଳରେ ପହଞ୍ଚିଥିଲା। ୬ ଘଣ୍ଟାର ଅଭିଯାନ ପରେ ତୀର୍ଥଯାତ୍ରୀମାନଙ୍କୁ ଉଦ୍ଧାର କରାଯାଇଛି। ସେମାନଙ୍କ ମଧ୍ୟରେ ୱାଡ଼ିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହିମାଲୟାନ ଜିଓଲୋଜିର ୫ ମହିଳା କର୍ମଚାରୀ ଅଛନ୍ତି।

## ୧୦ ବ୍ରିଜ୍ ଭୁଶୁଡ଼ିବା ଘଟଣାରେ ୧୫ ଇଞ୍ଜିନିୟର ନିଲମ୍ବିତ

**ପାଟନା,୫।୭**

ବିହାରର ଗତ ୧୫ ଦିନ ମଧ୍ୟରେ ୧୦ ବ୍ରିଜ୍ ଭୁଶୁଡ଼ିବା ପରେ ରାଜ୍ୟ ସରକାର ଜଳସମ୍ପଦ ବିଭାଗର ୧୫ ଜଣ ଇଞ୍ଜିନିୟରଙ୍କୁ ନିଲମ୍ବନ କରିଛନ୍ତି। ବ୍ରିଜ୍ ଭୁଶୁଡ଼ିବା ଘଟଣା ପାଇଁ ଦାୟୀ ଠିକାଦାରମାନଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଉନ୍ନୟନ ସଚିବ ଚୈତନ୍ୟ ପ୍ରସାଦ ଗଣମାଧ୍ୟମକୁ କହିଛନ୍ତି। ସରନ ଜିଲାରେ ୨୪ ଘଣ୍ଟାରେ ୩ଟି ବ୍ରିଜ୍ ଭୁଶୁଡ଼ିଥିଲାବେଳେ ସିୱାନ, ମଧୁବଣି, ଅରାରିଆ, ପୂର୍ବ ଚମ୍ପାରନ୍ ଏବଂ କିଶନଗଞ୍ଜ ଜିଲାରେ ବ୍ରିଜ୍ ଭୁଶୁଡ଼ିଥିଲା। ସମସ୍ତ ପୁରୁଣା ବ୍ରିଜ୍‌ର ସର୍ଭେ କରି କେଉଁଗୁଡ଼ିକର ତୁରନ୍ତ ମରାମତି ଆବଶ୍ୟକ ତାହା ଚିହ୍ନଟ କରିବାକୁ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଅଫିସରମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପୋଲ ଭୁଶୁଡ଼ିବା ପାଇଁ

### ମୌସୁମୀକୁ ଦାୟୀ କଲେ ଜିତନରାମ

ମୌସୁମୀ ବର୍ଷାକୁ କେନ୍ଦ୍ରମନ୍ତ୍ରୀ ଜିତନରାମ ମାନ୍‌ଝି ଦାୟୀ କରିଛନ୍ତି। ଗତ କିଛିଦିନ ମଧ୍ୟରେ ବିହାରରେ ପ୍ରବଳ ବର୍ଷା ହୋଇଛି, ଯାହା ପୋଲ ଭୁଶୁଡ଼ିବାର ପ୍ରାଥମିକ କାରଣ ବୋଲି ମାନ୍‌ଝି ଖବରଦାତାମାନଙ୍କୁ କହିଛନ୍ତି। ଅନ୍ୟପକ୍ଷେ ବିହାରରେ ଜୁନ୍ ୧୮ରୁ ଇତିମଧ୍ୟରେ ୧୨ ବ୍ରିଜ୍ ଭୁଶୁଡ଼ିଥିବା ଆର୍‌ଜେଡି ନେତା ତେଜସ୍ୱୀ ଯାଦବ ଅଭିଯୋଗ କରିଛନ୍ତି। ରାଜ୍ୟ ସରକାରଙ୍କ ପ୍ରତ୍ୟେକ ବିଭାଗରେ କିପରି ଦୁର୍ନୀତି ଚାଲିଛି, ତାହା ଏଥିରୁ ସ୍ପଷ୍ଟ ହେଉଥିବା ସେ କହିଛନ୍ତି।

## ସମଲିଙ୍ଗୀ ବିବାହ ରାୟ ସମୀକ୍ଷା ଆବେଦନ ଶୁଣାଣି ୧୦ରେ

**ନୂଆଦିଲ୍ଲୀ,୫।୭**

ସମଲିଙ୍ଗୀ ବିବାହକୁ ସ୍ୱୀକୃତି ଦେବାକୁ ସୁପ୍ରିମକୋର୍ଟ ଗତବର୍ଷ ଅକ୍ଟୋବର ୧୭ରେ ମନା କରିଦେଇଥିଲେ। ଉକ୍ତ ରାୟର ସମୀକ୍ଷା ପାଇଁ ହୋଇଥିବା ଆବେଦନର ଶୁଣାଣି ଆସନ୍ତା ୧୦ରେ ହେବ। ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ୫ ଜଣିଆ ପୀଠ ଚାମ୍ବରରେ ପିଟିଶନ୍‌ର ଶୁଣାଣି ହେବ।

## ଦଳାଚକଟା ଘଟଣାର ମୁଖ୍ୟ ଅଭିଯୁକ୍ତ ଗିରଫ

**ନୂଆଦିଲ୍ଲୀ,୫।୭**

ଉତ୍ତରପ୍ରଦେଶର ହାଥ୍‌ରସ୍‌ରେ ମଙ୍ଗଳବାର ଘଟିଥିବା ଦଳାଚକଟା ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଦେବପ୍ରକାଶ ମଧୁକର ଗିରଫ ହୋଇଛନ୍ତି। ୟୁପି ପୋଲିସ ଏହି ମାମଲାରେ ୬ ଜଣଙ୍କୁ ଗିରଫ କରିବାର ଦିନକ ପରେ ଦିଲ୍ଲୀ ପୋଲିସ ନିକଟରେ ସତ୍‌ସଙ୍ଗ ଆୟୋଜକ ଦେବପ୍ରକାଶ ଆତ୍ମସମର୍ପଣ କରିଛନ୍ତି। ଏହା ପରେ ପୋଲିସ ତାଙ୍କୁ ଗିରଫ କରିଛି। ଦଳାଚକଟା ପରେ ପୋଲିସ ରୁଜୁ କରିଥିବା ମାମଲାରେ ଭୋଲେ ବାବାଙ୍କ ନାମ ଉଲ୍ଲେଖ କରି ନାହିଁ। ଏଫ୍‌ଆଇଆର୍‌ରେ ମୁଖ୍ୟ ସେବାଦାର ଦେବପ୍ରକାଶଙ୍କୁ ମୁଖ୍ୟ ଅଭିଯୁକ୍ତ ଦର୍ଶାଇ ତାଙ୍କ ସମ୍ପର୍କରେ ସୂଚନା ଦେଲେ ଲକ୍ଷେ ଟଙ୍କା ପୁରସ୍କାର ଦିଆଯିବ ବୋଲି ଘୋଷଣା କରିଥିଲା। ଇତିମଧ୍ୟରେ ୟୁପି ଏସ୍‌ଆଇଟି ୯୦ରୁ ଊର୍ଦ୍ଧ୍ୱ ଲୋକଙ୍କ ବୟାନ ରେକର୍ଡ କରିଛି। ତଦନ୍ତ ଜାରି ରହିଥିବାବେଳେ ପ୍ରାଥମିକ ରିପୋର୍ଟ ରିପୋର୍ଟ ଦାଖଲ କରାଯାଇଥିବା ୟୁପି ଏଡିଜି ଅନୁପମ କୁଲଶ୍ରେଷ୍ଠ ସୂଚନା ଦେଇଛନ୍ତି।

## କେଜ୍‌ରିୱାଲଙ୍କ ଜାମିନ ଆବେଦନ: ସିବିଆଇକୁ ଜବାବ ମାଗିଲେ ହାଇକୋର୍ଟ

**ନୂଆଦିଲ୍ଲୀ,୫।୭(ପି.ଟି.)**

ଅବକାରୀ ଦୁର୍ନୀତି ଅଭିଯୋଗକୁ ନେଇ ସିବିଆଇ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ବିରୋଧରେ ମାମଲା ରୁଜୁ କରିଛି। ଉକ୍ତ ମାମଲାରେ କେଜ୍‌ରିୱାଲ ଜାମିନ ପାଇଁ ଆବେଦନ କରିଥିବାବେଳେ ଶୁକ୍ରବାର ଦିଲ୍ଲୀ ହାଇକୋର୍ଟ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା (ସିବିଆଇ)କୁ ଜବାବ ମାଗିଛନ୍ତି। ଦୁର୍ନୀତି ମାମଲାରେ ତାଙ୍କୁ ଗିରଫ କରାଯିବା ଜରୁରୀ ନ ଥିଲା ଏବଂ ହାଜତରେ ରଖାଯିବା ବେଆଇନ ଦର୍ଶାଇ କେଜ୍‌ରିୱାଲ ଜାମିନ ପାଇଁ ଆବେଦନ କରିଥିଲେ।

## ୧୨ରେ ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେବେ ପ୍ରଚଣ୍ଡ

**କାଠମାଣ୍ଡୁ,୫।୭(ପି.ଟି.)**

ନେପାଳର ମେଣ୍ଟ ସରକାରରୁ ୨ ବଡ଼ ମେଣ୍ଟ ସହଯୋଗୀ ଓହରିଯିବା ପରେ ପ୍ରଧାନମନ୍ତ୍ରୀ ପୁଷ୍ପ କମଲ ଦହଲ 'ପ୍ରଚଣ୍ଡ' ସଙ୍କଟରେ ପଡ଼ିଛନ୍ତି। ଆସନ୍ତା ୧୨ ତାରିଖରେ ସେ ପ୍ରତିନିଧି ସଭାରେ ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେବେ ବୋଲି ଘୋଷଣା କରିଛନ୍ତି। ଆସ୍ଥା ଭୋଟ ପାଇଁ ବ୍ୟବସ୍ଥା କରିବାକୁ ପ୍ରଚଣ୍ଡ ପାର୍ଲାମେଣ୍ଟ ସଚିବାଳୟକୁ ପତ୍ର ଲେଖି ଜଣାଇଛନ୍ତି। ନେପାଳ ସମ୍ବିଧାନର ଅନୁଚ୍ଛେଦ ୧୦୦(୨) ଅନୁଯାୟୀ ଶାସକ ଦଳରେ ବିଭାଜନ ଘଟିଲେ କିମ୍ବା ମେଣ୍ଟ ସରକାରରୁ କୌଣସି ରାଜନୈତିକ ଦଳ ସମର୍ଥନ ପ୍ରତ୍ୟାହାର କଲେ ପ୍ରଧାନମନ୍ତ୍ରୀଙ୍କୁ ୩୦ ଦିନ ମଧ୍ୟରେ ପ୍ରତିନିଧି ସଭାରେ ଆସ୍ଥା ଭୋଟ ଲୋଡ଼ିବାକୁ ପଡ଼ିଥାଏ। ମେଣ୍ଟ ସରକାରରୁ ସମର୍ଥନ ପ୍ରତ୍ୟାହାର ପାଇଁ ଶେର୍ ବାହାଦୁର ଦେଉବାଙ୍କ ନେପାଳୀ କଂଗ୍ରେସ ଏବଂ କେ.ପି. ଶର୍ମା ଓଲିଙ୍କ ସିପିଏନ୍-ୟୁଏମ୍‌ଏଲ୍ ମଧ୍ୟରେ ସୋମବାର ରାତିରେ ଚୁକ୍ତିନାମା ସ୍ୱାକ୍ଷର ହୋଇଥିଲା। ଉଭୟ ଦଳର ୮ ଜଣ ମନ୍ତ୍ରୀଙ୍କ ଇସ୍ତଫା ସତ୍ତ୍ୱେ ପ୍ରଚଣ୍ଡ ଇସ୍ତଫା ନ ଦେଇ ଆସ୍ଥା ଭୋଟର ସମ୍ମୁଖୀନ ହେବେ ବୋଲି କହିଥିଲେ।


ପୁଷ୍ପ କମଲ ଦହଲ 'ପ୍ରଚଣ୍ଡ'

# ପ୍ରଶାସନିକ ବିଫଳତାରୁ ଦଳାଚକଟା

### ହାଥ୍‌ରସ୍‌ରେ ରାହୁଲ

**ହାଥରସ୍,୫।୭**

ଉତ୍ତରପ୍ରଦେଶର ହାଥ୍‌ରସ୍ ଜିଲାରେ ଭୋଲେ ବାବାଙ୍କ ସତ୍‌ସଙ୍ଗ କାର୍ଯ୍ୟକ୍ରମ ବେଳେ ଦଳାଚକଟା ଘଟି ୧୨୩ ଜଣଙ୍କ ମୃତ୍ୟୁ ହୋଇଥିଲା। ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଶୁକ୍ରବାର ସକାଳେ ଉକ୍ତ ଅଞ୍ଚଳରେ ପହଞ୍ଚି ମୃତକମାନଙ୍କ ପରିବାର ସଦସ୍ୟଙ୍କୁ ଭେଟି ସମବେଦନା ଜଣାଇଛନ୍ତି। ପ୍ରଶାସନିକ ତ୍ରୁଟିରୁ ଦଳାଚକଟା ଘଟି ଏତେ ସଂଖ୍ୟାରେ ଲୋକଙ୍କ ଜୀବନ ଗଲା ଓ ବହୁ ପରିବାର ଅପୂରଣୀୟ କ୍ଷତି ସହିଲେ ବୋଲି କଂଗ୍ରେସ ନେତା କହିଛନ୍ତି। ତେବେ ସେ ଏହାକୁ ନେଇ ରାଜନୀତି କରିବାକୁ ଚାହୁଁନାହାନ୍ତି ବୋଲି ଆଲିଗଡ଼ର ପିଲାଖ୍‌ନାଠାରେ ମୃତକଙ୍କ ପରିବାର ସଦସ୍ୟଙ୍କୁ ଭେଟିବା ଅବସରରେ ଖବରଦାତାମାନଙ୍କୁ କହିଛନ୍ତି। ରାହୁଲଙ୍କ ସହ ଉତ୍ତରପ୍ରଦେଶ କଂଗ୍ରେସ ସଭାପତି ଅଜୟ ରାୟ, ରାଜ୍ୟ ପ୍ରଭାରୀ ଅବିନାଶ ପାଣ୍ଡେ, ଦଳର ମୁଖପାତ୍ର ସୁପ୍ରିୟା ଶ୍ରୀନେତ ଓ ଅନ୍ୟ କାର୍ଯ୍ୟକର୍ତ୍ତା ହାଥ୍‌ରସ ଯାଇଥିଲେ।


ହାଥରସ୍ ଦଳାଚକଟାରେ ପ୍ରାଣ ହରାଇଥିବା ଲୋକଙ୍କ ସମ୍ପର୍କୀୟମାନେ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲଗାନ୍ଧୀଙ୍କ ସହ ସେଲ୍‌ଫି ନେଉଛନ୍ତି।



ଭୁବନେଶ୍ୱର ପୋଲିସ କମିଶନରଙ୍କ ଅଫିସକୁ ଶୁକ୍ରବାର ଘେରାଉ କରିଛି କଂଗ୍ରେସ।

# ପୋଲିସ କମିଶନରଙ୍କ ଅଫିସ ଘେରିଲା କଂଗ୍ରେସ

**ଭୁବନେଶ୍ୱର,୫।୭(ସୁନିତ୍ ମିଶ୍ର)**

### ରାହୁଲଙ୍କ ଫଟୋକୁ ଭାଜପାର ଗୋବରମାଡ଼ ଘଟଣା

### ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ଭାଜପା ଯୁବମୋର୍ଚ୍ଚା କର୍ମୀମାନେ ଗତ ଜୁଲାଇ ୨ରେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ସମ୍ମୁଖରେ ସ୍ଥାନିତ ରାହୁଲ ଗାନ୍ଧୀଙ୍କ ପୋଷ୍ଟରକୁ ଗୋବର ଫିଙ୍ଗି କାର୍ଯ୍ୟାଳୟ ଆଗରେ ଗୁଣ୍ଡାଗର୍ଦ୍ଦି କରିଥିବା କଂଗ୍ରେସ ଅଭିଯୋଗ କରିଛି। ପ୍ରତିବାଦରେ ପ୍ରଦେଶ ଛାତ୍ର, ଯୁବ ଏବଂ ଭୁବନେଶ୍ୱର ଜିଲା କଂଗ୍ରେସ ପକ୍ଷରୁ ଶୁକ୍ରବାର ସ୍ଥାନୀୟ ପୋଲିସ କମିଶନରଙ୍କ ଅଫିସ୍ ଘେରାଉ କରାଯିବା ସହ ଧାରଣା ଦିଆଯାଇଛି। ଆନ୍ଦୋଳନକାରୀମାନେ ଏକ ବିଶାଳ ରାଲିରେ ଏଡିଏମ୍‌ଙ୍କ କାର୍ଯ୍ୟାଳୟଠାରୁ ଆସିଥିଲେ। ଘେରାଉ ସମୟରେ ପୋଲିସ ଏବଂ କଂଗ୍ରେସ କର୍ମୀଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତି ସୃଷ୍ଟି ହୋଇଥିଲା। ସେଠାରେ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ କହିଛନ୍ତି, ଧର୍ମ ନାମରେ ଭାଜପା ନିରୀହ ଜନତାଙ୍କୁ ଭୁଆଁ ବୁଲାଉଛି। ଲୋକ ସଭାରେ ରାହୁଲ ଗାନ୍ଧୀ ହିନ୍ଦୁଧର୍ମ ସମ୍ପର୍କରେ ଯେଉଁ ବକ୍ତବ୍ୟ ରଖିଲେ, ତାହାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଭାଜପା କଦର୍ଥ କରୁଛନ୍ତି। ରାହୁଲଙ୍କ ହିନ୍ଦୁଧର୍ମ ପ୍ରତି ଅସୀମ ସମ୍ମାନ, ଭକ୍ତି ଓ ଶ୍ରଦ୍ଧା ରହିଛି। ସେ ନିଜେ ଜଣେ ଶିବ ଭକ୍ତ। ମାତ୍ର ଭାଜପାର କଥାକଥିତ ନେତାମାନେ, ଯେଉଁମାନେ ହିନ୍ଦୁଧର୍ମର ଠିକାଦାର ବୋଲି ନିଜକୁ ଦାବି କରୁଛନ୍ତି, ସେମାନେ ହିନ୍ଦୁ ଧର୍ମର ଅମାପ କ୍ଷତି କରୁଛନ୍ତି। ଶାନ୍ତି, ପ୍ରୀତି, ମୈତ୍ରୀ, ଭ୍ରାତୃଭାବ, ନ୍ୟାୟ ହେଉଛି ହିନ୍ଦୁଧର୍ମର ମୂଳମନ୍ତ୍ର। 'ବସୁଧୈବ କୁଟମ୍ବକମ୍' ହେଉଛି ଏ ସମାଜ ପ୍ରତି ହିନ୍ଦୁ ଧର୍ମଶାସ୍ତ୍ରର ମହାନ୍ ବାର୍ତ୍ତା। ମାତ୍ର ହିନ୍ଦୁଧର୍ମକୁ ଭାଜପା ନିଜର ସମ୍ପତ୍ତି ବୋଲି ମନେକରୁଛି। ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର କହିଛନ୍ତି, ଜୁଲାଇ ୨ରେ ପୋଲିସ ଉପସ୍ଥିତିରେ ଭାଜପା ଯୁବମୋର୍ଚ୍ଚାର କର୍ମୀମାନେ ରାହୁଲଙ୍କ ପୋଷ୍ଟରକୁ ଗୋବର ଫିଙ୍ଗିବା ସହ କଂଗ୍ରେସ କର୍ମୀଙ୍କ ଉପରକୁ ଢେଲା, ପଥର ମାଡ଼ କରିଥିଲେ। ଏପରିକି ସେମାନେ ସାଙ୍ଗରେ ବାଡ଼ି ଧରି ଆସିଥିଲେ ଏବଂ କଂଗ୍ରେସ କର୍ମୀଙ୍କୁ ଅମାନୁଷିକ ଭାବେ ଆକ୍ରମଣ କରିଥିଲେ। ଏହି ଆକ୍ରମଣ ଯୋଜନା ପୂର୍ବ ପ୍ରସ୍ତୁତ ଥିଲା ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା କହିଛନ୍ତି, ଭାଜପା ଏକ ସ୍ୱତନ୍ତ୍ର ହିନ୍ଦୁଧର୍ମ ସୃଷ୍ଟି କରିବା ପାଇଁ ଚେଷ୍ଟା କରୁଛି, ଯେଉଁଥିରେ ସନାତନ ଧର୍ମର ମୂଳମନ୍ତ୍ରକୁ ବିକୃତ କରାଯାଉଛି। ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ଭାଜପାର ହିଟଲରୀବାଦକୁ ଦୃଢ଼ ନିନ୍ଦା କରିଛନ୍ତି। ପରିଶେଷରେ ଏକ ପ୍ରତିନିଧି ଦଳ ପୋଲିସ କମିଶନରଙ୍କୁ ସାକ୍ଷାତକରି ସ୍ମାରକପତ୍ର ପ୍ରଦାନ କରିବା ସହ ଦୋଷୀଙ୍କୁ ତୁରନ୍ତ ଗିରଫକରି ଦଣ୍ଡବିଧାନ କରିବା ପାଇଁ କଂଗ୍ରେସ ପକ୍ଷରୁ ଯେଉଁ ଦାବି କରାଯାଇଥିଲା ତାକୁ କାର୍ଯ୍ୟକାରୀ କରିବାକୁ କମିଶନର ପ୍ରତିଶ୍ରୁତି ଦେଇଛନ୍ତି।

# ଲକ୍ଷେ ଟଙ୍କାରେ ବିକ୍ରି ଶିଶୁପୁତ୍ର ଉଦ୍ଧାର

**ପାରାଦୀପ,୫।୭(ଶରତ ରାଉତ)**

### ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଶୂନ

ଜଗତ୍‌ସିଂହପୁର ଜିଲା ପାରାଦୀପରେ ୩ ଦିନ ତଳେ ବିକ୍ରି କରାଯାଇଥିବା ନବଜାତ ଶିଶୁପୁତ୍ରକୁ ଶୁକ୍ରବାର ଉଦ୍ଧାର କରାଯାଇଛି। ବିକ୍ରିରେ ସହଯୋଗ କରିଥିବା ମଧ୍ୟସ୍ଥ ଶୁକ୍ରବାର ପୂର୍ବାହ୍ନ ୧୧ଟା ବେଳେ ଅନ୍ୟ ଜଣେ ବ୍ୟକ୍ତିଙ୍କ ଜରିଆରେ ଉକ୍ତ ଶିଶୁପୁତ୍ରକୁ ଆଣି ପାରାଦୀପସ୍ଥିତ ବିଜୁ ମେମୋରିଆଲ ହସ୍ପିଟାଲରେ ପହଞ୍ଚାଇନ୍ତି। ଏଥିସହ ପାରାଦୀପ ଆଦର୍ଶ ଥାନା ପୋଲିସକୁ ସୂଚନା ଦେଇଛନ୍ତି। ପୋଲିସ ଏବିଷୟରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଓ ସିଡବ୍ଲ୍ୟୁସି (ଚାଇଲ୍ଡ ୱେଲଫେୟାର କମିଟି) ଅଧ୍ୟକ୍ଷାଙ୍କୁ ଜଣାଇଛି। ଏହାପରେ ସେମାନେ ଅପରାହ୍ନ ୩ ଟାରେ ହସ୍ପିଟାଲରେ ପହଞ୍ଚି ଶିଶୁ ରୋଗ ଡାକ୍ତରଙ୍କ ଜରିଆରେ ଶିଶୁପୁତ୍ରର ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରିଛନ୍ତି। ଜିଲା ଶିଶୁ ଯତ୍ନ ଅନୁଷ୍ଠାନରେ ରଖିବା ପାଇଁ ସେମାନେ ଶିଶୁପୁତ୍ରକୁ ଜଗତ୍‌ସିଂହପୁର ନେଇ ଯାଇଛନ୍ତି। ଅପରପକ୍ଷେ ଶିଶୁପୁତ୍ରଙ୍କ ମା' ଓ ବିକ୍ରିରେ ସହଯୋଗ କରିଥିବା ମଧ୍ୟସ୍ଥ ଏବେବି ଫେରାର ଅଛନ୍ତି। ସେମାନଙ୍କ ବିରୋଧରେ ଶୁକ୍ରବାର ସନ୍ଧ୍ୟା ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ।

ଘଟଣା ସମ୍ପର୍କରେ ସିଡବ୍ଲ୍ୟୁସି ଅଧ୍ୟକ୍ଷା ଶକୁନ୍ତଳା ଚୌଧୁରୀ କୁହନ୍ତି, ଶିଶୁପୁତ୍ରକୁ ଉଦ୍ଧାରକରିବା ଆମର ଲକ୍ଷ୍ୟ ଥିଲା। ବାକି କାମ ପୋଲିସ କରିବ। ଶିଶୁ ଆମ ତତ୍ତ୍ୱାବଧାନରେ ରହିବ। ମା'ବାପା ଉପଯୁକ୍ତ ପ୍ରମାଣ ଦେଖାଇ ଆବେଦନ କରିପାରିବେ। ସେମାନେ ନ ଆସିଲେ ଆମେ ବିଜ୍ଞାପନ ପ୍ରକାଶ କରିବୁ। ତା'ପରେ ବି କେହି ଦାବିଦାର ନ ଆସିଲେ ସରକାର ପିଲାର ସମସ୍ତ ଯତ୍ନ ନେବେ। ଏନେଇ ଆମେ ପାରାଦୀପ ଆଦର୍ଶ ଥାନାରେ ଲିଖିତ ଭାବେ ଜଣାଇଦେଇଛୁ। ପୋଲିସ ତଦନ୍ତ କରି ପରବର୍ତ୍ତୀ ପଦକ୍ଷେପ ନେବେ। ଘଟଣା ସମ୍ପର୍କରେ ଆଦର୍ଶ ଥାନା ଅଧିକାରୀ ସୁଚିତ୍ରବୀର୍ଯ୍ୟ ଦାସ କୁହନ୍ତି, ଅଭିଯୋଗରେ କାର୍ଯ୍ୟାନୁଷ୍ଠାନ ନେବା ଭଳି କିଛି ଲେଖା ଯାଇନାହିଁ। ସେଥିପାଇଁ ଆମେ କିଛି କରି ପାରିବୁନାହିଁ।

ସୂଚନାଥାଉ କି ଜୁନ୍ ୨୯ ରାତିରେ ଜଣେ ଆଦିବାସୀ ମହିଳା ପାରାଦୀପସ୍ଥିତ ବିଜୁ ମେମୋରିଆଲ ହସ୍ପିଟାଲରେ ଏକ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ। ଗତ ସୋମବାର ଶିଶୁପୁତ୍ର ସହିତ ନୂଆବଜାର ମୁଣ୍ଡାପଡ଼ା ବସ୍ତିରେ ରହିଥିଲେ। ମଙ୍ଗଳବାର ମା' ନବଜାତ ଶିଶୁପୁତ୍ରକୁ ସେହି ଅଞ୍ଚଳର ତେଲୁଗୁ ସମ୍ପ୍ରଦାୟର ଜଣେ ଲୋକଙ୍କ ଜରିଆରେ ଆନ୍ଧ୍ରପ୍ରଦେଶ ଭାଇଜାଗର ଜଣେ ସମ୍ପର୍କୀୟଙ୍କୁ ଲକ୍ଷେ ଟଙ୍କାରେ ବିକ୍ରି କରିଦେଇଥିଲେ। ଅନ୍ୟପକ୍ଷରେ ସମ୍ପୃକ୍ତ ମା' ଗର୍ଭବତୀ ହୋଇଥିବାବେଳେ ଆଉ ଜଣେ ତେଲୁଗୁ ସମ୍ପ୍ରଦାୟର ଲୋକ ସମସ୍ତ ସହଯୋଗ କରିଥିଲେ। କାରଣ ସେ ପିଲାକୁ ନେବେ ବୋଲି କଥା ଦେଇଥିଲେ। ତାଙ୍କ ଅନୁପସ୍ଥିତିରେ ପିଲା ବିକ୍ରି କରିଥିବା ଯୋଗୁ ସେ ଆସି ନୂଆବଜାର ବସ୍ତିରେ ପହଞ୍ଚି ବିରୋଧ କରିଥିଲେ। ଏ ଘଟଣାକୁ ନେଇ ଧରିତ୍ରୀରେ ଗୁରୁବାର 'ଲକ୍ଷେ ଟଙ୍କାରେ ଶିଶୁପୁତ୍ର ବିକ୍ରି' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଉକ୍ତ ଖବର ଆଧାରରେ ପ୍ରଶାସନ ଯାଞ୍ଚ କରି ସତ୍ୟାସତ୍ୟ ଉନ୍ମୋଚନ କରିବା ସହ ନବଜାତ ଶିଶୁପୁତ୍ରକୁ ଉଦ୍ଧାର କରିଛି। ଏହି ଘଟଣାକୁ ନେଇ ପରିବେଶ ସୁରକ୍ଷା ଟ୍ରଷ୍ଟ ସଙ୍ଗଠନ ସଭାପତି ଶୁକ୍ରବାର ଜିଲାପାଳଙ୍କୁ ଚିଠି କରିଛନ୍ତି। ଏପରି ଘଟଣାର ପୁନରାବୃତ୍ତି ନ ହେଲା ଭଳି ପଦକ୍ଷେପ ନେବାକୁ ସଙ୍ଗଠନ ସଭାପତି ଶିବ ବିଶ୍ୱାଳ ଅନୁରୋଧ କରିଛନ୍ତି।

# ସରକାରୀ ପଦବୀରୁ ହଟିଲେ ସାରଦା, ସଂଗ୍ରାମଜିତ୍

**ଭୁବନେଶ୍ୱର,୫।୭(ଅନିଲ ଦାସ)**

ଅବସର ପରେ ରାଜ୍ୟ ସହରାଞ୍ଚଳ ଉନ୍ନୟନ ଏଜେନ୍ସି(ସୁଡା) ପ୍ରକଳ୍ପ ନିର୍ଦ୍ଦେଶକ ଓ ପୌର ନିର୍ଦ୍ଦେଶକ ପଦବୀରେ ଥିବା ୨ ଅଧିକାରୀଙ୍କୁ ରାଜ୍ୟ ସରକାର ହଟାଇ ଦେଇଛନ୍ତି। ସୁଡାର ନିର୍ଦ୍ଦେଶକ ସାରଦା ପ୍ରସାଦ ପଣ୍ଡା ଓ ପୌର ପ୍ରଶାସନ ନିର୍ଦ୍ଦେଶକ ସଂଗ୍ରାମଜିତ୍ ନାୟକଙ୍କୁ ଶୁକ୍ରବାର କାର୍ଯ୍ୟରୁ ଅନ୍ତର କରାଯାଇଛି। ଏ ନେଇ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ସାରଦାଙ୍କ ସ୍ଥାନରେ ନଗର ଉନ୍ନୟନ ବିଭାଗ ଅତିରିକ୍ତ ସଚିବ ରବୀନ୍ଦ୍ର କୁମାର ସାହୁଙ୍କୁ ସୁଡା ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ସଂଗ୍ରାମଜିତ୍‌ଙ୍କ ସ୍ଥାନରେ ସ୍ୱତନ୍ତ୍ର ସଚିବ ଦେବାଶିଷ ସିଂହଙ୍କୁ ପୌର ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି।

# ମୁଖ୍ୟମନ୍ତ୍ରୀଙ୍କୁ ଦୁର୍ବ୍ୟବହାର କରିଥିବା ଆଇଆଇସିଙ୍କୁ ଗଜପତି ବଦଳି

**ପାରଳାଖେମୁଣ୍ଡି/କେନ୍ଦୁଝର, ୫।୭ (ଗିରିଧାରୀ ପରିଚ୍ଛା/ ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ବିଜେଡି ସରକାର ସମୟରେ କେନ୍ଦୁଝର ଜିଲା ସଦର ଥାନାରେ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଆଇଆଇସି ତ୍ରିନାଥ ସେଠୀଙ୍କୁ ଶୁକ୍ରବାର ଗଜପତି ଜିଲାକୁ ବଦଳି କରାଯାଇଛି। କଟକ ପୋଲିସ ମୁଖ୍ୟାଳୟରୁ ଏହି ବଦଳି ଆଦେଶ ହୋଇଛି। ସେହିପରି ଭଦ୍ରକ ଥାନାର ଆଇଆଇସି ଅମିତ କୁମାର ଭୂୟାଁ କେନ୍ଦୁଝର ଥାନାକୁ ବଦଳି ହୋଇଛନ୍ତି। ନିର୍ବାଚନ ପ୍ରଚାର ସମୟରେ କେନ୍ଦୁଝର ସଦର ନିର୍ବାଚନ ମଣ୍ଡଳୀ ଗୋପୀନାଥପୁର ଗ୍ରାମରେ ପାଣି ସମସ୍ୟାକୁ ନେଇ ଏନ୍ଏଚ୍ ୨୦ରେ ରାସ୍ତା ଅବରୋଧ କରିଥିବା ଲୋକଙ୍କ ଆନ୍ଦୋଳନରେ ବିଧାୟକ ଥିବା ମୋହନ ମାଝୀ ସାମିଲ ହୋଇଥିଲେ। ସେତେବେଳେ ମାଝୀଙ୍କୁ ଆଇଆଇସି ଥାନାରେ ବସାଇ ଦୁର୍ବ୍ୟବହାର କରିଥିବା ନେଇ ଅଭିଯୋଗ ହୋଇଥିଲା। ସମ୍ପୃକ୍ତ ଅଧିକାରୀ ନିର୍ବାଚନ ଆଚରଣ ବିଧି ରହିଛି, ଥାନାରୁ ବାହାରି ଯିବା ପାଇଁ ମାଝୀଙ୍କୁ କହିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା, ଯାହାର ଭିଡିଓ ଭାଇରାଲ ହୋଇଥିଲା। ମାଝୀ ମୁଖ୍ୟମନ୍ତ୍ରୀ ଆସନରେ ବସିବା ପରେ ପୋଲିସ ଲୋକଙ୍କୁ ଭଲ ବ୍ୟବହାର ଦେଖାଇବା ଉଚିତ ବୋଲି କହିଥିଲେ। ତେବେ ମୁଖ୍ୟମନ୍ତ୍ରୀ ମାଝୀ ଏକ ଟିଭି ଚ୍ୟାନେଲର ସାକ୍ଷାତକାରରେ କହିଥିଲେ ଯେ, ସେ ଆଇଆଇସି ତ୍ରିନାଥ ସେଠୀଙ୍କୁ କ୍ଷମା କରିଦେଇଛନ୍ତି।



**ଆଜିର ମନ୍ତବ୍ୟ**
ବିହାରରେ ଦୁର୍ନୀତି ଓ ଅପରାଧ ବଢ଼ିଛି। ଏବେ ରାଜ୍ୟର ଡବଲ ଇଞ୍ଜିନ ସରକାରରୁ ଗୋଟିଏ ଇଞ୍ଜିନ୍ ଦୁର୍ନୀତିରେ ଓ ଅନ୍ୟଟି ଅପରାଧରେ ଲିପ୍ତ ରହିଛି।
–ତେଜସ୍ୱୀ ଯାଦବ, ଆର୍‌ଜେଡି ନେତା

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଉତ୍କଳ ସମ୍ମିଳନୀ ପକ୍ଷରୁ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧ ଦିବସ ଅବସରରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ଗୋପବନ୍ଧୁ ଛକ, ସମୟ: ସକାଳ ୮ଟା ୩୦ ।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ୧୨୪ତମ ଜୟନ୍ତୀ, ସ୍ଥାନ: ଡ. ଶ୍ୟାମାପ୍ରସାଦ ମୁଖାର୍ଜୀ ପାର୍କସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୯ଟା ।
- କିସ୍ ପକ୍ଷରୁ ଉତ୍କଳମଣି ଗୋପବନ୍ଧୁ ଦାସ ସେମିନାର, ସ୍ଥାନ: କିସ୍ ୟୁନିଭର୍ସିଟି କନଫରେନ୍ସ ହଲ୍–୧, ସମୟ: ପୂର୍ବାହ୍ନ ୧୦ଟା ।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଗୋପବନ୍ଧୁ ଦାସଙ୍କ ୯୬ତମ ପୁଣ୍ୟତିଥି ପାଳନ, ସ୍ଥାନ: ବିଧାନସଭା ପରିସରସ୍ଥ ପ୍ରତିମୂର୍ତ୍ତିସ୍ଥଳ, ସମୟ: ପୂର୍ବାହ୍ନ ୧୦ଟା ।
- ଶ୍ରୀଜଗନ୍ନାଥଙ୍କ ଉପରେ ଆଧାରିତ ପ୍ରଦର୍ଶନୀ 'ପଟ୍ଟଚିତ୍ରରେ ମହାପ୍ରଭୁ', ସ୍ଥାନ: ଓଡ଼ିଶା ରାଜ୍ୟ ସଂଗ୍ରହାଳୟ, ସମୟ: ପୂର୍ବାହ୍ନ ୧୦ଟା ।
- ଚିତ୍ରକଳା ପ୍ରଦର୍ଶନୀ 'ମୋ ମନର ଜଗନ୍ନାଥ', ସ୍ଥାନ: କଳିଙ୍ଗ ଆର୍ଟ ଗ୍ୟାଲେରି, ସମୟ: ପୂର୍ବାହ୍ନ ୧୧ଟା ।
- ଲାଇଭ୍ ପେଣ୍ଟିଂ ୱାର୍କସପ୍, ସ୍ଥାନ: ଓଡ଼ିଶା ମର୍ଡନ ଆର୍ଟ ଗ୍ୟାଲେରୀ, ସମୟ: ମଧ୍ୟାହ୍ନ ୧୨ଟା ।
- ୧୦୨ତମ ଇଣ୍ଟରନ୍ୟାଶନାଲ କୋଅପରେଟିଭ ଡେ ଅବସରରେ ରାଜ୍ୟସ୍ତରୀୟ ଉତ୍ସବ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ଅପରାହ୍ନ ୩ଟା ।
- ୭୫ତମ ବନମହୋତ୍ସବ ସପ୍ତାହ ପାଳନ, ସ୍ଥାନ: ନହରକଣ୍ଟାସ୍ଥିତ ସରସ୍ୱତୀ ଶିକ୍ଷା ମନ୍ଦିର ପରିସର, ସମୟ: ଅପରାହ୍ନ ୩ଟା ।
- ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୯୭ତମ ଶ୍ରଦ୍ଧୋତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୫ଟା ୩୦ ।
- ନାଟକ 'ସେପ୍ଟେମ୍ବରର ତିରିଶି ଦିନ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା ୧୫ ।

## କଟକ
- ପୁଣ୍ୟଭୂମି ପକ୍ଷରୁ ଚାରାରୋପଣ, ସ୍ଥାନ: ସିଡିଏ ସେକ୍ଟର–୭, ସମୟ: ପୂର୍ବାହ୍ନ ୧୦ଟା ।
- ପବିତ୍ର କୋରାନ୍ ସପ୍ତାହ ଆରମ୍ଭ, ସ୍ଥାନ: ଜମାତ ଅହମ୍ମଦିୟା ପଙ୍କାଳ ଜାମା ମସ୍‌ଜିଦ, ତିଗିରିଆ ବ୍ଲକ, ସମୟ: ସନ୍ଧ୍ୟା ୭ଟା ।

## ପୁରୀ
- ଗୋପବନ୍ଧୁ ସ୍ମୃତି ପରିଷଦ ପକ୍ଷରୁ ଗୋପବନ୍ଧୁ ଦାସଙ୍କୁ ଶ୍ରଦ୍ଧାଞ୍ଜଳି ଓ ତିଳ ତର୍ପଣ, ସ୍ଥାନ: ଭାର୍ଗବୀ ନଦୀ କୂଳ: ସୁଆଣ୍ଡ, ସାକ୍ଷୀଗୋପାଳ, ସମୟ: ସକାଳ ୯ଟା ।
- ପୁଣ୍ୟାତ୍ମା ଗୋପବନ୍ଧୁ ଦାସଙ୍କ ୯୬ତମ ଶ୍ରାଦ୍ଧ ଉତ୍ସବ ପାଳନ, ସ୍ଥାନ: ଜନ୍ମପୀଠ ସୁଆଣ୍ଡ, ସାକ୍ଷୀଗୋପାଳ, ସମୟ: ପୂର୍ବାହ୍ନ ୧୦ଟା ।
- ସତ୍ୟବାଦୀ ବ୍ଲକସ୍ତରୀୟ ହାଇସ୍କୁଲ ପ୍ରଧାନଶିକ୍ଷକ ସମ୍ମିଳନୀ, ସ୍ଥାନ: ଜୟଦୁର୍ଗା ନୋଡାଲ ଉଚ୍ଚ ବିଦ୍ୟାଳୟ, ଗବକୁଣ୍ଡ, ସାକ୍ଷୀଗୋପାଳ, ସମୟ: ପୂର୍ବାହ୍ନ ୧୦ଟା ।

## ଖୋର୍ଦ୍ଧା
- ପ୍ରାଣନାଥ ଫାଉଣ୍ଡେଶନ ଓ ଜଟଣୀ ବରିଷ୍ଠ ନାଗରିକ ସେବା ସଂଘ ପକ୍ଷରୁ ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧ ଦିବସ ଅବସରରେ ତିଳତର୍ପଣ, ସ୍ଥାନ: ଜଟଣୀ ମିଲ୍ ପୋଖରୀ, ସମୟ: ସକାଳ ୭ଟା ।
- ବନ ମହୋତ୍ସବ ସପ୍ତାହରେ ଚାରାରୋପଣ, ସ୍ଥାନ: ଚତୁର୍ଭୁଜ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସର, ସଂପୁର, ବୋଲଗଡ଼, ସମୟ: ସକାଳ ୮ଟା ।
- ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ଗୋପବନ୍ଧୁ ପ୍ରାଥମିକ ବିଦ୍ୟାଳୟ, ଜଟଣୀ, ସମୟ ସକାଳ ୯ଟା ।
- ପ୍ରଧାନଶିକ୍ଷକଙ୍କ ସମ୍ମିଳନୀ, ସ୍ଥାନ: ଶ୍ରୀରଘୁନାଥ ଦେବ ସରକାରୀ ଉଚ୍ଚ ବିଦ୍ୟାଳୟ, ପିତୁକୁଳି, ବୋଲଗଡ଼, ସମୟ: ପୂର୍ବାହ୍ନ ୧୦ଟା ।

## ବାଲେଶ୍ୱର
- ରୋଟାରୀ କ୍ଲବ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ, ୱାକାଥନ୍, ସ୍ଥାନ: ରୋଟାରୀ ଭବନ, ସମୟ: ସକାଳ ୬ଟା ୩୦ ।
- ଚାରାରୋପଣ, ସ୍ଥାନ: ସାହୁପଡ଼ା, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ଅନ୍ନପୂର୍ଣ୍ଣା ଦିବସ, ସ୍ଥାନ: ଶ୍ରୀକୋଣା, ସମୟ: ମଧ୍ୟାହ୍ନ ୧୨ଟା ୩୦ ।
- ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ଷ୍ଟେଶନ ଛକସ୍ଥିତ ରୋଟାରୀ ବସ୍‌ଷ୍ଟାଣ୍ଡ, ସମୟ: ଅପରାହ୍ନ ୩ଟା ୩୦ ।
- ସ୍ୱାଗତମ୍ କାର୍ଯ୍ୟକ୍ରମ, ସ୍ଥାନ: କୁରୁଡ଼ା ଛକ, ସମୟ: ଅପରାହ୍ନ ୪ଟା ।
- ୫୭ତମ ସ୍ଥାପନ ସମାରୋହ, ସ୍ଥାନ: କୌଶଲ୍ୟା ଦେବୀ ମେମୋରିଆଲ ହଲ୍, ରୋଟାରୀ ଭବନ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା ।
- ବସ୍ତା ଦେବସେନା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ, ସ୍ଥାନ: ଗାନ୍ଧୀ ଛକ, ବସ୍ତା, ସମୟ: ସକାଳ ୮ଟା ।
- ବରିଷ୍ଠ ନାଗରିକ ମଞ୍ଚର ବୈଠକ, ସ୍ଥାନ: ବରିଷ୍ଠ ନାଗରିକ ମଞ୍ଚ କାର୍ଯ୍ୟାଳୟ, ଖଇରା, ସମୟ: ସକାଳ ୯ଟା ।
- ଉପଖଣ୍ଡସ୍ତରୀୟ ଦୁଇଦିନିଆ ସହ ସମ୍ପ୍ରସାରଣ କର୍ମୀ (କୃଷକ ସାଥୀ) ତାଲିମ ଶିବିର ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ଜିଲା କୃଷି ଅଧିକାରୀ କାର୍ଯ୍ୟାଳୟ ପରିସର, ନୀଳଗିରି, ସମୟ: ପୂର୍ବାହ୍ନ ୧୦ଟା ।
- ଗୋପବନ୍ଧୁ ସ୍ମୃତି ସଂସଦ ପକ୍ଷରୁ ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧବାର୍ଷିକୀ, ସ୍ଥାନ: ଜଳେଶ୍ୱର ହାଇସ୍କୁଲ ପରିସର, ଜଳେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ।
- ସିମୁଳିଆ କଲେଜ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ, ସ୍ଥାନ: ମାର୍କୋଣା, ସମୟ: ପୂର୍ବାହ୍ନ ୧୧ଟା ।
- ଚନ୍ଦ୍ର କୁମାର ମହାନ୍ତି କବିତା ପୁରସ୍କାର–୨୦୨୪ ଅର୍ପଣୋତ୍ସବ ଓ ଉତ୍ପଳ ମହାନ୍ତିଙ୍କ କବିତା ବହି 'ନାଁ ବଦଳି ଗଲାପରେ'ର ଉନ୍ମୋଚନ ସମାରୋହ, ସ୍ଥାନ: ବ୍ରିଟ୍ କଲ୍ୟାଣ ମଣ୍ଡପ, ଏଡ଼ିଏମ୍ ଛକ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା ।
- ରଥଯାତ୍ରା ସ୍ପେଶାଲ ଟ୍ରେନ୍‌ର ଶୁଭାରମ୍ଭ, ସ୍ଥାନ: ରେଳଷ୍ଟେଶନ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା ୪୦ ।
- ଜଗନ୍ନାଥଙ୍କ ଉପରେ କବିତା ପାଠୋତ୍ସବ, ସ୍ଥାନ: ମଲ୍ଲିକାଶପୁର, ଶାନ୍ତିକାନନ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା ।
- ସୁବର୍ଣ୍ଣରେଖା ବନ୍ଦର କର୍ତ୍ତୃପକ୍ଷଙ୍କ ପକ୍ଷରୁ ମିଳିତ ଆଲୋଚନା, ସ୍ଥାନ: କଟିପୋଲ ପ୍ରିନ୍ସ କଲ୍ୟାଣ ମଣ୍ଡପ, ବସ୍ତା, ସମୟ: ସନ୍ଧ୍ୟା ୬ଟା ।

## ଭଦ୍ରକ
- ଭଦ୍ରକ କଲେଜର ୭୭ ତମ ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: ଭଦ୍ରକ କଲେଜ, ଭଦ୍ରକ, ସମୟ: ସକାଳ ୯ ଟା ୩୦ ।
- . ବିଶିଷ୍ଟ ସମାଜସେବୀ ତଥା ଜନନାୟକ ଦୁର୍ଯ୍ୟୋଧନ ମିଶ୍ରଙ୍କ ଶ୍ରାଦ୍ଧ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଅରଣ୍ୟ ନିବାସ, ଚାନ୍ଦବାଲି, ସମୟ: ଅପରାହ୍ନ ୫ଟା ।

## କେନ୍ଦୁଝର
- ଗ୍ରହରାଜ ଶନିଙ୍କ ମନ୍ଦିରରେ ପୂଜାର୍ଚ୍ଚନା, ସ୍ଥାନ: ଛେନାପଦି, ହାଟଡ଼ିହୀ, ସମୟ: ସକାଳ ୭ ଟା ।
- ଶନିଙ୍କ ମନ୍ଦିରରେ ଶନି ମେଳା, ପୂଜାର୍ଚ୍ଚନା ଏବଂ ଯଜ୍ଞ, ସ୍ଥାନ: ମୋଟରାଗଡ଼ିଆ, ହାଟଡ଼ିହୀ, ସମୟ: ସକାଳ ୮ ଟା ।
- ଶନି ମନ୍ଦିରରେ ପୂଜାର୍ଚ୍ଚନା ଏବଂ ହୋମ, ସ୍ଥାନ: ସଡ଼ଙ୍ଗ, ହାଟଡ଼ିହୀ, ସମୟ: ସକାଳ ୮ ଟା ।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: କେନ୍ଦୁଝର ରୋଟାରୀ ଭବନ, ସମୟ: ସକାଳ ୮ଟା ।
- ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ସରକାରୀ ପ୍ରାଥମିକ ବିଦ୍ୟାଳୟ, ଦାମୁହଟିଂ, ବଡବିଲ, ସମୟ: ସକାଳ ୮ଟା ।
- ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା, ସ୍ଥାନ: ହାଟଡିହୀ, ସମୟ: ପୂର୍ବାହ୍ନ ୧୧ ଟା ।

## ମୟୂରଭଞ୍ଜ
- ଭଞ୍ଜସେନା ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ,ସ୍ଥାନ:ଭୈରବୀ ମନ୍ଦିର ପରିସର, ମଧୁବନ, ବାରିପଦା, ସମୟ: ସକାଳ ୭ଟା ୩୦ ।
- ଜିଲା କୋର୍ଟ ପକ୍ଷରୁ ବନ ମହୋତ୍ସବ ସପ୍ତାହ ପାଳନ, ସ୍ଥାନ: ସରକାରୀ ବୈଷୟିକ ତାଲିମ ଅନୁଷ୍ଠାନ, ତକତପୁର, ବାରିପଦା, ସମୟ:ସକାଳ ୯ଟା ।
- ବନ ମହୋତ୍ସବ ଓ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ବଡ଼ସାହି ବ୍ଲକ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବେଲପାଳ, ସମୟ: ସକାଳ ୧୦ଟା ।
- ୭୫ ତମ ବନ ମହୋତ୍ସବରେ ବିଜୁ ପଟ୍ଟନାୟକ ଆୱାର୍ଡ କାର୍ଯ୍ୟକ୍ରମ, ସ୍ଥାନ: ଗୋବର୍ଦ୍ଧନଶୋଳ, ବାରିପଦା, ସମୟ: ଅପରାହ୍ନ ୩ଟା ।
- ଉଦଳା ମୋଟର କର୍ମଚାରୀ ସଂଘ ପକ୍ଷରୁ ନବ ନିର୍ବାଚିତ ବିଧାୟକଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ଉଦଳା ବସ୍‌ଷ୍ଟାଣ୍ଡ କର୍ମଚାରୀ ସଂଘ ଗୃହ, ସମୟ: ଅପରାହ୍ନ ୩ଟା ।
- ଉତ୍ତରା ପ୍ରକାଶନୀ ଆନୁକୂଲ୍ୟରେ ପୁସ୍ତକ ପ୍ରକାଶନ, ସ୍ଥାନ: ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ମୁର୍ଗାବାଡ଼ି, ବାରିପଦା, ସମୟ: ଅପରାହ୍ନ ୪ଟା ।
- ଶ୍ରୀ ଶ୍ରୀ ହରିବଳଦେବଜୀଉ ବିଜେଙ୍କ ରଥଯାତ୍ରାକୁ ନେଇ ଅଧିବାସ, ସ୍ଥାନ: ବାରିପଦା ଦେଉଳସାହି, ସମୟ: ସନ୍ଧ୍ୟା ୭ଟା ୫୦ ।
- ଶ୍ରୀ ଶ୍ରୀ ହରିବଳଦେବଜୀଉ ବିଜେଙ୍କ ଦ୍ୱାରଫିଟା ନୀତି ଏବଂ ନେତ୍ରୋତ୍ସବ ପୂଜା, ସ୍ଥାନ: ବାରିପଦା ଦେଉଳସାହି, ସମୟ: ରାତି ୨ଟା ।

## ବ୍ରହ୍ମପୁର
- ବନ ମହୋତ୍ସବ ପାଳନ, ସ୍ଥାନ: ଅକ୍ସଫୋର୍ଡ ପବ୍ଲିକ ସ୍କୁଲ,ସମୟ: ଅପରାହ୍ନ ୩ଟା ।

## କନ୍ଧମାଳ
- ବନ ମହୋତ୍ସବରେ ଚାରାରୋପଣ, ସ୍ଥାନ: ଦାରିଙ୍ଗବାଡି ବ୍ଲକ ପ୍ଲିହେରି ପଞ୍ଚାୟତ, ସମୟ: ସକାଳ ୯ଟା ।

## ଗଜପତି
- ଜିଲାସ୍ତରୀୟ ସମ୍ପୂର୍ଣ୍ଣତା ଅଭିଯାନ,ସ୍ଥାନ: ପାରଳାଖେମୁଣ୍ଡିସ୍ଥିତ ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା୩୦ ।

## ଜଗତ୍‌ସିଂହପୁର
- ସମାଜ ପରିବାର ପକ୍ଷରୁ ଗୋପବନ୍ଧୁଙ୍କ ଜୟନ୍ତୀ ଉପଲକ୍ଷେ ତିଳତର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ବତୀଘର ପାଖ ସମୁଦ୍ର ବେଳାଭୂମି, ନୂଆବଜାର, ପାରାଦୀପ, ସମୟ: ପ୍ରାତଃ ୫ଟା ।
- ଶ୍ରୀ ଜଗନ୍ନାଥ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠାର ୨ୟ ବାର୍ଷିକୋତ୍ସବ, ସ୍ଥାନ: ରଘୁନାଥପୁର ବ୍ଲକ ଦରଘାଟୋଳା,ସମୟ : ସକାଳ ୭ଟା ।
- ନବନିର୍ବାଚିତ ବିଧାୟକ ତଥା ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ସ୍ଥାନ: ବଡ଼ପଡିଆ, ବଣିକସଂଘ ପରିସର, ପାରାଦୀପ, ସମୟ: ସନ୍ଧ୍ୟା ୬ଟା ।

## କେନ୍ଦ୍ରାପଡ଼ା
- ଭୁବନେଶ୍ୱରସ୍ଥ ସନସାଇନ ହସ୍ପିଟାଲ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଚିକିତ୍ସା ଶିବିର, ସ୍ଥାନ: ଟାଉନ ହଲ, କେନ୍ଦ୍ରାପଡ଼ା, ସମୟ: ସକାଳ ୯ଟା
- ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧବାର୍ଷିକ ଦିବସ ଅବସରରେ ସର୍ବଧର୍ମ ପ୍ରାର୍ଥନା ସଭା, ସ୍ଥାନ: ପ୍ରେସ କ୍ଲବ, କୋର୍ଟ ଛକ, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୦ଟା ।
- ମା' ମଙ୍ଗଳା ଦେବୀଙ୍କ ମନ୍ଦିର ପ୍ରତିଷ୍ଠାର ପ୍ରଥମ ବାର୍ଷିକ ଉତ୍ସବ, ସ୍ଥାନ: ମନ୍ଦିର ପରିସର, ବଡବାଣପୁର, ସମୟ: ସନ୍ଧ୍ୟା ୭ଟା ।

## ଯାଜପୁର
- ଧର୍ମଶାଳା ସାହିତ୍ୟ ସମାଜ ପକ୍ଷରୁ ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧଉତ୍ସବ ପାଳନ, ସ୍ଥାନ: ଧର୍ମଶାଳା ବ୍ଲକର ଜାରକାସ୍ଥିତ ଗାର୍ଡ କାର୍ଯ୍ୟାଳୟ ପରିସର,ସମୟ: ଅପରାହ୍ନ ୨ଟା୩୦ ।

## ନୟାଗଡ଼
- ମା' ମଙ୍ଗଳାଙ୍କ ପ୍ରଥମ ବାର୍ଷିକ ଉତ୍ସବ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ବଡବାଣପୁର ମଙ୍ଗଳା ମନ୍ଦିର, ସମୟ: ସକାଳ ୭ଟା ।
- ବନ ମହୋତ୍ସବ ଓ ଚାରା ରୋପଣ, ସ୍ଥାନ: ଖଣ୍ଡପଡ଼ା ବ୍ଲକ କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।
- ବିଚାରପଥର ଉପନ୍ୟାସର ପାଠକୀୟ ଚର୍ଚ୍ଚା, ସ୍ଥାନ: ନୀଳମାଧବ କଲ୍ୟାଣ ମଣ୍ଡପ ନୟାଗଡ଼, ସମୟ: ପୂର୍ବାହ୍ନ ୧୧ଟା ।
- ଦିବ୍ୟ ସତ୍‌ସଙ୍ଗ ସଭା, ସ୍ଥାନ: ଖଣ୍ଡପଡ଼ା ବ୍ଲକ ବାଣପୁର ମଙ୍ଗଳା ମନ୍ଦିର, ସମୟ: ସନ୍ଧ୍ୟା ୭ଟା ।

## ସମ୍ବଲପୁର
- ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଉତ୍କଳମଣୀ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ : ସେନ ପାର୍କ, ସମୟ : ସକାଳ ୭ଟା ।
- ତିଳତର୍ପଣ କାର୍ଯ୍ୟକ୍ରମ, ସ୍ଥାନ : ଅଯୋଧ୍ୟା ସରୋବର, ସକାଳ : ୮ଟା ।

## ବଲାଙ୍ଗୀର
- ସୁଟିଂ ପ୍ରଶିକ୍ଷଣ ଓ ଅଭ୍ୟାସ ଶିବିର, ସ୍ଥାନ: ଆରଏନ୍ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀର, ସମୟ: ସକାଳ ୬ଟା ।
- ଜଙ୍ଗଲ ଜୀବନ ସୁରକ୍ଷା ଅଭିଯାନର ପରିବେଶ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଘୁଷୁରାଡୁଙ୍ଗୁରୀ, ବଲାଙ୍ଗୀର ସଦର ବ୍ଲକ,ସମୟ: ଅପରାହ୍ଣ ୩ଟା ।

## ରାଉରକେଲା
- ଜିଲା କଂଗ୍ରେସ ପକ୍ଷରୁ ଏଡିଏମ୍‌ଙ୍କୁ ଭେଟି ଆଲୋଚନା, ସ୍ଥାନ : ଆର୍‌ଏମ୍‌ସି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ।

## ସୁନ୍ଦରଗଡ଼
- ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଜୟନ୍ତୀ ପାଳନ, ସ୍ଥାନ:କମ୍ୟୁନିଟି ସେଣ୍ଟର, ରାଜଗାଙ୍ଗପୁର, ସମୟ:ସକାଳ ୯ଟା ।
- ବୃକ୍ଷ ରୋପଣ କାର୍ଯ୍ୟକ୍ରମ, ସ୍ଥାନ:ସରବତି ଦେବୀ ମହିଳା ମହାବିଦ୍ୟାଳୟ, ସମୟ:ସକାଳ ୯ଟା ୪୫ ।

## ବରଗଡ଼
- ସମ୍ପୂର୍ଣ୍ଣତା ଅଭିଯାନ ଅବସରରେ ପ୍ରଭାତଫେରୀ, ସ୍ଥାନ: ନୃସିଂହନାଥ ଛକ, ପାଇକମାଳ, ସମୟ: ସକାଳ ୬ଟା ୩୦ ।
- ସମ୍ପୂର୍ଣ୍ଣତା ଅଭିଯାନ ଅବସରରେ ମାରାଥନ୍, ସ୍ଥାନ: ନୃସିଂହନାଥ ଆୟୁର୍ବେଦିକ କଲେଜ, ପାଇକମାଳ, ସମୟ: ସକାଳ ୭ଟା ୩୦ ।
- ଇଣ୍ଟର ହାଉସ୍ ପ୍ରତିଯୋଗିତା, ସ୍ଥାନ: ବିକାଶ ଆବାସିକ ବିଦ୍ୟାଳୟ, ବରଗଡ଼, ସମୟ: ସକାଳ ୯ଟା ।
- ସମ୍ପୂର୍ଣ୍ଣତା ଅଭିଯାନ ଅବସରରେ ରଙ୍ଗୋଲି ପ୍ରତିଯୋଗିତା, ସ୍ଥାନ: ସରକାରୀ ହାଇସ୍କୁଲ, ପାଇକମାଳ, ସମୟ: ସକାଳ ୯ଟା ୩୦ ।
- ସମ୍ପୂର୍ଣ୍ଣତା ଅଭିଯାନ କାର୍ଯ୍ୟକ୍ରମ, ସ୍ଥାନ: ସରକାରୀ ହାଇସ୍କୁଲ, ପାଇକମାଳ, ସମୟ: ପୂର୍ବାହ୍ନ ୧୦ଟା ।

## କଳାହାଣ୍ଡି
- ବ୍ଲକସ୍ତରୀୟ ସମ୍ପୂର୍ଣ୍ଣତା ଅଭିଯାନ ଶୁଭାରମ୍ଭ, ସ୍ଥାନ: ବ୍ଲକ କନ୍‌ଫରେନ୍ସ ହଲ, ଥୁଆମୂଳ ରାମପୁର, ସମୟ: ମଧ୍ୟାହ୍ନ ୧୨ଟା ।
- ଏନ୍‌ଏସ୍‌ଏସ୍ ଓ ୟୁଥ୍ ରେଡ୍‌କ୍ରସ୍ ପକ୍ଷରୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ, ସ୍ଥାନ: ପିଆଇ କଲେଜ ଜୁନାଗଡ଼, ସମୟ: ପୂର୍ବାହ୍ନ ୧୦ଟା ।

## ବୌଦ୍ଧ
- ଜିଲାସ୍ତରୀୟ ବନ ମହୋତ୍ସବ ପାଳନ, ସ୍ଥାନ: ବାମଣ୍ଡା ମେଗା ନର୍ସରୀ, ହରଭଙ୍ଗା, ସମୟ: ପୂର୍ବାହ୍ନ ୧୦ଟା ।

## ଦେବଗଡ଼
- ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ ପକ୍ଷରୁ ଯୋଗ ଶିବିର, ସ୍ଥାନ: ସଂସ୍କୃତି ଭବନ, ଦେବଗଡ, ସମୟ: ପ୍ରାତଃ ୫ଟା ।
- ବନ ମହୋତ୍ସବ ସପ୍ତାହ ପାଳନ ସ୍ଥାନ, ତିଲେଇବନି ବ୍ଲକ, କଦମଦାର୍ହ ପ୍ରାଥମିକ ସ୍କୁଲ, ସମୟ: ସକାଳ ୯ଟା ।
- ବାରକୋଟ ବ୍ଲକ କୃଷି ବିଭାଗ ପକ୍ଷରୁ ଖାଦ୍ୟ ଶସ୍ୟ ଉତ୍ପାଦନ ସମ୍ପର୍କିତ କର୍ମଶାଳ, ସ୍ଥାନ: ବସାଲୋଇ ଗ୍ରାମ, ସମୟ: ପୂର୍ବାହ୍ନ ୧୧ଟା ।
- ବନ ମହୋତ୍ସବ ସପ୍ତାହ ପାଳନ, ମା'ଙ୍କ ନାମରେ ଗଛ ଟିଏ, ସ୍ଥାନ: ରିଆମାଳ ବ୍ଲକ ବନାଞ୍ଚଳ, ସମୟ: ପୂର୍ବାହ୍ନ ୧୧ଟା
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା ।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ ମଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ ସହର, ସମୟ: ସନ୍ଧ୍ୟା ୭ଟା ।

## ସୁବର୍ଣ୍ଣପୁର
- ସାମୂହିକ ଚାରା ରୋପଣ, ସ୍ଥାନ: କଇଁତରା ଖେଳ ପଡିଆ, ବିନିକା, ସମୟ: ସକାଳ ୯ଟା ।
- କଉଡିଆମୁଣ୍ଡା ପ୍ରିମିୟର ଲିଗ କ୍ରିକେଟର ଫାଇନାଲ, ସ୍ଥାନ: କଉଡିଆମୁଣ୍ଡା ଖେଳ ପଡିଆ ବିନିକା, ସମୟ:ପୂର୍ବାହ୍ନ ୧୧ଟା ।

## ନୂଆପଡ଼ା
- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା ।
- ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧୋତ୍ସବ, ସ୍ଥାନ: ନ୍ୟାଶନାଲ ଉଚ୍ଚ ବିଦ୍ୟାଳୟ ନୂଆପଡ଼ା, ସମୟ: ସକାଳ ୮ଟା ।
- ଜିଲାସ୍ତରୀୟ ସମ୍ପୂର୍ଣ୍ଣତା ଅଭିଯାନ ଶୁଭାରମ୍ଭ, ସ୍ଥାନ: ଜିଲା ଅବକାରୀ ବିଭାଗ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ରକ୍ତଦାନ ଶିବିର, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୧ଟା ।

## ଝାରସୁଗୁଡ଼ା
- ସ୍ୱତନ୍ତ୍ର ପୂଜା ଅର୍ଚ୍ଚନା, ସ୍ଥାନ: ସହରସ୍ଥିତ ଧର୍ମଶାଳା ଛକ ଶନିମନ୍ଦିର, ସମୟ: ସକାଳ ୮ଟା ।
- ସାମୂହିକ ମନ୍ତ୍ରପାଠ, ସ୍ଥାନ: ସହରସ୍ଥିତ ବୁରୋମାଲ ଗ୍ରାମ ହନୁମାନ ମନ୍ଦିର, ସମୟ ସକାଳ ୯ଟା ।
- ରଥଯାତ୍ରା ପାଇଁ ବୈଠକ, ସ୍ଥାନ: ସହରସ୍ଥିତ ଭୁର୍ଖାମୁଣ୍ଡା ଗ୍ରାମ, ସମୟ: ସକାଳ ୯ଟା ୩୦ ।

## ରାୟଗଡ଼ା
- ନୀତି ଆୟୋଗ ପକ୍ଷରୁ ସମ୍ପୂର୍ଣ୍ଣତା ଶୋଭାଯାତ୍ରା, ସ୍ଥାନ: ଗଜପତି ଜଙ୍କସନରୁ ଜିଲା ପରିଷଦ କାର୍ଯ୍ୟାଳୟ, ରାୟଗଡ଼ା, ସମୟ: ସକାଳ ୬ଟା ୩୦ ।
- ବିଷମକଟକ ବନ ବିଭାଗ ପକ୍ଷରୁ ବନ ମହୋତ୍ସବ ପାଳନ, ସ୍ଥାନ: ରାମକୃଷ୍ଣ ମିଶନ, ହାଟ ମୁନିଗୁଡା, ସମୟ: ସକାଳ ୮ ଟା ।
- ସମ୍ପୂର୍ଣ୍ଣତା ଅଭିଯାନ କାର୍ଯ୍ୟକ୍ରମ, ସ୍ଥାନ: ବ୍ଲକ କମ୍ୟୁନିଟି ହଲ, ମୁନିଗୁଡା, ସମୟ: ସକାଳ ୮ ଟା ।
- ଜିଲାସ୍ତରୀୟ ସାଧନ କର୍ମୀଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ, ସ୍ଥାନ: ଜିସିଡ଼ି ହାଇସ୍କୁଲ, ରାୟଗଡା, ସମୟ: ସକାଳ ୯ ଟା ।

## ନବରଙ୍ଗପୁର
- ସମ୍ପୂର୍ଣ୍ଣତା ଅଭିଯାନ, ସ୍ଥାନ: ନବରଙ୍ଗପୁର ଆର୍‌ସିଡି ହାଇସ୍କୁଲ ପଡ଼ିଆ, ସମୟ: ସକାଳ ୯ଟା ।
- ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସମୀକ୍ଷା କାର୍ଯ୍ୟକ୍ରମ, ସ୍ଥାନ: ଝରିଗାଁ ପଞ୍ଚାୟତ ସମିତି ସଭାଗୃହ, ସମୟ: ପୂର୍ବାହ୍ନ୧୦ଟା ।
- ଏମ୍‌କେୟୁ ୱାଇ ଜିଲାସ୍ତରୀୟ ବୈଠକ, ସ୍ଥାନ: ନବରଙ୍ଗପୁର ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୩ଟା ୩୦ ।

## କୋରାପୁଟ
- ଜିଲାସ୍ତରୀୟ ୭୫ତମ ବନ ମହୋତ୍ସବ ସପ୍ତାହ ଉପଲକ୍ଷେ କାର୍ଯ୍ୟକ୍ରମ, ସ୍ଥାନ : କୋରାପୁଟ ଛପରସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ସମୟ : ସକାଳ ୯ ଟା ।
- ଜିଲାପରିଷଦର ବିଭିନ୍ନ ପ୍ରକଳ୍ପ ସମୀକ୍ଷା ବୈଠକ, ସ୍ଥାନ: କୋରାପୁଟସ୍ଥିତ ସଦ୍‌ଭାବନା ସଭା ଗୃହ, ସମୟ : ପୂର୍ବାହ୍ନ ୧୦ଟା ୩୦ ।

## ମାଲକାନଗିରି
- ସମ୍ପୂର୍ଣ୍ଣତା ଅଭିଯାନ କାର୍ଯ୍ୟକ୍ରମ, ସ୍ଥାନ: ଚିତ୍ରକୋଣ୍ଡା ବ୍ଲକ ପରିସର, ସମୟ: ସକାଳ ୭ଟା ।

## ଢେଙ୍କାନାଳ
- ଉତ୍କଳମଣୀ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧ ଦିବସ, ସ୍ଥାନ: ଯାଉଁଳିପୋଖରୀ ମଠ ଡୁଠ ଢେଙ୍କାନାଳ, ସମୟ: ସକାଳ ୭ଟା୩୦ ।
- ଜିଲାସ୍ତରୀୟ ପ୍ରବନ୍ଧ, ବକ୍ତୃତା, କବିତା ଆବୃତ୍ତି ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା, ସ୍ଥାନ: ଜିଲା ସଂସ୍କୃତି ଭବନ(ଆର୍ଟ ଆଣ୍ଡ କ୍ରାଫ୍ଟ ସେଣ୍ଟର), ନୁଆ ପୋଖରୀ, ସମୟ:ପୂର୍ବାହ୍ନ ୧୦ଟା ।
- ସମ୍ପୂର୍ଣ୍ଣତା ଅଭିଯାନ ଶୁଭାରମ୍ଭ, ସ୍ଥାନ:ପୁରୁଣା ଜିଲା ପରିଷଦ ସମ୍ମିଳନୀ କକ୍ଷ ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୧ଟା ।
- ଉତ୍କଳମଣୀ ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧଦିବସ, ସ୍ଥାନ:ଯୋରନ୍ଦା ମହିମା ଉଚ୍ଚ ବିଦ୍ୟାଳୟ ଯୋରନ୍ଦା, ସମୟ:ପୂର୍ବାହ୍ନ ୧୧ଟା ।
- ଭଜନ ସନ୍ଧ୍ୟା, ସ୍ଥାନ: ମା' ତାରିଣୀ ଦେବୀଙ୍କ ପୀଠ ନିହାଲ ପ୍ରସାଦ ଗଁଡିଆ, ସମୟ: ସନ୍ଧ୍ୟା ୭ଟା ।

## ଅନୁଗୋଳ
- କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଛେଣ୍ଡିପଦାକୁ ଗସ୍ତ, ସ୍ଥାନ: କୋଶଳା ମା' ରାମଚଣ୍ଡୀ ମନ୍ଦିର ଦର୍ଶନ, ବ୍ରାହ୍ମଣବିଲ ମା' ଡାକେଶ୍ୱରୀଙ୍କ ଦର୍ଶନ ପାତ୍ରପଡା ମା'ବାୟାଣୀଙ୍କ ଦର୍ଶନ, ସମୟ: ସକାଳ ୭ଟା ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଚନ୍ଦ୍ର ଧନାଧିପ ଓ ରବି ଯୁକ୍ତ ଯୋଗୁ ପରିବାର ଓ କର୍ମକ୍ଷେତ୍ର ନୂତନ ଉତ୍ସାହ, ଉଦ୍ଦୀପନା ମଧ୍ୟରେ ଅତିବାହିତ ହେବ। ଯାହା କରନ୍ତୁନା କାହିଁକି ସବୁ କାମ ସୁବିଧାରେ ହୋଇଯିବ। ଭାଙ୍ଗି ପଡ଼ିଥିବା ସମ୍ପର୍କକୁ ପୁଣି ଯୋଡ଼ିବା ସକାଶେ ଚେଷ୍ଟା କରି ସଫଳ ମଧ୍ୟ ହେବେ। ପ୍ରଶାସନିକ ସ୍ତରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି।

**ବୃଷ** ସ୍ୱଗୃହୀ ଶୁକ୍ରଙ୍କ ସୁପ୍ରଭାବ କାରଣରୁ ବନ୍ଧୁମିଳନଜନିତ ଆନନ୍ଦ ଉଲ୍ଲାସରେ ସମୟ କଟାଇବେ। ଅତୀତରେ ବନ୍ଧୁଙ୍କୁ ଦେଇଥିବା ଟଙ୍କା ଫେରି ପାଇବା ସକାଶେ କଳହର ସମ୍ମୁଖୀନ ହୋଇପାରନ୍ତି। ଯୁକ୍ତିତର୍କ କାରଣରୁ ପରୋକ୍ଷ ଶତ୍ରୁତା ହେତୁ ବିଚଳିତବୋଧ କରିବେ। ପରକଥାରେ ମୁଣ୍ଡ ପୂରାଇଲେ ସମସ୍ୟା ଭିତରକୁ ଟଣା ହୋଇପାରନ୍ତି।

**ମିଥୁନ** ବୁଧ ଦ୍ୱିତୀୟ ସ୍ଥାନରେ ରହିଥିବାରୁ ସାହାଯ୍ୟର ପ୍ରତିଶ୍ରୁତି ମାଧ୍ୟମରେ କାମ ହାସଲ କରିପାରିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ,ପରିବହନ ଓ ନିର୍ମାଣ କ୍ଷେତ୍ରରେ କଳହ ଘେରରେ ପଡ଼ିପାରନ୍ତି। କୌଣସି ଦରକାରୀ ଅଫିସିଆଲି କାଗଜପତ୍ର ହଠାତ୍ ପାଇ ଖୁସି ହୋଇଯିବେ। ସଭାସମିତି କିମ୍ବା ରଚନାତ୍ମକ କାର୍ଯ୍ୟରୁ ପ୍ରଶଂସିତ ହେବେ।

**କର୍କଟ** ଲାଭସ୍ଥାନରେ ବୃହସ୍ପତି ରହିଥିବାରୁ ଯାହା ଚାହୁଁଛନ୍ତି ପାଇବାରେ ଅସୁବିଧା ରହିବ ନାହିଁ। ସାହାଯ୍ୟ କରୁଥିବା ଲୋକଟି ହଠାତ୍ ଦୂରେଇ ଯାଇଥିବାରୁ ବ୍ୟସ୍ତତା ଅନୁଭବ କରିପାରନ୍ତି। ସତ୍‌ସଙ୍ଗ, ପୁରାଣ ପଠନ, ଆଧ୍ୟାତ୍ମିକତା ସାଙ୍ଗକୁ ଆନୁଷ୍ଠାନିକ କାର୍ଯ୍ୟ ପ୍ରତି ରୁଚି ବଳିବ। ରାଜନୀତି, ପ୍ରଶାସନ, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରେ ଲୋକ ସମ୍ପର୍କ ବଢ଼ିବ।

**ସିଂହ** ଅସମ୍ପୂର୍ଣ୍ଣ କାମଟି ଆଜି ସୁବିଧାରେ ସମ୍ପନ୍ନ ହୋଇଯିବ। ରାହୁଙ୍କ ପ୍ରଭାବରେ ଅସ୍ଥିରତା ଓ ବିଶୃଙ୍ଖଳିତ ପରିସ୍ଥିତିର ସାମନା କରିବାକୁ ପଡ଼ିପାରେ। କଚେରି ମାମଲାର ଶୁଣାଣିରେ ବିଳମ୍ବ ହେତୁ ମାନସିକ ଅସ୍ଥିରତା ସୃଷ୍ଟି ହୋଇପାରେ। କଳା, ସାମ୍ବାଦିକତା, ସାହିତ୍ୟ, ରଚନାତ୍ମକ କାର୍ଯ୍ୟ,ଗବେଷଣା, ସଭାସମିତିରେ ପ୍ରଶଂସିତ ହେବେ।

**କନ୍ୟା** ରାଶିରେ କେତୁଙ୍କ ସମ୍ବନ୍ଧଜନିତ ମାନସିକ ଅସ୍ଥିରତା ଓ ବିରକ୍ତିବୋଧ ଅନୁଭବ କରିପାରନ୍ତି। ସବୁ କାମ ବିଳମ୍ବରେ ସମ୍ପନ୍ନ ହେବାରୁ ମନରେ ବିରକ୍ତି ଆସିବ। କିନ୍ତୁ ମୂଲ୍ୟବାନ ଦ୍ରବ୍ୟ ଲାଭ, ଭ୍ରମଣ ଓ କାର୍ଯ୍ୟସିଦ୍ଧି ଯୋଗୁ ମନ ପ୍ରଫୁଲ୍ଲ ରହିବ। ପର କଥାରେ ପ୍ରଭାବିତ ହୋଇ ଅତି ଭଲ ସମ୍ପର୍କ ରହିଥିବା ବନ୍ଧୁଟିର ମନୋଭାବ ବଦଳିଯାଇପାରେ।

**ତୁଳା** କର୍ମସ୍ଥାନରେ ବୁଧ ରହିଥିବାରୁ ପାରିବାରିକ ଓ କର୍ମକ୍ଷେତ୍ରକୁ ଆନନ୍ଦମୁଖର କରିବ। ସାମୂହିକ କାମରେ ପରିସ୍ଥିତିକୁ ଦେଖି ଚୁପ୍ ରହିବାକୁ ବାଧ୍ୟ ହେବେ। ଅନ୍ୟମାନଙ୍କ ଘରୋଇ କାମରେ ମୁଣ୍ଡ ପୂରାନ୍ତୁ ନାହିଁ, ଯାହାକି ସମସ୍ୟା ଭିତରକୁ ଟାଣି ନେଇପାରେ। କୌଣସି ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଭୁଲ୍ ମାର୍ଗ ଅନୁସରଣ କରିପାରନ୍ତି।

**ବିଛା** ଆଜିର ଅଧିକାଂଶ ସମୟ ନୀରବତା ଓ କୋଳାହଳଠାରୁ ଦୂରରେ ରହିବାକୁ ପସନ୍ଦ କରିପାରନ୍ତି। ଅନୁରାଧା ନକ୍ଷତ୍ର ଦାନ, ଧର୍ମ, ପରୋପକାର, ସେବା ମନୋଭାବରୁ ପ୍ରଶଂସିତ ହେବେ। ପରିସ୍ଥିତି ବଦଳିଯିବା କାରଣରୁ ଇଚ୍ଛୁକ ଜିନିଷ ପାଇପାରିବେ ନାହିଁ। ଭଲ କଥା କହିଲେ ମଧ୍ୟ ବନ୍ଧୁ ଭୁଲ୍ ବିଚାର କରି କ୍ରମଶଃ ଦୂରେଇଯିବେ।

**ଧନୁ** ତିନୋଟି ଗ୍ରହ ରାଶିକୁ ଦେଖୁଥିବାରୁ ଆଜିର ଯାତ୍ରା, ବନ୍ଧୁମିଳନ, ଆନୁଷ୍ଠାନିକ କାମ ଦକ୍ଷତାର ସହ ସମ୍ପାଦନ କରିବେ। ପରୋପକାର ପ୍ରବୃତ୍ତିକୁ ପଡ଼ୋଶୀ ପ୍ରଶଂସା କରିବେ। ପିଲାଙ୍କ ପଢ଼ା ସମସ୍ୟା ମନକୁ ଭାରାକ୍ରାନ୍ତ କରିପାରେ। ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ଆଲୋଚନା କ୍ଷେତ୍ରରେ ବନ୍ଧୁଙ୍କ ପରାମର୍ଶକୁ ସ୍ୱୀକାର କରିନେବେ।

**ମକର** ଆଜି ଶ୍ରବଣା ନକ୍ଷତ୍ର ପାଇଁ ସାମଗ୍ରିକ ଦୃଷ୍ଟିକୋଣରୁ ଦିନଟି ସ୍ମରଣୀୟ ରହିବ। ଅର୍ଥ, ସମ୍ମାନ, ବନ୍ଧୁମିଳନରୁ ଖୁସି ରହିବେ। ଘରର ସମସ୍ୟା ବୃଦ୍ଧି ପାଉଥିବାରୁ ଧନିଷ୍ଠା ନକ୍ଷତ୍ର ଅନ୍ୟମନସ୍କ ରହିପାରନ୍ତି। ସଭାସମିତି, ଆନୁଷ୍ଠାନିକ କ୍ଷେତ୍ରରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ।

**କୁମ୍ଭ** କେତୁଙ୍କ ପ୍ରଭାବରୁ ଅନ୍ୟମନସ୍କତା କିମ୍ବା ଅଯଥା ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ଧନିଷ୍ଠା ନକ୍ଷତ୍ର ଆଜି ଯେଉଁ କାମରେ ହାତ ଦେବେ ସଫଳତା ନିଶ୍ଚିତ। ଧାର୍ମିକ କିମ୍ବା ଆନୁଷ୍ଠାନିକ କାମ ସକାଶେ ପ୍ରସ୍ତୁତି ପରିପ୍ରେକ୍ଷୀରେ ବ୍ୟସ୍ତ ରହିବେ। ପ୍ରଶାସନିକ ସ୍ତରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି।

**ମୀନ** ଭଲ ଓ ମନ୍ଦର ମିଶ୍ରିତ ଫଳ ମଧ୍ୟରେ ଦିନଟି ଅତିବାହିତ ହେବ। ସକାଳୁ ସକାଳୁ ଆତ୍ମୀୟଙ୍କଙ୍କ ସହ ଦୂରଯାତ୍ରା କରିପାରନ୍ତି। ମନରେ ଉତ୍ସୁକତା ସାଙ୍ଗକୁ ବନ୍ଧୁମିଳନ ଓ ଦ୍ରବ୍ୟଲାଭ,ଭ୍ରମଣ ଜନିତ ଆନନ୍ଦ ଅନୁଭବ କରିବେ। କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା, ଚଳଚ୍ଚିତ୍ର କ୍ଷେତ୍ରରୁ ସୁନାମ ଅର୍ଜନ କରିବେ। ବ୍ୟବସାୟ, ବାଣିଜ୍ୟ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ।

ଆଜି ଜୁଲାଇ ୬ ତାରିଖ, ଆଷାଢ଼ ଶୁକ୍ଳ ପ୍ରତିପଦା, ଶନିବାର, ରାଶି ନକ୍ଷତ୍ର–ପୂନର୍ବସୁ /ମିଥୁନ, ପ୍ରତିପଦାର ଏକୋଦ୍ଦିଷ୍ଟ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୧୨ ଗତେ ଦିବା ୧୨।୧୭ ମଧ୍ୟେ, ଘ.୦୩।୦୮ ଗତେ ଘ.୦୩।୪୮ ମଧ୍ୟେ ଶୁଦ୍ଧ ଶୁଭ ବେଳା। ସକାଳ ଘ.୦୮।୩୪ ମଧ୍ୟେ ଘ.୦୮।୩୪ ଗତେ, ଘ.୧୦/୧୨ ମଧ୍ୟେ ରାହୁ କାଳ।

## ପ୍ରଥମ ପୃଷ୍ଠାରୁ...

### ୨୨ରୁ ବିଧାନସଭା...
ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନା ହେବ। ଜୁଲାଇ ୨୩ରେ ଉପବାଚସ୍ପତି ନିର୍ବାଚନ ସମ୍ପର୍କରେ ଘୋଷଣା ହେବ। ୨୪ରେ ଉପବାଚସ୍ପତି ନିର୍ବାଚନ ଅନୁଷ୍ଠିତ ହେବ। ୨୫ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭାରେ ବଜେଟ ଉପସ୍ଥାପନ କରିବେ। ୨୯ ତାରିଖରୁ ବଜେଟ ଉପରେ ଆଲୋଚନା ଆରମ୍ଭ ହେବ। ବଜେଟ ଉପରେ ଅଧିକ ଆଲୋଚନା ପାଇଁ ଅଗଷ୍ଟ ୧ରୁ ୧୯ ତାରିଖ ଯାଏ ବିଧାନସଭା ମୁଲତବୀ ରହିବ। ୨୦ ତାରିଖରେ ବିଭିନ୍ନ ବିଭାଗର ଷ୍ଟାଣ୍ଡିଂ କମିଟି ରିପୋର୍ଟ ବିଧାନସଭାରେ ଉପସ୍ଥାପିତ ହେବ। ସେପ୍ଟେମ୍ବର ୧୦ ତାରିଖରେ ବ୍ୟୟମଞ୍ଜୁରୀ ବିଲ୍ ୨୦୨୪–୨୫ ଗୃହୀତ ହେବ। ଏହି ଅଧିବେଶନରେ ମୋଟ ୨୭ଟି କାର୍ଯ୍ୟ ଦିବସ ରହିଛି।

### ଏନ୍‌ଇଇଟି–ୟୁଜି ...
କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ଜୋର୍ ଦେଇ କହିଛନ୍ତି। ଯେକୌଣସି ପରୀକ୍ଷାର ପ୍ରଶ୍ନପତ୍ରଗୁଡ଼ିକର ଗୋପନୀୟତା ବଜାୟ ରଖିବା ଉପରେ ସର୍ବାଧିକ ପ୍ରାଥମିକତା ଦିଆଯାଉଛି। କେତେଜଣ ଆପରାଧିକ ତତ୍ତ୍ୱଙ୍କ ଅସାଧୁ କାର୍ଯ୍ୟ ପାଇଁ ଯଦି ପରୀକ୍ଷାରେ ଗୋପନୀୟତାର ଉଲ୍ଲଂଘନ ହୋଇଥାଏ, ତେବେ ଅପରାଧରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ନିଶ୍ଚିତ ଦଣ୍ଡିତ କରାଯିବ ବୋଲି ସତ୍ୟପାଠରେ କୁହାଯାଇଛି। ଏଥିସହିତ ପ୍ରତିଦ୍ୱନ୍ଦ୍ୱିତା ଅଧିକାରରେ ସନ୍ତୁଳନ ରକ୍ଷା କରାଯିବା ସହ ଯେଉଁ ଅସାଧୁ ଉପାୟରେ ସଂଶ୍ଳିଷ୍ଟ ନ ଥିବା ଅଧିକାଂଶ ଛାତ୍ରୀଛାତ୍ରଙ୍କ ସ୍ୱାର୍ଥର ସୁରକ୍ଷା ବଜାୟ ରଖିବା ଗୁରୁତ୍ୱପୂର୍ଣ୍ଣ ବୋଲି କେନ୍ଦ୍ର କହିଛି। ସମ୍ପୂର୍ଣ୍ଣ ପରୀକ୍ଷା ବାତିଲ କରାଯିବା ଦ୍ୱାରା ଯେଉଁ ପରୀକ୍ଷାର୍ଥୀ ସଚ୍ଚୋଟ ଉପାୟରେ ସବୁ ପ୍ରଶ୍ନର ଉତ୍ତର ଦେଇଥିଲେ, ସେମାନେ ଗୁରୁତର ଭାବେ କ୍ଷତିଗ୍ରସ୍ତ ହେବେ। ସିବିଆଇ ପରୀକ୍ଷାରେ ଅନିୟମିତତାର ତଦନ୍ତ କରୁଛି। ସୂଚନାଯୋଗ୍ୟ, ଏନ୍‌ଇଇଟି–ୟୁଜି ପରୀକ୍ଷା ସମ୍ପୂର୍ଣ୍ଣ ବାତିଲ ନ କରିବାକୁ ଗୁରୁବାର ୫୬ ଜଣ ଛାତ୍ରୀଛାତ୍ର ସୁପ୍ରିମକୋର୍ଟରେ ପିଟିଶନ ଦାଏର କରିଥିଲେ।

ଅନ୍ୟପକ୍ଷରେ ଶୁକ୍ରବାର ସମ୍ବଲପୁର ଗସ୍ତରେ ଆସିଥିବା ବେଳେ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ଏନ୍‌ଇଇଟି ପରୀକ୍ଷାରେ ସ୍ୱଚ୍ଛତା ଆଣିବାକୁ ସରକାର ପ୍ରତିଶ୍ରୁତିବଦ୍ଧ। ଇସ୍ରୋର ପୂର୍ବତନ ମୁଖ୍ୟ କେ. ରାଧାକୃଷ୍ଣନଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି। ଭାରତରେ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରାଯାଇ ପରୀକ୍ଷା ବ୍ୟବସ୍ଥାରେ କିଭଳି ସ୍ୱଚ୍ଛତା ଅଣାଯିବ ସେନେଇ ୨ ମାସ ଭିତରେ କମିଟି ତା'ର ରିପୋର୍ଟ ଦେବ। ରିପୋର୍ଟ ଆଧାରରେ ଆଗକୁ ଦେଶରେ ପରୀକ୍ଷା ବ୍ୟବସ୍ଥାକୁ ପୁନଃଚାଳନା କରାଯିବ। ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଧର୍ମେନ୍ଦ୍ର କହିଛନ୍ତି।

### କିର୍ ଷ୍ଟର୍ମର ବ୍ରିଟେନ୍ ...
ପୂର୍ବାପେକ୍ଷା ୨୧୦ ଅଧିକ। ଅନ୍ୟପକ୍ଷେ ବିଦାୟୀ ପ୍ରଧାନମନ୍ତ୍ରୀ ଋଷି ସୁନକଙ୍କ ନେତୃତ୍ୱାଧୀନ କଞ୍ଜରଭେଟିଭ୍ ପାର୍ଟି ୨୪୪ ଆସନ ହରାଇ ମାତ୍ର ୧୨୧ରେ ସୀମିତ ହୋଇରହିଯାଇଛି। ଏହାକୁ କଞ୍ଜରଭେଟିଭ୍ ପାର୍ଟିର ଇତିହାସରେ ସବୁଠୁ ଶୋଚନୀୟ ପରାଜୟ ବୋଲି କୁହାଯାଉଛି। ଲେବର ପାର୍ଟିର ଏହି ବିଜୟକୁ ୧୯୯୭ ସାଧାରଣ ନିର୍ବାଚନରେ ଟୋନି ବ୍ଲେୟାରଙ୍କ ବିଜୟ ସହ ତୁଳନା କରାଯାଉଛି। ସେତେବେଳେ ମଧ୍ୟ ବିରୋଧୀ ଲେବର ପାର୍ଟି କଞ୍ଜରଭେଟିଭ୍ ସରକାରକୁ ଗାଦିଚ୍ୟୁତ କରିଥିଲା। ସଦ୍ୟ ନିର୍ବାଚନରେ ଛୋଟ ଦଳଗୁଡ଼ିକର ପ୍ରଦର୍ଶନରେ ମଧ୍ୟ ଉନ୍ନତି ଆସିଛି। ଏଡ୍ ଡାଭେଙ୍କ ଲିବରାଲ୍ ଡେମୋକ୍ରାଟ୍ସ ପୂର୍ବ ତୁଳନାରେ ୬୦ ଅଧିକ ଆସନରେ ବିଜୟୀ ହୋଇ ୭୧ରେ ପହଞ୍ଚିଛନ୍ତି। ରିଫର୍ମ ୟୁକେର ଭୋଟ ହାର ବଢ଼ିବା ସହ ଏହି ଦଳ ପ୍ରଥମ ଥର ପାଇଁ ହାଉସ୍ ଅଫ୍ କମନ୍ସରେ ପ୍ରତିନିଧିତ୍ୱର ସୁଯୋଗ ପାଇଛି। ଗ୍ରୀନ୍ ପାର୍ଟିକୁ ରେକର୍ଡ ସଂଖ୍ୟକ ଆସନ ମିଳିଥିବାବେଳେ ସ୍କଟିଶ୍ ନ୍ୟାଶନାଲ ପାର୍ଟି (ଏସ୍‌ଏନ୍‌ପି) ଏହାର ଏକ–ତୃତୀୟାଂଶ ଆସନ ହରାଇଦେଇଛି। ଏହି ଆସନଗୁଡ଼ିକରେ ସ୍କଟିଶ୍ ଲେବର ଓ କଞ୍ଜରଭେଟିଭ୍ ପାର୍ଟି ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ସ୍କଟ୍‌ଲାଣ୍ଡ ଓ ୱେଲ୍ସରେ ଲେବର ପାର୍ଟି ସବୁଠୁ ବଡ଼ ଦଳ ଭାବେ ଉଭା ହୋଇଛି। ୱେଲ୍ସ କିମ୍ବା କର୍ନୱାଲରେ କଞ୍ଜରଭେଟିଭ୍ସ ଖାତା ଖୋଲିପାରି ନାହାନ୍ତି। କଞ୍ଜରଭେଟିଭ୍ ପାର୍ଟି ନର୍ଥ ଇଷ୍ଟ ଇଂଲଣ୍ଡରେ କେବଳ ଗୋଟିଏ ଆସନ ଜିତିରେ ସକ୍ଷମ ହୋଇଛି। ୬୧ ବର୍ଷୀୟ କିର୍ ଷ୍ଟର୍ମର ସ୍ତ୍ରୀ ଭିକ୍ଟୋରିଆ ଷ୍ଟର୍ମରଙ୍କ ସହ ଶୁକ୍ରବାର ବ୍ରିଟେନ୍ କିଙ୍ଗ୍ ଚାର୍ଲ୍ସ ୩ୟଙ୍କୁ ବକିଂହାମ ପ୍ୟାଲେସ୍‌ରେ ସାକ୍ଷାତ୍‌କରିବା ପରେ ରାଜା ତାଙ୍କୁ ଆନୁଷ୍ଠାନିକ ଭାବେ ଦେଶର ପ୍ରଧାନମନ୍ତ୍ରୀ ନିଯୁକ୍ତ କରିଛନ୍ତି। ଭାରତୀୟ ବଂଶୋଦ୍ଭବ ଋଷି ସୁନକ ପରାଜୟ ସ୍ୱୀକାର କରିଛନ୍ତି। ୪୪ ବର୍ଷୀୟ ସୁନକ୍ ଚାର୍ଲ୍ସଙ୍କୁ ଭେଟି ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି। ଷ୍ଟର୍ମର ପ୍ରଧାନମନ୍ତ୍ରୀ ହେବା ପରେ ନିଜ ପ୍ରଥମ ବକ୍ତବ୍ୟରେ କହିଛନ୍ତି, ବର୍ତ୍ତମାନ ପରିବର୍ତ୍ତନ ଆରମ୍ଭ ହୋଇଛି। ଏହା ଏକ ସୁଖଦ ଅନୁଭୂତି। ସେ ସଚ୍ଚୋଟତା ସହ କାର୍ଯ୍ୟ କରିବେ। ଏଭଳି ଜନାଦେଶ ଏକ ବୃହତ୍ ଗୁରୁଦାୟିତ୍ୱ ସହ ମିଳିଥାଏ। ବ୍ରିଟେନ୍‌ରେ ଏକତା ବଜାୟ ରଖି ଆମ ଚିନ୍ତାଧାରାକୁ ଆଗକୁ ବଢ଼ାଇବାକୁ ପଡ଼ିବ। ଆପଣ ଯିଏ ହୋଇଥାଆନ୍ତୁ ନା କାହିଁକି, ଯେଉଁଠୁ ବି ଜୀବନ ଆରମ୍ଭ କରନ୍ତୁ, ଯଦି କଠିନ ପରିଶ୍ରମ କରିବେ, ଆଗକୁ ବଢ଼ିବା ପାଇଁ ଏହି ଦେଶ ଆପଣଙ୍କୁ ସୁଯୋଗ ଦେଇଥାଏ।

### ଷ୍ଟର୍ମରଙ୍କୁ ଅଭିନନ୍ଦନ ଜଣାଇଲେ ମୋଦି
କିର୍ ଷ୍ଟର୍ମର ବ୍ରିଟେନ୍ ପ୍ରଧାନମନ୍ତ୍ରୀ ହେବା ପରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ଏକ୍ସ'ରେ ଅଭିନନ୍ଦନ ଜଣାଇଛନ୍ତି। ଲେବର ଲିଡରଙ୍କ ସହ ସକାରାତ୍ମକ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ସେ ଆଗ୍ରହ ପ୍ରକାଶ କରିଛନ୍ତି। ଭାରତ–ବ୍ରିଟେନ୍ ସମସ୍ତ କ୍ଷେତ୍ରରେ ବିସ୍ତୃତ ରଣନୈତିକ ସହଯୋଗିତାକୁ ସୁଦୃଢ଼ କରିବ। ଏହାଦ୍ୱାରା ଦ୍ୱିପାକ୍ଷିକ ଅଭିବୃଦ୍ଧି ଓ ସମୃଦ୍ଧି ହୋଇପାରିବ ବୋଲି ମୋଦି କହିଛନ୍ତି।

### ଗଣିତ, ଏଥିକ୍ସ ...
ବୁଧବାର ସନ୍ଧ୍ୟାଠାରୁ ପିଲାଙ୍କ ମୋବାଇଲ ଫୋନରେ ଘୂରି ବୁଲିଥିଲା। ସେହିପରି ଶୁକ୍ରବାର ହୋଇଥିବା ଏଥିକ୍ସ ପରୀକ୍ଷାର ପ୍ରଶ୍ନ ଓ ଉତ୍ତର କପି ଗୁରୁବାରଠାରୁ ଭାଇରାଲ ହୋଇଛି। ଏଭଳି ଘଟଣା ପାରାଦୀପ, କୁଜଙ୍ଗ, ରାହାମା, ତିର୍ତ୍ତୋଲ, ଜଗତ୍‌ସିଂହପୁର ସମେତ କଟକ ଓ କେନ୍ଦ୍ରାପଡ଼ା ଜିଲାର ଅଧିକାଂଶ ପିଲାଙ୍କ ପାଖରେ ଏଭଳି ଭାଇରାଲ ପ୍ରଶ୍ନ ଓ ଉତ୍ତର କପି ମୋବାଇଲ ଫୋନ୍‌ରେ ପହଞ୍ଚିଛି। ଗଣିତ ବିଷୟରେ ପୂର୍ଣ୍ଣ ମାର୍କ ୮୦ ଥିବାବେଳେ ଏଥିକ୍ସ ମାର୍କ ୨୫ ରହିଛି। ପ୍ରଶ୍ନପତ୍ର ଭାଇରାଲ ସମ୍ପର୍କରେ ପାରାଦୀପ କଲେଜ ଅଧ୍ୟକ୍ଷା ସସ୍ମିତା ଶତପଥୀଙ୍କୁ ପଚାରିବାରେ ସେ କୁହନ୍ତି, 'କେମିତି ଲିକ୍ ହୋଇଛି ମୁଁ ଜାଣିନାହିଁ। ଆମର ପ୍ରଶ୍ନ କପି ସମ୍ପୂର୍ଣ୍ଣ ସୁରକ୍ଷିତ ଓ ସିସିଟିଭି ନଜରରେ ରହିଛି।' ପ୍ରଶ୍ନପତ୍ର ଭାଇରାଲ ସମ୍ପର୍କରେ ଛାତ୍ରୀଛାତ୍ର ଆଲୋଚନା କରୁଥିଲେ ହେଁ ଖୋଲାଖୋଲି କିଛି କହିନାହାନ୍ତି। ତେବେ ଏପରି ପ୍ରଶ୍ନୋତ୍ତର କପି ପାଇବା ପରେ ପ୍ରାୟ ବିଦ୍ୟାର୍ଥୀ ଶତ ପ୍ରତିଶତ ମାର୍କ ରଖିବେ ବୋଲି ଚର୍ଚ୍ଚା ହେଉଛି। ଯେଉଁ ମେଧାବୀ ପିଲା ଦିନରାତି ପରିଶ୍ରମ କରିଛନ୍ତି ସେମାନେ ଏବେ ନୈରାଶ୍ୟ ମଧ୍ୟରେ ଗତି କରୁଛନ୍ତି।

# ଅଗଷ୍ଟ ୧୧ରେ ଏନ୍‌ଇଇଟି-ପିଜି

ଭୁବନେଶ୍ୱର,୫।୭(ଅସମାପିକା ସାହୁ)

ନ୍ୟାଶନାଲ ବୋର୍ଡ ଅଫ୍ ଏକ୍‌ଜାମିନେଶନ (ଏନ୍‌ବିଏ) ଦ୍ୱାରା ପରିଚାଳିତ ଏନ୍‌ଇଇଟି-ପିଜି ଅଗଷ୍ଟ ୧୧ରେ ଅନୁଷ୍ଠିତ ହେବ। ମେଡିକାଲ ଛାତ୍ରୀଛାତ୍ରଙ୍କ ନାମଲେଖା ପାଇଁ ଉଦ୍ଦିଷ୍ଟ ଏହି ପରୀକ୍ଷା ଦୁଇଟି ଶିଫ୍ଟରେ ହେବ। ଏସ୍‌ଓପି ଏବଂ ପ୍ରୋଟୋକଲର ସମୀକ୍ଷା ପରେ ଏନ୍‌ଇଇଟି ପିଜି ପରୀକ୍ଷାର ନୂଆ ତାରିଖ ଘୋଷଣା କରାଯାଇଛି। ଏ ନେଇ ଶୁକ୍ରବାର ନ୍ୟାଶନାଲ ବୋର୍ଡ ଅଫ୍ ଏକ୍‌ଜାମିନେଶନ ଇନ୍ ମେଡିକାଲ ସାଇନ୍ସ (ଏନ୍‌ବିଇଏମ୍‌ଏସ୍) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଅଧିକ ତଥ୍ୟ ଜାଣିବା ପାଇଁ ଛାତ୍ରୀଛାତ୍ରମାନେ ଏନ୍‌ବିଇଏମ୍‌ଏସ୍ ୱେବ୍‌ସାଇଟ୍ ପରିଦର୍ଶନ କରିବା ଲାଗି ପରାମର୍ଶ ଦିଆଯାଇଛି।

ସୂଚନାଯୋଗ୍ୟ, ଗତ ଜୁନ୍ ୨୩ରେ ଏନ୍‌ଇଇଟି-ପିଜି ଅନୁଷ୍ଠିତ ହେବାର ଥିଲା। କିନ୍ତୁ ପରୀକ୍ଷାରେ ଅନିୟମିତତା ଆଶଙ୍କା କରି ଦିନକ ପୂର୍ବରୁ ଅର୍ଥାତ୍ ୨୨ ତାରିଖରେ ଏହି ପରୀକ୍ଷାକୁ ରଦ୍ଦ କରିଦିଆଯାଇଥିଲା। ଏନ୍‌ଇଇଟି ୟୁଜି ଏବଂ ୟୁଜିସି ନେଟ୍‌ରେ ଅନିୟମିତତା ଅଭିଯୋଗ ପରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏଭଳି ପଦକ୍ଷେପ ନେଇଥିଲା। ଗତ କିଛିଦିନ ମଧ୍ୟରେ ହୋଇଥିବା ପରୀକ୍ଷାରେ ସ୍ୱଚ୍ଛତାକୁ ନେଇ କେତେଜଣ ପରୀକ୍ଷାର୍ଥୀ ଅଭିଯୋଗ ଆଣିଥିଲେ। ଏହାକୁ ଦୃଷ୍ଟିରେ ରଖି ଏନ୍‌ଇଇଟି ପିଜି ପରୀକ୍ଷାକୁ ସ୍ଥଗିତ ରଖାଯାଇଥିଲା।

# ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ରନାଥ ନାୟକଙ୍କ ପରଲୋକ

ଭୁବନେଶ୍ୱର(ଅନିଲ ଦାସ)/ ଅସ୍ତରଙ୍ଗ (ପ୍ରଦୀପ୍ତ ଦୀକ୍ଷିତ/ ମମତା ଜେନା)/କାକଟପୁର (ଶୁଭଦର୍ଶନ ମିଶ୍ର), ୫।୭

କାକଟପୁରର ପୂର୍ବତନ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ରନାଥ ନାୟକଙ୍କ ଭୁବନେଶ୍ୱରସ୍ଥିତ ବାସଭବନରେ ଶୁକ୍ରବାର ସକାଳ ୬ଟାରେ ପରଲୋକ ହୋଇଛି। ଦୀର୍ଘଦିନ ଧରି ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ତାଙ୍କୁ ୯୩ ବର୍ଷ ହୋଇଥିଲା।

ସୁରେନ୍ଦ୍ରନାଥ କାକଟପୁର ରାଜନୀତିରେ ଲୋକପ୍ରିୟ ରାଜନେତା ଭାବେ ପରିଚିତ ଥିଲେ। କାକଟପୁରରୁ ସେ ୭ଥର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ଅସ୍ତରଙ୍ଗ ପଞ୍ଚାୟତ ସମିତିର ଅଧ୍ୟକ୍ଷ ଭାବେ ସେ ନିଜର ରାଜନୈତିକ ଜୀବନ ଆରମ୍ଭ କରିଥିଲେ। ୧୯୭୧ରେ ସେ ପ୍ରଥମେ ଉତ୍କଳ କଂଗ୍ରେସ ଟିକେଟରେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ଏହାପରେ ସେ ୧୯୭୭ ଏବଂ ୧୯୮୫ରେ ଜନତା ପାର୍ଟି ଓ ପରେ ୧୯୯୦, ୧୯୯୫ରେ ଜନତା ଦଳରୁ ଜିତିଥିବାବେଳେ ୨୦୦୦ ଏବଂ ୨୦୦୪ରେ ବିଜୁ ଜନତା ଦଳରୁ କାକଟପୁରରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ।


ସୁରେନ୍ଦ୍ରନାଥ ନାୟକ

ସୁରେନ୍ଦ୍ରନାଥଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ସ୍ୱର୍ଗତ ନାୟକ ଜଣେ ଲୋକପ୍ରିୟ ନେତା ଓ ଦକ୍ଷ ପ୍ରଶାସକ ଥିଲେ। ସାଧାରଣ ଲୋକଙ୍କ ଭିତରେ ସେ ଅତ୍ୟନ୍ତ ପ୍ରିୟପାତ୍ର ଥିଲେ। ତାଙ୍କ ପରଲୋକ ରାଜ୍ୟ ପାଇଁ ଏକ ବଡ଼ କ୍ଷତି। ଏଥିସହ ମୁଖ୍ୟମନ୍ତ୍ରୀ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ଏଥିସହିତ ମନ୍ତ୍ରିମଣ୍ଡଳର ବିଭିନ୍ନ ସଦସ୍ୟମାନେ ସୁରେନ୍ଦ୍ରନାଥଙ୍କ ବିୟୋଗରେ ଶୋକପ୍ରକାଶ କରିଛନ୍ତି।

ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ସୁରେନ୍ଦ୍ରନାଥଙ୍କ ମୃତ୍ୟୁରେ ଗଭୀର ଶୋକପ୍ରକାଶ କରିଛନ୍ତି। ଶୋକବାର୍ତ୍ତାରେ ସେ କହିଛନ୍ତି ଯେ

## ମୁଖ୍ୟମନ୍ତ୍ରୀ, ବିରୋଧୀ ଦଳ ନେତାଙ୍କ ଶୋକ

ସ୍ୱର୍ଗତ ନାୟକ ବିଜୁବାବୁଙ୍କର ଘନିଷ୍ଠ ସହଯୋଗୀ ଥିଲେ। ସେ ଜଣେ ଜନନେତା, ଦକ୍ଷ ପ୍ରଶାସକ ଓ ସଂଗଠକ ଥିଲେ। ମନ୍ତ୍ରୀ ଓ ବିଧାୟକ ଭାବେ ଉଚ୍ଚକୋଟୀର ପ୍ରଦର୍ଶନ ପାଇଁ ଓଡ଼ିଶା ରାଜନୀତିରେ ତାଙ୍କର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ନବୀନ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

ବିଧାନସଭାରେ ସ୍ୱର୍ଗତ ସୁରେନ୍ଦ୍ରନାଥଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସମେତ ଅନ୍ୟମାନେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସେଠାରେ ତାଙ୍କୁ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ଏହା ପରେ ତାଙ୍କ ଜନ୍ମମାଟି ଅସ୍ତରଙ୍ଗସ୍ଥିତ ଅଣକଣା ଗ୍ରାମରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ ପୁଅ ସ୍ୱାଧୀନ ମୁଖାଗ୍ନି ଦେଇଥିଲେ। ଏହି ସମୟରେ ପୂର୍ବତନ ମନ୍ତ୍ରୀ ତଥା କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ବିଜେଡି ନେତା ସୁବ୍ରତ ଛାଟୋଇ, କଂଗ୍ରେସ ନେତା ଅମିୟ ପଟ୍ଟନାୟକଙ୍କ ସହ ବରିଷ୍ଠ ନେତାମାନେ ଉପସ୍ଥିତ ଥିଲେ।




# ଖାଉଟି ଅଦାଲତରେ ବିଶାଳ ମେଗା ମାର୍ଟ ଦଣ୍ଡିତ

ବଲାଙ୍ଗୀର,୫।୭(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସହର ପୁରୁଣା ରାଜବାଟୀ ନିକଟରେ ଥିବା ବିଶାଲ ମେଗାମାର୍ଟ ଖାଉଟି ଅଦାଲତରେ ଦଣ୍ଡିତ ହୋଇଛି। ଗତ ୨୬ ତାରିଖ ଦିନ ବଲାଙ୍ଗୀରର ସୁଶାନ୍ତ ବାଗ ଓ ତାଙ୍କ ପରିବାର ସଦସ୍ୟ ଏହି ମେଗାମାର୍ଟକୁ ଶପିଂ ପାଇଁ ଯାଇଥିଲେ। ସେମାନେ ୨୯୦୦ ଟଙ୍କାର ସାମଗ୍ରୀ କିଣିଥିଲେ। ସାମଗ୍ରୀ ନେବା ପରେ କାଉଣ୍ଟରରେ ଏକ ଝୁଲା

## ୧୬ ଟଙ୍କା ବ୍ୟାଗ୍ ପାଇଁ ୩୩ ହଜାର ଫାଇନ୍

ବ୍ୟାଗ ଦେବାକୁ ଅନୁରୋଧ କରିଥିଲେ। କିନ୍ତୁ ଉପସ୍ଥିତ ମାର୍ଟ କର୍ମଚାରୀ ମାଗଣା ବ୍ୟାଗ୍ ବଦଳରେ ଏକ ବ୍ୟାଗ୍ ଦେଇ ୧୬ ଟଙ୍କା ଅଧିକ ବିଲିଂ କରାଇଥିଲେ। ଏହାକୁ ଦେଇ ବାଗ ବଲାଙ୍ଗୀର ଜିଲା ଖାଉଟି ଅଦାଲତର ଦ୍ୱାରସ୍ଥ ହୋଇଥିଲେ। ଏହି ମାମଲାର ଶୁଣାଣି କରି ଖାଉଟି ଅଦାଲତ ବିଶାଲ ମେଗା ମାର୍ଟକୁ ୨୦ ହଜାର ଟଙ୍କା ଜରିମାନା, ଗ୍ରାହକଙ୍କ ମାନସିକ ଅବସାଦ ପାଇଁ ୧୦ ହଜାର ଓ ମାମଲା ପରିଚାଳନା ଖର୍ଚ୍ଚ ପାଇଁ ୩ ହଜାର ଟଙ୍କା ଫାଇନ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଗ୍ରାହକମାନେ ଏଭଳି ବିଷୟରେ ସଚେତନ ରହିବାକୁ ବଲାଙ୍ଗୀର ଜିଲା ଖାଉଟି ଅଦାଲତ ସଦସ୍ୟା ଜ୍ୟୋତ୍ସ୍ନା ମିଶ୍ର ଅନୁରୋଧ କରିଛନ୍ତି।

# ଆଜିଠୁ ୪ଦିନିଆ ଓଡ଼ିଶା ଗସ୍ତରେ ରାଷ୍ଟ୍ରପତି

ଭୁବନେଶ୍ୱର,୫।୭(ସତ୍ୟଜିତ୍ ରାଉତ)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶନିବାରଠାରୁ ୪ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ମଙ୍ଗଳବାର ପର୍ଯ୍ୟନ୍ତ ସେ ଭୁବନେଶ୍ୱର ଓ ପୁରୀର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ। ତେବେ ରାଜଧାନୀରେ ରାଷ୍ଟ୍ରପତିଙ୍କ ସମସ୍ତ ଗସ୍ତ କାର୍ଯ୍ୟକ୍ରମର ସୁରକ୍ଷା ପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଏ ସମ୍ପର୍କରେ ସୂଚନା ଦେଇ ପୋଲିସ କମିଶନର ସଞ୍ଜୀବ ପଣ୍ଡା କହିଛନ୍ତି, ଶୁକ୍ରବାର ଅପରାହ୍ନରେ କାର୍‌କେଡ୍ ରିହର୍ସାଲ କରାଯାଇଥିବାବେଳେ ବ୍ଲୁ ବୁକ୍ ଅନୁଯାୟୀ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ରାଷ୍ଟ୍ରପତି ଶନିବାର ସନ୍ଧ୍ୟାରେ ବିମାନବନ୍ଦରରେ ପହଞ୍ଚିବା ପରେ ସିଧାସଳଖ ଭୁବନେଶ୍ୱର ସୂଚନାଭବନ ଯାଇ ପୁଣ୍ୟାତ୍ମା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୬ତମ ଶ୍ରାଦ୍ଧବାର୍ଷିକୀରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ୭ ତାରିଖରେ ପୁରୀ ଯାଇ ରଥଯାତ୍ରାରେ

## କମିଶନରେଟ୍ ପୋଲିସ ପକ୍ଷରୁ କାର୍‌କେଡ୍ ରିହର୍ସାଲ୍


ଦ୍ରୌପଦୀ ମୁର୍ମୁ

ଯୋଗଦେବା ସହ ରାଜଭବନରେ ରାତ୍ରଯାପନ କରବେ। ୮ ତାରିଖ ସକାଳେ ଖଣ୍ଡଗିରି ଓ ଉଦୟଗିରି ପରିଦର୍ଶନ କରିବା ସହିତ ଅପରାହ୍ନରେ ଅନ୍ଧାରୁଆରେ ବ୍ରହ୍ମାକୁମାରୀ ଅନୁଷ୍ଠାନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ଡିଭାଇନ ରିଟ୍ରିଟ୍ ସେଣ୍ଟର ଉଦ୍‌ଘାଟନ କରିବେ। ୯ ତାରିଖରେ ଜଟଣୀ ନାଇଜର କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଯୋଗଦେବେ।

# ଘାଟିରେ ବସ୍ ଓଲଟି ୯ ପର୍ଯ୍ୟଟକ ଆହତ

ଭଞ୍ଜନଗର,୫।୭(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ସୋରଡ଼ା ଖୁଣ୍ଟେଶ୍ୱରୀ ପାହାଡ଼ ଉପରେ ଥିବା ମନ୍ଦିରକୁ ଦର୍ଶନ କରିବାକୁ ଯାଇ ଫେରୁଥିବା ସମୟରେ ଏକ ପର୍ଯ୍ୟଟକ ଗାଡ଼ି ଶୁକ୍ରବାର ଅପରାହ୍ନରେ ଓଲଟି ପଡ଼ିଛି। ଏଥିରେ ପଶ୍ଚିମବଙ୍ଗ ନଦିଆ ଜିଲାର ୯ ପର୍ଯ୍ୟଟକ ଆହତ ହୋଇଛନ୍ତି। ଆହତମାନଙ୍କୁ ପ୍ରଥମେ ସୋରଡ଼ା ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ପରେ ସେମାନଙ୍କୁ ଅଧିକ ଚିକିତ୍ସା ଲାଗି ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଛି। ଆହତମାନେ ହେଲେ ରବୀନ୍ଦ୍ର ନାଥ ଘୋଷ (୫୦), ସନତ ଘୋଷ (୪୫), ସୁମନ ଘୋଷ



(୨୩), ପ୍ରଶାନ୍ତ କର୍ମକାର (୫୦), ରିତମ ଘୋଷ(୧୫), ପ୍ରଣାଇ କର୍ମକାର (୧୨), ମୋନାଲିସା ଘୋଷ (୩୨), ସମ୍ପତ କର୍ମକାର (୩୯), କୁଚୁଲୁ କର୍ମକାର (୧୯)। ସୋରଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ପ୍ରକାଶ ଯେ, ପଶ୍ଚିମବଙ୍ଗରୁ ୧୨ ଜଣ ପର୍ଯ୍ୟଟକ ଦାରିଙ୍ଗବାଡି ଅଭିମୁଖେ ଆସିଥିଲେ। ସେମାନେ ଟ୍ରେନ ଯୋଗେ ବ୍ରହ୍ମପୁର ପର୍ଯ୍ୟନ୍ତ ଆସି ସେଠାରେ ଏକ ଟ୍ରାଭେଲର ଗାଡ଼ି ଯୋଗେ ଦାରିଙ୍ଗବାଡି ଅଭିମୁଖେ ବାହାରିଥିଲେ। ଶୁକ୍ରବାର ଅପରାହ୍ନରେ ସେମାନେ ସୋରଡ଼ାରେ ପହଞ୍ଚିବା ପରେ ଖୁଣ୍ଟେଶ୍ୱରୀ ମନ୍ଦିର ଦର୍ଶନ କରିବାକୁ ଯାଇଥିଲେ। ମନ୍ଦିର ଦର୍ଶନ ସାରି ଫେରିବା ବେଳେ ପାହାଡ଼ ଉପରେ ଚାଳକ ଗାଡ଼ିରୁ ନିୟନ୍ତ୍ରଣ ହରାଇଥିଲେ। ଫଳରେ ଗାଡିଟି ଓଲଟି ପଡ଼ିଥିଲା। ଖବରପାଇ ସୋରଡ଼ା ଦମକଳ ବାହିନୀ ଏବଂ ସ୍ୱେଚ୍ଛାସେବୀ ଜଗଦୀଶ ରାଜୁ, ପ୍ରମୋଦ ଅଧିକାରୀ, ଦିପୁ ଗୌଡ, ବାବୁଲ ବେଗ, ଶୟଦ ନୁନୁ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରିଥିଲେ।



# ଯୋଗୀଙ୍କ ସଙ୍କେତ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ସବୁ କଳ୍ପନାଜଳ୍ପନାର ଅନ୍ତ ଘଟାଇ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ରାଜ୍ୟର ନୂତନ ମୁଖ୍ୟ ଶାସନ ସଚିବ ଭାବରେ ମନୋଜ କୁମାର ସିଂଙ୍କୁ ନିଯୁକ୍ତ କରିଛନ୍ତି। ସେ ଦୁର୍ଗା ଶଙ୍କର ମିଶ୍ରଙ୍କଠାରୁ ଦାୟିତ୍ୱ ନେଇଛନ୍ତି, ଯାହାଙ୍କ କାର୍ଯ୍ୟକାଳକୁ ଜୁନ୍ ୩୦ ପରେ ଆଉ ଚତୁର୍ଥ ଥର ବୃଦ୍ଧିକୁ ସ୍ୱୀକୃତି ଦିଆଯାଇ ନ ଥିଲା। କିନ୍ତୁ ମିଶ୍ରଙ୍କ କାର୍ଯ୍ୟକାଳ ପୁଣି ଥରେ ବୃଦ୍ଧି କରାଯିବାର ସମ୍ଭାବନାକୁ ନେଇ ଲକ୍ଷ୍ନୌରେ କିଛି ଦିନ ପାଇଁ କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। ବିଶେଷ ସୂତ୍ରରୁ ପ୍ରକାଶ ଯେ, ରାଜ୍ୟ ସରକାର ଜୁନ୍ ୩୦ ପରେ ମିଶ୍ରଙ୍କ କାର୍ଯ୍ୟକାଳ ବୃଦ୍ଧି କରିବା ଲାଗି କେନ୍ଦ୍ରକୁ ଏକ ପ୍ରସ୍ତାବ ପଠାଇଥିଲେ। ତେବେ ରାଇସିନା ହିଲ୍‌ରେ ଏଭଳି କୌଣସି ପ୍ରସ୍ତାବ ପହଞ୍ଚିନାହିଁ ବୋଲି କେନ୍ଦ୍ର ସୂଚିତ କରିଥିଲା। ଉଲ୍ଲେଖଯୋଗ୍ୟ, ଜୁନ୍ ମଧ୍ୟଭାଗରେ ମିଶ୍ର କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ସହ ସାକ୍ଷାତ୍ କରିବାବେଳେ ଉତ୍ତରପ୍ରଦେଶର ଜଣେ ପୂର୍ବତନ କେନ୍ଦ୍ର ସଚିବ ସୂଚିତ କରିଥିଲେ ଯେ, ଉତ୍ତରପ୍ରଦେଶର ମୁଖ୍ୟ ଶାସନ ସଚିବ ଭାବରେ ଏହା ତାଙ୍କର ଶେଷ କାର୍ଯ୍ୟକାଳ। ଏହା ନିଶ୍ଚିତ ଯେ, ୨୦୨୪ ଲୋକ ସଭା ନିର୍ବାଚନରେ ଶାସକ ଦଳର ଖରାପ ଫଳାଫଳ ପ୍ରଦର୍ଶନ ପରେ ଉତ୍ତରପ୍ରଦେଶ ରାଜନୈତିକ ଦୃଶ୍ୟପଟ ଅଧିକ ଅସ୍ଥିର ହାଇପଡ଼ିଛି। ଅମିତ ଶାହାଙ୍କ ସହ ମିଶ୍ରଙ୍କ ଅପ୍ରତ୍ୟାଶିତ ବୈଠକ ପରେ ମିଶ୍ରଙ୍କ କାର୍ଯ୍ୟକାଳ ଆଉ ଥରେ ବୃଦ୍ଧି ହେବ ଏବଂ ସେ ମୁଖ୍ୟ ଶାସନ ସଚିବ ଭାବରେ ରହିବେ ବୋଲି ଗୁଜବ ସୃଷ୍ଟି କରିଥିଲା। ତାହା ହେଲା ନାହିଁ। କିନ୍ତୁ ମନୋଜ ସିଂଙ୍କ ନିଯୁକ୍ତିକୁ ନେଇ ଯୋଗୀ କେନ୍ଦ୍ରକୁ ସଙ୍କେତ ଦେଇଛନ୍ତି ଯେ, ସେ ନିଜସ୍ୱ ଢଙ୍ଗରେ ସରକାର ଚଳାଇବେ।

### ଅଭିଜ୍ଞ ବାବୁ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କ୍ୟାବିନେଟରେ ନୂଆ ଚେହେରାଙ୍କୁ ଆଣିବାବେଳେ ପୁରୁଣା ଟିମ୍‌ରୁ କେତେଜଣଙ୍କୁ ରଖିବାର ନିଷ୍ପତ୍ତି ନିରନ୍ତରତା ଏବଂ ସ୍ଥିରତାକୁ ପ୍ରତିପାଦିତ କରୁଛି। ଏହା କ୍ୟାବିନେଟର ଗଠନ ଏବଂ ନିକଟରେ ସରକାରଙ୍କ ପସନ୍ଦରୁ ଦେଖିବାକୁ ମିଳିପାରିବ। ଗୋଟିଏ ବଡ଼ ପଦକ୍ଷେପ ହେଉଛି ଇଣ୍ଟେଲିଜେନ୍ସ ବ୍ୟୁରୋ (ଆଇବି)ର ନିର୍ଦ୍ଦେଶକ ଭାବରେ ୩୦ ଜୁନ୍, ୨୦୨୪ଠାରୁ ଆଉ ଏକ ବର୍ଷ ପାଇଁ ତପନ କୁମାର ଡେକାଙ୍କ କାର୍ଯ୍ୟକାଳ ବୃଦ୍ଧି କରିବା। ଏହା ଦର୍ଶାଏ ଯେ, ଏନ୍‌ଡିଏ ପ୍ରଶାସନ ପ୍ରକୃତରେ ମୋଦିଙ୍କ ନେତୃତ୍ୱ ଏବଂ ଅଭିଜ୍ଞତା ଉପରେ ବିଶ୍ୱାସ କରେ। ଏହାକୁ ସଫଳ କରିବା ପାଇଁ ସରକାର କିଛି ନିୟମକୁ ମଧ୍ୟ କୋହଳ କରିଦେଇଛନ୍ତି, ଯାହା କିଛି ମହଲରେ ଚିନ୍ତା ବଢ଼ାଇଦେଇପାରେ। କିନ୍ତୁ ଜାତୀୟ ସୁରକ୍ଷାକୁ ଅତ୍ୟଧିକ ପ୍ରାଥମିକତା ଦିଆଯାଉଥିବାରୁ ଏହା ଉପରେ ଅଧିକ ପ୍ରଶ୍ନ ଉଠିବ ନାହିଁ। ଆଉ ଏକ ସମାନ ପଦକ୍ଷେପ କ୍ରମେ ଜାତୀୟ ମାନବ ଅଧିକାର ଆୟୋଗ (ଏନ୍‌ଏଚ୍‌ଆର୍‌ସି) ସେକ୍ରେଟାରି ଜେନେରାଲ ଭାବରେ ଭାରତ ଲାଲ୍‌ଙ୍କ କାର୍ଯ୍ୟକାଳ ବୃଦ୍ଧି କରାଯାଇଛି। ୩୦ ଜୁନ୍, ୨୦୨୪ଠାରୁ ଲାଲ୍‌ଙ୍କ କାର୍ଯ୍ୟକାଳ ବୃଦ୍ଧି ନିଶ୍ଚିତ କରେ ଯେ, ତାଙ୍କର ବ୍ୟାପକ ଅଭିଜ୍ଞତା ଏବଂ ଉତ୍ସର୍ଗୀକୃତ କାର୍ଯ୍ୟରୁ ଏନ୍‌ଏଚ୍‌ଆର୍‌ସି ଲାଭବାନ୍ ହେଉଛି। ଏହିସବୁ କାର୍ଯ୍ୟକାଳ ବୃଦ୍ଧି ଅଭିଜ୍ଞ ବାବୁମାନଙ୍କ ମହତ୍ତ୍ୱକୁ ଦର୍ଶାଇଛି, ଯେଉଁମାନେ ସେମାନଙ୍କର ସାମର୍ଥ୍ୟ ପ୍ରମାଣ କରିଛନ୍ତି ଏବଂ ମୋଦିଙ୍କ ବିଶ୍ୱସ୍ତ ହୋଇପାରିଛନ୍ତି। ଏନ୍‌ଡିଏ ସରକାର ସ୍ଥିରତା ଏବଂ କାର୍ଯ୍ୟ କରୁଥିବା ନୀତିଗୁଡ଼ିକ ସହିତ ଜଡ଼ିତ ଥିବାପରି ମନେହୁଏ। ଅଭିଜ୍ଞ ନେତାମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ରଖିବା ଏକ ସରଳ ପରିବର୍ତ୍ତନ ଏବଂ ନିରନ୍ତର ଅଗ୍ରଗତି ନିଶ୍ଚିତ କରିବାକୁ ଲକ୍ଷ୍ୟ ରଖିଛି।

### ଜମି ଜବରଦଖଲ

ନିକଟରେ ଆଇଏଏସ୍ ଅଧିକାରୀ ରୋହିଣୀ ସିନ୍ଧୁରୀ ଏବଂ ତାଙ୍କ ପରିବାର ବିରୋଧରେ ଲୋକପ୍ରିୟ ଗାୟକ ଲକି ଅଲି ଆଣିଥିବା ଅଭିଯୋଗ ଏକ ଝଡ଼ ସୃଷ୍ଟି କରିଛି। ଅଲି ଦାବି କରିଛନ୍ତି ଯେ, ସିନ୍ଧୁରୀ ସମେତ ପରିବାର ସରକାରୀ ସମ୍ବଳର ଅପବ୍ୟବହାର କରି ୟେଲାହଙ୍କାର କାଞ୍ଚେନାହଲ୍ଲୀ ଅଞ୍ଚଳରେ ତାଙ୍କ ଚାଷ ଜମି ଛଡ଼ାଇ ନେଇଛନ୍ତି। ଅଲି ମଧ୍ୟ କର୍ନାଟକ ଲୋକାୟୁକ୍ତ ପୋଲିସ ନିକଟରେ ଅଭିଯୋଗ କରିଛନ୍ତି ଯେ, ସିନ୍ଧୁରୀ ଓ ସ୍ୱାମୀ ସୁଧୀର ରେଡ୍ଡୀ ଏବଂ ତାଙ୍କ ଶାଳକ ମଧୁସୂଦନ ରେଡ୍ଡୀ ଜମିକୁ ବେଆଇନ ଭାବେ ଜବରଦଖଲ କରିଛନ୍ତି। ସୂତ୍ରରୁ ପ୍ରକାଶ ଯେ ଅଲି ପ୍ରଥମ ଥର ପାଇଁ ଏହି ପ୍ରସଙ୍ଗ ଉଠାଇ ନାହାନ୍ତି। କିଛି ବର୍ଷ ପୂର୍ବେ ସେ ସିନ୍ଧୁରୀଙ୍କ ପକ୍ଷ ନେଇଥିବା ସ୍ଥାନୀୟ ପୋଲିସଙ୍କ ବିରୋଧରେ ଅଭିଯୋଗ କରିଥିଲେ ଏବଂ ସେଠାରେ ଏକ 'ଜମି ମାଫିଆ' ଷଡ଼ଯନ୍ତ୍ର ଚାଲିଥିବା ଦର୍ଶାଇ ଉଚ୍ଚ ପଦାଧିକାରୀଙ୍କୁ ପଦକ୍ଷେପ ନେବାକୁ ଜଣାଇଥିଲେ। ଏହି ଘଟଣା କେବଳ ଜମି ଜବରଦଖଲକୁ ନୁହେଁ, ବରଂ କ୍ଷମତା ଏବଂ ସରକାରୀ କର୍ମଚାରୀଙ୍କ ସଚ୍ଚୋଟତାର ଅପବ୍ୟବହାରକୁ ଦର୍ଶାଏ। ଯଦି ଅଲିଙ୍କ ଅଭିଯୋଗ ସତ୍ୟ, ତେବେ ଜଣେ ବରିଷ୍ଠ ଆଇଏଏସ୍ ଅଧିକାରୀ ତାଙ୍କ ପଦବୀକୁ ବ୍ୟକ୍ତିଗତ ଲାଭ ପାଇଁ ବ୍ୟବହାର କରିବା ପଦ ଓ କର୍ତ୍ତବ୍ୟର ଏକ ପ୍ରମୁଖ ଉଲ୍ଲଂଘନ। ସ୍ଥାନୀୟ ପୋଲିସର ସମ୍ପୃକ୍ତିକୁ ନେଇ ହୋଇଥିବା ଅଭିଯୋଗ ଘଟଣାକୁ ଆହୁରି ଅଡୁଆ କରିଦେଇଛି। ଏହାପୂର୍ବରୁ ଆଇପିଏସ୍ ଅଧିକାରୀ ଡି. ରୁପାଙ୍କ ସହ ସିନ୍ଧୁରୀଙ୍କ ବିବାଦ ଉପୁଜିଥିଲା, ଯେଉଁଥିରେ ଉଭୟ ଅଧିକାରୀଙ୍କୁ ସେମାନଙ୍କ ପଦରୁ ହଟାଇ ଦିଆଯାଇଥିଲା। ଅତୀତର ଏହି ଘଟଣା ବର୍ତ୍ତମାନର ଅଭିଯୋଗକୁ ଅଧିକ ଜଟିଳ କରିଦେଇଛି ଏବଂ ତାଙ୍କ କାର୍ଯ୍ୟକଳାପକୁ ଅତି ନିକଟରୁ ସମୀକ୍ଷା କରିବାର ଆବଶ୍ୟକତାକୁ ଦର୍ଶାଇଛି।

Email: dilipcherian@gmail.com

# ଏମ୍‌ଏସ୍‌ପି ଓ ଅନ୍ନଦାତା



ଭାଲଚନ୍ଦ୍ର ଷଡ଼ଙ୍ଗୀ

ନିକଟରେ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆଗାମୀ ଖରିଫ ଋତୁ ପାଇଁ ବିଭିନ୍ନ ଫସଲର ସର୍ବନିମ୍ନ ସହାୟକ ଦର(ଏମ୍‌ଏସ୍‌ପି) ଘୋଷଣା କରାଯାଇଛି। ସରକାର ସାମ୍ବାଦିକ ସମ୍ମିଳନୀ ଜରିଆରେ ଏହି ଘୋଷଣା କରିବା ସହିତ ନୂତନ ଦରକୁ ଫସଲର ଉତ୍ପାଦନ ଖର୍ଚ୍ଚର ୧.୫ ଗୁଣ ବୋଲି ଦାବି କରିଛନ୍ତି। ତେବେ ବାସ୍ତବତା ହେଲା, ସରକାର ବିଭିନ୍ନ ଫସଲର ଯେଉଁ ଉତ୍ପାଦନ ଖର୍ଚ୍ଚକୁ ହିସାବ କରିଛନ୍ତି, ତାହା ଡ. ଏମ୍. ଏସ୍. ସ୍ୱାମୀନାଥନ୍ କମିଶନଙ୍କ ସୁପାରିସ ଅନୁଯାୟୀ ହେବା ପରିବର୍ତ୍ତେ ପୁରୁଣା ହିସାବରେ କରାଯାଇଛି, ଯାହାକି ଫସଲର ପ୍ରକୃତ ଉତ୍ପାଦନ ଖର୍ଚ୍ଚଠାରୁ ବହୁତ କମ୍ ରହିଛି।

ଦେଶର କୃଷକ ସଙ୍ଗଠନମାନେ ସ୍ୱାମୀନାଥନ୍ କମିଶନଙ୍କ ସୁପାରିସ ଅନୁଯାୟୀ ସେମାନଙ୍କ ଉତ୍ପାଦିତ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ଧାର୍ଯ୍ୟ କରିବା ତଥା ଏମ୍‌ଏସ୍‌ପିକୁ ନିଶ୍ଚିତ କରିବା ପାଇଁ ଆଇନଗତ ଗ୍ୟାରେଣ୍ଟି ପ୍ରଦାନ କରିବା ଲାଗି ଲଗାତର ଦାବି କରି ଆସିଛନ୍ତି। ଅତୀତରେ ଦିଲ୍ଲୀ ସୀମାନ୍ତରେ ସଂଯୁକ୍ତ କିଷାନ ମୋର୍ଚ୍ଚା ନେତୃତ୍ୱରେ ସଂଗଠିତ ଐତିହାସିକ କୃଷକ ଆନ୍ଦୋଳନର ଏହା ଅନ୍ୟତମ ମୁଖ୍ୟ ଦାବି ରହିଥିଲା। ଏପରି କି ଭାଜପା ୨୦୧୪ ରେ କ୍ଷମତାକୁ ଆସିବା ପୂର୍ବରୁ ସ୍ୱାମୀନାଥନ୍‌ଙ୍କ ସୂତ୍ରରେ କୃଷକଙ୍କ ଫସଲର ଉତ୍ପାଦନ ଖର୍ଚ୍ଚର ଦେଢ଼ ଗୁଣ ଏମ୍‌ଏସ୍‌ପି ଆକାରରେ ଦେବ ବୋଲି ନିଜର ଇସ୍ତାହାରରେ ଘୋଷଣା କରିଥିଲା। କିନ୍ତୁ ଗତ ଦଶବର୍ଷର ଶାସନ କାଳରେ କୃଷକଙ୍କ ଦାବି ମୁତାବକ ଏମ୍‌ଏସ୍‌ପିକୁ ଆଇନଗତ ମାନ୍ୟତା ଦିଆଯାଇନାହିଁ। ଅତଏବ ଘୋଷଣା କରାଯାଇଥିବା ଫସଲର ଏମ୍‌ଏସ୍‌ପିକୁ ଉତ୍ପାଦନ ଖର୍ଚ୍ଚର ଦେଢ଼ ଗୁଣ ବୋଲି ଯାହା ଦାବି କରାଯାଇଛି, ତାହା ସ୍ୱାମୀନାଥନ୍ କମିଶନଙ୍କ ସୂତ୍ର ଅନୁସାରେ ଆଦୌ ନୁହେଁ।

ଉଲ୍ଲେଖଯୋଗ୍ୟ ଯେ କେନ୍ଦ୍ର ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ବିଭାଗ ଦ୍ୱାରା ଗଠିତ 'କମିଶନ୍ ଫର୍ ଏଗ୍ରିକଲଚର୍ କଷ୍ଟ ଏଣ୍ଡ ପ୍ରାଇସ୍' (ସିଏସିପି)ର ସୁପାରିସ ଅନୁଯାୟୀ କେନ୍ଦ୍ର ସରକାର ପ୍ରତିବର୍ଷ ଖରିଫ ଓ ରବି ଋତୁ ପୂର୍ବରୁ ବିଭିନ୍ନ ଫସଲର ଦୁଇଥର ଏମ୍‌ଏସ୍‌ପି ଘୋଷଣା କରିଥାନ୍ତି। ସାଧାରଣତଃ ଫସଲର ଉତ୍ପାଦନ ଖର୍ଚ୍ଚକୁ ହିସାବ କରି ତା' ସହିତ ୫୦% ଲାଭକୁ ଯୋଡ଼ି ଏମ୍‌ଏସ୍‌ପି ଧାର୍ଯ୍ୟ କରାଯାଇଥାଏ। ଏମ୍‌ଏସ୍‌ପି ଧାର୍ଯ୍ୟ କରିବାର ତିନୋଟି ପଦ୍ଧତି ବା ଫର୍ମୁଲା ରହିଛି। ପ୍ରଥମଟି ହେଉଛି A2 ଅର୍ଥାତ୍ ଫସଲ ପାଇଁ ଆବଶ୍ୟକ ବିହନ, ସାର, କୀଟନାଶକ, କୃଷି ଶ୍ରମିକଙ୍କ ମଜୁରି ଓ ଜଳସେଚନ ପରି ଆନୁଷଙ୍ଗିକ ସମସ୍ତ ଖର୍ଚ୍ଚ ବା ଲଗୁତି ବାବଦରେ ହେଉଥିବା ସମସ୍ତ ବ୍ୟୟ ଏବଂ ତା' ଉପରେ ୫୦% ଲାଭ ଯାହାକୁ (A2 + ୫୦%) କୁହାଯାଏ। ଦ୍ୱିତୀୟଟି ହେଉଛି (A2 +FL)। ଅର୍ଥାତ୍ ଫସଲର ଲଗୁତି ସହିତ କୃଷିରେ ନିୟୋଜିତ କୃଷକର ପରିବାରର



ସଦସ୍ୟଙ୍କ ଶ୍ରମର ମୂଲ୍ୟ (Family Labour)କୁ ମିଶାଇ (ଯାହାକୁ A2 + FL କୁହାଯାଏ), ତା'ରି ଉପରେ ୫୦% ଲାଭ ଅର୍ଥାତ୍ (A2 + FL+୫୦%) ଏବଂ ତୃତୀୟଟି ହେଲା, A2 +FL ସହିତ ଜମିର ଭଡ଼ା (ଖଜଣା କିମ୍ବା ଭାଗଚାଷ ବାବଦରେ ଦେୟ) ଏବଂ କୃଷି ପାଇଁ ନିଆଯାଇଥିବା ଋଣର ସୁଧକୁ ମିଶାଇ ବ୍ୟୟ (ଯାହାକୁ C2 କୁହାଯାଏ), ତା'ରି ଉପରେ ୫୦% ଅର୍ଥାତ୍ C2 + ୫୦%। ସ୍ୱାମୀନାଥନ୍ କମିଶନ ମଧ୍ୟ ତାଙ୍କ ରିପୋର୍ଟରେ ଉପରୋକ୍ତ ତିନୋଟି ପଦ୍ଧତି ମଧ୍ୟରୁ C2 + ୫୦%କୁ ହିଁ ସବୁଠାରୁ ଉପଯୁକ୍ତ ବୋଲି କହି ତାହାରି ଆଧାରରେ ଫସଲର ଏମ୍‌ଏସ୍‌ପି ଘୋଷଣା କରିବାକୁ ସୁପାରିସ କରିଛନ୍ତି। ଅତୀତରେ ଖୋଦ୍ ସିଏସିପି ଓ ନଅଟି ରାଜ୍ୟର ସରକାରମାନେ ମଧ୍ୟ ଏହି ଫର୍ମୁଲାରେ ଏମ୍‌ଏସ୍‌ପି ଧାର୍ଯ୍ୟ କରିବାକୁ କେନ୍ଦ୍ର ସରକାରଙ୍କ ପାଖରେ ଦାବି କରିଥିଲେ। କିନ୍ତୁ ପରିତାପର ବିଷୟ ସରକାର ଏଥର ମଧ୍ୟ ପୂର୍ବଥରଗୁଡ଼ିକ ଭଳି C2 + ୫୦% ବଦଳରେ A2 + FL+୫୦% ହାରରେ ହିଁ ଏମ୍‌ଏସ୍‌ପି ଧାର୍ଯ୍ୟ କରିଛନ୍ତି, ଯାହାକି କୃଷକମାନଙ୍କ ପ୍ରକୃତ ଉତ୍ପାଦନ ଖର୍ଚ୍ଚ ଉପରେ ଆଧାରିତ ନୁହେଁ। କେବଳ ସେତିକି ନୁହେଁ, ଏମ୍‌ଏସ୍‌ପିର ଏହି ବୃଦ୍ଧି ହାର ବଜାର ଦରର ବୃଦ୍ଧିହାରଠାରୁ ବେଶି ନୁହେଁ। ଜିନିଷପତ୍ରର ବାର୍ଷିକ ଖୁଚୁରା ଦରବୃଦ୍ଧିର ହାର ୫% ଏବଂ ଖାଦ୍ୟଦ୍ରବ୍ୟର ବାର୍ଷିକ ବୃଦ୍ଧି ହାର ୭.୯% ଏବଂ ପନିପରିବାର ବାର୍ଷିକ ଦରବୃଦ୍ଧି ହାର ୧୦%ରୁ ଅଧିକ ରହିଥିବା ବେଳେ ଏମ୍‌ଏସ୍‌ପିର ଦରବୃଦ୍ଧିର ହାର ଗତବର୍ଷ ତୁଳନାରେ ୫-୭% ମଧ୍ୟରେ ରହିଛି।

ସରକାର ଧାନର ଏମ୍‌ଏସ୍‌ପିକୁ କୁଇଣ୍ଟାଲ ପିଛା ୨୩୦୦ ଟଙ୍କା ଘୋଷଣା କରିଛନ୍ତି। ଦେଶର ବିଭିନ୍ନ କୃଷି ବିଶ୍ୱବିଦ୍ୟାଳୟ ପକ୍ଷରୁ ହୋଇଥିବା ଅଧ୍ୟୟନ ହିସାବରେ ଏହା ଧାନର କୁଇଣ୍ଟାଲ ପିଛା ଉତ୍ପାଦନ ଖର୍ଚ୍ଚର ପାଖାପାଖି। ଏପରିକି ୨୦୨୩-୨୪ରେ ସିଏସିପି ପକ୍ଷରୁ ଧାନର C2 ଖର୍ଚ୍ଚ ୧୯୧୧ ଟଙ୍କା ହୋଇଥିବାରୁ ସେଥିରେ ଯଦି ବାର୍ଷିକ ୭% ଦରବୃଦ୍ଧି ହାରରେ ୨୦୪୪ ଟଙ୍କା ହେବ। ଯଦି ଉପରୋକ୍ତ ଉତ୍ପାଦନ ଖର୍ଚ୍ଚର ଦେଢ଼ଗୁଣକୁ ଏମ୍‌ଏସ୍‌ପି ବୋଲି ଧରାଯିବ ତା'ହେଲେ, ଏହା ୩୦୬୬ ଟଙ୍କା ହେବା କଥା। ଅତଏବ ଧାନର ଏମ୍‌ଏସ୍‌ପିକୁ ୨୩୦୦ ଟଙ୍କା ଘୋଷଣା କରି ସରକାର କୃଷକମାନଙ୍କୁ କୁଇଣ୍ଟାଲ ପିଛା ୭୬୬ ଟଙ୍କା କମ୍ ଦେଉଛନ୍ତି ବୋଲି କୁହାଯାଇପାରେ। ଏପରି କି ଭାଜପା ସରକାର ଛତିଶଗଡ଼ରେ କୁଇଣ୍ଟାଲ ପିଛା ଧାନକୁ ୩୧୦୦ ଟଙ୍କାରେ କିଣୁଥିବା ବେଳେ ଓଡ଼ିଶାରେ ୩୧୦୦ ଟଙ୍କାରେ କିଣିବାକୁ ନିର୍ବାଚନ ସମୟରେ ପ୍ରତିଶ୍ରୁତି ଦେଇଛନ୍ତି। ଏଠାରେ ପ୍ରଶ୍ନ ଉଠେ, ଯଦି ଓଡ଼ିଶା ଓ ଛତିଶଗଡ଼ରେ ସରକାର ଧାନ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ଦିଆଯାଇପାରୁଛି ତା'ହେଲେ କେନ୍ଦ୍ର ସରକାର ସାରା ଦେଶରେ କୃଷକମାନଙ୍କ ଧାନକୁ ସେହି ଦରରେ ଏମ୍‌ଏସ୍‌ପି ଦେଇ କିଣିବାର ବ୍ୟବସ୍ଥା କରୁନାହିଁ କାହିଁକି?

ଧାନ ବ୍ୟତୀତ ସରକାର ବାଜରା ଦରରେ ୧୨୫ ଟଙ୍କା (୪.୭୬%) ବୃଦ୍ଧି କରି ୨୬୨୫ ଟଙ୍କା କରିଛନ୍ତି, ଯାହାକି ପ୍ରକୃତ ଏମ୍‌ଏସ୍‌ପି (୨୯୦୪ ଟଙ୍କା) ତୁଳନାରେ ୨୭୯ ଟଙ୍କା କମ୍। ମକାର ଏମ୍‌ଏସ୍‌ପିକୁ ଗତବର୍ଷ ତୁଳନାରେ ମାତ୍ର ୧୩୫ଟଙ୍କା (୬.୬) ବୃଦ୍ଧି କରି ୨,୨୨୫ ଟଙ୍କା କରିଛନ୍ତି। ଯଦି ଏହା ପ୍ରକୃତ ଉତ୍ପାଦନ ଖର୍ଚ୍ଚର ଆଧାରରେ ସ୍ଥିର କରାଯାଏ ତା'ହେଲେ ୨,୭୯୫ ଟଙ୍କା ହେବ, ଯାହାକି ୫୭୦ ଟଙ୍କା କମ୍। ହରଡ ଡାଲିର ଏମ୍‌ଏସ୍‌ପିରେ ମାତ୍ର ୫୫୦ ଟଙ୍କା (୭.୨୮%) ବଢ଼ାଇ ୭୫୫୦ ଟଙ୍କା କରାଯାଇଛି ଅଥଚ ପ୍ରକୃତ ଉତ୍ପାଦନ ଖର୍ଚ୍ଚର ଆଧାରରେ ଏହା ୯୭୫୬ ଟଙ୍କା ହେବା କଥା, ଯାହାକି ୨୨୦୬ ଟଙ୍କା କମ୍। ମୁଗ କୁଇଣ୍ଟାଲ ପିଛା ଏମ୍‌ଏସ୍‌ପିରେ ମାତ୍ର ୧.୪୨% ବଢ଼ାଇ ୮,୬୮୨ ଟଙ୍କା ଘୋଷଣା କରାଯାଇଛି। ଏହାର ପ୍ରକୃତ ଏମ୍‌ଏସ୍‌ପି ୧୦,୯୫୬ ଟଙ୍କା ହେଉଥିବା ଯୋଗୁ କୃଷକଙ୍କୁ କୁଇଣ୍ଟାଲ ପିଛା ୨,୨୭୪ ଟଙ୍କା କମ୍ ମିଳିବାକୁ ଯାଉଛି। ଏହା ବ୍ୟତୀତ ବିରି କୁଇଣ୍ଟାଲ ପିଛା ଏମ୍‌ଏସ୍‌ପି ୯୭୪୪ ଟଙ୍କା ହେଉଥିବା ବେଳେ ୨,୩୪୪ ଟଙ୍କା କମାଇ ୭,୪୦୦ ଟଙ୍କା, ଚିନାବାଦାମ କୁଇଣ୍ଟାଲ ପିଛା ଏମ୍‌ଏସ୍‌ପି ୮,୪୯୬ ଟଙ୍କା ହେଉଥିବା ବେଳେ ତାକୁ ୧,୭୧୩ ଟଙ୍କା କମାଇ ୬,୭୮୩ ଟଙ୍କା, ସୂର୍ଯ୍ୟମୁଖୀ କୁଇଣ୍ଟାଲ ପିଛା ଏମ୍‌ଏସ୍‌ପି ୯,୮୯୧ ଟଙ୍କା ହେଉଥିବା ବେଳେ ସେଥିରୁ ୨,୬୧୧ ଟଙ୍କା କମ୍ କରି ଅର୍ଥାତ୍ ୭,୨୮୦ ଟଙ୍କା, ସୋୟାବିନ୍ କୁଇଣ୍ଟାଲ ପିଛା ଏମ୍‌ଏସ୍‌ପି ୬୪୩୭ ଟଙ୍କା ହେଉଥିବା ବେଳେ ସେଥିରୁ ୧,୫୫୫ ଟଙ୍କା କମ୍ କରି ଅର୍ଥାତ୍ ୪,୮୯୨ ଟଙ୍କା ଏବଂ କପା ଫସଲର ବି କୁଇଣ୍ଟାଲ ପିଛା ଏମ୍‌ଏସ୍‌ପି ୯,୩୪୫ ଟଙ୍କା ହେଉଥିବା ବେଳେ ସେଥିରୁ ୨,୨୨୪ ଟଙ୍କା କମାଇ ୭,୧୨୧ ଟଙ୍କା ଘୋଷଣା କରାଯାଇଛି।

ଦେଶର କୃଷକ ବା ଅନ୍ନଦାତାମାନେ ନିଜ ଫସଲର କୌଣସି ଲାଭଜନକ ମୂଲ୍ୟ ମାଗୁନାହାନ୍ତି। ସେମାନେ କେବଳ ଫସଲର ଉପଯୁକ୍ତ ମୂଲ୍ୟ ମାଗୁଛନ୍ତି। କିନ୍ତୁ ସରକାର ପୁଣି ଥରେ ସେମାନଙ୍କୁ ଏମ୍‌ଏସ୍‌ପି ନାଁରେ ପ୍ରତାରିତ କରି ସଙ୍କଟ ଭିତରକୁ ଠେଲିଦେବା କଦାପି ଗ୍ରହଣ କରାଯାଇ ନ ପାରେ।

ମୋ: ୯୪୩୭୧୬୬୩୯୧

# ଅଣସର ଓ ପ୍ରାଚୀ ସଂସ୍କୃତି



ପୀତାମ୍ବର ରାଉତ

ମହାପ୍ରଭୁ ଶ୍ରୀ ଶ୍ରୀ ଜଗନ୍ନାଥ ଦାରୁଦେବତା କିନ୍ତୁ ଜୀବନ୍ତ ଠାକୁର। ଯେଉଁଥିପାଇଁ ଶ୍ରୀମନ୍ଦିରରେ ଅନୁଷ୍ଠିତ ହୋଇଥାଏ ଯାବତୀୟ ମାନବଲୀଳା। ବାରମାସରେ ତେର ପର୍ବ। ମାନବୀୟ ଲୀଳାର ନିଦର୍ଶନ ସ୍ୱରୂପ ଅଣସର ନୀତି ଏକ ସ୍ୱତନ୍ତ୍ର ନୀତି। ଜ୍ୟେଷ୍ଠମାସ ପୂର୍ଣ୍ଣମୀ ତିଥିରେ ମହାପ୍ରଭୁ ୧୦୮ ଗରା ଜଳରେ ସ୍ନାନ କରିଥାନ୍ତି। ତା' ପରେ ଗଜାନନ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇ ଅଣ ବାସରେ ରୁହନ୍ତି। ଅତ୍ୟଧିକ ସ୍ନାନ ଯୋଗୁ ମହାପ୍ରଭୁ ଅଣ୍ଡାଜ୍ୱରରେ ପୀଡ଼ିତ ହୋଇ ଅଣସର ବାସରେ ରହୁନ୍ତି। ଏହି ସମୟରେ ପ୍ରଭୁଙ୍କୁ ଅନ୍ନଭୋଜନ ବିଧିବ୍ୟବସ୍ଥା ବନ୍ଦ ରହିଥାଏ। ପଟିଦିଅଁ ରୂପେ ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି। ସାଧାରଣତଃ ଜ୍ୱର ସମୟରେ ମଣିଷ ଯେପରି ଔଷଧୀୟ ଉପଚାରରେ ରହିଥାନ୍ତି, ସେହିପରି ପ୍ରଭୁଙ୍କ ଲାଗି ଚେରମୂଳି ଔଷଧ ସେବନ କରାଇ ଦିଆଯାଇଥାଏ। ବର୍ଷକ ଆଗରୁ ପ୍ରସ୍ତୁତି ହୋଇଥିବା ଫୁଲୁରି ତେଲ ଚତୁର୍ଦ୍ଧା ବିଗ୍ରହଙ୍କ ଶ୍ରୀଅଙ୍ଗରେ ଦଇତାପତି ସେବାୟତମାନେ ମର୍ଦ୍ଦନ କରିଥାନ୍ତି। ଏହା ମଧ୍ୟ ଗୁପ୍ତ ଭାବରେ କରାଯାଇଥାଏ। ଏହି ସମୟରେ ମହାପ୍ରଭୁଙ୍କ ପାଖରେ ଫଳ, ଛେନା, ସର ଇତ୍ୟାଦି ଭୋଗ ଅର୍ପଣ କରାଯାଇଥାଏ।

ଜଗତକୁ ଧନ୍ୟ କରିଥିବା ମହାପ୍ରଭୁ ଶ୍ରୀଜଗନ୍ନାଥ ମଧ୍ୟ ଶାରୀରିକ କ୍ଲେଶ ଭୋଗିଥାନ୍ତି। ଏହା ତାଙ୍କର ଅଣସର ବାସ ସୂଚାଇଥାଏ। ଜନ୍ମ ମୃତ୍ୟୁର ପଞ୍ଜିକା ନିର୍ଦ୍ଧାରଣ କରୁଥିବା ଜଗତରନାଥ ବି ଶରୀର ତ୍ୟାଗ କରିଥାନ୍ତି, ଯାହାକୁ ଆମେ କହିଥାଉ ନବକଳେବର। ନୂତନ ଦାରୁବିଗ୍ରହ ନିର୍ମାଣ କରାଯାଇ ସେଥିରେ ବ୍ରହ୍ମସ୍ଥାପନ କରାହୁଏ ଏବଂ ପୁରୁଣା ବିଗ୍ରହକୁ କୋଇଲି ବୈକୁଣ୍ଠରେ ସମାଧିସ୍ଥ କରାଯାଇଥାଏ। ମାନବୀୟ ଲୀଳା ମହାପ୍ରଭୁଙ୍କ ସହିତ ଯୋଡ଼ିହୋଇ ରହିଛି।

ତତଃ ପଂଚଦଶାହାନି ସ୍ଥାପୟିତ୍ୱା ତୁ ମାଂ ନୃପ।
ବିରୂପ ମଭିରୂପଂ ବାନ ପଶ୍ୟେୟୁ
କଦାଚନ॥ ( ସ୍କ: ପୂ ୨୯/୨୮)

ସ୍କନ୍ଦ ପୁରାଣରେ ଏହା ସ୍ୱୟଂ ମହାପ୍ରଭୁ କହିଛନ୍ତି ସ୍ନାନ ମଣ୍ଡପରୁ ଠାକୁରମାନେ ଫେରିବା ପୂର୍ବରୁ ଅଣସର ପିଣ୍ଡିରେ ଚାନ୍ଦୁଆ ବନ୍ଧାଯାଏ ଓ କାଠର ଗୋଟିଏ ପ୍ରଭା ପ୍ରସ୍ତୁତ କରାଯାଏ। ସ୍ନାନବେଦିରୁ ଫେରି ଠାକୁରମାନେ ଏହି ଠାରେ ବିଜେ ହୁଅନ୍ତି, ଏହା ପରେ ଶ୍ରୀବିଗ୍ରହମାନଙ୍କ ଶ୍ରୀଅଙ୍ଗରେ ଲାଗି ହୋଇଥିବା ରାହୁରେଖା ଓ ଚିତାମାନ ବାହାର କରିଦିଆଯାଏ। ମାତ୍ର ତିନିଗୋଟି ଖଣ୍ଟୁଆ ଶ୍ରୀମୁଖରେ ଲାଗିହୁଏ। ଅଣସର ପିଣ୍ଡିର ଚାରିପଟେ ବାଉଁଶତାଟି ଘେରାଇ ଦିଆଯାଏ। କେବଳ ଧୁକୁଡି ଦ୍ୱାର ପାର୍ଶ୍ୱରେ ଚୋରାବାଟ ରହେ। ତାଟିବାଡ଼ର ବାହାରକୁ ଗୋଟିଏ ବଡ଼ ଖଟ ପକାଇ ଦିଆଯାଇ ଚତୁଃପାର୍ଶ୍ୱରେ ମାଟିର ବନ୍ଧ ଦିଆଯାଏ। ଦଇତାପତି ଓ ପତି ମହାପାତ୍ର ସେବକମାନେ ଅଣସର ଗୁପ୍ତସେବା କରିଥାନ୍ତି। ମହାଜନ ସେବକମାନେ ପଟିଦିଅଁ ସେବା କରିଥାନ୍ତି। ଯେଉଁ ମହାପ୍ରଭୁଙ୍କ ବିନା ସାରା ଜଗତ ଅନ୍ଧାର ଆଜି ସେହି ମହାପ୍ରଭୁ ଦିକ୍ ଦିକ୍ ଦୀପ ଆଲୋକରେ ଜ୍ୱର ପୀଡ଼ିତ ଅଛନ୍ତି। ତେଣୁ ମହାପ୍ରଭୁଙ୍କ ପାଇଁ ଓଡ଼ିଶାର କୋଣ ଅନୁକୋଣରେ ଥିବା କିଛି ମଠରୁ ଫଳଭାର ଆସିଥାଏ, ଯାହାକୁ ଅଣସର ଫଳଭାର କୁହାଯାଇଥାଏ। ପ୍ରାଚୀ ଉପତ୍ୟକାରେ ଗଢ଼ିଉଠିଥିବା ଅନେକ ମଠ,



ମନ୍ଦିରରୁ ଶ୍ରୀକ୍ଷେତ୍ର ଅଭିମୁଖେ ଫଳଭାର ଯାଇଥାଏ।

ପୁଣ୍ୟତୋୟା ପ୍ରାଚୀ ଉପତ୍ୟକାରେ ମାଧବ ଗ୍ରାମରେ ବିଜେ କରିଛନ୍ତି ଶ୍ରୀ ଶ୍ରୀ ଦୁର୍ଗାମାଧବ। ମହାପ୍ରଭୁ ଜଗନ୍ନାଥଙ୍କର ମାମୁଘର। ୧୨୨୬ ଖ୍ରୀଷ୍ଟାବ୍ଦରେ ନିର୍ମିତ ଏହି ପ୍ରାଚୀନ ମନ୍ଦିର ଜଗନ୍ନାଥଙ୍କ ରୀତିନୀତି ସହିତ ଜଡ଼ିତ ଥିଲା। ଯଦିଓ ଏହା ସମୟକ୍ରମେ ବନ୍ଦ ହୋଇଯାଇଥିଲା ପୁଣି ୫ବର୍ଷ ହେବ ପ୍ରାଚୀ କ୍ଷେତ୍ରରୁ ଶ୍ରୀକ୍ଷେତ୍ରକୁ ମାମୁ ଭଜଣାର ସମ୍ପର୍କ ଉଜ୍ଜୀବିତ ହୋଇଉଠିଛି। ପୋଡୁଆଁଷ୍ଟମୀ ଭାର ଓ ଅଣସର ଫଳଭାର ପ୍ରାଚୀ କ୍ଷେତ୍ର ମାଧବ ପୀଠରୁ ଶ୍ରୀମନ୍ଦିରକୁ ଯାଇଥାଏ, ସଂଖ୍ୟାଧିକ ଶ୍ରଦ୍ଧାଳୁ, ସେବାୟତମାନେ ଅଣସର ଭାର ଯାତ୍ରାରେ ସାମିଲ ହୋଇ କୃତାର୍ଥ ହୋଇଥାନ୍ତି। ଏ ବର୍ଷ ମଧ୍ୟ ପ୍ରାଚୀ କ୍ଷେତ୍ରରୁ ଶ୍ରୀକ୍ଷେତ୍ରକୁ ଅଣସର ଫଳଭାର ଶ୍ରଦ୍ଧା ଓ ସମର୍ପଣର ଭାବ ସହିତ ଯିବାର ସମସ୍ତ ପୂର୍ବପ୍ରସ୍ତୁତି ସରିଛି। ତା ୦୧।୦୭।୨୦୨୪ ରିଖରେ ମାଧବପୀଠରୁ ଶ୍ରୀକ୍ଷେତ୍ରକୁ ଅଣସର ଫଳଭାର ଯାଇଅଛି।

ମାଧବରୁ ନାଗେଶ୍ୱର, ତେଲିପାଟଣା, ଚନ୍ଦ୍ରମଉଳି, ରତନପୁର, ଚାରିଛକ, ଗୋପ, ଛଇତନା, ବାଲିଘାଇ ବାଟ ଦେଇ ଶ୍ରୀକ୍ଷେତ୍ରରେ ପହଞ୍ଚିବ।

ଅଣସର ଫଳଭାରରେ ଥିବା ସାମଗ୍ରୀମାନ କେବଳ ପ୍ରଭୁଙ୍କ ପ୍ରିୟ ଆମ୍ବ, ପଣସ, ନଡ଼ିଆ, ଡାଳିମ୍ବ, ପିଜୁଳି, ସପୁରି, ପାଚିଲା କଦଳୀ, କମଳା, ଅଙ୍ଗୁର, ସେଓ ରହିଛି। ଏହା ସହିତ ତୁଳସୀ, କର୍ପୂର ଓ ଶୁକ୍ଳ ସୁବାସ ଫୁଲ ମଧ୍ୟ ଯାଇଥାଏ। ଫଳଭାର ସହିତ ଶଙ୍ଖୁଆ, ସଂକୀର୍ତ୍ତନ ଦଳ, ଘଣ୍ଟୁଆମାନେ ସାମିଲ ହୋଇ ପ୍ରଭୁଙ୍କ ଜୟଜୟକାର କରି ଯାଇଥାନ୍ତି। ମହାପ୍ରଭୁ ଫଳପ୍ରିୟ। ଯେଉଁଥିପାଇଁ ତ୍ରେତୟା ଯୁଗରେ ଶ୍ରମଣା ଶବରୀଠାରୁ ଅଇଁଠା ଫଳଖାଇ ଏକ ହୃଦୟଛୁଆଁ ଉପାଖ୍ୟାନ ରଚିଯାଇଛନ୍ତି। ଦ୍ୱାପର ଯୁଗରେ ବାଳକୃଷ୍ଣ କୋଳିବିକାଠାରୁ କୋଳି ଖାଇଥିଲେ ଓ ତା'ର ଝୁଡ଼ିଟିକୁ ସୁବର୍ଣ୍ଣମଣ୍ଡନ କରିଦେଇଥିଲେ। ଭକ୍ତ ଦାସିଆ ହାତରୁ ଶ୍ରୀଫଳ ସ୍ୱୟଂ ନେଇକି ଏ କଳିଯୁଗରେ ଜଗନ୍ନାଥ ସଂସ୍କୃତିରେ ଅଭୁଲା କାହାଣୀ ଛାଡ଼ିଯାଇଛନ୍ତି। ଆଜି ତାଙ୍କ ମାମୁ ଘର ମାଧବ ପୀଠର ସ୍ୱତନ୍ତ୍ର ବିଧିବ୍ୟବସ୍ଥା ଓ ଶ୍ରଦ୍ଧାର ଏହି ଅଣସର ଫଳଭାର ନିଶ୍ଚୟ ଭିନ୍ନ ଏକ ଉପାଖ୍ୟାନ, ଏଥିରେ ସନ୍ଦେହର ଅବକାଶ ନାହିଁ।

ପ୍ରାଚୀ ତଟରେ ଏହି ପ୍ରସିଦ୍ଧ ମାଧବଙ୍କ ସମ୍ପର୍କରେ ସ୍କନ୍ଦ ପୁରାଣରେ ବର୍ଣ୍ଣିତ ଅଛି। ଆମେରିକୀୟ ଐତିହାସିକ ଚାର୍ଲସ୍ ଫାବ୍ରିକ୍ ପ୍ରାଚୀ ଉପତ୍ୟକାକୁ ସର୍ବ ପୁରାତନ ସଭ୍ୟତା ବୋଲି ପ୍ରମାଣିତ କରିଛନ୍ତି।

ଇନ୍ଦ୍ରନୀଳମଣି ପୁରାଣରୁ ସଂଗୃହୀତ ପଦ୍ମଶ୍ରୀ ପଣ୍ଡିତ ସଦାଶିବ ରଥ ଶର୍ମାଙ୍କ ଦ୍ୱାରା ରଚିତ: ଏକଦା ଶ୍ରୀକ୍ଷେତ୍ରରେ ଇନ୍ଦ୍ରନୀଳମଣି ବିଗ୍ରହ ମାଧବ ରୂପରେ ପୂଜା ପାଉଥିଲେ, କୌଣସି କାରଣବଶତଃ ସେଠାକୁ ମାଧବ ବିଗ୍ରହଙ୍କୁ ପ୍ରାଚୀ ତଟସ୍ଥ ଅରୁନ୍ଧତୀ ପୁରରେ ଗୋପନରେ ପୂଜା କରାଗଲା, ଯେଉଁଥିପାଇଁ ମାଧବକ୍ଷେତ୍ରକୁ ଅରୁନ୍ଧତୀପୁର ନାମରେ ନାମିତ କରାଗଲା, ଏବେ ବି ଲୋକଲୋଚନରେ ମାଧବକୁ ଅରୁନ୍ଧତୀପୁର କୁହାଯାଉଛି।

ଜଗତ ପ୍ରସିଦ୍ଧ ଘୋଷଯାତ୍ରାକୁ ଆସୁଥିବା ସମସ୍ତ ଶ୍ରଦ୍ଧାଳୁଙ୍କୁ ନିବେଦନ ସେ ଆସନ୍ତୁ ଜଗନ୍ନାଥଙ୍କ ମାମୁଘର ଅରୁନ୍ଧତୀପୁର ମାଧବ ପୀଠକୁ।

**ଆବାହକ, ଓଡ଼ିଶା ବାୟାଚଢ଼େଇ ସୁରକ୍ଷା ଅଭିଯାନ, ନିଆଳି, କଟକ**

**ମୋ:୯୯୩୭୬୬୨୧୮୭**

## ଏଇ ଭାରତରେ

ଏସିରୁ ବାହାରୁ ଥିବା ପବନରୁ ପ୍ରଦୂଷଣ ଦୂର କରିବା ଲାଗି ରବି କୌଶିକ ଏକ ଏସି ପ୍ୟୁରିଫାୟର ତିଆରି କରିଛନ୍ତି। ଏବେ ଏହା ପାଖାପାଖି ୩ ହଜାର ଘରେ ଲାଗି ସାରିଲାଣି। ଆଇଆଇଟି କାନପୁରରେ କରାଯାଇଥିବା ଗବେଷଣା ନିଶ୍ଚିତ କରିଛି ଯେ ଏହି ପ୍ୟୁରିଫାୟର ୧ ଘଣ୍ଟା ମଧ୍ୟରେ ବାୟୁରୁ ପ୍ରଦୂଷଣ ଦୂର କରିପାରୁଛି। ୨୦୨୦ରେ ରବି ଆଇଆଇଟି ମୁମ୍ବାଇରୁ ଏରୋସୋଲ ସାଇନ୍ସରେ ଡିଗ୍ରୀ ହାସଲ କରିଥିଲେ। ପରେ ସେ ଏରୋସୋଲ ସାଇନ୍ସ ଓ ମାଇକ୍ରୋବାୟୋଲୋଜି ଉଭୟରେ କାମ ଆରମ୍ଭ କରିଥିଲେ। ଆଇଆଇଟି କାନପୁର ସହଯୋଗରେ ପ୍ରଥମ ପ୍ୟୁରିଫାୟର ନିର୍ମାଣ କରିବାକୁ ସକ୍ଷମ ହୋଇଥିଲେ। ରବି ୨୦୨୩ 'ଏ ୟାର୍ଥ' ଷ୍ଟାର୍ଟଅପ୍ ଆରମ୍ଭ କରି ଏହି ପ୍ୟୁରିଫାୟର ଉତ୍ପାଦନ ବୃଦ୍ଧି କରିବା ସହ ବିକ୍ରି ଆରମ୍ଭ କରିଥିଲେ। ଏହାକୁ ମଧ୍ୟ ସେ ଅନ୍‌ଲାଇନରେ ବିକ୍ରି କରୁଛନ୍ତି। ଏହାର ମୂଲ୍ୟ ରହିଛି ୨୦୦୦ ଟଙ୍କା।

## ୫୦ ବର୍ଷ ତଳର ଧରିତ୍ରୀ

୬ ଜୁଲାଇ ୧୯୭୫

- ନିରାପତ୍ତା ଓ ଆଇନ ଶୃଙ୍ଖଳା ବିରୋଧୀ କାର୍ଯ୍ୟକଳାପ ଯୋଗୁ ଆର୍.ଏସ୍.ଏସ୍., ଆନନ୍ଦମାର୍ଗ ସମେତ ୨୬ଟି ସଙ୍ଗଠନ ବେଆଇନ ଘୋଷିତ।
- ଜମ୍ମୁ ଓ କଶ୍ମୀରର ମୁଖ୍ୟମନ୍ତ୍ରୀ ଶେଖ ଅବଦୁଲ୍ଲା ବିପୁଳ ଭୋଟାଧିକ୍ୟରେ ବିଧାନସଭାକୁ ନିର୍ବାଚିତ।
- ଲୁହାପଥର ରପ୍ତାନିକାରୀ ଦେଶଗୁଡ଼ିକର ଏକ ସଂଘ ଗଠନ ସମ୍ପର୍କୀୟ ଦଲିଲରେ ଭାରତ ସ୍ୱାକ୍ଷର ପ୍ରଦାନ କରିଛି।
- ଆମେରିକାର ଜ୍ୟୋତିର୍ବିଜ୍ଞାନୀମାନେ ପୃଥିବୀଠାରୁ ୮ ଶହ କୋଟି ଆଲୋକବର୍ଷ ଦୂରରେ ଏକ ନୂତନ ଛାୟାପଥ ଅବିଷ୍କାର କରିଛନ୍ତି।

## ଚିରନ୍ତନୀ

କ୍ଷୁଦ୍ର ଆଖି ଦୁଇଟିର ମୂର୍ଖ ମୂକ ଭାଷା
ଜଗାଇଛି ଜଳେ ସ୍ଥଳେ
ଅନନ୍ତ ପିପାସା
ସୃଷ୍ଟିର ସହସ୍ର ଆୟୋଜନ
ନିତି ନବ ଉଦ୍ଭାବନ
ଶତ ଶତ କଳା କଉଶଳ
ସର୍ବ ନିମ୍ନେ ସେ ଚାହାଣି
ଦିଶେ ଦିଶେ ମତାଏ ସକଳ।
–(ଚକ୍ରବାକ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 1 | 9 | | | 2 | 8 | | |
| | | 3 | 1 | 6 | | | | |
| 2 | | 7 | | | | | | |
| | | | | 3 | | 5 | | |
| | | | 2 | | | | 6 | |
| 8 | | | 7 | | | | | |
| | | | 9 | | | 4 | | |
| | | 8 | | 7 | | | | 3 |
| 5 | 3 | 2 | 6 | | | 7 | | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 8 | 2 | 5 | 3 | 9 | 4 | 7 | 1 |
| 9 | 4 | 3 | 1 | 2 | 7 | 6 | 8 | 5 |
| 1 | 7 | 5 | 4 | 8 | 6 | 2 | 3 | 9 |
| 2 | 1 | 8 | 7 | 6 | 3 | 5 | 9 | 4 |
| 4 | 9 | 7 | 8 | 5 | 1 | 3 | 6 | 2 |
| 5 | 3 | 6 | 2 | 9 | 4 | 7 | 1 | 8 |
| 8 | 6 | 9 | 3 | 4 | 2 | 1 | 5 | 7 |
| 3 | 2 | 1 | 9 | 7 | 5 | 8 | 4 | 6 |
| 7 | 5 | 4 | 6 | 1 | 8 | 9 | 2 | 3 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଜଳାଶୟ ପୋତି ହୋଇଯାଉଛି

ମହାଶୟ,

କଟକ ସହରର ଜଳାଶୟଗୁଡ଼ିକ ପୋତିହୋଇ ସେସବୁର ଜଳଧାରଣ କ୍ଷମତା କମିଗଲାଣି। ଫଳରେ ସାମାନ୍ୟ ବର୍ଷା ହେଲେ ବିଭିନ୍ନ ଅଞ୍ଚଳରେ ପାଣି ଜମାହୋଇ ରହୁଛି। ସୂତାହାଟ ଓଡ଼ିଆ ବାପ୍‌ଟିଷ୍ଟ ଚର୍ଚ୍ଚ ପୋଖରୀ, ସେଲ୍‌ଟର ଛକସ୍ଥିତ ସେଲ୍‌ଟର ପୋଖରୀ, ଚର୍ଚ୍ଚ ଅଫ୍ ଗଡ଼ ପରିସର ପୋଖରୀ ସତ୍ତା ହରାଇବାକୁ ଲାଗିଲାଣି। କେବଳ ଏତିକି ନୁହେଁ, ଅନ୍ୟ ଜଳାଶୟର ସ୍ଥିତି ମଧ୍ୟ ଜଟିଳ। ଜନବସତି ଅଞ୍ଚଳରେ ଜଳାଶୟର ଆବଶ୍ୟକତା ରହିଛି। ବର୍ଷାଜଳ ସଂରକ୍ଷଣ କ୍ଷେତ୍ରରେ ଜଳାଶୟ ପ୍ରମୁଖ ଭୂମିକା ନିର୍ବାହ କରେ। ଏଥିପାଇଁ ବସତି ପାଖରେ ପୋଖରୀ ଖୋଳିବା ପରମ୍ପରା ବହୁ କାଳରୁ ଚଳି ଆସିଛି। କିନ୍ତୁ କଟକ ସହରର ବହୁ ଜଳାଶୟ ବିଲୁପ୍ତ ହୋଇଥିବାବେଳେ ଅନେକ ପୋଖରୀ ବିଭିନ୍ନ ଆଳରେ ପୋତା ସରିଛି। ଯାହାକିଛି ରହିଛି, ତାହାର ପୁନରୁଦ୍ଧାର ଅଭାବରୁ ବିଲୁପ୍ତ ହେବାକୁ ବସିଲାଣି। ତେଣୁ ଜଳାଶୟର ପୁନରୁଦ୍ଧାର କରାଯାଉ।

**–ଶ୍ୟାମସୁନ୍ଦର ସାମଲ, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ରତ୍ନଭଣ୍ଡାର ଅଳଙ୍କାର ସୁରକ୍ଷା ବଡ଼ ଆହ୍ୱାନ: ଜଷ୍ଟିସ୍ ବିଶ୍ୱନାଥ ରଥ

କଟକ/ପୁରୀ,୫।୭ (କାର୍ତ୍ତିକ ସାହୁ/ଅଜିତ୍ କୁମାର ମହାନ୍ତି)

୪୬ ବର୍ଷ ପରେ ଆମେ ରତ୍ନଭଣ୍ଡାର ଖୋଲିବା କାର୍ଯ୍ୟ କରିବାକୁ ଯାଉଛୁ। ରତ୍ନଭଣ୍ଡାର ଖୋଲାଯିବା ପରେ ଏହାର ପ୍ରକୃତ କାମ ଆରମ୍ଭ ହେବ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିର୍ଦ୍ଦେଶ ଓ କୋଟି କୋଟି ଓଡ଼ିଆଙ୍କ ଭାବାବେଗ ସହ ରତ୍ନଭଣ୍ଡାର ଖୋଲାଯିବା ପ୍ରସଙ୍ଗ ଜଡ଼ିତ। ରତ୍ନଭଣ୍ଡାର ମରାମତି ଓ ଅଳଙ୍କାର ଗଣତି ଉପରେ ପ୍ରାଧାନ୍ୟ ଦିଆଯିବ। ଭିତର ଓ ବାହାର ରତ୍ନଭଣ୍ଡାରର ଅଳଙ୍କାରକୁ କାଢ଼ି ସୁରକ୍ଷାରେ ରଖିବା ବଡ଼ ଆହ୍ୱାନ। ରତ୍ନଭଣ୍ଡାର ଖୋଲିବାକୁ ରାଜ୍ୟ ସରକାର ନୂତନ ଭାବେ ଗଠନ କରିଥିବା ୧୬ଜଣିଆ କମିଟିର ଅଧ୍ୟକ୍ଷ ଜଷ୍ଟିସ୍ ବିଶ୍ୱନାଥ ରଥ ଶୁକ୍ରବାର ଏପରି ମତବ୍ୟକ୍ତ କରିଛନ୍ତି।

ଶନିବାର ପୂର୍ବାହ୍ନ ୧୧ଟାରେ ପୁରୀ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ୧୬ ଜଣିଆ କମିଟିର ପ୍ରଥମ ବୈଠକ ଅନୁଷ୍ଠିତ ହେବ। ଅଳଙ୍କାର ଚିହ୍ନଟ ଓ ଗଣତିକୁ ଖୁବ୍‌ଶୀଘ୍ର ସାରିବାକୁ ପ୍ରାଧାନ୍ୟ ଦିଆଯିବ ବୋଲି ଜଷ୍ଟିସ ରଥ କହିଛନ୍ତି। ବୈଠକରେ ରତ୍ନଭଣ୍ଡାର ଖୋଲାଯିବା ପ୍ରସଙ୍ଗରେ ସବିଶେଷ ଆଲୋଚନା କରାଯିବ। କିପରି ରତ୍ନଭଣ୍ଡାର ଖୋଲାଯିବ, କ'ଣ ପଦକ୍ଷେପ ନିଆଯିବ ତାକୁ ନେଇ ନିଷ୍ପତ୍ତି ନିଆଯିବାର କାର୍ଯ୍ୟକ୍ରମ ରହିଛି। ଜନସାଧାରଣଙ୍କ ଆକାଂକ୍ଷା ପ୍ରତି ମଧ୍ୟ ଗୁରୁତ୍ୱ ଦେବା ସହ ରତ୍ନଭଣ୍ଡାର ଖୋଲିବାର ବାଟ ବାହାର କରିବାକୁ ଉଦ୍ୟମ କରିବୁ ବୋଲି ରଥ କହିଛନ୍ତି। ସେ ଶ୍ରୀମନ୍ଦିର ପ୍ରଶାସନର ଆଇନଜୀବୀ ଭାବେ ଦୀର୍ଘବର୍ଷ ଧରି କାର୍ଯ୍ୟ କରିଥିଲେ। ଏବେ ପୁଣି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କାମ କରିବାର ସୁଯୋଗ ମିଳିଥିବାରୁ ଏହା ତାଙ୍କ ପାଇଁ ବଡ଼ ସୌଭାଗ୍ୟ ବୋଲି ସେ କହିଛନ୍ତି। ୧୯୭୮ ପରେ ରତ୍ନଭଣ୍ଡାର ପୁଣି ଖୋଲିବାକୁ ଯାଉଛି। ଏଥିଲାଗି ମହାପ୍ରଭୁଙ୍କ ଆଶୀର୍ବାଦ ଆବଶ୍ୟକ। ସରକାରଙ୍କ ନୋଟିଫିକେଶନରେ ରତ୍ନଭଣ୍ଡାର ଖୋଲିବା ଓ ଗଣତି ସମ୍ପର୍କରେ ଉଲ୍ଲେଖ ରହିଛି। ଏଥିସହ ଚାବି ମିଳିଥିବା ସମ୍ପର୍କରେ ଗଜପତି ମହାରାଜା ଓ ମନ୍ଦିର କର୍ତ୍ତୃପକ୍ଷ ଅବଗତ କରିଛନ୍ତି। ପ୍ରଥମ ବୈଠକ ପରେ କମିଟିର ନିଷ୍ପତ୍ତି ଅନୁସାରେ ନିୟମାବଳୀ ପ୍ରସ୍ତୁତ କରାଯିବ ବୋଲି ଜଷ୍ଟିସ ରଥ କହିଛନ୍ତି। ରତ୍ନଭଣ୍ଡାର ଖୋଲିବା ପ୍ରସଙ୍ଗରେ ଉଚ୍ଚସ୍ତରୀୟ କମିଟି ଗଠନ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ପୂର୍ବର ବିଜେଡି ସରକାର ସମୟରେ ଜଷ୍ଟିସ ଅରିଜିତ୍ ପଶାୟତଙ୍କ ନେତୃତ୍ୱରେ ୧୨ ଜଣିଆ କମିଟି ଗଠନ ହୋଇଥିଲା। ଏବେ ନୂଆ ସରକାର ଆସିବା ପରେ ପୂର୍ବ କମିଟିକୁ ଭାଙ୍ଗି ଦିଆଯାଇ ନୂତନ ଭାବେ ୧୬ ଜଣିଆ କମିଟି ଗଠିତ ହୋଇଛି।

ସୂଚନାଯୋଗ୍ୟ, ୩୯ ବର୍ଷ ହେବ ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାର ଖୋଲାଯାଇ ନ ଥିବାବେଳେ ୪୫ ବର୍ଷ ହେବ ରତ୍ନଅଳଙ୍କାର ଗଣତି ହୋଇନାହିଁ। ତେବେ ରତ୍ନଭଣ୍ଡାର ଖୋଲାଯିବା ସମୟରେ ମୁଖ୍ୟମନ୍ତ୍ରୀ ନିଜେ ଉପସ୍ଥିତ ରହିବାକୁ ମହାପ୍ରଭୁଙ୍କ ବାଡ଼ଗ୍ରାହୀ ଜଗନ୍ନାଥ ସ୍ୱାଇଁ ମହାପାତ୍ର ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି। ସେହିପରି ଭଣ୍ଡାରମେକାପ ନାରାୟଣ ମେକାପ ଉକ୍ତ କମିଟିରେ ସ୍ଥାନ ପାଇ ନ ଥିବାରୁ କ୍ଷୋଭ ପ୍ରକାଶ କରିବା ସହ ତୁରନ୍ତ ତାଙ୍କୁ ସ୍ଥାନ ଦେବା ପାଇଁ ଅନୁରୋଧ କରିଛନ୍ତି।

## ରତ୍ନଭଣ୍ଡାର ଖୋଲିବାକୁ ୧୬ଜଣିଆ କମିଟିର ପ୍ରଥମ ବୈଠକ ଆଜି

# ରାଜ୍ୟରେ ଏବର୍ଷ ୫ କୋଟି ଚାରା ଲଗାଯିବ

## ମା'ଙ୍କ ନାମରେ ଗୋଟିଏ ଗଛ ଲଗାଇବାକୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

ଭୁବନେଶ୍ୱର, ୫।୭ (ଅସମାପିକା ସାହୁ)

ଓଡ଼ିଶାରେ ୫ କୋଟି ଚାରା ଲଗାଯିବାକୁ ଲକ୍ଷ୍ୟ ରହିଛି। ଆମର ଲୋକସଂଖ୍ୟା ସାଢ଼େ ଚାରିକୋଟି ହୋଇଥିବାରୁ 'ମାଙ୍କ ନାମରେ ଗୋଟିଏ ଗଛ' ଅଭିଯାନରେ ଆମେ ଅତି କମ୍‌ରେ ସାଢ଼େ ଚାରିକୋଟି ଚାରା ଲଗାଇବା ଦରକାର ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱର ଡୁମୁଡୁମାସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ୭୫ତମ ରାଜ୍ୟସ୍ତରୀୟ ବନ ମହୋତ୍ସବ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି। ସେ କହିଛନ୍ତି, ସାରା ଦେଶରେ 'ମା'ଙ୍କ ନାମରେ ଗୋଟିଏ ଗଛ' ଅଭିଯାନ ଚାଲିଛି। ଏଥିରେ ବ୍ୟକ୍ତିଗତ ସ୍ତରରେ ଗଛ ଲଗାଇ ଫଟୋ ଅପ୍‌ଲୋଡ କରିବାକୁ ଆହ୍ୱାନ ଦିଆଯାଇଛି। ଏହି ଅଭିଯାନରେ ବର୍ତ୍ତମାନ ସୁଦ୍ଧା ଓଡ଼ିଶାରେ ସର୍ବାଧିକ ୧ ଲକ୍ଷ ୪୮ ହଜାର ଫଟୋ ଅପଲୋଡ୍ କରାଯାଇଛି। ତେଣୁ ଏହି କାର୍ଯ୍ୟକ୍ରମରେ ଅଧିକରୁ ଅଧିକ ସାମିଲ ହୋଇ ଗଛ ଲଗାଇ ଫଟୋ ଅପଲୋଡ୍ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଏହି କାର୍ଯ୍ୟକ୍ରମର ସଫଳତା ନିମନ୍ତେ ଜିଲାପାଳ ଓ ଜିଲା ବନ ଅଧିକାରୀ ମିଳିତ ଯାଞ୍ଚ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। କାର୍ଯ୍ୟକ୍ରମରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ଆଧୁନିକ ଜୀବନଶୈଳୀରେ ପରିବର୍ତ୍ତନ ଏବଂ ଜମି, ଜଳ ଓ ଜଙ୍ଗଲର ସୁରକ୍ଷା ବର୍ତ୍ତମାନ ଆମ ସମସ୍ତଙ୍କର ଗୁରୁଦାୟିତ୍ୱ ବୋଲି କହିଛନ୍ତି। ଏକାମ୍ର ବିଧାୟକ ବାବୁ ସିଂ କାର୍ଯ୍ୟକ୍ରମରେ ଯୋଗଦେଇ ପିଲାମାନଙ୍କୁ ପରିବେଶ ପ୍ରତି ସଚେତନ ହେବାକୁ ଓ ଗଛ ଲଗାଇବାକୁ ପରାମର୍ଶ ଦେଇଥିଲେ। ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଚଳିତ ବର୍ଷ ପଥପାର୍ଶ୍ୱ ବନୀକରଣ ଏବଂ ସହରାଞ୍ଚଳ ବନୀକରଣ ନିମନ୍ତେ ୩୦ ମାସିଆ ଚାରା ଉତ୍ପାଦନ କରାଯିବ ବୋଲି କହିଛନ୍ତି। କାର୍ଯ୍ୟକ୍ରମ ଆରମ୍ଭରେ ସ୍କୁଲ ପରିସରରେ ଏହି ଅଭିଯାନରେ ମୁଖ୍ୟମନ୍ତ୍ରୀଙ୍କ ସହ ଅନ୍ୟ ଅତିଥିମାନେ ଗଛ ଲଗାଇଥିଲେ। ଏହି ଅବସରରେ ଉଲ୍ଲେଖନୀୟ ଜଙ୍ଗଲ ସୁରକ୍ଷା ଏବଂ ବନୀକରଣ କାର୍ଯ୍ୟ ପାଇଁ ଦୁଇଟି ସଂସ୍ଥାକୁ 'ରାଜ୍ୟସ୍ତରୀୟ ବିଜୁ ପଟ୍ଟନାୟକ ପୁରସ୍କାର 'ପ୍ରଦାନ କରାଯାଇଥିଲା। ପୁରସ୍କାର ବାବଦରେ ପ୍ରତି ଅନୁଷ୍ଠାନକୁ ୧ ଲକ୍ଷ ଟଙ୍କା ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଏଥିସହ ୭୫ତମ ବନମହୋତ୍ସବ ୨୦୨୪ ନାମକ ଏକ ପୁସ୍ତିକା ଉନ୍ମୋଚନ କରାଯାଇଥିଲା। ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବନ ମହୋତ୍ସବ ବିଷୟରେ ସଚେତନତା ଆଣିବା ନିମନ୍ତେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପିସିସିଏଫ୍ ଦେବୀଦତ୍ତ ବିଶ୍ୱାଳ ସ୍ୱାଗତ ଭାଷଣ ଓ ଆର୍‌ସିସିଏଫ୍ ଆବିନୀ କର ଧନ୍ୟବାଦ ଦେଇଥିଲେ।



ଭୁବନେଶ୍ୱର ଡୁମୁଡୁମାସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚାରା ରୋପଣ କରୁଛନ୍ତି।

# ଓଡ଼ିଶାକୁ ଅଣାଯିବ ୫ ମହାବଳ

ଭୁବନେଶ୍ୱର, ୫।୭ (ଅସମାପିକା ସାହୁ)

ଓଡ଼ିଶାରେ ବାଘବଂଶ ବୃଦ୍ଧି ପାଇଁ ଯୋଜନା କରିଛି ବନ ବିଭାଗ। ଏଥିପାଇଁ ମଧ୍ୟପ୍ରଦେଶ ଓ ମହାରାଷ୍ଟ୍ରରୁ ୫ ମହାବଳ ବାଘ ଆସିବ। ବାଘ ଆଣିବା ପାଇଁ ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ (ଏନ୍‌ଟିସିଏ) ଏବଂ କେନ୍ଦ୍ର ଜଙ୍ଗଲ, ଜଳବାୟୁ ପରିବର୍ତ୍ତନ ଓ ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ବନ ବିଭାଗକୁ ଅନୁମତି ମିଳିସାରିଥିବା ବେଳେ ଏଥିପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ୪ ବାଘୁଣୀ ସହ ରାଜ୍ୟକୁ ୫ ମହାବଳ ଆସିବେ। ଏହାକୁ ରାଜ୍ୟର ଦେବ୍ରିଗଡ଼(ବନ୍ୟପ୍ରାଣୀ) ଅଭୟାରଣ୍ୟ ଏବଂ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣରେ ଛଡ଼ାଯିବ। ଏହି ଯୋଜନାରେ ଦେବ୍ରିଗଡ଼ ଅଭୟାରଣ୍ୟ ପାଇଁ ୨ଟି ବାଘୁଣୀ ସହ ଗୋଟିଏ ମହାବଳ ଏବଂ ଶିମିଳିପାଳ ଲାଗି କେବଳ ଦୁଇଟି ବାଘୁଣୀ ଅଣାଯାଉଥିବା ସୂଚନା ମିଳିଛି। ଅଗଷ୍ଟ ସୁଦ୍ଧା ଦେବ୍ରିଗଡ଼ ଓ ଅକ୍ଟୋବର ଶେଷ ସୁଦ୍ଧା ଶିମିଳିପାଳକୁ ଏହି ୫ ନୂଆ ମହାବଳଙ୍କୁ ଅଣାଯିବାକୁ ଲକ୍ଷ୍ୟ ରହିଛି। ଏଥିସହ ରାଜ୍ୟର ବିଭିନ୍ନ ଅଭୟାରଣ୍ୟ, ଚିଡ଼ିଆଖାନା ଏବଂ ଅନ୍ୟ ବାସସ୍ଥଳୀରୁ ୮୧୦ଟି ଚିତ୍ରା ହରିଣ, ୩୨ଟି ସମ୍ବର, ୧୮ଟି କୃଷ୍ଣସାର ମୃଗ, ୩୦ଟି ମଗର, ୨୦ଟି ବଉଳା କୁମ୍ଭୀର ଭଳି ଆହୁରି କିଛି ବନ୍ୟଜନ୍ତୁଙ୍କୁ ରାଜ୍ୟର ବିଭିନ୍ନ ସଂରକ୍ଷିତ ଜଙ୍ଗଲରେ ଛଡ଼ାଯିବାକୁ ଯୋଜନା ରହିଛି। ଧାର୍ଯ୍ୟ ସମୟ ଭିତରେ କାର୍ଯ୍ୟ ଶେଷ କରିବା ପାଇଁ ଶୁକ୍ରବାର ରାଜ୍ୟ ବନ୍ୟପ୍ରାଣୀ ମୁଖ୍ୟାଳୟ ପକ୍ଷରୁ ସମ୍ପୃକ୍ତ ଅଭୟାରଣ୍ୟ ଓ ଚିଡ଼ିଆଖାନା କର୍ତ୍ତୃପକ୍ଷଙ୍କୁ ଚିଠି ଲେଖାଯାଇଛି।

# ଝାଡ଼ଖଣ୍ଡ ହାଇକୋର୍ଟ ମୁଖ୍ୟ ବିଚାରପତି ଭାବେ ଶପଥ ନେଲେ ଜଷ୍ଟିସ୍ ଷଡ଼ଙ୍ଗୀ



ରାଜ୍ୟପାଳ ସି.ପି. ରାଧାକ୍ରିଷ୍ଣନ୍ ଶୁକ୍ରବାର ଜଷ୍ଟିସ୍ ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀଙ୍କୁ ଝାଡ଼ଖଣ୍ଡ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ଶପଥପାଠ କରାଉଛନ୍ତି।

ରାଞ୍ଚି,୫।୭

ଓଡ଼ିଶା ହାଇକୋର୍ଟ ବିଚାରପତି ଜଷ୍ଟିସ୍ ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଶୁକ୍ରବାର ଝାଡ଼ଖଣ୍ଡ ହାଇକୋର୍ଟର ୧୫ତମ ମୁଖ୍ୟ ବିଚାରପତି ଭାବେ ଶପଥ ନେଇଛନ୍ତି। ରାଞ୍ଚିସ୍ଥିତ ରାଜଭବନରେ ରାଜ୍ୟପାଳ ସି.ପି. ରାଧାକ୍ରିଷ୍ଣନ୍ ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ଶପଥ ଗ୍ରହଣ ଉତ୍ସବରେ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ଏବଂ ବିଧାନସଭା ବାଚସ୍ପତି ରବୀନ୍ଦ୍ରନାଥ ମାହାତୋଙ୍କ ସମେତ ଅନେକ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପଠାଇଥିବା ନିଯୁକ୍ତି ସମ୍ପର୍କିତ ବିବୃତିକୁ କ୍ୟାବିନେଟ୍ ସଚିବ ବନ୍ଦନା ଦଦେଲ ପଢ଼ି ଶୁଣାଇଥିଲେ। ପ୍ରକାଶ ଯେ, ୨୦୨୩ ଡିସେମ୍ବର ୨୮ରେ ଝାଡ଼ଖଣ୍ଡ ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ ସଞ୍ଜୟ କୁମାର ମିଶ୍ର ଅବସର ନେବା ପରଠୁ ଏହି ପଦବୀ ଖାଲି ପଡ଼ିଥିଲା। ଗତ ଡିସେମ୍ବରରେ ସୁପ୍ରିମକୋର୍ଟ ଜଷ୍ଟିସ୍ ଷଡ଼ଙ୍ଗୀଙ୍କ ନାମ ସୁପାରିସ କରିଥିଲା। ତାଙ୍କ ନିଯୁକ୍ତି ନେଇ ଜୁଲାଇ ୩ରେ କେନ୍ଦ୍ରର ଆଇନ ଓ ନ୍ୟାୟ ମନ୍ତ୍ରଣାଳୟ ବିଜ୍ଞପ୍ତି ପ୍ରକାଶ କରିଥିଲା। ଜଷ୍ଟିସ୍ ଷଡ଼ଙ୍ଗୀ ଜୁଲାଇ ୧୯ରେ ଅବସର ନେବେ।

# ସିୟୁଇଟି-ୟୁଜି ରେଜଲ୍ଟ ବିଳମ୍ବିତ, ଚିନ୍ତାରେ ଛାତ୍ରୀଛାତ୍ର

ଭୁବନେଶ୍ୱର, ୫।୭ (ଅସମାପିକା ସାହୁ)

ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି(ଏନ୍‌ଟିଏ) ଦ୍ୱାରା ପରିଚାଳିତ କମନ ୟୁନିଭର୍ସିଟି ଏଣ୍ଟ୍ରାନ୍ସ ଟେଷ୍ଟ(ସିୟୁଇଟି) ୟୁଜି ୨୦୨୪ ରେଜଲ୍ଟ ଏଯାଏ ପ୍ରକାଶ ପାଇନାହିଁ। ଏପରିକି ଏହାର 'ଆନ୍‌ସର କି' ମଧ୍ୟ ବାହାରିନାହିଁ। କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ସ୍ନାତକ ପାଠ୍ୟକ୍ରମରେ ନାମଲେଖା ପାଇଁ ଏହି ଏକକ ପ୍ରବେଶିକା ପରୀକ୍ଷା ଗତ ମେ' ୧୫ରୁ ୨୯ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଜୁନ ୩୦ରେ ପରୀକ୍ଷା ଫଳ ପ୍ରକାଶ ପାଇବାର ଥିଲା। କିନ୍ତୁ ଏଯାଏ ଫଳ ପ୍ରକାଶ ପାଇ ନ ଥିବାରୁ ଛାତ୍ରୀଛାତ୍ରମାନେ ଚିନ୍ତାରେ ପଡ଼ିଯାଇଛନ୍ତି। କାରଣ ଇତିମଧ୍ୟରେ କଲେଜରେ ଯୁକ୍ତ୩ ନାମଲେଖା ଆରମ୍ଭ ହୋଇଯାଇଛି। ଯଦି ଆହୁରି ବିଳମ୍ବରେ ରେଜଲ୍ଟ ବାହାରିବ, ତେବେ ନାମଲେଖା ପ୍ରକ୍ରିୟା ମଧ୍ୟ ବିଳମ୍ବିତ ହେବ। ସେହିପରି ଛାତ୍ରୀଛାତ୍ରଙ୍କ ପାଇଁ ଶିକ୍ଷାନୁଷ୍ଠାନ ଚୟନ କରିବା ଲାଗି ସମୟ କମ୍ ମିଳିବ। ଏହାକୁ ନେଇ ସେମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରୁଛନ୍ତି।

କେତେଜଣ ଛାତ୍ରୀଛାତ୍ର ଯୁକ୍ତ୨ ରେଜଲ୍ଟ ଆଧାରରେ ନାମଲେଖା ପାଇଁ ସୁଯୋଗ ଦେବାକୁ ଅନୁରୋଧ କରୁଛନ୍ତି। ବିଶେଷକରି ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ଯେଉଁମାନେ ପଢ଼ିବାକୁ ଇଚ୍ଛା ପ୍ରକାଶ କରୁଛନ୍ତି ସେମାନେ ଏହିଭଳି ଦାବି କରୁଥିବା ଦେଖାଯାଇଛି। ସେମାନଙ୍କ କହିବାନୁସାରେ, ସିୟୁଇଟି-ୟୁଜି ଆରମ୍ଭ ହେବା ପୂର୍ବରୁ ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ଯୁକ୍ତ୨ ରେଜଲ୍ଟ ଆଧାରରେ ୟୁଜି ନାମଲେଖା ହେଉଥିଲା। ସେପଟେ ଆଉ କେତେଜଣ ଛାତ୍ରୀଛାତ୍ର କହିଛନ୍ତି, ଯଦି ଆମେ କୌଣସି ଘରୋଇ ମହାବିଦ୍ୟାଳୟରେ ନାମଲେଖାଇଦେବୁ ଏବଂ ରେଜଲ୍ଟ ପ୍ରକାଶ ପରେ ଆମେ ମନୋନୀତ ହୋଇଥିବୁ, ତେବେ ଆମକୁ ସେ ଟଙ୍କା ଆଉ ମିଳିପାରବ କି ବୋଲି ପ୍ରଶ୍ନ କରିଛନ୍ତି। ସେହିଭଳି ଅନ୍ୟ କେତେଜଣ ଛାତ୍ରୀଛାତ୍ରୀଛାତ୍ରଙ୍କ କହିବାନୁସାରେ, ରେଜଲ୍ଟ ଯଦି ବିଳମ୍ବରେ ପ୍ରକାଶ କରିବାର ଅଛି ତେବେ 'ଆନ୍‌ସର କି' ଶୀଘ୍ର ପ୍ରକାଶ କରିବା ଦରକାର। ଫଳରେ ଆମେ ଏଥିରେ ନାମଲେଖା ପାଇଁ ମନୋନୀତ ହେବୁ କି ନାହିଁ ଜାଣିପାରିବୁ। ଅପରପକ୍ଷେ ନିକଟରେ ଏନ୍‌ଇଟି ୟୁଜି ରେଜଲ୍ଟରେ ଅନିୟମିତତା ହୋଇଥିବା ଅଭିଯୋଗ ପରେ ଛାତ୍ରୀଛାତ୍ରଙ୍କର ଏନ୍‌ଟିଏ ଉପରେ ଭରସା ତୁଟିଗଲାଣି। ତେଣୁ ସିୟୁଇଟି-ୟୁଜି ରେଜଲ୍ଟ କ'ଣ ହେବ ତାକୁ ନେଇ ମଧ୍ୟ ଛାତ୍ରୀଛାତ୍ରମାନେ ଆଶଙ୍କା ଭିତରେ ରହିଛନ୍ତି।

ଏହି ପ୍ରସଙ୍ଗରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି) କହିଛି, ଏନ୍‌ଟିଏ ରେଜଲ୍ଟ ପ୍ରକାଶ ପାଇଁ ଆବଶ୍ୟକ ପ୍ରକ୍ରିୟା ଚାଲିଛି। ଖୁବ୍‌ଶୀଘ୍ର ତାରିଖ ଘୋଷଣା କରାଯିବା ସହ ବିଜ୍ଞପ୍ତି ପ୍ରକାଶ ପାଇବ।

DSPL - 34

ଜଳସମ୍ପଦ ବିଭାଗ

## ବନ୍ୟା ଓ ବର୍ଷାଋତୁ ପାଇଁ ସତର୍କ ସୂଚନା

ଏହାଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଚଳିତ ବର୍ଷାଋତୁରେ ବିଭିନ୍ନ ନଦୀଗୁଡ଼ିକର ଜଳସ୍ତର ଯେକୌଣସି ସମୟରେ ବଢ଼ିବାର ସମ୍ଭାବନା ଅଛି । ତେଣୁ ଜନସାଧାରଣ ନଦୀ ବା ଜଳଭଣ୍ଡାର ମଧ୍ୟକୁ ଯିବା ସମୟରେ ନିମ୍ନଲିଖିତ ସତର୍କତା ଅବଲମ୍ବନ କରନ୍ତୁ ;

**ଏହା କରନ୍ତୁ**

- ଗଭୀର ଜଳ ଓ ପ୍ରଖର ସ୍ରୋତଠାରୁ ଦୂରେଇ ରୁହନ୍ତୁ ।
- ସ୍କୁଲ ଓ କଲେଜ ଯାଉଥିବା ପିଲାମାନଙ୍କ ପ୍ରତି ତଥା ବୃଦ୍ଧ ଓ ବୟସ୍କ ବ୍ୟକ୍ତିମାନଙ୍କ ପ୍ରତି ଅଧିକ ଧ୍ୟାନ ଦିଅନ୍ତୁ ।
- ବନ୍ୟା ସମୟରେ ବୁଡ଼ି ଯିବାକୁ ଥିବା ସ୍ଥାନରୁ ଯଥାଶୀଘ୍ର ଆବଶ୍ୟକୀୟ ଜିନିଷପତ୍ର ଧରି ଉଚ୍ଚ ସ୍ଥାନକୁ ଚାଲି ଯାଆନ୍ତୁ ।
- ନଦୀ, ନାଳ, ହ୍ରଦ ଓ ଜଳଭଣ୍ଡାର ମଧ୍ୟରେ ଯାତାୟତ ସମୟରେ ଜୀବନସୁରକ୍ଷା ଜ୍ୟାକେଟ୍ (Life Jacket) ନିଶ୍ଚିତ ବ୍ୟବହାର କରନ୍ତୁ ।
- ଟେଲିଭିଜନ, ରେଡ଼ିଓ, ବିଭିନ୍ନ ଖବର କାଗଜ ଏବଂ ଡାକବାଜି ଯନ୍ତ୍ର ସାହାଯ୍ୟରେ ଦିଆଯାଉଥିବା ବନ୍ୟା ସମ୍ପର୍କିତ ସୂଚନା ଜାଣନ୍ତୁ ଏବଂ ଆବଶ୍ୟକୀୟ ସତର୍କତା ଅବଲମ୍ବନ କରନ୍ତୁ ।
- ନଦୀବନ୍ଧରେ ଘଳିଆ ହେଲେ କିମ୍ବା ଘାଇ ହେବାର ସମ୍ଭାବନା ଦେଖିଲେ ଜଳସମ୍ପଦ ବିଭାଗର ଅଧିକାରୀଙ୍କ ସହ ତୁରନ୍ତ ଯୋଗାଯୋଗ କରନ୍ତୁ ଏବଂ ବନ୍ଧ ମରାମତି କାର୍ଯ୍ୟରେ ସମ୍ପୂର୍ଣ୍ଣ ସହଯୋଗ କରନ୍ତୁ ।

**ଏଭଳି କରନ୍ତୁ ନାହିଁ**

- ବୁଡ଼ି ଯାଇଥିବା ନଦୀବନ୍ଧ ଉପରେ ଯାତାୟତ କରନ୍ତୁ ନାହିଁ ।
- ପହଁରା ଜାଣିଥିଲେ ମଧ୍ୟ ସୁଅ ଥିବା ପାଣିରେ ପ୍ରବେଶ କରନ୍ତୁ ନାହିଁ ।
- ଚପଳମତି କିଶୋର/କିଶୋରୀମାନଙ୍କୁ ଦୁଃସାହସିକ ଭାବେ ବନ୍ୟା ଦେଖିବାକୁ ବା ମାଛ ଧରିବାକୁ ଛାଡ଼ନ୍ତୁ ନାହିଁ ।
- ଅଣଲାଇସେନ୍ସପ୍ରାପ୍ତ ନୌକାରେ ଯାତାୟତ କରନ୍ତୁ ନାହିଁ ତଥା ଧାର୍ଯ୍ୟ କ୍ଷମତାଠାରୁ ଅଧିକ ସଂଖ୍ୟକ ଯାତ୍ରୀ ଯାତାୟତ କରିବାରୁ କ୍ଷାନ୍ତ ରୁହନ୍ତୁ ।
- ଜଳଭଣ୍ଡାରରୁ ପାଣି ଛଡ଼ା ଯାଉଥିବା ସୂଚନା ଥିଲେ ନଦୀ ଶଯ୍ୟା ଭିତରକୁ ନିଜେ ପ୍ରବେଶ କରନ୍ତୁ ନାହିଁ ଓ ଗୃହପାଳିତ ପଶୁମାନଙ୍କୁ ଛାଡ଼ନ୍ତୁ ନାହିଁ ।
- ବୁଡ଼ି ଯାଇଥିବା ପୋଲ ଉପରେ ଯାତାୟାତ କରନ୍ତୁ ନାହିଁ ।
- ଅତଡ଼ା ଖାଉଥିବା ବନ୍ଧ ଉପରେ ଛିଡ଼ା ହୁଅନ୍ତୁ ନାହିଁ ।
- ଜୀବନସୁରକ୍ଷା ଜ୍ୟାକେଟ୍ ବିନା ଯାତ୍ରା କରନ୍ତୁ ନାହିଁ ।



ସର୍ବୋଚ୍ଚ ଯନ୍ତ୍ରୀ, ଜଳସମ୍ପଦ ବିଭାଗ

OIPR-32447/13/0003/2425

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**WANTED**
CIVIL LABOUR CONTRACTOR
WANTED CIVIL LABOUR CONTRACTOR FOR CENTRAL GOVERNMENT WORK AT PHIRINGIA NEAR PHULBANI, ODISHA. INTERESTED PARTIES MAY CONTACT IN THE BELOW MENTIONED NUMBER IMMEDIATELY.
Contact : 9437063233

**WANTED**
Urgently required for Jagatsinghpur District, Cuttack District and Bhubaneswar :
Sales and Marketing Representative for FMCG products. Only serious candidates apply through WhatsApp- 9778863000

See Career Appointment on every Wednesday & Saturday

**WANTED**
ବ୍ଲକ୍/ଜିଲ୍ଲା ସ୍ତରୀୟ ନିଯୁକ୍ତି
Qualification: 9th, 10th, +2, Graduation.
Salary: 10,000 to 25000
Age: (18-35 yrs)
Call Us : 8895029591

**WANTED**
ଧରିତ୍ରୀ DHARITRI Oriya daily is looking for
CLASSIFIED EXECUTIVES
- Candidates must have minimum 3-5 years experience in Classified Space Selling for Print Media.

Roles and Responsibilities -
- Responsible for classified space selling.
- Well versed with Media Clients and Agencies.
- Drive new client acquisition.
- Capable to aggressively chase sales targets.
- Proficiency in MS Office will be an added advantage.

Apply immediately to : recruitment@dharitri.com
Attractive salary commensurate with experience

इंस्टीट्यूट ऑफ बैंकिंग पर्सोनेल सिलेक्शन ®
(भारतीय रिज़र्व बैंक, केंद्रीय वित्तीय संस्थाओं व सार्वजनिक क्षेत्र के बैंकों द्वारा स्थापित एक स्वायत्त संस्था)
INSTITUTE OF BANKING PERSONNEL SELECTION
(An autonomous body set up by Reserve Bank of India, Central Financial Institutions and Public Sector Banks)
IBPS प्रज्ञाविभावनम्
असेसमेंट में, हम पर भरोसा रखता है भारत — In assessment, India trusts us
वेबसाइट देखने हेतु स्कैन करें Scan to visit Website

**ସିଆର୍‌ପି କ୍ଲର୍କସ୍ - XIV**
**ଅଂଶଗ୍ରହଣକାରୀ ବ୍ୟାଙ୍କଗୁଡ଼ିକରେ କ୍ଲର୍କସ୍‌ଙ୍କ ନିଯୁକ୍ତି ପାଇଁ ସାଧାରଣ ନିଯୁକ୍ତି ପ୍ରକ୍ରିୟା (୨୦୨୫-୨୬ର ଖାଲି ପଦବୀ ନିମନ୍ତେ)**

ୱେବ୍‌ସାଇଟ୍: www.ibps.in
ପ୍ରଶ୍ନ/ଅଭିଯୋଗ ପାଇଁ ଦୟାକରି http://cgrs.ibps.inରେ ଲଗ୍ ଇନ୍ କରନ୍ତୁ

ଅଂଶଗ୍ରହଣକାରୀ ବ୍ୟାଙ୍କଗୁଡ଼ିକରେ କ୍ଲରିକାଲ କ୍ୟାଡର୍ ପଦବୀରେ ନିଯୁକ୍ତି ଏବଂ କର୍ମଚାରୀ ଚୟନ ଲାଗି ଆଗାମୀ ସାଧାରଣ ନିଯୁକ୍ତି ପ୍ରକ୍ରିୟା ନିମନ୍ତେ ଅନ୍‌ଲାଇନ୍ ପରୀକ୍ଷା (ପ୍ରିଲିମିନାରୀ ଏବଂ ମେନ୍) ଅଗଷ୍ଟ, ୨୦୨୪ ଏବଂ ଅକ୍ଟୋବର, ୨୦୨୪ରେ ଅନୁଷ୍ଠିତ ହେବାର ସମ୍ଭାବନା ରହିଛି।
ସିଆର୍‌ପି କ୍ଲର୍କସ୍ XIV ନିମନ୍ତେ ଆବେଦନ କରିବା ଲାଗି ଇଚ୍ଛୁକ ପ୍ରାର୍ଥୀମାନେ ଏହା ସୁନିଶ୍ଚିତ କରିନେବା ଆବଶ୍ୟକ ଯେ, ସେମାନେ ନିର୍ଦ୍ଧାରିତ ତାରିଖରେ ଆଇବିପିଏସ୍ ଦ୍ୱାରା ଜାରି କରାଯାଇଥିବା ଏବଂ ଅଧିକୃତ ୱେବ୍‌ସାଇଟ୍‌ରେ ସ୍ଥାନିତ କରାଯାଇଥିବା ବିସ୍ତୃତ ଅଧିସୂଚନାରେ ବର୍ଣ୍ଣିତ ସର୍ବନିମ୍ନ ଯୋଗ୍ୟତା ମାନଦଣ୍ଡ ପୂରଣ କରୁଛନ୍ତି।

| କାର୍ଯ୍ୟକ୍ରମ | ସମ୍ଭାବ୍ୟ ତାରିଖ |
|---|---|
| ଦରଖାସ୍ତ ସମ୍ପାଦନ/ସଂଶୋଧନ ସମେତ ଅନ୍‌ଲାଇନ୍ ପଞ୍ଜୀକରଣ ଏବଂ ଦରଖାସ୍ତ ଦେୟ/ଇଣ୍ଟିମେଶନ ଦେୟ ପୈଠ | ୦୧।୦୭।୨୦୨୪ରୁ ୨୧।୦୭।୨୦୨୪ |
| ପ୍ରାକ୍-ପରୀକ୍ଷା ତାଲିମ ସଞ୍ଚାଳନ ● | ୧୨।୦୮।୨୦୨୪ରୁ ୧୭।୦୮।୨୦୨୪ |
| ଅନ୍‌ଲାଇନ୍ ପରୀକ୍ଷା - ପ୍ରିଲିମିନାରି | ଅଗଷ୍ଟ, ୨୦୨୪ |
| ଅନ୍‌ଲାଇନ୍ ପରୀକ୍ଷା - ପ୍ରିଲିମିନାରିର ଫଳାଫଳ | ସେପ୍ଟେମ୍ବର, ୨୦୨୪ |
| ଅନ୍‌ଲାଇନ୍ ପରୀକ୍ଷା - ମେନ୍ | ଅକ୍ଟୋବର, ୨୦୨୪ |

● ପିଇଟି ଅନ୍‌ଲାଇନ୍ ପଦ୍ଧତି କିମ୍ବା ଶାରୀରିକ ପଦ୍ଧତିରେ ସଞ୍ଚାଳିତ କରାଯାଇପାରେ।
ବିବରଣୀ ତଥା ଅପ୍‌ଡେଟ୍ ପାଇଁ ନିୟମିତ ଭାବେ ଆଇବିପିଏସ୍ ୱେବ୍‌ସାଇଟ୍ www.ibps.in ଦେଖିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।
ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିବା ପୂର୍ବରୁ ସବିଶେଷ ଅଧିସୂଚନା ପଢ଼ିବା ତଥା ସେଥିରେ ପ୍ରଦତ୍ତ ନିର୍ଦ୍ଦେଶାବଳୀର ଅନୁପାଳନ କରିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି ।
ମୁମ୍ବାଇ
ତାରିଖ: ୦୧।୦୭।୨୦୨୪ — ନିର୍ଦ୍ଦେଶକ

**ହଂସନାଥ ନୋଡାଲ ହାଇସ୍କୁଲରେ ବନ ମହୋତ୍ସବ**

କଟକ ସଦର,(ସୁଶାନ୍ତ କୁମାର ଜେନା): କଟକ ସଦର ବ୍ଲକ ଅନ୍ତର୍ଗତ ପରମହଂସସ୍ଥିତ ହଂସନାଥ ନୋଡାଲ ହାଇସ୍କୁଲ ପରିସରରେ ଶୁକ୍ରବାର ବନ ମହୋତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସ୍ନେହାଞ୍ଜଳି ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଚାରାରୋପଣ କାର୍ଯ୍ୟକ୍ରମରେ ପରମହଂସ ସରପଞ୍ଚ ତ୍ରିଲୋଚନ ପାତ୍ର, ଅବସରପ୍ରାପ୍ତ ଶିକ୍ଷକ ଚୈତନ୍ୟ ରାଉତ, ବ୍ୟାଙ୍କ ଅଧିକାରୀ କମଳକୃଷ୍ଣ ଦାସ, ଶିକ୍ଷକ ବାସୁଦେବ ନାୟକ, ନିରୁପମା ଦାସ, ସନ୍ତୋଷ କୁମାର ସାହୁ, ଲୋପାମୁଦ୍ରା ସାହୁ, ଶକ୍ତି ପ୍ରସାଦ ପ୍ରଧାନ, ନିଶିତା ନାୟକ, ସୁନିଲ ହେମ୍ବ୍ରମ, ତାପସୀ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅତିଥି ଓ ପିଲାମାନେ ସ୍କୁଲ ପରିସରରେ ଚାରାରୋପଣ କରିଥିଲେ।

## ସଂକ୍ଷେପରେ

### ପାଣି ପାଇପ୍ ଚୋରି, ଟ୍ରକ୍ ଚାଳକ ଗିରଫ



ମଙ୍ଗୁଳି-ଜଗତପୁର,୫।୭ (ମାନସ ସାମଲ)

ପାଣି ପାଇପ ଚୋରି ଘଟଣାରେ ଟାଙ୍ଗୀ ପୋଲିସ ଜଣେ ଟ୍ରକ୍ ଚାଳକଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ ଉତ୍ତର ଦିଲ୍ଲୀ ଅଞ୍ଚଳର ମେହେନ୍ଦି ହାସନ୍ (୫୫)। ପୋଲିସ ସୂଚନା ଅନୁଯାୟୀ, ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ଗରୁଡଗାଁ ଅଞ୍ଚଳରେ ଏକ ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ଜାରି ରହିଛି। ଏହି କାର୍ଯ୍ୟ ନିମନ୍ତେ ଠିକାଦାର ଜଣଙ୍କ ସଫା ପଞ୍ଚାୟତ ଅଭୟପୁର ଗ୍ରାମ ନିକଟରେ ଲୁହା ପାଇପ ମହଜୁଦ ରଖିଥିଲେ। ଗୁରୁବାର ରାତିରେ ଅନ୍ଧାରର ସୁଯୋଗ ନେଇ କେତେଜଣ ଦୁର୍ବୃତ୍ତ ଏକ ଟ୍ରକ୍‌ରେ ପାଣି ପାଇପ ଲୋଡ୍ କରୁଥିବା ସ୍ଥାନୀୟ ଅଞ୍ଚଳର କେତେଜଣ ଲୋକ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଟ୍ରକ୍ ଜବତ କରିବା ସହ ଚାଳକଙ୍କୁ ଗିରଫ କରିଥିଲା। ତେବେ ଉତ୍ତର ପ୍ରଦେଶ ନମ୍ବର ଥିବା ଟ୍ରକ୍‌ରେ ଉକ୍ତ ପାଣି ପାଇପ ଚୋରି ପଛରେ ଏକ ବଡ଼ଧରଣର ର୍‍ୟାକେଟ୍‌ର ସମ୍ପୃକ୍ତି ରହିଥିବା ଫାଣ୍ଡି ଅଧିକାରୀ ଶ୍ରୀକାନ୍ତ ବେହେରା କହିଛନ୍ତି।

# ୨୪ ବନ୍ଦ ବିଦ୍ୟାଳୟ ଖୋଲାଯିବ

## ଆଠଗଡ଼ ନିର୍ବାଚନମଣ୍ଡଳୀ ଉନ୍ନୟନ କମିଟି ବୈଠକ

କଟକ,୫।୭ (କାର୍ତ୍ତିକ ସାହୁ)

କଟକ ଜିଲା ଆଠଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନରେ ବିଭିନ୍ନ କାରଣରୁ ବନ୍ଦ ହୋଇଯାଇଥିବା ୨୪ଟି ବିଦ୍ୟାଳୟକୁ ପୁଣି ଖୋଲାଯିବ। ଉକ୍ତ ବିଦ୍ୟାଳୟଗୁଡ଼ିକରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା କମ୍ ହେବା କାରଣରୁ ପ୍ରାୟ ୬ ବର୍ଷ ତଳେ ଏପରି ପଦକ୍ଷେପ ନିଆଯାଇଥିଲା। ସେହି ବିଦ୍ୟାଳୟଗୁଡ଼ିକୁ ନିକଟସ୍ଥ ବିଦ୍ୟାଳୟରେ ମିଶାଇ ଦିଆଯାଇଥିଲା। ମାତ୍ର ଏବେ ସେହି ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମି ଉନ୍ନୟନ ବ୍ୟବସ୍ଥା ସହ ଖାଲିଥିବା ଶିକ୍ଷକ ପଦବୀ ପୂରଣ ନିମନ୍ତେ ପଦକ୍ଷେପ ଗ୍ରହଣ କରିବାକୁ ପୂର୍ବତନ ମନ୍ତ୍ରୀ ତଥା ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ବିଧାୟକ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆଠଗଡ଼ ନିର୍ବାଚନମଣ୍ଡଳୀ ଉନ୍ନୟନ କମିଟି ବୈଠକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ବିଭାଗର ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷାପୂର୍ବକ ଅଗ୍ରଗତି ସମ୍ବନ୍ଧରେ ବୈଠକରେ ଆଲୋଚନା ହୋଇଥିଲା। ବିଶେଷକରି ଶିକ୍ଷା, ଗ୍ରାମ୍ୟ ଉନ୍ନୟନ, କ୍ଷୁଦ୍ର ଜଳସେଚନ, ଉଠା ଜଳସେଚନ ଆଦି କ୍ଷେତ୍ର ସମେତ ଆଠଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦର ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି ସମ୍ବନ୍ଧରେ ବିଧାୟକ ସ୍ୱାଇଁ ସମୀକ୍ଷା କରିଥିଲେ। ମୁଖ୍ୟମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା, ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା, ବିଜୁ ସେତୁ ଯୋଜନା ସମେତ ସରକାରୀ କୋଠା ନିର୍ମାଣ, ବନଖଣ୍ଡ ଅଧୀନ ଜଙ୍ଗଲ ଜମି ଉନ୍ନୟନ କାର୍ଯ୍ୟର ମଧ୍ୟ ସମୀକ୍ଷା ହୋଇଥିଲା। ଆସନ୍ତା ଖରିଫ ଋତୁରେ କେନାଲ ଜରିଆରେ ଚାଷଜମିକୁ ସୁରୁଖୁରୁରେ ଜଳ ଯୋଗାଣ, ନଳକୂପ ମରାମତି ଓ ନିର୍ମାଣ ତଥା ଆବଶ୍ୟକ ସ୍ଥଳେ ନୂତନ ନଳକୂପ ଖନନ ଉପରେ ବିଧାୟକ ଗୁରୁତ୍ୱାରୋପ କରିଥିଲେ। ବିଜ୍ଞାପିତ ଅଞ୍ଚଳରେ ହେବାକୁଥିବା ଶୌଚାଳୟ, ସ୍ମାର୍ଟ ପାର୍କ, ଶ୍ମଶାନ ନିର୍ମାଣ, ମଶାତେଲ, ମଶାଧୂଆଁ ସିଞ୍ଚନ, ନାଳନର୍ଦ୍ଦମା ସଫା କରାଯିବା ସମ୍ପର୍କରେ ଆଲୋଚନା ହୋଇଥିଲା।

ଅତିରିକ୍ତ ଜିଲାପାଳ ଡ. ଦିବ୍ୟଲୋଚନ ମହାନ୍ତଙ୍କ ସଂଯୋଜନାରେ ପରିଚାଳିତ ବୈଠକରେ ଡ୍ରୁଡାର ପ୍ରକଳ୍ପ ନିର୍ଦ୍ଦେଶକ ହେମନ୍ତ କୁମାର ସ୍ୱାଇଁ, ଆଠଗଡ଼ ଉପ ଜିଲାପାଳ ପ୍ରଶାନ୍ତ କୁମାର ତରାଇ, ଉପନିର୍ଦ୍ଦେଶକ (ଯୋଜନା) ବିଶ୍ୱରଞ୍ଜନ ଦାସ, ବନଖଣ୍ଡ ଅଧିକାରୀ ଡ. ଜେ. ପତି, ଜିଲା ଶିକ୍ଷା ଅଧିକାରୀ ଡ. ସନ୍ତୋଷ କୁମାର ରାଉତ, ଗ୍ରାମ୍ୟ ନିର୍ମାଣ ଅଧୀକ୍ଷଣ ଯନ୍ତ୍ରୀ ଇଂ. ଅଶୋକ ସାହୁ, ଅଭିଷେକ ସାହୁଙ୍କ ସମେତ ଅନ୍ୟ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।



ବୈଠକରେ ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ସମେତ ଅନ୍ୟମାନେ।

# ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପାଚେରି ଭୁଶୁଡ଼ିଲା

- ୩ ଗାଡ଼ି ଚୂରମାର୍
- ନିମ୍ନମାନର କାର୍ଯ୍ୟ ଅଭିଯୋଗ

କଟକ,୫।୭ (କାର୍ତ୍ତିକ ସାହୁ)

ଓଡ଼ିଆ ବଜାର ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ପାଚେରି ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ପୂର୍ବରୁ ପାଚେରି ଦୁର୍ବଳ ହୋଇଥିବାବେଳେ ଗୁରୁବାର ପ୍ରବଳ ବର୍ଷା ପରେ ପାଚେରୀ ମୂଳରୁ ସିଧା ଗଳିପଡ଼ିଥିଲା। ଫଳରେ ପାଚେରୀ ପାର୍ଶ୍ୱରେ ଥିବା ୩ଟି କାର୍ ଭାଙ୍ଗିରୁଜି ନଷ୍ଟ ହୋଇଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ତିନିବର୍ଷ ତଳେ ଲକ୍ଷାଧିକ ଟଙ୍କା ବ୍ୟୟରେ ଏହି ସ୍ୱାସ୍ଥ୍ୟକେନ୍ଦ୍ରର ପାଚେରି ନିର୍ମାଣ ହୋଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ରକୁ ଲାଗି ନେତାଜୀ ବ୍ୟାଖ୍ୟାନ କେନ୍ଦ୍ର, ଜିଲା ପର୍ଯ୍ୟଟନ କାର୍ଯ୍ୟାଳୟ ଓ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ରହିଛି। ପ୍ରତିବର୍ଷ ନେତାଜୀ ଜୟନ୍ତୀରେ ବହୁ ସଂଖ୍ୟକ ଲୋକ ସମାଗମ ହେବା ସହ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ରକ୍ତଦାନ ଶିବିର, ସମ୍ବର୍ଦ୍ଧନା ସଭା ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଆସୁଛି। ତେବେ ଏଭଳି ଏକ ଗୁରୁତ୍ୱ ବହନ କରୁଥିବା ଅଞ୍ଚଳରେ ଏଭଳି ଅଘଟଣକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ନିମ୍ନମାନର କାମ ଯୋଗୁ ପାଚେରି ଭୁଶୁଡ଼ି ପଡ଼ିଥିବା ଲୋକେ ଅଭିଯୋଗ କରିଛନ୍ତି। ସ୍ଥାନୀୟ ବାସିନ୍ଦା ଦେବାଶିଷ ବେହେରାଙ୍କ କହିବାନୁସାରେ, ନିର୍ମାଣ କାର୍ଯ୍ୟ କରିଥିବା ସଂସ୍ଥା ଓ ସରକାରୀ ଅଧିକାରୀଙ୍କ ସଲାସୁତରାରେ ଏଭଳି ନିମ୍ନମାନର କାର୍ଯ୍ୟ ହୋଇଛି। ଏହାର ବିଧିବଦ୍ଧ ତଦନ୍ତ କରାଯିବା ଉଚିତ୍। ଓଡ଼ିଆବଜାର ଭଳି ଐତିହ୍ୟସମ୍ପନ୍ନ ଅଞ୍ଚଳରେ ଯଦି ଏଭଳି ନିମ୍ନମାନର କାର୍ଯ୍ୟ ହୋଇପାରୁଛି, ତା'ହେଲେ ଅନ୍ୟସ୍ଥାନର ଅବସ୍ଥା ଏଥିରୁ ଅନୁମେୟ ବୋଲି ସେ କହିଛନ୍ତି। ଏନେଇ ସିଏମ୍‌ସି କମିଶନର ବିଜୟ କୁମାର ଦାଶ କହିଛନ୍ତି, କେଉଁ ପରିସ୍ଥିତିରେ ପାଚେରି ଭୁଶୁଡ଼ିଲା ତାହାର ଅନୁଧ୍ୟାନ କରାଯିବ। କିଏ ଏହାର ନିର୍ମାଣ କାର୍ଯ୍ୟ କରିଥିଲେ ସେ ସମ୍ପର୍କରେ ତଦନ୍ତ କରାଯାଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପାଚେରି ଭୁଶୁଡ଼ି କାର ଭାଙ୍ଗି ଚୂରମାର୍ ହୋଇଯାଇଛି।

# 'ରୋଟାରୀ କ୍ଲବରେ ସେବା ମନୋବୃତ୍ତି ପ୍ରାଥମିକତା'




ଉତ୍ସବରେ ଡ. ଆଶୁତୋଷ ଦେବତାଙ୍କ ରଚିତ ପୁସ୍ତକ 'ପରିବେଶ ଅନୁଶୀଳନ, ଧରା ଓ ଧାରା'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

କଟକ,୫।୭ (କାର୍ତ୍ତିକ ସାହୁ)

ରୋଟାରୀ କ୍ଲବ୍‌ଅଫ୍‌କଟକ ମିଡ୍‌ଟାଉନ୍ ଏବଂ ଇନର୍ ହୁଇଲ୍ କ୍ଲବ୍‌ଅଫ୍‌କଟକ ମିଡ୍‌ଟାଉନ୍‌ର ସଂସ୍ଥାପନ ଉତ୍ସବ ଦୋଳମୁଣ୍ଡାଇସ୍ଥିତ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। କ୍ଲବ୍ ସଭାପତି ଡ. ଆଶୁତୋଷ ଦେବତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜଷ୍ଟିସ୍ ଶଶିକାନ୍ତ ମିଶ୍ର ଯୋଗଦେଇ ରୋଟାରୀ କ୍ଲବରେ ସେବା ମନୋବୃତ୍ତି ପ୍ରାଥମିକତା ବୋଲି କହିଥିଲେ। ଏହି ଅବସରରେ ଡ. ଆଶୁତୋଷ ଦେବତାଙ୍କ ରଚିତ ପୁସ୍ତକ ପରିବେଶ ଅନୁଶୀଳନ, ଧରା ଓ ଧାରା ଏବଂ ସ୍ୱତନ୍ତ୍ର ବୁଲେଟିନ ମୈତ୍ରୀ ଉନ୍ମୋଚିତ ହୋଇଥିଲା। ନୂତନ ଭାବେ ସଂସ୍ଥାପିତ ରୋଟାରୀ କ୍ଲବ୍ ଅଫ୍ କଟକ ମିଡ୍ ଟାଉନ୍‌ର ଡ. ଦେବତା ଓ ଇନର୍ ହୁଇଲ୍ କ୍ଲବ୍ ଅଫ୍ କଟକ ମିଡ୍ ଟାଉନର ସଭାପତି ଡ. ମିତା ଦେବତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡ. ନିରଞ୍ଜନ ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିଲେ। ଶୁଭ୍ରାଂଶୁ ସାମନ୍ତରାୟ, ଡ. ମୋନାଲିସା ପଣ୍ଡା, ମେଜର ନନ୍ଦ କିଶୋର ଶତପଥୀ, ସମ୍ପାଦକ ବିଭୂତି ଭୂଷଣ ରାଉତ, କାହ୍ନୁଚରଣ ଦାସ, କୋଷାଧ୍ୟକ୍ଷ କୈଳାସ ଚନ୍ଦ୍ର ପାଢୀ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ। ରୋଟାରୀ କ୍ଲବ୍‌ର ଦିଲୀପ ପଟ୍ଟନାୟକ ଓ ଦେବାଶିଷ ମିଶ୍ର ଦୁଇଜଣ ନୂତନ ସଭ୍ୟ ଜାତୀୟ ଧାନ ଗବେଷଣା କେନ୍ଦ୍ରର ନିର୍ଦ୍ଦେଶକ ଡ. ଅମରେଶ ପଟ୍ଟନାୟକ ଓ ଉତ୍କଳ ବିଶ୍ୱବିଦ୍ୟାଳୟ ଏମିରେଟ ପ୍ରଫେସର୍ ଗୋପାଳ ଚନ୍ଦ୍ର ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବିଶ୍ୱରୂପ ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।

### 'ରୋଟାରୀକୁ ସମସ୍ତେ ବୁଝିବା ଦରକାର'

କଟକ,୫।୭ (କାର୍ତ୍ତିକ ସାହୁ)

ରୋଟାରୀ କ୍ଲବ୍ ଅଫ୍ କଟକର ୭୯ତମ ଅଧିଷ୍ଠାନ ଉତ୍ସବ ବାରବାଟୀ ଦୁର୍ଗ ପରିସରସ୍ଥ କଟକ କ୍ଲବ ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସଭାପତି ସମୀର କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ୩୨୬୨ରୋଟାରୀ ଜିଲା ୨୦୨୫-୨୬ର ପ୍ରାନ୍ତପାଳ ମନୋଜ କୁମାର ତ୍ରିପାଠୀ ରୋଟାରୀକୁ ସମ୍ପୂର୍ଣ୍ଣ ବୁଝିବା ଦରକାର ବୋଲି କହିଥିଲେ। ସମ୍ମାନିତ ଅତିଥି ସହକାରୀ ପ୍ରାନ୍ତପାଳ ସୁଚିତ୍ରା ପ୍ରସାଦ ମହିଳାଙ୍କ ଭୂମିକା ବିଷୟରେ ଉଲ୍ଲେଖ କରିଥିଲେ। ଅକ୍ଷୟ କୁମାର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ପୂର୍ବତନ ସଭାପତି ସମୀର କୁମାର ମିଶ୍ର ୨୦୨୩-୨୪ ବର୍ଷର କାର୍ଯ୍ୟାବଳୀ ଉପସ୍ଥାପନ କରିଥିଲେ। ଏଥିସହ ୨୦୨୪-୨୫ ବର୍ଷର ସଭାପତି ଦାୟିତ୍ୱ ନେଉଥିବା ଅକ୍ଷୟ କୁମାର ନାୟକ ଓ ସମ୍ପାଦକ ଶୂନ୍ୟେଶ୍ୱର ସ୍ୱାଇଁଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ନୂତନ ତିନିଜଣ ସଞ୍ଜୀବ ଶତପଥୀ, ନିକୁଞ୍ଜ କୁମାର ଦେଓ, ସୁଶାନ୍ତ ମହାରଣା ସଭ୍ୟ ଭାବରେ ଇଂ. ଗୋପାଳ କୃଷ୍ଣ ବେହେରା ଶପଥ ପାଠ କରାଇଥିଲେ। ଏଥିସହ ମୁଖ୍ୟ ଅତିଥି କାର୍ଯ୍ୟକାରୀ ସଦସ୍ୟମାନଙ୍କୁ ଶପଥ ପାଠ କରାଇଥିଲେ। ସୁଜାତା ପ୍ରିୟଦର୍ଶିନୀ ଧନ୍ୟବାଦ ଦେଇଥିଲେ।

### ଆଜି ରଥଖଳାରୁ ଶ୍ରୀମନ୍ଦିର ପାଖକୁ ଟଣାଯିବ ୩ ରଥ

**ପତିଦିଅଁଙ୍କଠାରୁ ଆଜ୍ଞାମାଳ ବିଜେ ହେବ**

ପୁରୀ, ୫।୭ (ଅଜିତ୍ କୁମାର ମହାନ୍ତି)

ଦିନକ ପରେ ଅର୍ଥାତ ରବିବାର ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ତେଣୁ ପରମ୍ପରା ଅନୁଯାୟୀ, ଶନିବାର ରଥଖଳାରୁ ଶ୍ରୀମନ୍ଦିର ନିକଟକୁ ତିନିରଥ ଟଣାହେବ। ଶ୍ରୀମନ୍ଦିରରେ ସକାଳ ଧୂପ ଶେଷ ହେବା ପରେ ପାଳିଆ ପୂଜାପଣ୍ଡା ସାମନ୍ତ ତିନିବାଡ଼ରୁ ୩ଟି ଆଜ୍ଞାମାଳ ଆଣି ଘଣ୍ଟ, ଛତା, କାହାଳୀ ସହ ରଥଖଳା ନିକଟକୁ ବିଜେ କରିବେ। ତେବେ ଚଳିତବର୍ଷ ତିଥି କ୍ଷୟ ଯୋଗୁ ଶ୍ରୀଗୁଣ୍ଡିଚା ଦିନ ଶ୍ରୀବିଗ୍ରହଙ୍କ ନବଯୌବନ ଓ ନେତ୍ର ଉତ୍ସବ ଅନୁଷ୍ଠିତ ହେବ। ତେଣୁ ଶ୍ରୀବିଗ୍ରହଙ୍କଠାରୁ ରଥଖଳାକୁ ଆଜ୍ଞାମାଳ ଆସିବ ନାହିଁ। ପୂଜାପଣ୍ଡା ସାମନ୍ତ ପତିଦିଅଁଙ୍କ ନିକଟରୁ ଆଜ୍ଞାମାଳ ଆଣି ରଥତ୍ରୟ ନିକଟକୁ ବିଜେ କରାଇବେ। ପରମ୍ପରା ଅନୁଯାୟୀ, ପ୍ରଥମେ ପ୍ରଭୁ ବଳଭଦ୍ରଙ୍କ ତାଳଧ୍ୱଜ ରଥରେ ଆଜ୍ଞାମାଳ ପ୍ରଦାନ କରାଯିବ। ପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ଏବଂ ଶେଷରେ ମା' ସୁଭଦ୍ରାଙ୍କ ଦର୍ପଦଳନ ରଥରେ ଆଜ୍ଞାମାଳ ଦିଆଯିବ। ଭୋଇସେବକମାନେ ତେଲ ଦେଇ ରଥରେ ଦଉଡ଼ି ସଂଯୋଗ କରିବେ। ତାଳଧ୍ୱଜ ରଥରେ ବିଜେ କାହାଳୀ ବାଜିବା ପରେ ତିନିରଥ ଶ୍ରୀମନ୍ଦିର ନିକଟକୁ ଟଣାଯିବ। ପରମ୍ପରା ଅନୁସାରେ ପ୍ରଥମେ ନନ୍ଦିଘୋଷ ରଥର ଦକ୍ଷିଣ ମୋଡ଼ କରାଯିବ। ପରେ ଦର୍ପଦଳନ ଓ ଶେଷରେ ତାଳଧ୍ୱଜ ରଥକୁ ଟଣାଯାଇ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ପହଞ୍ଚାଯିବ। ପୋଲିସ ବାହିନୀ ସହାୟତାରେ ତିନିରଥକୁ ଟଣାଯାଇ ସିଂହଦ୍ୱାର ସମ୍ମୁଖକୁ ନିଆଯିବ।



କଟକ ସହରର ବିଭିନ୍ନ ସମସ୍ୟା ସମାଧାନ ପାଇଁ କଂଗ୍ରେସ କର୍ପୋରେଟର ଓ ପ୍ରତିନିଧି ମଣ୍ଡଳୀ ସିଏମ୍‌ସି କମିଶନର ବିଜୟ କୁମାର ଦାସଙ୍କ ସହିତ ଆଲୋଚନା କରୁଛନ୍ତି।

# ଅପପ୍ରଚାରକୁ ବିରୋଧ କରିବ ଯୋଗାଣ ରିଟେଲର ସଂଘ

କଟକ ସଦର,୫।୭(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଯୋଗାଣ ରିଟେଲର ସଂଘର ଜରୁରୀ ବୈଠକ ପରମହଂସଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ପ୍ରଦୀପ କୁମାର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ସାଧାରଣ ବଣ୍ଟନରେ ବହୁ କୋଟି ଟଙ୍କାର ଦୁର୍ନୀତି ହୋଇଥିବା ଅଭିଯୋଗ ଉପରେ ସଭ୍ୟା, ସଭ୍ୟମାନେ ଆଲୋଚନା କରିଥିଲେ। ଏହି ଅପ ପ୍ରଚାରକୁ ବିରୋଧ କରାଯିବ ବୋଲି ସଂଘ ନିଷ୍ପତ୍ତି ନେଇଥିଲା। ୨୦୧୩ ଡିସେମ୍ବରରୁ ରାଜ୍ୟରେ ଜାତୀୟ ଓ ରାଜ୍ୟ ଖାଦ୍ୟ ନିରାପତ୍ତା ଆଇନ ଲାଗୁ ହେବା ପରେ ବାୟୋମେଟ୍ରିକ ଛାପ ବିନା କୌଣସି ଯୋଗାଣ ସାମଗ୍ରୀ ଉଠାଇବା ସମ୍ଭବ ନୁହେଁ। ଏହାଛଡ଼ା ରିଟେଲରଙ୍କୁ ମିଳିବାକୁ ଥିବା କିଲୋ ପିଛା ୧ ଟଙ୍କା ପାରିଶ୍ରମିକ ଅଦ୍ୟାବଧି ମିଳିନାହିଁ। ସେହିପରି ୨୦୨୦-୨୨ ମଧ୍ୟରେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ମାଗଣା ଚାଉଳ ବଣ୍ଟନ ହୋଇଥିଲା। ଏହାର ପାରିଶ୍ରମିକ ମଧ୍ୟ ସରକାର ଦେଇନାହାନ୍ତି। ଏଭଳି ପରିସ୍ଥିତିରେ ରିଟେଲରମାନେ ପରିବାର ପ୍ରତିପୋଷଣ କରିବା କଷ୍ଟକର ହୋଇପଡ଼ିଛି। ଏହି ବୈଠକରେ ସମ୍ପାଦକ ଅଜୟ ଦାସଙ୍କ ସମେତ ପଦାଧିକାରୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ସାଧାରଣ ବଣ୍ଟନ ବ୍ୟବସ୍ଥାରେ ସ୍ଥାନୀୟ ଅଞ୍ଚଳର ଅଧିକାରୀ ଓ ରିଟେଲର ବହୁ କୋଟି ଟଙ୍କାର ଦୁର୍ନୀତିରେ ସମ୍ପୃକ୍ତ ଥିବା ବିଭାଗୀୟ ଉଚ୍ଚ ପଦାଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଉକ୍ତ ଅଭିଯୋଗ ମିଥ୍ୟା ଓ ଭିତ୍ତିହୀନ ବୋଲି ସଭାପତି ଦାସ କହିଛନ୍ତି।

# 'ପ୍ରାଚୀନ ସାହିତ୍ୟ ଅଧିକ ଆଲୋଚନା ହେବା ଆବଶ୍ୟକ'




ବାର୍ଷିକ ଉତ୍ସବରେ ସାହିତ୍ୟିକ ଡକ୍ଟର ବାବାଜୀ ଚରଣ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ବାଇମୁଣ୍ଡି ସାହିତ୍ୟ ସଂସ୍କୃତି ସୁରକ୍ଷା ସମାଜର ବାର୍ଷିକୋତ୍ସବ

କଟକ,୫।୭ (କାର୍ତ୍ତିକ ସାହୁ)

ବାଇମୁଣ୍ଡି ସାହିତ୍ୟ ସଂସ୍କୃତି ସୁରକ୍ଷା ସମାଜର ୧୮ତମ ବାର୍ଷିକୋତ୍ସବ ଓ ସାରସ୍ୱତ ସମ୍ମାନ ପ୍ରଦାନ ସମାରୋହ କଟକ ଶତାବ୍ଦୀ ବିହାରସ୍ଥିତ ଏକ ମଣ୍ଡପରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟିକ ଡ. ମହେଶ୍ୱର ମହାନ୍ତି ଉତ୍ସବକୁ ଉଦ୍‌ଘାଟନ କରି ଆମ ଐତିହ୍ୟ, ପରମ୍ପରା ଓ ପ୍ରାଚୀନ ସାହିତ୍ୟ ଅଧିକରୁ ଅଧିକ ଆଲୋଚନା ହେବା ଆବଶ୍ୟକ ବୋଲି କହିଥିଲେ। ପରିଷଦର ସଭାପତି ତଥା ବରିଷ୍ଠ ଆଇନଜୀବୀ ସୁରେନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଶିକ୍ଷାବିତ୍ ଶଶଧର ପଣ୍ଡା ଦେଶ ତଥା ଜାତି ପ୍ରତି ଆମେ ଆମ କର୍ତ୍ତବ୍ୟକୁ ମନେ ରଖିବା ଉଚିତ ବୋଲି କହିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ସଂସ୍କୃତି ଗବେଷକ ଡ. ହରିହର କାନୁନ୍‌ଗୋ, ସମ୍ମାନିତ ଅତିଥି ସାହିତ୍ୟିକ ସଞ୍ଜିତ୍ କୁମାର ପଟ୍ଟନାୟକ ଯୋଗଦେଇଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ଦୀନବନ୍ଧୁ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ସାହିତ୍ୟିକ ଡକ୍ଟର ବାବାଜୀ ଚରଣ ପଟ୍ଟନାୟକଙ୍କୁ ବାଇମୁଣ୍ଡି ସାରସ୍ୱତ ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିସହ ସାହିତ୍ୟ ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ନୃସିଂହ ଚରଣ ଜେନା, ଇନ୍ଦ୍ରମଣି ସାହୁ, କେଶବ ଚନ୍ଦ୍ର ରାଉତ, ଲୋପାମୁଦ୍ରା ଜେନା, ସନ୍ଧ୍ୟାରାଣୀ ଶତପଥୀ, ଛବିରାମ ସେଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ବିଭିନ୍ନ ଅଞ୍ଚଳରୁ ଆସିଥିବା ନବୀନ ତରୁଣ କବିମାନଙ୍କୁ ନେଇ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ନରସିଂହ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାହିତ୍ୟିକ ସୁଦର୍ଶନ ମହାପାତ୍ର ଅତିଥି ଭାବେ ଯୋଗଦେଇଥିଲେ। କବି ବିଜୟ କୁମାର ନାଥ, ଶରତ ଚନ୍ଦ୍ର ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ନମିତା ମହାନ୍ତି ଏବଂ ଲିନା ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଡ୍‌ଭୋକେଟ୍ ତାପସ କୁମାର ଦ୍ୱିବେଦୀ ଧନ୍ୟବାଦ ଦେଇଥିଲେ।

# ସିଟି ସ୍କାନ ମେଶିନ ଅଚଳ, ରୋଗୀ ଅସନ୍ତୁଷ୍ଟ

## ଏସ୍‌ସିବି ମେଡିକାଲ

କଟକ,୫।୭(ଶିଲ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲର ରଞ୍ଜନରଶ୍ମୀ ବିଭାଗରେ ପିପିପି ମୋଡ୍‌ରେ ଥିବା ସିଟି ସ୍କାନ ମେଶିନ ଶୁକ୍ରବାର ପୁଣିଥରେ ଅଚଳ ହୋଇପଡ଼ିଛି। ଫଳରେ ସ୍କାନିଂ ପାଇଁ ଦୀର୍ଘ ସମୟ ଲମ୍ବାଧାଡିରେ ଅପେକ୍ଷା କରିଥିବା ରୋଗୀମାନେ ସ୍କାନ ନ କରିପାରି ନିରାଶ ହୋଇଛନ୍ତି। ଏହାକୁ ନେଇ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ଏସ୍‌ସିବିରେ ପିପିପି ମୋଡ୍‌ରେ ଥିବା ସିଟିସ୍କାନ ମେଶିନ ପୁରୁଣା ହୋଇଯାଇଥିବାରୁ ପ୍ରାୟ ୨/୩ ଦିନରେ ଖରାପ ହେଇଯାଉଛି। ମରାମତି ପରେ ତାହା କାର୍ଯ୍ୟକ୍ଷମ ହେଉଛି। ପୁନର୍ବାର ତାହା ଅଚଳ ହୋଇଯାଉଛି। ଶୁକ୍ରବାର ସିଟି ସ୍କାନ ପାଇଁ ରୋଗୀମାନେ ଧାଡିରେ ଅପେକ୍ଷା କରିଥିଲେ। ମଧ୍ୟାହ୍ନରେ ମେଶିନ ଖରାପ ଥିବା ନେଇ ଉପସ୍ଥିତ କର୍ମଚାରୀ ରୋଗୀଙ୍କ ସମ୍ପର୍କୀୟଙ୍କୁ ଜଣାଇଥିଲେ। ଫଳରେ ଦୀର୍ଘ ସମୟ ଅପେକ୍ଷା କରିଥିବା ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ଅସନ୍ତୁଷ୍ଟ ହୋଇଥିଲେ। ଏନେଇ ବାଲେଶ୍ୱର ଅଞ୍ଚଳର ସୁଶାନ୍ତ ମହାପାତ୍ର କହିଛନ୍ତି, ତାଙ୍କ ପୁଅର ସ୍କାନିଂର ଆବଶ୍ୟକତା ରହିଛି। ସ୍କାନିଂ ରିପୋର୍ଟ ଦେଖିଲେ ସେହି ଅନୁଯାୟୀ ଡାକ୍ତର ଚିକିତ୍ସା କରିବେ। ଏସ୍‌ସିବିରେ ସ୍କାନିଂ କରିବା ପାଇଁ ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡିଲା। ଶେଷରେ ମେଡିକାଲ କର୍ମଚାରୀ କହିଲେ ମେଶିନ ଖରାପ ସ୍କାନିଂ ହୋଇପାରିବ ନାହିଁ। ଏ ସମ୍ପର୍କରେ ମେଡିକାଲର ପ୍ରଶାସନିକ ଅଧିକାରୀ ଡ. ଅବିନାଶ ରାଉତ କହିଛନ୍ତି, ପିପିପି ମୋଡ ସିଟି ସ୍କାନ ମେଶିନ ଏକ ଘରୋଇ ସଂସ୍ଥାର। ମେଶିନ ଖରାପ ହେଲେ ତୁରନ୍ତ ମରାମତି କରାଯାଉଛି। ନୂଆ ମେଶିନ ଆଣିବା ପାଇଁ ମେଡିକାଲ ପକ୍ଷରୁ ପୂର୍ବ ସରକାରଙ୍କୁ ଅବଗତ କରାଯାଇଥିଲା। ଏନେଇ ଅନୁମତି ପତ୍ର ଆସିଛି। ଏବେ ନୂଆ ସରକାରଙ୍କୁ ମେଡିକାଲର ସମସ୍ତ ବିଷୟରେ ଅଗବତ କରାଯାଇଛି। ଖୁବ୍‌ଶୀଘ୍ର ନୂଆ ମେଶିନ ଆସିବ ବୋଲି ଆଶା ରହିଥିବା ସେ କହିଛନ୍ତି।

ମେଡିକାଲରୁ ମିଳିଥିବା ସୂଚନାଅନୁଯାୟୀ, ଏସ୍‌ସିବି ମେଡିକାଲରେ ନିଜସ୍ୱ ଗୋଟିଏ ଓ ଘରୋଇ ସଂସ୍ଥା ସହଭାଗୀତାରେ ଆଉ ଗୋଟିଏ ସିଟି ସ୍କାନ ମେଶିନ ରହିଛି। ଉକ୍ତ ମେଶିନ ବାରମ୍ବାର ଖରାପ ହେବାରୁ ମେଡିକାଲ କର୍ତ୍ତୃପକ୍ଷ ନୂତନ ମେଶିନ ଆଣିବା ପାଇଁ ନିଷ୍ପତ୍ତି ନେଇଥିଲେ। ଗତବର୍ଷ ଏସ୍‌ସିବି ମେଡିକାଲ ରେଡିଓ ଡାଇଗ୍ନୋସିସ୍ ବିଭାଗ ପକ୍ଷରୁ ସ୍ୱାସ୍ଥ୍ୟ ବିଭାଗକୁ ଚିଠି ମାଧ୍ୟମରେ ଏନେଇ ଅବଗତ କରାଯାଇଥିଲା। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନୂତନ ମେଶିନ ପ୍ରଦାନ ନେଇ ଅନୁମତି ପତ୍ର ଆସିଥିଲା। ଓଡ଼ିଶା ଷ୍ଟେଟ୍ ମେଡିକାଲ କର୍ପୋରେଶନ ଲିମିଟେଡ୍ (ଓଏସ୍‌ଏମ୍‌ସିଏଲ୍) ପକ୍ଷରୁ ଆଉ ଗୋଟିଏ ସ୍କାନ ମେଶିନ ଯୋଗାଇ ଦିଆଯିବା ପାଇଁ ସ୍ପଷ୍ଟ ହୋଇଥିଲା। ଏସ୍‌ସିବି କର୍ତ୍ତୃପକ୍ଷଙ୍କ ପକ୍ଷରୁ ଜାଗା ଚିହ୍ନଟ କରାଯାଇଥିବାବେଳେ ଏପର୍ଯ୍ୟନ୍ତ ମେଡିକାଲକୁ ମେଶିନ ଆସିପାରିନାହିଁ। ଏସ୍‌ସିବିରେ ମାଗଣା ସିଟି ସ୍କାନ କରାଯାଉଥିବାବେଳେ ଘରୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଏଥିପାଇଁ ପ୍ରାୟ ୨୦୦୦ ଟଙ୍କା ଖର୍ଚ୍ଚ କରିବାକୁ ପଡିଥାଏ।



ସିଟି ସ୍କାନ ପାଇଁ ଏସ୍‌ସିବି ମେଡିକାଲରେ ଅପେକ୍ଷା କରିଥିବା ରୋଗୀ ଓ ସେମାନଙ୍କ ସମ୍ପର୍କୀୟ।

# ଶୃଙ୍ଖଳିତ ରଥଟଣା ପାଇଁ ମକ୍‌ଡ୍ରିଲ୍

ପୁରୀ,୫।୭(ଅଜିତ୍ କୁମାର ମହାନ୍ତି)

ଆସନ୍ତା ୭ତାରିଖରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା। ଶୃଙ୍ଖଳିତ ରଥଯାତ୍ରା ପାଇଁ ଶୁକ୍ରବାର ପୋଲିସ ପକ୍ଷରୁ ରଥଟଣା ସମେତ ଭିଡ଼ ନିୟନ୍ତ୍ରଣ ଓ ଆଇନ ଶୃଙ୍ଖଳା ରକ୍ଷା ନେଇ ମକ୍‌ଡ୍ରିଲ୍ କରାଯାଇଛି। ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ସଞ୍ଜୟ କୁମାରଙ୍କ ନେତୃତ୍ୱରେ ତିନୋଟି ରଥରେ ନିଯୁକ୍ତ ପୋଲିସ ଓ ମାଜିଷ୍ଟ୍ରେଟ ଏବଂ ପୋଲିସ କର୍ମଚାରୀଙ୍କ ଉପସ୍ଥିତିରେ ରଥଟଣା ମକ୍‌ଡ୍ରିଲ୍ ହୋଇଥିଲା। ଘୋଷଯାତ୍ରା ଦିନ ଶୃଙ୍ଖଳିତ ଭାବେ ରଥଟଣା ଶେଷ କରିବାକୁ ସଞ୍ଜୟ କୁମାର ପରାମର୍ଶ ଦେଇଛନ୍ତି। ଘୋଷଯାତ୍ରାରେ ଲକ୍ଷାଧିକ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ଓ ରଥଟଣାକୁ ଶୃଙ୍ଖଳିତ କରିବା ପାଇଁ ରିଜର୍ଭ ପୋଲିସ ଲାଇନ ପଡ଼ିଆରେ ମକ୍‌ଡ୍ରିଲ ଏବଂ ଅଭ୍ୟାସ କରାଯାଇଛି। ଭିଡ଼ ଭିତରେ ୩ ରଥ କିଭଳି ଟଣାଯିବ, ଇନର ଓ ଆଉଟଡୋର କର୍ଡନ କିଭଳି ରହିବ ଏବଂ ମାଜିଷ୍ଟ୍ରେଟଙ୍କ ଦ୍ୱାରା ରଥ କିଭଳି ନିୟନ୍ତ୍ରଣ କରାଯିବ, ସେ ନେଇ ଅଭ୍ୟାସ ଓ ପ୍ରଶିକ୍ଷଣ କରାଯାଇଥିଲା। ଏଥିରେ ମାଜିଷ୍ଟ୍ରେଟ, ପୋଲିସ, ଏସ୍‌ଓଜି ଯବାନ୍, ଆରଏଏଫ ଅଧିକାରୀ ଓ କର୍ମଚାରୀ ସାମିଲ ହୋଇଥିଲେ। ଚଳିତ ବର୍ଷ ରଥଯାତ୍ରାରେ ୧୮୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯିବ। ବମ୍ ସ୍କ୍ୱାଡ୍, ଡଗ୍ ସ୍କ୍ୱାଡ୍ ସହ ସିସିଟିଭି ସର୍ଭେଲାନ୍ସ ବ୍ୟବସ୍ଥା କରାଯାଇଛି।



ଘୋଷଯାତ୍ରା ସୁପରିଚାଳନା ପାଇଁ ପୋଲିସ ପକ୍ଷରୁ ଶୁକ୍ରବାର ପୁରୀ ରିଜର୍ଭ ପୋଲିସ ଲାଇନ ପଡ଼ିଆରେ ମକ୍‌ଡ୍ରିଲ କରାଯାଉଛି । (ଫଟୋ-ଯଜ୍ଞେଶ୍ୱର ମହାନ୍ତି)

# ଆପ୍‌ରେ ମିଳିବ ରଥଯାତ୍ରା ସୂଚନା

ପୁରୀ,୫।୭(ଅଜିତ୍ କୁମାର ମହାନ୍ତି)

**ଇଣ୍ଟିଗ୍ରେଟେଡ୍ ସିଟି ଆପ୍ ପ୍ରସ୍ତୁତ ପାଇଁ ଯୋଜନା ହେଉଛି: ଜିଲାପାଳ**

ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଦେଖିବା ପାଇଁ ପୁରୀ ଆସୁଥିବା ଶ୍ରଦ୍ଧାଳୁ, ତୀର୍ଥଯାତ୍ରୀ ଓ ପର୍ଯ୍ୟଟକଙ୍କୁ ଅଧିକ ତଥ୍ୟ ସହଜରେ ଉପଲବ୍ଧ କରାଇବା ପାଇଁ 'ରଥଯାତ୍ରା-୨୦୨୪' ନାମକ ମୋବାଇଲ ଆପ୍ ଲଞ୍ଚ୍ କରାଯାଇଛି। ଏହି ଆପ୍ ଡାଉନ୍‌ଲୋଡ୍ କଲେ ଦର୍ଶନାର୍ଥୀ ଓ ପର୍ଯ୍ୟଟକ ନିଜ ନିକଟରେ ଥିବା ପିଇବା ପାଣି ବ୍ୟବସ୍ଥା, ସ୍ୱାସ୍ଥ୍ୟକେନ୍ଦ୍ର, ମାଗଣା ଖାଦ୍ୟବଣ୍ଟନ ସ୍ଥଳୀ, ପୋଲିସ ସେବାକେନ୍ଦ୍ର, ଶିଶୁ ଡେସ୍କ ହେଲ୍ପ ଲାଇନ, ସୂଚନା କେନ୍ଦ୍ର, ଅସ୍ଥାୟୀ ରହଣି ଶିବିର, ଭିନ୍ନକ୍ଷମଙ୍କ ପାଇଁ ରଥ ପହଞ୍ଚିପାରିବେ। 'ରଥଯାତ୍ରା-୨୦୨୪' ନାମକ ଏହି ଆପ୍‌କୁ ସ୍ୱତନ୍ତ୍ର କ୍ୟୁଆର୍ କୋଡ୍ ମାଧ୍ୟମରେ ସମସ୍ତ ଆଣ୍ଡ୍ରଏଡ୍ ସେଟ୍‌ରେ ଡାଉନ୍‌ଲୋଡ୍ କରିହେବ। ରଥଯାତ୍ରାଠାରୁ ନୀଳାଦ୍ରିବିଜେ ମଧ୍ୟରେ ଅନ୍ୟ ସବୁ ଆବଶ୍ୟକ ସୂଚନାଗୁଡ଼ିକୁ ଆବଶ୍ୟକତା ଅନୁଯାୟୀ ଏହି ଆପ୍‌ରେ ସଂଯୁକ୍ତ କରାଯିବ। ପରୀକ୍ଷାମୂଳକ ଭାବେ ପ୍ରଥମ ଥର ପାଇଁ ପୁରୀ ଜିଲା ପ୍ରଶାସନ ତରଫରୁ ଏଭଳି ପ୍ରୟାସ ଆରମ୍ଭ କରାଯାଇଛି।




Rath Yatra 2024 is a holistic application developed for the common citizens and pilgrims, visiting Jagannatha Puri at the time of Rath Yatra. It would help people to know about their nearby tourist places, public utilities, temples and also help them to get to know about directions to reach the desired place.

Get The
Rath Yatra-2024 APP
Scan QR Code

ଦର୍ଶନ ହୁଇଲ୍ ଚେୟାର ବ୍ୟବସ୍ଥା, ଲାଇଫ ଗାର୍ଡ ସେବା, କଣ୍ଟ୍ରୋଲ ରୁମ୍, ହୋଟେଲ, ରେଷ୍ଟୁରାଣ୍ଟ, ପାର୍କିଂ ସ୍ଥାନ ଇତ୍ୟାଦି ବିଷୟରେ ସୂଚନା ପାଇପାରିବେ। ଏଥିସହ ସହର ମଧ୍ୟରେ ଥିବା ଦେବସ୍ଥଳୀ ସମ୍ପର୍କରେ ମଧ୍ୟ ଜାଣିପାରିବେ। ନାଭିଗେଶନ ମାଧ୍ୟମରେ ସହଜରେ ସେ ସ୍ଥାନରେ ମଧ୍ୟ ରଥଯାତ୍ରାର ଭିଡ଼ ଭିତରେ ଲୋକମାନଙ୍କୁ ଏହି ଆପ୍ ନିଶ୍ଚିତ ସୂଚନା ଦେବାରେ ସହାୟକ ହେବ ବୋଲି ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି। ଆଗକୁ ପୁରୀ ସହର ପାଇଁ ଏକ ଇଣ୍ଟିଗ୍ରେଟେଡ୍ ସିଟି ଆପ୍ ପ୍ରସ୍ତୁତ ସକାଶେ ଯୋଜନା କରାଯାଉଛି ବୋଲି ଜିଲାପାଳ ସୂଚନା ଦେଇଛନ୍ତି।

# ଆଜି ରଥଖଳାରୁ ଶ୍ରୀମନ୍ଦିର ପାଖକୁ ଟଣାଯିବ ୩ ରଥ

**ପଟିଦିଅଁଙ୍କଠାରୁ ଆଜ୍ଞାମାଳ ବିଜେ ହେବ**

ପୁରୀ, ୫।୭(ଅଜିତ୍ କୁମାର ମହାନ୍ତି)

ଦିନକ ପରେ ଅର୍ଥାତ ରବିବାର ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ତେଣୁ ପରମ୍ପରା ଅନୁଯାୟୀ, ଶନିବାର ରଥଖଳାରୁ ଶ୍ରୀମନ୍ଦିର ନିକଟକୁ ତିନିରଥ ଟଣାହେବ। ଶ୍ରୀମନ୍ଦିରରେ ସକାଳ ଧୂପ ଶେଷ ହେବା ପରେ ପାଳିଆ ପୂଜାପଣ୍ଡା ସାମନ୍ତ ତିନିବାଡ଼ରୁ ୩ଟି ଆଜ୍ଞାମାଳ ଆଣି ଘଣ୍ଟ, ଛତା, କାହାଳୀ ସହ ରଥଖଳା ନିକଟକୁ ବିଜେ କରିବେ। ତେବେ ଚଳିତବର୍ଷ ତିଥି କ୍ଷୟ ଯୋଗୁ ଶ୍ରୀଗୁଣ୍ଡିଚା ଦିନ ଶ୍ରୀବିଗ୍ରହଙ୍କ ନବଯୌବନ ଓ ନେତ୍ର ଉତ୍ସବ ଅନୁଷ୍ଠିତ ହେବ। ତେଣୁ ଶ୍ରୀବିଗ୍ରହଙ୍କଠାରୁ ରଥଖଳାକୁ ଆଜ୍ଞାମାଳ ଆସିବ ନାହିଁ। ପୂଜାପଣ୍ଡା ସାମନ୍ତ ପଟିଦିଅଁଙ୍କ ନିକଟରୁ ଆଜ୍ଞାମାଳ ଆଣି ରଥତ୍ରୟ ନିକଟକୁ ବିଜେ କରାଇବେ। ପରମ୍ପରା ଅନୁଯାୟୀ, ପ୍ରଥମେ ପ୍ରଭୁ ବଳଭଦ୍ରଙ୍କ ତାଳଧ୍ୱଜ



ରଥରେ ଆଜ୍ଞାମାଳ ପ୍ରଦାନ କରାଯିବ। ପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ଏବଂ ଶେଷରେ ମା' ସୁଭଦ୍ରାଙ୍କ ଦର୍ପଦଳନ ରଥରେ ଆଜ୍ଞାମାଳ ଦିଆଯିବ। ଭୋଇସେବକମାନେ ତେଲ ଦେଇ ରଥରେ ଦଉଡ଼ି ସଂଯୋଗ କରିବେ। ତାଳଧ୍ୱଜ ରଥରେ ବିଜେ କାହାଳୀ ବାଜିବା ପରେ ତିନିରଥ ଶ୍ରୀମନ୍ଦିର ନିକଟକୁ ଟଣାଯିବ। ପରମ୍ପରା ଅନୁସାରେ ପ୍ରଥମେ ନନ୍ଦିଘୋଷ ରଥର ଦକ୍ଷିଣ ମୋଡ଼ କରାଯିବ। ପରେ ଦର୍ପଦଳନ ଓ ଶେଷରେ ତାଳଧ୍ୱଜ ରଥକୁ ଟଣାଯାଇ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ପହଞ୍ଚାଯିବ। ପୋଲିସ ବାହିନୀ ସହାୟତାରେ ତିନିରଥକୁ ଟଣାଯାଇ ସିଂହଦ୍ୱାର ସମ୍ମୁଖକୁ ନିଆଯିବ।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ

୫।୭।୨୦୨୪

| ୧,୧୬,୯୨୭ ଟଙ୍କା | |
|---|---|
| ସୁନା | ମିଳିନାହିଁ |
| ରୁପା | ୪୪.୫୦୦ ଗ୍ରାମ୍ |

# ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଚାରିଛକ,୫।୭(ଶିଶିର ସ୍ୱାଇଁ)

ନିମାପଡ଼ା ବ୍ଲକ ତୁଳସୀପୁର ଗ୍ରାମର ମା' କନକ ଦୁର୍ଗା ମନ୍ଦିର ପରିସରରେ ଗୁରୁବାର ଏକ ନବ ନିର୍ମିତ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ହୋଇଯାଇଛି। ଗ୍ରାମର ଗବେଷକ, ଲେଖକ ଲକ୍ଷ୍ମୀଧର ସାହୁଙ୍କ ଆର୍ଥିକ ଅନୁଦାନ ସହାୟତାରେ ଉକ୍ତ ମନ୍ଦିରର ନିର୍ମାଣ କାର୍ଯ୍ୟ ହୋଇଥିଲା। ଉତ୍ସବରେ କର୍ତ୍ତା ଭାବେ ଗ୍ରାମ କମିଟି ସଭାପତି ବନବିହାରୀ ଦାଶ ଯୋଗ ଦେଇଥିଲେ। ପୁରୋହିତ ଭାବେ ଦିଲୀପ ମିଶ୍ର ପୂଜାନୀତି କରିଥିଲେ। ସୂଚନାଯୋଗ୍ୟ, ଉକ୍ତ ଗ୍ରାମରେ କାହିଁ କେଉଁ କାଳରୁ ରଥଯାତ୍ରା ଅନୁଷ୍ଠିତ ହୋଇଆସୁଛି। ପ୍ରାଚୀ ଉପତ୍ୟକାରେ ପୂଜା ପାଇ ଆସୁଥିବା ଶ୍ରୀଗୁରୁଦେବ ଏହି ଗ୍ରାମକୁ ଆସି ରଥଯାତ୍ରାରେ ଭାଗ ନେଇଥାନ୍ତି। ଗ୍ରାମରେ ଶ୍ରୀଗୁଣ୍ଡିଚା ମନ୍ଦିର ନ ଥିବାରୁ ଶ୍ରୀଗୁରୁଦେବ ଆସି ମା' କନକ ଦୁର୍ଗା ମନ୍ଦିରରେ ଉପବେଶନ କରିଥାନ୍ତି। ଏଠାରେ ନୂଆ ଭାବେ ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣ ହେବାରୁ ଏବେ ଶ୍ରୀଗୁରୁଦେବ ଶ୍ରୀଗୁଣ୍ଡିଚାଠାରୁ ବାହୁଡ଼ା ଯାତ୍ରା ପର୍ଯ୍ୟନ୍ତ ଏହି ମନ୍ଦିରରେ ଉପବେଶନ ହୋଇ ଭକ୍ତଙ୍କୁ ଦର୍ଶନ ଦେବେ ବୋଲି ଗ୍ରାମ କମିଟି ସଭାପତି ବନବିହାରୀ ଦାଶ କହିଛନ୍ତି।

## ରଥଖଳାରୁ...

# ୩ ରଥରେ ପିତ୍ତଳ ସାମଗ୍ରୀ ଲାଗିଲା



ପୁରୀ,୫।୭(ଅଜିତ୍ କୁମାର ମହାନ୍ତି)

ଆଉ ଦିନକ ପରେ ମହାପ୍ରଭୁଙ୍କ ଘୋଷଯାତ୍ରା। ଏଥିପାଇଁ ତିନିରଥର ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଗୁରୁବାର ରଥର ପାର୍ଶ୍ୱ ଦେବଦେବୀ ସଂସ୍ଥାପିତ ହେବା ସହ ପ୍ରଭାରେ ଖୋଦେଇ ରୂପରେ ରଙ୍ଗ ଚିତ୍ର କାର୍ଯ୍ୟ ଆରମ୍ଭ ହୋଇଥିଲା। ରଥବେଦି ଚାରିପାର୍ଶ୍ୱରେ ଗାଈଗୋଠ ଚିତ୍ର, ଘୋଡ଼ା, ସାରଥିଙ୍କ ରଙ୍ଗ କାର୍ଯ୍ୟ ଜାରି ରହିଥିଲା। ଶୁକ୍ରବାର ତିନିରଥର ପ୍ରଭାରେ ରୂପକାର ସେବକମାନେ ଖୋଦେଇ କରିଥିବା ରାହୁ ବା କ୍ରିତିମୁଖ ସମେତ ତାଳଧ୍ୱଜ ରଥ ପ୍ରଭା ମଧ୍ୟଭାଗରେ ପଦ୍ମକଢ଼ି, ଶିବ, ନାରଦଙ୍କ ଚିତ୍ର, ଦେବୀ ରଥ ପ୍ରଭା ମଧ୍ୟଭାଗରେ ପଦ୍ମକଢ଼ି ଓ ଗଙ୍ଗା ଯମୁନାଙ୍କ ଚିତ୍ର, ନନ୍ଦିଘୋଷ ରଥ ପ୍ରଭା ମଧ୍ୟଭାଗରେ ପଦ୍ମକଢ଼ି ସହ ଦୁଇପାର୍ଶ୍ୱରେ ଇନ୍ଦ୍ର, ବ୍ରହ୍ମାଙ୍କ ରଙ୍ଗ ଚିତ୍ର କାର୍ଯ୍ୟ ଚିତ୍ରକର ସେବକମାନେ ଶେଷ କରିଛନ୍ତି। ପିତ୍ତଳ କଳସ ଓ ରଥ ବାହ୍ୟ ଅଂଶରେ ରଙ୍ଗ କାର୍ଯ୍ୟ ସରି ଘୋଡ଼ା, ସାରଥିଙ୍କ ରଙ୍ଗ କାର୍ଯ୍ୟ ଚାଲିଛି। ମହାରଣା ସେବକ ଓ ଭୋଇ ସେବକମାନେ ତିନିରଥରେ ଠେକେରା ବାଡ଼ ବୁଲାଇବା ସହ ସେଥିରେ ସଖୀ ଫିଟିଙ୍ଗ ଶେଷ କରିଛନ୍ତି। ରଥର ବିଜେ ଚକା ତ୍ରୟରେ ମହାରଣା ସେବକମାନେ ବିନ୍ଧ ସହ ତିନୋଟି ଲେଖାଏ କାଠଖିଲ ନିର୍ମାଣ ଶେଷ କରିଛନ୍ତି। ତିନି ରଥ ସିଂହଦ୍ୱାରକୁ ଯିବା ପରେ ବିଜେଚକା ବେଦି ସିଂହାସନରେ ସଂଯୋଗ ହେବ। ପିତ୍ତଳ ସଜ କାରିଗରମାନେ ରଥବେଦି ସିଂହାସନ ଉପର କନକମୁଣ୍ଡିରେ ପିତ୍ତଳ ଚଦର ଆବରଣ ଫିଟିଙ୍ଗ କାର୍ଯ୍ୟ ଶେଷ କରିଛନ୍ତି। ଶ୍ରୀବିଗ୍ରହମାନଙ୍କ ପହଣ୍ଡି ଲୁଗା ସିଲାଇ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। କୋଠ ସୁଆଁସିଆ ସେବକମାନେ ଦୁଆରବେଢ଼ା ଓ ଚନ୍ଦ୍ରଶାଳୀରେ ପିତ୍ତଳ ସଜ ଫିଟିଙ୍ଗ ଶେଷ କରି ପୋଟଳ ଏବଂ ବତା ଆବରଣ କନା ପକା କାର୍ଯ୍ୟ ଜାରି ରଖିଛନ୍ତି। ଦୋଳବେଦି ଅସ୍ଥାୟୀ କମାରଶାଳରେ ଓଝା ସେବକମାନେ ରଥରେ କନାପକା କାର୍ଯ୍ୟ ପାଇଁ ହାତୁଡ଼ି, ଛୁରି ନିର୍ମାଣ କରି ଯୋଗାଇ ଦେଇଛନ୍ତି।

# ରଥଯାତ୍ରାରେ ଭିଡ଼ ନିୟନ୍ତ୍ରଣ କରିବ ଅତ୍ୟାଧୁନିକ ଏଆଇ ଡ୍ରୋନ୍

ପୁରୀ,୫।୭(ଅଜିତ୍ କୁମାର ମହାନ୍ତି)

**ପ୍ରଥମଥର ପାଇଁ ଓଡ଼ିଶାରେ ବ୍ୟବହାର ହେବ**

ଆସନ୍ତା ୭ ତାରିଖରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା। ଏହାକୁ ଶୃଙ୍ଖଳିତ କରିବା ନିମନ୍ତେ ପ୍ରଶାସନ ଓ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଚଳିତବର୍ଷ ଟ୍ରାଫିକ୍ ଓ ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ଡ୍ରୋନ୍ ବ୍ୟବହାର କରାଯିବ। ଏହି ଅତ୍ୟାଧୁନିକ ଏଆଇ ଟେକ୍ନୋଲୋଜିର ହାଇଟେକ୍ ଡ୍ରୋନ ରଥଯାତ୍ରା ସମୟରେ ଟ୍ରାଫିକ ନିୟନ୍ତ୍ରଣ କରିବା ସହ ଭିଡ଼ ଉପରେ ନଜର ରଖିବ। ଓଡ଼ିଶାରେ ପ୍ରଥମଥର ପାଇଁ ଟ୍ରାଫିକ ଓ ଜନଗହଳି ନିୟନ୍ତ୍ରଣ ସକାଶେ ଅତ୍ୟାଧୁନିକ ଏଆଇ ଡ୍ରୋନ୍ ବ୍ୟବହାର କରିବ ପୋଲିସ୍। ଶୁକ୍ରବାର ପୁରୀ ପୋଲିସ୍ ରିଜର୍ଭ ଗ୍ରାଉଣ୍ଡରେ ଏହି ଅତ୍ୟାଧୁନିକ ଏଆଇ ଡ୍ରୋନ୍‌କୁ ପ୍ରଦର୍ଶନ କରାଯାଇଛି।

ଏହାକୁ ଯୋଗାଇ ଦେଇଥିବା ସଂସ୍ଥାର ମୁଖ୍ୟ ବୋଧିସତ୍ତ୍ୱ ସଂଘପ୍ରିୟ କହିଛନ୍ତି, ଚଳିତ ବର୍ଷ ରଥଯାତ୍ରାରେ ଅତ୍ୟାଧୁନିକ ଉପାୟରେ ଜନଗହଳି ଓ ଟ୍ରାଫିକ ନିୟନ୍ତ୍ରଣ କରାଯିବ। ଯେଉଁ ସ୍ଥାନରେ ଗହଳି ହେବ ଏହି ଏଆଇ ଡ୍ରୋନ ତୁରନ୍ତ ସେହି ସ୍ଥାନକୁ ଯିବ। ଡ୍ରୋନରେ ସ୍ପିକର ଲଗାଯାଇଛି। ସ୍ପିକର୍ ଜରିଆରେ ଲୋକଙ୍କୁ ସଚେତନ କରାଯିବ। ଭିଡ଼ ହୋଇଥିଲେ କେଉଁ ଦିଗରେ ଲୋକେ ଯିବେ ସେ ନେଇ ସଚେତନ କରାଯିବ। ଏହାଦ୍ୱାରା ଭିଡ଼ସ୍ଥଳରେ ପୋଲିସ ପହଞ୍ଚିବାରେ ଯେଉଁ ଅସୁବିଧା ହେଉଛି ତାହା ହ୍ରାସ ପାଇପାରିବ। ପୁରୀ ସହରରେ ୧୦ଟି ଡ୍ରୋନ୍‌ର ବ୍ୟବସ୍ଥା ହୋଇଛି। ଆବଶ୍ୟକ ହେଲେ ଅଧିକ ବ୍ୟବହାର କରାଯିବ। ଏହା ବର୍ଷାରେ ମଧ୍ୟ କାମ କରିପାରିବ। ଏହି ଡ୍ରୋନରେ ଅତ୍ୟାଧୁନିକ କ୍ୟାମେରା ସହିତ ଏଆଇ ସଫ୍ଟୱେୟାର ଲୋଡ୍ ହୋଇଛି। ଏଣୁ ଜନଗହଳି ହେଲେ ଏହା ଏକସଙ୍ଗେ କଣ୍ଟ୍ରୋଲ ରୁମ୍‌କୁ ବାର୍ତ୍ତା ଦେବା ସହ ଭିଡ଼ ଜାଗାକୁ ଯାଇ ଲୋକଙ୍କୁ ଲାଗିଥିବା ସ୍ପିକରରେ ବାର୍ତ୍ତା ଦେଇପାରିବ। ୨୫ରୁ ୩୦ ମିନିଟ ପର୍ଯ୍ୟନ୍ତ ଏହା ଉଡ଼ିପାରିବ। ସୁରକ୍ଷା ଦୃଷ୍ଟିରୁ ୩୦ ମିଟର ଉଚ୍ଚରେ ଏହି ଡ୍ରୋନ୍ ଉଡ଼ିବ। ଓଡ଼ିଶାରେ ଏହା ପ୍ରଥମଥର ପାଇଁ ବ୍ୟବହାର ହେବାକୁ ଯାଉଛି। ଏହା ସଫଳ ହେବ ବୋଲି ଓଡ଼ିଶା ପୋଲିସ ଆଶା ରଖିଛି।



ରଥ ପ୍ରଭାକୁ ରଙ୍ଗ କରାଯାଉଛି ।

# ରାଜନଅରକୁ ଖଡ଼ିପ୍ରସାଦ ବିଜେ

ପୁରୀ,୫।୭(ଅଜିତ୍ କୁମାର ମହାନ୍ତି)

ଆଷାଢ଼ ମାସ ଅମାବାସ୍ୟା ତିଥିରେ ଶୁକ୍ରବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବନକଲାଗି ନୀତି ସହ ଶ୍ରୀନଅରକୁ ଖଡ଼ିପ୍ରସାଦ ବିଜେ ନୀତି ସମ୍ପନ୍ନ ହୋଇଛି। ସୂଚନାଯୋଗ୍ୟ, ଜ୍ୟେଷ୍ଠ ପୂର୍ଣ୍ଣିମାରେ ସ୍ନାନବେଦିରେ ଶ୍ରୀବିଗ୍ରହମାନେ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରିବା ପରେ ଜ୍ୱରରେ ପୀଡ଼ିତ ହୋଇ ଅଣସର ପିଣ୍ଡିରେ ଚିକିତ୍ସିତ ହେଉଛନ୍ତି । ପର୍ଯ୍ୟାୟକ୍ରମେ ଅଣସରର ପଞ୍ଚମୀ ତିଥିରେ ବଡ଼ଓଡିଆ ମଠରୁ ଆସିଥିବା ଫୁଲୁରି ତେଲ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗିହେବା ପରେ ଶୁଦ୍ଧସୁଆର ସେବକମାନେ ଦେଇଥିବା ଓଷ ତିନିଦିନ ଧରି ଲାଗି କରାଯାଇଥିଲା। ପରେ ଦଶମ ତିଥିରେ ଶ୍ରୀବିଗ୍ରହମାନଙ୍କ ଚକାବିଜେ ନୀତି ସମ୍ପନ୍ନ ହୋଇଥିଲା। ସେହିପରି ରାଜବୈଦ୍ୟଙ୍କ ଦ୍ୱାରା ପ୍ରସ୍ତୁତ ଦଶମୂଳ ମୋଦକ ଶ୍ରୀମନ୍ଦିରରେ ପହଞ୍ଚିଥିଲା। ଶୁକ୍ରବାର ଖଳିଲାଗି ଏକାଦଶୀ ତିଥିରେ ଅଣସର ଗୃହରେ ବିରାଜିତ ଶ୍ରୀବିଗ୍ରହମାନଙ୍କୁ ଖଳି ଲାଗି ସହ ତୁଳସୀ ଲାଗି କରାଯାଇଥିଲା। ସେହିପରି ଦଶମୂଳ ମୋଦକ ମଧ୍ୟ ଲାଗି କରାଯାଇଥିଲା ଏହାପରେ ମହାପ୍ରଭୁ ସମ୍ପୂର୍ଣ୍ଣ ସୁସ୍ଥ ହୋଇଥିଲେ। ପରେ ରାଜପ୍ରସାଦ ବିଜେ ହୋଇଥିଲା। ଅଣସରର ତ୍ରୟୋଦଶୀ ତିଥିରେ ଗୁରୁବାର ମହାପ୍ରଭୁଙ୍କୁ ଘଣା ଏବଂ ଖଳିପ୍ରସାଦ ଓ ଖଡ଼ିପ୍ରସାଦ ଲାଗି ନୀତି କରାଯାଇଥିଲା। ଉକ୍ତ ଦିନ ବିଳମ୍ବିତ ରାତିରେ ଶ୍ରୀମନ୍ଦିରରେ ଭୋଗମଣ୍ଡପ ସମ୍ପନ୍ନ ହେବା ପରେ ଦଉମହାପାତ୍ର ସେବାୟତଙ୍କ ଘରୁ ଖଡ଼ିପ୍ରସାଦ ଶ୍ରୀମନ୍ଦିରକୁ ବିଜେ କରିଥିଲା। ଖଡ଼ିପ୍ରସାଦକୁ ପତିମହାପାତ୍ର ସଂସ୍କାର କରିବା ପରେ ମହାପ୍ରଭୁଙ୍କୁ ଲାଗିହୋଇଥିଲା। ଶୁକ୍ରବାର ଦଉମହାପାତ୍ର ସେବକ ଏବଂ ଦଇତାପତି ସେବକ ଶ୍ରୀନଅରକୁ ଖଡ଼ିପ୍ରସାଦ ବିଜେ କରାଇଥିଲେ। ରୁପାଥାଳିରେ ଫୁଲ, ତୁଳସୀଚୂଳ ଦଇତାପତିମାନେ ଧରି ଶ୍ରୀନଅରକୁ ଆସିଥିବାବେଳେ ୩ ରୁପାପିଙ୍ଗଣରେ ଖଡ଼ିପ୍ରସାଦକୁ ସେବକମାନେ ବିଜେ କରାଇଥିଲେ। ଏହି ଖଡ଼ିପ୍ରସାଦକୁ ଗଜପତିଙ୍କ ଗାଦିରେ ରଖାଯାଇଥିଲା। ଶ୍ରୀନଅରରେ ଖଡ଼ିପ୍ରସାଦ ବିଜେ ନୀତି ସମ୍ପନ୍ନ ପରେ ରାଜଗୁରୁଙ୍କ ହସ୍ତରୁ ଶାଢ଼ି ନେଇ ପାଟଶାଣୀ ସେବକ ତଲୁଛ, ଦେଉଳକରଣ, ହେହେରା, ଖୁଣ୍ଟିଆ, ପତିମହାପାତ୍ର ଏବଂ ତିନିବାଡ଼ର ଦଇତାପତିମାନଙ୍କୁ ବନ୍ଧାଇଥିଲେ। ପରେ ସେବକମାନେ ଶ୍ରୀନଅରରୁ ପ୍ରସ୍ଥାନ କରିଥିଲେ।



ଦଇତାପତିଙ୍କୁ ବରଣ ପାଇଁ ଗଜପତି ମହାରାଜା ବସ୍ତ୍ର ପ୍ରଦାନ କରୁଛନ୍ତି ।

# ଟ୍ରାଫିକ୍ ସୁପରିଚାଳନା ପାଇଁ ୫୦ ପ୍ଲାଟୁନ ଫୋର୍ସ

ପୁରୀ,୫।୭(ଅଜିତ୍ କୁମାର ମହାନ୍ତି):

**ସ୍ୱତନ୍ତ୍ର ଟ୍ରାଫିକ ମୋବିଲିଟି ପ୍ଲାନ୍ ପ୍ରସ୍ତୁତ**

- ପ୍ରଥମ ଥର ପାଇଁ ପୁରୀ ଆସୁଥିବା ଗାଡ଼ି ଗଣତି ହେବ
- ଗ୍ରୀନ୍ କରିଡର ବ୍ୟବସ୍ଥା, ସଚେତନ କରିବ ଡ୍ରୋନ୍

ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା ପାଇଁ ସ୍ୱତନ୍ତ୍ର ଟ୍ରାଫିକ ମୋବିଲିଟି ପ୍ଲାନ୍ ପ୍ରସ୍ତୁତ ହୋଇଛି। ଆସନ୍ତା ୬ତାରିଖ ମଧ୍ୟରାତ୍ରରୁ ଏହା ଲାଗୁ ହେବ। ସେହିପରି ସାନ୍ଧ୍ୟ ଦର୍ଶନ, ବାହୁଡ଼ା, ସୁନାବେଶ ଏବଂ ଅନ୍ୟ ଦିନରେ ଭିଡ଼କୁ ଦେଖି ଟ୍ରାଫିକ ବ୍ୟବସ୍ଥା କରାଯିବ ବୋଲି ଶୁକ୍ରବାର ରିଜର୍ଭ ପୋଲିସ କନଫରେନ୍ସ ହଲ୍‌ରେ ଟ୍ରାଫିକ ଏଡିଜି ଦୟାଲ ଗଙ୍ଗୱାରଜ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଗଙ୍ଗୱାର କହିଛନ୍ତି, ଚଳିତବର୍ଷ ନୂଆ ଟେକ୍ନୋଲୋଜି ଆପଣେଇଛି ପୁରୀ ଟ୍ରାଫିକ ପୋଲିସ। ରଥଯାତ୍ରାରେ ଗହଳି ଓ ଟ୍ରାଫିକ ନିୟନ୍ତ୍ରଣ ପାଇଁ ନୂଆ ଟେକ୍ନୋଲୋଜିରେ ପ୍ରସ୍ତୁତ ଡ୍ରୋନ ବ୍ୟବହାର କରାଯିବ। ଯେଉଁ ଜାଗାରେ ଗହଳି ହେଉଥିବ, ସେଠାରେ ଏହି ଡ୍ରୋନ୍ ପହଞ୍ଚି ଲୋକଙ୍କୁ ସଚେତନ କରାଇବ। ଆଉଟର ଟ୍ରାଫିକରେ ଫସିଯାଇଥିବା ଯାନବାହନ ଏହି ଡ୍ରୋନ୍ ମାଧ୍ୟମରେ ପୋଲିସ ସହାୟତା ନେଇପାରିବେ। ସେଠାରୁ ବାହାରିବା ପାଇଁ ପୋଲିସ ସହଯୋଗ କରିପାରିବ। ଚଳିତବର୍ଷ ବିଭିନ୍ନ ଜାଗାରେ ପାର୍କିଙ୍ଗ ବ୍ୟବସ୍ଥା କରାଯାଇଛି। ଦୁଇଚକିଆ ଗାଡ଼ି ପାର୍କିଂ ପାଇଁ ୬ଟି ପାର୍କିଂସ୍ଥଳ ଚିହ୍ନଟ ହୋଇଥିବାବେଳେ ୨୪ ଘଣ୍ଟିଆ ଟ୍ରାଫିକ କଣ୍ଟ୍ରୋଲ ରୁମ୍ କାର୍ଯ୍ୟ କରିବ। ବସ୍ ପାଇଁ ୪ଟି ଏବଂ ଚାରିଚକିଆ ଯାନ ନିମନ୍ତେ ୧୧ଟି ପାର୍କିଂ କରାଯାଇଛି। ବଡଦାଣ୍ଡ ଚାରିପାଖରେ ୪୦ଟି କ୍ରିଟିକାଲ ପଏଣ୍ଟ ଚିହ୍ନଟ ହୋଇଛି, ଯେଉଁଠାରେ ଲୋକାଲ ପୋଲିସ ନିୟୋଜିତ ରହିବେ। ଫଳରେ ସ୍ଥାନୀୟ ଲୋକେ ଯିବା ଆସିବାରେ ହଇରାଣ ହେବେ ନାହିଁ। ସେହିପରି ଘୋଷଯାତ୍ରା ସମୟରେ ଭୁବନେଶ୍ୱରରୁ ପୁରୀ, କୋଣାର୍କରୁ ପୁରୀ ଏବଂ ବ୍ରହ୍ମଗିରିରୁ ପୁରୀ ଆସୁଥିବା ଭକ୍ତଙ୍କ ଯେଭଳି କୌଣସି ଅସୁବିଧା ନ ହେବ ସେଥିପ୍ରତି ବିଶେଷ ଧ୍ୟାନ ଦିଆଯିବ। ଗ୍ରୀନ କରିଡରରେ କେବଳ ଜରୁରିକାଳୀନ ସେବାର ବ୍ୟବସ୍ଥା ହୋଇଥିବାବେଳେ ରଥଯାତ୍ରାରେ ନିୟୋଜିତ ଅଧିକାରୀ, ସେବାୟତ ଓ ସହରବାସୀଙ୍କ ପାଇଁ ଟ୍ରାଫିକ ବ୍ୟବସ୍ଥା କରାଯାଇଛି। ପ୍ରଥମ ଥର ପାଇଁ ରଥଯାତ୍ରାକୁ ଆସୁଥିବା ଯାନବାହନ ଗଣତି ହେବ। ଅତ୍ୟାଧୁନିକ ସିସିଟିଭି କ୍ୟାମେରାକୁ ଏଆଇ ଡ୍ରୋନ୍ ସହିତ ସଂଯୁକ୍ତ କରାଯିବ। ଆନ୍ତଃ ଓ ବାହ୍ୟ ଟ୍ରାଫିକ ସହ ପୁରୀ- ବ୍ରହ୍ମଗିରି, ପୁରୀ - ଭୁବନେଶ୍ୱର ଏବଂ ପୁରୀ- କୋଣାର୍କ ରାସ୍ତାରେ ସ୍ୱତନ୍ତ୍ର ଟ୍ରାଫିକ ପରିଚାଳନା ହେବ। ବିଭିନ୍ନ ସ୍ଥାନରେ ଚିହ୍ନଟ ହୋଇଥିବା ବ୍ଲାକସ୍ପଟ୍‌ରେ ଡ୍ରୋନ ସହାୟତା ନିଆଯିବ। ଏଥର ପ୍ରଥମ ଥର ପାଇଁ ଓଡ଼ିଶା ପୋଲିସ ଟ୍ରାଫିକ ସୁପରିଚାଳନା ପାଇଁ ଅତ୍ୟାଧୁନିକ ଜ୍ଞାନ କୌଶଳର ସହାୟତା ନେଇଛି। ସମୁଦାୟ ରଥଯାତ୍ରାରେ ଟ୍ରାଫିକ ସୁପରିଚାଳନା ପାଇଁ ୫୦ ପ୍ଲାଟୁନ ଫୋର୍ସ ଓ ୪୫୦ ଅଧିକାରୀ ନିୟୋଜିତ ହୋଇଛନ୍ତି। ପୁରୀ- ଭୁବନେଶ୍ୱର ଜାତୀୟ ରାଜପଥର ମାଳତୀ ପାଟପୁରଠାରେ ୩ ଲେନ ଟ୍ରାଫିକ ବ୍ୟବସ୍ଥା କରାଯାଇଛି। ଗୋଟିଏ ବାଇକ, ଗୋଟିଏ ପାସ୍‌ଧାରୀ ଗାଡ଼ି ଏବଂ ଅନ୍ୟଟି ଯାତ୍ରୀବାହୀ ବସ୍ ପାଇଁ ଉଦ୍ଦିଷ୍ଟ ରହିବ। ରଥଯାତ୍ରା ସମୟରେ ୧୦୦- ୧୫୦ ଟୁରିଷ୍ଟ ବସ, ୪୦୦- ୫୦୦ ରେଗୁଲାର ବସ୍ ଓ ରାଜ୍ୟର ବିଭିନ୍ନ ବ୍ଲକରୁ ୧୯୦ଟି ବସ୍ ଆସିବ। ସହର ଭିତରେ ଓ ବିଭିନ୍ନ ସ୍ଥାନରେ ୩୬ରୁ ୪୦ଟି କ୍ରିଟିକାଲ ସ୍ଥାନ ଚିହ୍ନଟ ହୋଇଛି। ପୁରୀ - ବ୍ରହ୍ମଗିରି, ପୁରୀ - ଭୁବନେଶ୍ୱର ଏବଂ ପୁରୀ- କୋଣାର୍କ ପଟୁ ଆସୁଥିବା ବସ୍ ଓ ଦୁଇଚକିଆ ଗାଡ଼ି ପାର୍କିଂ ପାଇଁ ସ୍ୱତନ୍ତ୍ର ପାର୍କିଂ ସ୍ଥାନ କରାଯାଇଛି। ରଥଯାତ୍ରାଠାରୁ ସୁନାବେଶ ପର୍ଯ୍ୟନ୍ତ ଟ୍ରାଫିକ ବ୍ୟବସ୍ଥା ଆଦୌ କୋହଳ କରାଯିବ ନାହିଁ ବୋଲି ଟ୍ରାଫିକ ଏଡିଜି ଗଙ୍ଗୱାର ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ଶାଳୀଙ୍କ ଭ୍ୟାନିଟିରୁ ଟଙ୍କା ଚୋରି, ଭିଣୋଇ ଗିରଫ

ଭୁବନେଶ୍ୱର,୫।୭(ସୂର୍ଯ୍ୟକାନ୍ତ ବେହେରା)

ଶାଳୀଙ୍କ ଭ୍ୟାନିଟିରୁ ୬୬ ହଜାର ଟଙ୍କା ଚୋରି କରିବା ଅଭିଯୋଗରେ ନୟାପଲ୍ଲୀ ଥାନା ପୋଲିସ ଅଭିଯୁକ୍ତ ଭିଣୋଇଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ ଡେଲ୍‌ଟା ଛକରେ ରହୁଥିବା କେନ୍ଦ୍ରାପଡାର ପ୍ରଦୀପ୍ତ କୁମାର ପ୍ରଧାନ(୩୬)। ତାଙ୍କଠାରୁ ଚୋରି ଟଙ୍କାରୁ ମାତ୍ର ୧୨ ହଜାର ଜବତ ହୋଇଛି। ଜାମିନ ନ ମିଳିବାରୁ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ଅଭିଯୋଗକାରିଣୀ ଜଣକ ଡେଲ୍‌ଟା ଛକ ଅନ୍ତର୍ଗତ ଅଭିଯୁକ୍ତ ଭିଣୋଇଙ୍କ ଘରେ ରୁହନ୍ତି। ଘଟଣା ଦିନ ଭିଣୋଇ ତାଙ୍କ ଭ୍ୟାନିଟିରୁ ୬୬ ହଜାର ଟଙ୍କା ଚୋରି କରି ନେଇଯାଇଥିଲେ। ଚୋରି ସମ୍ପର୍କରେ ପଚାରିବାରୁ ପ୍ରଦୀପ୍ତ ତାଙ୍କୁ ଅଶାଳୀନ ବ୍ୟବହାର କରିଥିଲେ। ଏନେଇ ଶାଳୀ ନୟାପଲ୍ଲୀ ଥାନାରେ ଭିଣୋଇଙ୍କ ନାମରେ ଅଭିଯୋଗ କରିଥିଲେ।

### ଯୌତୁକ ପାଇଁ ସ୍ତ୍ରୀଙ୍କୁ ନିର୍ଯ୍ୟାତନା,ସ୍ୱାମୀ ଗିରଫ

ଭୁବନେଶ୍ୱର,୫।୭(ସୂର୍ଯ୍ୟକାନ୍ତ ବେହେରା)

ସ୍ତ୍ରୀକୁ ଯୌତୁକ ନିର୍ଯାତନା ଦେବା ସହ ମାଡ ମାରିବା ମାମଲାରେ ଭରତପୁର ଥାନା ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅଞ୍ଚଳର ଦୁର୍ଗାପ୍ରସାଦ ବେହେରା (୩୪)। ଜାମିନ ନ ମିଳିବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

ଅଭିଯୋଗକାରିଣୀ ୯ ବର୍ଷ ତଳେ ଅଭିଯୁକ୍ତଙ୍କୁ ପ୍ରେମ ବିବାହ କରିଥିଲେ। ଏହାର କିଛିଦିନ ପରେ ଅଭିଯୁକ୍ତ ଜଣକ ବାପ ଘରୁ ୫ ଲକ୍ଷ ଟଙ୍କା ଏବଂ ଏକ କାର ଯୌତୁକ ବାବଦରେ ଆଣିବା ଲାଗି ସ୍ତ୍ରୀଙ୍କୁ ଚାପ ପକାଇଥିଲେ। ହେଲେ ଏହା ଆଣିବାରେ ଅସମର୍ଥ ପ୍ରକାଶ କରିବାରୁ ସ୍ୱାମୀ ତାଙ୍କୁ ନିୟମିତ ଭାବେ ଗାଳିଗୁଲଜ କରିବା ସହିତ ମାଡ ମାରୁଥିଲେ। ଏପରିକି ଗତ ଆଠମାସ ତଳେ ସ୍ୱାମୀ ନିଶାଶକ୍ତ ଅବସ୍ଥାରେ ଯୌତୁକ ଟଙ୍କା ଏବଂ କାର ଆଣିବା ଲାଗି ସ୍ତ୍ରୀଙ୍କୁ କହିବା ସହ ଟାଣିଟାଣି ନେଇ ବାପ ଘରେ ଛାଡି ଦେଇଥିଲେ। ତେବେ ଅଭିଯୁକ୍ତ ସ୍ୱାମୀ ଅନ୍ୟଜଣେ ମହିଳାଙ୍କୁ ଦ୍ୱିତୀୟ ବିବାହ କରିଥିବା ନେଇ ଗତ ଜୁନ ୧୮ରେ ଶୁଣିବାକୁ ପାଇବା ପରେ ସେ ଏନେଇ ଦୁର୍ଗାଙ୍କୁ ପଚାରିଥିଲେ। ହେଲେ ସେ ତାଙ୍କୁ ଅଶାଳୀନ ବ୍ୟବହାର ପ୍ରଦର୍ଶନ କରିବା ସହ ନାନାପ୍ରକାର ଧମକଚମକ ଦେଇଥିଲେ। ଏହି ଘଟଣାକୁ କେନ୍ଦ୍ର କରି ଅଭିଯୋଗକାରିଣୀଙ୍କ ଅଭିଯୋଗ ଆଧାରରେ ପୋଲିସ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏହାସହ ସେ ଦ୍ୱିତୀୟ ବିବାହ କରିଥିବା ପ୍ରମାଣ ମଧ୍ୟ ପୋଲିସ ଖୋଜୁଛି।

# ବିଏମ୍‌ସି ଫଳବଜାର ହେବ ମାର୍କେଟ କମ୍ପ୍ଲେକ୍ସ

ଭୁବନେଶ୍ୱର, ୫।୭(ବନ୍ଦନା ସେଠୀ)

## ତ୍ରୁଟିପୂର୍ଣ୍ଣ ଡିଜାଇନ ପାଇଁ ବ୍ୟବସାୟୀ ନିରାଶ




ସହରରେ ଉଠାଦୋକାନୀ ସଂଖ୍ୟା କମାଇବା ସହ ବ୍ୟବସାୟକୁ ସୁଗମ କରିବା ପାଇଁ ବିଏମ୍‌ସି ପକ୍ଷରୁ ବିଭିନ୍ନ ମାର୍କେଟ, ଭେଣ୍ଡିଂଜୋନ୍ ଆଦି ନିର୍ମାଣ କରାଯାଉଛି। ମାତ୍ର ସେଗୁଡିକୁ ଠିକ୍ ଭାବେ ଆବଣ୍ଟନ କରାଯାଉ ନ ଥିବାବେଳେ ନିର୍ମାଣ ସମୟରେ ଦୂରଦୃଷ୍ଟିର ଅଭାବ ତଥା ତ୍ରୁଟିପୂର୍ଣ୍ଣ ଡିଜାଇନ ପାଇଁ ଯେଉଁ ଉଦ୍ଦେଶ୍ୟ ନେଇ ମାର୍କେଟ ନିର୍ମାଣ ହେଉଛି ତାହା ସଫଳ ହୋଇପାରୁ ନାହିଁ। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ୟୁନିଟ-୨ସ୍ଥିତ ଫଳ ବଜାର। ୩ମହଲା ବିଶିଷ୍ଟ ଏହି ଫଳ ବଜାରରେ ବେପାର କରି ନ ପାରି ବ୍ୟବସାୟୀମାନେ ନିରାଶ ହୋଇଥିବାବେଳେ ଏହାକୁ ମାର୍କେଟ କମ୍ପ୍ଲେକ୍ସରେ ପରିଣତ କରିବା ପାଇଁ ଯୋଜନା ହେଉଥିବା ସୂଚନା ମିଳିଛି। ରାସ୍ତାକଡ଼ରେ ଫଳ ବିକ୍ରି କରୁଥିବାରୁ ଅନେକ ସମୟରେ ଟ୍ରାଫିକ୍ ଜାମ୍ ପରିସ୍ଥିତି ସୃଷ୍ଟି ହେଉଛି। ଏଥିସହିତ ଫଳଗୁଡିକ ବାହାରେ ଖରା, ବର୍ଷା ଖାଇ ପଚିଶଢି ଯାଉଛି। ତେଣୁ ୟୁନିଟ୍-୨ ଫଳ ବ୍ୟବସାୟୀଙ୍କ ପାଇଁ ୨୦୧୩ରେ ଫଳ ବଜାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ୨୦୧୫ରେ ଶେଷ ହୋଇଥିଲା। ଏହି ବଜାରର ପ୍ରତ୍ୟେକ ମହଲାରେ ୮ଫୁଟ୍ ପ୍ରସ୍ଥ ଓ ୧୦ଫୁଟ ଲମ୍ବର ୨୪ କୋଠରି ରହିଛି। ୧.୯୨ କୋଟି ବ୍ୟୟରେ ପ୍ରାୟ ୪ ହଜାର ବର୍ଗଫୁଟ ଅଞ୍ଚଳରେ ଏହି ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯାଇଛି। ପ୍ରତି ମହଲାରେ ୨ଟି ଲେଖାଏ ମୋଟ ୬ଟି ଶୀତତାପ ନିୟନ୍ତ୍ରିତ କୋଠରି ରହିଛି। ମାତ୍ର ନିର୍ମାଣର ପ୍ରାୟ ୯ବର୍ଷ ପରେ ମଧ୍ୟ ସମ୍ପୃକ୍ତ ବଜାର ସେମିତି ବନ୍ଦ ହୋଇ ପଡିରହିଛି। ଫଳ ବଜାରରେ ବିଏମ୍‌ସି ପକ୍ଷରୁ ଲାଗିଥିବା ହୋର୍ଡିଂ ଚିରି ଯାଇଥିବାବେଳେ ଏବେ ଫଳବଜାର ସ୍ଥାନରେ କିଏ ଗାର୍ମେଣ୍ଟ ଦୋକାନ ତ ଆଉକିଏ ଇଣ୍ଟରନେଟ୍ ପଏଣ୍ଟ, ଜୁଏଲେରୀ ଦୋକାନ ଖୋଲିବାକୁ ବସିଲେଣି। ଫଳ ବ୍ୟବସାୟକୁ ଦେଖି ସମ୍ପୃକ୍ତ ମାର୍କେଟର ଡିଜାଇନ୍ ଠିକ୍ ଭାବେ ହୋଇ ନ ଥିବାରୁ ଅଧିକାଂଶ ସମୟରେ ଫଳ ନଷ୍ଟ ହେଉଥିଲା। ଏଥିସହ ବାହାରେ ରାସ୍ତାକଡ଼ରେ ଫଳ ବିକ୍ରି ହେଉଥିବାରୁ ଲୋକମାନେ ଏହି ବଜାରକୁ ଆସି ଫଳ କିଣିବାକୁ ପସନ୍ଦ କରି ନ ଥିଲେ। ତେଣୁ କ୍ଷତି ସହିବା ପରେ ଏବେ ଦୋକାନର ଆଲଟ୍‌ମେଣ୍ଟ ପାଇଥିବା ୬୮ଜଣ ବ୍ୟବସାୟୀ ନିଜର ବ୍ୟବସାୟ ପରିବର୍ତ୍ତନ କରିଥିବା ସୂଚନା ମିଳିଛି। ମାତ୍ର ଫଳ ବଜାରରେ ଅନ୍ୟ ବ୍ୟବସାୟ କରିବାକୁ ସେମାନଙ୍କୁ ବିଏମ୍‌ସି ପକ୍ଷରୁ ଅନୁମୋଦନ ମିଳି ନ ଥିବାରୁ ଠିକ୍ ଭାବେ ଦୋକାନ ଖୋଲାଯାଇ ପାରୁନାହିଁ। ସେହିପରି ସମ୍ପୃକ୍ତ ବ୍ୟବସାୟୀମାନେ ଏହି ଦୋକାନ ଗୃହକୁ ଅନ୍ୟ ବ୍ୟବସାୟରେ ଲଗାଇବା ସହିତ ପୂର୍ବପରି ରାସ୍ତାକଡ଼ରେ ଫଳ ବ୍ୟବସାୟ ମଧ୍ୟ କରୁଛନ୍ତି। ତେଣୁ ଯେଉଁ ଲକ୍ଷ୍ୟ ନେଇ ବିଏମ୍‌ସି ଏହି ୩ ମହଲା ବିଶିଷ୍ଟ ଫଳବଜାର ନିର୍ମାଣ କରିଥିଲା ତାହା ଏବେ ସମ୍ପୂର୍ଣ୍ଣ ଫେଲ୍ ମାରିଛି।

ଏନେଇ ବିଏମ୍‌ସିରେ ସମ୍ପୃକ୍ତ ବ୍ୟବସାୟୀମାନେ ବାରମ୍ବାର ଅଭିଯୋଗ କରି ଆସୁଥିବାବେଳେ ବିଏମ୍‌ସି ଅଧିକାରୀ ମଧ୍ୟ ନିଜ ପକ୍ଷରୁ କରାଯାଇଥିବା ଭୁଲ୍‌କୁ ସ୍ୱୀକାର କରୁଛନ୍ତି। ଫଳବଜାର ପାଇଁ ଯେଉଁଭଳି ଡିଜାଇନ୍ ହେବାକଥା ତାହା ହୋଇ ନ ଥିବାରୁ ସେଠାରେ ବ୍ୟବସାୟ କରିବା ସମ୍ଭବପର ନୁହେଁ ବୋଲି ମାନିଛନ୍ତି। ତେଣୁ ସମ୍ପୃକ୍ତ ବଜାରକୁ ଫଳବଜାର ନ କରି ମାର୍କେଟ କମ୍ପ୍ଲେକ୍ସ ପାଇଁ ଯୋଜନା କରାଯାଉଛି। ବଜାରର ତଳମହଲାକୁ ଫଳ ଦୋକାନ, ପ୍ରଥମ ମହଲାକୁ ଗାର୍ମେଣ୍ଟ ଏବଂ ଉପର ମହଲାକୁ ଷ୍ଟେଶନାରୀ ବ୍ୟବସାୟ ପାଇଁ ବ୍ୟବହାର କରିବାକୁ ୨୦୨୩ରୁ ଜିଏକୁ ପ୍ରସ୍ତାବ ଦିଆଯାଇଛି। ବିଭାଗ ପକ୍ଷରୁ ନିର୍ଦ୍ଦେଶ ଆସିବା ପରେ ସମ୍ପୃକ୍ତ ବଜାରରେ ଥିବା ବ୍ୟବସାୟୀଙ୍କ ଭାଗ୍ୟ ଫିଟିବ ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଦୀର୍ଘଦିନ ପର୍ଯ୍ୟନ୍ତ ବ୍ୟବସାୟୀମାନେ ଦୋକାନ ଖୋଲି ନ ଥିବାରୁ ୨୦୨୨ ଅଗଷ୍ଟ ୬ରେ ବିଏମ୍‌ସି ପକ୍ଷରୁ ସମ୍ପୃକ୍ତ ବ୍ୟବସାୟୀଙ୍କୁ ନୋଟିସ୍ ଜାରି କରାଯାଇଥିଲା। ସମ୍ପୃକ୍ତ ସ୍ଥାନରେ ଅଗଷ୍ଟ ସୁଦ୍ଧା ଫଳ ବିକ୍ରୟ ନ କଲେ ସେମାନଙ୍କୁ ପରବର୍ତ୍ତୀ ସମୟରେ ଏଠାରେ ସ୍ଥାନ ମିଳିବ ନାହିଁ ବୋଲି ତତ୍କାଳୀନ ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ ଚେତାବନୀ ଦେଇଥିଲେ। ଏପରିକି ଆବଶ୍ୟକ ପଡିଲେ ବ୍ୟବସାୟୀଙ୍କ ଆବଣ୍ଟନ ରଦ୍ଦ କରାଯିବ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହାସହ ବିଏମ୍‌ସିକୁ ବ୍ୟବସାୟୀମାନେ ଦେଇଥିବା ଅମାନତ ରାଶି ବାଜ୍ୟାପ୍ତ କରାଯିବା ସହ ଭବିଷ୍ୟତରେ ସମ୍ପୃକ୍ତ ବ୍ୟବସାୟୀଙ୍କୁ ଅନ୍ୟ କୌଣସି ଦୋକାନ ଗୃହ ଆବଣ୍ଟନ କରାଯିବ ନାହିଁ ବୋଲି ଦର୍ଶାଯାଇଥିଲା। ମାତ୍ର ବ୍ୟବସାୟୀମାନେ ଏହାକୁ ନେଇ ବିରୋଧ କରିବା ସହ ଏଥିପାଇଁ ବିଏମ୍‌ସିକୁ ଦାୟୀ କରିଥିଲେ।

### ରଥଯାତ୍ରା ପାଇଁ କ୍ରୁଟ୍ ପକ୍ଷରୁ ସ୍ୱତନ୍ତ୍ର ବସ୍‌ସେବା

ଭୁବନେଶ୍ୱର, ୫।୭(ବନ୍ଦନା ସେଠୀ)

ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଆସନ୍ତା ରବିବାର ଦିନ ଆରମ୍ଭ ହେବାକୁ ଯାଉଛି। ଚଳିତବର୍ଷ ଦୁଇଦିନ ଧରି ରଥଯାତ୍ରା ଅନୁଷ୍ଠିତ ହେବାକୁ ଥିବାବେଳେ ଶ୍ରୀକ୍ଷେତ୍ର ଧାମକୁ ଶ୍ରଦ୍ଧାଳୁଙ୍କ ଯାତାୟାତ ସୁବିଧା ପାଇଁ କ୍ରୁଟ୍ ପକ୍ଷରୁ ସ୍ୱତନ୍ତ୍ର ବସ୍ ସେବାର ବ୍ୟବସ୍ଥା କରାଯିବ। ଜୁଲାଇ ୭ରୁ ୯ ଏବଂ ୧୫ରୁ ୧୭ ତାରିଖ ପର୍ଯ୍ୟନ୍ତ ଏହି ସେବା ଜାରି ରହିବ। ନିୟମିତ ଭାବରେ ଏହି ରୁଟ୍‌ର ବସ୍‌ଗୁଡିକ କଟକ, ଭୁବନେଶ୍ୱର, ଖୋର୍ଦ୍ଧା, ପୁରୀ, କାକଟପୁରରୁ ତାଳବଣିଆ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଚଳାଚଳ କରିବ। ରୁଟ୍ ନଂ.୫୦ ଏକ୍ସପ୍ରେସ ଭୁବନେଶ୍ୱର ରେଳ ଷ୍ଟେଶନରୁ ତାଳବଣିଆ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଯିବ। ସେହିପରି ରୁଟ୍ ନଂ.୫୧ ଏକ୍ସପ୍ରେସ ବରମୁଣ୍ଡା ବିଏସ୍‌ଏବିଟିରୁ ତାଳବଣିଆ ବସ୍‌ଷ୍ଟାଣ୍ଡ, ରୁଟ୍ ନଂ.୫୩ ଏକ୍ସପ୍ରେସ(ଶଟଲ ସର୍ଭିସ) ମାଳତିପାଟପୁର ବସ୍‌ଷ୍ଟାଣ୍ଡରୁ ତାଳବଣିଆ ବସ୍‌ଷ୍ଟାଣ୍ଡ, ରୁଟ୍ ନଂ.୫୪ ଏକ୍ସପ୍ରେସ କଟକ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ (ଏନ୍‌ଏଲ୍ୟୁ)ରୁ ତାଳବଣିଆ ବସ୍‌ଷ୍ଟାଣ୍ଡ, ରୁଟ୍ ନଂ.୫୬ ଏକ୍ସପ୍ରେସ ଖୋର୍ଦ୍ଧାରୁ ଭାୟା ଜଟଣୀ ଦେଇ ତାଳବଣିଆ ବସ୍‌ଷ୍ଟାଣ୍ଡ, ରୁଟ୍ ନଂ.୫୭ ଏକ୍ସପ୍ରେସ ପୁରୀ ତାଳବଣିଆ ବସ୍‌ଷ୍ଟାଣ୍ଡରୁ ଭାୟା ନିୟୁ ମେରାଇନ କୋଣାର୍କ ଦେଇ କାକଟପୁର, ରୁଟ୍ ନଂ.୫୮ ଏକ୍ସପ୍ରେସ କଟକ ଜଗତପୁରରୁ ତାଳବଣିଆ ବସ୍‌ଷ୍ଟାଣ୍ଡ, ରୁଟ୍ ନଂ. ୫୯ ଏକ୍ସପ୍ରେସ ବସ୍ କଟକ ମହାନଦୀ ବିହାରରୁ ତାଳବଣିଆ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ସ୍ୱତନ୍ତ୍ର ଭାବେ ଚଳାଚଳ କରିବ ବୋଲି କ୍ରୁଟ୍ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ସ୍ୱତନ୍ତ୍ର ବସ୍‌ର ସମୟ ସାରଣୀ ସହିତ ଟିକେଟ୍ ମୂଲ୍ୟ ନିର୍ଦ୍ଧାରିତ କରାଯାଇଛି। ପୁରୀଧାମକୁ ଏସି ବସ୍ ଟିକେଟ ୧୦୦ଟଙ୍କା ନିର୍ଦ୍ଧାରଣ କରାଯାଇଥିବାବେଳେ ନନ୍‌ଏସି ୮୦ ଟଙ୍କା, ଶଟଲ ବସ୍‌ସେବା ୨୦ ଟଙ୍କା ରହିଛି। ସେହିପରି ଏଇ(ଏୟାରପୋର୍ଟ ଏକ୍ସପ୍ରେସ)୧, ଏଇ୨, ୫୨, ୬୦ ଏବଂ ୬୧ ନଂ. ରୁଟ୍‌ଗୁଡିକରେ ଜୁଲାଇ ୭ ରୁ ୯ ଏବଂ ୧୫ରୁ ୧୭ ତାରିଖ ପର୍ଯ୍ୟନ୍ତ ବସ ସେବା ସ୍ଥଗିତ ରହିବ। ତେବେ ୧୦ରୁ ୧୪ ତାରିଖ ମଧ୍ୟରେ ପୂର୍ବଭଳି ରୁଟ୍‌ଗୁଡିକରେ ବସ୍ ଚାଲୁ ରହିବ ବୋଲି ସୂଚନା ଦିଆଯାଇଛି।

## ‘ସେପ୍ଟେମ୍ବରର ତିରିଶ ଦିନ’ରେ ଶିଶୁ ନିର୍ଯାତନାର ବାର୍ତ୍ତା



ଭଞ୍ଜକଳା ମଣ୍ଡପଠାରେ ଇନ୍‌ଷ୍ଟିଚ୍ୟୁଟ ଅଫ୍ ନଲେଜ୍ ସୋସାଇଟିଜ୍ ବ୍ୟାନରରେ ପ୍ରସ୍ତୁତ ନାଟକ ‘ସେପ୍ଟେମ୍ବରର ତିରିଶ ଦିନ’ର ଏକ ଦୃଶ୍ୟ।

ଭୁବନେଶ୍ୱର,୫।୭(ଶର୍ମିଷ୍ଠା ପାଣିଗ୍ରାହୀ)

ଆଜିର ଦୁନିଆରେ ଅନେକ କୋମଳମତି ଶିଶୁ, ବିଶେଷକରି କନ୍ୟାମାନେ ନିଜ ପରିବାର ଭିତରେ ବି ସୁରକ୍ଷିତ ନାହାନ୍ତି। ସେମାନେ ପରିବାରର ନିକଟ ସମ୍ପର୍କୀୟଙ୍କ ଦ୍ୱାରା ବିଭିନ୍ନ ସମୟରେ ଯୌନ ନିର୍ଯାତନାର ଶିକାର ହେଉଥିବା ଦେଖିବାକୁ ମିଳୁଛି। ସେହି ଶିଶୁକନ୍ୟାମାନେ ଯେତେବେଳେ ବଡ଼ ହୁଅନ୍ତି, ସେତେବେଳେ ଭୟ, ଆଶଙ୍କା, ଘୃଣା ତଥା ଦୁଃଖ ଓ ମାନସିକ ଚାପ ମଧ୍ୟରେ ସେମାନଙ୍କ ଜୀବନ କଟେ। ‘ସେପ୍ଟେମ୍ବରର ତିରିଶ ଦିନ’ ନାଟକର ମୁଖ୍ୟ ଚରିତ୍ର ମାଳା ନିଜ ମାମୁଁଙ୍କ ଦ୍ୱାରା ପିଲାଟିବେଳୁ ବାରମ୍ବାର ଯୌନ ନିର୍ଯାତନାର ଶିକାର ହୋଇଛି। ମାଳାର ମା’ ଏ ବିଷୟ ଜାଣି ମଧ୍ୟ ଦୀର୍ଘଦିନ ନୀରବ ରହିଛନ୍ତି। ଶେଷରେ ଦିନେ ସବୁ ନୀରବତାକୁ ଭାଙ୍ଗି ଏକ ବିସ୍ଫୋରଣ ହୋଇଛି, ଯାହା ସତ୍ୟକୁ ସ୍ୱୀକାର କରିବାକୁ ସମସ୍ତଙ୍କୁ ବାଧ୍ୟ କରିଛି। ଗୋଟିଏ ନିରୀହ ନାବାଳିକାର ଜୀବନର ଏହି ଯନ୍ତ୍ରଣା ଓ ସଂଘର୍ଷକୁ ନେଇ ନାଟକର କାହାଣୀ ପ୍ରସ୍ତୁତ ହୋଇଛି। ଯୌନ ନିର୍ଯାତନାର ଶିକାର ହୋଇଥିବା ଜଣେ ଶିଶୁକନ୍ୟା ପ୍ରତି ମା’ର ଭୂମିକା ଓ ଦାୟିତ୍ୱବୋଧର ଏକ ସୁନ୍ଦର ବାର୍ତ୍ତା ଦେଇଥିଲା ନାଟକ ‘ସେପ୍ଟେମ୍ବରର ତିରିଶ ଦିନ’। ଶୁକ୍ରବାର ଭଞ୍ଜକଳା ମଣ୍ଡପଠାରେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ନଲେଜ୍ ସୋସାଇଟିଜ୍ ବ୍ୟାନରରେ ପ୍ରସ୍ତୁତ ଏହି ନାଟକକୁ ନାଟ୍ୟକାର ମହେଶ ଦାନିଙ୍କର ମୂଳ ଇଂଲିଶ ନାଟକ ‘ଥାର୍ଟି ଡେଜ୍ ଇନ୍ ସେପ୍ଟେମ୍ବର’ର ଓଡ଼ିଆ ରୂପାନ୍ତର। ଡ. ସତ୍ୟବ୍ରତ ରାଉତ ଏହାକୁ ଓଡ଼ିଆ ଭାଷାରେ ରୂପାନ୍ତର କରିବା ସହ ନିର୍ଦ୍ଦେଶନା ଦେଇଛନ୍ତି। ୨ଦିନ ଧରି ଆୟୋଜିତ ଏହି ନାଟକର ଉଦ୍‌ଘାଟନୀ ସନ୍ଧ୍ୟାରେ ଅତିଥି ଭାବେ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା କମିଶନର ଅଧ୍ୟକ୍ଷା ମନ୍ଦାକିନୀ କର, ସାମାଜିକ କର୍ମୀ ରୋଜାଲିନ ପାଟ୍ଟଶାଣୀ ମିଶ୍ର ଅତିଥି ଭାବେ ଯୋଗଦେଇଥିଲେ। ନାଟକର ସହପ୍ରଯୋଜକ ତଥା କଳାକାର ସଂଯୋଗିତା ମିଶ୍ର ରହିଛନ୍ତି। ସହପ୍ରଯୋଜକ ଚନ୍ଦ୍ରଭାନୁ ପଟ୍ଟନାୟକ ଧନ୍ୟବାଦ ପ୍ରଦାନ କରିଥିଲେ।

## ୫ଦିନ ଜାରି ରହିବ ବର୍ଷା

ଭୁବନେଶ୍ୱର,୫।୭(ଅନୁରାଧା ମହାରଣା)

ସାରା ରାଜ୍ୟରେ ମୌସୁମୀ ସକ୍ରିୟ ରହିଥିବାବେଳେ ବର୍ଷା ଜାରି ରହିଛି। ଆସନ୍ତା ୩ ଦିନ ଧରି ରାଜ୍ୟର ସମସ୍ତ ଜିଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ। ୬ ଓ ୭ ତାରିଖ ବେଳକୁ କିଛି ଜିଲାରେ ପ୍ରବଳ ବର୍ଷା ହେବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ମଧ୍ୟପ୍ରଦେଶ ଓ ଛତିଶଗଡ଼ ଉପରେ ଏକ ଗୁରୁଚାପ ବଳୟ ସକ୍ରିୟ ରହିଥିବା ବେଳେ ଉତ୍ତର ବାଲାଂଦେଶ ଏବଂ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଉପରେ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହାର ପ୍ରଭାବରେ ଓଡ଼ିଶାରେ ଆଗାମୀ ୫ ଦିନ ପର୍ଯ୍ୟନ୍ତ ବର୍ଷା ଲାଗି ରହିବ। ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡା, ଅନୁଗୋଳ, ସମ୍ବଲପୁର, ବରଗଡ଼, ମାଲକାନଗିରି କୋରାପୁଟ, ରାୟଗଡା, ଗଜପତି ଆଦି ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିପରି ମୌସୁମୀ ଋତୁରେ ଏଯାଏ ରାଜ୍ୟରେ ୨୬ ପ୍ରତିଶତ ନିଅଣ୍ଟିଆ ବର୍ଷା ହୋଇଛି । ମାଲକାନଗିରି ଜିଲାରେ ସର୍ବାଧିକ ବର୍ଷା ହୋଇଥିବା ବେଳେ ୧୧ ଜିଲାରେ ବର୍ଷାର ପରିମାଣ ସ୍ୱାଭାବିକ ରହିଛି । ମୟୂରଭଞ୍ଜ ଜିଲାରେ ସବୁଠୁ କମ୍ ବର୍ଷା ହୋଇଥିବା ବେଳେ ୧୭ ଜିଲାରେ ନିଅଣ୍ଟିଆ ବୃଷ୍ଟିପାତ ରେକର୍ଡ କରାଯାଇଛି। ଶୁକ୍ରବାର ଢେଙ୍କାନାଳରେ ସର୍ବାଧିକ ୨୮.୨ ମିମି ବର୍ଷା ହୋଇଥିବାବେଳେ ଏହା ପଛକୁ ତାଳଚେରରେ ୧୮ ମିମି ଓ ପାରଳା ଖେମୁଣ୍ଡିରେ ୧୧ ମି.ମି ବର୍ଷା ରେକର୍ଡ କରାଯାଇଛି।

## ସର୍ବସାଧାରଣ ସ୍ଥାନରେ ନିର୍ମାଣ ବର୍ଜ୍ୟ ନ ପକାଇବାକୁ ବିଏମ୍‌ସି କମିଶନରଙ୍କ ଅନୁରୋଧ

ଭୁବନେଶ୍ୱର, ୫।୭ (ବନ୍ଦନା ସେଠୀ)

### ନିୟମ ଅନୁପାଳନ ନ କଲେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର ମହାନଗର ନିଗମ (ବିଏମସି) ଅଞ୍ଚଳର ସମସ୍ତ ନାଗରିକ, ରିୟଲ ଇଷ୍ଟେଟ ଏଜେନ୍ସି, ନିର୍ମାଣ ଓ ଅନ୍ୟ ଠିକାଦାର, ସରକାରୀ ଓ ବେସରକାରୀ ସଂସ୍ଥା, ବ୍ୟକ୍ତିବିଶେଷ ବା ଅନୁଷ୍ଠାନ ବିଏମସି ସୀମା ମଧ୍ୟରେ ଗୃହ ନିର୍ମାଣ କିମ୍ବା ଭଙ୍ଗାରୁଜା ବର୍ଜ୍ୟ ନ ପକାଇବାକୁ ବିଏମ୍‌ସି କମିଶନର ରାଜେଶ ପ୍ରଭାକର ପାଟିଲ୍ ଅନୁରୋଧ କରିଛନ୍ତି। ସର୍ବସାଧାରଣ ସ୍ଥାନ କିମ୍ବା ରାସ୍ତାକଡ଼ରେ ନିର୍ମାଣ ସାମଗ୍ରୀ ଓ ଘର ଭଙ୍ଗାରୁଜା ବର୍ଜ୍ୟ ପକାଇବା ଦ୍ୱାରା ଅନେକ ସମୟରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେବାସହ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହେଉଛି। ଏପରିକି ଦୁର୍ଘଟଣା ହେଉଥିବା ଦେଖା ଯାଉଛି। ଡ୍ରେନରେ ବର୍ଜ୍ୟ ପକାଇବା ଦ୍ୱାରା ଡ୍ରେନ୍ ପୋତି ହେବା ସହ ଜଳବନ୍ଦୀ ସୃଷ୍ଟି ହେଉଛି। ଯେଉଁମାନେ ଏହାକୁ ଅନୁପାଳନ ନ କରିବେ, ବର୍ଜ୍ୟବସ୍ତୁ ପରିଚାଳନା (ନିର୍ମାଣ ସାମଗ୍ରୀ ଓ ଭଗ୍ନାବଶେଷ) ନିୟମ ୨୦୧୬ ଏବଂ ଓଡ଼ିଶା ମ୍ୟୁନିସିପାଲ କର୍ପୋରେଶନ୍ ଆଇନ୍ ୨୦୦୩ର ଧାରା ୪୧୫ ଓ ୬୭୪ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦିଆଯାଇଛି। ନିୟମ ଅବମାନନା କରୁଥିବା ସମ୍ପୃକ୍ତ ବ୍ୟକ୍ତିଙ୍କର ସମସ୍ତ ସାମଗ୍ରୀ ଜବତ କରିବା ସହ ଜରିମାନା ମଧ୍ୟ ଆଦାୟ କରାଯିବ ବୋଲି ଚେତାବନୀ ଦିଆଯାଇଛି। ନିର୍ମାଣ ଓ ଭଙ୍ଗାରୁଜା ବର୍ଜ୍ୟ ସଂଗ୍ରହ ଓ ପରିବହନ ସମ୍ବନ୍ଧୀୟ ଆବଶ୍ୟକ ସୁବିଧା ପାଇବା ପାଇଁ ନାଗରିକମାନେ ‘ସଫା ଭୁବନେଶ୍ୱର ଆପ୍’ର ଉପଯୋଗ କରି ନିଜର ନାମ ପଞ୍ଜୀକରଣ କରିପାରିବେ କିମ୍ବା ୧୯୨୯ରେ ଯୋଗାଯୋଗ କରିପାରିବେ ବୋଲି ସୂଚନା ଦିଆଯାଇଛି।

## ଏଏସ୍‌ଓଙ୍କ ଝୁଲନ୍ତା ମୃତଦେହ ପାଖରୁ ମିଳିଲା ନୋଟ୍ ପ୍ୟାଡ୍

ଭୁବନେଶ୍ୱର,୫।୭(ସୂର୍ଯ୍ୟକାନ୍ତ ବେହେରା)

### ମୋବାଇଲ ଜବତକରି ପୋଲିସର ଛାନ୍‌ଭିନ୍



ଲୋକସେବା ଭବନର ଇସ୍ପାତ ଓ ଖଣି ବିଭାଗରେ କାର୍ଯ୍ୟରତ ଆସିଷ୍ଟାଣ୍ଟ ସେକ୍ସନ ଅଫିସର(ଏଏସ୍‌ଓ) ମାରା ମାରାଣ୍ଡିଙ୍କ ଝୁଲନ୍ତା ମୃତଦେହ ଭୁବନେଶ୍ୱର ଆଚାର୍ଯ୍ୟ ବିହାରସ୍ଥିତ ଏକ ଘରୋଇ ହଷ୍ଟେଲରୁ ଗୁରୁବାର ମିଳିଥିଲା। ତେବେ ଉକ୍ତ ଘରୁ ଶହୀଦନଗର ଥାନା ପୋଲିସ ଏକ ନୋଟ୍ ପ୍ୟାଡ୍ ଓ ତାଙ୍କର ମୋବାଇଲ ଜବତ କରିଛି। ହେଲେ ସେଥିରେ କିଛି ଲେଖା ହୋଇ ନ ଥିବାବେଳେ ମୋବାଇଲରୁ କିଛି ତଥ୍ୟ ମିଳିପାରିବ ବୋଲି ପୋଲିସ ଆଶା ରଖିଛି। ଅନ୍ୟପଟେ ଶୁକ୍ରବାର ବ୍ୟବଚ୍ଛେଦ ପରେ ପୋଲିସ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ପରିବାର ଲୋକେ କୌଣସି ଅଭିଯୋଗ କରି ନ ଥିବା ବେଳେ ମାରା ୪ ମାସ ହେବ ଚାପରେ ଥିବା ତାଙ୍କ ସାଙ୍ଗମାନେ କହିଛନ୍ତି। ହେଲେ ମୃତ୍ୟୁର କାରଣ ଜାଣିବା ପାଇଁ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି। ସୂଚନାନୁସାରେ, ଆଚାର୍ଯ୍ୟ ବିହାରସ୍ଥିତ ପୋଲିସ ବାଟାଲିୟନ ପଛ ପାର୍ଶ୍ୱରେ ୨ସାଙ୍ଗଙ୍କ ସହ ମୟୂରଭଞ୍ଜ ଅଞ୍ଚଳର ମାରା ରହୁଥିଲେ। ଗୁରୁବାର ଦେହ ଭଲ ନ ଥିବା କହି ଛୁଟିରେ ରହିଥିବା ସାଙ୍ଗମାନଙ୍କୁ କହିଥିଲେ। ଏହାପରେ ଦୁଇ ସାଙ୍ଗ ଅଫିସ ଯାଇଥିବାବେଳେ ଘରେ ସେ ଏକୁଟିଆ ଥିଲେ। ପୂର୍ବାହ୍ନରେ ତାଙ୍କ ସାଙ୍ଗ କୌଣସି କାମରେ ରୁମ୍‌କୁ ଆସିଥିବା ବେଳେ ଭିତର ପଟୁ କବାଟ ବନ୍ଦ ଥିବା ଓ ଫ୍ୟାନ୍‌ରେ ମାରା ଝୁଲୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ।

## ଦକ୍ଷତା, ପ୍ରତିଭା, ଉଦ୍ୟମିତା ପ୍ରଦର୍ଶନ କଲେ ଦିବ୍ୟାଙ୍ଗ

ଭୁବନେଶ୍ୱର,୫।୭(ଶର୍ମିଷ୍ଠା ପାଣିଗ୍ରାହୀ)



‘ଦିବ୍ୟ କଳା ମେଳା’ରେ ଅଂଶଗ୍ରହଣ କରିଥିବା ଦିବ୍ୟାଙ୍ଗମାନେ।

ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ଅଧୀନ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଜାତୀୟ ଭିନ୍ନକ୍ଷମ ଅର୍ଥ ଓ ଉନ୍ନୟନ ନିଗମ (ଏନ୍‌ଏଚ୍‌ଏଫ୍‌ଡିସି) ସହଯୋଗରେ ଶୁକ୍ରବାର କିଟ୍ ବିଶ୍ୱବିଦ୍ୟାଳୟରେ ଦିବ୍ୟାଙ୍ଗ ଉଦ୍ୟୋଗୀ, କାରିଗର ଓ ଶିଳ୍ପୀଙ୍କ ପ୍ରତିଭା ଓ କାରିଗରୀ କୌଶଳକୁ ସମ୍ମାନ ଜଣାଇ ‘ଦିବ୍ୟ କଳା ମେଳା’ ଆରମ୍ଭ ହୋଇଯାଇଛି। କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ରାଷ୍ଟ୍ର ମନ୍ତ୍ରୀ ବି.ଏଲ୍. ବର୍ମା କାର୍ଯ୍ୟକ୍ରମକୁ ଉଦ୍‌ଘାଟିତ କରିଛନ୍ତି। ସେ କହିଥିଲେ, ଆଜି ଆମେ ‘ସାମର୍ଥ୍ୟ’ ପ୍ରଦର୍ଶନ କରୁଛୁ। ‘ଦିବ୍ୟ କଳା ମେଳା’ରେ ଅଂଶଗ୍ରହଣ କରୁଥିବା ଆମର ଦିବ୍ୟାଙ୍ଗ ଭଉଣୀଭାଇମାନେ ସେମାନଙ୍କ ଦକ୍ଷତା, ପ୍ରତିଭା ଏବଂ ଉଦ୍ୟମିତା ଜରିଆରେ ସୀମାତୀତ ପ୍ରଦର୍ଶନ କରୁଛନ୍ତି। ସଙ୍ଗୀତ, ନୃତ୍ୟ ଏବଂ ଅଭିବ୍ୟକ୍ତିରେ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କେବଳ ଆମର ମନୋରଞ୍ଜନ କରୁ ନାହିଁ, ବରଂ ଆମକୁ ସେମାନଙ୍କର ଉତ୍ସାହ ଓ ସମର୍ପଣ ଦ୍ୱାରା ପ୍ରେରଣା ଦେଉଛି। ପ୍ରଥମ ଥର ଓଡ଼ିଶାର ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପବିତ୍ର ଭୂମିରେ ଆମେ ଏହି ଚମତ୍କାର ଦିବ୍ୟ କଳା ମେଳା ଓ ନିଯୁକ୍ତି ମେଳା ଆୟୋଜନ କରୁଛୁ। ସମାବେଶୀ ବିକାଶ ଓ ଏକ ସଶକ୍ତ ସମାଜ ଗଠନ କରିବା ଲାଗି ଏସବୁ ପ୍ରତିଭା ସମ୍ପନ୍ନ ଉଦ୍ୟୋଗୀଙ୍କୁ ସ୍ୱାଗତ, ପ୍ରଶଂସା ଓ ସମ୍ମାନିତ କରିବା ଆମର କର୍ତ୍ତବ୍ୟ।

### ‘ଦିବ୍ୟ କଳା ମେଳା’ ଆରମ୍ଭ

ଅନ୍ୟତମ ଅତିଥି ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ଉପ ମହାନିର୍ଦ୍ଦେଶକ କିଶୋର ବି. ସୁରୱଡ଼େ କହିଲେ, ଆମର ଉଦ୍ଦେଶ୍ୟ ହେଉଛି ଏକ ସମାବେଶୀ ସମାଜ ଗଠନ କରିବା। ଯେଉଁଠାରେ ଆମ ଦେଶର ଦିବ୍ୟାଙ୍ଗ ବ୍ୟକ୍ତିମାନେ ସେମାନଙ୍କ ବିକାଶ ପାଇଁ ସମାନ ସୁଯୋଗ ପାଇବେ। ସେମାନଙ୍କର ଶାରୀରିକ, ସାମାଜିକ, ଶିକ୍ଷାଗତ ଓ ଆର୍ଥିକ ସଶକ୍ତୀକରଣ ହୋଇପାରିବ। ଏହାଦ୍ୱାରା ସେମାନେ ଉତ୍ପାଦକ, ନିରାପଦ ଏବଂ ସମ୍ମାନଜନକ ଜୀବନ ଯାପନ କରିପାରିବେ। ସାରା ଦେଶର ଦିବ୍ୟାଙ୍ଗ ଉଦ୍ୟୋଗୀ, ଶିଳ୍ପୀଙ୍କ ପ୍ରତିଭା ଏବଂ କାରିଗରିକୁ ପ୍ରଦର୍ଶିତ କରୁଥିବା ଏହା ଏକ ଅଭିନବ କାର୍ଯ୍ୟକ୍ରମ। ମେଳାରେ ପ୍ରାୟ ୧୯୦ ଜଣ ଦିବ୍ୟାଙ୍ଗ ଶିଳ୍ପୀ, କାରିଗର ଓ ଉଦ୍ୟୋଗୀଙ୍କ ଦ୍ୱାରା ପ୍ରସ୍ତୁତ ଉତ୍କୃଷ୍ଟ ଉତ୍ପାଦ ଏହି ମେଳାରେ ପ୍ରଦର୍ଶିତ ହୋଇଛି। ଏହି କାର୍ଯ୍ୟକ୍ରମ ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ଚାଲିବ।

## ସଂକ୍ଷେପରେ

### ମାଙ୍କଡ଼ା ପଥର ଖଣିରେ ଚଢ଼ାଉ, ପାୱାରଟିଲର ଜବତ



**ନିରାକାରପୁର,୫।୭(ମାନସ ଚନ୍ଦ୍ର ପଟ୍ଟନାୟକ):** ଖୋର୍ଦ୍ଧା ଜିଲା ନିରାକାରପୁର ଏବଂ ଜଙ୍କିଆ ଥାନା ଅଞ୍ଚଳରେ ଥିବା ଅନେକ ସରକାରୀ ଏବଂ ଜଙ୍ଗଲ ଜମିରୁ ବିଭିନ୍ନ ପ୍ରକାର ମୂଲ୍ୟବାନ୍ ଗଛ କଟାଯାଇ ସେଠାରୁ ମାଙ୍କଡ଼ା ପଥର ଚାଲାଣ ହେଉଛି। ଶୁକ୍ରବାର ରାମେଶ୍ୱର ପଞ୍ଚାୟତ ଖଜୁରିପଡ଼ା ଅଞ୍ଚଳର ଏକ ଖଣିରେ ସ୍ଥାନୀୟ ପୋଲିସ ଚଢ଼ାଉ କରି ପାୱାରଟିଲର ଜବତ କରଛି। ତେବେ ଚଢ଼ାଉ ପୂର୍ବରୁ ମାଫିଆମାନେ ଖସି ପଳାଇଥିଲେ। ଏନେଇ ଥାନାରେ ଏକ ମାମଲା (ନଂ.୧୭୨/୨୪) ରୁଜୁ ହୋଇଛି ବୋଲି ତଦନ୍ତକାରୀ ଅଧିକାରୀ ଦୀପଲିସା ନାୟକ ସୂଚନା ଦେଇଛନ୍ତି।

### ନୂତନ ମନ୍ଦିର ପ୍ରାସାଦ, ବିଗ୍ରହ ପ୍ରତିଷ୍ଠା ଉତ୍ସବ ସମ୍ପନ୍ନ

**ଜଟଣୀ,୫।୭(ରବୀନ୍ଦ୍ରନାଥ ମହାକୁଡ଼):** ଜଟଣୀ ସ୍ଥିତ ସେଞ୍ଚୁରିୟନ ବିଶ୍ୱବିଦ୍ୟାଳୟ ନିକଟରେ ଶନିଶ୍ଚର ଦେବଙ୍କ ନୂତନ ପ୍ରାସାଦ ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଗତ ୧ତାରିଖରେ ଅଙ୍କୁରାରୋପଣ, ଦ୍ୱିତୀୟ ଦିବସରେ ଜଳ ଯାତ୍ରା, ସୂର୍ଯ୍ୟ ପୂଜା, ଶାଳା ପୂଜା, ମଣ୍ଡପ ସଂସ୍କାର ସହିତ ଅଗ୍ନି ସ୍ଥାପନ କରାଯାଇଥିଲା। ସେହିପରି ତୃତୀୟ ଦିବସରେ ଦେବତା ଜନ୍ମ, ଦେବତା ସ୍ନାନ, ମନ୍ଦିର ସ୍ନାନ ଓ ଦେବତାଙ୍କ ଶୟନ ଅନୁଷ୍ଠିତ ହୋଇଥିଲା। ଚତୁର୍ଥ ଦିବସରେ ବିଗ୍ରହ ପ୍ରତିଷ୍ଠା, ନ୍ୟାଶ, ନବଯୌବନ ଦର୍ଶନ, ଶନିଶ୍ଚରଙ୍କ ସହସ୍ର ଆହୁତି ପ୍ରଧାନ କରାଯାଇଥିବା ବେଳେ ଅନ୍ତିମ ଦିବସରେ ଠାକୁରଙ୍କ ନଗର ପରିକ୍ରମା, ଗର୍ଭ ଗୃହ ପ୍ରବେଶ ହୋଇଥିଲା। ଏହି ଉଦଯାପନୀ କାର୍ଯ୍ୟକ୍ରମରେ ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ଶନିଶ୍ଚରାୟ ଚାରିଟେବଲ ଟ୍ରଷ୍ଟ ଏବଂ ଷଣ୍ଢପୁର ଗ୍ରାମବାସୀ ଓ ସହଯୋଗ କରିଥିଲେ।

### ବ୍ଲକ ଶିକ୍ଷା ଅଧିକାରୀଙ୍କୁ ସ୍ମାରକପତ୍ର

**କଳାପଥର,୫।୭(ଗଙ୍ଗାଧର ସାହୁ):** କଳାପଥର ପଞ୍ଚାୟତର ଲେମ୍ବେରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପାଚେରି ନିର୍ମାଣକୁ ନେଇ ଅସନ୍ତୋଷ ଦେଖାଦେଇଛି। ଏହି ବିଦ୍ୟାଳୟଟି ସରକାରୀ ଜାଗାରେ ଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ଶିକ୍ଷା ବିଭାଗର ନାମରେ ରେକର୍ଡଭୁକ୍ତ କରାଯାଇନାହିଁ। ଏହାର ଚତୁଃପାର୍ଶ୍ୱରେ ଲୋକ ଜବରଦଖଲ କରି ରହୁଥିବା ବେଳେ ବିଦ୍ୟାଳୟର ପରିସର ସଙ୍କୁଚିତ ହୋଇପଡିଛି। ଏହି ପରିସର ମଧ୍ୟରେ ଥିବା ଆମ୍ବ ଗଛର ଡାଳ ଛାତ୍ରୀଛାତ୍ରଙ୍କ ଜୀବନ ପ୍ରତି ବିପଦ ଥିବା ନେଇ ପ୍ରଧାନ ଶିକ୍ଷକ ଗ୍ରାମ୍ୟ କମିଟିକୁ ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନେଇନାହିଁ। ଏନେଇ ପଶ୍ଚିମ ବାଙ୍କୀ ଉନ୍ନୟନ ପରିଷଦ ପକ୍ଷରୁ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ବିଦ୍ୟାଳୟର ଚତଃପାର୍ଶ୍ୱରେ ପାଚେରି ନିର୍ମାଣ ଓ ହାତ ଭିତରେ ଆମ୍ବଳ ଡାଳଗୁଡ଼ିକୁ କାଟିବା ପାଇଁ ସ୍ମାରକପତ୍ରରେ ଉଲ୍ଲେଖ ରହିଛି।

# ବର୍ଷାଦିନେ ଚାଲିଛି ଡ୍ରେନ୍ ସଫେଇ

**ଖୋର୍ଦ୍ଧା,୫।୭(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ପୌର ପ୍ରଶାସନ(କେଏମ୍‌ସି) ପକ୍ଷରୁ ମୌସୁମୀ ପ୍ରବେଶ ପୂର୍ବରୁ ଡ୍ରେନ୍ ସଫେଇ ପ୍ରତି ଗୁରୁତ୍ୱ ଦିଆଗଲା ନାହିଁ। ଏବେ ତରବରିଆ ଭାବେ ଡ୍ରେନ୍ ସଫେଇ ହେଉଛି। କୁଢ଼ କୁଢ଼ ମାଟି ବାହାରି ଡ୍ରେନ୍ କଡ଼ରେ ଗଦାହୋଇ ରହିଛି। ଏହାକୁ ଉଠା ନ ଯିବାରୁ ବର୍ଷାରେ ପୁଣି ଡ୍ରେନ୍‌ରେ ପଶୁଥିବା ଦେଖିବାକୁ ମିଳିଛି। ସେପଟେ ବର୍ଷା ଯୋଗୁ ସହରର ଏକାଧିକ ଖାଲୁଆ ସ୍ଥାନରେ ପାଣି ଜମିରହୁଛି। ଫଳରେ ଯାନାବାହନ ଚଳାଚଳରେ ବାଧା ସୃଷ୍ଟି ହେଉଛି। ପଲ୍ଲା ଛକ, ନୂଆ ବସ୍‌ଷ୍ଟାଣ୍ଡ-ଟିଏଲ୍‌ସି ରୋଡ୍, ନୟାଗଡ଼ ରୋଡ୍, ଟ୍ରାଫିକ୍ ଛକ, ପୁରୁଣା ବସ୍‌ଷ୍ଟାଣ୍ଡ-ପେଟ୍ରୋଲ ପମ୍ପ ଛକ, ଚଣ୍ଡିତୁଆ ଛକ ରାସ୍ତା ବିପର୍ଯ୍ୟସ୍ତ ହୋଇପଡ଼ିଛି।

ରାସ୍ତାଠାରୁ ଡ୍ରେନ୍ ଉପରେ ରହିଥିବାରୁ ବର୍ଷାଜଳ ନିଷ୍କାସନ ହୋଇ ନ ପାରି ରାସ୍ତାରେ ଜମିରହୁଛି। ଏହାସହିତ ରାସ୍ତାକଡ଼ରେ ଗଦାହୋଇ ରହିଥିବା ଅଳିଆ ଆବର୍ଜନା ମଧ୍ୟ ରାସ୍ତାରେ ଏଣେତେଣେ ପଡ଼ିରହିଛି। ପଲ୍ଲା ଛକ, ନୂଆ ବସ୍‌ଷ୍ଟାଣ୍ଡ ରୋଡ୍‌ର ଏକାଧିକ ସ୍ଥାନ, ନୟାଗଡ଼ ରୋଡ୍, ପୁରୁଣା ଦମକଳ ଛକ, ତଳ, ଉପର ସାହି, ଖ୍ରୀଷ୍ଟିଆନ ସାହି, ବରୁଣେଇ ସାହି, ଗୋପୀନାଥ ସାହି, ରାଧାବଲ୍ଲଭ ସାହିରେ ବର୍ଷାପାଣି ଜମି ରହୁଥିବା ଦେଖିବାକୁ ମିଳିଛି। ଏପଟେ ଡ୍ରେନ୍‌ଗୁଡିକ ଦୀର୍ଘ ଦିନ ଧରି ସଫା ନ ହେବା ଫଳରେ ପୋତି ହୋଇଗଲାଣି। ବର୍ଷା ପୂର୍ବରୁ ଡ୍ରେନ୍ ସଫା କରାଗଲାନାହିଁ। ବର୍ଷାଜଳରେ ଡ୍ରେନ୍‌ର ଅଳିଆ ଆର୍ବଜନା ମଧ୍ୟ ଭାସି ପୂତିଗନ୍ଧମୟ ସୃଷ୍ଟି ହୋଇଛି। ପୌର କାର୍ଯ୍ୟାଳୟ ନିକଟରେ ଥିବା ବିଦ୍ୟାଳୟ ସମ୍ମୁଖ ଡ୍ରେନ୍ ମଧ୍ୟ ପୋତିହୋଇଗଲାଣି। ଏହାକୁ ସଫା କରାଯାଉନାହିଁ। ଫଳରେ ଡ୍ରେନ୍‌ରେ ପାଣି ଭର୍ତ୍ତିହୋଇ ରାସ୍ତାରେ ଜମୁଛି। ବିଦ୍ୟାଳୟର ପିଲାମାନେ ଯାତାୟାତ କରିବାରେ ହଇରାଣ ହେଉଛନ୍ତି। ସରକାରୀ ବାଳିକା ହାଇସ୍କୁଲ ଭିତରେ ଦେଇ ଯାଇଥିବା ଡ୍ରେନ ପୁରୁଣା ମେଡିକାଲକୁ ସଂଯୋଗ କରୁଛି। ତେବେ ଡ୍ରେନ୍ ଉପରେ ଅସ୍ଥାୟୀ ଦୋକାନ ଗଢ଼ିଉଠିଛି। ସେହିଭଳି ଟ୍ରାଫିକ୍ ଛକଠାରୁ ପେଟ୍ରୋଲ ପମ୍ପ ପର୍ଯ୍ୟନ୍ତ ଡ୍ରେନ୍ ପୋତିହୋଇ ଏହା ଉପରେ ଦୋକାନଘର ରହିଛି। ପୁରୁଣା ଦମକଳ ଛକ ପରେ ଗୋଡ଼ିପୋଖରୀ ଛକଠାରୁ ଆଗକୁ ଡ୍ରେନ୍ ନାହିଁ। ବର୍ଷାପାଣି ନିଷ୍କାସନ ହେବାର କୌଣସି ବ୍ୟବସ୍ଥା ନାହିଁ। ଫଳରେ ବର୍ଷାହେଲେ ରାସ୍ତା ଉପରେ ପାଣି ଜମିରହୁଛି। ନୂଆ ବସ୍‌ଷ୍ଟାଣ୍ଡଠାରୁ କୋର୍ଟ ଛକ ପର୍ଯ୍ୟନ୍ତ ଡ୍ରେନ୍ ରହିଛି। ତେବେ ଦୀର୍ଘଦିନ ହେବ ଏହାର ପୁନରୁଦ୍ଧାର କରାଯାଇନାହିଁ। ଡ୍ରେନ୍ ପୋତିହୋଇ ପଡ଼ିଲାଣି। ପୁଣି ରାସ୍ତାଠାରୁ ଉପରେ ରହିଛି। ଫଳରେ ବର୍ଷାଜଳ ନିଷ୍କାସନ ହୋଇ ନ ପାରି ରାସ୍ତାରେ ଜମୁଛି। ଏନେଇ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

### ଏମାନେ କ'ଣ କୁହନ୍ତି

"ମୌସୁମୀ ପ୍ରବେଶ ପୂର୍ବରୁ ପ୍ରଶାସନ ପକ୍ଷରୁ ଡ୍ରେନ୍ ସଫେଇ ନେଇ କୌଣସି ବ୍ୟବସ୍ଥା କରାଗଲାନାହିଁ। ଫଳରେ ଏବେ ରାସ୍ତାରେ ପାଣି ଜମିରହୁଛି। ଏବେବି ଭାଙ୍ଗିରୁଜି ଯାଇଥିବା ଏକାଧିକ ଡ୍ରେନ୍ ମରାମତି ଏବଂ ପୋତିହୋଇ ରହିଥିବା ଡ୍ରେନ୍ ସଫା କରାଯାଇନାହିଁ।

**-ଶୁଭ୍ର ରଞ୍ଜନ ଦାସ, ସାମାଜିକ କର୍ମୀ**

"ଖୋର୍ଦ୍ଧା ସହରରେ ଦୀର୍ଘବର୍ଷ ହେବ ଡ୍ରେନ୍ ସମସ୍ୟା ଲାଗିରହିଛି। କେବଳ ବର୍ଷାଦିନ ଆସିଲେ ଲୋକେଦେଖାଣିଆ ସଫାକରି ଛାଡ଼ି ଦିଆଯାଉଛି। ଅନ୍ୟ ଦିନଗୁଡ଼ିକରେ ସମାନ ସମସ୍ୟା ରହୁଛି। ପରିମଳ ସୁଧାରିବା ଲାଗି ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଉଛି। ସବୁ ସରକାରୀ କାଗଜକଲମରେ ଚାଲିଛି, କୌଣସି ପରିବର୍ତ୍ତନ ନାହିଁ।

**-ସୁଜନ ମିଶ୍ର, ସାମାଜିକ କର୍ମୀ**

"ସହରର ମୁଖ୍ୟ ଡ୍ରେନ୍ ସଫା କରାଯାଇଛି। ଆଗକୁ ଏହାକୁ ତ୍ୱରାନ୍ୱିତ କରାଯିବ। ପୌର ପ୍ରଶାସନ ପକ୍ଷରୁ ଡ୍ରେନେଜ୍ ବ୍ୟବସ୍ଥାରେ ସୁଧାର ଆଣିବା ଲାଗି ଗୁରୁତ୍ୱ ଦିଆଯାଉଛି।

**-ସୌର୍ଯ୍ୟରଞ୍ଜନ ମହାନ୍ତି, ପୌରାଧ୍ୟକ୍ଷ**

# ଜିଲାସ୍ତରୀୟ ବନ ମହୋତ୍ସବ ସପ୍ତାହ



ଜିଲାସ୍ତରୀୟ ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ବିଧାୟକ ପ୍ରଦୀପ ସାହୁ ଏବଂ ଅନ୍ୟ ଅଧିକାରୀମାନେ।

**ବେଗୁନିଆ,୫।୭(ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ବ୍ଲକ ଅନ୍ତର୍ଗତ ପଙ୍ଗାରସିଂହ ଗ୍ରାମରେ ୨୫ ହେକ୍ଟର ପରିମିତ ସଂରକ୍ଷିତ ଜଙ୍ଗଲରେ ଜିଲାସ୍ତରୀୟ ବନ ମହୋତ୍ସବ ପାଳନ ଅବସରରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ବନଖଣ୍ଡ ଅଧିକାରୀ ପୂର୍ଣ୍ଣିମା ପାଣ୍ଡିଆନଙ୍କ ଅଧ୍ୟକ୍ଷତାରେ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି, ଜିଲାପାଳ ଚଞ୍ଚଳ ରଣା ମୁଖ୍ୟବକ୍ତା, ଚିଲିକା ବନଖଣ୍ଡ ଅଧିକାରୀ ଅମ୍ଳାନ ନାୟକ, ବୋଲଗଡ ତହସିଲଦାର ନିବେଦିତା ପରିଡ଼ା, ବେଗୁନିଆ ବିଡିଓ ଲକ୍ଷ୍ମୀଧର ସାହୁ, ଖୋର୍ଦ୍ଧା ଜିଲା ପରିଷଦ ଅଧ୍ୟକ୍ଷ ଗୋପୀନାଥ ମହାରଣା, ବେଗୁନିଆ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ସରପଞ୍ଚ ଲାବଣ୍ୟ ଜୟସିଂହ ପ୍ରମୁଖ ଅତିଥିଭାବେ ଯୋଗଦେଇ ପରିବେଶ ସୁରକ୍ଷା ପାଇଁ ଚାରା ରୋପଣ ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ବନପାଳ ପ୍ରିୟଦର୍ଶିନୀ ସେଠୀ ଧନ୍ୟବାଦ ଦେଇଥିଲେ।

# ୨ ହାଇୱା ଧକ୍କା, ବର୍ତ୍ତିଲେ ବାପପୁଅ

**ଖୋର୍ଦ୍ଧା,୫।୭(ପ୍ରଭାତ ପାଣିଗ୍ରାହୀ)**



ଖୋର୍ଦ୍ଧା ଡାକବିଭାଗ କାର୍ଯ୍ୟାଳୟ ନିକଟରେ ଶୁକ୍ରବାର ଦୁଇ ହାଇୱା ମଧ୍ୟରେ ଧକ୍କା ହୋଇଥିଲା। ଏଥିରେ କେହି ମୃତାହତ ହୋଇ ନ ଥିବା ବେଳେ ଏହି ସମୟରେ ସ୍କୁଟିରେ ମେଡିକାଲ ଯାଉଥିବା ବାପପୁଅ ଅଳ୍ପକେ ବର୍ତ୍ତିଯାଇଛନ୍ତି। ସ୍କୁଟିର ଗୋଟିଏ ପାର୍ଶ୍ୱ ଚୂର୍ମାର ହୋଇଯାଇଛି। ଦୁର୍ଘଟଣାର ଶିକାର ବ୍ୟକ୍ତିଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁ କରିଛି। ଘଟଣାସ୍ଥଳରୁ ଗୋଟିଏ ହାଇୱା ଖସିଯାଇଥିବା ବେଳେ ଟାଉନ ଥାନା ପୋଲିସ ଅନ୍ୟ ଏକ ହାଇୱାକୁ ଜବତ କରିବା ସହ ଡ୍ରାଇଭରଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ସୂଚନା ମୁତାବକ, ବୈଦ୍ୟେଶ୍ୱର ପଟୁ ଏକ ବାଲି ବୋଝେଇ ହାଇୱା ନୟାଗଡ଼ ରୋଡ୍ ଦେଇ ଭୁବନେଶ୍ୱର ଅଭିମୁଖେ ଯାଉଥିବା ବେଳେ ଗୁରୁଜଙ୍ଗ ପଟୁ ଆସୁଥିବା ଅନ୍ୟ ଏକ ବାଲି ବୋଝେଇ ହାଇୱା ସହିତ ଡାକ କାର୍ଯ୍ୟାଳୟ ନିକଟରେ ଧକ୍କା ହୋଇଥିଲା। ଏହି ସମୟରେ ଜଟଣୀ ଗେଟ୍ ଅଞ୍ଚଳର ସଞ୍ଜୟ ମହାନ୍ତି ପୁଅର ଚିକିତ୍ସା ପାଇଁ ମେଡିକାଲକୁ ଯାଉଥିଲେ। ଦୁଇ ହାଇୱା ଧକ୍କା ହେବାବେଳେ କୌଣସି ଅଘଟଣ ଆଶଙ୍କାରେ ସେ ରାସ୍ତାପାର୍ଶ୍ୱରେ ସ୍କୁଟିକୁ ପାର୍କ କରି ଠିଆ ହୋଇଥିବା ବେଳେ ଗୋଟିଏ ହାଇୱା ତାଙ୍କ ସ୍କୁଟି ଆଡ଼କୁ ମାଡ଼ିଆସିଥିଲା। ସେ ସେଠାରୁ ଦୌଡ଼ିଯାଇ ଜୀବନ ରକ୍ଷା କରିଥିଲେ। ପ୍ରକାଶ ଯେ, ଡାକ କାର୍ଯ୍ୟାଳୟଠାରୁ ୱର୍କର୍ସ ଲେନ୍ ରାସ୍ତା ସଙ୍କୁଚିତ ଏବଂ ଉଭୟ ପାର୍ଶ୍ୱରେ ଦୋକାନ ଖୁନ୍ଦି ହୋଇ ରହିଛି। ଫଳରେ ଏଠାରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ଏଥିପ୍ରତି ଜିଲା ପ୍ରଶାସନ ଗୁରୁତ୍ୱ ଦେବାକୁ ସାଧାରଣରେ ଦାବି ହୋଇଛି।

### 'ଚାରାରୋପଣ କରିବା ସହ ଯତ୍ନ ନିଅ'

**ବେଗୁନିଆ,୫।୭(ହରପ୍ରସନ୍ନ ପଣ୍ଡା)**

ବେଗୁନିଆ ସଦର ମହାକୁମାସ୍ଥିତ ପଞ୍ଚାୟତ ସମିତି ପ୍ରାଥମିକ ବିଦ୍ୟାଳୟ ପରିସରରେ ଶୁକ୍ରବାର ବନ ମହୋତ୍ସବ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ଅନୁଷ୍ଠାନ ପରିସରରେ ବିଭିନ୍ନ କିସମର ଚାରା ରୋପଣ କରାଯାଇଥିଲା। ପରେ ବିଦ୍ୟାଳୟ ସଭାଗୃହରେ ପ୍ରଧାନ ଶିକ୍ଷୟିତ୍ରୀ ରେଣୁବାଳା ଦେବୀଙ୍କ ଅଧ୍ୟକ୍ଷତାରେ ଚାରା ରୋପଣ ପାଇଁ ଏକ ସଚେତନତା ସଭା ହୋଇଥିଲା। ପଣ୍ଡିତ ପ୍ରଦୀପ କିଶୋର ତ୍ରିପାଠୀ ବେଦପାଠ କରିଥିଲେ। ବିଦ୍ୟାଳୟ ପରିଚାଳନା ସମିତି ସଭାପତି ସରୋଜ ମହାପାତ୍ର ସମସ୍ତଙ୍କୁ ସ୍ୱାଗତ କରିବା ସହ ଚାରା ରୋପଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଶିକ୍ଷୟିତ୍ରୀ ପ୍ରତିମା ପ୍ରଧାନ ଚାରା ରୋପଣ ଆଧାରିତ ସଚେତନତା ସଙ୍ଗୀତ ଗାନ କରିଥିଲେ। ଏଥିରେ ଡା. ଅମରେନ୍ଦ୍ର ନାଥ ମହାପାତ୍ର, ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ, ପୂର୍ବତନ ପ୍ରଶାସନିକ ଅଧିକାରୀ ସୁଧାକର ସାମନ୍ତରାୟ, କବିକେତନ ଗୌରଚରଣ ସାମନ୍ତସିଂହାର ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଚାରା ରୋପଣ ସହ ତାହାର ଯତ୍ନ ନେବାକୁ ପରାମର୍ଶ ଦେଇଥିଲେ। ଗୀତିକାର ଲକ୍ଷ୍ମୀଧର ମହାରଣା, ଗାୟିକା ମାନସୀ ଦାସ , ଶିକ୍ଷୟିତ୍ରୀ ଶୈଳବାଳା ସାହୁ, ସମାଜସେବୀ କୈଳାସ ନାଥ ପଟ୍ଟନାୟକ, ଶ୍ରୀବତ୍ସ ପାଣିଗ୍ରାହୀ, ଭାଗବତ ମହାପାତ୍ର, ସବିତା ରାୟ, କୈଳାସ ଚନ୍ଦ୍ର ସାହୁ, ବିଶ୍ୱନାଥ ସାହୁ, ରାଜକିଶୋର ସାହୁ, ଅଶ୍ୱିନୀ ପଟ୍ଟନାୟକ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ପ୍ରେମଶୀଳା ସାହୁ ଧନ୍ୟବାଦ ଦେଇଥିଲେ।

# ଦୁର୍ନୀତିକୁ ପ୍ରତିହତ କରିବାକୁ ଆହ୍ୱାନ



**ବୋଲଗଡ଼,୫।୭(ଦେବବ୍ରତ ହୋତା)**

ବୋଲଗଡ଼ ବ୍ଲକ ଅନ୍ତର୍ଗତ ଭାଜପା ପାଞ୍ଚଗଡ଼ ମଣ୍ଡଳ ସଭାପତି ସୁମନ୍ତ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏହି ମଣ୍ଡଳ ଅନ୍ତର୍ଭୁକ୍ତ ପଞ୍ଚାୟତଗୁଡ଼ିକର ଭାଜପା କର୍ମୀ ଓ କାର୍ଯ୍ୟକର୍ତ୍ତାମାନଙ୍କର ଏକ ବୈଠକ ସାଗରଗାଁ ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟତଃ ପଞ୍ଚାୟତ ଅଞ୍ଚଳରେ ହେଉଥିବା ଦୁର୍ନୀତି, ବାଟମାରଣା ଓ ପ୍ରିୟାପ୍ରୀତି ତୋଷଣ ରାଜନୀତି କାରଣରୁ ବିକାଶ ବାଧାପ୍ରାପ୍ତ ହେଉଥିବା ବେଳେ ଏହାକୁ ପ୍ରତିହତ କରିବା ପାଇଁ ସମସ୍ତେ ସଜାଗ ରହିବାକୁ ଆଲୋଚନା ହୋଇଥିଲା। ରାଜ୍ୟରେ ଭାଜପା ସରକାର ଗଠନ କରିଥିବା ବେଳେ ସ୍ଥାନୀୟ ନିର୍ବାଚନମଣ୍ଡଳୀରେ ଦଳର ସଙ୍ଗଠନକୁ ସୁଦୃଢ଼ କରିବା ଏବଂ ସରକାରଙ୍କ ଜନହିତକର କାର୍ଯ୍ୟକୁ ତୃଣମୂଳସ୍ତରରେ ପହଞ୍ଚାଇବା ସହ ପ୍ରକୃତ ହିତାଧିକାରୀ ଯେପରି ସମସ୍ତ ଯୋଜନାର ସୁଫଳ ପାଇପାରିବେ ସେଥିପାଇଁ ଯତ୍ନବାନ୍ ହେବାକୁ ମଣ୍ଡଳ ସଭାପତି ପ୍ରଧାନ ପରାମର୍ଶ ଦେଇଥିଲେ। କାର୍ଯ୍ୟାବଳୀ ଦ୍ୱାରା ଜନସାଧାରଣଙ୍କ ବିଶ୍ୱାସଭାଜନ ହୋଇପାରିଲେ ଆଗାମୀ ନିର୍ବାଚନରେ ଏହି ବିଧାନସଭା କ୍ଷେତ୍ରରେ ବିଜୟଲାଭ କରିବା ସହଜ ହେବ ବୋଲି ମହିଳା ମୋର୍ଚ୍ଚା ସଭାନେତ୍ରୀ ଶୁଭସ୍ମିତା ମାନ୍ଧାତା କହିଥିଲେ। ବୈଠକରେ ଗଗନ ବିହାରୀ ପ୍ରଧାନ, ବଲ୍ଲଭ ଲେଙ୍କା, ମନୋଜ କୁମାର ଜେନା, ପୂର୍ଣ୍ଣଚନ୍ଦ୍ର ରାଉତ, ରଞ୍ଜନ ମାର୍ଥା, ରଙ୍କନିଧି ଜେନାଙ୍କ ସମେତ କର୍ମୀମାନେ ଉପସ୍ଥିତ ଥିଲେ। ଶେଷରେ ବରିଷ୍ଠ କର୍ମୀ କାହ୍ନୁଚରଣ ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ଚର୍ଚ୍ଚାରେ ବିକମ୍ ଚା' ବାଲା ଅଶୋକ




**ଖୋର୍ଦ୍ଧା,୫।୭(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଜିଲା ସାରୁଅ ଅଞ୍ଚଳର ଅଶୋକ କୁମାର ବେହେରା। ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟରୁ ବାଣିଜ୍ୟ ସ୍ନାତକରେ ପ୍ରଥମ ଶ୍ରେଣୀରେ ପାସ କରିଛନ୍ତି। ଉଚ୍ଚ ଶିକ୍ଷିତ ହୋଇ ମଧ୍ୟ ଚାକିରୀ ପଛରେ ନ ଗୋଡାଇ ସେ ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ସାରୁଅରେ ଖୋଲିଛନ୍ତି ଚା'ଦୋକାନ। ଏହି ଦୋକାନର ନାମ ରଖିଛନ୍ତି 'ବିକମ୍ ଚାଏ ୱାଲା'। ଏହି ଦୋକାନ ତାଙ୍କର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଉକ୍ତ ରାସ୍ତା ଦେଇ ଯାଉଥିବା ଲୋକେ ତାଙ୍କ ସାଇନବୋର୍ଡ ଦେଖି ଅଟକି ଚା' ପିଇବା ସହ ତାଙ୍କ ଦୋକାନ ନାମକରଣ ପଛରେ ଥିବା କଥା ପଚାରି ବୁଝୁଛନ୍ତି। ଗ୍ରାହକଙ୍କ ପସନ୍ଦ ଅନୁଯାୟୀ ଲେମନ ଟି, ବ୍ଲାକ ଟି, କଫି, ତନ୍ଦୁରୀ, ରାଜୱାଡି ମସଲା ଚା' ପ୍ରସ୍ତୁତ କରୁଛନ୍ତି। ଏନେଇ ଅଶୋକ କହିଛନ୍ତି, ଚାକିରୀ ଅନ୍ୱେଷଣରେ ବିଭିନ୍ନ ସ୍ଥାନ ବୁଲି ବିଫଳ ହେବା ପରେ ବ୍ୟବସାୟ ପାଇଁ ଚିନ୍ତା କରିଥିଲି। କିଛି ଦିନ ହେବ ଏହି ଚା' ଦୋକାନ ଖୋଲିଛି। ଗ୍ରାହକଙ୍କ ଭଲପାଇବା ପ୍ରେରଣା ପାଲଟିଛି। ତେବେ କମ୍ ଦିନରେ ତାଙ୍କ ଚା' ଲୋକପ୍ରିୟତା ହାସଲ କରିଛି। ଜଣେ ଗ୍ରାହକ କୁହନ୍ତି, ଉକ୍ତ ରାସ୍ତା ଦେଇ ନୟାଗଡ ଯିବା ସମୟରେ ଏହି ସାଇନ ବୋର୍ଡ ଦେଖି ଅଟିକି ଯାଇଥିଲି। ଚା' ପିଇବା ସହ ତାଙ୍କର ଏହି ସ୍ୱତନ୍ତ୍ର ଦୋକାନ ସମ୍ପର୍କରେ ଜାଣିବାକୁ ପାଇଥିଲି। ସେହିପରି ବେଗୁନିଆ ବିଧାୟକ ପ୍ରଦୀପ ସାହୁ କହିଛନ୍ତି, ଯୁବପିଢ଼ି ପାଠପଢା ସରିବା ପରେ ଚାକିରୀ ପାଇଁ ବାହାର ରାଜ୍ୟକୁ ପଳାଉଛନ୍ତି। ସେମାନଙ୍କ ପାଇଁ ଅଶୋକ ବଳିଷ୍ଠ ଉଦାହରଣ। ଧୈର୍ଯ୍ୟ, ନିଷ୍ଠା ଏବଂ କଠିନ ପରିଶ୍ରମ ସଫଳତା ଦେଇଥାଏ ବୋଲି ସାହୁ କହିଛନ୍ତି।

# ଗ୍ରୀଲ୍ ତାଡ଼ି ନେଇଗଲେ ସୁନାରୁପା ଅଳଙ୍କାର

**ନିରାକାରପୁର,୫।୭(ମାନସ ଚନ୍ଦ୍ର ପଟ୍ଟନାୟକ)**

ନିରାକାରପୁର ଥାନା ରାମେଶ୍ୱର ପଞ୍ଚାୟତ ଅନ୍ତର୍ଗତ ତାଳପଡ଼ା ଗ୍ରାମର ଅଗାଧୁ ସାମନ୍ତରାୟଙ୍କ ଘରୁ ଲକ୍ଷାଧିକ ଟଙ୍କାର ସୁନା ଓ ରୁପା ଅଳଙ୍କାର ଚୋରି ହୋଇଥିବା ଶୁକ୍ରବାର ଅଭିଯୋଗ ହୋଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ସୂଚନା ମୁତାବକ, ଗୁରୁବାର ରାତିରେ ଦୁର୍ବୃତ୍ତମାନେ ଅଗାଧୁଙ୍କ ବାରି ପଛପଟ ଗ୍ରୀଲ୍ ତାଡ଼ି ଘରେ ଥିବା ଗଡ୍‌ରେଜ୍‌କୁ ଭାଙ୍ଗି ସୁନା ଓ ରୁପା ଅଳଙ୍କାର ନେଇଯାଇଥିଲେ। ଏ ନେଇ ପରିବାର ଲୋକେ ଜାଣିବା ପରେ ଅଗାଧୁଙ୍କ ସ୍ତ୍ରୀ ସୁମିତ୍ରା ସାମନ୍ତରାୟ ଥାନାରେ ଅଭିଯୋଗ କରିଥିଲେ।

# ପ୍ରତିଭା ବିକାଶକୁ ପ୍ରୋତ୍ସାହିତ କରେ ପ୍ରତିଯୋଗିତା

**ବୋଲଗଡ,୫।୭(ଦେବବ୍ରତ ହୋତା)**



ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧୋତ୍ସବର ଅବ୍ୟବହିତ ପୂର୍ବରୁ ବୋଲଗଡ଼ ଶିକ୍ଷା ବ୍ଲକ ଅନ୍ତର୍ଗତ ସଂପୁରସ୍ଥିତ ଚତୁର୍ଭୁଜ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁଙ୍କ ନିର୍ଦ୍ଦେଶକ୍ରମେ ବିଦ୍ୟାର୍ଥୀଙ୍କ ମଧ୍ୟରେ ବକ୍ତୃତା, ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ବିଭାଗରେ ବିଚିତ୍ର କୁମାର ଘଡ଼େଇ ଓ ଦୀପ୍ତିରଞ୍ଜନ ଦାସ, କନିଷ୍ଠ ବିଭାଗରେ ସ୍ମିତାସିନ୍ଧୁ ମହାପାତ୍ର ଓ ବିଭୁ ପ୍ରସାଦ ମହାପାତ୍ର ଏବଂ ଉପକନିଷ୍ଠ ବିଭାଗରେ ନମିତା ସାହୁଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗିତା ହୋଇଥିଲା। ସହକାରୀ ଶିକ୍ଷୟିତ୍ରୀ ଶୈବାଳିକା ମଲ୍ଲିକ ଓ କ୍ରୀଡ଼ା ଶିକ୍ଷକ ଅଂଶୁମାନ ଧଳ ବରିଷ୍ଠ ବିଭାଗରେ, ସହକାରୀ ଶିକ୍ଷକ ଶ୍ରୋତାଲିନ୍ ସାହୁ ଓ ସୌଦାମିନୀ ପରିଡ଼ା କନିଷ୍ଠ ବିଭାଗରେ, ସହକାରୀ ଶିକ୍ଷକ ବିଶ୍ୱଜିତ୍ ସରୋଜ କୁମାର ଓ ଶିକ୍ଷୟିତ୍ରୀ ସୌଦାମିନୀ ସୁବୁଦ୍ଧି ଉପକନିଷ୍ଠ ବିଭାଗରେ ବିଚାରକ ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ବରିଷ୍ଠ ବିଭାଗରେ ସମ୍ପନ୍ନ ହୋଇଥିବା ବକ୍ତୃତା ପ୍ରତିଯୋଗିତାରେ ଶୁଭଶ୍ରୀ ପଣ୍ଡା, ଭବସ୍ମିତା ମଙ୍ଗରାଜ ଓ ଓମ୍‌ପ୍ରକାଶ ନାୟକ, କନିଷ୍ଠ ବିଭାଗ ପ୍ରବନ୍ଧ ଲିଖନ ପ୍ରତିଯୋଗିତାରେ ଶୁଭଙ୍କର ପୃଷ୍ଟି, ବିଶ୍ୱଜିତ୍ ଦେଓ ଓ ବିଷ୍ଣୁପ୍ରସାଦ ସାଥୁଆ ଏବଂ ଉପକନିଷ୍ଠ ବିଭାଗ ଚିତ୍ରାଙ୍କନ ପ୍ରତିଯୋଗିତାରେ ସୌମ୍ୟାଶ୍ରୀ ସେନାପତି, କ୍ଷୀରାବ୍ଧି ତନୟା ପ୍ରଧାନ ଓ ଜାଗୃତିପ୍ରଭା ସାହୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସ୍ନେହଲତା ପାଇକରାୟ, ଶିବ ପ୍ରଧାନ ଓ ସସ୍ମିତ କେଦାର କର ସହଯୋଗ କରିଥିଲେ। ବିଦ୍ୟାର୍ଥୀଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ପାଇଁ ଆୟୋଜିତ ଏହି ପ୍ରତିଯୋଗିତା ମାଧ୍ୟମରେ ପ୍ରୋତ୍ସାହିତ କରି କୃତିତ୍ୱ ହାସଲକାରୀଙ୍କୁ ପୁରସ୍କୃତ କରାଯିବ ବୋଲି ସ୍ୱାଇଁ କହିଛନ୍ତି।

# ପରିବେଶ ସୁରକ୍ଷା ପାଇଁ ଚାରାରୋପଣ ଜରୁରୀ

**ଟାଙ୍ଗୀ/ଜଟଣୀ , ୫।୭**
**(ରଘୁନାଥ ସାହୁ/ (ରବୀନ୍ଦ୍ରନାଥ ମହାକୁଡ଼)**




କାର୍ଯ୍ୟକ୍ରମରେ ବିଧାୟକ ପ୍ରଶାନ୍ତ ଜଗଦେବ ଉଦ୍‌ବୋଧନ ଦେଉଛନ୍ତି।

ଟାଙ୍ଗୀ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପକ୍ଷରୁ ଚାରା ରୋପଣ କାର୍ଯ୍ୟକ୍ରମ 'ମା ପାଇଁ ଗଛଟିଏ' ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ଯୋଗଦେଇ ମା' ଯେଭଳି ପିଲାକୁ ନିଃସ୍ୱାର୍ଥପର ଭାବେ ଭଲ ପାଇଥାଏ ସେହିଭଳି ଗଛ ବିନା ସ୍ୱାର୍ଥରେ ଫଳ, ପୁଷ୍ପ, କାଠ, ଅମ୍ଳଜାନ, ଛାଇ ପ୍ରଦାନ କରିଥାଏ। ତେଣୁ ସମସ୍ତେ ମା' ପାଇଁ ଗୋଟିଏ ଚାରା ଲଗାଇବା ସହ ତା'ର ଯତ୍ନ ନେବାକୁ ଆହ୍ୱାନ ଦେଇଥିଲେ। ବିଡିଓ ରେଶ୍ମା ଟେଟେ, ସିଡିପିଓ ଜ୍ୟୋତ୍ସ୍ନାମୟୀ ପଣ୍ଡା, ଏମ୍‌ପିଙ୍କ ପ୍ରତିନିଧି ଚିନ୍ମୟ ପୃଷ୍ଟି, ଟାଙ୍ଗୀ ସରପଞ୍ଚ କିଶୋର ବେହେରା, ଭୂଷଣ୍ଡପୁର ସରପଞ୍ଚ ସୌରଭ ଦାସମହାପାତ୍ର, ବଡ଼ପାରୀ ସରପଞ୍ଚ ପ୍ରଫୁଲ୍ଲ ଦାସଙ୍କ ସମେତ ସମସ୍ତ ଜିଲା ପରିଷଦ ସଭ୍ୟ, ସରପଞ୍ଚ, ସମିତି ସଭ୍ୟାସଭ୍ୟ ଯୋଗଦେଇ ଚାରାରୋପଣ କାର୍ଯ୍ୟକ୍ରମ ସମ୍ପର୍କରେ ମନ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଯୋଗଦେଇଥିଲେ। ଏହି ଅବସରରେ ପଞ୍ଚାୟତ ସମିତି ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ହୋଇଥିଲା। ବିଧାୟକ ଜଗଦେବ ଚାରା ଲଗାଇବା ପରେ ସମସ୍ତ ସଦସ୍ୟାସଦସ୍ୟ ଗୋଟିଏ ଗୋଟିଏ ଚାରା ଲଗାଇଥିଲେ। ଜଟଣୀ ମହାବିଦ୍ୟାଳୟ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ପରିଚାଳନା ସମିତି ସଭାପତି ଶିବବ୍ରତ ଘୋଷ୍‌ଙ୍କ ଉପସ୍ଥିତିରେ ବିଭିନ୍ନ କିସମର ଚାରା ରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ରାଜୀବ କର, ଅନୁପ ମହାନ୍ତି, ଅମିତ୍ ବିକ୍ରମ ପଟ୍ଟନାୟକ, ଶାନ୍ତନୁ ପଟ୍ଟନାୟକ, ତପନ ମିଶ୍ର, ଅଜିତ ସୁନ୍ଦରାୟ, ବେଣୁଧର ଦାସ, ପ୍ରଭାସ କୁମାର ଲାଲା, କୁମାରେଶ ଛୋଟରାୟ, ସସ୍ମିତା ପଣ୍ଡା, କାର୍ତ୍ତିକ ଚନ୍ଦ୍ର ଦାସ, ବାଳକୃଷ୍ଣ ଚୌଧୁରୀ, ପୁଷ୍ପାଞ୍ଜଳି ସାମଲଙ୍କ ସମେତ ସମସ୍ତ ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ଏବଂ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

ସେହିପରି ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ସୁଶୀଳା ଦେବୀ ପ୍ରଗତି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଦୀପ୍ତିବାଳା ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଜଟଣୀ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ରଶ୍ମିବାଳା ପରିଡା ଯୋଗଦେଇ ଚାରାରୋପଣ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଆର୍‌ସିସି ମାନଗୋବିନ୍ଦ ସାହୁଙ୍କ ସହିତ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ବିଦ୍ୟାର୍ଥୀ ଯୋଗଦେଇ ବିଭିନ୍ନ କିସମର ଚାରା ରୋପଣ କରି ସୁସ୍ଥ ଓ ସୁନ୍ଦର ସବୁଜିମା ସୃଷ୍ଟି କରିବା ପାଇଁ ଶପଥ ନେଇଥିଲେ।

# ପ୍ରଣବ ପ୍ରକାଶଙ୍କ ନାମରେ କ୍ୟାପିଟାଲ ଥାନାରେ ଏତଲା

**ସରକାରୀ ବାସଭବନରେ ପରିବର୍ଦ୍ଧିତ ନିର୍ମାଣ ଘଟଣା**

ଭୁବନେଶ୍ୱର,୫।୭(ସତ୍ୟଜିତ୍ ରାଉତ)

ବିଜେଡିର ସାଙ୍ଗଠନିକ ସମ୍ପାଦକ ତଥା ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ବିରୋଧରେ ହାଇକୋର୍ଟ ଆଇନଜୀବୀ ସତ୍ୟ ଶିବ ସୁନ୍ଦର ମହାନ୍ତି ଶୁକ୍ରବାର କ୍ୟାପିଟାଲ ଥାନାରେ ଏତଲା ଦେଇଛନ୍ତି। ସାଧାରଣ ପ୍ରଶାସନ ବିଭାଗର ଅନୁମତି ନେଇ ପ୍ରଣବ ତାଙ୍କ ସରକାରୀ ବାସଭବନରେ ବେଆଇନ ଭାବେ ନିର୍ମାଣ କରିଥିଲେ ବୋଲି ସତ୍ୟ ଅଭିଯୋଗ କରିଛନ୍ତି। ରାଜଭବନ ସମ୍ମୁଖ ୟୁନିଟ୍-୬ ଅଞ୍ଚଳରେ ପ୍ରଣବଙ୍କୁ ଆବଣ୍ଟିତ ଭିଆଇଆଇଆଇ-ଏମ୍ଆର-୧ କ୍ୱାର୍ଟର୍ସ ପରିସରରେ କେଉଁ ଅର୍ଥରେ ଅନ୍ୟ ଏକ ଘର ନିର୍ମାଣ ହୋଇଥିଲା, ସେଠାରେ କ'ଣ ଚାଲିଥିଲା ଆଦି ଜାଣିବାକୁ ସ୍ୱତନ୍ତ୍ର କମିଟି ଗଢ଼ାଯାଇ ଉଚ୍ଚସ୍ତରୀୟ ତଦନ୍ତ କରାଯାଉ ବୋଲି ଅଭିଯୋଗକାରୀ ଦାବି କରିଛନ୍ତି। ଏପରିକି ସେଠାରେ ଅନୈତିକ କାର୍ଯ୍ୟ ଚାଲିଥିବା ନେଇ ଲୋକେ କହୁଛନ୍ତି ବୋଲି ସତ୍ୟ ତାଙ୍କ ଏତଲାର ଉଲ୍ଲେଖ କରିଛନ୍ତି।


ପ୍ରଣବ ପ୍ରକାଶ ଦାସ

୨୦୧୯ ଜୁନ୍‌ରେ ପ୍ରଣବଙ୍କୁ ଉକ୍ତ କ୍ୱାର୍ଟର ଆବଣ୍ଟନ ହୋଇଥିଲା। ତାଙ୍କ ସରକାରୀ ବାସଭବନ ପରିସରରେ ପରିବର୍ଦ୍ଧିତ ନିର୍ମାଣକୁ ଗତ କିଛିଦିନ ତଳେ ଭଙ୍ଗାଯାଇଥିଲା। ସେହି କ୍ୱାର୍ଟର୍ସ ଭିତରେ ତିନିମହଲା କୋଠା, ଅଣ୍ଡର ଗ୍ରାଉଣ୍ଡ ଘର, ସୁଇମିଂ ପୁଲ୍, ରୁଫ୍ ଟପ୍ କଟେଜ୍ ଆଦି ବେଆଇନ ନିର୍ମାଣ ହୋଇଥିବା ଅଭିଯୋଗ ଉଠିଥିଲା। ଏ ନେଇ ୧୦ ଦିନ ତଳେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ରାଜ୍ୟରେ ଚର୍ଚ୍ଚା ସୃଷ୍ଟି ହୋଇଥିଲା। ଫଳରେ ପ୍ରଣବ ଉକ୍ତ ନିର୍ମାଣ ସବୁକୁ ଭାଙ୍ଗି ଦେଇଥିଲେ। କ୍ୱାର୍ଟର୍ସ ଭଙ୍ଗାକୁ ନେଇ ସେତେବେଳେ ପ୍ରଣବ ଭିଡିଓବାର୍ତ୍ତାରେ କହିଥିଲେ, ନିୟମ ଅନୁସାରେ ଭଙ୍ଗାଯାଉଛି। ଜିଏ ବିଭାଗ ନୋଟିସ କରିଥିବାରୁ ୧୫ ତାରିଖ ସୁଦ୍ଧା କ୍ୱାର୍ଟର୍ସ ଛାଡି ଦିଆଯିବ। ବହୁତ ନେତା ଭେଟିବାକୁ ଆସୁଥିବାରୁ ସେମାନଙ୍କ ବସାଉଠା ପାଇଁ କ୍ୱାର୍ଟର୍ସରେ ଅସ୍ଥାୟୀ ନିର୍ମାଣ କରାଯାଇଥିଲା। ଏହାକୁ ନେଇ ଅଯଥା ରାଜନୀତି ନ କରିବାକୁ ପ୍ରଣବ କହିଥିଲେ। ତେବେ ସତ୍ୟଙ୍କ ଏତଲାକୁ ନେଇ ପ୍ରଣବଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ଅଗଷ୍ଟ ସୁଦ୍ଧା ମୋଦି ସରକାରଙ୍କ ପତନ: ଲାଲୁ

ପାଟନା,୫।୭

କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଗଠିତ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ସରକାରର ଅଗଷ୍ଟ ସୁଦ୍ଧା ପତନ ଘଟିପାରେ ବୋଲି ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ଅଧ୍ୟକ୍ଷ ଲାଲୁ ପ୍ରସାଦ ଯାଦବ ଶୁକ୍ରବାର ପୂର୍ବାନୁମାନ କରିଛନ୍ତି। ସରକାରର ପତନ ଘଟିଲେ, ଯେକୌଣସି ସମୟରେ ସାନି ନିର୍ବାଚନ ଅନୁଷ୍ଠିତ ହୋଇପାରେ। ସେଥିପାଇଁ ଦଳୀୟ କର୍ମୀମାନେ ପ୍ରସ୍ତୁତ ରହିବାକୁ ଲାଲୁ ପରାମର୍ଶ ଦେଇଛନ୍ତି। ଦଳର ପ୍ରତିଷ୍ଠା ଦିବସ ଅବସରରେ ଏକ କାର୍ଯ୍ୟକ୍ରମକୁ ଉଦ୍‌ବୋଧନ ଦେବାବେଳେ ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ଲାଲୁ ଏହା କହିଛନ୍ତି। ଲୋକ ସଭା ନିର୍ବାଚନରେ ସଂଖ୍ୟାଗରିଷ୍ଠତା ହାସଲ ପାଇଁ ୨୭୨ ଆସନ ଆବଶ୍ୟକ ଥିବାବେଳେ ଭାଜପା ୨୪୦ ଆସନରେ ସୀମିତ ରହିଛି। ନୀତୀଶ କୁମାରଙ୍କ ସଂଯୁକ୍ତ ଜନତା ଦଳ (ଜେଡିୟୁ) ଏବଂ ଚନ୍ଦ୍ରବାବୁ ନାଇଡୁଙ୍କ ତେଲଗୁ ଦେଶମ ପାର୍ଟି (ଟିଡିପି) ସମେତ ଅନ୍ୟ ଛୋଟ ଦଳଗୁଡ଼ିକର ସହଯୋଗରେ ଭାଜପା କେନ୍ଦ୍ରରେ ସରକାର ଗଢ଼ିଛି ଏବଂ ମୋଦି ତୃତୀୟ ଥର ପ୍ରଧାନମନ୍ତ୍ରୀ ହୋଇଛନ୍ତି। ଏହି ସରକାର ବେଶିଦିନ ଟିକିବ ନାହିଁ ଏବଂ କିଛି ମାସ ମଧ୍ୟରେ ପତନ ଘଟିବ ବୋଲି ଅନେକ ବିରୋଧୀ ନେତା ଦାବି କରୁଥିବା ଲାଲୁ କହିଛନ୍ତି।

ଅନ୍ୟପକ୍ଷରେ ବିହାରର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତଥା ଆର୍‌ଜେଡି ନେତା ତେଜସ୍ୱୀ ଯାଦବ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ରାଜ୍ୟରେ ଦୁର୍ନୀତି ଓ ଅପରାଧ ବଢ଼ିଛି। ରାଜ୍ୟରେ ଡବଲ ଇଞ୍ଜିନ ସରକାରରୁ ଗୋଟିଏ ଇଞ୍ଜିନ୍ ଦୁର୍ନୀତିରେ ଓ ଅନ୍ୟଟି ଅପରାଧରେ ଲିପ୍ତ ଥିବା ସେ କହିଛନ୍ତି। ୧୫ ଦିନରେ ୧୨ ବ୍ରିଜ୍ ଭୁଶୁଡ଼ିବା ଏହାର ଉଦାହରଣ। ରାଜ୍ୟରେ ବେରୋଜଗାରି, ଦାରିଦ୍ର୍ୟ, ଦରଦାମ୍ ବୃଦ୍ଧି ପାଇଁ ଆର୍‌ଜେଡି ନେତା ନୀତୀଶ ସରକାରଙ୍କୁ ଦାୟୀ କରିଛନ୍ତି।


ଲାଲୁ ପ୍ରସାଦ ଯାଦବ



ରାଜ୍ୟ କଂଗ୍ରେସ ଭବନ ସମ୍ମୁଖରେ ଟେକାପଥର ମାଡ଼ ଘଟଣାରେ ଅଭିଯୁକ୍ତ ଭାଜପା କର୍ମୀଙ୍କୁ ତୁରନ୍ତ ଗିରଫ କରାଯିବା ଦାବି ନେଇ ପୁରୀ ଜିଲା କଂଗ୍ରେସ କମିଟି ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

# ପାରୋଲରେ ଆସି ଏମ୍‌ପି ଭାବେ ଶପଥ ନେଲେ ଅମ୍ରିତ୍‌ପାଲ, ଇଞ୍ଜିନିୟର ରଶିଦ

ନୂଆଦିଲ୍ଲୀ,୫।୭

ଜେଲରେ ଥିବା ମୌଳବାଦୀ ଶିଖ୍ ଧର୍ମଗୁରୁ ଅମ୍ରିତ୍‌ପାଲ ସିଂ ଏବଂ କଶ୍ମୀରୀ ନେତା ଶେଖ୍ ଅବଦୁଲ ରଶିଦ ପାରୋଲରେ ଆସି ଶୁକ୍ରବାର ଲୋକ ସଭା ସଦସ୍ୟ ଭାବେ ଶପଥ ଗ୍ରହଣ କରିଛନ୍ତି। ଶପଥ ନେବା ପାଇଁ କୋର୍ଟ ସେମାନଙ୍କୁ ପାରୋଲ ମଞ୍ଜୁର କରିଥିଲେ। ସେମାନଙ୍କ ଶପଥ ଗ୍ରହଣ ନିମନ୍ତେ ପାର୍ଲାମେଣ୍ଟ ପରିସରରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଇଞ୍ଜିନିୟର ରଶିଦ ଭାବେ ପରିଚିତ ଶେଖ୍ ଅବଦୁଲ ରଶିଦ ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଉଥିବା ଅଭିଯୋଗରେ ତାଙ୍କ ବିରୋଧରେ ବେଆଇନ କାର୍ଯ୍ୟକଳାପ(ପ୍ରତିକାର) ଆଇନରେ ମାମଲା ରୁଜୁ ହୋଇଥିଲା ଓ ସେ ଦିଲ୍ଲୀର ତିହାର ଜେଲରେ ଥିଲେ। ସେହିପରି ଅମ୍ରିତ୍‌ପାଲ୍ ଜାତୀୟ ସୁରକ୍ଷା ଆଇନ (ଏନ୍‌ଏସ୍‌ଏ)ରେ ଗିରଫ ହୋଇ ଆସାମର ଡିବ୍ରୁଗଡ଼ ଜିଲା କାରାଗାରରେ ରହିଥିଲେ। ନିକଟରେ ଅନୁଷ୍ଠିତ ଲୋକ ସଭା ନିର୍ବାଚନରେ ଅମ୍ରିତପାଲ୍ (୩୧) ପଞ୍ଜାବର ଖଡୁର ସାହିବ ଆସନରୁ ଏବଂ ରଶିଦ(୫୬) ଜମ୍ମୁ-କଶ୍ମୀରର ବାରମୁଲ୍ଲା ଆସନରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ବିଜୟୀ ହୋଇଥିଲେ। ତେବେ ଜେଲରେ ଥିବାରୁ ଜୁନ୍ ୨୪, ୨୫ରେ ଅନ୍ୟ ବିଜୟୀ ପ୍ରାର୍ଥୀଙ୍କ ସହ ସେମାନେ ଏମ୍‌ପି ଭାବେ ଶପଥ ନେଇପାରି ନ ଥିଲେ। ଶପଥ ନେବା ପାଇଁ ତିହାର ଜେଲରେ ରହୁଥିବା ରଶିଦଙ୍କୁ ଯାତାୟାତ ସମୟକୁ ବାଦ୍‌ଦେଇ ୨ ଘଣ୍ଟା ପାରୋଲ ମଞ୍ଜୁର ହୋଇଥିଲା। ସେହିପରି ଆସାମ ଜେଲରେ ଥିବା ଅମ୍ରିତପାଲଙ୍କୁ ୪ ଦିନିଆ ପାରୋଲ ମିଳିଥିଲା।


ଅମ୍ରିତ୍‌ପାଲ ସିଂ


ଇଞ୍ଜିନିୟର ରଶିଦ

# ସମସ୍ତ ଉନ୍ନୟନ ପ୍ରାଧିକରଣର ଅଧ୍ୟକ୍ଷ ହେଲେ ନଗର ଉନ୍ନୟନ ମନ୍ତ୍ରୀ

ଭୁବନେଶ୍ୱର, ୫।୭(ସୁନିତ୍ ମିଶ୍ର)

ରାଜ୍ୟ ସରକାର ଶୁକ୍ରବାର ଭୁବନେଶ୍ୱର, କଟକ ସମେତ ଅନ୍ୟ ୭ ସହରର ଉନ୍ନୟନ ପ୍ରାଧିକରଣର ଅଧ୍ୟକ୍ଷଙ୍କୁ ହଟାଇଛନ୍ତି। ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ସମସ୍ତ ଉନ୍ନୟନ ପ୍ରାଧିକରଣର ଅଧ୍ୟକ୍ଷ ଭାବେ ନିଯୁକ୍ତି ଦେଇଛନ୍ତି। ରାଜ୍ୟ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର ସମସ୍ତ ବିଭାଗୀୟ ସଚିବ, ଜିଲାପାଳ ଓ ବିଧାନସଭା ସଚିବଙ୍କୁ ଚିଠି ଲେଖି ବିଭିନ୍ନ ସରକାରୀ ସଂସ୍ଥା, ଉଦ୍ୟୋଗ, ନିଗମ ଓ ବିଭାଗରେ ରାଜନୈତିକ ନିଯୁକ୍ତିକୁ ତତ୍କାଳ ପ୍ରଭାବରୁ ରଦ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଥିବା ଅବଗତ କରାଇଛନ୍ତି। ସମସ୍ତ ରାଜନୈତିକ ନିଯୁକ୍ତିକୁ ରଦ୍ଦ କରାଗଲା। କିନ୍ତୁ ବୈଧାନିକ ପ୍ରାବଧାନ ଅନ୍ତର୍ଗତ ରାଜ୍ୟ ସରକାରଙ୍କ ନିର୍ଦ୍ଧାରିତ ପ୍ରକ୍ରିୟା ମଧ୍ୟରେ ଦିଆଯାଇଥିବା ନିଯୁକ୍ତିଗୁଡ଼ିକ ଏହି ନିର୍ଦ୍ଦେଶ ଦ୍ୱାରା ପ୍ରଭାବିତ ହେବ ନାହିଁ ବୋଲି ବିଭାଗ ସୂଚନା ଦେଇଛି। ସେହିପରି ନଗର ଉନ୍ନୟନ ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶନାମା ଅନୁସାରେ, ପୂର୍ବର ସମସ୍ତ ନିର୍ଦ୍ଦେଶକୁ ରଦ୍ଦକରି ରାଜ୍ୟ ସରକାର ସବୁ ଉନ୍ନୟନ ପ୍ରାଧିକରଣର ଅଧ୍ୟକ୍ଷ ଭାବେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କୁ ନିଯୁକ୍ତି ଦେଇଛନ୍ତି। ସରକାରଙ୍କ ଏହି ନିଷ୍ପତ୍ତି ଫଳରେ ଭୁବନେଶ୍ୱର ଉନ୍ନୟନ ପ୍ରାଧିକରଣ (ବିଡିଏ), କଟକ ଉନ୍ନୟନ ପ୍ରାଧିକରଣ(ସିଡିଏ), ବ୍ରହ୍ମପୁର ଉନ୍ନୟନ ପ୍ରାଧିକରଣ, ସମ୍ବଲପୁର ଉନ୍ନୟନ ପ୍ରାଧିକରଣ, ରାଉରକେଲା ଉନ୍ନୟନ ପ୍ରାଧିକରଣ, ପୁରୀ-କୋଣାର୍କ ଉନ୍ନୟନ ପ୍ରାଧିକରଣ, ପାରାଦୀପ ଉନ୍ନୟନ ପ୍ରାଧିକରଣ, କଳିଙ୍ଗନଗର ଉନ୍ନୟନ ପ୍ରାଧିକରଣ ଓ ତାଳଚେର-ଅନୁଗୋଳ ମେରାମଣ୍ଡଳୀ ଉନ୍ନୟନ ପ୍ରାଧିକରଣର ଅଧ୍ୟକ୍ଷ ଭାବେ ନଗର ଉନ୍ନୟନ ମନ୍ତ୍ରୀ କାର୍ଯ୍ୟ କରିବେ।


ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର

# ରତ୍ନଭଣ୍ଡାରକୁ ନେଇ ବିଜେଡି-ଭାଜପା ମୁହାଁମୁହିଁ

**■ ମନ୍ଦ ଉଦ୍ଦେଶ୍ୟ ନେଇ କମିଟି ଭଙ୍ଗାଯାଇଛି: ପ୍ରମିଳା**
**■ ଜଣେ ଲଜ୍ଜାହୀନ ହେଲେ କିଛି ଉତ୍ତର ନାହିଁ: ହରିଚନ୍ଦନ**

ଭୁବନେଶ୍ୱର,୫।୭(ଅନିଲ ଦାସ/ସୁନିତ୍ ମିଶ୍ର)

ରତ୍ନଭଣ୍ଡାର ଖୋଲିବା ପାଇଁ ରାଜ୍ୟର ନବଗଠିତ ଭାଜପା ସରକାର ଗୁରୁବାର ୧୬ଜଣିଆ କମିଟି ଗଠନ କରିଛନ୍ତି। ତେବେ ସରକାରଙ୍କ ଏହି ପଦକ୍ଷେପକୁ ନେଇ ବିଜେଡି କଡ଼ା ସମାଲୋଚନା କରିଛି। ଏହାକୁ ନେଇ ବିଜେଡି ଏବଂ ଭାଜପା ମୁହାଁମୁହିଁ ହୋଇଛନ୍ତି। ମନ୍ଦ ଉଦ୍ଦେଶ୍ୟ ରଖି ବିଜେଡି ସରକାର ସମୟରେ ଗଠନ କରାଯାଇଥିବା ରତ୍ନଭଣ୍ଡାର କମିଟି ଭଙ୍ଗାଯାଇ ନୂଆ କମିଟି କରାଯାଇଛି ବୋଲି ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି। ସେ କହିଛନ୍ତି, ଜଷ୍ଟିସ ଅରିଜିତ ପଶାୟତ ଜଣେ ସୁନାମଧନ୍ୟ ବ୍ୟକ୍ତି। ମନ୍ଦ ଉଦ୍ଦେଶ୍ୟ ରଖି ତାଙ୍କୁ କମିଟିରୁ ହଟାଇ ଦିଆଯାଇଛି। ନୂଆ ସରକାର କେତେବେଳେ କ'ଣ କହୁଛନ୍ତି ତାହାର କୌଣସି ଠିକ୍‌ଠିକଣା ନାହିଁ। କେତେବେଳେ ରତ୍ନଭଣ୍ଡାର ଖୋଲିବା ତାରିଖ ଘୋଷଣା କରୁଛନ୍ତି ତ ପୁଣି କେତେବେଳେ ମନା କରୁଛନ୍ତି। ଭାଜପା ସରକାରର ଉଦ୍ଦେଶ୍ୟ ଓଡ଼ିଶାବାସୀ ଜାଣିଛନ୍ତି। ନୂଆ ସରକାର ଠିକ୍ କଥା କରିବେନି କି ଠିକ୍ ବାଟରେ ଯିବେନି। ଖାଲି ଭୁଆଁ ବୁଲେଇବେ ବୋଲି ପ୍ରମିଳା କହିଛନ୍ତି।


ପ୍ରମିଳା ମଲ୍ଲିକ


ପୃଥ୍ୱୀରାଜ ହରିଚନ୍ଦନ

ପ୍ରମିଳାଙ୍କ ମନ୍ତବ୍ୟ ସମ୍ପର୍କରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଜଣେ ଯଦି ଲଜ୍ଜାହୀନ ହେବ ତେବେ ତାଙ୍କ ପାଇଁ କିଛି ଉତ୍ତର ନାହିଁ। ବିଜେଡି ୨୪ ବର୍ଷ ସରକାରରେ ଥାଇ ମଧ୍ୟ ରତ୍ନଭଣ୍ଡାର ଖୋଲିପାରିଲା ନାହିଁ। ରତ୍ନଭଣ୍ଡାର ଅଳଙ୍କାରକୁ ତାଲିକାଭୁକ୍ତ କରିବାର ଥିଲା, ତାକୁ ମଧ୍ୟ କରିପାରିଲେ ନାହିଁ। ଆଜି ତାରିଖରେ ସେମାନେ ଯଦି କହିବେ କାହିଁକି କମିଟି ଭଙ୍ଗାଗଲା ଏବଂ ଅଳଙ୍କାର ଗଣତି ବାବଦରେ ସରକାର ନେଉଥିବା ନିଷ୍ପତ୍ତିକୁ ସମାଲୋଚନା କରିବେ ତା'ଠାରୁ ଦୁର୍ଭାଗ୍ୟଜନକ ଆଉ କିଛି ନାହିଁ। ଆମ ସରକାରକୁ ପ୍ରାୟ ୨୫ ଦିନ ହୋଇଛି। ଏହି କମ୍ ସମୟ ମଧ୍ୟରେ ରତ୍ନଭଣ୍ଡାର ଖୋଲିବା ପାଇଁ କମିଟି ଗଢ଼ିଛୁ। ରତ୍ନଭଣ୍ଡାର ଖୋଲିବା ଏବଂ ରତ୍ନ ଅଳଙ୍କାର ଗଣତି ସମ୍ପର୍କରେ କମିଟି ଶନିବାର ନିଷ୍ପତ୍ତି ନେବ। ସ୍ପଷ୍ଟ ଭାବେ କହୁଛୁ ଯେ, ରତ୍ନଭଣ୍ଡାର ଯଥାସମୟରେ ଖୋଲାଯିବ ଏବଂ ତା'ର ଇନଭେଣ୍ଟରି ମ୍ୟାଚିଂ ହେବା ସହିତ ପ୍ରତ୍ୟେକ ଫଟୋଗ୍ରାଫିକୁ ଡିଜିଟାଇଜେଶନ କରାଯାଇ ରଖାଯିବ। ଏହା ଏକ ରେଫରାଲ ଡକ୍ୟୁମେଣ୍ଟ ଭାବେ ଶ୍ରୀମନ୍ଦିର ପ୍ରଶାସନ ପାଖରେ ରହିବ। ତେଣୁ ସମାଲୋଚନା କରିବାର ଯଦି ଅଛି, ଅଲଗା କଥାରେ କରନ୍ତୁ। ଏଭଳି ଉଦ୍ଭଟ କଥାରେ ସମାଲୋଚନା ନ କରିବାକୁ ବିଜେଡି ନେତ୍ରୀ, ନେତାମାନଙ୍କୁ ଅନୁରୋଧ ବୋଲି ପୃଥ୍ୱୀରାଜ କହିଛନ୍ତି।

# ରାଜ୍ୟ ସଭାରୁ କେଶବ ରାଓଙ୍କ ଇସ୍ତଫା

ହାଇଦ୍ରାବାଦ,୫।୭

ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) ଛାଡ଼ି କଂଗ୍ରେସରେ ଯୋଗଦେବାର ଦିନକ ପରେ କେ. କେଶବ ରାଓ ରାଜ୍ୟ ସଭା ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫାପତ୍ର ରାଜ୍ୟ ସଭା ଅଧ୍ୟକ୍ଷ ଜଗଦୀପ୍ ଧନ୍‌କରଙ୍କୁ ପ୍ରଦାନ କରିଛନ୍ତି। ସେ ବିଆର୍‌ଏସ୍ ଚିହ୍ନରେ ରାଜ୍ୟ ସଭାକୁ ନିର୍ବାଚିତ ହୋଇଥିଲେ। ଏବେ କଂଗ୍ରେସରେ ଯୋଗଦେଇଥିବାରୁ ନୈତିକତା ଦୃଷ୍ଟିରୁ ଗୃହର ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ୨୦୨୦ରେ ବିଆର୍‌ଏସ୍ ତାଙ୍କୁ ରାଜ୍ୟ ସଭାକୁ ପଠାଇଥିବାବେଳେ ତାଙ୍କର କାର୍ଯ୍ୟକାଳ ଆଉ ୨ ବର୍ଷ ରହିଥିଲା। ତେଲଙ୍ଗାନା ସରକାରରେ ତାଙ୍କୁ କ୍ୟାବିନେଟ୍ ପାହ୍ୟା ସହ ଉପଦେଷ୍ଟା ଭାବେ ନିଯୁକ୍ତି ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଏ. ରେଭନ୍ତ ରେଡ୍ଡୀ କହିଛନ୍ତି। ରେଭନ୍ତଙ୍କ ଉପସ୍ଥିତିରେ ୬ ଜଣ ବିଆର୍‌ଏସ୍ ବିଧାନ ପରିଷଦ ସଦସ୍ୟ ଗୁରୁବାର ରାତିରେ କଂଗ୍ରେସରେ ଯୋଗ ଦେଇଛନ୍ତି। ଫଳରେ କେ. ଚନ୍ଦ୍ରଶେଖର ରାଓଙ୍କ ଦଳକୁ ଶକ୍ତ ଧକ୍କା ଲାଗିଛି।

# ବିଜୟପାଲ ସିଂ ତୋମାର ଭାଜପାର ଓଡ଼ିଶା ପ୍ରଭାରୀ

**■ ଲତା ଉସେଣ୍ଡି ସହପ୍ରଭାରୀ**
**■ ସମ୍ବିତ ପାତ୍ର ଉତ୍ତର ପୂର୍ବାଞ୍ଚଳ ରାଜ୍ୟର ସଂଯୋଜକ ନିଯୁକ୍ତ**
**■ ଅପରାଜିତା ଷଡ଼ଙ୍ଗୀ କେରଳର ସହପ୍ରଭାରୀ**

ଭୁବନେଶ୍ୱର, ୫।୭(ସୁନିତ୍ ମିଶ୍ର)

ଭାଜପା ପକ୍ଷରୁ ଶୁକ୍ରବାର ବିଭିନ୍ନ ରାଜ୍ୟ ଲାଗି ପ୍ରଭାରୀ ଏବଂ ସହପ୍ରଭାରୀ ନିଯୁକ୍ତ ହୋଇଛନ୍ତି। ସେହି କ୍ରମରେ ଓଡ଼ିଶା ପାଇଁ ମଧ୍ୟ ଭାଜପା କେନ୍ଦ୍ରୀୟ ନେତାମାନେ ପ୍ରଭାରୀ ଏବଂ ସହପ୍ରଭାରୀ ନିଯୁକ୍ତ ହୋଇଛନ୍ତି। ପୂର୍ବଭଳି ବିଜୟପାଲ ସିଂ ତୋମାରଙ୍କୁ ଦଳ ପ୍ରଭାରୀ ଭାବେ ନିଯୁକ୍ତ କରିଥିବା ବେଳେ ଲତା ଉସେଣ୍ଡିଙ୍କୁ ସହପ୍ରଭାରୀ ଦାୟିତ୍ୱ ମିଳିଛି। ନିର୍ବାଚନ ପୂର୍ବରୁ ମଧ୍ୟ ଏହି ୨ ନେତାଙ୍କୁ ଓଡ଼ିଶାର ପ୍ରଭାରୀ ଓ ସହପ୍ରଭାରୀ ଭାବେ ଦଳ ଦାୟିତ୍ୱ ଦେଇଥିଲା। ଉଭୟ ନେତାଙ୍କୁ ପୁଣିଥରେ ସମାନ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କୁ ଦଳ କେରଳର ସହପ୍ରଭାରୀ ଦାୟିତ୍ୱ ପ୍ରଦାନ କରିଛି। ଅନ୍ୟପଟେ ପୁରୀ ଏମ୍‌ପି ସମ୍ବିତ ପାତ୍ରଙ୍କୁ ଦଳ ପକ୍ଷରୁ ଉତ୍ତର ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକ ଲାଗି ସଂଯୋଜକ ଦାୟିତ୍ୱ ଦିଆଯାଇଛି। ଓଡ଼ିଶାରୁ ଏହି ୨ ନେତାଙ୍କ ଉପରେ କେନ୍ଦ୍ରୀୟ ନେତା ଭରସା କରିଥିବାବେଳେ ରାଜ୍ୟରୁ ଅନ୍ୟ କାହାକୁ ଉକ୍ତ ଦାୟିତ୍ୱ ତାଲିକା ଭିତରେ ସାମିଲ କରାଯାଇନାହିଁ। ଭାଜପା ଜାତୀୟ ସାଧାରଣ ସମ୍ପାଦକ ଅରୁଣ ସିଂଙ୍କ ଦସ୍ତଖତରେ ଏ ସମ୍ପର୍କିତ ଚିଠି ଜାରି କରାଯାଇଛି।

यूनियन बैंक ऑफ इंडिया | Union Bank of India
भारत सरकार का उपक्रम | A Government of India Undertaking

**ବାଲୁଗାଁ ଶାଖା**
ମେନ୍ ରୋଡ୍, ଏଚ୍‌ପି ପେଟ୍ରୋଲ୍ ପମ୍ପ ନିକଟ, ସା/ପୋ.: ବାଲୁଗାଁ, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ପିନ୍-୭୫୨୦୩୦

{ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୬(୨)/୮(୬)} ତାରିଖ : ୨୬.୦୬.୨୦୨୪

ପ୍ରାପ୍ତେଷୁ,
**ଋଣଗ୍ରହୀତା: ମେସର୍ସ ଶ୍ରୀ ରାମେଶ୍ୱର ଟ୍ରେଡର୍ସ / ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ଶିବ ପ୍ରସାଦ ଦାସ,** ପିତା: ଶ୍ରୀ ରଜନୀ କାନ୍ତ ଦାସ, **୨) ଶ୍ରୀ ରଜନୀ କାନ୍ତ ଦାସ,** ପିତା: ଚିନ୍ତାମଣୀ ଦାସ, **୩) ଶ୍ରୀ ବିଶ୍ୱଜିତ୍ ଦାସ,** ପିତା: ଶ୍ରୀ ରଜନୀ କାନ୍ତ ଦାସ, ସମସ୍ତଙ୍କ ଠିକଣା: ସା: ବଡକୁଳ ମେନ୍ ରୋଡ୍, ଥାନା: ବାଲୁଗାଁ, ଖୋର୍ଦ୍ଧା - ୭୫୨୦୩୦।

ମହାଶୟ/ମହାଶୟା,
**ବିଷୟ: ସିକ୍ୟୁରିଟାଇଜେସନ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କର ବକେୟା ଦେୟ ଆଦାୟ ନିମନ୍ତେ ଶ୍ରୀ ରଜନୀ କାନ୍ତ ଦାସଙ୍କ ସମ୍ପତ୍ତିକୁ ବିକ୍ରୟ କରାଯିବ।**

**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବାଲୁଗାଁ ଶାଖା, ଏଚ୍‌ପି ପେଟ୍ରୋଲ ପମ୍ପ ନିକଟ, ଜିଲ୍ଲା: ଖୋର୍ଦ୍ଧାର** ସୁରକ୍ଷିତ ଋଣଦାତାଙ୍କ ଦ୍ୱାରା ସରଫେଶୀ ଆକ୍ଟ, ୨୦୦୨ ଅନୁଯାୟୀ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ବ୍ୟାଙ୍କର ବକେୟା ଦେୟ ପଇଠ କରିବା ନିମନ୍ତେ ଆପଣଙ୍କୁ ତା.୩୦.୦୧.୨୦୨୩ରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା। ଯେହେତୁ କଥିତ ନୋଟିସ୍ ଅନୁଯାୟୀ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଆପଣ ବକେୟା ଦେୟ ପଇଠ କରିବାରେ ବିଫଳ ହେଲେ, ତେଣୁ ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୬/୮ ଅନୁଯାୟୀ କ୍ଷମତାପ୍ରାପ୍ତ ଅଧିକାରୀ ତା.୨୧.୦୭.୨୦୨୩ରିଖରେ ସମ୍ପତ୍ତିକୁ ଦଖଲ ନେଇଛନ୍ତି।
ସମ୍ପତ୍ତିକୁ ଦଖଲ ନେବା ପରେ ମଧ୍ୟ ଆପଣ ବ୍ୟାଙ୍କକୁ ଦେବାକୁ ଥିବା ବକେୟା ଦେୟ ପରିଶୋଧ କରିନାହାଁନ୍ତି। ତେଣୁ ଏହି ନୋଟିସ୍ ପ୍ରାପ୍ତିର **୩୦ ଦିନ** ଅତିକ୍ରମ ପରେ ଅନ୍‌ଲାଇନ୍ ପଦ୍ଧତିରେ ସର୍ବସାଧାରଣ ଇ-ନିଲାମ ମାଧ୍ୟମରେ ନିମ୍ନଦର୍ଶିତ ସମ୍ପତ୍ତିକୁ ବିକ୍ରୟ କରିବା ଆବଶ୍ୟକ ହୋଇପଡ଼ିଛି। ଇ-ନିଲାମର ତାରିଖ ଓ ସମୟ ସହିତ ସମ୍ପତ୍ତିର ସଂରକ୍ଷିତ ମୂଲ୍ୟ ଏବଂ ସେବା ପ୍ରଦାନକାରୀଙ୍କ ସବିଶେଷ ବିବରଣୀ ଯାହାଙ୍କ ଦ୍ୱାରା ଇ-ନିଲାମ ପରିଚାଳନା କରାଯିବ ତାହା ଆପଣଙ୍କୁ ପୃଥକ୍ ଭାବେ ଜଣାଇ ଦିଆଯିବ।
ତେଣୁ, ବିକ୍ରୟ ବିଜ୍ଞପ୍ତିର ପ୍ରକାଶନ ତାରିଖ ପୂର୍ବରୁ ଯଦି ଆପଣ ବକେୟା ଦେୟ ସହିତ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଓ ଦେୟ ବ୍ୟାଙ୍କକୁ ପଇଠ କରନ୍ତି, ତେବେ ଆପଣଙ୍କ ସମ୍ପତ୍ତିର ବିକ୍ରୟ ନିମିତ୍ତ କୌଣସି ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ଏବଂ କଥିତ ଆକ୍ଟର ଧାରା ୧୩ (୮) ଅନୁଯାୟୀ ଆପଣ ଆପଣଙ୍କ ସମ୍ପତ୍ତିକୁ ବନ୍ଧକମୁକ୍ତ କରିପାରିବେ।

**ସମ୍ପତ୍ତିର ବିବରଣୀ**
**ଶ୍ରୀ ରଜନୀ କାନ୍ତ ଦାସ**ଙ୍କ ନାମରେ ଥିବା ଜମିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୬୦୫ ଏବଂ ୬୧୪, ଖାତା ନଂ.: ୬୫୮, ମୌଜା: ବଡକୁଳ, ବାଲୁଗାଁ, ଜିଲ୍ଲା: ଖୋର୍ଦ୍ଧା, କ୍ଷେତ୍ର: ଏକର ୦.୩୦୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ଗୋଲକ ବିହାରୀଙ୍କ ଗୃହ, ଦକ୍ଷିଣ: ଦେବରାଜ ସାହୁ, ପୂର୍ବ: ପ୍ଲଟ୍ ନଂ.: ୬୩୨, ପଶ୍ଚିମ: ଜାତୀୟ ରାଜପଥ-୧୬।

ସ୍ଥାନ: ଭୁବନେଶ୍ୱର, ତାରିଖ: ୦୫.୦୭.୨୦୨୪ — ମୁଖ୍ୟ ପ୍ରବନ୍ଧକ ଏବଂ କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

यूनियन बैंक ऑफ इंडिया | Union Bank of India
भारत सरकार का उपक्रम | A Government of India Undertaking

**ବାଲୁଗାଁ ଶାଖା**
ମେନ୍ ରୋଡ୍, ଏଚ୍‌ପି ପେଟ୍ରୋଲ୍ ପମ୍ପ ନିକଟ, ସା/ପୋ.: ବାଲୁଗାଁ, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ପିନ୍-୭୫୨୦୩୦

{ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୬(୨)/୮(୬)} ତାରିଖ : ୨୬.୦୬.୨୦୨୪

ପ୍ରାପ୍ତେଷୁ,
**ଋଣଗ୍ରହୀତା: ଶ୍ରୀମତୀ ଗୀତାଞ୍ଜଳି ମହାନ୍ତି,** ସ୍ୱାମୀ: ଶ୍ରୀ ବସନ୍ତ କୁମାର ମହାନ୍ତି / **ଗ୍ୟାରେଣ୍ଟିଦାତା: ଶ୍ରୀ ବସନ୍ତ କୁମାର ମହାନ୍ତି,** ପିତା: ଶ୍ୟାମ ସୁନ୍ଦର ମହାନ୍ତି, ଉଭୟଙ୍କ ବାସସ୍ଥାନ ଠିକଣା- କୁମାଣ୍ଡୋଳ ପାଟଣା, ନଇରୀ, ପୋ: ଗଙ୍ଗାଧରପୁର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ପିନ୍ - ୭୫୨୦୩୪।

ମହାଶୟ/ମହାଶୟା,
**ବିଷୟ: ସିକ୍ୟୁରିଟାଇଜେସନ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କର ବକେୟା ଦେୟ ଆଦାୟ ନିମନ୍ତେ ଶ୍ରୀମତୀ ଗୀତାଞ୍ଜଳି ମହାନ୍ତି ଏବଂ ଶ୍ରୀ ବସନ୍ତ କୁମାର ମହାନ୍ତିଙ୍କ ସମ୍ପତ୍ତିକୁ ବିକ୍ରୟ କରାଯିବ।**

**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବାଲୁଗାଁ ଶାଖା, ଏଚ୍‌ପି ପେଟ୍ରୋଲ ପମ୍ପ ନିକଟ, ଜିଲ୍ଲା: ଖୋର୍ଦ୍ଧାର** ସୁରକ୍ଷିତ ଋଣଦାତାଙ୍କ ଦ୍ୱାରା ସରଫେଶୀ ଆକ୍ଟ, ୨୦୦୨ ଅନୁଯାୟୀ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ବ୍ୟାଙ୍କର ବକେୟା ଦେୟ ପଇଠ କରିବା ନିମନ୍ତେ ଆପଣଙ୍କୁ ତା.୩୦.୦୫.୨୦୨୨ରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା। ଯେହେତୁ କଥିତ ନୋଟିସ୍ ଅନୁଯାୟୀ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଆପଣ ବକେୟା ଦେୟ ପଇଠ କରିବାରେ ବିଫଳ ହେଲେ, ତେଣୁ ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୬/୮ ଅନୁଯାୟୀ କ୍ଷମତାପ୍ରାପ୍ତ ଅଧିକାରୀ ତା.୨୬.୦୯.୨୦୨୨ରିଖରେ ସମ୍ପତ୍ତିକୁ ଦଖଲ ନେଇଛନ୍ତି।
ସମ୍ପତ୍ତିକୁ ଦଖଲ ନେବା ପରେ ମଧ୍ୟ ଆପଣ ବ୍ୟାଙ୍କକୁ ଦେବାକୁ ଥିବା ବକେୟା ଦେୟ ପରିଶୋଧ କରିନାହାଁନ୍ତି। ତେଣୁ ଏହି ନୋଟିସ୍ ପ୍ରାପ୍ତିର **୩୦ ଦିନ** ଅତିକ୍ରମ ପରେ ଅନ୍‌ଲାଇନ୍ ପଦ୍ଧତିରେ ସର୍ବସାଧାରଣ ଇ-ନିଲାମ ମାଧ୍ୟମରେ ନିମ୍ନଦର୍ଶିତ ସମ୍ପତ୍ତିକୁ ବିକ୍ରୟ କରିବା ଆବଶ୍ୟକ ହୋଇପଡ଼ିଛି। ଇ-ନିଲାମର ତାରିଖ ଓ ସମୟ ସହିତ ସମ୍ପତ୍ତିର ସଂରକ୍ଷିତ ମୂଲ୍ୟ ଏବଂ ସେବା ପ୍ରଦାନକାରୀଙ୍କ ସବିଶେଷ ବିବରଣୀ ଯାହାଙ୍କ ଦ୍ୱାରା ଇ-ନିଲାମ ପରିଚାଳନା କରାଯିବ ତାହା ଆପଣଙ୍କୁ ପୃଥକ୍ ଭାବେ ଜଣାଇ ଦିଆଯିବ।
ତେଣୁ, ବିକ୍ରୟ ବିଜ୍ଞପ୍ତିର ପ୍ରକାଶନ ତାରିଖ ପୂର୍ବରୁ ଯଦି ଆପଣ ବକେୟା ଦେୟ ସହିତ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଓ ଦେୟ ବ୍ୟାଙ୍କକୁ ପଇଠ କରନ୍ତି, ତେବେ ଆପଣଙ୍କ ସମ୍ପତ୍ତିର ବିକ୍ରୟ ନିମିତ୍ତ କୌଣସି ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ଏବଂ କଥିତ ଆକ୍ଟର ଧାରା ୧୩ (୮) ଅନୁଯାୟୀ ଆପଣ ଆପଣଙ୍କ ସମ୍ପତ୍ତିକୁ ବନ୍ଧକମୁକ୍ତ କରିପାରିବେ।

**ସମ୍ପତ୍ତିର ବିବରଣୀ**
**ଶ୍ରୀମତୀ ଗୀତାଞ୍ଜଳି ମହାନ୍ତି**ଙ୍କ ନାମରେ ଥିବା ଜମିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୫୦/୨୮୯, ଖାତା ନଂ.: ୧୧୦/୮୪, ଜମିର କ୍ଷେତ୍ର: ଏକର ୦.୦୪୦ ଡିସିମିଲି ଯାହା ୧୭୪୨ ବର୍ଗଫୁଟ, ମୌଜା: କୁମାଣ୍ଡୋଳ ପାଟଣା, ଥାନା: ବାଣପୁର, ଜିଲ୍ଲା: ଖୋର୍ଦ୍ଧା।

ସ୍ଥାନ: ଭୁବନେଶ୍ୱର, ତାରିଖ: ୦୫.୦୭.୨୦୨୪ — ମୁଖ୍ୟ ପ୍ରବନ୍ଧକ ଏବଂ କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

**FREE HOTEL MANAGEMENT COURSES AT SIHM, BALANGIR (ONLY FOR SUNDARGARH DISTRICT)**

Eligible students belonging to all sections (SC/ST/OBC/Gen) from the mining affected Blocks of Sundargarh District can enroll themselves at SIHM, Balangir free of cost for Degree, Diploma and Craft Courses for the Academic Year 2024-25. The entire expenses of Course & Hostel Fees will be sponsored by District Mineral Foundation (DMF), Sundargarh. The Block level Counselling cum Admission programme will be conducted at the below mentioned block offices.

| Name of the Block / Municipality Office | Date of Counselling/Admission Camp |
|---|---|
| 1. Sundargah Municipality, Subdega, Bargaon | 09.07.2024 |
| 2. Kutra, Rajgangpur Municipality, Rourkela Municipal Corporation | 10.07.2024 |
| 3. Birmitrapur Municipality, Lathikata, Kuarmunda, Nuagaon | 11.07.2024 |
| 4. Gurundia, Bonaigarh, Lahunipara, Koida | 12.07.2024 |
| 5. Hemgir, Lephripada, Tangarpali | 16.07.2024 |

**STATE INSTITUTE OF HOTEL MANAGEMENT, BALANGIR (ODISHA)**
(ESTABLISHED BY MINISTRY OF TOURISM, GOVT. OF INDIA & DEPT. OF TOURISM, GOVT. OF ODISHA)
Visit our website - www.sihmbalangir.org, e-mail: admissions@sihmbalangir.org
Contact No. 8447903803, 9437140772, 8018581031
NCHMCT

**झारखण्ड सरकार**
**कार्यपालक अभियंता का कार्यालय,**
**ग्रामीण कार्य विभाग, कार्य प्रमंडल, साहेबगंज, विकास भवन, साहेबगंज**

**ई- पुनर्निविदा आमंत्रण सूचना**

ई0-पुर्निविदा संख्या-13/2023-2024/EE/RWD/SAHIBGANJ दिनांक: 05.07.2024
कार्यपालक अभियंता, ग्रामीण कार्य विभाग, कार्य प्रमण्डल साहेबगंज द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्र0 सं0 | आईडेन्टिफिकेशन संख्या | प्रखण्ड | कार्य का नाम | प्राक्कलित राशि (रू0 में) अंक में | प्राक्कलित राशि (रू0 में) अक्षर में | कार्य समाप्ति की अवधि | टेन्डर कॉल सं0 |
|---|---|---|---|---|---|---|---|
| 1 | RWD/SAHIBGANJ/14/2023-24 | मंडरो | करमटोला रेलवे क्रॉसिंग से रक्सी स्थान तक पथ निर्माण कार्य। (लं0-2.074 कि0मी0) | 287.989 | दो करोड़ सतासी लाख अनठानवे हजार नौ सौ | 15 माह | द्वितीय |
| 2 | RWD/SAHIBGANJ/16/2023-24 | बोरियो | पथरा जमाईटोला से मांझीटोला होते हुए सुन्डीटोला तक पथ निर्माण कार्य।(लं0-2.090 कि0मी0) | 163.496 | एक करोड़ तिरसठ लाख उनचास हजार छः सौ | 12 माह | |
| | कुल:- | | | 451.485 | चार करोड़ एकावन लाख अड़तालीस हजार पांच सौ | | |

2. वेबसाईट में निविदा प्रकाशन की तिथि- 13.07.2024
3. ई-निविदा प्राप्ति की अंतिम तिथि एवं समय:- 20.07.2024 अपराहन् 05.00 बजे तक।
4. निविदा शुल्क एवं अग्रधन की राशि Jharkhandtenders.gov.in के माध्यम से ऑनलाईन मोड में स्वीकार की जाएगी।
5. निविदा खोलने की तिथि एवं समय- 22.07.2024 अपराहन् 11.00 बजे।
6. निविदा आमंत्रित करने वाले पदाधिकारी का नाम एवं पता :-कार्यपालक अभियन्ता, ग्रामीण कार्य विभाग, कार्यप्रमंडल, साहेबगंज, पिन-816109
7. . ई-निविदा प्रकोष्ट का मोबाइल न0- 8292371115
8. विस्तृत जानकारी के लिए वेबसाईट-https://www.jharkhandtenders.gov.in में देखा जा सकता है।

ह0/-
कार्यपालक अभियंता, ग्रामीण कार्य विभाग, कार्य प्रमंडल,साहेबगंज

PR 328773 Rural Work Department(24-25)#D

## ସଂକ୍ଷେପରେ

# ଲାଞ୍ଚ ନେଇ ଆର୍‌ଆଇ ଗିରଫ

ଖୋର୍ଦ୍ଧା/ବେଗୁନିଆ,୫।୭(ପ୍ରଭାତ ପାଣିଗ୍ରାହୀ/ହରପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ଖୋର୍ଦ୍ଧା ଜିଲା ବେଗୁନିଆ ତହସିଲ ଅନ୍ତର୍ଗତ ସିକୋ ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) ବିଶେଶ୍ୱର ରାୟ ବେହେରା ଶୁକ୍ରବାର ଲାଞ୍ଚ ନେବାବେଳେ ଧରାପଡ଼ି ଗିରଫ ହୋଇଛନ୍ତି। ସେ ଜଣେ ବ୍ୟକ୍ତିଙ୍କଠାରୁ ୨୦ହଜାର ଟଙ୍କା ଲାଞ୍ଚ ନେବାବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଛି। ସରକାରୀ ଜମିରୁ ଗଛ କାଟିବାରୁ ଜଣେ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଧମକ ଦେଇ ଲାଞ୍ଚ ମାଗିଥିଲେ। ଏନେଇ ସମ୍ପୃକ୍ତ ବ୍ୟକ୍ତି ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଶୁକ୍ରବାର ନିଜସ୍ୱ କାର୍ଯ୍ୟାଳୟରେ ବେହେରା ଲାଞ୍ଚ ନେଉଥିବା ବେଳେ ପୂର୍ବଯୋଜନା ଅନୁସାରେ ଛକିରହିଥିବା ଭିଜିଲାନ୍ସ ଟିମ୍ ତାଙ୍କୁ ମାଡ଼ିବସିଥିଲା। ତାଙ୍କଠାରୁ ରଙ୍ଗ ପ୍ରଲେପଦିଆ ଟଙ୍କା ଜବତ ହୋଇଛି। ତାଙ୍କ ସରକାରୀ କାର୍ଯ୍ୟାଳୟ ସମେତ ଦୁଇଟି ସ୍ଥାନରେ ଚଢ଼ାଉ କରାଯାଇଥିଲା। ଏନେଇ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ.୧୩/୨୪) ରୁଜୁ ହୋଇଛି।


ବିଶେଶ୍ୱର ରାୟ ବେହେରା

## ଏସ୍‌ସିବି ମେଡିକାଲ

# ୨୦ ମିନିଟ୍ ଅନ୍ଧାର ରହିଲା ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ

କଟକ,୫।୭(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲରେ ଶୁକ୍ରବାର ପୁଣିଥରେ ବିଦ୍ୟୁତ୍‌ବିଭ୍ରାଟ୍‌ଦେଖିବାକୁମିଳିଛି। ମେଡିକାଲର ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ସନ୍ଧ୍ୟା ୬ଟା ୧୦ରୁ ସାଢେ ୬ଟା ପର୍ଯ୍ୟନ୍ତ ଅନ୍ଧକାର ରହିଥିଲା। ଚିକିତ୍ସା ବାଧାପ୍ରାପ୍ତ ହେବାରୁ ରୋଗୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ହାଇ ଭୋଲ୍‌ଟେଜ୍ ଯୋଗୁ ଏଭଳି ସମସ୍ୟା ଦେଖାଦେଇଥିବା ମେଡିକାଲର ଜଣେ ଡାକ୍ତର କହିଛନ୍ତି। ସୂଚନାଯୋଗ୍ୟ, ଗତ ୧ ତାରିଖରେ ଏସ୍‌ସିବି କାଜୁଆଲ୍‌ଟି ପରିସର ପ୍ରାୟ ୨୦ ମିନିଟ୍ ଧରି ଅନ୍ଧକାର ରହିଥିଲା। ଫଳରେ ମୋବାଇଲ ଟର୍ଚ୍ଚରେ ରୋଗୀଙ୍କ ଚିକିତ୍ସା କରାଯାଇଥିଲା। ଏସ୍‌ସିବିରେ ବାରମ୍ବାର ବିଦ୍ୟୁତ୍ ସମସ୍ୟା ଦେଖାଦେଉଥିଲେ ମଧ୍ୟ କର୍ତ୍ତୃପକ୍ଷ ଏ ଦିଗରେ ପଦକ୍ଷେପ ନେଉନାହାନ୍ତି। କାଜୁଆଲ୍‌ଟିରୁ ଆରମ୍ଭ କରି ବିଭିନ୍ନ ୱାର୍ଡରେ ଡିଜି ସେଟ ବିକଳ୍ପ ବ୍ୟବସ୍ଥା ଭାବେ ରଖାଯାଇଥିଲେ ସୁଦ୍ଧା ଏହାର ସୁଫଳ ମିଳିପାରୁନାହିଁ।

# ଅଙ୍କୋଲୋଜି ବିଭାଗରେ ଖୋଲିବ ଡିଏମ୍ ପାଠ୍ୟକ୍ରମ

କଟକ,୫।୭(ଶିଳ୍ପା ପ୍ରିୟଦର୍ଶିନୀ)




**ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ଅନୁଷ୍ଠାନ**

■ଡାକ୍ତର ପଦବୀ ପୂରଣ ପାଇଁ ଜାରି ରହିଛି ପ୍ରକ୍ରିୟା

ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ଅନୁଷ୍ଠାନ (ଏଏଚ୍‌ପିଜିଆଇସି)ର ଅଙ୍କୋଲୋଜି ବିଭାଗରେ ଡି.ଏମ୍. ପାଠ୍ୟକ୍ରମ ଖୋଲିବ। ଆସନ୍ତା ଶିକ୍ଷାବର୍ଷରୁ ଡାକ୍ତରୀ ଛାତ୍ରୀଛାତ୍ର ଏହି ସୁପରସ୍ପେଶାଲିଟି ପାଠ୍ୟକ୍ରମରେ ନାମ ଲେଖାଇପାରିବେ। ପାଠ୍ୟକ୍ରମ ଆରମ୍ଭ କରିବା ପାଇଁ ଜାତୀୟ ମେଡିକାଲ କମିଶନ(ଏନ୍‌ଏମ୍‌ସି)କୁ ଅନୁଷ୍ଠାନ ପକ୍ଷରୁ ଚିଠି ଲେଖାଯାଇଥିଲା। ଅନୁଷ୍ଠାନର ନିର୍ଦ୍ଦେଶକ ଡା. ଦୀପକ ରାଉତରାୟ କହିଛନ୍ତି, ଏନ୍‌ଏମ୍‌ସି ଏନେଇ ଅନୁମତି ପ୍ରଦାନ କରିସାରିଛି। ପିଜି ପାଠ୍ୟକ୍ରମ ଶେଷ କରିଥିବା ଡାକ୍ତରୀ ଛାତ୍ରୀଛାତ୍ର ଅଙ୍କୋଲୋଜି ବିଭାଗରେ ଡି.ଏମ୍. ପାଠ୍ୟକ୍ରମରେ ନାମ ଲେଖାଇ ପାରିବେ ବୋଲି ରାଉତରାୟ କହିଛନ୍ତି।

ରାଜ୍ୟ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଭିତ୍ତିଭୂମିର ସୁଦୃଢ଼ୀକରଣ କରାଯାଉଛି। ଏହି ପରିପ୍ରେକ୍ଷୀରେ ସରକାରୀ ହସ୍ପିଟାଲଗୁଡ଼ିକର ନବକଳେବର ହେଉଛି। ଗତବର୍ଷ ଏଠାରେ ପାଥୋଲୋଜିରେ ୪ଟି ଡିଏମ୍ ପାଠ୍ୟକ୍ରମ ଖୋଲାଯାଇଥିଲା। ଡାକ୍ତରୀ ବିଜ୍ଞାନର ଶୈକ୍ଷିକ ପରିବେଶ ଏଠାରେ ସମୃଦ୍ଧ କରାଯାଉଛି। ଏହାଛଡା ସମ୍ପ୍ରସାରଣ ପ୍ରକଳ୍ପ ଭିତରେ ଜି+୧୩ ମହଲା କୋଠା ନିର୍ମାଣ ପାଇଁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ ହେଉଛି। ଇତିମଧ୍ୟରେ ଅନୁଷ୍ଠାନରେ ଡାକ୍ତର ଅଭାବ ଦୂର କରିବା ପାଇଁ ପ୍ରକ୍ରିୟା ଜାରି ରହିଛି। ଏହାସହ ୱାକ୍-ଇନ୍-ଇଣ୍ଟରଭ୍ୟୁ ଜରିଆରେ ଆସିଷ୍ଟାଣ୍ଟ ପ୍ରଫେସର ପଦବୀ ପୂରଣ କରାଯାଉଥିବା ନେଇ ସୂଚନା ରହିଛି।

ମେଡିକାଲ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ଏହି ଅନୁଷ୍ଠାନରେ ମୋଟ୍ ୨୬ଟି ଆସିଷ୍ଟାଣ୍ଟ ପ୍ରଫେସର ପଦବୀ ଖାଲି ରହିଛି। ଗତ ମାସରେ ପ୍ରଥମ ପର୍ଯ୍ୟାୟ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏଥିରେ ୧୨ଜଣଙ୍କୁ ଚୟନ କରାଯାଇଥିଲା। ହେଲେ ସେମାନଙ୍କ ମଧ୍ୟରୁ ୨ଜଣ ନିଯୁକ୍ତ ହୋଇଛନ୍ତି। ଅନ୍ୟ ୧୦ ଜଣ ଖୁବ୍‌ଶୀଘ୍ର ନିଯୁକ୍ତ ହେବେ। ସେହିପରି ଅବଶିଷ୍ଟ ୧୪ଟି ଆସିଷ୍ଟାଣ୍ଟ ପ୍ରଫେସର ପଦବୀ ନିମନ୍ତେ ଆସନ୍ତା ସପ୍ତାହରେ ୱାକ୍-ଇନ୍-ଇଣ୍ଟରଭ୍ୟୁ କରାଯିବ ବୋଲି ସୂଚନା ରହିଛି। ମେଡିକାଲ ଅଙ୍କୋଲୋଜି ବିଭାଗରେ ୬, ସର୍ଜିକାଲ ଅଙ୍କୋଲୋଜି ବିଭାଗରେ ୨, ହେଡ୍ ଆଣ୍ଡ୍ ନେକ୍ ସର୍ଜରୀ ବିଭାଗରେ ୨, ପାଲିଏଟିଭ ମେଡିସିନ ବିଭାଗ, ୟୁରୋ ଅଙ୍କୋଲୋଜି, ପଲମୋନାରୀ ମେଡିସିନ, ନ୍ୟୁକ୍ଲିୟାର ମେଡିସିନ ବିଭାଗରେ ଜଣେ ଲେଖାଏ ଆସିଷ୍ଟାଣ୍ଟ ପ୍ରଫେସର ନିଯୁକ୍ତ ହେବେ। ନିଯୁକ୍ତି ପାଇବାକୁ ଥିବା ଆସିଷ୍ଟାଣ୍ଟ ପ୍ରଫେସର ୪ବର୍ଷ ନିମନ୍ତେ ଚୁକ୍ତି ଭିତ୍ତିରେ କାର୍ଯ୍ୟ କରିବେ। ପ୍ରତିଷ୍ଠାନର ନିର୍ଦ୍ଦେଶକ ରାଉତରାୟ ପଲମୋନାରୀ ମେଡିସିନ ବିଭାଗରେ ଆସିଷ୍ଟାଣ୍ଟ ପ୍ରଫେସର ନିଯୁକ୍ତି ନେଇ କହିଛନ୍ତି, ଏହା ଚୂଡାନ୍ତ ହୋଇନାହିଁ। ପ୍ରତିଷ୍ଠାନରେ ଯେଉଁ ବିଭାଗ ପୂର୍ଣ୍ଣରୂପରେ କାର୍ଯ୍ୟ କରୁଛି, ସେଠାରେ ଆବଶ୍ୟକତା ଅନୁସାରେ ନିଯୁକ୍ତି କରାଯିବ। ମାତ୍ର ପଲମୋନାରୀ ମେଡିସିନ ବିଭାଗରେ ଆସିଷ୍ଟାଣ୍ଟ ପ୍ରଫେସର ନିଯୁକ୍ତି ନେଇ ନିଷ୍ପତ୍ତି ହୋଇନାହିଁ। ଏହି ବିଭାଗରେ ଏବେ ଚୁକ୍ତିଭିତ୍ତିରେ ଡାକ୍ତର ନିଯୁକ୍ତି ହେବନାହିଁ ବୋଲି ସେ ଜଣାଇଛନ୍ତି।

ସୂଚନାଯୋଗ୍ୟ, ପାଲିଏଟିଭ ୟୁନିଟ୍ ଏବେ ବିଭାଗରେ ପରିଣତ ହୋଇସାରିଛି। ୨୦୧୪ରୁ ଉକ୍ତ ୟୁନିଟ୍ ପରିଚାଳିତ ହେଉଥିଲା। ୨୦୧୯ରେ ଏହି ୟୁନିଟ୍‌ରେ ୧୦ ଶଯ୍ୟା ବ୍ୟବସ୍ଥା କରାଯାଇଥିଲା। ଏବେ ବିଭାଗରେ ପରିଣତ ହୋଇଥିବାବେଳେ ଏଠାରେ ଡାକ୍ତର ପଦବୀ ପୂରଣ ଦିଗରେ ମେଡିକାଲ କର୍ତ୍ତୃପକ୍ଷ ଅଗ୍ରାଧିକାର ଦେଉଛନ୍ତି। କ୍ୟାନ୍‌ସର ରୋଗୀଙ୍କ ନିମନ୍ତେ ପାଲିଏଟିଭ ମେଡିସିନ ବିଭାଗର ବହୁ ଆବଶ୍ୟକତା ରହିଛି।



ପୁରୀ ରଥଯାତ୍ରାକୁ ନେଇ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ମାନସ ସାହୁଙ୍କ ସ୍ୟାଣ୍ଡ୍ ଆନିମେଶନ। ଏହାକୁ ପ୍ରସ୍ତୁତ କରିବା ପାଇଁ ମାନସଙ୍କୁ ୨ଦିନ ସମୟ ଲାଗିଥିବାବେଳେ ଆନିମେଶନ ଭିଡିଓର ଅବଧି ୨ ମିନିଟ ୪୦ ସେକେଣ୍ଡ ରହିଛି।

# କୀର୍ତ୍ତନ ଫିନସର୍ଭ ଶାଖା ପରିଚାଳକ ଗିରଫ

ଟାଙ୍ଗୀ,୫।୭ (ରଘୁନାଥ ସାହୁ)

ଟଙ୍କା ଆତ୍ମସାତ ଅଭିଯୋଗରେ ଟାଙ୍ଗୀ ଥାନା ପୋଲିସ ଅର୍ଥ ଲଗାଣକାରୀ ସଂସ୍ଥା କୀର୍ତ୍ତନ ଫିନସର୍ଭ ଶାଖା ପରିଚାଳକଙ୍କୁ ଶୁକ୍ରବାର ଗିରଫ କରିଛି। ସେ ହେଲେ ଦୀପକ କୁମାର ସାହୁ। ସୂଚନା ମୁତାବକ, ଏହି ଅର୍ଥଲଗାଣକାରୀ ସଂସ୍ଥା ଲୋକମାନଙ୍କୁ ବିଭିନ୍ନ ପ୍ରକାର ବ୍ୟବସାୟ କରିବା ପାଇଁ ଅର୍ଥ ଯୋଗାଇଦେବା ସହ ସୁଧରେ କିସ୍ତି ଆକାରରେ ଅର୍ଥ ଆଦାୟ କରିଥାଏ। ସ୍ୱୀକୃତି ପ୍ରାପ୍ତ ଅଧିକାରୀମାନେ ଲୋକଙ୍କଠାରୁ ଅର୍ଥ ସଂଗ୍ରହ କରି ବ୍ୟାଙ୍କରେ ଡିପୋଜିଟ କରିଥାନ୍ତି। କିନ୍ତୁ ଟାଙ୍ଗୀ ଶାଖା ପରିଚାଳକ ଦୀପକ ଟଙ୍କା ବ୍ୟାଙ୍କରେ ଡିପୋଜିଟ ନ କରି ଆତ୍ମସାତ କରିଥିବା ଜଣାପଡ଼ିଥିଲା। ଏ ସମ୍ପର୍କରେ କ୍ଲଷ୍ଟର ମ୍ୟାନେଜର ପୁଣ୍ଡରୀ କକସତ ଥାନାରେ ଅଭିଯୋଗ କରିଥିଲେ। ଡିପୋଜିଟ ନ କରି ବ୍ୟାଙ୍କର ଡୁପ୍ଲିକେଟ ସ୍ଲିପ ଦେଇଥିବା ଓ ଏଥିସହିତ ୮ ଟି ମୋବାଇଲ ଫୋନ ଚୋରି କରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ପୋଲିସ ଏତଲାକୁ ଆଧାରକରି ତଦନ୍ତ କରିବା ସହିତ ଦୀପକଙ୍କୁ ଗିରଫ କରିଛି।

# ଦୂର ପିଲାଙ୍କୁ ମିଳିବ ସ୍କୁଲ ଯାତାୟାତ ଖର୍ଚ୍ଚ

ଭୁବନେଶ୍ୱର, ୫।୭(ଅସମାପିକା ସାହୁ)

ରାଜ୍ୟରେ ଥିବା ସରକାରୀ ସ୍କୁଲରେ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ବଢ଼ାଇବା ଲାଗି ରାଜ୍ୟ ସରକାର ଅଭିନବ ପ୍ରୟାସ ଆରମ୍ଭ କରିଛନ୍ତି। ଦୂରରୁ ଆସୁଥିବା ପିଲାଙ୍କ ସ୍କୁଲ ଯାତାୟାତ ଖର୍ଚ୍ଚ ପ୍ରଦାନ ଲାଗି ନିଷ୍ପତ୍ତି ନେଇଛନ୍ତି। ୩୦ ଜିଲାର ୩୫,୦୭୬ ଛାତ୍ରୀଛାତ୍ର ଏହି ସୁବିଧା ପାଇବେ। ଏ ନେଇ ଓସେପା ପକ୍ଷରୁ ସମସ୍ତ ଜିଲା ଶିକ୍ଷାଧିକାରୀଙ୍କୁ ଚିଠି ପ୍ରଦାନ କରାଯାଇଛି। ସୂଚନାନୁସାରେ, ରାଜ୍ୟର ବିଭିନ୍ନ ଜିଲାରେ ସରକାରୀ ବିଦ୍ୟାଳୟ ଜନବସତିରୁ ବହୁ ଦୂରରେ ଥିବାରୁ ଛାତ୍ରୀଛାତ୍ର ଅଧାରେ ପାଠପଢ଼ା ଛାଡ଼ିଦିଅନ୍ତି। ଏହି ସମସ୍ୟା ଦୂର କରିବା ସହ ସ୍କୁଲ୍ ପ୍ରତି ପିଲାଙ୍କ ମନରେ ଉତ୍ସାହ ଭରିଦେବା ଲକ୍ଷ୍ୟ ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ଆରମ୍ଭ ହୋଇଛି। ପ୍ରାଥମିକ ବିଦ୍ୟାଳୟରେ ପାଠ ପଢୁଥିବା ଛାତ୍ରୀଛାତ୍ରଙ୍କୁ ଯଦି ୧ କି.ମି.ରୁ ଅଧିକ ଯିବାକୁ ପଡୁଥିବ ତେବେ ସେହି ଛାତ୍ରୀଛାତ୍ର ଅର୍ଥରାଶି ପାଇବେ। ସେହିଭଳି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପାଠ ପଢୁଥିବା ଛାତ୍ରୀଛାତ୍ର ୩ କି.ମି. ଏବଂ ମାଧ୍ୟମିକ ସ୍କୁଲ ଛାତ୍ରୀଛାତ୍ର ୫ କି.ମି.ରୁ ଅଧିକ ଦୂରରୁ ସ୍କୁଲ ଆସୁଥିଲେ ରାଜ୍ୟ ସରକାର ଯାତାୟାତ ଖର୍ଚ୍ଚ ବହନ କରିବେ। ଏହି ବାବଦକୁ ବର୍ଷକୁ ଜଣେ ପିଲା ୬ହଜାର ଟଙ୍କା ପାଇବେ। ବିଦ୍ୟାଳୟରେ ୭୫ ପ୍ରତିଶତରୁ ଅଧିକ ଉପସ୍ଥାନ ହେଲେ ଏହି ଅର୍ଥରାଶି ପାଇବାକୁ ଛାତ୍ରୀଛାତ୍ର ଯୋଗ୍ୟ ହେବେ ବୋଲି ଜଣାପଡ଼ିଛି। ଏଥି ନିମନ୍ତେ ୩୦ଜିଲା ପାଇଁ ୨୦୨୪-୨୫ ଶିକ୍ଷାବର୍ଷରେ ମୋଟ ୨୧୦୪.୫୬ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ଯୋଜନା ରହିଥିବା ସୂଚନା ଦିଆଯାଇଛି।



# ପ୍ରତ୍ୟେକ ସଂଘର୍ଷ ହିଁ ନୂଆ ପ୍ରେରଣା

ଟେଲିଭିଜନ ସିରିଜ୍ 'ମର୍ଜି'ରୁ ଜଣେ ନବାଗତ କଳାକାର ଭାବେ ଆରମ୍ଭ ହୁଏ ବଲିଉଡ୍‌ର ଯାତ୍ରା। ଆଉ ଏବେ କମେଡି ହରର୍ ଫିଲ୍ମ 'ମୁଞ୍ଜ୍ୟା' ପାଇଁ ସବୁଠି ଚର୍ଚ୍ଚିତ। ସେ ହେଉଛନ୍ତି ବଲିଉଡ୍ ଅଭିନେତା ଅଭୟ୍ ବର୍ମା। ଚଳଚ୍ଚିତ୍ର 'ସୁପର ଥାର୍ଟି'ରେ ମାତ୍ର ୮୦୦ ଟଙ୍କା ପାରିଶ୍ରମିକରେ ଜୁନିୟର୍ ଆର୍ଟିଷ୍ଟ ଭାବେ କାମ ଆରମ୍ଭ କରିଥିଲେ ଅଭୟ୍। ନିମ୍ନ ମଧ୍ୟବିତ୍ତ ପରିବାରରୁ ଆସି ବଲିଉଡ୍‌ରେ ପାଦଦେବାକୁ ବହୁ ସଂଘର୍ଷ କରିଥିଲେ ସେ। ଛୋଟ ଛୋଟ ଚରିତ୍ରକୁ ବାସ୍ତବ ରୂପ ଦେବାକୁ ଚେଷ୍ଟା କରିଥିବା ଏହି କଳାକାର ଆଜି ସେ ଜଣେ ସଫଳ ଅଭିନେତା ଭାବେ ଗୋଟିଏ ପରେ ଗୋଟିଏ ସଫଳତା ସାଉଣ୍ଟି ଚାଲିଛନ୍ତି। ସିରିଜ୍ 'ଫ୍ୟାମିଲି ମ୍ୟାନ୍', ଚଳଚ୍ଚିତ୍ର ସଫେଦ୍, ମନ ବୈରାଗୀ, ୟେ ୱତନ୍ ମେରେ ୱତନ୍‌ରେ ଦର୍ଶକଙ୍କ ହୃଦୟ ଜିତିଥିବା ଏହି ନବାଗତ ଅଭିନେତା ନିଜର ଲୁକ୍ସ ଓ ଷ୍ଟାଇଲ ପାଇଁ ମଧ୍ୟ ବେଶ୍ ଚର୍ଚ୍ଚାରେ। ତେବେ ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଭୁବନେଶ୍ୱର ଆସିଥିବା ବେଳେ ଅଭିନେତା ବର୍ମାଙ୍କ ସହ 'ଧରିତ୍ରୀ'ର ସ୍ୱତନ୍ତ୍ର ଆଳାପ।

**ଧରିତ୍ରୀ ଆଳାପ**

**ବଲିଉଡ୍ ଅଭିନେତା ଅଭୟ ବର୍ମା**

**ଦ୍ୱିତୀୟଥର ଭୁବନେଶ୍ୱର ଆସିଛନ୍ତି। ଏଥରର ଅନୁଭବ କେମିତି?**

▸▸ପୂର୍ବଥର ମଧ୍ୟ କିଟ୍‌ର କୌଣସି ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଭୁବନେଶ୍ୱର ଆସିଥିଲି। ଏଥର ଯେମିତି ଡାକିଲେ, ଛୁଆ ଯେମିତି ମାମୁଘରକୁ ଦୌଡ଼ି ଆସନ୍ତି, ସେମିତି ଆସିଗଲି। ଏଠାକୁ ଆସି ବହୁତ ଭଲ ଲାଗୁଛି।

**ଟିଭି ସିରିଜ୍ 'ମର୍ଜି'ଠୁ ହରର ଫିଲ୍ମ 'ମୁଞ୍ଜ୍ୟା'ର ଯାତ୍ରା କିପରି ଥିଲା?**

▸▸କିଛି ଜିନିଷ, ଯାହା ଆମ ପାଖେ ସବୁବେଳ ପାଇଁ ରହିଯାଏ, ତାହା ହେଉଛି ଆମ ପରିଚୟ। ଏହି ପୂରା ଜର୍ନିରେ ମୋର ଯେଉଁ ପରିଚୟ, ନୀତି ଆଦର୍ଶ ସୃଷ୍ଟି ହୋଇଛି, ତାହାକୁ କେବେ ସାଲିସ କରିନାହିଁ। ଏସବୁ ସହ ଚ୍ୟାଲେଞ୍ଜ, ସଂଘର୍ଷ ଭିତରେ ମୋ ଯାତ୍ରା ପ୍ରେରଣାଦାୟୀ ଥିଲା। ଆମେ ଫିଲ୍ମ କରୁ ଲୋକଙ୍କ ଭଲପାଇବା ପାଇଁ। ଆଉ ଯେବେ ସେସବୁ ମିଳିବା ଆରମ୍ଭ ହୁଏ, ସେସବୁ ଆଗରେ ସବୁ ସଂଘର୍ଷ ଫିକା ପଡ଼ିଯାଏ।

**ଓଡ଼ିଶା ବିଷୟରେ କ'ଣ କହିବେ?**

▸▸ଓଡ଼ିଶା ବହୁତ ପ୍ରିୟ ରାଜ୍ୟ। ବିଶେଷକରି ସଂସ୍କୃତି ସହ ଲୋକମାନେ ବେଶ୍ ଜଡ଼ିତ। ଅନ୍ୟ ସ୍ଥାନକୁ ଯେବେ ଯାଇଛି, ସେଠାକାର ନିଜର ଜିନିଷ ବେଶି କିଛି ଦେଖିବାକୁ ମିଳେନି। ଏଠାକାର ଖାଦ୍ୟ, ଲୋକ, ଭାଷା ସବୁକିଛି ସୁନ୍ଦର ଓ ସ୍ୱତନ୍ତ୍ର।

**'ସଫେଦ୍' ସିନେମାରେ ଜଣେ ଟ୍ରାନ୍ସଜେଣ୍ଡର ଚରିତ୍ର କେତେ ଚ୍ୟାଲେଞ୍ଜିଂ ଥିଲା?**

▸▸ମୁଁ ସେ ଚରିତ୍ର ପାଇଁ ନିଜକୁ ବହୁତ ଲକି ମନେ କରେ। ସେ ଚରିତ୍ରର ନାମ ଥିଲା ଚାନ୍ଦି। ମୋତେ ଗର୍ବ ଲାଗେ ଯେ ମୁଁ ଏମିତି ଏକ ସମ୍ପ୍ରଦାୟକୁ ଚରିତ୍ର ମାଧ୍ୟମରେ ଆଣିପାରିଲି, ଯେଉଁମାନେ ଆଜି ବି ସମାଜରେ ଅବହେଳିତ। ଏକ ଭିନ୍ନ ଅନୁଭୂତି ଥିଲା। ସେ ଅନୁଭୂତି ମୋତେ ଖୁସି କମ୍, ଦୁଃଖ ବେଶି ଦିଏ।

**ନବାଗତ ଭାବେ ବଲିଉଡ୍‌ରେ ଏଣ୍ଟ୍ରି କରିବା କଷ୍ଟକର ବୋଲି ଆପଣ ଭାବୁଛନ୍ତି କି?**

▸▸କେବଳ ବଲିଉଡ୍ ନୁହେଁ, ସବୁ କ୍ଷେତ୍ରରେ ଜଣେ ନବାଗତ ପାଇଁ ଏଣ୍ଟ୍ରି ସମୟ ସବୁଠୁ କଷ୍ଟକର। ହେଲେ ପ୍ରେରଣାଦାୟୀ ଭିଡ଼ିଓ ସେତିକି ପ୍ରେରଣା ଦେବନି, ସମସ୍ୟା ବା ସଂଘର୍ଷ ତା'ଠାରୁ ଅଧିକ ପ୍ରେରଣାଦାୟକ। ତେଣୁ ପ୍ରତ୍ୟେକ ସଂଘର୍ଷ ହିଁ ନୂଆ ପ୍ରେରଣା। ଯିଏ ଯେଉଁ କ୍ଷେତ୍ରରେ ଯିବାକୁ ଚାହୁଁଛି, ସେ କ୍ଷେତ୍ରରେ ଫୋକସ୍ ରହିବା ଦରକାର।

**ଅଭିନୀତ କେଉଁ ଚରିତ୍ର ଆପଣଙ୍କୁ ବେଶି ପସନ୍ଦ ବା ଖୁସି ଦିଏ?**

▸▸ସେମିତି ଦେଖିବାକୁ ଗଲେ ସବୁ ଚରିତ୍ରରେ ଗୋଟେ ଗୋଟେ ଜୀବନ ଅଛି। ମାତ୍ର 'ମୁଞ୍ଜ୍ୟା' ଫିଲ୍ମରେ ବିଟ୍ଟୁ ଚରିତ୍ର ସହ ମୁଁ ବେଶି କନେକ୍ଟେଡ। କାରଣ ତାହା ବ୍ୟକ୍ତିଗତ ଜୀବନ ସହ ଲିଙ୍କ୍ ଅଛି।

**ଏମିତି କିଛି ଦର୍ଶକୀୟ ପ୍ରତିକ୍ରିୟା ଯାହା ସବୁବେଳେ ମନେରହିଥିବ?**

▸▸ମୁଁ ଥରେ ନିଜର ଏକ ଫିଲ୍ମ ଦେଖିବାକୁ ପ୍ରେକ୍ଷାଳୟକୁ ଯାଇଥିଲି। ସେଠାରେ ଏକ ୫ବର୍ଷର କୁନି ଝିଅ ଆସି କହିଲା ଭାଇ ଭାଇ ଫଟୋ ଦରକାର। ମୁଁ ଆଣ୍ଠେଇ ପଡ଼ିଲି ଓ ତା' ସହ ଫଟୋ ନେଲି। ସେତେବେଳେ ସେ ତା' ବେକରେ ଥିବା ଏକ ଚେନ୍‌କୁ କାଢ଼ି ମୋତେ ପିନ୍ଧାଇଦେଲା। ସେବେ ଲାଗିଥିଲା ମୋ କାମ ଲୋକଙ୍କୁ ଭଲ ଲାଗୁଛି।

**ଓଡ଼ିଶାର କେଉଁ ଖାଦ୍ୟ ଭଲ ଲାଗିଛି?**

▸▸ଡାଲମା ଓ ଛେନାପୋଡ଼।

**କେଉଁଥିରେ ରୁଚି ରହିଛି?**

▸▸କଥା ହେବା।

**ଅବସର ସମୟରେ କ'ଣ କରିବାକୁ ଭଲ ପାଆନ୍ତି?**

▸▸ବହି ପଢ଼ିବାକୁ ଭଲ ଲାଗେ।

**ପ୍ରିୟ ଅଭିନେତା, ଅଭିନେତ୍ରୀ?**

▸▸ରଣବୀର କପୁର୍ ଓ ମାଧୁରୀ ଦୀକ୍ଷିତ୍।

-ସାକ୍ଷାତ୍‌କାର: ଶର୍ମିଷ୍ଠା ପାଣିଗ୍ରାହୀ, ଭୁବନେଶ୍ୱର

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଆକାଶ


@ ଅମରେନ୍ଦ୍ର


@ ବିକାଶ


@ ଅନିଲ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ୨ ଇଞ୍ଚ ରଥରେ ୫ସେମି ଉଚ୍ଚର ଠାକୁର


ଏଲ୍. ଈଶ୍ୱରରାଓ ଅଗରବତୀ କାଠି, ପେପର, ସୂତା ଏବଂ ତେନ୍ତୁଳି ମଞ୍ଜିରେ ତିଆରି କରିଥିବା ୩ ରଥ।

ଖୋର୍ଦ୍ଧା,୫।୭(ପ୍ରଭାତ ପାଣିଗ୍ରାହୀ)

ରବିବାର ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା। ଏଥିପାଇଁ ଚଳଚଞ୍ଚଳ ହୋଇଉଠିଛି ଶ୍ରୀକ୍ଷେତ୍ର। ତେବେ ଖୋର୍ଦ୍ଧା ଜିଲା ଜଟଣୀ ହାଟବଜାରର ସୂକ୍ଷ୍ମ କଳାକାର ଏଲ୍. ଈଶ୍ୱରରାଓ ସୂକ୍ଷ୍ମ କାରିଗରି ମାଧ୍ୟମରେ ବିଶ୍ୱବାସୀଙ୍କୁ ଘୋଷଯାତ୍ରାର ଶୁଭେଚ୍ଛା ଜଣାଇଛନ୍ତି। ୨ ଇଞ୍ଚର ୩ ରଥରେ ୦.୫ ସେମିର ଠାକୁର ବିଜେ କରିଛନ୍ତି। ରଥରେ ଦଉଡ଼ି ସଂଯୋଗ କରାଯାଇଛି। ସ୍ୱତନ୍ତ୍ର କ୍ରାଫ୍ଟ ଉପରେ ରଥ ଗଢ଼ୁଛି। ସର୍ବଦା ନିଆରା ସୂକ୍ଷ୍ମ କାରିଗରି ପାଇଁ ପରିଚିତ ଏଲ୍ ଈଶ୍ୱରରାଓ କହିଛନ୍ତି, ଅଗରବତୀ କାଠି, ପେପର, ସୂତା ଏବଂ ତେନ୍ତୁଳି ମଞ୍ଜିରେ ରଥ ଏବଂ ତିନିଠାକୁର ପ୍ରସ୍ତୁତ କରିଛନ୍ତି। ପେପର ଓ ସୂତାକୁ ବ୍ୟବହାରକରି ରଥ ଗଢ଼ିଥିବା ବେଳେ ତେନ୍ତୁଳି ମଞ୍ଜିରେ ଠାକୁରଙ୍କ ମୂର୍ତ୍ତି ପ୍ରସ୍ତୁତ କରିଛନ୍ତି। ଏଥିଲାଗି ତାଙ୍କୁ ୭ ଦିନ ସମୟ ଲାଗିଥିବା ସେ କହିଛନ୍ତି।

# ଦାରିଙ୍ଗବାଡ଼ିରେ ଶୋଭାପାଇବ ଚେରି ବ୍ଲୁଜୁମ୍

ଭୁବନେଶ୍ୱର, ୫।୭(ଅସମାପିକା ସାହୁ)



ଦାରିଙ୍ଗବାଡ଼ିରେ ଚେରି ବ୍ଲୁଜୁମ୍ ଗଛ ଲଗାଯାଇଛି। ଦାରିଙ୍ଗବାଡ଼ିକୁ ବିଶ୍ୱ ଚେରି ବ୍ଲୁଜୁମ୍ ମାନଚିତ୍ରରେ ସ୍ଥାନିତ କରିବାକୁ ଏହା ଏକ ସୁନ୍ଦର ଅଭିଯାନ ବୋଲି ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟସ୍ତରୀୟ ବନ ମହୋତ୍ସବରେ କହିଛନ୍ତି। ସେ କହିଛନ୍ତି, ଓଡ଼ିଶାର କଶ୍ମୀର କୁହାଯାଉଥିବା ଦାରିଙ୍ଗବାଡ଼ି ଅଞ୍ଚଳରେ ଏହି ଚେରି ବ୍ଲୁଜୁମ୍ ଟ୍ରି ବ୍ୟାପକ ଭାବେ ଲଗାଯିବାର ଯୋଜନା କରାଯାଉଛି। ଏବେ ମେଘାଳୟରୁ ଏହି ଗଛ ଅଣାଯାଇଛି। ଶୁକ୍ରବାର ତାହାକୁ ସ୍ୱତନ୍ତ୍ର ଭାବରେ ରୋପଣ କରାଯାଇଛି। ଏହା ଆମ ପାଇଁ ଏକ ଗୌରବର ବିଷୟ ଯେ, ଭାରତ ମାନଚିତ୍ରରେ ଦାରିଙ୍ଗବାଡ଼ି ସ୍ଥାନ ପାଇବାକୁ ପଦକ୍ଷେପ ନିଆଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏ ନେଇ ପିସିସିଏଫ୍ ଦେବୀଦତ୍ତ ବିଶ୍ୱାଳ କହିଛନ୍ତି, ମେଘାଳୟରୁ ୧ହଜାର ଚେରି ବ୍ଲୁଜୁମ ଗଛ ଆସିଛି। ସମସ୍ତ ଗଛକୁ ଦାରିଙ୍ଗବାଡ଼ିରେ ଲଗାଯାଇଛି। ଗଛରେ ଫୁଲ ଫୁଟିବା ପାଇଁ ଅତି ବେଶିରେ ୭ ବର୍ଷ ଲାଗିଥାଏ। ଏଭଳି ଗଛ ବିଶେଷ ଭାବରେ ଜାପାନରେ ବହୁ ଭାବରେ ଦେଖିବାକୁ ମିଳେ। ମେଘାଳୟ, ଶ୍ରୀନଗର ଭଳି ସ୍ଥାନରେ ଏହି ଗଛ ଲଗାଯାଇଛି। ତେବେ ଓଡ଼ିଶାକୁ ବିଶ୍ୱ ଚେରି ବ୍ଲୁଜୁମ ମାନଚିତ୍ରରେ ଆଣିବାକୁ ପ୍ରୟାସ କରାଯାଉଛି। ଦାରିଙ୍ଗବାଡ଼ିରେ ଯେଉଁ ଇକୋ ଟୁରିଜମ୍ ରହିଛି ସେହିଠାରେ ପରୀକ୍ଷାମୂଳକ ଭାବରେ ଏହି ଚାରା ରୋପଣ କରାଯିବ। ପରିବେଶ ଅନୁକୂଳ ହେଲେ ୭ ବର୍ଷ ପରେ ଫୁଲ ଫୁଟିବ। ଏହା କେତେ ସଫଳ ହେଉଛି ତା' ଉପରେ ନଜର ରଖାଯିବ। ଯଦି ଭଲ ହେବ ତେବେ ଦାରିଙ୍ଗବାଡ଼ିର ରାସ୍ତାକଡ଼ରେ ମଧ୍ୟ ଚେରି ବ୍ଲୁଜୁମ ଗଛ ଲଗାଯିବ, ଯାହା ଦାରିଙ୍ଗବାଡ଼ିକୁ ଆହୁରି ସୌନ୍ଦର୍ଯ୍ୟଭରା କରିବ ବୋଲି ପିସିସିଏଫ୍ କହିଛନ୍ତି।

## ଆପ୍‌ରେ ମିଳିବ ରଥଯାତ୍ରା ସୂଚନା

Rath Yatra 2024 is a holistic application developed for the common citizens and pilgrims, visiting Jagannatha Puri at the time of Rath Yatra. It would help people to know about their nearby tourist places, public utilities, temples and also help them to get to know about directions to reach the desired place.

Get The
Rath Yatra-2024 APP
Scan QR Code

ପୁରୀ,୫।୭(ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଦେଖିବା ପାଇଁ ପୁରୀ ଆସୁଥିବା ଶ୍ରଦ୍ଧାଳୁ, ତୀର୍ଥଯାତ୍ରୀ ଓ ପର୍ଯ୍ୟଟକଙ୍କୁ ଅଧିକ ତଥ୍ୟ ସହଜରେ ଉପଲବ୍ଧ କରାଇବା ପାଇଁ 'ରଥଯାତ୍ରା-୨୦୨୪' ନାମକ ମୋବାଇଲ ଆପ୍ ଲଞ୍ଚ୍ କରାଯାଇଛି। ଏହି ଆପ୍ ଡାଉନ୍‌ଲୋଡ୍ କଲେ ଦର୍ଶନାର୍ଥୀ ଓ ପର୍ଯ୍ୟଟକ ନିଜ ନିକଟରେ ଥିବା ପିଇବା ପାଣି ବ୍ୟବସ୍ଥା, ସ୍ୱାସ୍ଥ୍ୟକେନ୍ଦ୍ର, ମାଗଣା ଖାଦ୍ୟବଣ୍ଟନ ସ୍ଥଳୀ, ପୋଲିସ ସେବାକେନ୍ଦ୍ର, ଶିଶୁ ଡେସ୍କ ହେଲ୍ପ ଲାଇନ, ସୂଚନା କେନ୍ଦ୍ର, ଅସ୍ଥାୟୀ ରହଣି ଶିବିର, ଭିନ୍ନକ୍ଷମଙ୍କ ପାଇଁ ରଥ ଦର୍ଶନ ହୁଇଲ୍ ଚେୟାର ବ୍ୟବସ୍ଥା, ଲାଇଫ ଗାର୍ଡ ସେବା, କଣ୍ଟ୍ରୋଲ ରୁମ୍, ହୋଟେଲ, ରେଷ୍ଟୁରାଣ୍ଟ, ପାର୍କିଂ ସ୍ଥାନ ଇତ୍ୟାଦି ବିଷୟରେ ସୂଚନା ପାଇପାରିବେ। ଏଥିସହ ସହର ମଧ୍ୟରେ ଥିବା ଦେବସ୍ଥଳୀ ସମ୍ପର୍କରେ ମଧ୍ୟ ଜାଣିପାରିବେ। ନାଭିଗେଶନ ମାଧ୍ୟମରେ ସହଜରେ ସେ ସ୍ଥାନରେ ମଧ୍ୟ ପହଞ୍ଚିପାରିବେ। 'ରଥଯାତ୍ରା-୨୦୨୪' ନାମକ ଏହି ଆପ୍‌କୁ ସ୍ୱତନ୍ତ୍ର କ୍ୟୁଆର୍ କୋଡ୍ ମାଧ୍ୟମରେ ସମସ୍ତ ଆଣ୍ଡ୍ରଏଡ୍ ସେଟ୍‌ରେ ଡାଉନ୍‌ଲୋଡ୍ କରିହେବ। ରଥଯାତ୍ରାଠାରୁ ନୀଳାଦ୍ରିବିଜେ ମଧ୍ୟରେ ଅନ୍ୟ ସବୁ ଆବଶ୍ୟକ ସୂଚନାଗୁଡ଼ିକୁ ଆବଶ୍ୟକତା ଅନୁଯାୟୀ ଏହି ଆପ୍‌ରେ ସଂଯୁକ୍ତ କରାଯିବ। ପରୀକ୍ଷାମୂଳକ ଭାବେ ପ୍ରଥମ ଥର ପାଇଁ ପୁରୀ ଜିଲା ପ୍ରଶାସନ ତରଫରୁ ଏଭଳି ପ୍ରୟାସ ଆରମ୍ଭ କରାଯାଇଛି। ରଥଯାତ୍ରାର ଭିଡ଼ ଭିତରେ ଲୋକମାନଙ୍କୁ ଏହି ଆପ୍ ନିଶ୍ଚିତ ସୂଚନା ଦେବାରେ ସହାୟକ ହେବ ବୋଲି ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି। ଆଗକୁ ପୁରୀ ସହର ପାଇଁ ଏକ ଇଣ୍ଟିଗ୍ରେଟେଡ୍ ସିଟି ଆପ୍ ପ୍ରସ୍ତୁତ ସକାଶେ ଯୋଜନା କରାଯାଉଛି ବୋଲି ଜିଲାପାଳ ସୂଚନା ଦେଇଛନ୍ତି।

## ବର୍ତ୍ତମାନର ପରିବର୍ତ୍ତିତ ସ୍ଥିତିରେ ବୃକ୍ଷରୋପଣ ଅତ୍ୟନ୍ତ ଉପଯୋଗୀ



ଭୁବନେଶ୍ୱର, ୫।୭ (ବନ୍ଦନା ସେଠୀ)

ପରିବେଶ ସୁରକ୍ଷାକୁ ଗୁରୁତ୍ୱ ପ୍ରଦାନ ଏବଂ ଏହାର ଗୁଣାତ୍ମକ ମାନରେ ଉନ୍ନତି ହାସଲ ନିମନ୍ତେ ଦେଶରେ ଜୁଲାଇ ପ୍ରଥମ ସପ୍ତାହକୁ ବନ ମହୋତ୍ସବ ସପ୍ତାହ ରୂପେ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ପରିବେଶ ସମିତି (ଓଇଏସ୍) ଦ୍ୱାରା ଅନ୍ୟ ଅନୁଷ୍ଠାନଗୁଡିକ ସହଯୋଗରେ ବନ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁରସ୍ଥିତ ଭାରତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ (ଆଇଜର)ର ନୂତନ କ୍ୟାମ୍ପସ୍‌ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ଅଶୋକ କୁମାର ଗାଙ୍ଗୁଲି ଯୋଗଦେଇ କହିଲେ, ବର୍ତ୍ତମାନର ପରିବର୍ତ୍ତିତ ପରିସ୍ଥିତିରେ ବୃକ୍ଷରୋପଣ ଅତ୍ୟନ୍ତ ଉପଯୋଗୀ ପନ୍ଥା। ବିଶ୍ୱ ସମୁଦାୟ ଏହି ଅଭିଯାନରେ ଯୋଗଦେଇ ପୃଥିବୀକୁ ସବୁଜିମା ପରିପୂର୍ଣ୍ଣ କରିବା ଏକାନ୍ତ ଅପରିହାର୍ଯ୍ୟ। ପରିବେଶ ସମିତିର ସଭାପତି ଡ. ସୁନ୍ଦର ନାରାୟଣ ପାତ୍ର କହିଲେ, ପରିବେଶ ସନ୍ତୁଳନ ରକ୍ଷା କରିବା, ପ୍ରଦୂଷଣ ହ୍ରାସ, ତାପମାତ୍ରା ବୃଦ୍ଧି ଓ ଜଳବାୟୁ ପରିବର୍ତ୍ତନକୁ ରୋକିବା ଏବଂ ମାନବ ଆବଶ୍ୟକତାକୁ ପୂରଣ କରିବାରେ ବୃକ୍ଷର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ଅବସରରେ ଆଇଜରର ଛାତ୍ରୀଛାତ୍ର, କର୍ମଚାରୀ ଏବଂ ଓଇଏସ୍‌ର ସଦସ୍ୟମାନେ ଚାରା ରୋପଣ କରିଥିଲେ। ସମିତି ସମ୍ପାଦକ ଡ. ଜୟକୃଷ୍ଣ ପାଣିଗ୍ରାହୀ, ସହ ସମ୍ପାଦକ ଇଂ. ମନୋରଞ୍ଜନ ମିଶ୍ର, ସଦସ୍ୟ ସୁକାନ୍ତ ପଟ୍ଟନାୟକ, ନାଇଜରର ରେଜିଷ୍ଟ୍ରାର୍ ପ୍ରଦୀପ କୁମାର ରାୟ, ପ୍ରଫେସର ବିଶ୍ୱାସ ଚୌହାନ, ଡ. ଜୋଶ ସେବାସ୍ତିଆନ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ।

### ଓଇଏସ୍‌ର ବନ ମହୋତ୍ସବ ସପ୍ତାହ

ପରବର୍ତ୍ତୀ କାର୍ଯ୍ୟକ୍ରମ ଶ୍ରୀମା' ଅନ୍ତର୍ଜାତୀୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଇଏସ୍‌ର କାର୍ଯ୍ୟକର୍ତ୍ତାମାନେ ଛାତ୍ରୀଛାତ୍ରଙ୍କୁ ପରିବେଶର ବିଭିନ୍ନ ଦିଗ ଏବଂ ଏହାର ଗୁଣାତ୍ମକ ମାନକୁ ସୁରକ୍ଷା ରଖିବାର ଆବଶ୍ୟକତା ବର୍ଣ୍ଣନା କରିଥିଲେ। ପରେ ବିଦ୍ୟାଳୟ ପରିସରରେ ଚାରରୋପଣ କରାଯାଇଥିଲା।

## ବୋମାମାଡ଼ ଘଟଣାରେ ସରପଞ୍ଚଙ୍କ ସ୍ୱାମୀ ଗିରଫ

ତିଗିରିଆ, ୫।୭(ଜାଫର ଖାଁ): ବୋମାମାଡ଼ ଘଟଣାରେ ତିଗିରିଆ ଥାନା ଅନ୍ତର୍ଗତ ଭୋଗଡା ସରପଞ୍ଚଙ୍କ ସ୍ୱାମୀ ଅରୁଣ ନାୟକଙ୍କୁ ଗିରଫ କରାଯାଇ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ମେ' ୨୫ ତାରିଖ ରାତିରେ ଏହି ଥାନା ଅନ୍ତର୍ଗତ ବେଲଅଣ୍ଡା ଗ୍ରାମର ସୁବନୀ ନାୟକଙ୍କ ଘର ଉପରକୁ ବୋମାମାଡ଼ ହୋଇଥିଲା। ଏହି ଘଟଣାରେ ଅରୁଣଙ୍କ ସମେତ ଅନ୍ୟ ୮ ଜଣଙ୍କ ସମ୍ପୃକ୍ତି ଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା।



ବନ ମହୋତ୍ସବ ପାଳନ ଅବସରରେ ରାଜଭବନ ପରିସରରେ ରାଜ୍ୟପାଳ ରଘୁବର ଦାସ ଚମ୍ପାଫୁଲ ଗଛର ଚାରା ରୋପଣ କରୁଛନ୍ତି।

# ରାଜଭବନରେ ବନ ମହୋତ୍ସବ

ଭୁବନେଶ୍ୱର, ୫।୭(ଅସମାପିକା ସାହୁ)

ରାଜଭବନରେ ଶୁକ୍ରବାର ବନ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ରାଜଭବନ ପରିସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଜ୍ୟପାଳ ରଘୁବର ଦାସ ଚମ୍ପାଫୁଲ ଗଛର ଚାରା ରୋପଣ କରିଥିଲେ। 'ଏକ ପେଡ୍ ମା କେ ନାମ୍' କାର୍ଯ୍ୟକ୍ରମକୁ ଆଧାର କରି ପ୍ରତ୍ୟେକ ବ୍ୟକ୍ତି ନିଜ ମା'ଙ୍କ ନାମରେ ଏକ ଚାରା ରୋପଣ କରି ଅଭିଯାନରେ ସାମିଲ ହେବାକୁ ରାଜ୍ୟପାଳ ଆହ୍ୱାନ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳଙ୍କ ମୁଖ୍ୟ ଉପଦେଷ୍ଟା ସନ୍ତୋଷ କୁମାର ଶତପଥୀ, ରାଜ୍ୟପାଳଙ୍କ ବ୍ୟକ୍ତିଗତ ସଚିବ ହିମାଂଶୁ ନାରାୟଣ ପଟ୍ଟନାୟକ, ଲେଖା ନିୟନ୍ତ୍ରକ ଗୌତମ ଚୌଧୁରୀଙ୍କ ସମେତ ରାଜଭବନର ଅନ୍ୟାନ୍ୟ ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ। ରାଜଭବନର ସହକାରୀ ଉଦ୍ୟାନ ନିର୍ଦ୍ଦେଶକ ବସନ୍ତ କୁମାର ପାଢ଼ୀ ଉତ୍ସବ ପରିଚାଳନା କରିଥିଲେ।

## ଗ୍ଲୋବାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟରେ ବନ ମହୋତ୍ସବ

ଭୁବନେଶ୍ୱର,୫।୭(ଅନୁରାଧା ମହାରଣା)



ଗ୍ଲୋବାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟରେ ଏକ ଜାତୀୟ ବନ ମହୋତ୍ସବ ଓ ପରିବେଶ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ କଲେଜର ନିର୍ଦ୍ଦେଶକ ସଂଗ୍ରାମ କେଶରୀ ପଟ୍ଟନାୟକ, ଅଧ୍ୟକ୍ଷ ଡ. ନରେନ୍ଦ୍ର କିଶୋର ମିଶ୍ର, ଡିନ୍ ଡ. ମୁନ୍‌ମୁନ୍ ମହାନ୍ତି, ଡିନ୍ ପ୍ରଫେସର ବିପୁଳ କୁମାର, ପ୍ରଫେସର ସୁନୀଲ ମିଶ୍ର, ପ୍ରଫେସର ଦେବାଶିଷ ନନ୍ଦ, ଡ. ତୁଳିକା ସିଂ, ପ୍ରଫେସର ଗୌରୀ ଶଙ୍କର ମହାରଣା, ଡ. ଆଦ୍ୟାଶା ଶୁଭଦର୍ଶିନୀ, ପ୍ରଫେସର ଦୀପା ବିଶ୍ୱାଳ, ପ୍ରଫେସର ରାଜାରାମ ରାଉତ, କୃଷ୍ଣପ୍ରସାଦ ମହାନ୍ତିଙ୍କ ସମେତ ଅନୁଷ୍ଠାନର ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଶିକ୍ଷାନୁଷ୍ଠାନ ପରିସରରେ ବିଭିନ୍ନ କିସମର ଚାରା ରୋପଣ କରାଯିବା ସହ ଶିକ୍ଷାନୁଷ୍ଠାନର ନିର୍ଦ୍ଦେଶକ ବୃକ୍ଷରୋପଣ ଉପାଦେୟତା ବିଷୟରେ ଗୁରୁତ୍ୱାରୋପ କରିଥିଲେ।



ପୁରୀ ଘୋଷଯାତ୍ରା ପାଇଁ ଶୁକ୍ରବାର ରଥରେ ପିତ୍ତଳ ସାମଗ୍ରୀ ଲଗାଯିବା ସହ କପଡା ପକାଯାଉଛି।

## ଆଜି ରଥଖଳାରୁ ଶ୍ରୀମନ୍ଦିର ପାଖକୁ ଟଣାଯିବ ୩ ରଥ

ପୁରୀ, ୫।୭(ଅଜିତ୍ କୁମାର ମହାନ୍ତି)

ରବିବାର ମହାପ୍ରଭୁଙ୍କ ରଥଯାତ୍ରା। ତେଣୁ ଶନିବାର ରଥଖଳାରୁ ଶ୍ରୀମନ୍ଦିର ନିକଟକୁ ତିନିରଥ ଟଣାହେବ। ଶ୍ରୀମନ୍ଦିରରେ ସକାଳ ଧୂପ ପରେ ପାଳିଆ ପୂଜାପଣ୍ଡା ସାମନ୍ତ ପଟିଦିଅଁଙ୍କ ନିକଟରୁ ଆଜ୍ଞାମାଳ ଆଣି ରଥକୁ ବିଜେ କରାଇବେ। ପ୍ରଥମେ ତାଳଧ୍ୱଜ, ପରେ ନନ୍ଦିଘୋଷ ଓ ଶେଷରେ ଦର୍ପଦଳନ ରଥରେ ଆଜ୍ଞାମାଳ ଦିଆଯିବ। ଭୋଇସେବକମାନେ ତେଲ ଦେଇ ରଥରେ ଦଉଡ଼ି ସଂଯୋଗ କରିବେ। ତାଳଧ୍ୱଜ ରଥରେ ବିଜେ କାହାଳୀ ବାଜିବା ପରେ ତିନିରଥ ଶ୍ରୀମନ୍ଦିର ନିକଟକୁ ଟଣାଯିବ। ପରମ୍ପରା ଅନୁସାରେ ପ୍ରଥମେ ନନ୍ଦିଘୋଷ ରଥର ଦକ୍ଷିଣ ମୋଡ଼ କରାଯିବ। ପରେ ଦର୍ପଦଳନ ଓ ଶେଷରେ ତାଳଧ୍ୱଜ ରଥକୁ ଟଣାଯାଇ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ପହଞ୍ଚାଯିବ।

## ପଦଯାତ୍ରାରେ ଜଗନ୍ନାଥପୁରରୁ ଜଗନ୍ନାଥ ଧାମ



ବାଲିଅନ୍ତା,୫।୭(ନୀଳମାଧବ ସାହୁ)

ବିଶ୍ୱର ମଙ୍ଗଳକାମନା ଓ ପ୍ରାକୃତିକ ବିପର୍ଯ୍ୟୟରୁ ମଣିଷ ସମାଜକୁ ରକ୍ଷା ଉଦ୍ଦେଶ୍ୟ ନେଇ ବାଲିଅନ୍ତା ବ୍ଲକ୍ ଜଗନ୍ନାଥପୁର ପଞ୍ଚାୟତ ଅଧୀନ ଜଗନ୍ନାଥପୁର ଗ୍ରାମର ୯ଜଣ ଉତ୍ସାହୀ ଯୁବକ ଶୁକ୍ରବାର ସନ୍ଧ୍ୟା ୭ଠାରୁ ପୁରୀକୁ ପଦଯାତ୍ରାରେ ବାହାରିଛନ୍ତି। ଗ୍ରାମର ଆରାଧ୍ୟ ଦେବତା ଗୋପୀନାଥ ମନ୍ଦିରରୁ ପୂଜାର୍ଚ୍ଚନା କରି ଶ୍ରୀଜଗନ୍ନାଥ ଧାମ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ। ବାଟରେ ମଙ୍ଗଳପୁର ଓ ଚନ୍ଦନପୁରସ୍ଥିତ ମନ୍ଦିରରେ ବିଶ୍ରାମ ନେବା ପରେ ରବିବାର ସକାଳେ ପୁରୀରେ ପହଞ୍ଚିବାକୁ ଲକ୍ଷ୍ୟ ରଖିଛନ୍ତି। ରଥାରୂଢ଼ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନକରି ସମଗ୍ର ମାନବ ସମାଜକୁ ବାତ୍ୟା, ବନ୍ୟା, ଭୂମିକମ୍ପ ଭଳି ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା କରିବାକୁ ପ୍ରାର୍ଥନା କରିବେ। ପ୍ରଭୁ ଶ୍ରୀଜଗନ୍ନାଥ ସମସ୍ତଙ୍କୁ ସୁସ୍ଥ ଓ ଭଲରେ ରଖନ୍ତୁ ବୋଲି ଏତିକି କାମନା କରିବାକୁ ପଦଯାତ୍ରାରେ ତାଙ୍କ ପାଖକୁ ଯାଉଛୁ ବୋଲି ସଞ୍ଜୟ ପରିଜା କହିଥିଲେ। ମହାବାତ୍ୟା ପରଠାରୁ ଦୀର୍ଘ ୨୪ ବର୍ଷ ଧରି ଖାଲି ପାଦରେ ଚାଲି ଚାଲି ପୁରୀ ଯାଉଛୁ। ଆମ ପାଇଁ କିଛି ମାଗୁନୁ କେବଳ ପ୍ରାକୃତିକ ବିପର୍ଯ୍ୟୟରୁ ସମଗ୍ର ବିଶ୍ୱକୁ ରକ୍ଷା କରନ୍ତୁ ବୋଲି ପଦଯାତ୍ରାରେ ସାମିଲ ହୋଇଥିବା ଦୁଃଖୀଶାମ ଓଝା କରିଥିଲେ। ପଦଯାତ୍ରା ଶ୍ରୀକ୍ଷେତ୍ରକୁ ଯାଇ ରଥାରୂଢ଼ ଶ୍ରୀଜଗନ୍ନାଥଙ୍କୁ ଡାକିଲେ ଭକ୍ତଙ୍କ କଥା ଶୁଣନ୍ତି ବୋଲି ମନ ଭିତରେ ଦୃଢ଼ ବିଶ୍ୱାସ ଓ ଭରସା ଅଛି ବୋଲି ଦୀପ୍ତିରଞ୍ଜନ ପରିଜା କହିଥିଲେ।

## ରଥଯାତ୍ରାରେ ଭିଡ଼ ନିୟନ୍ତ୍ରଣ କରିବ ଅତ୍ୟାଧୁନିକ ଏଆଇ ଡ୍ରୋନ୍

ପୁରୀ,୫।୭(ଅଜିତ୍ କୁମାର ମହାନ୍ତି)

ଆସନ୍ତା ୭ ତାରିଖରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା। ଏହାକୁ ଶୃଙ୍ଖଳିତ କରିବା ନିମନ୍ତେ ପ୍ରଶାସନ ଓ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଚଳିତବର୍ଷ ଟ୍ରାଫିକ୍ ଓ ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ଡ୍ରୋନ୍ ବ୍ୟବହାର କରାଯିବ। ଏହି ଅତ୍ୟାଧୁନିକ ଏଆଇ ଟେକ୍ନୋଲୋଜିର ହାଇଟେକ୍ ଡ୍ରୋନ ରଥଯାତ୍ରା ସମୟରେ ଟ୍ରାଫିକ ନିୟନ୍ତ୍ରଣ କରିବା ସହ ଭିଡ଼ ଉପରେ ନଜର ରଖିବ। ଓଡ଼ିଶାରେ ପ୍ରଥମଥର ପାଇଁ ଟ୍ରାଫିକ ଓ ଜନଗହଳି ନିୟନ୍ତ୍ରଣ ସକାଶେ ଅତ୍ୟାଧୁନିକ ଏଆଇ ଡ୍ରୋନ୍ ବ୍ୟବହାର କରିବ ପୋଲିସ୍। ଶୁକ୍ରବାର ପୁରୀ ପୋଲିସ୍ ରିଜର୍ଭ ଗ୍ରାଉଣ୍ଡରେ ଏହି ଅତ୍ୟାଧୁନିକ ଏଆଇ ଡ୍ରୋନ୍‌କୁ ପ୍ରଦର୍ଶନ କରାଯାଇଛି। ଏହାକୁ ଯୋଗାଇ ଦେଇଥିବା ସଂସ୍ଥାର ମୁଖ୍ୟ ବୋଧିସତ୍ତ୍ୱ ସଂଘପ୍ରିୟ କହିଛନ୍ତି, ଚଳିତ ବର୍ଷ ରଥଯାତ୍ରାରେ ଅତ୍ୟାଧୁନିକ ଉପାୟରେ ଜନଗହଳି ଓ ଟ୍ରାଫିକ ନିୟନ୍ତ୍ରଣ କରାଯିବ। ଯେଉଁ ସ୍ଥାନରେ ଗହଳି ହେବ ଏହି ଏଆଇ ଡ୍ରୋନ ତୁରନ୍ତ ସେହି ସ୍ଥାନକୁ ଯିବ। ଡ୍ରୋନରେ ସ୍ପିକର ଲଗାଯାଇଛି। ସ୍ପିକର୍ ଜରିଆରେ ଲୋକଙ୍କୁ ସଚେତନ କରାଯିବ। ଭିଡ଼ ହୋଇଥିଲେ କେଉଁ ଦିଗରେ ଲୋକେ ଯିବେ ସେ ନେଇ ସଚେତନ କରାଯିବ। ଏହାଦ୍ୱାରା ଭିଡ଼ସ୍ଥଳରେ ପୋଲିସ ପହଞ୍ଚିବାରେ ଯେଉଁ ଅସୁବିଧା ହେଉଛି ତାହା ହ୍ରାସ ପାଇପାରିବ। ପୁରୀ ସହରରେ ୧୦ଟି ଡ୍ରୋନ୍‌ର ବ୍ୟବସ୍ଥା ହୋଇଛି। ଆବଶ୍ୟକ ହେଲେ ଅଧିକ ବ୍ୟବହାର କରାଯିବ। ଏହା ବର୍ଷାରେ ମଧ୍ୟ କାମ କରିପାରିବ। ଏହି ଡ୍ରୋନରେ ଅତ୍ୟାଧୁନିକ କ୍ୟାମେରା ସହିତ ଏଆଇ ସଫ୍ଟୱେୟାର ଲୋଡ୍ ହୋଇଛି। ଏଣୁ ଜନଗହଳି ହେଲେ ଏହା ଏକସଙ୍ଗେ କଣ୍ଟ୍ରୋଲ ରୁମ୍‌କୁ ବାର୍ତ୍ତା ଦେବା ସହ ଭିଡ଼ ଜାଗାକୁ ଯାଇ ଲୋକଙ୍କୁ ଲାଗିଥିବା ସ୍ପିକରରେ ବାର୍ତ୍ତା ଦେଇପାରିବ। ୨୫ରୁ ୩୦ ମିନିଟ ପର୍ଯ୍ୟନ୍ତ ଏହା ଉଡ଼ିପାରିବ। ସୁରକ୍ଷା ଦୃଷ୍ଟିରୁ ୩୦ ମିଟର ଉଚ୍ଚରେ ଏହି ଡ୍ରୋନ୍ ଉଡ଼ିବ।

## ଟ୍ରାଫିକ୍ ସୁପରିଚାଳନା ପାଇଁ ୫୦ ପ୍ଲାଟୁନ ଫୋର୍ସ

ପୁରୀ,୫।୭(ଅଜିତ୍ କୁମାର ମହାନ୍ତି):

- ପ୍ରଥମ ଥର ପାଇଁ ପୁରୀ ଆସୁଥିବା ଗାଡ଼ି ଗଣତି ହେବ
- ଗ୍ରୀନ୍ କରିଡର ବ୍ୟବସ୍ଥା, ସଚେତନ କରିବ ଡ୍ରୋନ୍

ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା ପାଇଁ ସ୍ୱତନ୍ତ୍ର ଟ୍ରାଫିକ ମୋବିଲିଟି ପ୍ଲାନ୍ ପ୍ରସ୍ତୁତ ହୋଇଛି। ଆସନ୍ତା ୬ତାରିଖ ମଧ୍ୟରାତ୍ରରୁ ଏହା ଲାଗୁ ହେବ। ସେହିପରି ସାନ୍ଧ୍ୟ ଦର୍ଶନ, ବାହୁଡ଼ା, ସୁନାବେଶ ଏବଂ ଅନ୍ୟ ଦିନରେ ଭିଡ଼କୁ ଦେଖି ଟ୍ରାଫିକ ବ୍ୟବସ୍ଥା କରାଯିବ ବୋଲି ଶୁକ୍ରବାର ରିଜର୍ଭ ପୋଲିସ କନଫରେନ୍ସ ହଲ୍‌ରେ ଟ୍ରାଫିକ ଏଡିଜି ଦୟାଲ ଗଙ୍ଗୱାରଜ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଗଙ୍ଗୱାର କହିଛନ୍ତି, ଚଳିତବର୍ଷ ନୂଆ ଟେକ୍ନୋଲୋଜି ଆପଣେଇଛି ପୁରୀ ଟ୍ରାଫିକ ପୋଲିସ। ରଥଯାତ୍ରାରେ ଗହଳି ଓ ଟ୍ରାଫିକ ନିୟନ୍ତ୍ରଣ ପାଇଁ ନୂଆ ଟେକ୍ନୋଲୋଜିରେ ପ୍ରସ୍ତୁତ ଡ୍ରୋନ ବ୍ୟବହାର କରାଯିବ। ଯେଉଁ ଜାଗାରେ ଗହଳି ହେଉଥିବ, ସେଠାରେ ଏହି ଡ୍ରୋନ୍ ପହଞ୍ଚି ଲୋକଙ୍କୁ ସଚେତନ କରାଇବ। ଆଉଟର ଟ୍ରାଫିକରେ ଫସିଯାଇଥିବା ଯାନବାହନ ଏହି ଡ୍ରୋନ୍ ମାଧ୍ୟମରେ ପୋଲିସ ସହାୟତା ନେଇପାରିବେ। ସେଠାରୁ ବାହାରିବା ପାଇଁ ପୋଲିସ ସହଯୋଗ କରିପାରିବ। ଚଳିତବର୍ଷ ବିଭିନ୍ନ ଜାଗାରେ ପାର୍କିଂ ବ୍ୟବସ୍ଥା କରାଯାଇଛି। ୨୪ ଘଣ୍ଟିଆ ଟ୍ରାଫିକ କଣ୍ଟ୍ରୋଲ ରୁମ୍ କାର୍ଯ୍ୟ କରିବ। ଭୁବନେଶ୍ୱରରୁ ପୁରୀ, କୋଣାର୍କରୁ ପୁରୀ ଏବଂ ବ୍ରହ୍ମଗିରିରୁ ପୁରୀ ଆସୁଥିବା ଭକ୍ତଙ୍କ ଯେଭଳି କୌଣସି ଅସୁବିଧା ନ ହେବ ସେଥିପ୍ରତି ବିଶେଷ ଧ୍ୟାନ ଦିଆଯିବ। ଗ୍ରୀନ କରିଡରରେ କେବଳ ଜରୁରିକାଳୀନ ସେବାର ବ୍ୟବସ୍ଥା ହୋଇଛି। ପ୍ରଥମ ଥର ପାଇଁ ରଥଯାତ୍ରାକୁ ଆସୁଥିବା ଯାନବାହନ ଗଣତି ହେବ। ଅତ୍ୟାଧୁନିକ ସିସିଟିଭି କ୍ୟାମେରାକୁ ଏଆଇ ଡ୍ରୋନ୍ ସହିତ ସଂଯୁକ୍ତ କରାଯିବ। ଆନ୍ତଃ ଓ ବାହ୍ୟ ଟ୍ରାଫିକ ସହ ପୁରୀ- ବ୍ରହ୍ମଗିରି, ପୁରୀ - ଭୁବନେଶ୍ୱର ଏବଂ ପୁରୀ- କୋଣାର୍କ ରାସ୍ତାରେ ସ୍ୱତନ୍ତ୍ର ଟ୍ରାଫିକ ପରିଚାଳନା ହେବ। ବିଭିନ୍ନ ସ୍ଥାନରେ ଚିହ୍ନଟ ହୋଇଥିବା ବ୍ଲାକସ୍ପଟ୍‌ରେ ଡ୍ରୋନ ସହାୟତା ନିଆଯିବ। ଏଥର ପ୍ରଥମ ଥର ପାଇଁ ଓଡ଼ଶା ପୋଲିସ ଟ୍ରାଫିକ ସୁପରିଚାଳନା ପାଇଁ ଅତ୍ୟାଧୁନିକ ଜ୍ଞାନ କୌଶଳର ସହାୟତା ନେଇଛି। ସମୁଦାୟ ରଥଯାତ୍ରାରେ ଟ୍ରାଫିକ ସୁପରିଚାଳନା ପାଇଁ ୫୦ ପ୍ଲାଟୁନ ଫୋର୍ସ ଓ ୪୫୦ ଅଧିକାରୀ ନିୟୋଜିତ ହୋଇଛନ୍ତି। ପୁରୀ- ଭୁବନେଶ୍ୱର ଜାତୀୟ ରାଜପଥର ମାଳତୀ ପାଟପୁରଠାରେ ୩ ଲେନ ଟ୍ରାଫିକ ବ୍ୟବସ୍ଥା କରାଯାଇଛି।

# ଚିକିତ୍ସା ଅବହେଳାରୁ ରୋଗୀ ମୃତ, ଉତ୍ତେଜନା

## ଟାୟାର ଜାଳି ରାସ୍ତାରୋକୋ

- ସାପ କାମୁଡ଼ାରେ ଗୁରୁତର ଥିଲେ
- ସାପ କାମୁଡ଼ା ଇଞ୍ଜେକ୍ସନ ଦେଇ ନ ଥିବା ଅଭିଯୋଗ
- ଆସିଲାନି ୧୦୮ ଆମ୍ବୁଲାନ୍ସ

ନିଶ୍ଚିନ୍ତକୋଇଲି, ୫।୭(ଅଶୋକ କୁମାର ମହାପାତ୍ର)



ଉତ୍ୟକ୍ତ ଲୋକେ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି।

ସାପ କାମୁଡାରେ ଗୁରୁତର ବ୍ୟକ୍ତିଙ୍କ ଚିକିତ୍ସାରେ ଅବହେଳା ହେବାରୁ ତାଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ସେ ହେଲେ ନିଶ୍ଚିନ୍ତକୋଇଲି ଥାନା କେଣ୍ଟାଳୋ ପଞ୍ଚାୟତ ଅଧୀନ ଜୁଲୁକିପଡା ଗ୍ରାମର ଅରକ୍ଷିତ ମଲିକ(୫୫)। ଏନେଇ ଉତ୍ୟକ୍ତ ଲୋକେ କଟକ-ଚାନ୍ଦବାଲି ରାସ୍ତାକୁ ୨ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଅବରୋଧ କରିଥିଲେ। ଫଳରେ ଗମନାଗମନ ଏକପ୍ରକାର ଠପ୍ ହୋଇଯାଇଥିଲା। ଏହି ଘଟଣାକୁ ନେଇ ଉଭୟ ଡାକ୍ତରଖାନା ଓ ରାସ୍ତାରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଏ ସମ୍ପର୍କରେ ମୃତ ଅରକ୍ଷିତଙ୍କ ପୁଅ ଅଜୟ ନିଶ୍ଚିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ତାଙ୍କ ଅଭିଯୋଗ ଅନୁଯାୟୀ, ଅରକ୍ଷିତଙ୍କୁ ଶୁକ୍ରବାର ରାତିରେ ଏକ ବିଷଧର ନାଗ ସାପ କାମୁଡ଼ି ଦେଇଥିଲା। ତ୍ୱରିତ ଚିକିତ୍ସା ନିମନ୍ତେ ଦମକଳ ଗାଡିରେ ଅରକ୍ଷିତଙ୍କୁ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ତାଙ୍କୁ ଏକ ଟିଟାନସ ଇଞ୍ଜେକ୍ସନ ଦେବା ସହ ବିଭିନ୍ନ ପରୀକ୍ଷା ପାଇଁ ୧ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ରଖିଥିଲେ। ବାପାଙ୍କୁ ସାପ କାମୁଡା ଇଞ୍ଜେକ୍ସନ ଦେବାକୁ ଅଜୟ ଡାକ୍ତରଙ୍କୁ କହିଥିଲେ। ମାତ୍ର ଦାୟିତ୍ୱରେ ଥିବା ଡାକ୍ତର ଚିକିତ୍ସାରେ ଅବହେଳା କରି କଟକ ସ୍ଥାନାନ୍ତର କରି ଦେଇଥିଲେ। କାର୍ଯ୍ୟରତ ଡାକ୍ତର ଏନେଇ କୌଣସି ପଦକ୍ଷେପ ନ ନେଇ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। ମାତ୍ର ସରକାରୀ ଆମ୍ବୁଲାନ୍ସ ଆସି ନ ଥିଲା। ଫଳରେ ବେସରକାରୀ ଆମ୍ବୁଲାନ୍ସରେ ଅରକ୍ଷିତଙ୍କୁ କଟକ ବଡ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। କଟକ ବଡ ଡାକ୍ତରଖାନାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ଏହାପରେ ଅରକ୍ଷିତଙ୍କୁ କଟକରୁ ଆମ୍ବୁଲାନ୍ସରେ ଆଣି ନିଶ୍ଚିନ୍ତକୋଇଲି ଡାକ୍ତରଖାନା ସମ୍ମୁଖରେ ରଖି କାର୍ଯ୍ୟରତ ଡାକ୍ତରଙ୍କ ସହ ପାଟିତୁଣ୍ଡ ହୋଇଥିଲା। ଏନେଇ ଡାକ୍ତରଖାନାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ୟକ୍ତ ଲୋକମାନେ ମେଡିକାଲ ସମ୍ମୁଖ କଟକ-ଚାନ୍ଦବାଲି ରାସ୍ତାରେ ଆମ୍ବୁଲାନ୍ସରେ ମୃତଦେହ ରଖି ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଦୀର୍ଘ ୨ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ରାସ୍ତାରୋକୋ ହେବା ପରେ ପୋଲିସ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଛି। ଏ ସମ୍ପର୍କରେ ନିଶ୍ଚିନ୍ତକୋଇଲି ମେଡିକାଲ ସୁପରିଣ୍ଟେଣ୍ଡେଟ ଅମିତ ଜେନା କୁହନ୍ତି, ସାପୁ କାମୁଡାରେ ଗୁରୁତର ଅରକ୍ଷିତଙ୍କ ଆବଶ୍ୟକ ଅନୁଯାୟୀ, ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା କରାଯିବା ପରେ ପରିବାର ଲୋକଙ୍କ ଦାବି ମୁତାବକ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କ ମୃତ୍ୟୁ ହୋଇଥାଏ ପାରେ। ତେବେ ସ୍ୱାସ୍ଥ୍ୟସେବାର କୌଣସି ଅବହେଳା କରାଯାଇନାହିଁ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ଥାନା ଅଧିକାରୀ ଯୁଗଳ କିଶୋର ଦାସ କୁହନ୍ତି, ଅଭିଯୋଗ ମିଳିଛି। ତଦନ୍ତ ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯିବ। ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦିଆଯିବା ନିମନ୍ତେ ପୂର୍ବତନ ଜିଲାପରିଷଦ ସଭ୍ୟ ପ୍ରକାଶ ଚନ୍ଦ୍ର ସାହୁ ,ସରପଞ୍ଚ ତୃପ୍ତିମୟୀ ନାୟକ ,ସମିତି ସଭ୍ୟ ଇମ୍ରାନ ଖାଁ ପ୍ରମୁଖ ଦୃଢ ଦାବି କରିଛନ୍ତି।

# ଆପ୍‌ରେ ମିଳିବ ପୁରୀ ରଥଯାତ୍ରା ସୂଚନା

## ଇଣ୍ଟିଗ୍ରେଟେଡ୍ ସିଟି ଆପ୍ ପ୍ରସ୍ତୁତ ପାଇଁ ଯୋଜନା ହେଉଛି: ଜିଲାପାଳ




ପୁରୀ,୫।୭(ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଦେଖିବା ପାଇଁ ପୁରୀ ଆସୁଥିବା ଶ୍ରଦ୍ଧାଳୁ, ତୀର୍ଥଯାତ୍ରୀ ଓ ପର୍ଯ୍ୟଟକଙ୍କୁ ଅଧିକ ତଥ୍ୟ ସହଜରେ ଉପଲବ୍ଧ କରାଇବା ପାଇଁ 'ରଥଯାତ୍ରା-୨୦୨୪' ନାମକ ମୋବାଇଲ ଆପ୍ ଲଞ୍ଚ୍ କରାଯାଇଛି। ଏହି ଆପ୍ ଡାଉନ୍‌ଲୋଡ୍ କଲେ ଦର୍ଶନାର୍ଥୀ ଓ ପର୍ଯ୍ୟଟକ ନିଜ ନିକଟରେ ଥିବା ପିଇବା ପାଣି ବ୍ୟବସ୍ଥା, ସ୍ୱାସ୍ଥ୍ୟକେନ୍ଦ୍ର, ମାଗଣା ଖାଦ୍ୟବଣ୍ଟନ ସ୍ଥଳୀ, ପୋଲିସ ସେବାକେନ୍ଦ୍ର, ଶିଶୁ ଡେସ୍କ ହେଲ୍ପ ଲାଇନ, ସୂଚନା କେନ୍ଦ୍ର, ଅସ୍ଥାୟୀ ରହଣି ଶିବିର, ଭିନ୍ନକ୍ଷମଙ୍କ ପାଇଁ ରଥ ଦର୍ଶନ ହୁଇଲ୍ ଚେୟାର ବ୍ୟବସ୍ଥା, ଲାଇଫ ଗାର୍ଡ ସେବା, କଣ୍ଟ୍ରୋଲ ରୁମ୍, ହୋଟେଲ, ରେଷ୍ଟୁରାଣ୍ଟ, ପାର୍କିଂ ସ୍ଥାନ ଇତ୍ୟାଦି ବିଷୟରେ ସୂଚନା ପାଇପାରିବେ। ଏଥିସହ ସହର ମଧ୍ୟରେ ଥିବା ଦେବସ୍ଥଳୀ ସମ୍ପର୍କରେ ମଧ୍ୟ ଜାଣିପାରିବେ। ନାଭିଗେଶନ ମାଧ୍ୟମରେ ସହଜରେ ସେ ସ୍ଥାନରେ ମଧ୍ୟ ପହଞ୍ଚିପାରିବେ। 'ରଥଯାତ୍ରା-୨୦୨୪' ନାମକ ଏହି ଆପ୍‌କୁ ସ୍ୱତନ୍ତ୍ର କ୍ୟୁଆର୍ କୋଡ୍ ମାଧ୍ୟମରେ ସମସ୍ତ ଆଣ୍ଡ୍ରଏଡ୍ ସେଟ୍‌ରେ ଡାଉନ୍‌ଲୋଡ୍ କରିହେବ। ରଥଯାତ୍ରାଠାରୁ ନୀଳାଦ୍ରିବିଜେ ମଧ୍ୟରେ ଅନ୍ୟ ସବୁ ଆବଶ୍ୟକ ସୂଚନାଗୁଡ଼ିକୁ ଆବଶ୍ୟକତା ଅନୁଯାୟୀ ଏହି ଆପ୍‌ରେ ସଂଯୁକ୍ତ କରାଯିବ। ପରୀକ୍ଷାମୂଳକ ଭାବେ ପ୍ରଥମ ଥର ପାଇଁ ପୁରୀ ଜିଲା ପ୍ରଶାସନ ତରଫରୁ ଏଭଳି ପ୍ରୟାସ ଆରମ୍ଭ କରାଯାଇଛି। ରଥଯାତ୍ରାର ଭିଡ଼ ଭିତରେ ଲୋକମାନଙ୍କୁ ଏହି ଆପ୍ ନିଶ୍ଚିତ ସୂଚନା ଦେବାରେ ସହାୟକ ହେବ ବୋଲି ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି। ଆଗକୁ ପୁରୀ ସହର ପାଇଁ ଏକ ଇଣ୍ଟିଗ୍ରେଟେଡ୍ ସିଟି ଆପ୍ ପ୍ରସ୍ତୁତ ସକାଶେ ଯୋଜନା କରାଯାଉଛି ବୋଲି ଜିଲାପାଳ ସୂଚନା ଦେଇଛନ୍ତି।

# ରଥଯାତ୍ରାରେ ଭିଡ଼ ନିୟନ୍ତ୍ରଣ କରିବ ଅତ୍ୟାଧୁନିକ ଏଆଇ ଡ୍ରୋନ୍

ପୁରୀ,୫।୭(ଅଜିତ୍ କୁମାର ମହାନ୍ତି)

## ପ୍ରଥମଥର ପାଇଁ ଓଡ଼ିଶାରେ ବ୍ୟବହାର ହେବ

ଆସନ୍ତା ୭ ତାରିଖରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା। ଏହାକୁ ଶୃଙ୍ଖଳିତ କରିବା ନିମନ୍ତେ ପ୍ରଶାସନ ଓ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଚଳିତବର୍ଷ ଟ୍ରାଫିକ୍ ଓ ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ଡ୍ରୋନ୍ ବ୍ୟବହାର କରାଯିବ। ଏହି ଅତ୍ୟାଧୁନିକ ଏଆଇ ଟେକ୍ନୋଲୋଜିର ହାଇଟେକ୍ ଡ୍ରୋନ ରଥଯାତ୍ରା ସମୟରେ ଟ୍ରାଫିକ ନିୟନ୍ତ୍ରଣ କରିବା ସହ ଭିଡ଼ ଉପରେ ନଜର ରଖିବ। ଓଡ଼ିଶାରେ ପ୍ରଥମଥର ପାଇଁ ଟ୍ରାଫିକ ଓ ଜନଗହଳି ନିୟନ୍ତ୍ରଣ ସକାଶେ ଅତ୍ୟାଧୁନିକ ଏଆଇ ଡ୍ରୋନ୍ ବ୍ୟବହାର କରିବ ପୋଲିସ୍। ଶୁକ୍ରବାର ପୁରୀ ପୋଲିସ୍ ରିଜର୍ଭ ଗ୍ରାଉଣ୍ଡରେ ଏହି ଅତ୍ୟାଧୁନିକ ଏଆଇ ଡ୍ରୋନ୍‌କୁ ପ୍ରଦର୍ଶନ କରାଯାଇଛି।

ଏହାକୁ ଯୋଗାଇ ଦେଇଥିବା ସଂସ୍ଥାର ମୁଖ୍ୟ ବୋଧିସତ୍ତ୍ୱ ସଂଘପ୍ରିୟ କହିଛନ୍ତି, ଚଳିତ ବର୍ଷ ରଥଯାତ୍ରାରେ ଅତ୍ୟାଧୁନିକ ଉପାୟରେ ଜନଗହଳି ଓ ଟ୍ରାଫିକ ନିୟନ୍ତ୍ରଣ କରାଯିବ। ଯେଉଁ ସ୍ଥାନରେ ଗହଳି ହେବ ଏହି ଏଆଇ ଡ୍ରୋନ ତୁରନ୍ତ ସେହି ସ୍ଥାନକୁ ଯିବ। ଡ୍ରୋନରେ ସ୍ପିକର ଲଗାଯାଇଛି। ସ୍ପିକର୍ ଜରିଆରେ ଲୋକଙ୍କୁ ସଚେତନ କରାଯିବ। ଭିଡ଼ ହୋଇଥିଲେ କେଉଁ ଦିଗରେ ଲୋକେ ଯିବେ ସେ ନେଇ ସଚେତନ କରାଯିବ। ଏହାଦ୍ୱାରା ଭିଡ଼ସ୍ଥଳରେ ପୋଲିସ ପହଞ୍ଚିବାରେ ଯେଉଁ ଅସୁବିଧା ହେଉଛି ତାହା ହ୍ରାସ ପାଇପାରିବ। ପୁରୀ ସହରରେ ୧୦ଟି ଡ୍ରୋନ୍‌ର ବ୍ୟବସ୍ଥା ହୋଇଛି। ଆବଶ୍ୟକ ହେଲେ ଅଧିକ ବ୍ୟବହାର କରାଯିବ। ଏହା ବର୍ଷାରେ ମଧ୍ୟ କାମ କରିପାରିବ। ଏହି ଡ୍ରୋନରେ ଅତ୍ୟାଧୁନିକ କ୍ୟାମେରା ସହିତ ଏଆଇ ସଫ୍ଟୱେୟାର ଲୋଡ୍ ହୋଇଛି। ଏଣୁ ଜନଗହଳି ହେଲେ ଏହା ଏକସଙ୍ଗେ କଣ୍ଟ୍ରୋଲ ରୁମ୍‌କୁ ବାର୍ତ୍ତା ଦେବା ସହ ଭିଡ଼ ଜାଗାକୁ ଯାଇ ଲୋକଙ୍କୁ ଲାଗିଥିବା ସ୍ପିକରରେ ବାର୍ତ୍ତା ଦେଇପାରିବ। ୨୫ରୁ ୩୦ ମିନିଟ ପର୍ଯ୍ୟନ୍ତ ଏହା ଉଡ଼ିପାରିବ। ସୁରକ୍ଷା ଦୃଷ୍ଟିରୁ ୩୦ ମିଟର ଉଚ୍ଚରେ ଏହି ଡ୍ରୋନ୍ ଉଡ଼ିବ। ଓଡ଼ିଶାରେ ଏହା ପ୍ରଥମଥର ପାଇଁ ବ୍ୟବହାର ହେବାକୁ ଯାଉଛି। ଏହା ସଫଳ ହେବ ବୋଲି ଓଡ଼ିଶା ପୋଲିସ ଆଶା ରଖିଛି।

# ଦୁର୍ଘଟଣାଗ୍ରସ୍ତ କାର୍‌ରୁ ୧୫୦ ବସ୍ତା ଗଞ୍ଜେଇ ଜବତ

ନିଶ୍ଚିନ୍ତକୋଇଲି/ସାଲେପୁର, ୫।୭
(ଅଶୋକ କୁମାର ମହାପାତ୍ର/ଅରବିନ୍ଦ ଭୂୟାଁ)



ଦୁର୍ଘଟଣାଗ୍ରସ୍ତ କାର୍‌ରୁ ଜବତ ହୋଇଥିବା ଗଞ୍ଜେଇ

- ଚାଳକ ଫେରାର
- ଦୁର୍ଘଟଣା ପରେ ବିଲ ଭିତରକୁ ପଶିଯାଇଥିଲା

କଟକ-ଚାନ୍ଦବାଲି ରାସ୍ତାର ସାଲେପୁର ଥାନା ଅଧୀନ କେନ୍ଦୁପାଟଣା ଛକ ନିକଟରେ ଏକ ଇନୋଭା କାର୍ ଭାରସାମ୍ୟ ହରାଇ ବିଲ ଭିତରକୁ ପଶିଯାଇଛି। ଦୁର୍ଘଟଣାଗ୍ରସ୍ତ ଗାଡିରୁ ୧୫୦ ବସ୍ତା ଗଞ୍ଜେଇ ଜବତ ହୋଇଛି। ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୧୫ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଗାଡି ଜବତ ହୋଇଥିଲା ବେଳେ ଚାଳକ ଫେରାର ହୋଇଯାଇଛନ୍ତି।

ଶୁକ୍ରବାର ସକାଳେ ଏକ ଇନୋଭା କାର ପ୍ରାୟ ୧୫୦ ବସ୍ତା ଗଞ୍ଜା ବୋଝେଇ କରି ଦ୍ରୁତ ଗତିରେ କେନ୍ଦ୍ରାପଡ଼ା ଅଭିମୁଖେ ଯାଉଥିଲା। ଏହି ସମୟରେ କେନ୍ଦୁପାଟଣା ଛକ ନିକଟରେ ଗାଡି ସମ୍ମୁଖକୁ ଜଣେ ଯୁବତୀ ପଶି ଆସିଥିଲେ। ଫଳରେ ଯୁବତୀଙ୍କୁ ରକ୍ଷା କରିବାକୁ ଯାଇ ଗାଡି ଭାରସାମ୍ୟ ହରାଇ ବିଲ ଭିତରକୁ ପଶି ଯାଇଥିଲା। ସ୍ଥାନୀୟ ଲୋକେ ଗାଡ଼ିରେ ଗଞ୍ଜେଇ ଥିବା ସନ୍ଦେହ କରି ସାଲେପୁର ଥାନା, ନିଶ୍ଚିନ୍ତକୋଇଲି ଅବକାରୀ ବିଭାଗ କଟକ ଜିଲା ଅବକାରୀ ବିଭାଗ ଅଧୀକ୍ଷକଙ୍କୁ ଫୋନ ଯୋଗେ ଜଣାଇଥିଲେ। ଖବରପାଇ କଟକ ଜିଲା ଅବକାରୀ ବିଭାଗ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଅରୁପା କୁମାରୀ ପାଣିଗ୍ରାହୀ, ନିଶ୍ଚିନ୍ତକୋଇଲି ଅବକାରୀ ଥାନା ଇନ୍ସପେକ୍ଟର ବିପିନ ବିହାରୀ ସାହୁ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଗାଡିକୁ ଜବତ କରିଥିଲେ। ଏସମ୍ପର୍କରେ ନିଶ୍ଚିନ୍ତକୋଇଲି ଅବକାରୀ ଥାନାରେ ମାମଲା (ନଂ.୩୭/୨୦୨୪) ରୁଜୁ କରାଯାଇଛି।

# ୩ ରଥରେ ପିତ୍ତଳ ସାମଗ୍ରୀ ଲାଗିଲା

ପୁରୀ,୫।୭(ଅଜିତ୍ କୁମାର ମହାନ୍ତି)

ଆଉ ଦିନକ ପରେ ମହାପ୍ରଭୁଙ୍କ ଘୋଷଯାତ୍ରା। ଏଥିପାଇଁ ତିନିରଥର ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଗୁରୁବାର ରଥର ପାର୍ଶ୍ୱ ଦେବଦେବୀ ସଂସ୍ଥାପିତ ହେବା ସହ ପ୍ରଭାରେ ଖୋଦେଇ ରୂପରେ ରଙ୍ଗ ଚିତ୍ର କାର୍ଯ୍ୟ ଆରମ୍ଭ ହୋଇଥିଲା। ରଥବେଦି ଚାରିପାର୍ଶ୍ୱରେ ଗାଇଗୋଠ ଚିତ୍ର, ଘୋଡ଼ା, ସାରଥିଙ୍କ ରଙ୍ଗ କାର୍ଯ୍ୟ ଜାରି ରହିଥିଲା। ଶୁକ୍ରବାର ତିନିରଥର ପ୍ରଭାରେ ରୂପକାର ସେବକମାନେ ଖୋଦେଇ କରିଥିବା ରାହୁ ବା କ୍ରିତିମୁଖ ସମେତ ତାଳଧ୍ୱଜ ରଥ ପ୍ରଭା ମଧ୍ୟଭାଗରେ ପଦ୍ମକଢ଼ି, ଶିବ, ନାରଦଙ୍କ ଚିତ୍ର, ଦେବୀ ରଥ ପ୍ରଭା ମଧ୍ୟଭାଗରେ ପଦ୍ମକଢ଼ି ଓ ଗଙ୍ଗା ଯମୁନାଙ୍କ ଚିତ୍ର, ନନ୍ଦିଘୋଷ ରଥ ପ୍ରଭା ମଧ୍ୟଭାଗରେ ପଦ୍ମକଢ଼ି ସହ ଦୁଇପାର୍ଶ୍ୱରେ ଇନ୍ଦ୍ର, ବ୍ରହ୍ମାଙ୍କ ରଙ୍ଗ ଚିତ୍ର କାର୍ଯ୍ୟ ଚିତ୍ରକର ସେବକମାନେ ଶେଷ କରିଛନ୍ତି। ପିତ୍ତଳ କଳସ ଓ ରଥ ବାହ୍ୟ ଅଂଶରେ ରଙ୍ଗ କାର୍ଯ୍ୟ ସରି ଘୋଡ଼ା, ସାରଥିଙ୍କ ରଙ୍ଗ କାର୍ଯ୍ୟ ଚାଲିଛି। ମହାରଣା ସେବକ ଓ ଭୋଇ ସେବକମାନେ ତିନିରଥରେ ଠେକେରା ବାଡ଼ ବୁଲାଇବା ସହ ସେଥିରେ ସଖୀ ଫିଟିଙ୍ଗ ଶେଷ କରିଛନ୍ତି। ରଥର ବିଜେ ଚକା ତ୍ରୟରେ ମହାରଣା ସେବକମାନେ ବିନ୍ଧ ସହ ତିନୋଟି ଲେଖାଏ କାଠଖିଲ ନିର୍ମାଣ ଶେଷ କରିଛନ୍ତି। ତିନି ରଥ ସିଂହଦ୍ୱାରକୁ ଯିବା ପରେ ବିଜେଚକା ବେଦି ସିଂହାସନରେ ସଂଯୋଗ ହେବ। ପିତ୍ତଳ ସଜ କାରିଗରମାନେ ରଥବେଦି ସିଂହାସନ ଉପର କନକମୁଣ୍ଡିରେ ପିତ୍ତଳ ଚଦର ଆବରଣ ଫିଟିଙ୍ଗ କାର୍ଯ୍ୟ ଶେଷ କରିଛନ୍ତି। ଶ୍ରୀବିଗ୍ରହମାନଙ୍କ ପହଣ୍ଡି ଲୁଗା ସିଲାଇ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। କୋଠ ସୁଆଁସିଆ ସେବକମାନେ ଦୁଆରବେଢ଼ା ଓ ଚନ୍ଦ୍ରଶାଳୀରେ ପିତ୍ତଳ ସଜ ଫିଟିଙ୍ଗ ଶେଷ କରି ପୋଟଳ ଏବଂ ବତା ଆବରଣ କନା ପକା କାର୍ଯ୍ୟ ଜାରି ରଖିଛନ୍ତି।

# ଫେକ୍ ଆଇଡି ଖୋଲି ଅଶ୍ଳୀଳ ଭିଡିଓ ଭାଇରାଲ ଅଭିଯୋଗ: ଯୁବକ କୋର୍ଟ ଚାଲାଣ

ମାହାଙ୍ଗା,୫।୭(ଯଯାତି ସିଂହ)

ସୋସିଆଲ ମିଡିଆରେ ମାହାଙ୍ଗା ଥାନା ଅଞ୍ଚଳର ଜଣେ ଯୁବତୀଙ୍କ ଫେକ୍ ଆକାଉଣ୍ଟ ଖୋଲି ସେଥିରେ ଅଶ୍ଳୀଳ ଫଟୋ ଛାଡ଼ିବା ଅଭିଯୋଗରେ ଜଣେ ଯୁବକଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଯାଜପୁର ଜିଲା ବଡଚଣା ବ୍ଲକ ରାଧାଦେଇପୁର ଗ୍ରାମର କେଶବ ସେଠୀ। ପୀଡ଼ିତାଙ୍କ ବାପାଙ୍କ ଅଭିଯୋଗ ଅନୁଯାୟୀ, କେଶବ ବିଭିନ୍ନ ସୋସିଆଲ ମିଡିଆ ସାଇଟ୍‌ରେ ଝିଅର ଫେକ୍ ଆକାଉଣ୍ଟ ଖୋଲି ସେଥିରେ ପୀଡ଼ିତାଙ୍କ ଫଟୋ ଏଡିଟ୍ କରି ଅଶ୍ଳୀଳ ଭିଡିଓ ଛାଡ଼ିବା ସହ ଚାଟିଂ କରୁଥିଲେ। ଏ ସମ୍ପର୍କରେ ପୀଡ଼ିତା ଜାଣିବା ପରେ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିବାକୁ ଯାଉଥିବାବେଳେ ପରିବାର ଲୋକେ ତାଙ୍କୁ ରକ୍ଷା କରିଥିଲେ। ଏ ନେଇ ପୀଡ଼ିତାଙ୍କ ବାପା ମାହାଙ୍ଗା ଥାନା, ସାଇବର ପୋଲିସ ଓ କଟକ ଏସ୍‌ପି ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ। ୯ ମାସ ପରେ ମାହାଙ୍ଗା ଥାନା ଅଧିକାରୀ ବିଜୟ କୁମାର ମଲିକ ସାଇବର ତଥ୍ୟ ଅନୁଯାୟୀ ଯାଜପୁର ଜିଲାର ବଡଚଣା ବ୍ଲକର ରାଧାଦେଇପୁରରେ ଚଢାଉ କରି କେଶବଙ୍କୁ ଗିରଫ କରିଛି। ଏନେଇ ଥାନାରେ ମାମଲା (ନଂ. ୩୫୮/୨୪) ରୁଜୁ ହୋଇଛି।

# ୟୁନାଇଟେଡ୍ କଟକ ଯୋଗ ପ୍ରତିଯୋଗିତା: ଆୟୁଷ ଦ୍ୱିତୀୟ

ବାଙ୍କୀ,୫।୭(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

କଟକସ୍ଥିତ ୟୁନାଇଟେଡ ଯୋଗ ପ୍ରତିଯୋଗିତାରେ ବାଙ୍କୀ ଡମପ ବ୍ଲକ ଗୋପାଳପୁରର ଆୟୁଷ କୁମାର ସାହୁ ଦ୍ୱିତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି । ଏଥିପାଇଁ ଆୟୁଷ କୁମାର ସାହୁଙ୍କୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସ୍ୱାଗତ କରାଯାଇଛି ।



ବାଙ୍କୀର ପ୍ରଥମ ବିଧାୟକ ତଥା ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଗୋକୁଳାନନ୍ଦ ପ୍ରହରାଜଙ୍କ ୧୦୩ତମ ଜୟନ୍ତୀ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଅବସରରେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ତାଙ୍କ ପ୍ରତମୂର୍ତ୍ତିରେ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

# ବିଦ୍ୟାଳୟ ସ୍ଥାନକୁ ଶିକ୍ଷା ବିଭାଗର ରେକର୍ଡଭୁକ୍ତ କର



ବ୍ଲକ୍ ଶିକ୍ଷାଧିକାରୀଙ୍କୁ ପଶ୍ଚିମ ବାଙ୍କୀ ଉନ୍ନୟନ ପରିଷଦ ପକ୍ଷରୁ ଦାବିପତ୍ର ଦିଆଯାଉଛି।

ବାଙ୍କୀ,୫।୭(ଜ୍ଞାନେନ୍ଦ୍ର ମୋହନ ମିଶ୍ର )

ଲେମ୍ବେରୀ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ ଯେଉଁ ସ୍ଥାନରେ ଅବସ୍ଥିତ ହୋଇଛି ତାହା ବର୍ତ୍ତମାନ ସୁଧା ଶିକ୍ଷା ବିଭାଗର ନାମରେ ରେକର୍ଡଭୁକ୍ତ ହୋଇପାରିନାହିଁ । ଏହାର ଚତୁଃପାର୍ଶ୍ୱକୁ ସ୍ଥାନୀୟ ଲୋକେ ଜବରଦଖଲ କରି ସ୍କୁଲ ପରିସରକୁ ସଙ୍କୁଚିତ କରି ଦେଇଛନ୍ତି। ଏନେଇ ଉପଯୁକ୍ତ ଫର୍ମରେ ଆବେଦନ କରି ଶିକ୍ଷା ବିଭାଗ ନାମରେ ଜମିକୁ ରେକର୍ଡଭୁକ୍ତ କରି ତା'ର ସୀମାକୁ ଧାର୍ଯ୍ୟ କରିବା ସହ ସେଠାରେ ପଥର ପୋତି ଜନସାଧାରଣଙ୍କ ଜ୍ଞାତ ନିମନ୍ତେ ବ୍ୟବସ୍ଥା କରାଯାଉ । ଫଳରେ ଜବରଦଖଲ କରିବାକୁ କେହି ଆଗ୍ରହ ପ୍ରକାଶ କରିବେ ନାହିଁ। ଏହାଛଡ଼ା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ବିଦ୍ୟାଳୟ ଚତୁଃପାର୍ଶ୍ୱରେ ପ୍ରାଚୀର ନିର୍ମାଣ କରିବାକୁ ବାଙ୍କୀ ବ୍ଲକ ଶିକ୍ଷାଧିକାରୀଙ୍କ ନିକଟରେ ପଶ୍ଚିମ ବାଙ୍କୀ ଉନ୍ନୟନ ପରିଷଦ ସମ୍ପାଦକ ଆଇନଜୀବୀ ପ୍ରଦୀପ କୁମାର ପଟ୍ଟନାୟକ ଦାବି କରିଛନ୍ତି।

# ବୋମାମାଡ଼ ଘଟଣାରେ ସରପଞ୍ଚଙ୍କ ସ୍ୱାମୀ ଗିରଫ

ଟିଗିରିଆ, ୫।୭(ଜାଫର ଖାଁ)

ଏକ ବୋମାମାଡ଼ ଘଟଣାରେ ଟିଗିରିଆ ଥାନା ଅନ୍ତର୍ଗତ ଭୋଗଡା ପଞ୍ଚାୟତ ସରପଞ୍ଚଙ୍କ ସ୍ୱାମୀଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସେ ହେଲେ ସରପଞ୍ଚ ଶର୍ମିଳା ନାୟକଙ୍କ ସ୍ୱାମୀ ଅରୁଣ ନାୟକ। ମେ'ମାସ ୨୫ ତାରିଖରେ ଏହି ଥାନା ଅନ୍ତର୍ଗତ ବେଲ ଅଣ୍ଟା ଗ୍ରାମର ସୁବନୀ ନାୟକଙ୍କ ଘର ଉପରକୁ ରାତିରେ ବୋମାମାଡ଼ ହୋଇଥିଲା। ଏହି ଘଟଣାରେ ଅରୁଣଙ୍କ ସମେତ ଅନ୍ୟ ୮ ଜଣଙ୍କ ସମ୍ପୃକ୍ତି ଥିବା ନେଇ ଥାନାରେ ଅଭିଯୋଗରେ ହୋଇଥିଲା। ଏହାପରେ ପୋଲିସ ମାମଲା (ନଂ. ୧୩୨/୨୪) ରୁଜୁ କରିଥିଲା। ସେହିପରି ରାଜନୈତିକ କାରଣରୁ ବେଲଅଣ୍ଟା ଗ୍ରାମର ଭାବଗ୍ରାହୀ ପଣ୍ଡାଙ୍କ କାର୍‌କୁ ଏପ୍ରିଲ ୨୧ରେ ଅରୁଣ ଓ ତାଙ୍କ ସହଯୋଗୀ ପଙ୍କାଳଛକ ନିକଟସ୍ଥ କଳାପାଟ ଢ଼ାବାରେ ବୋମା ମାଡ କରିବା ସହ ଫାଙ୍କା ଗୁଳିଫୁଟାଇ ଥିଲେ। ଏନେଇ ଟିଗିରିଆ ଥାନାରେ ମାମଲା (ନଂ.୧୦୪/୨୪) ରୁଜୁ ହୋଇଥିଲା। ଗୁରୁବାର ରାତିରେ ଅରୁଣଙ୍କୁ ପୋଲିସ ଧରିବାରେ ସକ୍ଷମ ହୋଇଥିଲା ବୋଲି ଆଇଆଇସି ସୁମନ୍ତ କିଶାନ କହିଛନ୍ତି।

# ଟ୍ରାଫିକ୍ ସୁପରିଚାଳନା ପାଇଁ ୫୦ ପ୍ଲାଟୁନ ଫୋର୍ସ

ପୁରୀ,୫।୭(ଅଜିତ୍ କୁମାର ମହାନ୍ତି)

## ସ୍ୱତନ୍ତ୍ର ଟ୍ରାଫିକ୍ ମୋବିଲିଟି ପ୍ଲାନ୍ ପ୍ରସ୍ତୁତ

- ପ୍ରଥମ ଥର ପାଇଁ ପୁରୀ ଆସୁଥିବା ଗାଡ଼ି ଗଣତି ହେବ
- ଗ୍ରୀନ୍ କରିଡର ବ୍ୟବସ୍ଥା, ସଚେତନ କରିବ ଡ୍ରୋନ୍

ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା ପାଇଁ ସ୍ୱତନ୍ତ୍ର ଟ୍ରାଫିକ ମୋବିଲିଟି ପ୍ଲାନ୍ ପ୍ରସ୍ତୁତ ହୋଇଛି। ଆସନ୍ତା ୬ତାରିଖ ମଧ୍ୟରାତ୍ରରୁ ଏହା ଲାଗୁ ହେବ। ସେହିପରି ସନ୍ଧ୍ୟାଦର୍ଶନ, ବାହୁଡ଼ା, ସୁନାବେଶ ଏବଂ ଅନ୍ୟ ଦିନରେ ଭିଡ଼କୁ ଦେଖି ଟ୍ରାଫିକ ବ୍ୟବସ୍ଥା କରାଯିବ ବୋଲି ଶୁକ୍ରବାର ରିଜର୍ଭ ପୋଲିସ କନଫରେନ୍ସ ହଲରେ ଟ୍ରାଫିକ ଏଡିଜି ଦୟାଲ ଗଙ୍ଗୱାରଙ୍କ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଗଙ୍ଗୱାର କହିଛନ୍ତି, ଚଳିତବର୍ଷ ନୂଆ ଟେକ୍ନୋଲୋଜି ଆପଣେଇଛି ପୁରୀ ଟ୍ରାଫିକ ପୋଲିସ।

ରଥଯାତ୍ରାରେ ଗହଳି ଓ ଟ୍ରାଫିକ ନିୟନ୍ତ୍ରଣ ପାଇଁ ନୂଆ ଟେକ୍ନୋଲୋଜିରେ ପ୍ରସ୍ତୁତ ଡ୍ରୋନ ବ୍ୟବହାର କରାଯିବ। ଯେଉଁ ଜାଗାରେ ଗହଳି ହେଉଥିବ, ସେଠାରେ ଏହି ଡ୍ରୋନ ପହଞ୍ଚି ଲୋକଙ୍କୁ ସଚେତନ କରାଇବ। ଆଉଟର ଟ୍ରାଫିକରେ ଫସିଯାଇଥିବା ଯାନବାହନ ଏହି ଡ୍ରୋନ ମାଧ୍ୟମରେ ପୋଲିସ ସହାୟତା ନେଇପାରିବେ। ସେଠାରୁ ବାହାରିବା ପାଇଁ ପୋଲିସ ସହଯୋଗ କରିପାରିବ। ଚଳିତବର୍ଷ ବିଭିନ୍ନ ଜାଗାରେ ପାର୍କିଙ୍ଗ ବ୍ୟବସ୍ଥା କରାଯାଇଛି। ଦୁଇଚକିଆ ଗାଡ଼ି ପାର୍କିଂ ପାଇଁ ୬ଟି ପାର୍କିଂସ୍ଥଳ ଚିହ୍ନଟ ହୋଇଥିବାବେଳେ ୨୪ ଘଣ୍ଟିଆ ଟ୍ରାଫିକ କଣ୍ଟ୍ରୋଲ ରୁମ୍ କାର୍ଯ୍ୟ କରିବ। ବସ୍ ପାଇଁ ୪ଟି ଏବଂ ଚାରିଚକିଆ ଯାନ ନିମନ୍ତେ ୧୧ଟି ପାର୍କିଂ କରାଯାଇଛି। ବଡଦାଣ୍ଡ ଚାରିପାଖରେ ୪୦ଟି କ୍ରିଟିକାଲ ପଏଣ୍ଟ ଚିହ୍ନଟ ହୋଇଛି, ଯେଉଁଠାରେ ଲୋକାଲ ପୋଲିସ ନିୟୋଜିତ ରହିବେ। ଫଳରେ ସ୍ଥାନୀୟ ଲୋକେ ଯିବା ଆସିବାରେ ହଇରାଣ ହେବେ ନାହିଁ। ସେହିପରି ଘୋଷଯାତ୍ରା ସମୟରେ ଭୁବନେଶ୍ୱରରୁ ପୁରୀ, କୋଣାର୍କରୁ ପୁରୀ ଏବଂ ବ୍ରହ୍ମଗିରିରୁ ପୁରୀ ଆସୁଥିବା ଭକ୍ତଙ୍କ ଯେଭଳି କୌଣସି ଅସୁବିଧା ନ ହେବ ସେଥିପ୍ରତି ବିଶେଷ ଧ୍ୟାନ ଦିଆଯିବ। ଗ୍ରୀନ କରିଡରରେ କେବଳ ଜରୁରୀକାଳୀନ ସେବାର ବ୍ୟବସ୍ଥା ହୋଇଥିବାବେଳେ ରଥଯାତ୍ରାରେ ନିୟୋଜିତ ଅଧିକାରୀ, ସେବାୟତ ଓ ସହରବାସୀଙ୍କ ପାଇଁ ଟ୍ରାଫିକ ବ୍ୟବସ୍ଥା କରାଯାଇଛି।

ପ୍ରଥମ ଥର ପାଇଁ ରଥଯାତ୍ରାକୁ ଆସୁଥିବା ଯାନବାହନ ଗଣତି ହେବ। ଅତ୍ୟାଧୁନିକ ସିସିଟିଭି କ୍ୟାମେରାକୁ ଏଆଇ ଡ୍ରୋନ୍ ସହିତ ସଂଯୁକ୍ତ କରାଯିବ। ଆନ୍ତଃ ଓ ବାହ୍ୟ ଟ୍ରାଫିକ ସହ ପୁରୀ- ବ୍ରହ୍ମଗିରି, ପୁରୀ - ଭୁବନେଶ୍ୱର ଏବଂ ପୁରୀ- କୋଣାର୍କ ରାସ୍ତାରେ ସ୍ୱତନ୍ତ୍ର ଟ୍ରାଫିକ ପରିଚାଳନା ହେବ। ବିଭିନ୍ନ ସ୍ଥାନରେ ଚିହ୍ନଟ ହୋଇଥିବା ବ୍ଲାକସ୍ପଟରେ ଡ୍ରୋନ ସହାୟତା ନିଆଯିବ। ଏଥର ପ୍ରଥମ ଥର ପାଇଁ ଓଡ଼ିଶା ପୋଲିସ ଟ୍ରାଫିକ ସୁପରିଚାଳନା ପାଇଁ ଅତ୍ୟାଧୁନିକ ଜ୍ଞାନ କୌଶଳର ସହାୟତା ନେଇଛି। ସମୁଦାୟ ରଥଯାତ୍ରାରେ ଟ୍ରାଫିକ ସୁପରିଚାଳନା ପାଇଁ ୫୦ ପ୍ଲାଟୁନ ଫୋର୍ସ ଓ ୪୫୦ ଅଧିକାରୀ ନିୟୋଜିତ ହୋଇଛନ୍ତି। ପୁରୀ- ଭୁବନେଶ୍ୱର ଜାତୀୟ ରାଜପଥର ମାଳତୀ ପାଟପୁରଠାରେ ୩ ଲେନ ଟ୍ରାଫିକ ବ୍ୟବସ୍ଥା କରାଯାଇଛି। ଗୋଟିଏ ବାଇକ, ଗୋଟିଏ ପାସ୍‌ଧାରୀ ଗାଡ଼ି ଏବଂ ଅନ୍ୟଟି ଯାତ୍ରୀବାହୀ ବସ୍ ପାଇଁ ଉଦ୍ଦିଷ୍ଟ ରହିବ। ରଥଯାତ୍ରା ସମୟରେ ୧୦୦- ୧୫୦ ଟୁରିଷ୍ଟ ବସ, ୪୦୦- ୫୦୦ ରେଗୁଲାର ବସ ଓ ରାଜ୍ୟର ବିଭିନ୍ନ ବ୍ଲକରୁ ୧୯୦ଟି ବସ୍ ଆସିବ। ସହର ଭିତରେ ଓ ବିଭିନ୍ନ ସ୍ଥାନରେ ୩୬ରୁ ୪୦ଟି କ୍ରିଟିକାଲ ସ୍ଥାନ ଚିହ୍ନଟ ହୋଇଛି। ପୁରୀ - ବ୍ରହ୍ମଗିରି, ପୁରୀ - ଭୁବନେଶ୍ୱର ଏବଂ ପୁରୀ - କୋଣାର୍କ ପଟୁ ଆସୁଥିବା ବସ୍ ଓ ଦୁଇଚକିଆ ଗାଡ଼ି ପାର୍କିଂ ପାଇଁ ସ୍ୱତନ୍ତ୍ର ପାର୍କିଂ ସ୍ଥାନ କରାଯାଇଛି। ରଥଯାତ୍ରାଠାରୁ ସୁନାବେଶ ପର୍ଯ୍ୟନ୍ତ ଟ୍ରାଫିକ ବ୍ୟବସ୍ଥା ଆଦୌ କୋହଳ କରାଯିବ ନାହିଁ ବୋଲି ଟ୍ରାଫିକ ଏଡିଜି ଗଙ୍ଗୱାର ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ସୁରେନ୍ଦ୍ରନାଥ ନାୟକଙ୍କୁ ନୟାହାଟ ବିଜେଡି ପକ୍ଷରୁ ଶ୍ରଦ୍ଧାଞ୍ଜଳି

ନୟାହାଟ,୫।୭(ମହମ୍ମଦ ସମସୁଲ ଆରଫିନ/ରଶ୍ମିରଞ୍ଜନ ସାହୁ)

କାକଟପୁର ନିର୍ବାଚନମଣ୍ଡଳୀ ବିଜେଡି ନେତା ସୁରେନ୍ଦ୍ରନାଥ ନାୟକ(୯୩)ଙ୍କ ଗୁରୁବାର ବିଳମ୍ବିତ ରାତିରେ ପରଲୋକ ଘଟିଛି। ନୟାହାଟ ଅଞ୍ଚଳର ବିଜେଡି ନେତା ମହମ୍ମଦ ସମସୁଲ ଆରଫିନ, ଆଲୋକ ରାୟ, ଅଭିମନ୍ୟୁ ସିଂ, ମୋନାଲିସା ସିଂ, କଲ୍ୟାଣ ରାଉତ, ଭାନୁମତୀ ମାଣିକ, ସହଦେବ ମାଣିକ, କମଳାକାନ୍ତ କୁଅଁର, ସମୀର ମହାନ୍ତି, ଜ୍ୟୋତି ରଞ୍ଜନ ନାୟକ ପ୍ରମୁଖ ଶୋକ ପ୍ରକାଶ କରିଥିଲେ। ଏଥିସହ କାକଟପୁର ଟ୍ରଷ୍ଟ କାର୍ଯ୍ୟାଳୟକୁ ଯାଇ ସ୍ୱର୍ଗତ ନାୟକଙ୍କ ଶେଷ ଦର୍ଶନ କରି ପୁଷ୍ପତୋଡ଼ା ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

### ମଙ୍ଗଳା ମନ୍ଦିରରେ ଗୀତାଯଜ୍ଞ, ଭାଗବତ ସପ୍ତାହ ଉଦ୍‌ଯାପିତ

ଅସ୍ତରଙ୍ଗ,୫।୭(ମମତା ଜେନା)

କାକଟପୁର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ପୁରାଣ ମଣ୍ଡପଠାରେ ବାବା ବୈକୁଣ୍ଠନାଥ ପ୍ରଚାର ପ୍ରସାର ସମିତି ଓ ଗୀତାଯଜ୍ଞ କମିଟି ଆୟୋଜନରେ ଚାଲିଥିବା ଭାଗବତ ସପ୍ତାହ ଓ ଗୀତାଯଜ୍ଞ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ବିଶିଷ୍ଟ ଆଧ୍ୟାତ୍ମିକ ପ୍ରବଚକ ତଥା ସନ୍ଥ ଶ୍ରୀସତ୍ୟାନନ୍ଦ ବାବାଙ୍କ ଦ୍ୱାରା ଶ୍ରୀମଦ୍ ଭାଗବତର ବ୍ୟାଖ୍ୟା କରାଯିବା ସହିତ ଭଗବାନ କୃଷ୍ଣଙ୍କ ବିଭିନ୍ନ ଲୀଳା ସମ୍ପର୍କରେ ଶ୍ରୋତାଙ୍କୁ ବୁଝାଇଥିଲେ। ସନ୍ଧ୍ୟାରୁ ବଡ଼ସିଂହାର ଧୂପ ପର୍ଯ୍ୟନ୍ତ ପୁରାଣ ମଣ୍ଡପରେ ଭକ୍ତମାନେ କୃଷ୍ଣ ରସରେ ତଲ୍ଲୀନ ହେବା ଦେଖିବାକୁ ମିଳିଥିଲା। ଶେଷ ୨ ଦିନ ବିଭିନ୍ନ ପ୍ରାନ୍ତରୁ ଆସିଥିବା ଓଡ଼ିଶୀ ନୃତ୍ୟ ଶିଳ୍ପୀମାନେ କୃଷ୍ଣଲୀଳାକୁ ନୃତ୍ୟ ମାଧ୍ୟମରେ ପ୍ରତିପାଦନ କରି ଉପସ୍ଥିତ କୃଷ୍ଣପ୍ରେମୀଙ୍କୁ ଭାବବିହ୍ୱଳ କରି ତୋଳିଥିଲେ। ଗତ ୨୪ ତାରିଖରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମର ଉଦ୍‌ଯାପନୀ ଦିବସରେ ଅନ୍ନଯଜ୍ଞ କରାଯାଇ ଶହ ଶହ ଭକ୍ତଙ୍କୁ ପ୍ରସାଦ ସେବନର ଆୟୋଜନ କରାଯାଇଥିଲା। ଆଜିର ସମାଜରେ ଗୀତା, ଭାଗବତ ଭଳି ଅମୂଲ୍ୟ ରସାତ୍ମକ ବାଣୀ ପ୍ରଚାରକୁ ଲୋକାଭିମୁଖୀ କରିବାକୁ ନେଇଥିବା ପ୍ରୟାସର ଆୟୋଜକ କମିଟି ସଦସ୍ୟ ସୁଧାଂଶୁ ଦୀକ୍ଷିତ, ଶାନ୍ତନୁ ଦୀକ୍ଷିତ, ଜଗବନ୍ଧୁ ସ୍ୱାଇଁ, ସମ୍ପଦ ବରାଳ ଓ ଅନ୍ୟ କର୍ମକର୍ତ୍ତାଙ୍କ କାର୍ଯ୍ୟକୁ ଅଞ୍ଚଳବାସୀ ସାଧୁବାଦ ଜଣାଇଛନ୍ତି।

### ନିମ୍ନମାନର ରାସ୍ତା କାର୍ଯ୍ୟ ଯୋଗୁ ଗଳିପଡ଼ିଲା ଟ୍ରକ୍



ଯୋଗେଶ୍ୱରପୁର,୫।୭(ରଶ୍ମିରଞ୍ଜନ ସାହୁ)

ସୁହାଣପୁରଠାରୁ ନାନକେରା ସାହି ରାସ୍ତାରେ ଏକ ପଥର ବୋଝେଇ ଟ୍ରକ୍ ଗଳିପଡ଼ିଥିବା ଦେଖିବାକୁ ମିଳିଛି। ଉକ୍ତ ରାସ୍ତାଟି କାକଟପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ କାର୍ଯ୍ୟ ହୋଇଥିଲା। ଠିକାଦାର ନିମ୍ନମାନର କାର୍ଯ୍ୟ କରିବା ଫଳରେ ବିଭିନ୍ନ ସମୟରେ ୩ ଚକିଆ, ୪ ଚକିଆ ଗାଡ଼ି ଗଳି ପଡୁଥିବା ପରିଲକ୍ଷିତ ହେଉଛି। ଠିକାଦାର ଡଷ୍ଟ ଗୁଣ୍ଡ ପକାଇବା ପରିବର୍ତ୍ତେ ମାଟି ପକାଇବା ଫଳରେ ରାସ୍ତା ଦବୁଛି। ଉକ୍ତ ରାସ୍ତା କାର୍ଯ୍ୟ ସମୟରେ ଯନ୍ତ୍ରୀଙ୍କ ଦେଖା ନ ଦେବା ଫଳରେ ଠିକାଦାର ମନଇଚ୍ଛା କାର୍ଯ୍ୟ କରିଛନ୍ତି ବୋଲି ସୁହାଣପୁର ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଉକ୍ତ ରାସ୍ତା କାର୍ଯ୍ୟକୁ ଭିଜିଲାନ୍ସ ତଦନ୍ତ କରାଯିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଲଟାବୁଦାରେ ପୂର୍ଣ୍ଣ ପଞ୍ଚସଖା ସମାଧିପୀଠ

- ଆଜି ଗୋପବନ୍ଧୁଙ୍କ ୯୬ତମ ଶ୍ରାଦ୍ଧୋତ୍ସବ
- ପୂଜ୍ୟପୂଜା ପ୍ରତି ଚରମ ଅବହେଳା ଅଭିଯୋଗ

ସାକ୍ଷୀଗୋପାଳ,୫।୭(କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)



ପୁରୀ ଜିଲା ସତ୍ୟବାଦୀ ବକୁଳବନରେ ପୁଣ୍ୟାତ୍ମା ପଞ୍ଚସଖା ସ୍ମୃତି ସମାଧିପୀଠ ଅବହେଳିତ ଅବସ୍ଥାରେ ରହିଛି। ଫଳରେ ପୂଜ୍ୟପୂଜା ପ୍ରତି ପ୍ରଶାସନ ଚରମ ଅବହେଳା କରୁଥିବା ଆଇନଜୀବୀ ତଥା ସତ୍ୟବାଦୀ ବିକାଶ ପରିଷଦ ସଭାପତି ଗୁଣ୍ଡିଚା ବରାଳ ଅଭିଯୋଗ କରିଛନ୍ତି। ଏନେଇ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ସୁଫଳ ମିଳୁନାହିଁ। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଏହି ପୀଠକୁ ଆସୁଥିବା ଶ୍ରଦ୍ଧାଳୁମାନେ ପଞ୍ଚସଖାଙ୍କୁ ଜରାଜୀର୍ଣ୍ଣ ଅବସ୍ଥା ଦେଖି ଦୁଃଖ ପ୍ରକାଶ କରୁଥିବା ଘଟଣା ଅଞ୍ଚଳବାସୀଙ୍କ ପାଇଁ ଲଜ୍ଜାଜନକ ହୋଇଛି ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଏଠାରେ ପଞ୍ଚସଖାଙ୍କ ପାର୍ଥିବ ଶରୀର ଅନ୍ତିମ ସଂସ୍କାର କରାଯିବା ପରେ ଗଢ଼ି ଉଠିଥିଲା ସ୍ମୃତି ସମାଧି ମନ୍ଦିର। ସତ୍ୟବାଦୀ ଯୁଗର ମନୀଷୀ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ପଣ୍ଡିତ ନୀଳକଣ୍ଠ ଦାସ, ପଣ୍ଡିତ ଗୋଦାବରୀଶ ମିଶ୍ର, ପଣ୍ଡିତ କୃପାସିନ୍ଧୁ ମିଶ୍ର ଓ ଆଚାର୍ଯ୍ୟ ହରିହର ଦାସଙ୍କ ସହିତ ପଞ୍ଚସଖାଙ୍କ ଅନୁଗାମୀ ପଣ୍ଡିତ ଲିଙ୍ଗରାଜ ମିଶ୍ର ଓ ପ୍ରଚାରକ ଅନନ୍ତ ମିଶ୍ରଙ୍କୁ ନେଇ ମୋଟ ୭ଟି ସମାଧିପୀଠ ଏହି ପରିସରରେ ରହିଛି। ପୁଣ୍ୟାତ୍ମାଙ୍କ ଆବିର୍ଭାବ, ତିରୋଧାନ ତଥ୍ୟ ସହିତ ସେମାନେ ରଚନା କରିଥିବା କବିତା ପଂକ୍ତିର ଅଂଶବିଶେଷ ପୃଥକ୍ ପୃଥକ୍ ଭାବେ ମାର୍ବଲ ପଥରରେ ଖୋଦେଇ କରି ସମାଧିରେ ଶ୍ରଦ୍ଧାଳୁଙ୍କ ସୂଚନା ପାଇଁ ସ୍ଥାନିତ କରାଯାଇଛି। ଆକର୍ଷଣୀୟ ସ୍ମୃତିପୀଠର ଉନ୍ନୟନ ମଧ୍ୟରେ ପ୍ରାଚୀର, ପ୍ରାର୍ଥନା ନିମନ୍ତେ କଡ଼ପା ପଥରେ ଚଟାଣ, ପାଥ ୱେ, ଗେଟ୍, ଫୁଲକୁଣ୍ଡ, ଆଲୋକ ବ୍ୟବସ୍ଥା, ସଂଲଗ୍ନ ପକ୍କାରାସ୍ତା, ପୁଷ୍କରିଣୀ, ଫୁଲ ବଗିଚା ଆଦି ରାଜ୍ୟ ସରକାରଙ୍କ ଅନୁଦାନ ବଳରେ କରାଯାଇଥିଲା। ପ୍ରଥମେ ୧୯୯୬ ମସିହାରେ ଏହାର ଜୀର୍ଣ୍ଣୋଦ୍ଧାର କରାଯାଇ ଏହାକୁ ଏକ ମନୋରମ ଉଦ୍ୟାନରେ ପରିଣତ କରାଯାଇଥିଲା। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏହାର ଉନ୍ନୟନ କରାଯିବା ସହିତ କିଛିଦିନ ପାଇଁ ଅସ୍ଥାୟୀ ଭାବେ ସୁରକ୍ଷା ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ତୁଲାଯାଇଥିଲା। ପ୍ରତ୍ୟହ ସକାଳେ ଓ ସନ୍ଧ୍ୟାରେ ଶ୍ରଦ୍ଧାଳୁମାନେ ଅବସର ବିନୋଦନ ନିମନ୍ତେ ଭିଡ଼ ଜମାଉଥିଲେ। ଏପରିକି ସୁନ୍ଦର ମନୋରମ ପରିବେଶରେ ଆଲବମ ଶୁଟିଂ କରାଯାଉଥିଲା। ମାତ୍ର ସୁରକ୍ଷା ଓ ଉପଯୁକ୍ତ ଯତ୍ନ ଅଭାବରୁ ଅବହେଳିତ ଅବସ୍ଥାରେ ପହଞ୍ଚିଥିଲା। ପୁନଶ୍ଚ ୨୦୧୪ରେ ଏହାର ନବୀକରଣ କାର୍ଯ୍ୟ କରାଯାଇ ଅଧିକ ଆକର୍ଷଣୀୟ କରାଯିବା ପରେ ଏବେ ଯଥାପୂର୍ବଂ ତଥା ପରମ୍ ଅବସ୍ଥାରେ ପହଞ୍ଚିଛି। ଫୁଲବଗିଚା ବଦଳରେ ଅନାବନା ଲଟାବୁଦା ଭରି ରହିଛି। ଅନ୍ଧାର ମଧ୍ୟରେ ନିଶାଡ଼ିଙ୍କ ଆସର ବେଶ୍ ଜମୁଛି। ଫୁଲ, ଚନ୍ଦନ, ଦୀପ, ଧୂପରେ ଭରି ରହିବା ଉପାସନାସ୍ଥଳରେ ଏବେ ମଦ ବୋତଲ, ଦରପୋଡ଼ା ବିଡ଼ି, ସିଗାରେଟ, ଗଖା ପାଉଚରେ ପରିତ୍ୟକ୍ତ ପୁଣ୍ୟାତ୍ମାଙ୍କ ସ୍ମୃତି ସମାଧିପୀଠ ଅଲୋଡ଼ା ହୋଇ ପଡ଼ିରହିଛି। ମହାପୁରୁଷଙ୍କ ଜୟନ୍ତୀ ଓ ଶ୍ରାଦ୍ଧବାର୍ଷିକ କାର୍ଯ୍ୟକ୍ରମ ଆୟୋଜନ କରୁଥିବା ସଂଗଠନ ସଫେଇ କରି ବ୍ୟବହାର କରିବାକୁ ପଡୁଛି। ଏହି ପୁଣ୍ୟପୀଠ ପ୍ରତି ପ୍ରଶାସନିକସ୍ତରରେ ଚରମ ଅବହେଳାକୁ ନେଇ ବୁଦ୍ଧିଜୀବୀ ମହଲରେ କ୍ଷୋଭ ପ୍ରକାଶ ପାଇଛି। ଏହି ଅଭିଯୋଗ ନେଇ ସତ୍ୟବାଦୀ ବିଡିଓ ଲିପ୍ସା ରାୟଙ୍କ ଦୃଷ୍ଟି ଆକର୍ଷଣ କରିବାରେ ଅଭିଯୋଗ ସମ୍ପର୍କରେ ସେ ସୂଚନା ପାଇ ନ ଥିବା କହିଥିଲେ ମଧ୍ୟ ପୁଣ୍ୟାତ୍ମାଙ୍କ ପବିତ୍ର ପୀଠକୁ ଶ୍ରାଦ୍ଧୋତ୍ସବରେ ସଫେଇ କରାଇବା ସହ ପୀଠର ସୁରକ୍ଷା ଏବଂ ଯତ୍ନ ନିମନ୍ତେ ସ୍ଥାୟୀ ବ୍ୟବସ୍ଥା କରିବେ ବୋଲି କହିଛନ୍ତି।

# ମୁଖ୍ୟ ଅଭିଯୁକ୍ତଙ୍କୁ ଧରିଲା ପୋଲିସ

ଯୁବକଙ୍କୁ ଗୁଳିକରି ହତ୍ୟା ଘଟଣା

ଡେଲାଙ୍ଗ,୫।୭(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ଥାନା ଅଧୀନ ଗୁଆଚଉକା ରାମଚନ୍ଦ୍ରପୁର ଗ୍ରାମର ବାବୁ ମଲ୍ଲିକଙ୍କୁ ଗୁଳି କରି ହତ୍ୟା କରିବା ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ କରନ ପଣ୍ଡିତ ଚୌଧୁରୀ(୨୬)। ଏହି ଘଟଣାରେ ସମ୍ପୃକ୍ତ ଥିବା ୩ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ପୂର୍ବରୁ ୨ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପୂର୍ବରୁ ୨ ଅଭିଯୁକ୍ତ ବିରଞ୍ଚି ଓ ଦୀପକ ଗିରଫ ହେବା ପରେ ପଣ୍ଡିତଙ୍କୁ ଗିରଫ କରିବାକୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିଲା।

ସୂଚନା ଥାଉକି, ରାମଚନ୍ଦ୍ରପୁର ଗ୍ରାମର ବିରଞ୍ଚି ନାରାୟଣ ସିଂଙ୍କ ସାନ ଝିଅ ଶ୍ରିୟଙ୍କା ସିଂ ଗତ ୩ ବର୍ଷ ତଳେ ସେହି ଗ୍ରାମର ବାବୁ ମଲ୍ଲିକ ନାମକ ଜଣେ ଦଳିତ ଯୁବକଙ୍କୁ ପ୍ରେମ ବିବାହ କରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ବିରଞ୍ଚି ଭଦ୍ରକ ଜିଲା ମାଣିନଗର ଅଞ୍ଚଳର ତାଙ୍କ ବଡ଼ ଜ୍ୱାଇଁ ଦୀପକ ସିଂଙ୍କ ସହିତ ମିଶି ବାବୁଙ୍କ ହତ୍ୟା ଷଡଯନ୍ତ୍ର ରଚିଥିଲେ। ଦୀପକ ତାଙ୍କ ସହଯୋଗୀ ବିହାର ରାଜ୍ୟର ପଣ୍ଡିତଙ୍କୁ ସାଙ୍ଗରେ ଆଣି ଏହି ହତ୍ୟାକାଣ୍ଡ ଘଟାଇଥିବା ପୋଲିସ ଜାଣିବାକୁ ପାଇଥିଲା। ବାବୁ ଡେଲାଙ୍ଗ ହାଟ ବଜାରରୁ ତାଙ୍କ ଦୋକାନ ବନ୍ଦ କରି ଫେରୁଥିବାବେଳେ ଲୁଣା ନଦୀ ସେତୁ ଉପରେ ଦୀପକ ଓ ସହଯୋଗୀ ପଣ୍ଡିତ ଗୁଳି କରି ତାଙ୍କୁ ହତ୍ୟା କରିଥିବା ଶ୍ରିୟଙ୍କା ଥାନାରେ ଅଭିଯୋଗ କରିଥିଲେ। ଏନେଇ ଡେଲାଙ୍ଗ ପୋଲିସ ୨୫୦/୨୪ରେ ଏକ ମାମଲା ରୁଜୁ କରିଥିଲା।

# ସୁରେନ୍ଦ୍ରନାଥଙ୍କୁ ନିମାପଡ଼ାରେ ଶ୍ରଦ୍ଧାଞ୍ଜଳି




ଶହୀଦ ଭବନ ପଡ଼ିଆରେ ଲୋକେ ସୁରେନ୍ଦ୍ରନାଥଙ୍କ ମରଶରୀରରେ ପୁଷ୍ପଗୁଚ୍ଛ ପ୍ରଦାନ କରୁଛନ୍ତି।

ନିମାପଡ଼ା,୫।୭(ବିଚିତ୍ରାନନ୍ଦ ସାହୁ)

ମହାନ୍ ଜନନେତା ତଥା ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ରନାଥ ନାୟକଙ୍କ ଗୁରୁବାର ବିଳମ୍ବିତ ରାତିରେ ପରଲୋକ ଘଟିଛି। ତାଙ୍କ ମର ଶରୀର ନିମାପଡ଼ା ଶହୀଦ ଭବନଠାରେ ପହଞ୍ଚିବା ପରେ ବରିଷ୍ଠ ବିଜେଡି ନେତା ଦିଲୀପ ନାୟକ, ସୁବ୍ରତ ଛାଟୋଇ, କୁଞ୍ଜଲତା ସାମଲ, ଅକ୍ଷୟ ନାୟକ, ମାନସ ପ୍ରଧାନ, ପୂର୍ବତନ ବିଧାୟକ ବେଣୁଧର ସେଠୀ, ଭାଜପା ନେତା ଜୀବନାନନ୍ଦ ମହାପାତ୍ର, ପ୍ରଦୀପ୍ତ ଖଟୋଇ, ନିରଞ୍ଜନ ନାୟକ, ମୀନଳତା ମହାନ୍ତି, ପଞ୍ଚାୟତ ସମିତି ଅଧକ୍ଷ ଶଙ୍କର ଭୋଇ, ଏନ୍ଏସି ଉପାଧ୍ୟକ୍ଷ ସନ୍ତୋଷ ଦାଶ, ପୂର୍ବତନ କାଉନସିଲର ଅରୁଣ ପ୍ରସାଦ ଦାଶ, ଆଇନଜୀବୀ ବିଜୟ ପ୍ରଧାନ ପ୍ରମୁଖ ବିଭିନ୍ନ ରାଜନୈତିକ ଦଳର ଶତାଧିକ ନେତୃବୃନ୍ଦ ସ୍ୱର୍ଗତ ସୁରେନ୍ଦ୍ରଙ୍କ ପାଖରେ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି ଅବସରରେ କଲେଜଠାରେ ଏକ ଶୋକସଭା ଓ ନୀରବ ପ୍ରାର୍ଥନା କରାଯାଇ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।

# ସତ୍ୟବାଦୀ ବକୁଳବନ ମହୋତ୍ସବ କମିଟି ପକ୍ଷରୁ ବିଧାୟକଙ୍କୁ ସମ୍ବର୍ଦ୍ଧନା

ସାକ୍ଷୀଗୋପାଳ,୫।୭(ଭରତ ରାଉତ)



ନବନିର୍ବାଚିତ ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ରଙ୍କୁ ଶୁକ୍ରବାର ତାଙ୍କ ବାସଭବନରେ ସତ୍ୟବାଦୀ ବକୁଳ ବନ ମହୋତ୍ସବ କମିଟି ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ମହୋତ୍ସବ କମିଟି ସଭାପତି ସାଧୁଚରଣ ବେହେରା ଓ ସମ୍ପାଦକ ଯଯାତି କେଶରୀ ରାୟ, ବିଧାୟକ ମିଶ୍ରଙ୍କୁ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କମିଟି ପ୍ରତିଷ୍ଠାତା ସଚ୍ଚିକାନ୍ତ ବିଶ୍ୱାଳ, ସାମାଜିକ କର୍ମୀ ପବିତ୍ର ପରିଡ଼ା, ସଦସ୍ୟ ଦିବାକର ସାହୁ, ଧୀରଞ୍ଜନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଏହାସହ ସତ୍ୟବାଦୀ ନିର୍ବାଚନମଣ୍ଡଳୀର ବିଭିନ୍ନ ସମସ୍ୟା ଯେପରି ସ୍ୱାସ୍ଥ୍ୟସେବାରେ ଉନ୍ନତି, ଶିକ୍ଷା ବ୍ୟବସ୍ଥା, ଜଳସେଚନ, ରାସ୍ତାଘାଟ ଉନ୍ନତି ତଥା ଗମନାଗମନ ସୁବିଧା ଏବଂ ଚାଷୀ ଭାଇଙ୍କ ଉନ୍ନତି ପାଇଁ ପଦକ୍ଷେପ ନେବେ ବୋଲି ବିଧାୟକ ମିଶ୍ର କହିଥିଲେ।

# କୁଶଭଦ୍ରା ନଦୀରୁ ନିଖୋଜ ଯୁବକଙ୍କ ମୃତଦେହ ଜବତ

ସ୍ପଷ୍ଟ ହୋଇନି ମୃତ୍ୟୁର କାରଣ

ନିମାପଡ଼ା,୫।୭(ବିଚିତ୍ରାନନ୍ଦ ସାହୁ)

ସ୍ଥାନୀୟ କୁଶଭଦ୍ରା ନଦୀରୁ ପୋଲିସ ଶୁକ୍ରବାର ଜଣେ ନିଖୋଜ ଯୁବକଙ୍କ ମୃତଦେହ ଜବତ କରିଛି। ସେ ହେଲେ ନିମାପଡ଼ା ଥାନା ଅଧୀନ ବିଷ୍ଣୁପୁର ଦେଉଳି ସାହି ଗ୍ରାମର ସୌମ୍ୟରଞ୍ଜନ ଭୋଇ(୨୩)। ସୌମ୍ୟରଞ୍ଜନ ଗୁରୁବାର ସକାଳେ କୁଶଭଦ୍ରା ନଦୀକୁ ଶୌଚ ହେବାକୁ ଯାଇ ଘରକୁ ଫେରି ନ ଥିଲେ। ଏ ସମ୍ପର୍କରେ ସୌମ୍ୟରଞ୍ଜନଙ୍କ ବାପା ଥାନାରେ ନିଖୋଜ ଅଭିଯୋଗ କରିଥିଲେ। ସୌମ୍ୟରଞ୍ଜନ ନଦୀରେ ଭାସୁଥିବା ଦେଖି ପୋଲିସ ଦମକଳ ବାହିନୀ ସାହାଯ୍ୟରେ ତାଙ୍କୁ ଉଦ୍ଧାରକରି ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମେଡିକାଲରୁ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ଚାରିଛକ ମେଡିକାଲକୁ ପଠାଇଛି। ସୌମ୍ୟରଞ୍ଜନଙ୍କୁ କେହି ମାଡ଼ ମାରି ନଦୀରେ ଫିଙ୍ଗି ଦେଇଥିବା ତାଙ୍କ ବାପା କାଳନ୍ଦୀ ଭୋଇ ସନ୍ଦେହ କରି ଥାନାରେ ଆଉ ଏକ ଅଭିଯୋଗ କରିଥିଲେ। ପୋଲିସ ଏ ସମ୍ପର୍କରେ କେସ୍ ନଂ. ୧୩।୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

# ସଡ଼କ ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

କଣାସ,୫।୭(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ଅଞ୍ଚଳରେ ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି। ମୃତକ ହେଲେ କଣାସ ବ୍ଲକ ଅଧୀନ ତେଲେଙ୍ଗାପଡ଼ାର ନିରଞ୍ଜନ ପ୍ରଧାନ (୩୨) ଓ ଗୁରୁତର ଜଣଙ୍କ ହେଲେ ବଡାଲ ଗ୍ରାମର ସୁନୀଲ ପଲାଇ। ନିରଞ୍ଜନ ଓ ବଡାଲ ଗ୍ରାମର ସୁନୀଲ ପଲାଇ ବାଇକ୍ ଯୋଗେ କୁହୁଡି ଗ୍ରାମରୁ ବୁଧବାର ରାତିରେ ଫେରୁଥିବାବେଳେ ବେହେଣ୍ଟା ଛକ ନିକଟରେ ଏକ ମୃତ ଗାଈ ସହିତ ଧକ୍କା ଖାଇଥିଲେ। ଫଳରେ ଉଭୟେ ରାସ୍ତାରୁ ଛିଟିକି ପଡ଼ିଥିଲେ। ଏଥିରେ ନିରଞ୍ଜନଙ୍କ ମୃତ୍ୟୁ ହୋଇଥିଲା। ସୁନୀଲ ଗୁରୁତର ଅବସ୍ଥାରେ ଉଦ୍ଧାର ହୋଇ ଭୁବନେଶ୍ୱରରେ ଚିକିତ୍ସିତ ହେଉଛନ୍ତି। ଘଟଣାସ୍ଥଳରୁ ମୃତଦେହ ଜବତ କରାଯାଇ ବ୍ୟବଚ୍ଛେଦ କରାଯାଇଛି। ନିରଞ୍ଜନ ମାସେ ତଳେ ବିବାହ କରିଥିବାବେଳେ ପରିବାରରେ ଶୋକର ଛାୟା ଖେଳିଯାଇଛି। ମୃତକଙ୍କ ପରିବାର ନିକଟରେ ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର, ସରପଞ୍ଚ ଅଜୟ ପ୍ରଧାନ ପ୍ରମୁଖ ପହଞ୍ଚି ସମବେଦନା ଜଣାଇଛନ୍ତି।

# ରାତିକରେ ୫ ପରିବାରରୁ ଚୋରି

ଝିଅ ବାହାଘର ପାଇଁ ଥିବା ଟଙ୍କା, ସୁନାଗହଣା ଲୁଟିନେଲେ ଦୁର୍ବୃତ୍ତ

ଗୋପ,୫।୭(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ଥାନା ଅନ୍ତର୍ଗତ ବୀରତୁଙ୍ଗ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଗୁରୁବାର ରାତିରେ ୫ଟି ପରିବାରରୁ ଚୋରି ହୋଇଛି। ଏ ନେଇ ଥାନାରେ ପୃଥକ ଭାବେ ଅଭିଯୋଗ ହୋଇଛି। ବୀରତୁଙ୍ଗ ଗ୍ରାମର ନରହରି କାଣ୍ଡି ନିଜ ଏକମାତ୍ର ଝିଅର ବିବାହ ଲାଗି ସଞ୍ଚିତ କରି ରଖିଥିବା ସୁନା ଅଳଙ୍କାର ଓ ନଗଦ ଟଙ୍କାକୁ ଦୁର୍ବୃତ୍ତମାନେ ଚୋରି କରିନେଇଛନ୍ତି। ଏ ନେଇ ତାଙ୍କ ଅଭିଯୋଗ କ୍ରମେ ପୋଲିସ ଏକ କେସ୍ (ନଂ. ୨୦୮/୨୪) ରୁଜୁ କରିବା ସହ ପୁରୀରୁ ସାଇଣ୍ଟିଫିକ୍ ଟିମ୍ ନେଇ ତଦନ୍ତ କରି ଫେରିଛି। ପ୍ରକାଶ ଯେ, ଗୁରୁବାର ବିଳମ୍ବିତ ରାତ୍ରରେ ବୀରତୁଙ୍ଗ ପଞ୍ଚାୟତ ନାଇଟି ଗ୍ରାମର ଲିଙ୍ଗରାଜ ପ୍ରଧାନ, ଗଣେଶ୍ୱର ସେଠୀ, ବାନାମ୍ବର ପ୍ରଧାନ, ବୀରତୁଙ୍ଗ ଗ୍ରାମର ରାଜକିଶୋର ବିଶ୍ୱାଳ ଓ ନରହରି କାଣ୍ଡିଙ୍କ ଘରେ ଦୁର୍ବୃତ୍ତମାନେ ପଶି ସୁନା ଅଳଙ୍କାର ସହିତ ଲକ୍ଷାଧିକ ଟଙ୍କା ଚୋରି କରି ନେଇଛନ୍ତି। ଏ ନେଇ ଅଭିଯୋଗ କ୍ରମେ ପୋଲିସ ପୃଥକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲେ ମଧ୍ୟ କାହାରିକୁ ଗିରଫ କରିପାରିନାହିଁ। ଏ ନେଇ ଏସ୍ଆଇ ବିପ୍ଳବ କୁମାର ପ୍ରଧାନ କହିଛନ୍ତି, ତଦନ୍ତ ଚାଲିଛି। ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ। ଅନ୍ୟପକ୍ଷରେ ଦଦରା ଜିପ୍ ଯୋଗୁ ରାତିରେ ପାଟ୍ରୋଲିଂ ହେଉନାହିଁ। ଥାନାରେ ଆବଶ୍ୟକ ସଂଖ୍ୟକ କର୍ମଚାରୀ ନାହାନ୍ତି। ତେଣୁ ଗୋପ ଥାନା ଅଞ୍ଚଳରେ ଚୋରି, ଡକାୟତି, ହିଂସା ପ୍ରଭୃତି ଅସାମାଜିକ କାର୍ଯ୍ୟକଳାପ ବଢ଼ିଚାଲିଛି ବୋଲି ସାଧାରଣରେ ଆଲୋଚନା ହେଉଛି।

# ପ୍ରଦୀପ ମହାରଥୀଙ୍କ ଜୟନ୍ତୀ ପାଳିତ

ଡେଲାଙ୍ଗ,୫।୭(ରଶ୍ମିରଞ୍ଜନ ପ୍ରଧାନ)



ଡେଲାଙ୍ଗ ବ୍ଲକର କଲ୍ୟାଣପୁରସ୍ଥିତ ପ୍ରଦୀପ ମହାରଥୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଦିବଂଗତ ବିଧାୟକ ତଥା ମନ୍ତ୍ରୀ ପ୍ରଦୀପ ମହାରଥୀଙ୍କ ୬୯ତମ ଜୟନ୍ତୀ ଗୁରୁବାର ପାଳିତ ହୋଇଯାଇଛି। ଡେଲାଙ୍ଗ ବ୍ଲକ ଅଧ୍ୟକ୍ଷା ବାସନ୍ତୀ ସାହୁ, ଉପାଧ୍ୟକ୍ଷ ଦୁର୍ବାସା ନିଶଙ୍କ, ଜିଲା ପରିଷଦ ପ୍ରସନ୍ନ ସାହୁ, ସ୍ଥାନୀୟ ସରପଞ୍ଚ ଗୋବର୍ଦ୍ଧନ ସେଠୀ, ସମିତିସଭ୍ୟ ସୁଶାନ୍ତ ଦାସ ଓ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ସାମନ୍ତରାୟ ପ୍ରମୁଖ ଉପସ୍ଥିତ ରହି ବିଦ୍ୟାଳୟ ପରିସରରେ ଥିବା ମହାରଥୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ସାଧାରଣ ସଭାରେ ଅତିଥିମାନେ ଯୋଗଦେଇ ନିର୍ବାଚନମଣ୍ଡଳୀ ପାଇଁ ତାଙ୍କର ଥିବା ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ।

# ମୁଖ୍ୟମନ୍ତ୍ରୀଙ୍କୁ ଦୁଃଖ ଜଣାଇଲେ ସତ୍ୟବାଦୀ ବ୍ଲକ କୃଷିମିତ୍ର, ପ୍ରାଣୀମିତ୍ର

ସାକ୍ଷୀଗୋପାଳ,୫।୭(ଭରତ ରାଉତ)

ସତ୍ୟବାଦୀ ବ୍ଲକର କୃଷି ମିତ୍ର ଓ ପ୍ରାଣୀ ମିତ୍ର ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ତାଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ ପତ୍ର ଦିଆଯାଇଥିବା ଜଣାପଡ଼ିଛି। ଅଭିଯୋଗ ପତ୍ରରେ ସେମାନେ ଦାବି କରିଛନ୍ତି, ସତ୍ୟବାଦୀ ବ୍ଲକର କୃଷି ମିତ୍ର ଓ ପ୍ରାଣୀ ମିତ୍ର ପଦବୀ ପାଇଁ ଲିଖିତ ପରୀକ୍ଷା କରାଯାଇଥିଲା। ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଇଥିବା ପ୍ରାର୍ଥୀନୀଙ୍କୁ କାମରେ ନିୟୋଜିତ କରାଯାଇଥିଲା। ୨୦୨୦ଠାରୁ ସେମାନେ ପଞ୍ଚାୟତରେ ୩ ଜଣ କୃଷି ମିତ୍ର ନିୟୋଜିତ ହୋଇଥିବାବେଳେ ୨ ଜଣ ପ୍ରାଣୀ ମିତ୍ର ରହିଛନ୍ତି। ସେମାନଙ୍କୁ ସେମାନଙ୍କ ପାରିଶ୍ରମିକ ଦିଆଯାଉନାହିଁ ବୋଲି ସେମାନଙ୍କ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। କୃଷି ମିତ୍ର ଓ ପ୍ରାଣୀ ମିତ୍ର ସଂଘ ସମ୍ପାଦିକା ଜୟନ୍ତୀ ସ୍ୱାଇଁ ଓ ସଭାପତି ଜୟନ୍ତୀ ସେନାପତିଙ୍କ ସମେତ ସଂଘ ସଂଯୋଜକ ପ୍ରଶାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ସବ୍‌ସିଡି ଟଙ୍କା ହଡ଼ପ ଅଭିଯୋଗ: ତଦନ୍ତ ଦାବି

ନିମାପଡ଼ା, ୫।୭(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ବ୍ଲକ ଅଧୀନ ଡେଣ୍ଟୁଅଁ ପଞ୍ଚାୟତ ଆଳିପିଙ୍ଗଳ ଗ୍ରାମର ମହାବୀର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ କୁକୁଡ଼ା ଫାର୍ମ ଋଣ ବାବଦରେ ୩ ଲକ୍ଷ ୬୦ ହଜାର ଋଣ ମିଳିନାହିଁ। ମାତ୍ର ଋଣ ଟଙ୍କା ନ ମିଳି ଟଙ୍କା ସଂକ୍ରାନ୍ତରେ ୧ ଲକ୍ଷ ୪୪ ହଜାର ଟଙ୍କା ସବ୍‌ସିଡି ଆସିଥିବା ଗ୍ରୁପର ସଦସ୍ୟମାନେ ଆର୍‌ଟିଆଇ ତଥ୍ୟରୁ ଜାଣିବାକୁ ପାଇଛନ୍ତି। ଋଣ ନ ମିଳି କିପରି ସବ୍‌ସିଡି ଟଙ୍କା ଆସିଲା ତାହା ବିଭିନ୍ନ ମହଲରେ ଘୋର ଆଲୋଡନ ସୃଷ୍ଟି କରିଛି। ଏହି ୧ ଲକ୍ଷ ୪୪ ହଜାର ଟଙ୍କାକୁ ଗ୍ରୁପର ସମ୍ପାଦିକା ସାବିତ୍ରୀ କର ଓ ସିଆର୍‌ପି ରଞ୍ଜୁଲତା ନାୟକ ଚକ୍ରାନ୍ତ କରି ହଡ଼ପ କରିଥିବା ଗ୍ରୁପ ସଭାପତି ସବିତା ତିଆଡ଼ି, ସଦସ୍ୟା ବାସନ୍ତୀ ରଥ, କବିତା ରଥ, କିରଣବାଳା ତ୍ରିପାଠୀ ପ୍ରମୁଖ ଅଭିଯୋଗ କରିଛନ୍ତି। ଗ୍ରୁପ ସଦସ୍ୟାଙ୍କୁ ସବ୍‌ସିଡି ଟଙ୍କା ପ୍ରଦାନ କରା ନ ଯାଇ ଏହି ଅର୍ଥକୁ ତୋସରପାତ କରାଯାଇଥିବା ମହିଳାମାନେ ଅଭିଯୋଗ କରିଛନ୍ତି। ଏହି ଅର୍ଥ ହଡ଼ପ ଘଟଣାର ତୁରନ୍ତ ନିରପେକ୍ଷ ତଦନ୍ତ କରାଯିବା ସହ ଅର୍ଥ ହଡ଼ପକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଗ୍ରୁପ ସଦସ୍ୟା ଦାବି କରିଛନ୍ତି। ଏ ସମ୍ପର୍କରେ ସଦସ୍ୟା ମିଶନ ଶକ୍ତି ବିଭାଗ ମନ୍ତ୍ରୀ ପ୍ରଭାତୀ ପରିଡ଼ା, ବିଡିଓ ଭୁବନାନନ୍ଦ ପଟ୍ଟନାୟକ, ନିମାପଡ଼ା ଥାନା ଭାରପ୍ରାପ୍ତ ଅଧିକାରୀ, ନିମାପଡ଼ା ସିଡିପିଓଙ୍କ କାର୍ଯ୍ୟାଳୟର ବ୍ଲକ ପ୍ରୋଜେକ୍ଟ କୋଅର୍ଡିନେଟରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଆସନ୍ତା ୧ ସପ୍ତାହ ମଧ୍ୟରେ ଏହି ଘଟଣାର ତଦନ୍ତ କରାଯାଇ ପଦକ୍ଷେପ ଗ୍ରହଣ କରା ନ ଗଲେ ଗ୍ରୁପ ସଦସ୍ୟା ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଗ୍ରୁପ ସମ୍ପାଦିକା କରଙ୍କୁ ପଚାରିବାରେ, ଗ୍ରୁପ ସଦସ୍ୟାଙ୍କୁ ମାତ୍ର ୧୫ ହଜାର ଟଙ୍କା ପ୍ରଦାନ କରାଯାଇଥିବାବେଳେ ଅବଶିଷ୍ଟ ଅର୍ଥକୁ ହଡ଼ପ କରାଯାଇଥିବା ସେ କହିଛନ୍ତି। ଏନେଇ ସିଆର୍‌ପି ନାୟକଙ୍କୁ ପଚାରିବାରେ, ସେ ଏ ବାବଦରେ କିଛି କହିପାରିବେ ନାହିଁ ବୋଲି କହିଥିଲେ।

# ଆଳୁ ଗୋଦାମରୁ ଚୋରି

ଯୋଗେଶ୍ୱରପୁର,୫।୭(ରଶ୍ମିରଞ୍ଜନ ସାହୁ)

ନୟାହାଟ ବଜାର ପରିବା ମାର୍କେଟ ସଭାପତି କେଦାର ସାହୁଙ୍କ ଆଳୁ ଗୋଦାମରୁ ବୁଧବାର ବିଳମ୍ବିତ ରାତ୍ରିରେ ଲୁହା କବାଟ ତାଲା ଭାଙ୍ଗି ୫ ବସ୍ତା ଆଳୁ ଚୋରି ହୋଇଯାଇଛି। ଏହାର ମୂଲ୍ୟ ୭୫୦୦ ଟଙ୍କା ହେବ। ଏ ସମ୍ପର୍କରେ କେଦାର ନୟାହାଟ ଫାଣ୍ଡିରେ ଶୁକ୍ରବାର ଅଭିଯୋଗ କରିଛନ୍ତି। ଉକ୍ତ ଗୋଦାମରୁ ଗତ ମାସକ ତଳେ ୧୫ ହଜାର ଟଙ୍କାର ଆଳୁ ଚୋରି ହୋଇଥିଲା। ଘଟଣାର ପୋଲିସ ତଦନ୍ତ କରିଥିଲାବେଳେ ଅଦ୍ୟାବଧି ଏ ପର୍ଯ୍ୟନ୍ତ କାହାକୁ ଗିରଫ କରିନାହିଁ। ବହୁ ମାତ୍ରାରେ ଧଳା ଜହର, ନିଶା ଟାବଲେଟ ଖାଇବା ଓ ବିକ୍ରି ଦ୍ୱାରା ଏହିପରି ଚୋରି ଘଟଣା ହେଉଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଏ ଦିଗରେ ପୁରୀ ଏସ୍‌ପି ପିନାକ ମିଶ୍ର ଦୃଷ୍ଟି ଦେବାକୁ ଦାବି ହୋଇଛି।

# ୨୦ ବାଲି, ପଥର ବୋଝେଇ ଗାଡ଼ି ଜବତ

ମାଇନିଂ ବିଭାଗ ପକ୍ଷରୁ ଚଢ଼ାଉ

ନିମାପଡ଼ା,୫।୭(ବିଚିତ୍ରାନନ୍ଦ ସାହୁ)




ଜବତ ଗାଡ଼ି ।

ନିମାପଡ଼ା ଥାନା ଅଧୀନ ଖେଲାର ଛକଠାରେ ଶୁକ୍ରବାର ପୁରୀ ଜିଲା ମାଇନିଂ ବିଭାଗ ଚଢ଼ାଉ କରି ୧୯ଟି ବାଲି ବୋଝେଇ ହାଇୱା, ଗୋଟିଏ ପଥର ବୋଝେଇ ଟ୍ରକ ଜବତ କରିଛି। ବାଲି, ପଥର ଆଦି ଖଣିଜ ସମ୍ପଦର ପରିବହନ ପାଇଁ ଠିକ୍ କାଗଜପତ୍ର, ଆବଶ୍ୟକ ଫର୍ମ ନ ଥାଇ ବେଆଇନ ଭାବେ ବାଲି, ପଥର ଆଦି ଖଣିଜ ସମ୍ପଦ ପରିବହନ କରୁଥିବା ଅଭିଯୋଗରେ ଏହି ଗାଡ଼ିଗୁଡ଼ିକ ଜବତ କରାଯାଇଥିବା ମାଇନିଂ ବିଭାଗ ଅଧିକାରୀଙ୍କଠାରୁ ଜଣାପଡ଼ିଛି। ଆବଶ୍ୟକ କାଗଜପତ୍ର ନ ଥାଇ ଦୈନିକ ବହୁ ପରିମାଣର ଟ୍ରକ୍, ହାଇୱା ବେଆଇନ ଭାବେ ବାଲି, ମୋରମ ପରିବହନ କରୁଥିବା ଦେଖାଯାଉଛି। ଏହି ଗାଡ଼ିକୁ ଜବତ କରିବା ସହ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭିନ୍ନ ମହଲରୁ ମାଇନିଂ ବିଭାଗ ଅଧିକାରୀଙ୍କ ନିକଟରେ ଦାବି ହେଉଛି।

## ଶୃଙ୍ଖଳିତ ଭାବେ ରଥଟଣା ପାଇଁ ମକ୍‌ଡ୍ରିଲ୍

**ପୁରୀ,୫।୭(ଅଜିତ୍ କୁମାର ମହାନ୍ତି)**

ଆସନ୍ତା ୭ତାରିଖରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା। ଶୃଙ୍ଖଳିତ ରଥଯାତ୍ରା ପାଇଁ ଶୁକ୍ରବାର ପୋଲିସ ପକ୍ଷରୁ ରଥଟଣା ସମେତ ଭିଡ଼ ନିୟନ୍ତ୍ରଣ ଓ ଆଇନ ଶୃଙ୍ଖଳା ରକ୍ଷା ନେଇ ମକ୍‌ଡ୍ରିଲ୍ କରାଯାଇଛି। ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ସଞ୍ଜୟ କୁମାରଙ୍କ ନେତୃତ୍ୱରେ ତିନୋଟି ରଥରେ ନିଯୁକ୍ତ ପୋଲିସ ଓ ମାଜିଷ୍ଟ୍ରେଟ ଏବଂ ପୋଲିସ କର୍ମଚାରୀଙ୍କ ଉପସ୍ଥିତିରେ ରଥଟଣା ମକ୍‌ଡ୍ରିଲ୍ ହୋଇଥିଲା। ଘୋଷଯାତ୍ରା ଦିନ ଶୃଙ୍ଖଳିତ ଭାବେ ରଥଟଣା ଶେଷ କରିବାକୁ ସଞ୍ଜୟ କୁମାର ପରାମର୍ଶ ଦେଇଛନ୍ତି। ଘୋଷଯାତ୍ରାରେ ଲକ୍ଷାଧିକ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ଓ ରଥଟଣାକୁ ଶୃଙ୍ଖଳିତ କରିବା ପାଇଁ ରିଜର୍ଭ ପୋଲିସ ଲାଇନ ପଡ଼ିଆରେ ମକ୍‌ଡ୍ରିଲ ଏବଂ ଅଭ୍ୟାସ କରାଯାଇଛି। ଭିଡ଼ ଭିତରେ ୩ ରଥ କିଭଳି ଟଣାଯିବ, ଇନର ଓ ଆଉଟଡୋର କର୍ଡନ କିଭଳି ରହିବ ଏବଂ ମାଜିଷ୍ଟ୍ରେଟଙ୍କ ଦ୍ୱାରା ରଥ କିଭଳି ନିୟନ୍ତ୍ରଣ କରାଯିବ, ସେ ନେଇ ଅଭ୍ୟାସ ଓ ପ୍ରଶିକ୍ଷଣ କରାଯାଇଥିଲା। ଏଥିରେ ମାଜିଷ୍ଟ୍ରେଟ, ପୋଲିସ, ଏସ୍‌ଓଜି ଯବାନ୍, ଆରଏଏଫ ଅଧିକାରୀ ଓ କର୍ମଚାରୀ ସାମିଲ ହୋଇଥିଲେ। ଚଳିତ ବର୍ଷ ରଥଯାତ୍ରାରେ ୧୮୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯିବ। ବମ୍ ସ୍କ୍ୱାଡ୍, ଡଗ୍ ସ୍କ୍ୱାଡ୍ ସହ ସିସିଟିଭି ସର୍ଭେଲାନ୍ସ ବ୍ୟବସ୍ଥା କରାଯାଇଛି।



ଘୋଷଯାତ୍ରା ସୁପରିଚାଳନା ପାଇଁ ପୋଲିସ ପକ୍ଷରୁ ଶୁକ୍ରବାର ପୁରୀ ରିଜର୍ଭ ପୋଲିସ ଲାଇନ ପଡ଼ିଆରେ ମକ୍‌ଡ୍ରିଲ କରାଯାଉଛି । (ଫଟୋ-ଯଜ୍ଞେଶ୍ୱର ମହାନ୍ତି)

### ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୫।୭।୨୦୨୪

| ୧,୧୬,୯୨୭ ଟଙ୍କା | |
|---|---|
| ସୁନା | ମିଳିନାହିଁ |
| ରୁପା | ୪୪.୫୦୦ ଗ୍ରାମ୍ |

## ଆପ୍‌ରେ ମିଳିବ ରଥଯାତ୍ରା ସୂଚନା

**ପୁରୀ,୫।୭(ଅଜିତ୍ କୁମାର ମହାନ୍ତି)**

**ଇଣ୍ଟିଗ୍ରେଟେଡ୍ ସିଟି ଆପ୍ ପ୍ରସ୍ତୁତ ପାଇଁ ଯୋଜନା ହେଉଛି: ଜିଲାପାଳ**

ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଦେଖିବା ପାଇଁ ପୁରୀ ଆସୁଥିବା ଶ୍ରଦ୍ଧାଳୁ, ତୀର୍ଥଯାତ୍ରୀ ଓ ପର୍ଯ୍ୟଟକଙ୍କୁ ଅଧିକ ତଥ୍ୟ ସହଜରେ ଉପଲବ୍ଧ କରାଇବା ପାଇଁ 'ରଥଯାତ୍ରା-୨୦୨୪' ନାମକ ମୋବାଇଲ ଆପ୍ ଲଞ୍ଚ୍ କରାଯାଇଛି। ଏହି ଆପ୍ ଡାଉନ୍‌ଲୋଡ୍ କଲେ ଦର୍ଶନାର୍ଥୀ ଓ ପର୍ଯ୍ୟଟକ ନିଜ ନିକଟରେ ଥିବା ପିଇବା ପାଣି ବ୍ୟବସ୍ଥା, ସ୍ୱାସ୍ଥ୍ୟକେନ୍ଦ୍ର, ମାଗଣା ଖାଦ୍ୟବଣ୍ଟନ ସ୍ଥଳୀ, ପୋଲିସ ସେବାକେନ୍ଦ୍ର, ଶିଶୁ ଡେସ୍କ ହେଲ୍ପ ଲାଇନ, ସୂଚନା କେନ୍ଦ୍ର, ଅସ୍ଥାୟୀ ରହଣି ଶିବିର, ଭିନ୍ନକ୍ଷମଙ୍କ ପାଇଁ ରଥ ପହଞ୍ଚିପାରିବେ। 'ରଥଯାତ୍ରା-୨୦୨୪' ନାମକ ଏହି ଆପ୍‌କୁ ସ୍ୱତନ୍ତ୍ର କ୍ୟୁଆର୍ କୋଡ୍ ମାଧ୍ୟମରେ ସମସ୍ତ ଆଣ୍ଡ୍ରଏଡ୍ ସେଟ୍‌ରେ ଡାଉନ୍‌ଲୋଡ୍ କରିହେବ। ରଥଯାତ୍ରାଠାରୁ ନୀଳାଦ୍ରିବିଜେ ମଧ୍ୟରେ ଅନ୍ୟ ସବୁ ଆବଶ୍ୟକ ସୂଚନାଗୁଡ଼ିକୁ ଆବଶ୍ୟକତା ଅନୁଯାୟୀ ଏହି ଆପ୍‌ରେ ସଂଯୁକ୍ତ କରାଯିବ। ପରୀକ୍ଷାମୂଳକ ଭାବେ ପ୍ରଥମ ଥର ପାଇଁ ପୁରୀ ଜିଲା ପ୍ରଶାସନ ତରଫରୁ ଏଭଳି ପ୍ରୟାସ ଆରମ୍ଭ କରାଯାଇଛି।




ଦର୍ଶନ ହୁଇଲ୍ ଚେୟାର ବ୍ୟବସ୍ଥା, ଲାଇଫ ଗାର୍ଡ ସେବା, କଣ୍ଟ୍ରୋଲ ରୁମ୍, ହୋଟେଲ, ରେଷ୍ଟୁରାଣ୍ଟ, ପାର୍କିଂ ସ୍ଥାନ ଇତ୍ୟାଦି ବିଷୟରେ ସୂଚନା ପାଇପାରିବେ। ଏଥିସହ ସହର ମଧ୍ୟରେ ଥିବା ଦେବସ୍ଥଳୀ ସମ୍ପର୍କରେ ମଧ୍ୟ ଜାଣିପାରିବେ। ନାଭିଗେଶନ ମାଧ୍ୟମରେ ସହଜରେ ସେ ସ୍ଥାନରେ ମଧ୍ୟ ରଥଯାତ୍ରାର ଭିଡ଼ ଭିତରେ ଲୋକମାନଙ୍କୁ ଏହି ଆପ୍ ନିଶ୍ଚିତ ସୂଚନା ଦେବାରେ ସହାୟକ ହେବ ବୋଲି ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି। ଆଗକୁ ପୁରୀ ସହର ପାଇଁ ଏକ ଇଣ୍ଟିଗ୍ରେଟେଡ୍ ସିଟି ଆପ୍ ପ୍ରସ୍ତୁତ ସକାଶେ ଯୋଜନା କରାଯାଉଛି ବୋଲି ଜିଲାପାଳ ସୂଚନା ଦେଇଛନ୍ତି।

## ଆଜି ରଥଖଳାରୁ ଶ୍ରୀମନ୍ଦିର ପାଖକୁ ଟଣାଯିବ ୩ ରଥ

**ପଟିଦିଅଁଙ୍କଠାରୁ ଆଜ୍ଞାମାଳ ବିଜେ ହେବ**

**ପୁରୀ, ୫।୭(ଅଜିତ୍ କୁମାର ମହାନ୍ତି)**



ଦିନକ ପରେ ଅର୍ଥାତ ରବିବାର ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ତେଣୁ ପରମ୍ପରା ଅନୁଯାୟୀ, ଶନିବାର ରଥଖଳାରୁ ଶ୍ରୀମନ୍ଦିର ନିକଟକୁ ତିନିରଥ ଟଣାହେବ। ଶ୍ରୀମନ୍ଦିରରେ ସକାଳ ଧୂପ ଶେଷ ହେବା ପରେ ପାଳିଆ ପୂଜାପଣ୍ଡା ସାମନ୍ତ ତିନିବାଡ଼ରୁ ୩ଟି ଆଜ୍ଞାମାଳ ଆଣି ଘଣ୍ଟ, ଛତା, କାହାଳୀ ସହ ରଥଖଳା ନିକଟକୁ ବିଜେ କରିବେ। ତେବେ ଚଳିତବର୍ଷ ତିଥି କ୍ଷୟ ଯୋଗୁ ଶ୍ରୀଗୁଣ୍ଡିଚା ଦିନ ଶ୍ରୀବିଗ୍ରହଙ୍କ ନବଯୌବନ ଓ ନେତ୍ର ଉତ୍ସବ ଅନୁଷ୍ଠିତ ହେବ। ତେଣୁ ଶ୍ରୀବିଗ୍ରହଙ୍କଠାରୁ ରଥଖଳାକୁ ଆଜ୍ଞାମାଳ ଆସିବ ନାହିଁ। ପୂଜାପଣ୍ଡା ସାମନ୍ତ ପଟିଦିଅଁଙ୍କ ନିକଟରୁ ଆଜ୍ଞାମାଳ ଆଣି ରଥତ୍ରୟ ନିକଟକୁ ବିଜେ କରାଇବେ। ପରମ୍ପରା ଅନୁଯାୟୀ, ପ୍ରଥମେ ପ୍ରଭୁ ବଳଭଦ୍ରଙ୍କ ତାଳଧ୍ୱଜ ରଥରେ ଆଜ୍ଞାମାଳ ପ୍ରଦାନ କରାଯିବ। ପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ଏବଂ ଶେଷରେ ମା' ସୁଭଦ୍ରାଙ୍କ ଦର୍ପଦଳନ ରଥରେ ଆଜ୍ଞାମାଳ ଦିଆଯିବ। ଭୋଇସେବକମାନେ ତେଲ ଦେଇ ରଥରେ ଦଉଡ଼ି ସଂଯୋଗ କରିବେ। ତାଳଧ୍ୱଜ ରଥରେ ବିଜେ କାହାଳୀ ବାଜିବା ପରେ ତିନିରଥ ଶ୍ରୀମନ୍ଦିର ନିକଟକୁ ଟଣାଯିବ। ପରମ୍ପରା ଅନୁସାରେ ପ୍ରଥମେ ନନ୍ଦିଘୋଷ ରଥର ଦକ୍ଷିଣ ମୋଡ଼ କରାଯିବ। ପରେ ଦର୍ପଦଳନ ଓ ଶେଷରେ ତାଳଧ୍ୱଜ ରଥକୁ ଟଣାଯାଇ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ପହଞ୍ଚାଯିବ। ପୋଲିସ ବାହିନୀ ସହାୟତାରେ ତିନିରଥକୁ ଟଣାଯାଇ ସିଂହଦ୍ୱାର ସମ୍ମୁଖକୁ ନିଆଯିବ।

## ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ଚାରିଛକ,୫।୭(ଶିଶିର ସ୍ୱାଇଁ)**

ନିମାପଡ଼ା ବ୍ଲକ ତୁଳସୀପୁର ଗ୍ରାମର ମା' କନକ ଦୁର୍ଗା ମନ୍ଦିର ପରିସରରେ ଗୁରୁବାର ଏକ ନବ ନିର୍ମିତ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ହୋଇଯାଇଛି। ଗ୍ରାମର ଗବେଷକ, ଲେଖକ ଲକ୍ଷ୍ମୀଧର ସାହୁଙ୍କ ଆର୍ଥିକ ଅନୁଦାନ ସହାୟତାରେ ଉକ୍ତ ମନ୍ଦିରର ନିର୍ମାଣ କାର୍ଯ୍ୟ ହୋଇଥିଲା। ଉତ୍ସବରେ କର୍ତ୍ତା ଭାବେ ଗ୍ରାମ କମିଟି ସଭାପତି ବନବିହାରୀ ଦାଶ ଯୋଗ ଦେଇଥିଲେ। ପୁରୋହିତ ଭାବେ ଦିଲୀପ ମିଶ୍ର ପୂଜାନୀତି କରିଥିଲେ। ସୂଚନାଯୋଗ୍ୟ, ଉକ୍ତ ଗ୍ରାମରେ କାହିଁ କେଉଁ କାଳରୁ ରଥଯାତ୍ରା ଅନୁଷ୍ଠିତ ହୋଇଆସୁଛି। ପ୍ରାଚୀ ଉପତ୍ୟକାରେ ପୂଜା ପାଇ ଆସୁଥିବା ଶ୍ରୀଗୁରୁଦେବ ଏହି ଗ୍ରାମକୁ ଆସି ରଥଯାତ୍ରାରେ ଭାଗ ନେଇଥାନ୍ତି। ଗ୍ରାମରେ ଶ୍ରୀଗୁଣ୍ଡିଚା ମନ୍ଦିର ନ ଥିବାରୁ ଶ୍ରୀଗୁରୁଦେବ ଆସି ମା' କନକ ଦୁର୍ଗା ମନ୍ଦିରରେ ଉପବେଶନ କରିଥାନ୍ତି। ଏଠାରେ ନୂଆ ଭାବେ ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣ ହେବାରୁ ଏବେ ଶ୍ରୀଗୁରୁଦେବ ଶ୍ରୀଗୁଣ୍ଡିଚାଠାରୁ ବାହୁଡ଼ା ଯାତ୍ରା ପର୍ଯ୍ୟନ୍ତ ଏହି ମନ୍ଦିରରେ ଉପବେଶନ ହୋଇ ଭକ୍ତଙ୍କୁ ଦର୍ଶନ ଦେବେ ବୋଲି ଗ୍ରାମ କମିଟି ସଭାପତି ବନବିହାରୀ ଦାଶ କହିଛନ୍ତି।

### ରଥଖଳାରୁ...

## ୩ ରଥରେ ପିତ୍ତଳ ସାମଗ୍ରୀ ଲାଗିଲା



**ପୁରୀ,୫।୭(ଅଜିତ୍ କୁମାର ମହାନ୍ତି)**

ଆଉ ଦିନକ ପରେ ମହାପ୍ରଭୁଙ୍କ ଘୋଷଯାତ୍ରା। ଏଥିପାଇଁ ତିନିରଥର ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଗୁରୁବାର ରଥର ପାର୍ଶ୍ୱ ଦେବଦେବୀ ସଂସ୍ଥାପିତ ହେବା ସହ ପ୍ରଭାରେ ଖୋଦେଇ ରୂପରେ ରଙ୍ଗ ଚିତ୍ର କାର୍ଯ୍ୟ ଆରମ୍ଭ ହୋଇଥିଲା। ରଥବେଦି ଚାରିପାର୍ଶ୍ୱରେ ଗାଇଗୋଠ ଚିତ୍ର, ଘୋଡ଼ା, ସାରଥିଙ୍କ ରଙ୍ଗ କାର୍ଯ୍ୟ ଜାରି ରହିଥିଲା। ଶୁକ୍ରବାର ତିନିରଥର ପ୍ରଭାରେ ରୂପକାର ସେବକମାନେ ଖୋଦେଇ କରିଥିବା ରାହୁ ବା କ୍ରିତିମୁଖ ସମେତ ତାଳଧ୍ୱଜ ରଥ ପ୍ରଭା ମଧ୍ୟଭାଗରେ ପଦ୍ମକଢ଼ି, ଶିବ, ନାରଦଙ୍କ ଚିତ୍ର, ଦେବୀ ରଥ ପ୍ରଭା ମଧ୍ୟଭାଗରେ ପଦ୍ମକଢ଼ି ଓ ଗଙ୍ଗା ଯମୁନାଙ୍କ ଚିତ୍ର, ନନ୍ଦିଘୋଷ ରଥ ପ୍ରଭା ମଧ୍ୟଭାଗରେ ପଦ୍ମକଢ଼ି ସହ ଦୁଇପାର୍ଶ୍ୱରେ ଇନ୍ଦ୍ର, ବ୍ରହ୍ମାଙ୍କ ରଙ୍ଗ ଚିତ୍ର କାର୍ଯ୍ୟ ଚିତ୍ରକର ସେବକମାନେ ଶେଷ କରିଛନ୍ତି। ପିତ୍ତଳ କଳସ ଓ ରଥ ବାହ୍ୟ ଅଂଶରେ ରଙ୍ଗ କାର୍ଯ୍ୟ ସରି ଘୋଡ଼ା, ସାରଥିଙ୍କ ରଙ୍ଗ କାର୍ଯ୍ୟ ଚାଲିଛି। ମହାରଣା ସେବକ ଓ ଭୋଇ ସେବକମାନେ ତିନିରଥରେ ଠେକେରା ବାଡ଼ ବୁଲାଇବା ସହ ସେଥିରେ ସଖୀ ଫିଟିଙ୍ଗ ଶେଷ କରିଛନ୍ତି। ରଥର ବିଜେ ଚକା ତ୍ରୟରେ ମହାରଣା ସେବକମାନେ ବିନ୍ଧ ସହ ତିନୋଟି ଲେଖାଏ କାଠଖିଲ ନିର୍ମାଣ ଶେଷ କରିଛନ୍ତି। ତିନି ରଥ ସିଂହଦ୍ୱାରକୁ ଯିବା ପରେ ବିଜେଚକା ବେଦି ସିଂହାସନରେ ସଂଯୋଗ ହେବ। ପିତ୍ତଳ ସଜ କାରିଗରମାନେ ରଥବେଦି ସିଂହାସନ ଉପର କନକମୁଣ୍ଡିରେ ପିତ୍ତଳ ଚଦର ଆବରଣ ଫିଟିଙ୍ଗ କାର୍ଯ୍ୟ ଶେଷ କରିଛନ୍ତି। ଶ୍ରୀବିଗ୍ରହମାନଙ୍କ ପହଣ୍ଡି ଲୁଗା ସିଲାଇ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। କୋଠ ସୁଆଁସିଆ ସେବକମାନେ ଦୁଆରବେଢ଼ା ଓ ଚନ୍ଦ୍ରଶାଳୀରେ ପିତ୍ତଳ ସଜ ଫିଟିଙ୍ଗ ଶେଷ କରି ପୋଟଳ ଏବଂ ବତା ଆବରଣ କନା ପକା କାର୍ଯ୍ୟ ଜାରି ରଖିଛନ୍ତି। ଦୋଳବେଦି ଅସ୍ଥାୟୀ କମାରଶାଳରେ ଓଝା ସେବକମାନେ ରଥରେ କନାପକା କାର୍ଯ୍ୟ ପାଇଁ ହାତୁଡ଼ି, ଛୁରି ନିର୍ମାଣ କରି ଯୋଗାଇ ଦେଇଛନ୍ତି।

## ରଥଯାତ୍ରାରେ ଭିଡ଼ ନିୟନ୍ତ୍ରଣ କରିବ ଅତ୍ୟାଧୁନିକ ଏଆଇ ଡ୍ରୋନ୍

**ପୁରୀ,୫।୭(ଅଜିତ୍ କୁମାର ମହାନ୍ତି)**

**ପ୍ରଥମଥର ପାଇଁ ଓଡ଼ିଶାରେ ବ୍ୟବହାର ହେବ**

ଆସନ୍ତା ୭ ତାରିଖରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା। ଏହାକୁ ଶୃଙ୍ଖଳିତ କରିବା ନିମନ୍ତେ ପ୍ରଶାସନ ଓ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଚଳିତବର୍ଷ ଟ୍ରାଫିକ୍ ଓ ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ଡ୍ରୋନ୍ ବ୍ୟବହାର କରାଯିବ। ଏହି ଅତ୍ୟାଧୁନିକ ଏଆଇ ଟେକ୍ନୋଲୋଜିର ହାଇଟେକ୍ ଡ୍ରୋନ ରଥଯାତ୍ରା ସମୟରେ ଟ୍ରାଫିକ ନିୟନ୍ତ୍ରଣ କରିବା ସହ ଭିଡ଼ ଉପରେ ନଜର ରଖିବ। ଓଡ଼ିଶାରେ ପ୍ରଥମଥର ପାଇଁ ଟ୍ରାଫିକ ଓ ଜନଗହଳି ନିୟନ୍ତ୍ରଣ ସକାଶେ ଅତ୍ୟାଧୁନିକ ଏଆଇ ଡ୍ରୋନ୍ ବ୍ୟବହାର କରିବ ପୋଲିସ୍। ଶୁକ୍ରବାର ପୁରୀ ପୋଲିସ୍ ରିଜର୍ଭ ଗ୍ରାଉଣ୍ଡରେ ଏହି ଅତ୍ୟାଧୁନିକ ଏଆଇ ଡ୍ରୋନ୍‌କୁ ପ୍ରଦର୍ଶନ କରାଯାଇଛି।

ଏହାକୁ ଯୋଗାଇ ଦେଇଥିବା ସଂସ୍ଥାର ମୁଖ୍ୟ ବୋଧିସତ୍ତ୍ୱ ସଂଘପ୍ରିୟ କହିଛନ୍ତି, ଚଳିତ ବର୍ଷ ରଥଯାତ୍ରାରେ ଅତ୍ୟାଧୁନିକ ଉପାୟରେ ଜନଗହଳି ଓ ଟ୍ରାଫିକ ନିୟନ୍ତ୍ରଣ କରାଯିବ। ଯେଉଁ ସ୍ଥାନରେ ଗହଳି ହେବ ଏହି ଏଆଇ ଡ୍ରୋନ ତୁରନ୍ତ ସେହି ସ୍ଥାନକୁ ଯିବ। ଡ୍ରୋନରେ ସ୍ପିକର ଲଗାଯାଇଛି। ସ୍ପିକର୍ ଜରିଆରେ ଲୋକଙ୍କୁ ସଚେତନ କରାଯିବ। ଭିଡ଼ ହୋଇଥିଲେ କେଉଁ ଦିଗରେ ଲୋକେ ଯିବେ ସେ ନେଇ ସଚେତନ କରାଯିବ। ଏହାଦ୍ୱାରା ଭିଡ଼ସ୍ଥଳରେ ପୋଲିସ ପହଞ୍ଚିବାରେ ଯେଉଁ ଅସୁବିଧା ହେଉଛି ତାହା ହ୍ରାସ ପାଇପାରିବ। ପୁରୀ ସହରରେ ୧୦ଟି ଡ୍ରୋନ୍‌ର ବ୍ୟବସ୍ଥା ହୋଇଛି। ଆବଶ୍ୟକ ହେଲେ ଅଧିକ ବ୍ୟବହାର କରାଯିବ। ଏହା ବର୍ଷାରେ ମଧ୍ୟ କାମ କରିପାରିବ। ଏହି ଡ୍ରୋନରେ ଅତ୍ୟାଧୁନିକ କ୍ୟାମେରା ସହିତ ଏଆଇ ସଫ୍ଟୱେୟାର ଲୋଡ୍ ହୋଇଛି। ଏଣୁ ଜନଗହଳି ହେଲେ ଏହା ଏକସଙ୍ଗେ କଣ୍ଟ୍ରୋଲ ରୁମ୍‌କୁ ବାର୍ତ୍ତା ଦେବା ସହ ଭିଡ଼ ଜାଗାକୁ ଯାଇ ଲୋକଙ୍କୁ ଲାଗିଥିବା ସ୍ପିକରରେ ବାର୍ତ୍ତା ଦେଇପାରିବ। ୨୫ରୁ ୩୦ ମିନିଟ ପର୍ଯ୍ୟନ୍ତ ଏହା ଉଡ଼ିପାରିବ। ସୁରକ୍ଷା ଦୃଷ୍ଟିରୁ ୩୦ ମିଟର ଉଚ୍ଚରେ ଏହି ଡ୍ରୋନ୍ ଉଡ଼ିବ। ଓଡ଼ିଶାରେ ଏହା ପ୍ରଥମଥର ପାଇଁ ବ୍ୟବହାର ହେବାକୁ ଯାଉଛି। ଏହା ସଫଳ ହେବ ବୋଲି ଓଡ଼ିଶା ପୋଲିସ ଆଶା ରଖିଛି।



ରଥ ପ୍ରଭାକୁ ରଙ୍ଗ କରାଯାଉଛି ।

## ରାଜନଅରକୁ ଖଡ଼ିପ୍ରସାଦ ବିଜେ

**ପୁରୀ,୫।୭(ଅଜିତ୍ କୁମାର ମହାନ୍ତି)**

ଆଷାଢ଼ ମାସ ଅମାବାସ୍ୟା ତିଥିରେ ଶୁକ୍ରବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବନକଲାଗି ନୀତି ସହ ଶ୍ରୀନଅରକୁ ଖଡ଼ିପ୍ରସାଦ ବିଜେ ନୀତି ସମ୍ପନ୍ନ ହୋଇଛି। ସୂଚନାଯୋଗ୍ୟ, ଜ୍ୟେଷ୍ଠ ପୂର୍ଣ୍ଣିମାରେ ସ୍ନାନବେଦିରେ ଶ୍ରୀବିଗ୍ରହମାନେ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରିବା ପରେ ଜ୍ୱରରେ ପୀଡ଼ିତ ହୋଇ ଅଣସର ପିଣ୍ଡିରେ ଚିକିତ୍ସିତ ହେଉଛନ୍ତି । ପର୍ଯ୍ୟାୟକ୍ରମେ ଅଣସରର ପଞ୍ଚମୀ ତିଥିରେ ବଡ଼ଓଡିଆ ମଠରୁ ଆସିଥିବା ଫୁଲୁରି ତେଲ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗିହେବା ପରେ ଶୁଦ୍ଧସୁଆର ସେବକମାନେ ଦେଇଥିବା ଓଷ ତିନିଦିନ ଧରି ଲାଗି କରାଯାଇଥିଲା। ପରେ ଦଶମ ତିଥିରେ ଶ୍ରୀବିଗ୍ରହମାନଙ୍କ ଚକାବିଜେ ନୀତି ସମ୍ପନ୍ନ ହୋଇଥିଲା। ସେହିପରି ରାଜବୈଦ୍ୟଙ୍କ ଦ୍ୱାରା ପ୍ରସ୍ତୁତ ଦଶମୂଳ ମୋଦକ ଶ୍ରୀମନ୍ଦିରରେ ପହଞ୍ଚିଥିଲା। ଶୁକ୍ରବାର ଖଳିଲାଗି ଏକାଦଶୀ ତିଥିରେ ଅଣସର ଗୃହରେ ବିରାଜିତ ଶ୍ରୀବିଗ୍ରହମାନଙ୍କୁ ଖଳି ଲାଗି ସହ ତୁଳସୀ ଲାଗି କରାଯାଇଥିଲା। ସେହିପରି ଦଶମୂଳ ମୋଦକ ମଧ୍ୟ ଲାଗି କରାଯାଇଥିଲା ଏହାପରେ ମହାପ୍ରଭୁ ସମ୍ପୂର୍ଣ୍ଣ ସୁସ୍ଥ ହୋଇଥିଲେ। ପରେ ରାଜପ୍ରସାଦ ବିଜେ ହୋଇଥିଲା। ଅଣସରର ତ୍ରୟୋଦଶୀ ତିଥିରେ ଗୁରୁବାର ମହାପ୍ରଭୁଙ୍କୁ ଘଣା ଏବଂ ଖଳିପ୍ରସାଦ ଓ ଖଡ଼ିପ୍ରସାଦ ଲାଗି ନୀତି କରାଯାଇଥିଲା। ଉକ୍ତ ଦିନ ବିଳମ୍ବିତ ରାତିରେ ଶ୍ରୀମନ୍ଦିରରେ ଭୋଗମଣ୍ଡପ ସମ୍ପନ୍ନ ହେବା ପରେ ଦତ୍ତମହାପାତ୍ର ସେବାୟତଙ୍କ ଘରୁ ଖଡ଼ିପ୍ରସାଦ ଶ୍ରୀମନ୍ଦିରକୁ ବିଜେ କରିଥିଲା। ଖଡ଼ିପ୍ରସାଦକୁ ପତିମହାପାତ୍ର ସଂସ୍କାର କରିବା ପରେ ମହାପ୍ରଭୁଙ୍କୁ ଲାଗିହୋଇଥିଲା। ଶୁକ୍ରବାର ଦତ୍ତମହାପାତ୍ର ସେବକ ଏବଂ ଦଇତାପତି ସେବକ ଶ୍ରୀନଅରକୁ ଖଡ଼ିପ୍ରସାଦ ବିଜେ କରାଇଥିଲେ। ରୁପାଥାଳିରେ ଫୁଲ, ତୁଳସୀଚୂଳ ଦଇତାପତିମାନେ ଧରି ଶ୍ରୀନଅରକୁ ଆସିଥିବାବେଳେ ୩ ରୁପାପିଙ୍ଗଣରେ ଖଡ଼ିପ୍ରସାଦକୁ ସେବକମାନେ ବିଜେ କରାଇଥିଲେ। ଏହି ଖଡ଼ିପ୍ରସାଦକୁ ଗଜପତିଙ୍କ ଗାଦିରେ ରଖାଯାଇଥିଲା। ଶ୍ରୀନଅରରେ ଖଡ଼ିପ୍ରସାଦ ବିଜେ ନୀତି ସମ୍ପନ୍ନ ପରେ ରାଜଗୁରୁଙ୍କ ହସ୍ତରୁ ଶାଢ଼ି ନେଇ ପାଟଶାଣୀ ସେବକ ତଲୁଛ, ଦେଉଳକରଣ, ହେହେରା, ଖୁଣ୍ଟିଆ, ପତିମହାପାତ୍ର ଏବଂ ତିନିବାଡ଼ର ଦଇତାପତିମାନଙ୍କୁ ବନ୍ଧାଇଥିଲେ। ପରେ ସେବକମାନେ ଶ୍ରୀନଅରରୁ ପ୍ରସ୍ଥାନ କରିଥିଲେ।



ଦଇତାପତିଙ୍କୁ ବରଣ ପାଇଁ ଗଜପତି ମହାରାଜା ବସ୍ତ୍ର ପ୍ରଦାନ କରୁଛନ୍ତି ।

## ଟ୍ରାଫିକ୍ ସୁପରିଚାଳନା ପାଇଁ ୫୦ ପ୍ଲାଟୁନ ଫୋର୍ସ

**ପୁରୀ,୫।୭(ଅଜିତ୍ କୁମାର ମହାନ୍ତି):**

ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା ପାଇଁ ସ୍ୱତନ୍ତ୍ର ଟ୍ରାଫିକ ମୋବିଲିଟି ପ୍ଲାନ୍ ପ୍ରସ୍ତୁତ ହୋଇଛି। ଆସନ୍ତା ୬ତାରିଖ ମଧ୍ୟରାତ୍ରରୁ ଏହା ଲାଗୁ ହେବ। ସେହିପରି ସାନ୍ଧ୍ୟ ଦର୍ଶନ, ବାହୁଡ଼ା, ସୁନାବେଶ ଏବଂ ଅନ୍ୟ ଦିନରେ ଭିଡ଼କୁ ଦେଖି ଟ୍ରାଫିକ ବ୍ୟବସ୍ଥା କରାଯିବ ବୋଲି ଶୁକ୍ରବାର ରିଜର୍ଭ ପୋଲିସ କନଫରେନ୍ସ ହଲ୍‌ରେ ଟ୍ରାଫିକ ଏଡିଜି ଦୟାଲ ଗଙ୍ଗୱାରଜ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଗଙ୍ଗୱାର କହିଛନ୍ତି, ଚଳିତବର୍ଷ ନୂଆ ଟେକ୍ନୋଲୋଜି ଆପଣେଇଛି ପୁରୀ ଟ୍ରାଫିକ ପୋଲିସ। ରଥଯାତ୍ରାରେ ଗହଳି ଓ ଟ୍ରାଫିକ ନିୟନ୍ତ୍ରଣ ପାଇଁ ନୂଆ ଟେକ୍ନୋଲୋଜିରେ ପ୍ରସ୍ତୁତ ଡ୍ରୋନ ବ୍ୟବହାର କରାଯିବ। ଯେଉଁ ଜାଗାରେ ଗହଳି ହେଉଥିବ, ସେଠାରେ ଏହି ଡ୍ରୋନ୍ ପହଞ୍ଚି ଲୋକଙ୍କୁ ସଚେତନ କରାଇବ। ଆଉଟର ଟ୍ରାଫିକରେ ଫସିଯାଇଥିବା ଯାନବାହନ ଏହି ଡ୍ରୋନ୍ ମାଧ୍ୟମରେ ପୋଲିସ ସହାୟତା ନେଇପାରିବେ। ସେଠାରୁ ବାହାରିବା ପାଇଁ ପୋଲିସ ସହଯୋଗ କରିପାରିବ। ଚଳିତବର୍ଷ ବିଭିନ୍ନ ଜାଗାରେ ପାର୍କିଙ୍ଗ ବ୍ୟବସ୍ଥା କରାଯାଇଛି। ଦୁଇଚକିଆ ଗାଡ଼ି ପାର୍କିଂ ପାଇଁ ୬ଟି ପାର୍କିଂସ୍ଥଳ ଚିହ୍ନଟ ହୋଇଥିବାବେଳେ ୨୪ ଘଣ୍ଟିଆ ଟ୍ରାଫିକ କଣ୍ଟ୍ରୋଲ ରୁମ୍ କାର୍ଯ୍ୟ କରିବ। ବସ୍ ପାଇଁ ୪ଟି ଏବଂ ଚାରିଚକିଆ ଯାନ ନିମନ୍ତେ ୧୧ଟି ପାର୍କିଂ କରାଯାଇଛି। ବଡଦାଣ୍ଡ ଚାରିପାଖରେ ୪୦ଟି କ୍ରିଟିକାଲ ପଏଣ୍ଟ ଚିହ୍ନଟ ହୋଇଛି, ଯେଉଁଠାରେ ଲୋକାଲ ପୋଲିସ ନିୟୋଜିତ ରହିବେ। ଫଳରେ ସ୍ଥାନୀୟ ଲୋକେ ଯିବା ଆସିବାରେ ହଇରାଣ ହେବେ ନାହିଁ। ସେହିପରି ଘୋଷଯାତ୍ରା ସମୟରେ ଭୁବନେଶ୍ୱରରୁ ପୁରୀ, କୋଣାର୍କରୁ ପୁରୀ ଏବଂ ବ୍ରହ୍ମଗିରିରୁ ପୁରୀ ଆସୁଥିବା ଭକ୍ତଙ୍କ ଯେଭଳି କୌଣସି ଅସୁବିଧା ନ ହେବ ସେଥିପ୍ରତି ବିଶେଷ ଧ୍ୟାନ ଦିଆଯିବ। ଗ୍ରୀନ କରିଡରରେ କେବଳ ଜରୁରିକାଳୀନ ସେବାର ବ୍ୟବସ୍ଥା ହୋଇଥିବାବେଳେ ରଥଯାତ୍ରାରେ ନିୟୋଜିତ ଅଧିକାରୀ,

**ସ୍ୱତନ୍ତ୍ର ଟ୍ରାଫିକ ମୋବିଲିଟି ପ୍ଲାନ୍ ପ୍ରସ୍ତୁତ**

- ପ୍ରଥମ ଥର ପାଇଁ ପୁରୀ ଆସୁଥିବା ଗାଡ଼ି ଗଣତି ହେବ
- ଗ୍ରୀନ୍ କରିଡର ବ୍ୟବସ୍ଥା, ସଚେତନ କରିବ ଡ୍ରୋନ୍

ସେବାୟତ ଓ ସହରବାସୀଙ୍କ ପାଇଁ ଟ୍ରାଫିକ ବ୍ୟବସ୍ଥା କରାଯାଇଛି। ପ୍ରଥମ ଥର ପାଇଁ ରଥଯାତ୍ରାକୁ ଆସୁଥିବା ଯାନବାହନ ଗଣତି ହେବ। ଅତ୍ୟାଧୁନିକ ସିସିଟିଭି କ୍ୟାମେରାକୁ ଏଆଇ ଡ୍ରୋନ୍ ସହିତ ସଂଯୁକ୍ତ କରାଯିବ। ଆନ୍ତଃ ଓ ବାହ୍ୟ ଟ୍ରାଫିକ ସହ ପୁରୀ- ବ୍ରହ୍ମଗିରି, ପୁରୀ - ଭୁବନେଶ୍ୱର ଏବଂ ପୁରୀ- କୋଣାର୍କ ରାସ୍ତାରେ ସ୍ୱତନ୍ତ୍ର ଟ୍ରାଫିକ ପରିଚାଳନା ହେବ। ବିଭିନ୍ନ ସ୍ଥାନରେ ଚିହ୍ନଟ ହୋଇଥିବା ବ୍ଲାକସ୍ପଟ୍‌ରେ ଡ୍ରୋନ ସହାୟତା ନିଆଯିବ। ଏଥର ପ୍ରଥମ ଥର ପାଇଁ ଓଡ଼ିଶା ପୋଲିସ ଟ୍ରାଫିକ ସୁପରିଚାଳନା ପାଇଁ ଅତ୍ୟାଧୁନିକ ଜ୍ଞାନ କୌଶଳର ସହାୟତା ନେଇଛି। ସମୁଦାୟ ରଥଯାତ୍ରାରେ ଟ୍ରାଫିକ ସୁପରିଚାଳନା ପାଇଁ ୫୦ ପ୍ଲାଟୁନ ଫୋର୍ସ ଓ ୪୫୦ ଅଧିକାରୀ ନିୟୋଜିତ ହୋଇଛନ୍ତି। ପୁରୀ- ଭୁବନେଶ୍ୱର ଜାତୀୟ ରାଜପଥର ମାଳତୀ ପାଟପୁରଠାରେ ୩ ଲେନ ଟ୍ରାଫିକ ବ୍ୟବସ୍ଥା କରାଯାଇଛି। ଗୋଟିଏ ବାଇକ, ଗୋଟିଏ ପାସ୍‌ଧାରୀ ଗାଡ଼ି ଏବଂ ଅନ୍ୟଟି ଯାତ୍ରୀବାହୀ ବସ୍ ପାଇଁ ଉଦ୍ଦିଷ୍ଟ ରହିବ। ରଥଯାତ୍ରା ସମୟରେ ୧୦୦- ୧୫୦ ଟୁରିଷ୍ଟ ବସ, ୪୦୦-୫୦୦ ରେଗୁଲାର ବସ୍ ଓ ରାଜ୍ୟର ବିଭିନ୍ନ ବ୍ଲକରୁ ୧୯୦ଟି ବସ୍ ଆସିବ। ସହର ଭିତରେ ଓ ବିଭିନ୍ନ ସ୍ଥାନରେ ୩୬ରୁ ୪୦ଟି କ୍ରିଟିକାଲ ସ୍ଥାନ ଚିହ୍ନଟ ହୋଇଛି। ପୁରୀ - ବ୍ରହ୍ମଗିରି, ପୁରୀ - ଭୁବନେଶ୍ୱର ଏବଂ ପୁରୀ- କୋଣାର୍କ ପଟୁ ଆସୁଥିବା ବସ୍ ଓ ଦୁଇଚକିଆ ଗାଡ଼ି ପାର୍କିଂ ପାଇଁ ସ୍ୱତନ୍ତ୍ର ପାର୍କିଂ ସ୍ଥାନ କରାଯାଇଛି। ରଥଯାତ୍ରାଠାରୁ ସୁନାବେଶ ପର୍ଯ୍ୟନ୍ତ ଟ୍ରାଫିକ ବ୍ୟବସ୍ଥା ଆଦୌ କୋହଳ କରାଯିବ ନାହିଁ ବୋଲି ଟ୍ରାଫିକ ଏଡିଜି ଗଙ୍ଗୱାର ପ୍ରକାଶ କରିଛନ୍ତି।

**ହତ୍ୟା ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ**

ଅନୁଗୋଳ, (ଜ୍ୟୋତିରଞ୍ଜନ ସାହୁ): ଅନୁଗୋଳ ସଦର ଥାନା ବେନ୍ତପୁର ଅଞ୍ଚଳର ଟିକନ ନାଏକଙ୍କ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଗାଁ ରାସ୍ତାରେ ଟିକନଙ୍କୁ ହାଣି ହତ୍ୟା କରିଥିବା ଅଭିଯୁକ୍ତ ବିଜୁ ନାଏକଙ୍କୁ ଅନୁଗୋଳ ଅତିରିକ୍ତ ଜିଲା ଦୌରାଜଜ୍ ରଞ୍ଜିତା ଜ୍ୟୋତିଷୀ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଅନୁଗୋଳ ଉପକଣ୍ଠ ବେନ୍ତପୁର ଗାଁର ବିଜୁ ନାଏକ ଓ ଟିକନଙ୍କ ମଧ୍ୟରେ ପାଣି ନେବାକୁ କେନ୍ଦ୍ର କରି ୨୦୨୨ ଜାନୁଆରୀ ୧୧ରେ ଝଗଡ଼ା ହୋଇଥିଲା। ତେବେ ସନ୍ଧ୍ୟାରେ ଟିକନ ଦୋକାନକୁ ଯାଇ ଫେରୁଥିବା ବେଳେ ବିଜୁ ଆଉ କେତେଜଣଙ୍କ ସହ ମିଶି ଟିକନଙ୍କୁ ଭୁଜାଲିରେ ହାଣି ହତ୍ୟା କରିଥିଲେ।

## ପୋଲିସ ସୂଚନାଦାତା ସନ୍ଦେହରେ ଜଣଙ୍କୁ ହତ୍ୟାକଲେ ମାଓବାଦୀ

ମାଲକାନଗିରି, ୫ା୭(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ନାରାୟଣପୁରରେ ପୋଲିସକୁ ସୂଚନା ଦେଉଥିବା ସନ୍ଦେହରେ ମାଓବାଦୀମାନେ ଜଣେ ଗ୍ରାମବାସୀଙ୍କୁ ହତ୍ୟା କରିଛନ୍ତି। ସେ ହେଲେ ନାରାୟଣପୁର ଜିଲା ଥୁଲାଥୁଲି ପଞ୍ଚାୟତର ଗାୟକ ଚୈତୁରାମ ମାଣ୍ଡବି। ବହୁ ସଂଖ୍ୟାରେ ମାଓବାଦୀ ଆସି ତାଙ୍କୁ ଘରୁ ଉଠାଇ ନେଇ ହତ୍ୟା କରି ଗ୍ରାମ ନିକଟରେ ଫିଙ୍ଗି ଦେଇଥିବା ଶୁକ୍ରବାର ଜଣାପଡିଛି। ତେବେ ବିଗତ ଦିନରେ ଏହି ଅଞ୍ଚଳରେ ପୋଲିସ ଗୁଳିରେ ୬ ଜଣ ମାଓବାଦୀ ନିହତ ହୋଇଥିଲେ। ଏହି ଘଟଣାକୁ କେନ୍ଦ୍ର କରି ଗାୟକଙ୍କୁ ହତ୍ୟା କରାଯାଇଥିବା ଅନୁମାନ କରାଯାଉଛି। ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ନର୍ସଙ୍କୁ ବଳାତ୍କାର, ଅଗ୍ନିଶମ କର୍ମଚାରୀ ଗିରଫ

**ପୂର୍ବରୁ ମଧ୍ୟ କର୍ମଚାରୀଙ୍କ ନାଁରେ ସମାନ ଅଭିଯୋଗ କରିଥିଲେ ଆଉ ଜଣେ ଯୁବତୀ**

ଭୁବନେଶ୍ୱର,(ସୂର୍ଯ୍ୟକାନ୍ତ ବେହେରା)/ ଫୁଲନଖରା, ୫ା୭ (ସତ୍ୟରଞ୍ଜନ ଦାସମହାପାତ୍ର)

ଜଣେ ନର୍ସଙ୍କୁ ବଳାତ୍କାର କରିବା ଅଭିଯୋଗରେ ପାହାଳ ଥାନା ପୋଲିସ ଜଣେ ଅଗ୍ନିଶମ କର୍ମଚାରୀଙ୍କୁ କେନ୍ଦ୍ରାପଡାରୁ ଗିରଫ କରିଛି। ସେ ହେଲେ ଏହି ଜିଲାର ଡେରାବିଶ ଥାନା ଅନ୍ତର୍ଗତ ବେଲାରପୁର ଗ୍ରାମର ଜିତୁ ରଞ୍ଜନ ଦାସ(୩୫)। ଏନେଇ ପାହାଳ ଥାନାରେ ରୁଜୁ ହୋଇଥିବା ମାମଲା (ନଂ.୨୭୬/୨୦୨୪) ଆଧାରରେ ପୋଲିସ ଅଭିଯୁକ୍ତ ଜିତୁଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରିଥିଲା। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଘଟଣା



ଜିତୁ ରଞ୍ଜନ ଦାସ

ସମ୍ପର୍କରେ ଅଗ୍ନିଶମ ଡିଜିଙ୍କୁ ଚିଠି ଲେଖି ଅବଗତ କରାଯିବ ବୋଲି କମିଶନରେଟ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ପୂର୍ବରୁ ମଧ୍ୟ ଅଭିଯୁକ୍ତ ଅଗ୍ନିଶମ କର୍ମଚାରୀଙ୍କ ନାଁରେ ଆଉଜଣେ ଯୁବତୀ ବଳାତ୍କାର ଅଭିଯୋଗ ଆଣିବାରୁ କଟକ ଚାଉଳିଆଗଞ୍ଜ ଥାନାରେ ମାମଲା ନଂ. ୩୨୦/୨୦୨୧ ରୁଜୁ ହୋଇଥିଲା। ପୋଲିସ ତାଙ୍କୁ ଗିରଫ କରି ଥାନାକୁ ଆଣୁଥିଲା ବେଳେ ସେ ଟାଙ୍ଗୀ ନିକଟରେ ପୋଲିସ ହେପାଜତରୁ ଫେରାର ହୋଇଯିବାରୁ ଟାଙ୍ଗୀ ଥାନାରେ ମଧ୍ୟ ଏକ ମାମଲା ରୁଜୁ କରାଯାଇଥିଲା। ପରେ ଚାଉଳିଆଗଞ୍ଜ ପୋଲିସ ଜିତୁଙ୍କୁ ଗିରଫ କରି ଜେଲ ପଠାଇଥିଲା। ଏହାପରେ ୨୦୨୨ରେ ଅଗ୍ନିଶମ ବିଭାଗ ଜିତୁଙ୍କୁ ଚାକିରିରୁ ନିଲମ୍ବିତ କରିଥିଲେ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

ପୋଲିସ ସୂଚନାନୁସାରେ, ପୀଡିତା ଯୁବତୀ ଜଣକ ଏକ ଘରୋଇ ହସ୍ପିଟାଲରେ ନର୍ସ ଭାବେ କାର୍ଯ୍ୟ କରୁଛନ୍ତି। ସୋସିଆଲ ମିଡିଆରେ ଜିତୁଙ୍କ ସହ ତାଙ୍କର ପରିଚୟ ହୋଇଥିଲା। କିଛି ଦିନ କଥା ହେବା ପରେ ଉଭୟଙ୍କ ବନ୍ଧୁତା ନିବିଡ ହୋଇଥିଲା। ସେ ବିବାହିତ ଓ ତାଙ୍କର ଜଣେ ଝିଅ ଥିଲେ ମଧ୍ୟ ସେ ନିଜକୁ ଅବିବାହିତ କହି ଯୁବତୀଙ୍କୁ ପ୍ରେମ ଜାଲରେ ଫସାଇବାକୁ ଚେଷ୍ଟା କରିଥିଲେ। ଗତ ଜୁନ ୧୫ ଅପରାହ୍ନ ପ୍ରାୟ ୨ଟାରେ ପୀଡିତା ଯୁବତୀ ପାହାଳସ୍ଥିତ ଘରୋଇ ହସ୍ପିଟାଲରେ କାର୍ଯ୍ୟ କରୁଥିବାବେଳେ ଜିତୁ ସେଠାରେ ପହଞ୍ଚି ତାଙ୍କ ମୋବାଇଲ ଛଡାଇ ନେଇ ନିଜକୁ କାର୍‌କୁ ପଳାଇଥିଲେ। ପୀଡିତା ଜଣକ ମୋବାଇଲ୍ ଆଣିବାକୁ ତାଙ୍କପାଖକୁ ଯିବାବେଳେ ସେ ଜବରଦସ୍ତ କାର୍‌ରେ ବସାଇ ନିଜ ଭଡ଼ାଘରକୁ ନେଇଯାଇ ବଳାତ୍କାର କରିଥିଲେ। ଏପରିକି ନାନା ଧମକ ଦେଇଥିଲେ। ଏନେଇ ପୀଡିତା ଜଣଙ୍କ ପରେ ପାହାଳ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ବଳାତ୍କାର ଦଫାରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା।

## ପୁଞ୍ଜିଲାଲ୍‌ଙ୍କ ଜାମିନ ଆବେଦନ ହାଇକୋର୍ଟରେ ଖାରଜ

**ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲା**

କଟକ,୫ା୭ (କାର୍ତ୍ତିକ ସାହୁ)

ବଲାଙ୍ଗୀର ଜିଲା ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ଘଟଣାର ମୁଖ୍ୟ ଅଭିଯୁକ୍ତ ପୁଞ୍ଜିଲାଲ୍ ମେହେରଙ୍କର ଜାମିନ ଆବେଦନ ହାଇକୋର୍ଟରେ ଶୁକ୍ରବାର ଖାରଜ ହୋଇଛି। ହାଇକୋର୍ଟ ବିଚାରପତି ଏସ୍. କେ. ସାହୁ ପୁଞ୍ଜିଲାଲ୍‌ଙ୍କ ପକ୍ଷରୁ ଆଗତ ଜାମିନ ଆବେଦନର ଶୁଣାଣି କରି ତାହାକୁ ଖାରଜ କରିଛନ୍ତି।

ସୂଚନା ଅନୁସାରେ, ପାଟଣାଗଡ଼ ଥାନା ଅନ୍ତର୍ଗତ ବ୍ରହ୍ମପୁରା ଗ୍ରାମର ସୌମ୍ୟଶେଖର ସାହୁ ଓ ରୀମା ସାହୁଙ୍କର ୨୦୧୮ ଫେବୃୟାରୀ ୨୦ରେ ବିବାହ ହୋଇଥିଲା। ବିବାହ ଭୋଜି ଦିନ ତାଙ୍କ ନିକଟକୁ ଏକ ପାର୍ସଲରେ ଉପହାର ଆସିଥିଲା। ଉକ୍ତ ପାର୍ଶଲ ଖୋଲିବା ସମୟରେ ବିସ୍ଫୋରଣ ଘଟିଥିଲା। ବିସ୍ଫୋରଣରେ ସୌମ୍ୟଶେଖର ଓ ତାଙ୍କ ଆଈଙ୍କ ମୃତ୍ୟୁ ଘଟିଥିବାବେଳେ ରୀମା ଗୁରୁତର ହୋଇଥିଲେ। ପାଟଣାଗଡ଼ ପୋଲିସ ପ୍ରାଥମିକ ତଦନ୍ତରେ ବିଫଳ ହେବା ପରେ ରାଜ୍ୟ ସରକାର ମାମଲାର ତଦନ୍ତଭାର କ୍ରାଇମ୍‌ବ୍ରାଞ୍ଚକୁ ଦେଇଥିଲେ। କ୍ରାଇମ୍‌ବ୍ରାଞ୍ଚ ତତ୍କାଳୀନ ଆଇଜି ଅରୁଣ ବୋଥ୍ରାଙ୍କ ନିର୍ଦ୍ଦେଶକ୍ରମେ ୪ ଜଣିଆ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ(ଏସ୍‌ଆଇଟି) ମାମଲାର ତଦନ୍ତ ଭାର ନେଇଥିଲା। କ୍ରାଇମ୍‌ବ୍ରାଞ୍ଚ ତଦନ୍ତବେଳେ ପୁଞ୍ଜିଲାଲ୍ ମେହେର ଓ ମୃତ ସୌମ୍ୟଶେଖରଙ୍କ ମା'ଙ୍କ ମଧ୍ୟରେ କଲେଜ ଅଧ୍ୟକ୍ଷ ପଦକୁ ନେଇ ରହିଥିବା ବିବାଦ ଯୋଗୁ ଏପରି ଘଟଣା ଘଟିଥିବା ଜଣାପଡ଼ିଥିଲା। ଏହି ଘଟଣାରେ କ୍ରାଇମବ୍ରାଞ୍ଚ ଅଭିଯୁକ୍ତ ପୁଞ୍ଜିଲାଲ୍‌ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

## ମା'ଙ୍କ ନାକ କାଟି ପୁଅ ଗିରଫ

ସେମିଳିଗୁଡା/ସୁନାବେଡା (ବାସୁଦେବ ବରାଡ଼/କୃତ୍ତିବାସ), ୫ା୭

ମା'ଙ୍କ ନାକ କାଟି ବନ୍ଧା ହୋଇଛନ୍ତି ପୁଅ। ଏଭଳି ଅଭାବନୀୟ ଘଟଣା ଘଟିଛି ସେମିଳିଗୁଡା ଉପରସାହି ଆମ୍ବେଡକର ନଗରରେ। ଏନେଇ ମା' ଭାନୁ ଖରା (୬୦) ସେମିଳିଗୁଡା ଥାନାରେ ଗୁରୁବାର ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ କରି ପୁଅ ବଳରାମ ଖରା(୨୨)ଙ୍କୁ ଗିରଫ କରିଛି।

ଖବରରୁ ଜଣାପଡିଛି, ଆମ୍ବେଡକର ନଗରରେ ରହୁଥିବା ସ୍ୱର୍ଗତ ଜଗବନ୍ଧୁ ଖରାଙ୍କ ସ୍ତ୍ରୀ ଭାନୁ ବୁଧବାର ଅପରାହ୍ନ ୪ଟାରେ ଶୋଇଥିବା ବେଳେ ପୁଅ ବଳରାମ ତାଙ୍କୁ ଜୀବନରୁ ମାରିଦେବା ଉଦ୍ଦେଶ୍ୟରେ ଏକ ଧାରୁଆ ଛୁରିରେ ବେକ କାଟିଦେବାକୁ ଉଦ୍ୟମ କରିଥିଲେ। ଭାନୁ ଏହା ଜାଣିପାରି ହାତ ବୁଲାଇ ଦେବାରୁ ଛୁରିଟି ତାଙ୍କ ବେକ ବଦଳରେ ନାକରେ ବାଜିଥିଲା। ଫଳରେ ଭାନୁଙ୍କ ନାକଟି ଅଧା କଟି ଯାଇଥିଲା। ସେ ଚିତ୍କାର କରିବାରୁ ପାଖ ପଡୋଶୀ ତାଙ୍କୁ ଉଦ୍ଧାର କରି ପ୍ରଥମେ ସୁନାବେଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ କୋରାପୁଟ ମେଡ଼ିକାଲ କଲେଜ ଓ ହସ୍ପିଟାଲକୁ ନେଇଥିଲେ। ପୁଅ ସବୁବେଳେ ମଦ ପିଇ ତାଙ୍କୁ ଗାଳିଗୁଲଜ କରିବା ସହ ମାରପିଟ କରୁଥିବା ଭାନୁ ଅଭିଯୋଗ କରିଛନ୍ତି। ପୋଲିସ କେସ୍ ନଂ. ୮୬/୨୪, ବିଏନଏସ୍ ଧାରା ୧୦୯ ଏବଂ ୧୧୮(୨)ରେ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା।

# ଦୋଷ ମାନିଲେ ୬ ଅଭିଯୁକ୍ତ

**ଗୁଣିଗାରେଡ଼ିରୁ ଟ୍ରିପଲ ମର୍ଡର ଘଟଣା**

ଔପଦା, ୫ା୭(ଧରିତ୍ରୀ ପଣ୍ଡା)

ବାଲେଶ୍ୱର ଜିଲା ଔପଦା ଥାନା ଅଧୀନ ବରପଦା ଗ୍ରାମ ନିକଟସ୍ଥ ଦଲଦଲି ପାହାଡ଼ିଆ ଜଙ୍ଗଲରୁ ୩ ମୃତଦେହ ମିଳିବା ଘଟଣାରେ ପୋଲିସ ୯ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଥିଲା। ସେମାନଙ୍କ ମଧ୍ୟରୁ ୬ଜଣ ଘଟଣାରେ ସାମିଲ ଥିବା ନେଇ ସ୍ୱୀକାର କରିଥିବା ପୋଲିସ ପକ୍ଷରୁ କୁହାଯାଇଛି। ମୃତକ ସମବାରି ସିଂ, ଦାମ୍ପା ସିଂ ଏବଂ ତାଙ୍କ ସ୍ତ୍ରୀ ଡାଲିଆ ସିଂ ଗତ ରବିବାର ରାତିରୁ ନିଖୋଜ ଥିଲେ। ଗୁଣିଗାରେଡ଼ିକୁ ନେଇ ସେମାନଙ୍କୁ ହତ୍ୟା କରାଯାଇଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଥିଲେ।

ଉଲ୍ଲେଖଯୋଗ୍ୟ, ରବିବାର ପୂର୍ବାହ୍ନରେ ସମବାରି, ଦାମ୍ପା ଓ ସୁକାନ୍ତିଙ୍କ ସହିତ ଗ୍ରାମର ଲାଲା ସିଂ ଏବଂ ପୀତାମ୍ବର ସିଂଙ୍କ ମଧ୍ୟରେ କୌଣସି କାରଣକୁ ନେଇ ପାଟିତୁଣ୍ଡ ହୋଇଥିଲା। ଏହାପରେ ରବିବାର ରାତିରୁ ସମବାରି, ଦାମ୍ପା ଓ ଡାଲିଆ ନିଖୋଜ ହୋଇଯାଇଥିଲେ। ସୋମବାର ସମବାରିଙ୍କ ପୁଅ ନିରଞ୍ଜନ ମା' ସହ ଯୋଗାଯୋଗ କରି ବିଫଳ ହେବାରୁ ସମ୍ପର୍କୀୟ ଏବଂ ଗ୍ରାମବାସୀଙ୍କଠାରୁ ଉକ୍ତ ଦିନ ଝଗଡ଼ା ଘଟଣା ଏବଂ ମା'ଙ୍କ ସହ ଅନ୍ୟ ୨ଜଣ ନିଖୋଜ ଥିବା ଜାଣିବାକୁ ପାଇଥିଲେ। ପରେ ଅଧିକ ପଚରାଉଚରାରୁ ଗ୍ରାମବାସୀଙ୍କଠାରୁ ଜାଣିବାକୁ ପାଇଥିଲେ ଯେ, ଉକ୍ତ ୩ଜଣଙ୍କୁ ଗ୍ରାମର ଲାଲା ଓ ପୀତାମ୍ବରଙ୍କ ସମେତ କିଛି ଲୋକ ଯୋଜନା କରି ସଂଘବଦ୍ଧ ଭାବେ ହତ୍ୟା କରି ସେମାନଙ୍କ ମୃତଦେହକୁ ନିକଟସ୍ଥ ପାହାଡ଼ ଉପରେ ଥିବା ଜଙ୍ଗଲରେ ଫୋପାଡ଼ି ଦେଇଛନ୍ତି। ଏହି କଥା ଜାଣିବା ପରେ ଗୁରୁବାର ନିରଞ୍ଜନ ଔପଦାରେ ପହଞ୍ଚି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ସଙ୍ଗେ ସଙ୍ଗେ ସନ୍ଦେହରେ ଜଣେ ବ୍ୟକ୍ତିଙ୍କୁ ଥାନାକୁ ଆଣି ପଚରାଉଚରା କରି ଘଟଣା ସମ୍ପର୍କରେ ଜାଣିବାକୁ ପାଇଥିଲା। ଦୀର୍ଘ ୪ଦିନ ଧରି ଜଙ୍ଗଲରେ ପଡ଼ିଥିବା ମୃତଦେହଗୁଡିକ ପଚି ବିଭତ୍ସ ଦେଖାଯିବା ସହ ଦୁର୍ଗନ୍ଧ ହେଉଥିଲା। ବିଳମ୍ବିତ ରାତିରେ ପୋଲିସ ପକ୍ଷରୁ ଜଙ୍ଗଲରୁ ମୃତଦେହ ଉଦ୍ଧାର କରାଯାଇ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା। ଏନେଇ ଔପଦା ପୋଲିସ ପକ୍ଷରୁ ହତ୍ୟା ମାମଲା (ନଂ.୧୪୧/୨୪) ରୁଜୁ କରାଯାଇ ୯ଜଣଙ୍କୁ ଥାନାରେ ଅଟକ ରଖି ପଚରା ଉଚରା କରାଯାଇଥିଲା। ଅଟକ ଥିବା ୯ଜଣଙ୍କ ମଧ୍ୟରୁ ୬ଜଣ ଘଟଣାରେ ସମ୍ପୃକ୍ତି ଥିବା ମାନିଥିବା ଥାନା ଅଧିକାରୀ ଶ୍ରବଣ କୁମାର ମହାରଣା କହିଛନ୍ତି।

## ସ୍ୱାମୀଙ୍କ ତୀରମାଡ଼ରେ ସ୍ତ୍ରୀ ଗୁରୁତର

ପାଟଣା,୫ା୭(ବୀରକିଶୋର ଦାଶ)

ପାରିବାରିକ କଳହରୁ ସ୍ୱାମୀଙ୍କ ତୀରମାଡ଼ରେ ସ୍ତ୍ରୀ ଗୁରୁତର ହୋଇଛନ୍ତି। ସେ ହେଲେ କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ୍ ହରିଡ଼ାଗୋଠ ଗ୍ରାମର ସଜନୀ ମୁଣ୍ଡା(୩୦)। ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁଯାୟୀ, ସଜନୀ କିଛି ବର୍ଷ ତଳେ ହରିଚନ୍ଦନପୁର ଥାନା ହାତୀକୁଚା ଗ୍ରାମର ବିଶ୍ୱନାଥ ମୁଣ୍ଡାଙ୍କୁ ବିବାହ କରିଥିଲେ। ଉଭୟଙ୍କର ଗୋଟିଏ ଝିଅ ଓ ଏକ ପୁଅ ରହିଛନ୍ତି। ଦମ୍ପତିଙ୍କ ମଧ୍ୟରେ କଳହ ଯୋଗୁ ବିଶ୍ୱନାଥ ବିଭିନ୍ନ ସମୟରେ ସଜନୀଙ୍କୁ ମାଡ଼ ମାରୁଥିଲେ। ଫଳରେ ସଜନୀ ୧ ମାସ ହେବ ବାପଘର ସାହାରପଡ଼ା ବ୍ଲକ୍ ଖଡ଼ିକାପଦା ପଞ୍ଚାୟତ ହରିଡ଼ାଗୋଠ ଗ୍ରାମରେ କକାମାନଙ୍କ ପାଖରେ ରହୁଥିଲେ। ଗତ ଗୁରୁବାର ରାତିରେ ସଜନୀ ଖାଇ ସାରି ବାହାରେ ହାତ ଧୋଉଥିବା ବେଳେ କେହି ତାଙ୍କ ପଛ ପାର୍ଶ୍ୱରୁ ତୀର ବିନ୍ଧିଥିଲେ। ତୀରଟି ସଜନୀଙ୍କ ପିଠି ପାର୍ଶ୍ୱରୁ ଗଳି ଆଗକୁ ବାହାରି ପଡ଼ିଥିଲା। ଗୁରୁତର ଅବସ୍ଥାରେ ପ୍ରଥମେ ତାଙ୍କୁ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟ, କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ବିଶ୍ୱନାଥ ତୀର ମାରି ଫେରାର ହୋଇଯାଇଥିବା ପରିବାର ଲୋକେ କହିଛନ୍ତି। ପାଟଣା ଥାନା ପୋଲିସ ଏକ ମାମଲା(ନଂ.୨୫୪/୨୪) ରୁଜୁକରି ତଦନ୍ତ ଚଳାଇଛି।

## ଫଟୋ ଉଠାଇବାବେଳେ ଜଳଭଣ୍ଡାରରେ ବୁଡ଼ି ଯୁବକ ମୃତ

ଅନୁଗୋଳ,୫ା୭ (ଜ୍ୟୋତିରଞ୍ଜନ ସାହୁ)



ପାର୍ଥ ଗୋଛାୟତ

ବିନା ନାଉରିଆରେ ଡଙ୍ଗା ନେଇ ଜଳଭଣ୍ଡାର ଭିତରକୁ ଯାଇ ଫଟୋ ଉଠାଇବା ବେଳେ ପାଣିରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ଅନୁଗୋଳ ଜିଲା ବନ୍ତଳା ଥାନା ଗୁରଙ୍ଗ ଜଳଭଣ୍ଡାରରେ ଶୁକ୍ରବାର ଏହି ଅଘଟଣ ଘଟିଛି। ମୃତକ ହେଲେ ଅନୁଗୋଳ ଜିଲା ବଅଁରପାଳ ବ୍ଲକ ଗୋତମରା ଗ୍ରାମର ପ୍ରତାପ ଚନ୍ଦ୍ର ଗୋଛାୟତଙ୍କ ପୁଅ ପାର୍ଥ ଗୋଛାୟତ(୨୬)।

ସୂଚନା ଅନୁଯାୟୀ, ପାର୍ଥ ନିଜର ୪ ସାଙ୍ଗଙ୍କ ସହ ଭୋଜି କରିବାକୁ ଗୁରଙ୍ଗ ଜଳଭଣ୍ଡାରକୁ ଯାଇଥିଲେ। ସେଠାରେ ବୁଲାବୁଲି କରି ଫଟୋ ଉଠାଇଥିଲେ। ଅପରାହ୍ନ ୪ଟା ବେଳେ ସେମାନେ ସେଠାରେ ଥିବା ଏକ ଡଙ୍ଗା ନେଇ ଅଧିକ ଫଟୋ ଉଠାଇବାକୁ ଜଳଭଣ୍ଡାର ଭିତରକୁ ଯାଇଥିଲେ। କିଛିଦୂର ଗଲା ପରେ ହଠାତ ଡଙ୍ଗାରେ ପାଣି ପଶିବାରୁ ତାହା ଓଲଟି ପଡ଼ିଥିଲା। ଫଳରେ ଡଙ୍ଗାରେ ଥିବା ୪ଜଣ ଗଭୀର ପାଣିରେ ବୁଡି ଯାଇଥିଲେ। ସେମାନଙ୍କ ମଧ୍ୟରୁ ୩ ଜଣ ପହଁରି କୂଳକୁ ପଳାଇ ଆସିଥିବା ବେଳେ ପାର୍ଥ ନିଖୋଜ ହୋଇ ଯାଇଥିଲେ। ଲୋକେ ଓ ପରେ ଅଗ୍ନିଶମ ବାହିନୀ ପହଞ୍ଚି ଖୋଜାଖୋଜି କରିଥିଲେ। ପ୍ରାୟ ଏକ ଘଣ୍ଟା ଖୋଜିବା ପରେ ପାର୍ଥଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା।

## ବସ୍ ଉପରୁ କର୍ମଚାରୀଙ୍କ ମୃତଦେହ ଜବତ

ଢେଙ୍କାନାଳ,୫ା୭(ରତନ ନାୟାର)

ଢେଙ୍କାନାଳ ସହର ନୂଆପୋଖରୀ ନିକଟରେ ରଖାଯାଇଥିବା ଏକ ଯାତ୍ରୀବାହୀ ବସ୍ ଉପରୁ ଶୁକ୍ରବାର ସକାଳେ ଜଣେ ବସ୍ କର୍ମଚାରୀଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତ କର୍ମଚାରୀ ହେଲେ ଅମର ମିଶ୍ର(୪୨)। ତାଙ୍କ ଘର ସହରସ୍ଥିତ ନୂଆ ପୋଖରୀ ଅଞ୍ଚଳରେ। ଅମରଙ୍କ ମୃତ୍ୟୁର କାରଣ ବର୍ତ୍ତମାନ ସୁଦ୍ଧା ଅସ୍ପଷ୍ଟ ଥିବାବେଳେ ଖବରପାଇ ଟାଉନ ଥାନା ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ସଂକ୍ରାନ୍ତରେ ଟାଉନ ଥାନାରେ ନଂ. ୨୮।୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

## ବ୍ଲକ ବିଜେଡି ମହିଳା ସଭାନେତ୍ରୀଙ୍କ ଝୁଲନ୍ତା ମୃତଦେହ ଜବତ

ସମ୍ବଲପୁର,୫ା୬(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ମହିଳା ବିଜେଡି ସଭାନେତ୍ରୀ ବୀଣାପାଣି ବେହେରା(୩୦)ଙ୍କ ଝୁଲନ୍ତା ମୃତଦେହ ତାଙ୍କ ସାହାସପୁରସ୍ଥିତ ବାସଭବନରୁ ଶୁକ୍ରବାର ପୋଲିସ ଜବତ କରିଛି। ସେ ଆତ୍ମହତ୍ୟା କରିଥିବା ନେଇ ତାଙ୍କ ସ୍ୱାମୀଙ୍କଠାରୁ ଖବରପାଇ ଧମା ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୨୦/୨୪)ରୁଜୁ ହୋଇଛି। ତେବେ ସେ କାହିଁକି ଆତ୍ମହତ୍ୟା କଲେ ତାହାର କାରଣ ଜଣାପଡ଼ିନାହିଁ।



ବୀଣାପାଣି ବେହେରା

ମିଳିଥିବା ଖବର ଅନୁସାରେ, ବୀଣାପାଣି ସ୍ୱାମୀ ଭରତ ଚନ୍ଦ୍ର ବେହେରାଙ୍କ ସହ ସାହାସପୁରରେ ରହୁଥିଲେ। କୌଣସି କାମରେ ଭୁବନେଶ୍ୱର ଆସି ଶୁକ୍ରବାର ସକାଳେ ଗାଁକୁ ଫେରିଥିଲେ ବୀଣାପାଣି। ସକାଳ ପ୍ରାୟ ସାଢ଼େ ୮ଟାରେ ସ୍ୱାମୀ ଗାଧୋଇବାକୁ ଯାଇଥିବାବେଳେ ଘରେ ସେ ଏକୁଟିଆ ଥିଲେ। ସ୍ନାନକରି ଫେରିବାପରେ ଘରର କବାଟ ଭିତରପଟୁ ବନ୍ଦ ଥିଲା। ବହୁ ଡାକିଲା ପରେ ନ ଖୋଲିବାରୁ ପଡ଼ୋଶୀଙ୍କୁ ଡାକି ସେ କବାଟ ଭାଙ୍ଗିଥିଲେ। ଶୋଇବାଘର ଫ୍ୟାନ୍‌ରେ ତାଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ମିଳିଥିଲା।

# ଲାଞ୍ଚ ନେଇ ଚନ୍ଦ୍ରପୁର ତହସିଲଦାର ଗିରଫ

**କାର୍‌ରୁ ୧ ଲକ୍ଷ ୧୫ ହଜାର ଟଙ୍କା ଜବତ**

ରାୟଗଡ଼ା,୫ା୭(ଆଶିଷ ରଞ୍ଜନ ପଣ୍ଡା)

ଭିଜିଲାନ୍ସ ଜାଲରେ ରାୟଗଡ଼ା ଜିଲା ଚନ୍ଦ୍ରପୁର ତହସିଲଦାର ବିଚିତ୍ରାନନ୍ଦ ନାୟକ। ସରକାରୀ ଜମିର ପଟ୍ଟା ପ୍ରଦାନ ପାଇଁ ଚନ୍ଦ୍ରପୁର ବ୍ଲକ୍ ଡାଙ୍ଗସୋରଡ଼ା ଗ୍ରାମର ଗୋଟିଏ ଗୋଷ୍ଠୀଠାରୁ ୧ ଲକ୍ଷ ୧୫ ହଜାର ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ଭିଜିଲାନ୍ସ ଟିମ୍ ଶୁକ୍ରବାର ତାଙ୍କୁ ଗିରଫ କରିଛି। ବିଚିତ୍ରାନନ୍ଦଙ୍କ ସରକାରୀ ଗାଡ଼ିରୁ ଲାଞ୍ଚ ଟଙ୍କା ଜବତ କରାଯାଇଛି। ଭିଜିଲାନ୍ସ ପକ୍ଷରୁ ଭୁବନେଶ୍ୱର, କଟକ, ଢ଼େଙ୍କାନାଳ ଓ ଅନୁଗୋଳରେ ବିଚିତ୍ରାନନ୍ଦଙ୍କ ସମ୍ପର୍କୀୟ ଘରେ ଚଢ଼ାଉ କରାଯାଇଥିବା ସୂଚନା ମିଳିଛି।



ତହସିଲଦାରଙ୍କୁ ଭିଜିଲାନ୍ସ ଡିଏସ୍‌ପିଙ୍କ କାର୍ଯ୍ୟାଳୟକୁ ନିଆଯାଉଛି।

ବିଚିତ୍ରାନନ୍ଦ ଲାଞ୍ଚ ଟଙ୍କା ଗାଡ଼ିରେ ରଖିଥିବା କୌଣସି ସୂତ୍ରରୁ ଭିଜିଲାନ୍ସ ଇନ୍ସପେକ୍ଟର ତରୁଲତା ବେହେରା ଜାଣିବାକୁ ପାଇଥିଲେ। ପରେ ଅତିରିକ୍ତ ଏସ୍‌ପି ଅରୁଣ ନାୟକ ଓ ଇନ୍ସପେକ୍ଟର ତରୁଲତାଙ୍କ ନେତୃତ୍ୱରେ ଏକ ଭିଜିଲାନ୍ସ ଟିମ୍ ବିଚିତ୍ରାନନ୍ଦଙ୍କ ଗାଡ଼ିକୁ ପିଛାକରିଥିଲେ। ତହସିଲଦାର ରାୟଗଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟକୁ ଏକ ବୈଠକରେ ଯୋଗଦେବାକୁ ଆସିଥିଲେ। ବୈଠକ ସରିବା ପରେ ଜିଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ଚନ୍ଦ୍ରପୁର ଫେରିବା ସମୟରେ ଭିଜିଲାନ୍ସ ଟିମ୍ ତାଙ୍କୁ କାବୁକରିଥିଲା। ଏହି ସମୟରେ ବିଚିତ୍ରାନନ୍ଦ ଗାଡ଼ିରୁ ଲାଞ୍ଚ ଟଙ୍କା ବାହାରକୁ ଫୋପାଡ଼ିବା ପାଇଁ ଉଦ୍ୟମ କରିଥିଲେ ମଧ୍ୟ ସଫଳ ହୋଇପାରି ନ ଥିଲେ। ପରେ ଭିଜିଲାନ୍ସ କର୍ତ୍ତୃପକ୍ଷ ବିଚିତ୍ରାନନ୍ଦଙ୍କୁ ଗିରଫ କରି ଭିଜିଲାନ୍ସ ଡିଏସ୍‌ପିଙ୍କ କାର୍ଯ୍ୟାଳୟ ଆଣିଥିଲେ।

ପ୍ରକାଶ ଥାଉକି, ବିଚିତ୍ରାନନ୍ଦ ୨୦୨୨ରେ କଟକ ଜିଲା ବାରଙ୍ଗ ତହସିଲଦାର ଥିବା ସମୟରେ ମଧ୍ୟ ଭିଜିଲାନ୍ସ ଚଢ଼ାଉ ହୋଇଥିଲା। ପରେ ଚାକିରିରୁ ନିଲମ୍ବିତ ହୋଇଥିବା ବେଳେ ପୁଣି ପୋଷ୍ଟିଂ ହୋଇ ରାୟଗଡ଼ା ଜିଲା ଚନ୍ଦ୍ରପୁରରେ ଯୋଗଦାନ କରିଥିଲେ।

## ପର୍ଯ୍ୟବେକ୍ଷଣ ଗୃହରେ ଅନ୍ତେବାସୀଙ୍କ ସନ୍ଦେହଜନକ ମୃତ୍ୟୁ

ଅନୁଗୋଳ,୫ା୭ (ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ସହରରେ ଥିବା ପର୍ଯ୍ୟବେକ୍ଷଣ ଗୃହରେ ଶୁକ୍ରବାର ଭୋର୍ ସମୟରେ ଜଣେ ଅନ୍ତେବାସୀଙ୍କ ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ହୋଇଛି। ପର୍ଯ୍ୟବେକ୍ଷଣ ଗୃହର ଶୌଚାଳୟ ଭିତରୁ ତାଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ଏକ ଚୋରି ମାମଲାରେ ଅଭିଯୁକ୍ତ ଥିବା ସମ୍ପୃକ୍ତ ନାବାଳକ ବେକରେ ପିନ୍ଧା ଗାମୁଛା ବାନ୍ଧି ଝୁଲି ପଡ଼ିଥିବା ପର୍ଯ୍ୟବେକ୍ଷଣ ଗୃହ ଦାୟିତ୍ୱରେ ଥିବା ଅଧିକାରୀ ଅମିର କୁମାର ନାଥଶର୍ମା ସୂଚନା ଦେଇଛନ୍ତି। ନାଥଶର୍ମା କହିଛନ୍ତି, ଜଗତସିଂହପୁର ଅଞ୍ଚଳର ସମ୍ପୃକ୍ତ ନାବାଳକ ଏକ ଚୋରି ମାମଲାରେ କଟକ ଜୁଭେନାଇଲ ଜଷ୍ଟିସ ବୋର୍ଡ ଜରିଆରେ ୨୦୨୩ ନଭେମ୍ବରରୁ ଅନୁଗୋଳ ପର୍ଯ୍ୟବେକ୍ଷଣ ଗୃହକୁ ଆସିଥିଲେ। ଶୁକ୍ରବାର ଭୋର ୩ଟାରେ ସେ ଶୌଚାଳୟ ଯାଇ ଫେରି ନ ଥିଲେ। ଅନ୍ୟ ଅନ୍ତେବାସୀମାନେ ଶୌଚାଳୟ ଯିବାକୁ ଚାହିଁଥିଲେ ହେଁ ଭିତରୁ ଲକ୍ ଥିବା ଜାଣି ୱାର୍ଡେନଙ୍କୁ ଜଣାଇଥିଲେ। ୱାର୍ଡେନ ଶୌଚାଳୟ ଲକ୍ ଭାଙ୍ଗିବା ପରେ ନାବାଳକଙ୍କ ମୃତଦେହ ଏକ ଗାମୁଛାରେ ଝୁଲୁଥିବା ଦେଖିବାକୁ ପାଇଥିଲେ।

## ପୂର୍ବତନ ଫାର୍ମ ଅଧୀକ୍ଷକ, କନିଷ୍ଠ ଯନ୍ତ୍ରୀଙ୍କୁ ୪ ବର୍ଷ ଜେଲ

ଫୁଲବାଣୀ, ୫ା୭ (ରାକେଶ କୁମାର ରାଉତ)

ଫୁଲବାଣୀ ଭିଜିଲାନ୍ସ ଜଜ୍ ସମର ବିଳାସ ବେହେରା ଏକ ଦୁର୍ନୀତି ମାମଲାର ବିଚାର କରି ଶୁକ୍ରବାର ଦୁଇ ଜଣ ଅଭିଯୁକ୍ତଙ୍କୁ ୪ ବର୍ଷ ଲେଖାଏ ଦଣ୍ଡାଦେଶ ଏବଂ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଧିକ ୬ମାସ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଦ୍ୱୟ ହେଲେ ବୌଦ୍ଧ ଜିଲା କୃଷି ବିଭାଗ ପାଲଝରର ଫାର୍ମର ଅଧୀକ୍ଷକ ନରେନ୍ଦ୍ର କୁମାର ଦଳାଇ ଏବଂ କନିଷ୍ଠ ଯନ୍ତ୍ରୀ ସୁଧୀର କୁମାର ରାଉତ। ୨୦୦୧ରୁ ୨୦୦୩ ମଧ୍ୟରେ ଏହି ଫାର୍ମରେ କାମ କରୁଥିବା ୧୪ ଜଣ କର୍ମଚାରୀଙ୍କ ଜିପିଏଫ୍ ଲୋନ ବାବଦରେ ଦୁର୍ନୀତି ହୋଇଥିବା ନେଇ ବ୍ରହ୍ମପୁର ଭିଜିଲାନ୍ସରେ ଅଭିଯୋଗ ହୋଇଥିଲା। ଭିଜିଲାନ୍ସ ତରଫରୁ ତଦନ୍ତ କରାଯିବା ପରେ ଘଟଣାରେ ସତ୍ୟତା ଥିବା କୋର୍ଟକୁ ଅବଗତ କରାଯାଇଥିଲା। ବିଚାରପତି ୧୨ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଉପରୋକ୍ତ ଦଣ୍ଡାଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ଭିଜିଲାନ୍ସ ପିପି ଭିଭି ରାମଦାସ ମାମଲା ପରିଚାଳନା କରୁଥିଲେ।

## ୨ ଗୋଷ୍ଠୀ ମଧ୍ୟରେ ଗୁଳିକାଣ୍ଡ: ୧୬ ଗିରଫ

ସୁନ୍ଦରଗଡ଼/ହେମଗିର, ୫/୭ (ଜୟ ନାରାୟଣ ମେଣ୍ଟୁଳି/ଚୈତନ୍ୟ ପଟେଲ)

ସୁନ୍ଦରଗଡ ଜିଲା ହେମଗିର ଥାନା ଗର୍ଜନବାହାଲ ବରପାଲି ସ୍ଥିତ ଏକ କୋଲ୍ ୱାସେରି ମାଲିକାନାକୁ ନେଇ ସୀମାନ୍ତ ଛତିଶଗଡ଼ର ରାୟଗଡ଼ ଓ ସୁନ୍ଦରଗଡ଼ର ୨ଗୋଷ୍ଠୀ ମଧ୍ୟରେ ଗୁରୁବାର ସନ୍ଧ୍ୟାରେ ଗୁଳିକାଣ୍ଡ ଘଟିଥିଲା। ଏହି ଘଟଣାରେ ପୋଲିସ ଶୁକ୍ରବାର ୧୬ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରୁ ରାୟଗଡ଼ ଅଞ୍ଚଳର ୧୩ ଓ ଝାରସୁଗୁଡ଼ାର ୩ ଜଣ ରହିଛନ୍ତି। ସେମାନଙ୍କ ନିକଟରୁ ୭ଟି ଚାରିଚକିଆ ଯାନ ଜବତ ହୋଇଛି। ଏନେଇ ଅଧିକ ତଦନ୍ତ ଜାରି ରହିଥିବା ସୁନ୍ଦରଗଡ଼ ସଦର ଏସ୍‌ଡିପିଓ ହିମାଂଶୁ ଭୂଷଣ ବେହେରା ସୂଚନା ଦେଇଛନ୍ତି।

କୋଲ ୱାସେରୀ ମାଲିକାନାକୁ ନେଇ ଛତିଶଗଡ଼ ଓ ସୁନ୍ଦରଗଡ଼ର ୨ଗୋଷ୍ଠୀ ମଧ୍ୟରେ ମାରପିଟ ଓ ପରେ ଗୁଳିଚାଳନା ହୋଇଥିଲା। ଏପରିକି ୱାସେରିରେ ବ୍ୟାପକ ଭଙ୍ଗାରୁଜା କରାଯାଇଥିଲା। ଘଣ୍ଟାଏ ଧରି ୨ ଗୋଷ୍ଠୀ ପରସ୍ପରକୁ ଆକ୍ରମଣ ଓ ଗୁଳିଚାଳନା କରିବାରୁ ଅନେକ ଯୁବକ ଆହତ ହୋଇଛନ୍ତି। ଆହତଙ୍କୁ ରାୟଗଡ଼ ଓ ସୁନ୍ଦରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। କୋଲ୍ ୱାସେରିର ମାଲିକାନାକୁ ନେଇ ବହୁ ବର୍ଷ ଧରି ରାୟଗଡ଼ର ୨ମାଲିକଙ୍କ ମଧ୍ୟରେ ଟଣାଓଟରା ଲାଗି ରହିଥିଲା। ଜଣେ ମାଲିକ କୋଲ୍ ୱାସେରିରେ ତାଲା ପକାଇ ଦେଇଥିବା ବେଳେ ଅନ୍ୟ ଜଣେ ଏହାକୁ ଖୋଲିବାକୁ ଉଦ୍ୟମ କରିଥିଲେ। ସୁନ୍ଦରଗଡ଼ ଉପଖଣ୍ଡ ପୋଲିସ ଅଧିକାରୀ ହିମାଂଶୁ ବେହେରାଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ପହଞ୍ଚି ସ୍ଥିତି ନିୟନ୍ତ୍ରଣକୁ ନେଇଛନ୍ତି। ସୁନ୍ଦରଗଡ ସୁନାରିପଡାର ରାଜ ଯାଦବଙ୍କ ରିପୋର୍ଟ ଆଧାରରେ ହେମଗିର ଥାନାରେ ଅପହରଣ, ମାରପିଟ, ଭଙ୍ଗାରୁଜା ଓ ଆର୍ମସ ଆକ୍ଟରେ ଏକ ମାମଲା (ନଂ. ୩୧୧/୨୪)ରୁଜୁ ହୋଇଛି।

## ୩ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି, ୫ା୭(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ଦନ୍ତେୱାଡା ଜିଲା ପୋଲିସ ନିକଟରେ ୩ ଜଣ ମାଓବାଦୀ ଶୁକ୍ରବାର ଆତ୍ମସମର୍ପଣ କରିଛନ୍ତି। ସେମାନେ ହେଲେ ହିଡମା ସୋଡି(୩୬), କୋସା ବେକୋ(୨୬) ଏବଂ ଅନ୍ୟଜଣେ ରହିଛନ୍ତି। ଏହି ମାଓବାଦୀମାନେ କଟେକେଲ୍ୟାଣ ଓ ଭେରମଗଡ ଏରିଆ କମିଟିରେ ସକ୍ରିୟ ରହି ଅନେକ ହିଂସାକାଣ୍ଡରେ ଜଡିତ ଥିଲେ। ତେବେ ମାଓବାଦୀ ସଙ୍ଗଠନ ଦୁର୍ବଳ ହେବା ସହ ନିଜ ନୀତି ଆଦର୍ଶ ହରାଉଥିବାରୁ ଏମାନେ ସାଧରଣ ଜୀବନଯାପନ ପାଇଁ ଆତ୍ମସମର୍ପଣ କରିଥିବା ପ୍ରକାଶ କରିଛନ୍ତି। ଆତ୍ମସମର୍ପଣ ପରେ ଏମାନଙ୍କୁ ସରକାରୀ ସୁବିଧା ପ୍ରଦାନ କରାଯିବା ସହ ୨୫ ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିବା ନେଇ ପୋଲିସ ପକ୍ଷରୁ କୁହାଯାଇଛି।

# ଛାତ୍ରଙ୍କୁ ନିଶା ଇଞ୍ଜେକ୍‌ଶନ ଦେଇ ଅପହରଣ ଉଦ୍ୟମ ଅଭିଯୋଗ

- ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି
- ଇଞ୍ଜେକ୍‌ଶନ ଦେଇଥିବ ୫ ଯୁବକ ଫେରାର

କନ୍ଧମାଳ,୫ା୭(ଆଦିତେଶ୍ୱର ମିଶ୍ର)

ବୌଦ୍ଧ ଜିଲା ମନମୁଣ୍ଡା ଥାନା ତୁଳସୀକଟା ଗାଁରେ ଶୁକ୍ରବାର ସମ୍ବିତ ବାଘ ନାମକ ଜଣେ ଦଶମ ଶ୍ରେଣୀ ଛାତ୍ରଙ୍କୁ ୫ ଜଣ ଯୁବକ ନିଶା ଇଞ୍ଜେକ୍‌ଶନ ଦେଇ ଫେରାର ହୋଇଯାଇଛନ୍ତି। ଇଞ୍ଜେକ୍‌ଶନ ଦେଇ ସମ୍ପୃକ୍ତ ଛାତ୍ରଙ୍କୁ ଅପହରଣ ଲାଗି ଉଦ୍ୟମ କରାଯାଉଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। କେଉଁ କାରଣ ନେଇ ଅପହରଣ ଉଦ୍ୟମ ହୋଇଥିଲା ଜଣାପଡ଼ିନାହିଁ।

ଘଟଣାରୁ ପ୍ରକାଶ ଯେ, ଗବଯୋର ହାଇସ୍କୁଲରେ ଅଧ୍ୟୟନରତ କାଶୀନାଥ



ସୋନପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଛାତ୍ର ସମ୍ବିତ ବାଘ।

ବାଘଙ୍କ ପୁଅ ସମ୍ବିତ ପୂର୍ବାହ୍ନ ୧୦ଟାରେ ତାଙ୍କ ଗାଁରୁ ସାଇକେଲ ଯୋଗେ ସ୍କୁଲ ଅଭିମୁଖେ ପଢ଼ିବାକୁ ଯାଉଥିଲେ। ତେବେ ତାଙ୍କ ଗାଁ ନିକଟ କ୍ରିକେଟ ପଡ଼ିଆଠାରେ ବିପରୀତ ଦିଗରୁ ୨ଟି ବାଇକ୍ ଯୋଗେ ୫ ଜଣ ଯୁବକ ହଠାତ୍ ଆସି ତାଙ୍କୁ ମାଡ଼ି ବସି ତାଙ୍କ ବାହୁରେ ନିଶା ଇଞ୍ଜେକ୍‌ଶନ ଦେଇଥିଲେ। ଇଞ୍ଜେକ୍‌ଶନ ଫୋଡ଼ିସାରି ତାଙ୍କୁ ଅପହରଣ ଉଦ୍ୟମ କରିଥିଲେ ବୋଲି ଅଭିଯୋଗ ହୋଇଛି। ତେବେ ଛାତ୍ର ଜଣକ କୌଣସି ମତେ ସେମାନଙ୍କ କବଳରୁ ମୁକୁଳି ଧାନବିଲ ଦେଇ ଘରେ ପହଞ୍ଚିଥିଲେ। ଘରେ ପହଞ୍ଚି ବାଉଳି ଚାଉଳି ହୋଇ ଘଟଣା ସମ୍ପର୍କରେ ସୂଚନା ଦେଇ ଚେତାଶୂନ୍ୟ ହୋଇ ପଡ଼ିଥିଲେ। ୧୦୮ ଆମ୍ବୁଲାନ୍ସ ଯୋଗେ ପରିବାର ଲୋକେ ସମ୍ବିତଙ୍କୁ ସୋନପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଚିକିତ୍ସା ପରେ ତାଙ୍କ ଚେତା ଫେରିଥିବା ଜଣାଯାଇଛି। କିନ୍ତୁ ତାଙ୍କ ମୁଣ୍ଡ ଘୂରାଇବା ସହ ଗୋଡ଼ହାତ ଝିମ୍‌ଝିମ୍ ଲାଗୁଥିବା ସୂଚନା ମିଳିଛି। ସେ ସ୍ୱାଭାବିକ ଅବସ୍ଥାକୁ ଆସି ନ ଥିବା ବେଳେ ଏବେ ବି ଚିକିତ୍ସାଧୀନ ଅଛନ୍ତି। ଏ ସମ୍ପର୍କରେ ସବିଶେଷ ତଥ୍ୟ ହସ୍ତଗତ ହୋଇନାହିଁ। ଖବର ଲେଖାହେବା ପର୍ଯ୍ୟନ୍ତ ପୋଲିସରେ ଖବର ଦିଆଯାଇନାହିଁ।

# ଜୁନୋସିସ୍ ରୋଗକୁ ପ୍ରତିହତ କରିବା ଦରକାର

## ଆଜି ବିଶ୍ୱ ଜୁନୋସିସ୍ ଦିବସ



ଯେଉଁ ରୋଗ ପ୍ରାଣୀମାନଙ୍କଠାରୁ ମନୁଷ୍ୟକୁ ବ୍ୟାପୁଛି ସେସବୁକୁ ଜୁନୋସିସ୍ ରୋଗ କୁହାଯାଏ। ଏହି 'ଜୁନୋସିସ୍' ଶବ୍ଦ ଗ୍ରୀକ୍ ଶବ୍ଦ 'ଜୁନ୍' ଅର୍ଥାତ୍ 'ପ୍ରାଣୀ' ଏବଂ 'ନୋସିସ୍' ଅର୍ଥାତ୍ 'ରୋଗ' ଭଳି ଦୁଇଟି ଶବ୍ଦରୁ ଆସିଛି। ଏହି ଶବ୍ଦକୁ ପ୍ରଥମେ ରୁଡ଼ଲ୍ଫ ଭରକୋ ୧୮୫୫ ମସିହାରେ ତାଙ୍କର ପ୍ରସିଦ୍ଧ ପୁସ୍ତକ 'ହ୍ୟାଣ୍ଡବୁକ୍ ଅଫ୍ କମ୍ୟୁନିକେବଲ ଡିଜିଜେସ୍'ରେ ଉଲ୍ଲେଖ କରିଥିଲେ। ତେବେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚଓ)ର ସଂଯୁକ୍ତ ବିଶେଷଜ୍ଞ କମିଟି ୧୯୫୯ରେ ଜୁନୋସିସ୍‌ର ସଂଜ୍ଞା ନିରୂପଣ କରିଥିଲେ ଯେ, ଯେଉଁ ରୋଗ ବା ସଂକ୍ରମଣ ମେରୁଦଣ୍ଡୀ ପ୍ରାଣୀ ଓ ମନୁଷ୍ୟ ମଧ୍ୟରେ ସ୍ୱତଃ ସଞ୍ଚାରିତ ହୋଇଥାଏ, ସେସବୁକୁ 'ଜୁନୋସିସ୍' ରୋଗ କୁହାଯାଏ। ପ୍ରତିବର୍ଷ ଜୁଲାଇ ୬ ତାରିଖକୁ 'ବିଶ୍ୱ ଜୁନୋସିସ୍ ଦିବସ' ଭାବରେ ପାଳନ କରାଯାଇ ଆସୁଅଛି। ଚଳିତବର୍ଷ ଏହି ଦିବସର ବାର୍ତ୍ତା ହେଲା 'ପ୍ରାଣୀଠାରୁ ମନୁଷ୍ୟକୁ ବ୍ୟାପୁଥିବା ରୋଗକୁ ବାରଣ କରିବା'। ଏଥିଲାଗି ପୂର୍ବପ୍ରସ୍ତୁତି ରହିବା ଏବଂ ଏହି ରୋଗଗୁଡ଼ିକର ବାରଣ ପ୍ରତି ଧ୍ୟାନ ଦେବା ନେଇ ଏକ ସ୍ୱତନ୍ତ୍ର ଫ୍ରେମୱାର୍କ ପ୍ରସ୍ତୁତି ହେବା ଜରୁରୀ। ସମ୍ପ୍ରତି ଆତଙ୍କ ସୃଷ୍ଟି କରିଥିବା ମଙ୍କିଡ଼ାନ୍ସ, ବାର୍ଡ଼ ଫ୍ଲୁ, ଜଳାତଙ୍କ (ରେବିଜ୍), ଆନ୍ଥ୍ରାକ୍ସ, ବ୍ରୁସୋଲୋସିସ୍, ଜାପାନିଜ୍ ଏନ୍‌ସେଫାଲାଇଟିସ୍ ଓ ଏବୋଲା ଆଦି ମାରାତ୍ମକ ସଂକ୍ରାମକ ରୋଗ ଜୁନୋସିସ ରୋଗ ଅଟନ୍ତି। ଏହି ଜୁନୋସିସ ରୋଗ ସବୁ ବିଭିନ୍ନ ମାଧ୍ୟମରେ ଯଥା ସିଧାସଳଖ ରୋଗଗ୍ରସ୍ତ ପ୍ରାଣୀ ସଂସ୍ପର୍ଶରେ ଆସିବା ଦ୍ୱାରା ସଂକ୍ରମିତ ଲାଳ (କାମୁଡିବା ମାଧ୍ୟମରେ), ରକ୍ତ, ମଳ ଓ ମୂତ୍ର ସଂସ୍ପର୍ଶରେ ଆସିବା ଦ୍ୱାରା, ମଶା, ମାଛି, ଟିଙ୍କ ଆଦି ବାହକ ମାନଙ୍କ ଦ୍ୱାରା ତଥା ସଂକ୍ରମିତ ଖାଦ୍ୟ ଓ ପାନୀୟ ଏପରିକି ବାୟୁ ଦ୍ୱାରା ମଧ୍ୟ ସଞ୍ଚାରିତ ହୋଇଥାଏ।

ପ୍ରାଣୀଠାରୁ ମନୁଷ୍ୟକୁ ତଥା ମନୁଷ୍ୟଠାରୁ ପ୍ରାଣୀଙ୍କୁ ସଞ୍ଚାରିତ ହେଉଥିବା ରୋଗ ବା ସଂକ୍ରମଣ ଉଭୟ, ଜୁନୋସିସ୍‌ର ଅନ୍ତର୍ଭୁକ୍ତ। ଯେଉଁ ରୋଗଗୁଡିକ ପ୍ରାଣୀମାନଙ୍କଠାରୁ ମନୁଷ୍ୟକୁ ସଞ୍ଚାରିତ ହୋଇଥାଏ ସେଗୁଡିକୁ 'ପ୍ରାଣୀଠାରୁ ମନୁଷ୍ୟକୁ ସଞ୍ଚାରିତ ରୋଗ' ବା ଆନ୍ଥ୍ରୋପୋଜୁନୋସିସ୍ କୁହାଯାଏ। ଉଦାହରଣ ସ୍ୱରୂପ –ଷ୍ଟାଫାଇଲୋକୋସିସ୍, ସାଲ୍‌ମୋନେଲୋସିସ୍ ଇତ୍ୟାଦି।

ଏହି ରୋଗକୁ ନିୟନ୍ତ୍ରଣ କରିବାର କୋଟୋଟି ଉପାୟ ରହିଛି। ପରିଷ୍କାର ଓ ପରିଚ୍ଛନ୍ନତା ଜୁନୋସିସ୍ ରୋଗକୁ ନିୟନ୍ତ୍ରଣ କରିବା ପାଇଁ ଏକ ବଡ଼ ବାଟ। ମନୁଷ୍ୟ ଓ ପ୍ରାଣୀଙ୍କଠାରେ ନିୟମିତ ରୋଗ ସର୍ବେକ୍ଷଣ କରାଯାଇ ବିଭିନ୍ନ ଜୁନୋସିସ୍ ରୋଗକୁ ଓ ସେଗୁଡିକର ବାହକ କଥା ରୋଗକୁ ପ୍ରଭାବିତ କରୁଥିବା ପାରିପାର୍ଶ୍ୱିକ କାରକଗୁଡ଼ିକୁ ଚିହ୍ନଟ କରିବା ଆବଶ୍ୟକ। ଏହାଦ୍ୱାରା ରୋଗ ସଂକ୍ରମଣର କେନ୍ଦ୍ରବିନ୍ଦୁ ଜାଣି ହେବା ସହିତ ଏହା ଯେପରି ଆହୁରି ଅଧିକ ବ୍ୟାପି ନ ଯିବ, ସେଥିପାଇଁ ଉପାୟ ବାହାର କରିବା ସମ୍ଭବପର ହୋଇଥାଏ। ରୋଗଗ୍ରସ୍ତ ପ୍ରାଣୀ/ମନୁଷ୍ୟକୁ ପରୀକ୍ଷା କରି ରୋଗ ନିରୂପଣ କରିବା ଏବଂ ତାକୁ ଅଲଗା କରି ରଖିବା ଦରକାର। ଏହା ରୋଗ ନିୟନ୍ତ୍ରଣ କରିବା ନିମନ୍ତେ ଅନ୍ୟତମ ସରଳ ଉପାୟ ଅଟେ। ସମୟ ସମୟରେ ସାମୂହିକ କେତେକ ଉପଚାର ମଧ୍ୟ କରାଯାଇପାରେ। କିନ୍ତୁ ବନ୍ୟପ୍ରାଣୀଙ୍କ କ୍ଷେତ୍ରରେ ଏହା ସମ୍ଭବ ନୁହେଁ। ରୋଗ ବହନକାରୀ କୀଟ ବା ବାହକକୁ ନଷ୍ଟ କରିବା ବା ନିୟନ୍ତ୍ରଣ କରିବା ଆବଶ୍ୟକ। ଏହା ସୁଚିନ୍ତିତ ଯୋଜନା ମାଧ୍ୟମରେ କୀଟନାଶକ ପ୍ରୟୋଗ ଦ୍ୱାରା ସମ୍ଭବ। ବିଭିନ୍ନ ରୋଗର ବାହକ ତଥା ବନ୍ୟପ୍ରାଣୀଙ୍କ ପ୍ରାଦୁର୍ଭାବରୁ ସୁରକ୍ଷା କଲାଭଳି ସୁସ୍ଥ ପରିବେଶ ସୃଷ୍ଟି କରିବା ଦରକାର। ରୋଗୀକୁ ଅଲଗା କରି ରଖିବା, ବାହକଠାରୁ ସୁରକ୍ଷା ଦେବା ତଥା ସମସ୍ତ ଜୈବିକ ସୁରକ୍ଷା ଉପାୟମାନ ଅବଲମ୍ବନ କରି ରୋଗଣା ସଂସ୍ପର୍ଶରେ ସୁସ୍ଥ ମନୁଷ୍ୟ/ପ୍ରାଣୀକୁ ଆସିବାକୁ ନ ଦେବା ଦରକାର। ଟିକାକରଣ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଉପାୟ। ଯେଉଁ ଜୁନୋସିସ୍ ରୋଗଗୁଡ଼ିକର ପ୍ରତିଷେଧକ ଟିକା ଉପଲବ୍ଧ, ସେହି ରୋଗଗୁଡ଼ିକ ନିମନ୍ତେ ଟିକାକରଣ ମାଧ୍ୟମରେ ପ୍ରାଣୀ ଓ ମନୁଷ୍ୟଙ୍କର ରୋଗ ପ୍ରତିରୋଧକାରୀ କ୍ଷମତା ବଢ଼ିଥାଏ। ଜନସ୍ୱାସ୍ଥ୍ୟ କର୍ମଚାରୀ, ଡାକ୍ତର, ପ୍ରାଣୀଚିକିତ୍ସା ଅଧିକାରୀ ତଥା ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନଙ୍କ ମାଧ୍ୟମରେ ସଧାରଣ ଜନତାଙ୍କୁ ଜୁନୋସିସ୍ ରୋଗ ଓ ତା'ର ନିୟନ୍ତ୍ରଣ ନିମନ୍ତେ ସ୍ୱାସ୍ଥ୍ୟ ଶିକ୍ଷା ପ୍ରଦାନ ତଥା ସଚେତନ କରିବା ଏକାନ୍ତ ଆବଶ୍ୟକ।

**–ଡା. ବୀରକିଶୋର ପରିଡା,** ପ୍ରାକ୍ତନ ଅତିରିକ୍ତ ନିର୍ଦ୍ଦେଶକ (ପ୍ରାଣୀ ସମ୍ପଦ ବିଭାଗ)
ପ୍ଲଟ ନଂ–୨୭୬, ଲକ୍ଷ୍ମୀପ୍ରିୟା ଭବନ,
ମହାନଦୀ ବିହାର, କଟକ
ମୋ : ୯୪୩୭୬୦୭୩୧୨

# ସ୍ପାଇ ୟୁନିଭର୍ସରେ ଅଭିନୟ କରିବେ ଆଲିଆ



**ମୁମ୍ବାଇ:** ବଲିଉଡ୍‌ରେ ଚୁଲ୍‌ବୁଲି ନାୟିକା ଆଲିଆ ଭଟ୍ଟ ମା' ହେବା ପରେ ସମ୍ପୂର୍ଣ୍ଣ ବଦଳି ଯାଇଛନ୍ତି। ସେ ଆଜିକାଲି ଅଧିକ ସମୟ ଝିଅ ରାହାକୁ ଦେଉଛନ୍ତି। ଏସବୁ ଭିତରେ ସେ ନିଜ ଫ୍ୟାନମାନଙ୍କୁ ଖୁସି ଖବର ଦେଇଛନ୍ତି। ସେ ଖୁବଶୀଘ୍ର ୟଶ୍ ରାଜ ଫିଲ୍ମସର ଆକ୍ସନ ଥ୍ରୀଲର ଫିଲ୍ମ 'ସ୍ପାଇ ୟୁନିଭର୍ସ'ର ଶୁଟିଂ ଆରମ୍ଭ କରିବାକୁ ଯାଉଛନ୍ତି। ଏହା ସହ ଦୀର୍ଘଦିନ ପରେ ସେ ଏକ ବଡ଼ ବଜେଟ୍‌ର ଫିଲ୍ମରେ ନଜର ଆସିବେ। ସ୍ପାଇ ଫିଲ୍ମରେ ଆଲିଆ ଏବଂ ବବି ଦେଓଲଙ୍କୁ ଦେଖିବାକୁ ମିଳିବ। ଜୁଲାଇ ୧୫ରୁ ମୁମ୍ବାଇରେ ୱାଇଆର୍‌ଏଫ୍‌ର ଫିମେଲ ସ୍ପାଇ ୟୁନିଭର୍ସ ଫିଲ୍ମର ଶୁଟିଂ ଆରମ୍ଭ ହେବ। ବର୍ତ୍ତମାନ ଫିଲ୍ମର ସେଟ୍ ପ୍ରସ୍ତୁତ ହେଉଛି। ପରେ କଶ୍ମୀରରେ ଫିଲ୍ମର କେତେକ ଅଂଶ ଶୁଟ୍ ହେବ। ଫିଲ୍ମର କିଛି ଗୁରୁତ୍ୱପୂର୍ଣ୍ଣ ଆକ୍ସନ ଦୃଶ୍ୟ ମଧ୍ୟ ସେଠାରେ ଶୁଟିଂ କରାଯିବ। ଏହା ବ୍ୟତୀତ ବିଦେଶରେ ଏକ କାର୍ଯ୍ୟସୂଚୀ ମଧ୍ୟ ଯୋଜନା କରାଯାଇଛି, ଯାହା ଡିସେମ୍ବରରୁ ଆରମ୍ଭ ହୋଇପାରେ। ଆଦିତ୍ୟ ଚୋପ୍ରାଙ୍କ ଦ୍ୱାରା ନିର୍ମିତ ଏହି ପ୍ରଡକ୍ସନ ହାଉସର ଏହା ଅଷ୍ଟମ ଚଳଚ୍ଚିତ୍ର ହେବ। ଏହା ସହିତ ୟଶ୍ ରାଜ ଫିଲ୍ମ ୨୦୧୨ରେ ଏକ୍ ଥା ଟାଇଗର, ବ୍ଲକବଷ୍ଟର ଚଳଚ୍ଚିତ୍ର ଟାଇଗର ଜିନ୍ଦା ହୈ, ୱାର୍ ଏବଂ ପଠାନ ଭଳି ଚଳଚ୍ଚିତ୍ର ନିର୍ମାଣ କରିଛି।


## ODISHA JOINT ENTRANCE EXAMINATION - 2024 (OJEE - 2024)
### PUBLIC NOTICE REGARDING OJEE WEB COUNSELLING FOR 2024-25

No.: 294/OJEE Date: 05.07.2024

No. h-04: This is for the information of all concerned that OJEE Web-Based Counselling Process for **B.Tech/B.Arch/B.Plan/B.CAT/Int M.Sc/MBA/MCA/M.Sc. Comp. Sc./M. Tech/M. Arch and M. Plan** Programs is going to start from **8th July, 2024.**

Interested candidates having valid JEE Main-2024 Ranks (for B.Tech/B.Arch/B. Plan/Int M.Sc. Programs) and OJEE 2024/CAT/MAT/CMAT/ATMA/XAT/NIMCET/ GATE Ranks as applicable (for B.CAT/MBA/MCA/M.Sc. Comp. Sc./M.Tech/M.Arch and M.Plan Programs) are advised to visit OJEE websites **(www.ojee.nic.in / www. odishajee.com)** and see the detailed **Counselling Schedule** for all these courses.

They are further advised to carefully go through the documents, **"Counselling Brochure" and "Step-by-Step Procedure",** available in the website to get detailed information about the entire counselling process.

**Sd./- CHAIRMAN, OJEE, Odisha**
OIPR-44026/11/0003/2425


## ରାଜ୍ୟ ଖବର

# ୪୪ ହଜାରରୁ ଊର୍ଦ୍ଧ୍ୱ ଟଙ୍କାର ଜରିମାନା ଆଦାୟ

### ସିଟି ଆଣ୍ଡ ଜିଏସ୍‌ଟି ବିଭାଗର ଚଢ଼ାଉ

ଚମ୍ପୁଆ, ୫।୭(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ତହସିଲ ଛକ ନିକଟରେ ସିଟି (କମର୍ସିଆଲ ଟ୍ୟାକ୍ସ) ଆଣ୍ଡ ଜିଏସ୍‌ଟି(ଗୁଡ୍‌ସ ଆଣ୍ଡ ସର୍ଭିସ୍ ଟ୍ୟାକ୍ସ) ବିଭାଗ ପକ୍ଷରୁ ଶୁକ୍ରବାର ୨ ଗାଡ଼ି ଉପରେ ଚଢ଼ାଉ ହୋଇଛି। ଚଢ଼ାଉରେ ୪୪ ହଜାର ୩୬୦ ଟଙ୍କା ଜରିମାନା ଆଦାୟ କରାଯାଇଥିବା ବିଭାଗୀୟ ଅଧିକାରୀ କିଶୋର ଚନ୍ଦ୍ର ଜେନା ସୂଚନା ଦେଇଛନ୍ତି।

ସୂଚନା ମୁତାବକ, ଚମ୍ପୁଆ ଏକ ଉପାନ୍ତ ଅଞ୍ଚଳ ହୋଇଥିବା ବେଳେ ଝାଡ଼ଖଣ୍ଡ ରାଜ୍ୟ ସହ ବ୍ୟବସାୟିକ ସମ୍ପର୍କ ରହିଛି। ଏହାର ସୁଯୋଗ ନେଇ ବ୍ୟବସାୟୀମାନେ ବହୁ ସମୟରେ ବିଭାଗ ଆଖିରେ ଧୂଳି ଦେଇ ଟିକସ ଫାଙ୍କି ବ୍ୟବସାୟ ଚଳାଉଛନ୍ତି। ଏହାକୁ ଆଖି ଆଗରେ ରଖି ଶୁକ୍ରବାର ସକାଳ ୮ ଘଟିକା ସମୟରେ ସିଟି ଆଣ୍ଡ ଜିଏସ୍‌ଟି ପକ୍ଷରୁ ତହସିଲ ନିକଟରେ ୨ ଗାଡ଼ିକୁ ଅଟକାଇ ଯାଞ୍ଚ କରାଯାଇଥିଲା। ଯାଞ୍ଚ ସମୟରେ କାଗଜପତ୍ରରେ ତ୍ରୁଟିଥିବା ଜଣାଯିବା ପରେ କିଶୋର ଚନ୍ଦ୍ରଙ୍କ ଜେନାଙ୍କ ନେତୃତ୍ୱରେ ସହକାରୀ ଅଧିକାରୀ ଭୀମସେନ ମହାନ୍ତି ଓ ଅଜୟ କୁମାର ମଲ୍ଲିକ ୨ ଗାଡ଼ିକୁ ୨୫ ହଜାର ଓ ୧୮ ହଜାର ୩୬୦ ଟଙ୍କାର ଜରିମାନା କରିଥିଲେ। ଆଗକୁ ଏହି ଚଢ଼ାଉ ଜାରି ରହିବ ବୋଲି ଅଧିକାରୀ ସୂଚନା ଦେଇଛନ୍ତି।

## ଭ୍ରମ ସଂଶୋଧନ

ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ ପାଇଁ ଆବେଦନକାରୀମାନେ ହ୍ୱାଟ୍ସଆପ୍‌ରେ ନିଜର ଅଭିଯୋଗ ପଞ୍ଜୀକରଣ କରିପାରିବେ। ସମ୍ପୃକ୍ତ ନମ୍ବରଟି ହେଲା ୬୩୭୦୯୫୧୯୩୦। ହେଲେ ଶୁକ୍ରବାର ଧରିତ୍ରୀରେ ପ୍ରକାଶିତ ଖବରରେ ଭୁଲକ୍ରମେ ହ୍ୱାଟ୍ସଆପ୍ ନଂ. ୬୩୭୦୯୫୧୯୩୯ ପ୍ରକାଶିତ ହୋଇଥିଲା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଇଲା କେଉଁଠୁ ଶଙ୍ଖ**
**ତା' ବକବକମ ଦେଖ।**

କେତେଜଣ ବ୍ୟକ୍ତି ହଠାତ୍ ପହଞ୍ଚିଯାଇ ନିଜ ପତିଆରା ଜାହିର କରିବା ପାଇଁ ଅଯଥାରେ ଆତ୍ମସାତ୍ତ୍ୱ ବଖାଣିଥାନ୍ତି। ତାଙ୍କର ଏପରି ବକବକକୁ ଅନେକେ ସହଜରେ ଗ୍ରହଣ କରି ନ ପାରି ନାକ ଟେକିଥାନ୍ତି। ଆତ୍ମବଡ଼ିମା ଦେଖାଇହେଉଥିବା ଅଜ୍ଞାତ ବ୍ୟକ୍ତି ପ୍ରତି ଏଭଳି କଟୁକ୍ତି ପ୍ରକାଶ କରାଯାଇଛି।

**ଅରଜି ଖାଏ ଯେ ନିଜର ଧନ**
**ପର ପାଖରେ ତା' କାହିଁକି ମାନ?**

ନିଜସ୍ୱ ଅର୍ଜିତ ଧନରେ ନିଜେ ପୋଷି ହେବା ଉଚିତ। ଏହା ଗର୍ବ ଓ ଗୌରବର ବିଷୟ ବା କଥା ହୋଇଥାଏ। ଏପରିସ୍ଥଳେ ନିଜ ଉପାର୍ଜନରେ ନିଜର ପ୍ରତିପୋଷଣ କରୁଥିବା ବ୍ୟକ୍ତି ପର ପାଖରେ ମାନ କରିବା ଅନୁଚିତ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ–ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:




ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।


## omfed — The Odisha State Co-operative Milk Producers' Federation Limited
www.omfed.com
D-2, Sahid Nagar, Bhubaneswar-751007
PH.No.:0674-2546030,2540273, 2540417, 2540974, E-mail ID: omfed@yahoo.com

Date: 06.07.2024

### TENDER NOTICE

**No.CAD-474:** OMFED invites sealed and separate offers for Technical & Commercial bids from reputed Manufacturers/ Distributors for supply, Aluminium Milk can 40 Litre capacity. Tender document can be down loaded from website www.omfed.com against payment of required amount in shape of Demand Draft drawn in favour of OMFED drawn on any nationalized bank payable at Bhubaneswar. The Tender document should be duly filled & submitted on due date along with the cost of paper.
The sealed technical & commercial bid along with required EMD (inside commercial bid) should reach the above addressed office by Dt.22.07.2024 up to 2.00 PM hours. The Bid shall open on 22.07.2024 at 4.00 P.M. in presence of interested bidders. For details please visit our website www.omfed.com
The corrigendum/ amendment to this notice required shall be published only in the OMFED website and will not be published again in newspapers.
OMFED reserves the right to cancel partial or whole tender without assigning any reason thereof.

OIPR-06063/11/0017/2425 **Sd./- Managing Director**

## ROURKELA DEVELOPMENT AUTHORITY
Uditnagar, Rourkela - 769012

No. 567/RDA Dated: 04.07.24

### PROCLAMATION

No. CAD-462: It is hereby informed to the General Public that, **Jibani Parida**, W/o. Late Benudhar Parida has applied for permission for transfer of **House Site No. 52M-169 Site & Service Scheme, Phase-II, Chhend** in favour of **Sri Dillip Kumar Parida,** S/o. Late Benudhar Parida. Anybody has got objection to the proposed transfer, he/she may file objection petition before the undersigned within 15 (fifteen) days from the date of publication of this proclamation. Objection petition shall not be entertained after expiry of the stipulated period.

**Sd./- Secretary**
OIPR-13250/11/0020/2425 **Rourkela Development Authority**

## BPMU, CHC DUNGURIPALI, SUBARNAPUR
### Tender Call Notice for hiring of vehicle

**No.E-99:** Sealed quotations are invited from Travel Agencies/ Transporters/Tour Operator/ Individuals/Private Organization/ NGOs situated within Subarnapur District for supply of vehicle on monthly hiring basis to be used for BPMU, CHC DUNGU-RIPALI. Last date for submitting the documents is 18.07.2024 upto 5 pm. For detail information and documents, please visit **https://subarnapur.odisha.gov.in.**
The authority has reserve the right to cancel the whole process without any notice.

**Sd/- Superintendent,**
OIPR-10194/11/0001/2425 **CHC Dunguripali, Subarnapur**

## ROURKELA DEVELOPMENT AUTHORITY
Uditnagar, Rourkela - 769012

No. 563/RDA Dated: 04.07.24

### PROCLAMATION

No. CAD-463: It is hereby informed to the General Public that, **Smt. Sanjita Kar**, W/o. Sri Rajendra Kar has applied for permission for transfer of **House Site No. E/181, under Site & Services Scheme, Stage-I, Chhend** in favour of **Smt. Abhinetri Lohar**, W/o. Sri Budhiman Kerketta. Anybody has got objection to the proposed transfer, he/she may file objection petition before the undersigned within 15 (fifteen) days from the date of publication of this proclamation. Objection petition shall not be entertained after expiry of the stipulated period.

**Sd./- Secretary**
OIPR-13250/11/0021/2425 **Rourkela Development Authority**

## ODISHA HYDRO POWER CORPORATION LTD.
### OFFICE OF THE SENIOR GENERAL MANAGER (ELECTRICAL) UPPER KOLAB H. E. PROJECT,
AT/P.O.: BARINIPUT; DIST.: KORAPUT (ODISHA) - 764006
Telephone : 06854 - 242 001 Fax : 06854-242 092
Email ID : sgmel.ukhep@gmail.com
CIN : U40101OR1995SGC003963

**TENDER CALL NOTICE NO : UKHEP : 08/2024-25 DATED : 04.07.2024**

No.CAD-473: Sealed tenders in duplicate are invited from the Registered Travel Agencies / Vehicle Owners for the works mentioned below ;

| Sl. No. | Description / Type of Vehicle | Cost of Tender Paper (in Rs.) (Non-refundable) | EMD (in Rs.) (Refundable) |
|---|---|---|---|
| 1 | ONE NO. OF DIESEL RUN HIRED VEHICLE (BOLERO/ERTIGA/TUV 300/SUMO GOLD BS-VI, CLOSED BODY) FOR DEPLOYMENT FOR DIVISIONAL HEAD AND AS POOL VEHICLE FOR EXECUTIVES OF UTILITY DIVISION"UKHEP, BARINIPUT FOR A PERIOD OF 48 MONTHS FROM 2024-25 TO 2027-28 | Rs.7080/- (Paper Cost Rs.6000/- + GST @ 18% Rs. 1080/-) | 01% of Quoted Value |

The sale of Tender paper will be from : 10/07/2024 to 11:30 Hrs. of Date : 26/07/24
The last date & time of receipt of tender : Up to 12:00 hrs. of Date : 26/07/2024
The date and time of opening of tender : At 12:30 Hrs. of Date : 26/07/2024
For details of tender documents and Terms & Conditions downloading please visit our website www.ohpcltd.com.

**Sd./- C & P Head,**
OIPR-04002/11/0012/2425 **Upper Kolab HEP, OHPC Limited, Bariniput**

## ବନଖଣ୍ଡ ଅଧିକାରୀ କାର୍ଯ୍ୟାଳୟ, ଆଠଗଡ଼
## OFFICE OF THE DIVISIONAL FOREST OFFICER, ATHGARH FOREST DIVISION, ATHGARH
At/P.O.: Athgarh, Dist.: Cuttack, PIN - 754029
E-Mail: dfo.athagarh@odisha.gov.in

Notice No. 2710/1F (Account) Dated, Athgarh the 5th July, 2024

### SHORT TENDER CALL NOTICE FOR SUPPLY OF VEHICLE ON HIRE BASIS FOR OFFICIAL PURPOSE TO BE DEPLOYED IN DIFFERENT RANGES AND DIVISION HEAD QUARTER (ATHGARH, KHUNTUNI, BADAMBA, NARASINGHPUR)

No. MM-67: Quotations in plain paper/letter pad are invited from the intending supplier/vehicle owner for supply of Bolero vehicle within 3 years of registration for use in patrolling and other duty in Division office during the FY-2024-25 with following terms and condition.
The quotation should reach this office on or before **20.07.2024 at 11.00 A.M.** through Registered/Speed Post, Courier Service and can also be dropped in Tender Box placed in Office of the Divisional Forest Officer, Athgarh Forest Division. The tenders will be opned in the office of the undersigned on **Dt.22.07.2024 at 12 P.M.** by submitting a non-refundable Demand Draft to be drawn in favour of Divisional Forest Officer, Athgarh from **06.07.2024 to 20.07.2024** payable at Athgarh for **1180/-** (Cost 1000/- + GST 18% Rs.180/-) (Rupees one thousand one hundred eighty) only towards cost of tender paper, which will be placed before the Purchase Committee of this office for approval. The amount quoted should include the cost of Driver and all taxes (excluding the cost of Fuel). The incomplete quotation or quotation received after the scheduled date and time shall be summarily rejected. The undersigned reserves all rights to reject any or all quotation without showing any reason thereof.
1. BOLERO (Diesel Make) - 13 Nos.

**Sd./- (Dr. Jagyandatt Pati)**
**Divisional Forest Officer**
OIPR-08063/11/0001/2425 **Athgarh Forest Division, Athgarh**

## DISTRICT PROJECT OFFICE, SAMAGRA SHIKSHA, KHORDHA
No.2066/ Date. 03.07.2024

### NOTICE ON ENGAGEMENT AT NSCBAVs FUNCTIONING AT BMC

**No.n-32:** It is hereby notified for information of all concerned that, the Draft List of the candidates for 17 different posts of Netaji Subhash Chandra Bose Awasiya Vidyalays (NSCBAVs) functioning at BMC against the Advertisement Dt.16.02.2024 Khordha District is here by published in the Notice Board of DPO, Samagra Shiksha, Khordha, OSEPA website i.e. **www.osepa.odisha.gov.in** and district website **www.khordha.nic.in.**
The names of the candidates found place in the list are instructed to remain present physically with their original documents at DPO, Samagra Shiksha, Khordha at 10.30 AM for verification as per the date mentioned in the programme.
**Note:**
1. Candidates not present on the date for verification will not be entertained further and their candidature will be deemed to be cancelled.
2. Candidates finding place in this list does not confer any right for engagement.

**PROGRAMME FOR VERIFICATION OF CERTIFICATES OF THE CANDIDATES FOR ENGAGEMENT AT NSCBAVs FUNCTIONING AT BMC**

The verification of original document/certificates will be held as per the following programme at DPO, SS, Khordha from 10.30 AM.

| Sl. No. | Name of the Post | Date of Verification |
|---|---|---|
| 1 | Part time Tr. (Science) | 11.07.2024 |
| 2 | Part time Tr. (Arts) | 11.07.2024 |
| 3 | Accountant | 11.07.2024 |
| 4 | Head Cook & Asst. Cook | 12.07.2024 |
| 5 | Night Watch-man-cum-Sweeper | 12.07.2024 |
| 6 | Peon-cum-Attendant | 12.07.2024 |

**Sd./-**
**DEO-cum-DPC**
**Samagra Shiksha, Khordha**
OIPR-27101/11/0003/2425

## OFFICE OF THE DISTRICT EDUCATION OFFICER, KENDRAPARA
## DISTRICT PROJECT MANAGEMENT UNIT
## PM POSHAN-MDM

Order No. 7018/M Date: 04.07.24

### SHORT TENDER CALL NOTICE FOR ENGAGEMENT OF TRANSPORTING AGENT UNDER PM Poshan (MDM) FEEDING PORGRAMME IN KENDRAPARA DISTRICT FOR THE YEAR 2024-25

No. n-31: Sealed tenders in prescribed format under two bid system are invited from intending registered firms/authorized licensed Transport Contractor/Agents having valid TIN, PAN, GST Clearance for undertaking transportation of rice under PM Poshan (MDM) feeding programme in Kendrapara district from 18.07.24 to 31.03.25 for the year 2024-25. The cost of tender paper is **Rs.15,000/-** which can be deposited in shape of Banker Cheque or Bank Draft drawn in favour of DPMU MDM, Kendrapara. The Banker Cheque or Bank Draft should be enclosed with the technical bids. Last date and time for receipt of tender paper is **19.07.24 by 5.00 P.M.** positively. The tender documents must be sent **through Registered Post/Speed Post only** addressed to District Education Officer-cum-District Nodal Officer (MDM) At: Duhuria, P.O.: Pandiri, Dist.: Kendrapara, PIN - 754250. Sending of quotations through Couriers or by hand is not allowed. **This office will not be responsible for any postal delay**. The tender paper should be submitted in sealed cover superscribing as "TENDER FOR UNDERTAKING TRANSPORTATION WORK UNDER MDM FEEDING PROGRAMME IN KENDRAPARA DISTRICT 2024-25".
The authority reserves the right to reject any or all the tenders without assigning any reason thereof. For the details of the tender call notice and downloading the tender paper (Bid documents) containing detailed specification with terms and conditions please visit Kendrapara district website: **www.kendrapara.nic.in**.

**Sd./- By Order of Collector-cum-Chairman,**
**PM Poshan-MDM, Kendrapara**
**Sd./- District Education Officer-Cum-District Nodal Officer, PM Poshan-MDM, Kendrapara**
OIPR-27017/11/0001/2425

# ୨୦୩୧-୩୨ସୁଦ୍ଧା ୩୮୪ଜିଡ଼ବ୍ଲ୍ୟୁ ଶକ୍ତି ଚାହିଦା ଆକଳନ

## ଆଇସିସି ପକ୍ଷରୁ ୩ୟ ପୂର୍ବାଞ୍ଚଳ ଶକ୍ତି ସମ୍ମିଳନୀ

ଭୁବନେଶ୍ୱର ,୫।୭ (ଅଭୟ ଦାଶ)




ଇଣ୍ଡିଆନ ଚାମ୍ବର ଅଫ୍ କମର୍ସ (ଆଇସିସି)ର ଓଡ଼ିଶା ଶାଖା ପକ୍ଷରୁ ଭୁବନେଶ୍ୱର ଠାରେ ପୂର୍ବାଞ୍ଚଳରେ ବିକଳ୍ପ ଶକ୍ତି ଉତ୍ସର ସୁଚିନ୍ତିତ ତଥା ଅନୁସନ୍ଧାନ ପାଇଁ ଏକ ପ୍ଲାଟଫର୍ମ ସୃଷ୍ଟି କରିବା ପାଇଁ 'ତୃତୀୟ ପୂର୍ବାଞ୍ଚଳ ଶକ୍ତି ସମ୍ମିଳନୀ' ଅନୁଷ୍ଠିତ ହୋଇଯାଇଛି। ଆଇସିସି ଓଡ଼ିଶା ରାଜ୍ୟ ପରିଷଦର ଅଧ୍ୟକ୍ଷ ଜେ. ବି. ପାଣି ସ୍ୱାଗତ ଅଭିଭାଷଣ ଦେଇ କହିଥିଲେ, ଶିଳ୍ପ ଅଭିବୃଦ୍ଧି, ଅର୍ଥନୈତିକ ବିକାଶ ଏବଂ ଆମ ଦେଶର ସାମଗ୍ରିକ ସମୃଦ୍ଧତା ପାଇଁ ଶକ୍ତି ସୁରକ୍ଷା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ଚଳିତ ବର୍ଷ ୨୫୦ଜିଡବ୍ଲ୍ୟୁର ସର୍ବୋଚ୍ଚ ଚାହିଦା ୨୦୩୧-୩୨ସୁଦ୍ଧା ୩୮୪ଜିଡବ୍ଲ୍ୟୁରେ ପହଞ୍ଚିବ ବୋଲି ଆକଳନ କରାଯାଇଛି। ଏହା ଆନୁମାନିକ ଚାହିଦାକୁ ସମର୍ଥନ କରିବା ପାଇଁ ୨୦୩୧-୩୨ ସୁଦ୍ଧା ଭାରତ ୯୦୦ଜିଡବ୍ଲ୍ୟୁର ସ୍ଥାପିତ କ୍ଷମତା ଆବଶ୍ୟକ କରିବ, ଯାହା ୨୦୩୦ ସୁଦ୍ଧା ୫୦୦ଜିଡବ୍ଲ୍ୟୁ ସ୍ଥାପିତ ନବୀକରଣ ଯୋଗ୍ୟ ଶକ୍ତି କ୍ଷମତା ହାସଲ କରିବାର ମୂଳ ଲକ୍ଷ୍ୟ ଆବଶ୍ୟକ କରିବ। ପୂର୍ବ ଭାରତର ଶିଳ୍ପଗୁଡ଼ିକ ସେମାନଙ୍କର ବିବିଧ ଏବଂ ଗତିଶୀଳ ପ୍ରକୃତି ସହିତ ଏହି ପରିବର୍ତ୍ତନର ଅଗ୍ରଭାଗରେ ରହିଛି। ତେବେ ଭାରତରେ ଶିଳ୍ପ ଅଭିବୃଦ୍ଧିର ମାତ୍ରା ଏବଂ ପରିସର ଆଗାମୀ ଦଶନ୍ଧିରେ ଅନ୍ୟ ଦେଶ ତୁଳନାରେ ଶକ୍ତି ଚାହିଦା ସ୍ଥିର କରିବ। ଅତିଥି ଭାବେ ଯୋଗଦେଇ କାରଖାନା ଓ ବାଷ୍ପିତ୍ର ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ଡ. ମଳୟ କୁମାର ପ୍ରଧାନ କହିଥିଲେ କୋଇଲାକୁ ବିଭିନ୍ନ କଳ କାରଖାନା ଓ ବଏଲର ପ୍ଲାଣ୍ଟରେ ଶକ୍ତିର ମୁଖ୍ୟ ଉତ୍ସ ଭାବେ ବ୍ୟବହାର କରାଯାଉଛି। ଏହାଦ୍ୱାରା ପ୍ରଦୂଷଣ ମାତ୍ରା ବଢ଼ିବା ସହ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି ହେଉଛି। ତେଣୁ ବର୍ତ୍ତମାନ ପରିସ୍ଥିତିରେ ଯେତେବେଳେ ଆମେ ବିକଶିତ ଭାରତ କଥା ଚିନ୍ତା କରୁଛୁ,ସେହି ସମୟରେ ଆମକୁ ଶକ୍ତି ବୃଦ୍ଧିର ଆବଶ୍ୟକତା ଥିବା ବେଳେ ପ୍ରଦୂଷଣ ମାତ୍ରା ନେଟ୍ ଜିରୋ କରିବାର ଆବଶ୍ୟକତା ରହିଛି। ସାରା ବିଶ୍ୱରେ ୧୩ ମିଲିୟନ ଜନସାଧାରଣ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ଅନୁସାରେ ବିଶ୍ୱର ୯୯% ଲୋକ ଏହା ସଂସ୍ପର୍ଶରେ ଆସୁଛନ୍ତି। ସେଥିରେ ୮ ଟ୍ରିଲିୟନ ଡଲାର ହେଲ୍‌ଥ ହାଜାର୍ଡ ପୁନରୁଦ୍ଧାର ପାଇଁ ଖର୍ଚ୍ଚ ହେଉଛି। ଏହି ସମସ୍ୟାର ସମାଧାନ ନିମନ୍ତେ ଧ୍ୟାନ ଦେବା ଆବଶ୍ୟକ ରହିଛି।

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ମୁଖ୍ୟ ପରିବେଶ ଇଞ୍ଜିନିୟର ରବିନାରାୟଣ ପୃଷ୍ଟି କହିଥିଲେ, ଏନର୍ଜି ସେକ୍ଟରରେ ଇଲେକ୍ଟ୍ରିକ୍ ଜେନେରେଶନ ମୁଖ୍ୟ ଭୂମିକା ଗ୍ରହଣ କରିଛି। କୋଇଲା ଜଳିବା ନିହାତି ଜରୁରି ଥିଲାବେଳେ ଏହାଦ୍ୱାରା ବାୟୁ ପ୍ରଦୂଷଣ ତଥା ଫ୍ଲାଇଆଶ୍ ଉତ୍ପାଦନର ମାତ୍ରା ଅଧିକ ହେବ। ତେଣୁ ଏହି ବାୟୁ ପ୍ରଦୂଷଣକୁ ସୀମା ମଧ୍ୟରେ ରଖିବା ଏବଂ ଫ୍ଲାଇଆଶ୍‌କୁ ମ୍ୟାନେଜ୍ କରିବା ନିମନ୍ତେ ଫ୍ଲାଇଆଶ୍ ନୋଟିଫିକେଶନ୍‌ର ନିୟମ ଅନୁଯାୟୀ କିପରି ବିସ୍ଥାପନ କରାଯିବ ସେ ନେଇ ଯଥେଷ୍ଟ ଧ୍ୟାନଦେବା ଉଚିତ। ଯଦିଓ ଓଡ଼ିଶାର କେତୋଟି ସୀମିତ ଜିଲାରେ କୋଇଲା ଉପଲବ୍ଧ ଅଛି, ସେହି ଜାଗାରେ ପ୍ରଦୂଷଣ ବଢ଼ିବା ଆଶଙ୍କା ରହିଛି। ପାୱାର ପ୍ଲାଣ୍ଟଜନିତ ପ୍ରଦୂଷଣ ଏବଂ ୱେଷ୍ଟ ମ୍ୟାନେଜ୍‌ମେଣ୍ଟ ବାବଦରେ ସରକାରଙ୍କ ଅନେକ ନିୟମାବଳୀ ରହିଥିଲେ ମଧ୍ୟ ଆଗାମୀ ଦିନରେ ଆସିବାକୁ ଥିବା ନିୟମାବଳୀ ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସେ ଅନୁରୋଧ କରିଥିଲେ।

ଅନ୍ୟ ଅତିଥି ଭାବେ ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ଉପଦେଷ୍ଟା ବିଭୁ ମିଶ୍ର ଓ ଏସାର ପାୱାର ସିଇଓ କୁଶ୍ ସିଂହ, ସେଲ୍ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଆଲୋକ ବର୍ମା, ସିଏସିଆଇଆର୍-ଆଇଏମ୍ଏମ୍‌ଟି ନିର୍ଦ୍ଦେଶକ ଡ.ରାମାନୁଜ ନାରାୟଣ ପ୍ରମୁଖ ଉପସ୍ଥିତ ଥିଲେ। ଆଇସିସି ଓଡ଼ିଆ ରାଜ୍ୟ ପରିଷଦର ବରିଷ୍ଠ ସଦସ୍ୟ ବିଭୁପ୍ରସାଦ ମିଶ୍ର ଧନ୍ୟବାଦ ଅଭିଭାଷଣ ଦେଇଥିବା ବେଳେ ଆଇସିସିର ଆଞ୍ଚଳିକ ନିର୍ଦ୍ଦେଶକ ଜେ. ପି. ପାଲ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ପ୍ରସଙ୍ଗ ଆଲୋଚନା ହୋଇଥିଲା। ୨୦୭୦ ସୁଦ୍ଧା ନିଟ୍ ଶୂନ ନିର୍ଗମନ ହାସଲ କରିବା ପାଇଁ ଭାରତର ଘୋଷିତ ଉଦ୍ଦେଶ୍ୟକୁ ଦୃଷ୍ଟିରେ ରଖି ଶିଳ୍ପ, ବିଦ୍ୟୁତ୍ ଉତ୍ପାଦନ କରୁଥିବା ଶିଳ୍ପକୁ ସ୍ଥିରତା, ନିମ୍ନ ଅଙ୍ଗାରକାମ୍ଳ ଏବଂ ଅକ୍ଷୟ ଶକ୍ତି ଉତ୍ସକୁ ପରିବର୍ତ୍ତନ କରିବାକୁ ଶକ୍ତି ମିଶ୍ରଣକୁ ବିବିଧ କରିବାକୁ ପଡ଼ିବ।

# ଏନ୍ଏମ୍‌ଡିସି ପରିଦର୍ଶନକଲେ କେନ୍ଦ୍ର ଇସ୍ପାତ ସଚିବ



ଭୁବନେଶ୍ୱର ,୫।୭ (ଅଭୟ ଦାଶ)

ଦେଶର ପ୍ରମୁଖ କେନ୍ଦ୍ରୀୟ ସଂସ୍ଥା ତଥା ନ୍ୟାଶନାଲ ମିନେରାଲ ଡେଭଲପମେଣ୍ଟ କର୍ପୋରେଶନ(ଏନ୍ଏମ୍‌ଡିସି) ଲିମିଟେଡ୍‌ର ହାଇଦ୍ରାବାଦର ପାଟନଚେରୁସ୍ଥିତ ନ୍ୟୁ ଷ୍ଟେଟ୍ ଅଫ୍ ଆର୍ଟ ରିସର୍ଚ୍ଚ ଆଣ୍ଡ ଡେଭଲପମେଣ୍ଟ ସେଣ୍ଟରକୁ କେନ୍ଦ୍ର ଇସ୍ପାତ ସଚିବ ନଗେନ୍ଦ୍ର ନାଥ ସିହ୍ନା ଶୁକ୍ରବାର ପରିଦର୍ଶନରେ ଆସିଥିଲେ। ଏହି ଅବସରରେ ଏନ୍ଏମ୍‌ଡିସିର ସିଏମ୍‌ଡି (ଅତିରିକ୍ତ ଦାୟିତ୍ୱ) ଅମିତାଭ ମୁଖାର୍ଜୀ, ନିର୍ଦ୍ଦେଶକ (ଯାନ୍ତ୍ରିକ) ବିନୟ କୁମାର, ନିର୍ଦ୍ଦେଶକ (ବାଣିଜ୍ୟ) ଭି. ସୁରେଶ ଏବଂ ସିଭିଓ ବି. ବିଶ୍ୱନାଥ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏ ସମ୍ପର୍କରେ କେନ୍ଦ୍ର ଇସ୍ପାତ ସଚିବ ସିହ୍ନା କହିଥିଲେ, ଏନ୍ଏମ୍‌ଡିସିର ଏହି ନ୍ୟୁ ଷ୍ଟେଟ୍ ଅଫ୍ ଆର୍ଟ ରିସର୍ଚ୍ଚ ଆଣ୍ଡ ଡେଭଲପମେଣ୍ଟ ସେଣ୍ଟର ନିଗମ ପାଇଁ ଏକ ନୂଆ ପରିଚୟ ସହ ଏହାର ବିକାଶରେ ବେଶ୍ ସହାୟକ ହେବ। ସେହିଭଳି ଏନ୍ଏମ୍‌ଡିସିର ସିଏମ୍‌ଡି (ଅତିରିକ୍ତ ଦାୟିତ୍ୱ) ମୁଖାର୍ଜୀ କହିଥିଲେ, ନିଗମର ବିଭିନ୍ନ ବିକାଶମୂଳକ କାର୍ଯ୍ୟରେ ଆମେ ଆମର ଶ୍ରେଷ୍ଠ ସହ ବୈଷୟିକ ଜ୍ଞାନର ସମ୍ପୂର୍ଣ୍ଣ ବିନିଯୋଗ କରୁଛୁ।

# ଲାଲ୍‌ଚାନ୍ଦ୍ ଜୁଏଲର୍ସର ମନ୍‌ସୁନ୍ ସେଲ୍

ଭୁବନେଶ୍ୱର ,୫।୭ (ଅଭୟ ଦାଶ)




ରାଜ୍ୟର ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ ତଥା ପୂର୍ବ ଭାରତର ପ୍ରମୁଖ ଗହଣା ବ୍ରାଣ୍ଡ୍ ଲାଲ୍‌ଚାନ୍ଦ୍ ଜୁଏଲର୍ସର ବହୁ ପ୍ରତୀକ୍ଷିତ ଅଫର 'ମନ୍‌ସୁନ୍ ସେଲ୍'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବର୍ତ୍ତମାନ ସାରା ଓଡ଼ିଶାରେ ମୌସୁମୀ (ବର୍ଷାଋତୁ) ଜାରି ରହିଛି। ମୌସୁମୀକୁ ସ୍ମରଣୀୟ କରିବା ପାଇଁ ଲାଲ୍‌ଚାନ୍ଦ୍ ଜୁଏଲର୍ସର ମନ୍‌ସୁନ୍ ସେଲ୍‌ର ଅଫର ଆରମ୍ଭ ହୋଇଛି। ବିଶେଷକରି ସୁନା, ରୁପା ଏବଂ ହୀରାର ସର୍ବୋତ୍କୃଷ୍ଟ ସଂଗ୍ରହ ଉପରେ ଲାଲ୍‌ଚାନ୍ଦ୍ ଆକର୍ଷଣୀୟ ଅଫରର ବର୍ଷା କରିଛି। ଏହି କ୍ରମରେ ବ୍ରାଣ୍ଡ୍‌ର ସମସ୍ତ ଏଚ୍‌ୟୁଆଇଡି ହଲ୍‌ମାର୍କଯୁକ୍ତ ସୁନାଗହଣାର ଗଢ଼ା ମୂଲ୍ୟ ପ୍ରତି ଗ୍ରାମ୍ ପିଛା ଫ୍ଲାଟ୍ ୯୯୯ ଟଙ୍କା ରହିଥିବା ବେଳେ ହୀରା ଗହଣାର ଗଢ଼ା ମୂଲ୍ୟକୁ ମଧ୍ୟ ଛାଡ଼ କରାଯାଇଛି। ଏହା ସହ ରୁପା ଗହଣାର ଗଢ଼ା ମୂଲ୍ୟ ଉପରେ ଫ୍ଲାଟ୍ ୪୦% ରିହାତି ଥିଲାବେଳେ ନିର୍ଦ୍ଦିଷ୍ଟ ହାତଘଣ୍ଟା ବ୍ରାଣ୍ଡ୍‌ର ଏମ୍ଆର୍‌ପି ଉପରେ ଫ୍ଲାଟ୍ ୨୦% ଏବଂ ବ୍ରାଣ୍ଡେଡ୍ ଆଇଟମ୍‌ର ମୂଲ୍ୟ ଉପରେ ଫ୍ଲାଟ୍ ୧୫% ରିହାତି ଦିଆଯାଉଛି।

ସେହିଭଳି ମନ୍‌ସୁନ୍ ସେଲ୍‌ର ଅନ୍ୟ ଏକ ଆକର୍ଷଣୀୟ ଅଫର ମଧ୍ୟରେ ୧.୫ ଲକ୍ଷ ଟଙ୍କା ମୂଲ୍ୟର ସୁନାଗହଣାର ପ୍ରତ୍ୟେକ କ୍ରୟ ଉପରେ ୧୦୦ ମିଲିଗ୍ରାମ୍‌ର ସ୍ୱର୍ଣ୍ଣ ମୁଦ୍ରା ମାଗଣା ପ୍ରଦାନ କରାଯାଉଥିବା ଲାଲ୍‌ଚାନ୍ଦ୍ ପକ୍ଷରୁ ସୂଚନା ଦିଆଯାଇଛି। ଏହା ସହ ଲାଲ୍‌ଚାନ୍ଦ୍‌ର ପ୍ରତ୍ୟେକ ଶୋ'ରୁମ୍‌ରେ ବିଆଇଏସ୍ ହଲ୍‌ମାର୍କଯୁକ୍ତ ପୁରୁଣା ସୁନାର ଏକ୍ସଚେଞ୍ଜ ଉପରେ ୧୦୦% ସୁନା ମୂଲ୍ୟ ମିଳୁଥିବାବେଳେ ପୂର୍ବ ଭାରତର ଅଳଙ୍କାର ବଜାରରେ ଲାଲ୍‌ଚାନ୍ଦ୍ ଏଚ୍‌ୟୁଆଇଡି ହଲ୍‌ମାର୍କଯୁକ୍ତ ସୁନାଗହଣା ଉପରେ ସର୍ବନିମ୍ନ ଗଢ଼ା ମୂଲ୍ୟ ଅଫର ପ୍ରଦାନ କରାଯାଉଛି। ଅପରପକ୍ଷରେ ଅନ୍ୟ ଜୁଏଲର୍ସମାନେ ୧୫୦୦ ରୁ ୨୨୦୦ ଟଙ୍କା ପର୍ଯ୍ୟନ୍ତ ଗଢ଼ା ମଜୁରି ନେଉଛନ୍ତି।

ଭୁବନେଶ୍ୱର, ବ୍ରହ୍ମପୁର, କଟକ ଓ ନୂଆଦିଲ୍ଲୀର ଅଳଙ୍କାର ବଜାରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଲାଲ୍‌ଚାନ୍ଦ୍ ସର୍ବଦା ଗ୍ରାହକଙ୍କ ସଚେତନ ପାଇଁ ମିଡିଆ କ୍ୟାମ୍ପେନ୍ ଚଳାଇ ଆସୁଛି।

# ଇସ୍‌ରାଏର ଚାର୍ଟରିଂ ସେରିମନି

ଭୁବନେଶ୍ୱର ,୫।୭ (ଅଭୟ ଦାଶ)

ଇଣ୍ଡିଆନ୍ ସୋସାଇଟି ଅଫ୍ ହିଟିଂ, ରେଫ୍ରିଜରେଟିଂ ଆଣ୍ଡ ଏୟାର କଣ୍ଡିସନିଂ ଇଞ୍ଜିନିୟର୍ସ (ଆଇଏସ୍ଏଚ୍ଏଆର୍ଏଇ ବା ଇସ୍‌ରାଏ)ର ଭୁବନେଶ୍ୱର ଚାପ୍ଟର ପକ୍ଷରୁ ଶୁକ୍ରବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ଚାର୍ଟରିଂ ସେରିମନି'ର ଆୟୋଜନ ଭୁବନେଶ୍ୱରର ଏକ ୫ ତାରକା ହୋଟେଲଠାରେ କରାଯାଇଥିଲା। ରାଜ୍ୟରେ ଇସ୍‌ରାଏର ଅଭିନବ ଓ ଉଲ୍ଲେଖନୀୟ ଯାତ୍ରାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ସଫଳତାକୁ ଚିହ୍ନିତ କରୁଛି। ଏହି କାର୍ଯ୍ୟକ୍ରମରେ ଆସୋସିଏଶନର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଏହି ସେରିମନିରେ ଗଭର୍ନର ବୋର୍ଡ ପାଇଁ ଏକ ଶପଥ ଗ୍ରହଣ ସମାରୋହର ଆୟୋଜନ କରାଯାଇଥିଲା, ଯେଉଁଥିରେ ଇସ୍‌ରାଏ ଭୁବନେଶ୍ୱର ଚାପ୍ଟରର ତତ୍କାଳ ପୂର୍ବତନ ଅଧ୍ୟକ୍ଷ ବାଲାଜୀ କୁମାର ଚୌଧୁରୀ, ଅଧ୍ୟକ୍ଷ ନୀଳାଚଳ କାଶୀନାଥ ଗୌଡ, ନିର୍ବାଚିତ ଅଧ୍ୟକ୍ଷ ସଚିନ୍ଦ୍ର କୁମାର ରାଉତ, ସଚିବ ସଞ୍ଜିତ କୁମାର ଆଚାର୍ଯ୍ୟ, ଟ୍ରେଜରର ନିଳୋତ୍ପଳା ବେଜ୍ ପ୍ରମୁଖ ସାମିଲ ଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସୋସାଇଟି ନିୟମ ଅନୁଯାୟୀ ପାଳନ କରାଯାଇଥିଲା। ଏହି ଅବସରରେ ସି. ଭି. ରମଣ ଗ୍ଲୋବାଲ ୟୁନିଭର୍ସିଟିର ଅଧ୍ୟକ୍ଷ ଡ.ସଞ୍ଜୀବ କୁମାର ରାଉତ କହିଛନ୍ତି, ଇସ୍‌ରାଏ ଭୁବନେଶ୍ୱରର ଉଭୟ ବୈଜ୍ଞାନିକ ଓ ବୈଷୟିକ କ୍ଷେତ୍ରରେ ଦକ୍ଷ ମାନବ ସମ୍ବଳ ସୃଷ୍ଟିକରି ଏହି ବର୍ଦ୍ଧିତ ଶିଳ୍ପକୁ ସହଯୋଗ କରିବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଶିକ୍ଷାନୁଷ୍ଠାନ, ଆଇଟିଆଇ, ୟୁନିଭର୍ସିଟିଗୁଡିକ ସହଯୋଗରେ ଏହା ଶିଳ୍ପ ପାଇଁ ପ୍ରଶିକ୍ଷିତ ବ୍ୟକ୍ତି ସୃଷ୍ଟି କରିପାରିବ ଏବଂ ଅଣସଂଗଠିତ କ୍ଷେତ୍ରରେ ବିଦ୍ୟମାନ ବୈଷୟିକ କର୍ମଚାରୀମାନଙ୍କୁ ଅପ୍‌ଗ୍ରେଡ୍ କରିପାରିବ। ମୁଁ ଏହା ଜାଣି ଖୁବ୍ ଖୁସି ଅନୁଭବ କରୁଛି ଯେ ୭ବର୍ଷ ପୂର୍ବେ ଆମେ ସୃଷ୍ଟି କରିଥିବା କ୍ଷୁଦ୍ର ସଂଗଠନଗୁଡିକ ଏବେ ଶିଳ୍ପ ଓ ବ୍ୟବସାୟଗୁଡିକ ସହ ସମନ୍ୱୟ ରକ୍ଷାକରି ବିକଶିତ ସହ ବୃଦ୍ଧି ପାଉଛନ୍ତି।

# ବଜାରରେ ବଜାଜ୍‌ର ଫ୍ରିଡମ୍ ୧୨୫

## ଭାରତରେ ବିଶ୍ୱର ପ୍ରଥମ ସିଏନ୍‌ଜି ବାଇକ୍‌ର ଅନାବରଣ

ଭୁବନେଶ୍ୱର ,୫।୭ (ଅଭୟ ଦାଶ)



ବଜାଜ୍ ଅଟୋ ଲିମିଟେଡ୍‌ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ କମ୍ପ୍ରେସ୍‌ଡ ନ୍ୟାଚୁରାଲ ଗ୍ୟାସ୍ ବା ସିଏନ୍‌ଜି ବାଇକ୍ 'ଫ୍ରିଡମ ୧୨୫'ର ଆନୁଷ୍ଠାନିକ ଅନାବରଣ ଶୁକ୍ରବାର ସର୍ବଭାରତୀୟ ସ୍ତରରେ ହୋଇଯାଇଛି। ଏପରିକି ଭାରତ (ଭାରତୀୟ ବଜାର)ରେ ବିଶ୍ୱର ପ୍ରଥମ ସିଏନ୍‌ଜି ବାଇକ୍‌ର ଅଫିସିଆଲ ଶୁଭାରମ୍ଭ ନୂଆଦିଲ୍ଲୀଠାରେ ହୋଇଯାଇଛି। ଏହି ଅବସରରେ କେନ୍ଦ୍ର ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡକରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଅନାବରଣ ସହ ବଜାର ପ୍ରବେଶ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଜାଜ ଅଟୋ ଲିମିଟେଡ୍‌ର ଏମ୍‌ଡି ରାଜୀବ ବଜାଜ୍ ଏବଂ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରାକେଶ ଶର୍ମାଙ୍କ ସମେତ କମ୍ପାନୀର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ, ବଜାଜ୍ ଫ୍ରିଡମ ୧୨୫ରେ ସମସ୍ତ ପ୍ରକାର ଅତ୍ୟାଧୁନିକ ସୁରକ୍ଷା ବ୍ୟବସ୍ଥା ସାଙ୍ଗକୁ ଅନେକ ଫିଚର ସାମିଲ ରହିଛି। ଏପରିକି ପେଟ୍ରୋଲ ଗାଡ଼ି ତୁଳନାରେ ଗ୍ରାହକ ଫ୍ରିଡମ ୧୨୫ରେ ପ୍ରାୟ ୫୦% ଅର୍ଥର ସଞ୍ଚୟ କରିପାରିବେ। ଏପରିକି ୨କେ.ଜି ସିଏନଜିରେ ଏହି ଗାଡି ପ୍ରାୟ ୨୦୦ କିମିର ଯାତ୍ରା କରିଥାଏ। ଅପରପକ୍ଷରେ ୩ଟି ଭାରିଆଣ୍ଟରେ ଉପଲବ୍ଧ ହେଉଥିବା ଏହି ମଡେଲ ୭ଟି ଆକର୍ଷଣୀୟ ରଙ୍ଗ ଓ ମନଲୋଭା ଡିଜାଇନ ଗ୍ରାହକଙ୍କୁ ବେଶ୍ ଆକୃଷ୍ଟ କରିବ ବୋଲି କମ୍ପାନୀ ପକ୍ଷରୁ ଆଶାବ୍ୟକ୍ତ କରାଯାଇଛି।

ଏ ସମ୍ପର୍କରେ ବଜାଜ୍ ଅଟୋ ଲିମିଟେଡ୍‌ର ଏମ୍‌ଡି ରାଜୀବ ବଜାଜ୍ କହିଥିଲେ, ଆମେ ଆମ ବହୁ ପ୍ରତୀକ୍ଷିତ ପ୍ରକଳ୍ପ ତଥା ବିଶ୍ୱର ପ୍ରଥମ ସିଏନ୍‌ଜି ବାଇକ୍ 'ଫ୍ରିଡମ ୧୨୫'କୁ ଆନୁଷ୍ଠାନିକ ଭାବେ ଅନାବରଣ କରାଇ ବେଶ୍ ଉତ୍ସାହିତ ଅଛୁ। ସେହିଭଳି ବଜାଜ ଅଟୋ ଲିମିଟେଡ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରାକେଶ ଶର୍ମା କହିଥିଲେ, ଆମେ ବଜାର ଚାହିଦା ଓ ଗ୍ରାହକଙ୍କ ମତାମତକୁ ଅଧିକ ଗୁରୁତ୍ୱ ଦେବା ସହିତ ଆମର ମହାରାଷ୍ଟ୍ର ଓ ଗୁଜରାଟ ଉତ୍ପାଦନ ୟୁନିଟ୍‌ରୁ ମାସିକ ୧୦,୦୦୦ ୟୁନିଟ୍ ଉତ୍ପାଦନ ସହ ଆଗାମୀ ଦିନରେ ଏହି ସଂଖ୍ୟା ୪୦,୦୦୦ ୟୁନିଟ୍‌ରେ ପହଞ୍ଚାଇବାର ଯୋଜନା ରହିଛି।

ସେହିପରି ଭାରତର ୩୩୫ ସହରରେ ୬୦୦୦ରୁ ଅଧିକ ସିଏନ୍‌ଜି ପଏଣ୍ଟ ରହିଛି। ଏହି ପଏଣ୍ଟଗୁଡିକ ଜରିଆରେ ଗ୍ରାହକ ସେମାନଙ୍କର ଚାହିଦା ଅନୁଯାୟୀ ସିଏନ୍‌ଜି ଭର୍ତ୍ତି କରିବେ। ଏହି ମଡେଲ 'ଫ୍ରିଡମ ୧୨୫'ର ବଜାର ମୂଲ୍ୟ ୯୫,୦୦୦ରୁ ୧,୧୦,୦୦୦ ଟଙ୍କା ମଧ୍ୟରେ ରହିଛି ବୋଲି କମ୍ପାନୀ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

# ବୈଦେଶିକ ମୁଦ୍ରାଭଣ୍ଡାରରେ ୧.୭୧ ବିଲିୟନ ଡଲାର ହ୍ରାସ

ଭୁବନେଶ୍ୱର,୫।୭(ଅନୁରାଧା ମହାରଣା)




ଦେଶରେ ବୈଦେଶିକ ମୁଦ୍ରାଭଣ୍ଡାରରେ ହ୍ରାସ ଘଟିଛି। ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଶୁକ୍ରବାର ତଥ୍ୟ ପ୍ରକାଶକରି କହିଛି, ଚଳିତବର୍ଷ ଜୁନ୍ ଶେଷ ସପ୍ତାହରେ ୧.୭୧୩ ବିଲିୟନ ଡଲାର ହ୍ରାସ ସହିତ ବୈଦେଶିକ ବିନିମୟ ସଂରକ୍ଷଣ ୬୫୧.୯୯୭ ବିଲିୟନ ଡଲାର ଥିଲା। ଗତ ସପ୍ତାହରେ ମୋଟ ମୁଦ୍ରା ଭଣ୍ଡାର ୨.୯୨ ବିଲିୟନ ଡଲାରରୁ ୬୫୨.୮୯ ବିଲିୟନ ଡଲାରରେ ପହଞ୍ଚିଛି। ପ୍ରଥମ ସପ୍ତାହରେ ବୈଦେଶିକ ମୁଦ୍ରା ଭଣ୍ଡାର ୬୫୩.୭୧୧ ବିଲିୟନ ଡଲାର ଥିଲା। ଆର୍‌ବିଆଇର ଏହି ତଥ୍ୟ ଅନୁଯାୟୀ, ମୋଟ ଭଣ୍ଡାର ୧.୭୧୩ ବିଲିୟନ ଡଲାରକୁ ହ୍ରାସ ପାଇ ୬୫୧.୯୯୭ ବିଲିୟନ ଡଲାରରେ ପହଞ୍ଚିଛି। ଏହି ଅବଧି ମଧ୍ୟରେ ବୈଦେଶିକ ମୁଦ୍ରା ସମ୍ପତ୍ତି ମଧ୍ୟ ହ୍ରାସ ପାଇଛି ଏବଂ ଏହା ୧.୨୫୨ ବିଲିୟନ ଡଲାରରୁ ୫୭୨.୮୧ ବିଲିୟନ ଡଲାରକୁ ଖସି ଆସିଛି। ଆର୍‌ବିଆଇର ସୁନା ସଂରକ୍ଷଣ(ଗୋଲ୍ଡ ରିଜର୍ଭ)ରେ ମଧ୍ୟ ହ୍ରାସ ଘଟିଛି ଏବଂ ଏହା ୪୨୭ ନିୟୁତ ଡଲାରରୁ ୫୬.୫୨ ବିଲିୟନ ଡଲାରରେ ପହଞ୍ଚିଛି। ଏସ୍‌ଡିଆର୍‌ରେ ୩୫ ନିୟୁତ ଡଲାର ହ୍ରାସ ପାଇଛି ଏବଂ ୧୮.୦୧୪ ବିଲିୟନ ଡଲାର ହୋଇଥିବାବେଳେ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠିରେ ଜମା ହୋଇଥିବା ଭଣ୍ଡାରଗୁଡିକ ୧ ମିଲିୟନ ଡଲାରରୁ ୪.୫୭୩ ବିଲିୟନ ଡଲାରକୁ ବୃଦ୍ଧି ପାଇଛି। ସୂଚନା ଥାଉକି, ଗତ ୬ ସପ୍ତାହ ଧରି କ୍ରମାଗତ ଭାବେ ବୈଦେଶିକ ମୁଦ୍ରା ଭଣ୍ଡାର ୬୫୦ ବିଲିୟନ ଡଲାରରୁ ଅଧିକ ରହିଛି । ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ ନିକଟରେ କହିଥିଲେ, ଆର୍‌ବିଆଇ ଏହାର ଭଣ୍ଡାର ବୃଦ୍ଧି ଜାରି ରଖିବ ଯାହାଦ୍ୱାରା ଭବିଷ୍ୟତରେ କୌଣସି ପ୍ରକାର ଉତ୍ତେଜନା କିମ୍ବା ସଙ୍କଟ ସମୟରେ ଏହାକୁ ଘରୋଇ ସ୍ୱାର୍ଥ ପାଇଁ ବ୍ୟବହାର କରାଯାଇପାରିବ। ଘରୋଇ ମୁଦ୍ରାକୁ ଦୁର୍ବଳ କିମ୍ବା ହ୍ରାସରୁ ରକ୍ଷା କରିବା ପାଇଁ ଯେତେବେଳେ ଭାରତ ମୁଦ୍ରା ବଜାରରେ ହସ୍ତକ୍ଷେପ କରେ, ବୈଦେଶିକ ମୁଦ୍ରା ଭଣ୍ଡାରରେ ଏକ ପରିବର୍ତ୍ତନ ଦେଖାଯାଏ।

# ମାଲାବାରରେ ମାଇନ ଡାଇମଣ୍ଡ ଶୋ




ଭୁବନେଶ୍ୱର ,୫।୭ (ଅଭୟ ଦାଶ)

ମାଲାବାର ଗୋଲ୍‌ଡ ଆଣ୍ଡ ଡାଇମଣ୍ଡର ବହୁ ପ୍ରତୀକ୍ଷିତ 'ଡାଇମଣ୍ଡ' ଶୋ ସର୍ବଭାରତୀୟ ସ୍ତରରେ ଶୁଭାରମ୍ଭ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ମାଲାବାର ଗୋଲ୍‌ଡ ଆଣ୍ଡ ଡାଇମଣ୍ଡର ଭୁବନେଶ୍ୱରସ୍ଥିତ ଶହୀଦନଗର ଶୋ'ରୁମ୍‌ରେ ମାଇନ ଡାଇମଣ୍ଡ ଶୋ' ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏହି ଅବସରରେ କଣ୍ଠଶିଳ୍ପୀ ପ୍ରଜ୍ଞା ହୋତା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାଲାବାର ଶହୀଦନଗର ଶୋ'ରୁମ୍‌ର ବରିଷ୍ଠ ଅଧିକାରୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ଏହି ଶୋ ୨୦୨୪ ଜୁଲାଇ ୧୪ ପର୍ଯ୍ୟନ୍ତ ଜାରି ରହିବ। ଉକ୍ତ ଶୋ ଉଭୟ ବିକ୍ରୟ ଓ ପ୍ରଦର୍ଶନୀ ପାଇଁ ଉପଲବ୍ଧ ଥିଲାବେଳେ ଗ୍ରାହକ ଶୋ' ଜରିଆରେ ମାଲାବାରର ପ୍ରିମିୟମ ହୀରା କଲେକ୍ସନ ସାଙ୍ଗକୁ ଅନ୍ୟାନ୍ୟ ମୂଲ୍ୟବାନ୍ ଗହଣା ଓ ଡିଜାଇନ ମଧ୍ୟ ସଂଗ୍ରହ କରିପାରିବେ।

# ବ୍ୟବସାୟ ସମ୍ପ୍ରସାରଣକୁ ସର୍ବାଧିକ ଗୁରୁତ୍ୱ

ଭୁବନେଶ୍ୱର ,୫।୭ (ଅଭୟ ଦାଶ)

କିସ୍‌ନା ଡାଇମଣ୍ଡ ଆଣ୍ଡ ଗୋଲ୍ଡ ଜୁଏଲେରି ପକ୍ଷରୁ ଭୁବନେଶ୍ୱରଠାରେ ଏକ ଦିନିକିଆ ଗ୍ରାହକ ସମ୍ମିଳନୀ (ରିଟେଲ ପାର୍ଟନରମାନଙ୍କ ପାଇଁ ଏକ ବ୍ୟବସାୟିକ ବୈଠକ)ର ଆୟୋଜନ କରାଯାଇଥିଲା। ଏହି ଏକତ୍ରୀକରଣର ପ୍ରାଥମିକ ଲକ୍ଷ୍ୟ ଥିଲା ଦେଶବ୍ୟାପୀ କିସ୍‌ନା ଏକ୍ସକ୍ଲୁସିଭ ଶୋ'ରୁମ୍‌ଗୁଡ଼ିକୁ ପ୍ରଭାବୀ ରୂପେ ବିସ୍ତାର କରିବାର ଲକ୍ଷ୍ୟ ସହିତ ସାମ୍ପ୍ରତିକ ଶିଳ୍ପ ଧାରା ଉପରେ ପ୍ରଭାବୀ ଆଲୋଚନାକୁ ସୁଗମ କରିବା ଏବଂ ନିଜର ଉତ୍ସର୍ଗୀକୃତ ଓ ଦୀର୍ଘଦିନର ବ୍ୟବସାୟ ସହଯୋଗୀମାନଙ୍କ ସହ ସହଭାଗିତାକୁ ମଜଭୁତ କରିବା। ଏହି ଅବସରରେ ହରି କ୍ରିଷ୍ଣା ଗ୍ରୁପ୍‌ର ପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶକ ଘନଶ୍ୟାମ ଢୋଲକିଆ ଯୋଗ ଦେଇଥିଲାବେଳେ ରାଜ୍ୟର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନର ରିଟେଲ ପାର୍ଟନରମାନେ ଯୋଗଦେଇଥିଲେ। ଏ ସମ୍ପର୍କରେ ହରି କ୍ରିଷ୍ଣା ଗ୍ରୁପ୍‌ର ପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶକ ଘନଶ୍ୟାମ ଢୋଲକିଆ କହିଛନ୍ତି, ଭୁବନେଶ୍ୱରର ଜୀବନ୍ତ ବ୍ୟବସାୟିକ ପରିବେଶ ସୁଯୋଗରେ ଭରି ରହିଛି ଏବଂ ଆମର ରିଟେଲ ପାର୍ଟନରମାନଙ୍କ ସହ ସଂଯୋଜିତ ହେବା ଖୁବ୍ ଚମତ୍କାର, ଯିଏ ଏହି ଉଲ୍ଲେଖନୀୟ ବଜାରରେ ଗୁରୁତ୍ୱପୂର୍ଣ୍ଣ। ଆମର ଉପସ୍ଥିତିକୁ ବିସ୍ତାର କରିବା ଏବଂ ଗୁଣବତ୍ତା ପ୍ରତି ଆମର ପ୍ରତିବଦ୍ଧତାକୁ ବଜାୟ ରଖିବା ପାଇଁ ଆମର ସାମଗ୍ରିକ ପ୍ରୟାସ ଜରୁରୀ ,ଯାହା ଶିଳ୍ପରେ ନିରନ୍ତର ନେତୃତ୍ୱ ଓ ଉନ୍ନତ ଗ୍ରାହକ ସନ୍ତୁଷ୍ଟି ପାଇଁ ମଞ୍ଚ ପ୍ରସ୍ତୁତ କରୁଛି।

ପ୍ରତିନିଧିମାନେ ଗ୍ରାହକ ସନ୍ତୁଷ୍ଟୀକରଣ ବୃଦ୍ଧି କରିବା ପାଇଁ ବଜାର ତଥ୍ୟ,ବ୍ୟବସାୟ ଅଭିବୃଦ୍ଧି ରଣନୀତି ଓ ପଦ୍ଧତିଗୁଡ଼ିକୁ ଅନୁସନ୍ଧାନ କରିଥିଲେ। ଏହି ଆଲୋଚନା ଅଭିନବ କିସ୍‌ନା ଶପ୍-ଇନ୍-ଶପ୍ ବ୍ରାଣ୍ଡ କର୍ନରଗୁଡ଼ିକୁ ହାଇଲାଇଟ କରିଥିଲାବେଳେ କିସ୍‌ନାର ଆକର୍ଷଣୀୟ ଡିଜାଇନ ଓ ନିର୍ମାଣ ଶକ୍ତିକୁ ପ୍ରଦର୍ଶିତ କରିଥିଲା,ଯାହା ନିଜ ଗ୍ରାହକଙ୍କୁ ସ୍ୱତନ୍ତ୍ର ଅଳଙ୍କାର ପ୍ରଦାନ କରିବା ପ୍ରତି କିସ୍‌ନାର ପ୍ରତିବଦ୍ଧତାକୁ ଗୁରୁତ୍ୱ ଦେଉଛି।

# ବେଦାନ୍ତ ଆଲୁମିନିୟମର ନୂତନ ଅଭିଯାନ

ଭୁବନେଶ୍ୱର,୫।୭ (ଅଭୟ ଦାଶ)



ବେଦାନ୍ତ ଆଲୁମିନିୟମର ନୂତନ ଅଭିଯାନ ତଥା ଇ-ଲର୍ନିଂ କାର୍ଯ୍ୟକ୍ରମ 'ବିଦ୍ୟାଗ୍ରହ'ର ୩ୟ ପର୍ଯ୍ୟାୟ ବା ଫେଜ୍-୩ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି କମ୍ପାନୀର ବହୁ ପ୍ରତୀକ୍ଷିତ ପ୍ରକଳ୍ପ ତଥା ଇ-ଲର୍ନିଂ ପଦକ୍ଷେପ 'ବିଦ୍ୟାଗ୍ରହ'କୁ ନିକଟରେ ଅନେକ ସଫଳତା ମିଳିଛି। ଅପରପକ୍ଷରେ ଏହି ଅଭିଯାନର ୨ୟ ପୂର୍ତ୍ତି ଉତ୍ସବ ସହ ଗ୍ରାମାଞ୍ଚଳର ଛାତ୍ରୀଛାତ୍ରଙ୍କୁ ଶିକ୍ଷା କ୍ଷେତ୍ରରେ ବ୍ୟାପକ ସହାୟତା ଯୋଗାଇଦେଇଛି। ୨୦୨୩-୨୪ ବୋର୍ଡ ପରୀକ୍ଷାରେ ଝାରସୁଗୁଡ଼ାର ୧୦୦% ଉତ୍ତୀର୍ଣ୍ଣ ହାର ପାଇଥିବା ବିଦ୍ୟାଳୟଗୁଡ଼ିକର ୧୭ଜଣ ପ୍ରଧାନ ଶିକ୍ଷକଙ୍କୁ କମ୍ପାନୀ ସମ୍ମାନିତ କରିବା ସହ ଉତ୍ସାହିତ ମଧ୍ୟ କରିଥିଲା। ଝାରସୁଗୁଡ଼ା ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରବୀଣ କୁମାର ନାୟକ, ଶିକ୍ଷାଧିକାରୀ ରାଧାକାନ୍ତ ଗର୍ତିଆ ଓ ସହକାରୀ ଜିଲା ଶିକ୍ଷାଧିକାରୀ ସୁଶାନ୍ତ କୁମାର ଘୁଟା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉଲ୍ଲେଖଯୋଗ୍ୟ, ବେଦାନ୍ତ ଆଲୁମିନିୟମର ଝାରସୁଗୁଡ଼ା ୟୁନିଟ୍ ପକ୍ଷରୁ ୨୦୨୨ରେ ବିଦ୍ୟାଗ୍ରହ ପଦକ୍ଷେପର ଶୁଭାରମ୍ଭ କରାଯାଇଥିଲା। ଏପରିକି ଏହାର ଶୁଭାରମ୍ଭ ପରଠାରୁ ଝାରସୁଗୁଡ଼ାର ଦୁର୍ଗମ ଅଞ୍ଚଳରେ ରହୁଥିବା ୧୦୦୦ରୁ ଅଧିକ ଛାତ୍ରୀଛାତ୍ରଙ୍କୁ ଆବଶ୍ୟକ ସହାୟତା ଏହି ଅଭିଯାନ ଜରିଆରେ କରାଯାଇଛି।

# ଏ.ଟି.କେଆର୍ନେୟ ସହ ଏଲ୍‌ଆଇସିର ସହଭାଗିତା

ଭୁବନେଶ୍ୱର ,୫।୭ (ଅଭୟ ଦାଶ)




ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଗ୍ଲୋବାଲ କନ୍‌ସଲ୍‌ଟିଂ ଫର୍ମା ମେସର୍ସ ଏ. ଟି. କେଆର୍ନେୟ ଏବଂ ଭାରତୀୟ ଜୀବନ ବିମା ନିଗମ (ଲାଇଫ ଇନ୍‌ସ୍ୟୁରାନ୍ସ କର୍ପୋରେଶନ ଅଫ୍ ଇଣ୍ଡିଆ ବା ଏଲ୍‌ଆଇସି) ମଧ୍ୟରେ ଏକ ଦ୍ୱିପାକ୍ଷିକ ସହଭାଗିତା ନିକଟରେ ହୋଇଯାଇଛି। ଏଲ୍‌ଆଇସିର ମୋଟ ୧୪ ଲକ୍ଷ କାର୍ଯ୍ୟରତ ଏଜେଣ୍ଟଙ୍କ ସ୍ୱାର୍ଥର ବିକାଶ ପାଇଁ ନିଗମ ପକ୍ଷରୁ ଅଭିନବ ପଦକ୍ଷେପ 'ଜୀବନ ସମର୍ଥ' ନାମରେ ଏକ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହା ଜରିଆରେ ଉଭୟ ନିଗମ ଓ ଏଜେଣ୍ଟଙ୍କର ବିକାଶ ସହ ନିଗମର ଉନ୍ନତି ହୋଇପାରିବ।

ଏହି ପରିପ୍ରେକ୍ଷୀରେ ମୁମ୍ବାଇଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ ଉଭୟ ସଂସ୍ଥାର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଏକ ବୁଝାମଣା ପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଥିଲା।

ଏ ସମ୍ପର୍କରେ ଏଲ୍‌ଆଇସିର ସିଇଓ ତଥା ଏମ୍‌ଡି ସିଦ୍ଧାର୍ଥ ମହାନ୍ତି କହିଛନ୍ତି, ଏଲ୍‌ଆଇସିର ଏହି ଅଭିନବ କାର୍ଯ୍ୟକ୍ରମ ଓ ପଦକ୍ଷେପ ଜୀବନ ସମର୍ଥ ନିଗମ ପାଇଁ ଅନେକ ପ୍ରକାର ପରିବର୍ତ୍ତନ ସାଙ୍ଗକୁ ଉଭୟ ଗ୍ରାହକ ଓ ନିଗମର ସମ୍ପର୍କ ସୁଦୃଢ଼ ହେବ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

## ଜାତୀୟ/ଅନ୍ତର୍ଜାତୀୟ ଖବର

# ସୁନକଙ୍କ ବିଦାୟୀ ଭାଷଣ ବେଳେ ୪୨ ହଜାରର ଡ୍ରେସ୍ ପିନ୍ଧିଥିଲେ ଅକ୍ଷତା

**ଲଣ୍ଡନ,୫।୭**


ଅକ୍ଷତା ମୂର୍ତ୍ତି

ବ୍ରିଟେନ ନିର୍ବାଚନରେ କଞ୍ଜରଭେଟିଭ୍ ପାର୍ଟିର ଶୋଚନୀୟ ପରାଜୟ ପରେ ଋଷି ସୁନକ୍ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ଏହି ଅବସରରେ ସୁନକ ୧୦ ଡାଉନିଂ ଷ୍ଟ୍ରିଟ୍‌ସ୍ଥିତ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ସାମନାରେ ବିଦାୟୀ ଭାଷଣ ଦେଇଥିଲେ। ଏହି ସମୟରେ ତାଙ୍କ ସ୍ତ୍ରୀ ଅକ୍ଷତା ମୂର୍ତ୍ତି ତାଙ୍କ ପଛପଟେ ଏକ ଛତା ଧରି ଛିଡ଼ା ହୋଇଥିଲେ। ତେବେ ଅକ୍ଷତା ତାଙ୍କ ଦାମୀ ଡ୍ରେସ୍‌କୁ ନେଇ ସୋସିଆଲ ମିଡିଆରେ ଟ୍ରୋଲ୍ ହୋଇଛନ୍ତି। ସେ ସେତେବେଳେ ଅକ୍ଷତା ପିନ୍ଧିଥିବା ଡ୍ରେସ୍‌ର ମୂଲ୍ୟ ୩୯୫ ପାଉଣ୍ଡ (୪୨,୦୦୦ ଟଙ୍କା) ବୋଲି କୁହାଯାଉଛି। ୟୁଜର୍ସମାନେ ସୋସିଆଲ ମିଡିଆରେ ଏହି ଫଟୋକୁ ଶେୟାର କରିବା ପରେ ଅନେକେ ବିଭିନ୍ନ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ପ୍ରକାଶ ଯେ, ଋଷି ଓ ଅକ୍ଷତାଙ୍କ ୫୬୧ ନିୟୁତ ପାଉଣ୍ଡ ମୂଲ୍ୟର ସମ୍ପତ୍ତି ରହିଛି। ନିକଟରେ ଏହି ଦମ୍ପତି ବ୍ରିଟେନ୍ କିଙ୍ଗ୍ ଚାର୍ଲ୍ସ ତୃତୀୟଙ୍କଠାରୁ ଅଧିକ ଧନୀ ବିବେଚିତ ହୋଇଥିଲେ।

# ୪୦୦ ପାର୍ କିନ୍ତୁ ଅନ୍ୟ ଦେଶରେ: ଥରୁର

**ନୂଆଦିଲ୍ଲୀ,୫।୭**

ବ୍ରିଟେନ୍‌ରେ ସଦ୍ୟ ଅନୁଷ୍ଠିତ ନିର୍ବାଚନରେ ବିରୋଧୀ ଲେବର ପାର୍ଟିକୁ ୪୧୨ ଆସନରେ ସଫଳତା ମିଳିଛି। ଏହାକୁ ନେଇ କଂଗ୍ରେସ ଏମ୍‌ପି ଶଶୀ ଥରୁର କେନ୍ଦ୍ରର ମୋଦି ସରକାରଙ୍କୁ କଟାକ୍ଷ କରିଛନ୍ତି। ଥରୁର କହିଛନ୍ତି, ଯାହା ବି ହେଉ ଶେଷରେ 'ଅବ୍ କୀ ବାର୍ ୪୦୦ ପାର୍' ହେଲା, କିନ୍ତୁ ଭାରତରେ ନୁହଁ ଅନ୍ୟ ଦେଶରେ। ମାସକ ତଳେ ଭାରତରେ ଆରମ୍ଭ ହୋଇଥିବା ରାଜନୈତିକ ପରିବର୍ତ୍ତନର ପ୍ରଭାବ ବ୍ରିଟେନରେ ଦେଖିବାକୁ ମିଳିଛି। ଜଣେ ଆତ୍ମଘୋଷିତ ଅଣଜୈବିକ ବ୍ୟକ୍ତି ନିଜ ଦଳ ଏମ୍‌ପିଙ୍କ ଦ୍ୱାରା ନେତା ନିର୍ବାଚିତ ନ ହୋଇ ନିଜକୁ ମେଣ୍ଟର ନେତା ବୋଲାଇଲେ। ଏହା ସଂସଦୀୟ ପରମ୍ପରାର ଉଲ୍ଲଂଘନ।

# ରେଖା ଶର୍ମା ବସ୍‌ଙ୍କ ପାଇଜାମା ବୋହିବାରେ ବ୍ୟସ୍ତ: ମହୁଆ

**ନୂଆଦିଲ୍ଲୀ,୫।୭**

ତୃଣମୂଳ କଂଗ୍ରେସ ଏମ୍‌ପି ମହୁଆ ମୋଇତ୍ରା ଜାତୀୟ ମହିଳା କମିଶନ (ଏନ୍‌ସିଡବ୍ଲ୍ୟୁ) ଅଧ୍ୟକ୍ଷା ରେଖା ଶର୍ମାଙ୍କ ବିରୋଧରେ ଦେଇଥିବା ଏକ ମନ୍ତବ୍ୟକୁ ନେଇ ବିବାଦ ସୃଷ୍ଟି ହୋଇଛି। ଏକ ଭିଡିଓରେ ହାଥ୍‌ରସ ଦଳାଚକଟା ଘଟଣାସ୍ଥଳକୁ ଏନ୍‌ସିଡବ୍ଲ୍ୟୁ ମୁଖ୍ୟ ପରିଦର୍ଶନରେ ଯାଇଥିବା ଦେଖିବାକୁ ମିଳିଛି। ଉକ୍ତ କ୍ଲିପ୍‌ରେ ଜଣେ ବ୍ୟକ୍ତି ତାଙ୍କ ପଛେ ପଛେ ଯିବା ସହ ବର୍ଷାରୁ ରକ୍ଷା ପାଇଁ ତାଙ୍କ ମୁଣ୍ଡ ଉପରେ ଛତା ଧରିଥିବା ଦେଖାଯାଇଥିଲା। ସୋସିଆଲ ମିଡିଆରେ ଏହି ଭିଡିଓ ବହୁଳ ପ୍ରସାରିତ ହୋଇଛି। ୟୁଜରମାନେ ପ୍ରଶ୍ନ କରିଛନ୍ତି, ରେଖା ନିଜେ କାହିଁକି ଛତା ଧରି ନ ଥିଲେ। ଏହାର ପ୍ରତିକ୍ରିୟାରେ ମହୁଆ ଲେଖିଛନ୍ତି, ରେଖା ନିଜ ବସ୍‌ଙ୍କ ପାଇଜାମା ବୋହିବାରେ ବ୍ୟସ୍ତ। ମହୁଆଙ୍କ ଏହି ମନ୍ତବ୍ୟକୁ ନେଇ କ୍ଷୁବ୍ଧ ଏନ୍‌ସିଡବ୍ଲ୍ୟୁ ମୁଖ୍ୟ ତାଙ୍କ ବିରୋଧରେ ମାମଲା ରୁଜୁ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ମହୁଆଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ସମ୍ପର୍କିତ ରିପୋର୍ଟ ୩ ଦିନ ମଧ୍ୟରେ ଦାଖଲ କରିବାକୁ ଦିଲ୍ଲୀ ପୋଲିସକୁ କହିଛନ୍ତି।

# ଶିକ୍ଷକଙ୍କ ବଦଳି ହେବାରୁ ନୂଆ ସ୍କୁଲ୍‌କୁ ଗଲେ ୧୩୩ ପିଲା



**ହାଇଦ୍ରାବାଦ,୫।୭**

ଏକ ସ୍କୁଲ୍‌ର ଜଣେ ଶିକ୍ଷକ ଦୀର୍ଘ ୧୨ ବର୍ଷ ଧରି ସେଠାରେ ଶିକ୍ଷାବ୍ୟବସ୍ଥାକୁ ମଜଭୁତ କରିଥିଲେ। ତାଙ୍କ ଉତ୍ସର୍ଗୀକୃତ ଶିକ୍ଷାଦାନ କେବଳ ଛାତ୍ରୀଛାତ୍ର ନୁହନ୍ତି, ଅଭିଭାବକ ମହଲରେ ମଧ୍ୟ ପ୍ରଶଂସିତ ହୋଇଥିଲା। ସରକାର ସେହି ଶିକ୍ଷକଙ୍କୁ ଅନ୍ୟ ଏକ ସ୍କୁଲ୍‌କୁ ବଦଳି କରିବା ପରେ ପିଲାମାନେ ମର୍ମାହତ ହୋଇଛନ୍ତି। ୧୩୩ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଶିକ୍ଷକଙ୍କ ନୂଆ ସ୍କୁଲ୍‌କୁ ଯାଇ ନାମ ଲେଖାଇଛନ୍ତି। ତେଲଙ୍ଗାନାର ମଞ୍ଚେରିଆଲସ୍ଥିତ ପୋନ୍‌କାଲ୍ ପ୍ରାଥମିକ ବିଦ୍ୟାଳୟରେ ଏଭଳି ଘଟଣା ଦେଖିବାକୁ ମିଳିଛି। ଉକ୍ତ ସ୍କୁଲ୍‌ର ଶିକ୍ଷକ ଜେ. ଶ୍ରୀନିବାସ ପିଲାମାନଙ୍କୁ ଅଭିନବ ଉପାୟରେ ଶିକ୍ଷାଦାନ ପାଇଁ ଜଣାଶୁଣା। ଜୁଲାଇ ୧ରେ ୫୩ ବର୍ଷୀୟ ଶ୍ରୀନିବାସଙ୍କୁ ମଞ୍ଚେରିଆଲ ଜିଲାର ଜନ୍ନାରାମସ୍ଥିତ ଏକ ପ୍ରାଇମେରି ସ୍କୁଲ୍‌କୁ ବଦଳି ଆଦେଶ ଆସିଥିଲା। ଛାତ୍ରୀଛାତ୍ର ନିଜ ପ୍ରିୟ ଶିକ୍ଷକଙ୍କ ବଦଳି ବିଷୟ ଜାଣିବା ପରେ ସ୍କୁଲ୍ ଗେଟ୍‌ରେ ତାଲା ପକାଇ ବିକ୍ଷୋଭ କରିଥିଲେ। ଶ୍ରୀନିବାସ ୩ କିଲୋମିଟର ଦୂରରେ ଥିବା ନୂଆ ସ୍କୁଲ୍‌କୁ ଯାଇ ଶିକ୍ଷାଦାନ କରିବା ପରେ ତାଙ୍କ ପୁରୁଣା ଛାତ୍ରୀଛାତ୍ର ମଧ୍ୟ ସେଠାକୁ ପଢ଼ିବା ପାଇଁ ଯାଇଛନ୍ତି। ଏନେଇ ଜିଲା ଶିକ୍ଷା ଅଧିକାରୀ ଏସ୍. ଯଦାୟା କହିଛନ୍ତି, ପିଲାମାନେ ଭାବପ୍ରବଣ ହୋଇ ନୂଆ ସ୍କୁଲ୍‌କୁ ପାଠ ପଢ଼ିବାକୁ ଧାଇଁଛନ୍ତି। ଶ୍ରୀନିବାସ କହିଛନ୍ତି, ମୋ ଶିକ୍ଷାଦାନ ପଦ୍ଧତି ଉପରେ ପିଲା ଓ ଅଭିଭାବକମାନଙ୍କ ବିଶ୍ୱାସ ଏଥିରୁ ପ୍ରଦର୍ଶିତ ହେଉଛି।

# ଲୋକଙ୍କ ପାଖରେ ସରକାର ୨୪ ଘଣ୍ଟା ଉତ୍ତରଦାୟୀ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୫।୭(ଅନିଲ ଦାସ)**

## ସଚିବ ସ୍ତରୀୟ ବୈଠକ

- ନିର୍ବାଚନ ପ୍ରତିଶ୍ରୁତି କାର୍ଯ୍ୟକାରୀ କରିବା ଉପରେ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ
- ଭିଜନ୍-୨୦୩୬ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ

ଜନପ୍ରତିନିଧି ଏବଂ ସରକାର ଭାବରେ ଆମେ ଲୋକଙ୍କ ଭିତରେ ରହିବାର ପ୍ରତିବଦ୍ଧତା ନେଇ କାମ କରୁଛୁ। ୨୧ଟି ପ୍ରମୁଖ ନିର୍ବାଚନୀ ପ୍ରତିଶ୍ରୁତି କିପରି ଠିକ୍ ଭାବେ କାର୍ଯ୍ୟକାରୀ ହେବ, ତାହା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ସେ ଦିଗରେ କାମ ଆରମ୍ଭ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମସ୍ତ ବିଭାଗର ସଚିବମାନଙ୍କୁ ପରାମର୍ଶ ଦେଇଛନ୍ତି।

ଶୁକ୍ରବାର ଖାରବେଳ ଭବନଠାରେ ଅନୁଷ୍ଠିତ ବିଭିନ୍ନ ବିଭାଗ ସଚିବମାନଙ୍କ ବୈଠକରେ ଯୋଗଦେଇ ନୂଆ ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ କରିବା ସହିତ ନିର୍ବାଚନୀ ପ୍ରତିଶ୍ରୁତି ପାଳନ ପାଇଁ ବିଧିବଦ୍ଧ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆମ ସରକାର ଲୋକମାନଙ୍କ ପାଖରେ ୨୪ ଘଣ୍ଟା ଉତ୍ତରଦାୟୀ। ଆସନ୍ତା ୧୨ ବର୍ଷ ମଧ୍ୟରେ ସ୍ୱତନ୍ତ୍ର ଓଡ଼ିଶାର ୧୦୦ ବର୍ଷ ପୂରଣ ହେବାକୁ ଯାଉଛି। ୨୦୪୭ରେ ଦେଶ ସ୍ୱାଧୀନତାର ୧୦୦ ବର୍ଷ ପୂରଣ ହେବ। ଉଭୟ ଭିଜନ୍‌କୁ ଦୃଷ୍ଟିରେ ରଖି ଓଡ଼ିଶା ପାଇଁ ଭିଜନ୍-୨୦୩୬ ପ୍ରସ୍ତୁତ କରିବାକୁ ହେବ। ଗତ ୨୪ ବର୍ଷ ମଧ୍ୟରେ ଯାହା ହୋଇପାରି ନାହିଁ, ତାକୁ ଏହି ୫ ବର୍ଷରେ କରିବାକୁ ପଡ଼ିବ। ଏହାଦ୍ୱାରା ବିକଶିତ ଭାରତରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ଭାବେ ସୁନାମ ହାସଲ କରିପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଲୋକଙ୍କ ଅଭିଯୋଗ ଶୁଣାଣି ପ୍ରକ୍ରିୟାକୁ ଅଧିକ ଦକ୍ଷ ଓ ପ୍ରଭାବଶାଳୀ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ଲୋକଙ୍କ ସହିତ ମିଶି ଆଲୋଚନା କରିବା ଦ୍ୱାରା ସରକାରଙ୍କ ପ୍ରତି ଲୋକଙ୍କ ଭରସା ସୃଷ୍ଟି ହୁଏ। ଲୋକଙ୍କ ସରକାର ଭାବେ ମୋ ସରକାର କାମ କରିବା ମଧ୍ୟ ଆରମ୍ଭ କରିଦେଇଛି। ଲୋକ ଓ ସରକାରଙ୍କ ମଧ୍ୟରେ କୌଣସି ପ୍ରାଚୀର ରହିବା ଉଚିତ ନୁହେଁ। ଲୋକଙ୍କ ମୁଖ୍ୟମନ୍ତ୍ରୀ ଭାବେ ଯେଉଁ ଭରସା ସୃଷ୍ଟି ହୋଇଛି, ସେ ଭରସା ଅତୁଟ ରହିବା ଦରକାର। ଲୋକମାନେ ଯେଉଁ ସମସ୍ୟା ନେଇ ଆସୁଛନ୍ତି, ତାହାର ସମାଧାନ ହେବା ଅତି ଜରୁରୀ। ଏଥିପାଇଁ ଟେକ୍ନୋଲୋଜି ସହିତ ଉପଯୁକ୍ତ ତଦାରଖ ବ୍ୟବସ୍ଥା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ଓଡ଼ିଆ ଅସ୍ମିତା ପ୍ରସଙ୍ଗ ଉଠାଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପ୍ରତ୍ୟେକ ବିଭାଗର କାର୍ଯ୍ୟକ୍ରମ ଯେପରି ଓଡ଼ିଆ ଭାଷାରେ ହୋଇପାରିବ, ସେଥିପାଇଁ ପଦକ୍ଷେପ ନେବାକୁ ସଚିବମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନାକୁ ତ୍ରୁଟିଶୂନ୍ୟ ଓ ପ୍ରଭାବୀ ଢଙ୍ଗରେ ଆଗେଇ ନେବା ପାଇଁ ସମର୍ପିତ ଓ ସକ୍ରିୟ ହୋଇ କାମ କରିବାକୁ ମୁଖ୍ୟମନ୍ତ୍ରୀ ସଚିବମାନଙ୍କୁ ପରାମର୍ଶ ଦେଇଛନ୍ତି। ବିକଶିତ ଓଡ଼ିଶା ନିର୍ମାଣ ପାଇଁ ସଚିବମାନଙ୍କର କାମ କରିବାର ସମ୍ପୂର୍ଣ୍ଣ ସ୍ୱାଧୀନତା ରହିଛି। ସମସ୍ତଙ୍କୁ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱର ସୀମା ଭିତରେ କାମ କରିବାକୁ ହେବ। ପ୍ରତିଶ୍ରୁତିକୁ ପାଳନ କରିବା ପାଇଁ ବଜେଟ ଉପରେ ବିଚାରବିମର୍ଶ କରନ୍ତୁ ଏବଂ ଆଜିର ଦିନରେ କ'ଣ ସ୍ଥିତି ଅଛି, ତା' ଉପରେ ରିପୋର୍ଟ ପ୍ରସ୍ତୁତ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ସବୁ ବିଭାଗର ମନ୍ତ୍ରୀ ଓ ପ୍ରଶାସନିକ ଅଧିକାରୀମାନଙ୍କ ସହିତ ତଳସ୍ତରର କର୍ମଚାରୀଟିଏ ମଧ୍ୟ ସରକାରଙ୍କ ସଫଳତା ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଆମ ଦଳର ମତାମତ ସହିତ ବିରୋଧୀ ଦଳର ମତାମତକୁ ମଧ୍ୟ ଆମକୁ ଗୁରୁତ୍ୱର ସହ ନେବାକୁ ପଡ଼ିବ। ତୃଣମୂଳସ୍ତରରେ ଜନପ୍ରତିନିଧିମାନଙ୍କ ମତାମତ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ସମସ୍ତେ ଏକ ଟିମ୍ ହୋଇ ଓଡ଼ିଶା ବିକାଶର ଲକ୍ଷ୍ୟ ହାସଲ କରିବା ପାଇଁ କାମ କରିବାକୁ ପଡ଼ିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସଚିବମାନେ ସେମାନଙ୍କ ବିଭାଗର କାର୍ଯ୍ୟକ୍ରମ ବିଷୟରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ।

ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ସଚିବ ଓ ସଚିବମାନେ ଉପସ୍ଥିତ ଥିଲେ।

# ଅବସରପ୍ରାପ୍ତ ବିଚାରପତି ଚୌଧୁରୀ ପ୍ରତାପ କେଶରୀ ମିଶ୍ରଙ୍କ ପରଲୋକ

**କଟକ,୫।୭(କାର୍ତ୍ତିକ ସାହୁ)**


ଚୌଧୁରୀ ପ୍ରତାପ କେଶରୀ ମିଶ୍ର

ଓଡ଼ିଶା ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଚୌଧୁରୀ ପ୍ରତାପ କେଶରୀ ମିଶ୍ର(୮୨)ଙ୍କର ଗୁରୁବାର ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି। ସେ କିଛିଦିନ ହେବ ଅସୁସ୍ଥ ଥିବାରୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ୧୯୪୨ ଜାନୁଆରୀ ୫ରେ କଟକ ଜିଲାର ଭେଡ଼ା ଗ୍ରାମରେ ସେ ଜନ୍ମଗ୍ରହଣ କରିଥିଲେ। ଆଇନ ଶିକ୍ଷା ଶେଷ ପରେ ସେ ୧୯୭୧ ନଭେମ୍ବର ୮ରେ ଓକିଲାତି ପାଇଁ ରାଜ୍ୟ ଆଇନଜୀବୀ ପରିଷଦରେ ନାମ ପଞ୍ଜୀକରଣ କରିଥିଲେ। ୨୭ ବର୍ଷର ଓକିଲାତି ମଧ୍ୟରେ ସେ ବହୁ ଜନହିତ ମାମଲା ଓ ଆୟକର ମାମଲା ପରିଚାଳନା କରିଥିଲେ। ୧୯୯୯ ଜୁନ୍ ୧୭ରେ ସେ ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ନିଯୁକ୍ତି ପାଇଥିଲେ। ୨୦୦୪ ଜାନୁଆରୀ ୪ ପର୍ଯ୍ୟନ୍ତ ସେ ଓଡ଼ିଶା ହାଇକୋର୍ଟରେ ବିଚାରପତି ଭାବେ କାର୍ଯ୍ୟ କରି ବହୁ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଥିଲେ। ସ୍ୱର୍ଗତ ମିଶ୍ର ମହାନଦୀ ବଞ୍ଚାଅ ଆନ୍ଦୋଳନ କମିଟିର ପ୍ରମୁଖ ପୁରୋଧା ଥିଲେ।

# ଜନଜାତି ଗବେଷକ ନୀଳାଦ୍ରି ବିହାରୀଙ୍କ ପରଲୋକ

**କେନ୍ଦୁଝର,୫।୭ (ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ)**


ଡ. ନୀଳାଦ୍ରି ବିହାରୀ ମିଶ୍ର

ବିଶିଷ୍ଟ ଜନଜାତି ଗବେଷକ ତଥା ଏକାଧିକ ଜୁଆଙ୍ଗ ଲୋକସାହିତ୍ୟ ପୁସ୍ତକର ରଚୟିତା ଡ. ନୀଳାଦ୍ରି ବିହାରୀ ମିଶ୍ର(୬୮)ଙ୍କ ଶୁକ୍ରବାର ହୃଦ୍‌ଘାତରେ ପରଲୋକ ଘଟିଛି। ସେ ଦିଲ୍ଲୀଠାରେ ହେବାକୁ ଥିବା ଏକ ସମ୍ବର୍ଦ୍ଧନା ସଭାରେ ଯୋଗଦେବାକୁ ଟ୍ରେନ୍‌ରେ ଯାଉଥିବା ବେଳେ ଗୟାଠାରେ ହୃଦ୍‌ଘାତର ଶିକାର ହୋଇଥିଲେ। ସେ ଦୀର୍ଘ ଦଶନ୍ଧି ଧରି ଜୁଆଙ୍ଗ ଜନଜୀବନ ଗବେଷଣାରେ ସମ୍ପୃକ୍ତ ଥିଲେ। ତାଙ୍କ ରଚିତ ନାଳେ, ଆଗ, ବଂସାତି, ଆଂଚା, ରମାଏ, ଜୁଆଙ୍ଗ ବ୍ୟାକରଣ ଓ ଜୁଆଙ୍ଗ ଶବ୍ଦକୋଷ ଆଦି ପୁସ୍ତକ ଜନାଦୃତ ହୋଇଛି। ଗବେଷଣା ପାଇଁ ସେ ଅଗମ୍ୟ ପାହାଡ଼ଘେରା କେନ୍ଦୁଝରର ବିଭିନ୍ନ ଜୁଆଙ୍ଗ ଗ୍ରାମକୁ ଯାଇ ସେଠାରୁ ତଥ୍ୟ ସଂଗ୍ରହ କରୁଥିଲେ। ଜନଜାତି ଗବେଷଣା କ୍ଷେତ୍ରରେ ନିରବଚ୍ଛିନ୍ନ ପ୍ରୟାସ ପାଇଁ ସେ ବହୁ ଜାତୀୟ ଓ ଅନ୍ତର୍ଜାତୀୟ ମଞ୍ଚରେ ସମ୍ମାନିତ ହୋଇଛନ୍ତି।

# ଉତ୍ତରାଧିକାରୀ ପ୍ରମାଣପତ୍ର ଜାଲିଆତି କରି ଜମି ବିକ୍ରି

**ବିଞ୍ଝାରପୁର,୫।୭(ରାମକୃଷ୍ଣ ଦାସ)**

## ସବ୍‌ରେଜିଷ୍ଟ୍ରାରଙ୍କ ସମେତ ୫ ଜଣଙ୍କ ନାଁରେ ଥାନାରେ ଅଭିଯୋଗ

ଯାଜପୁର ଜିଲା ବିଞ୍ଝାରପୁର ଉପନିବନ୍ଧକଙ୍କ କାର୍ଯ୍ୟାଳୟରେ ଉତ୍ତରାଧିକାରୀ ପ୍ରମାଣପତ୍ର ଜାଲିଆତି କରି ଜମି ବିକ୍ରି କରାଯାଇଛି। ଏନେଇ ବିଞ୍ଝାରପୁର ଥାନାରେ ଗୁରୁବାର ରାତିରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ହେଲେ ଏଯାଏ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାଯାଇଛି।

ଅଭିଯୋଗ ମୁତାବକ, ବିଞ୍ଝାରପୁର ବ୍ଲକ ଓଲେଇଚନ୍ଦନପୁର ଗ୍ରାମର ନୃସିଂହ ମଲ୍ଲିକଙ୍କ ମୃତ୍ୟୁ ପରେ ତାଙ୍କ ପୁଅ ବିନୋଦ ବିହାରୀ ମଲ୍ଲିକ ନିଜର ଭିନ୍ନକ୍ଷମ ଭାଇ ଆନନ୍ଦ ମଲ୍ଲିକ ଓ ଭଉଣୀଙ୍କୁ ବାଦ୍ ଦେଇ ବିଞ୍ଝାରପୁର ତହସିଲରେ ଉତ୍ତରାଧିକାରୀ ପ୍ରମାଣପତ୍ର ପାଇଁ ଆବେଦନ କରିଥିଲେ। ଏହାର ନମ୍ବର ଇଏଲ୍‌ଏସ୍‌ସି-୨୦୨୩-୪୯୪୭୫। ଏହାକୁ ତଦନ୍ତ କରିବା ପରେ ଭୁଲ୍ ତଥ୍ୟ ଥିବା ଦର୍ଶାଇ ବିଭାଗୀୟ ଅଧିକାରୀ ୨୦୨୩ ମେ' ୬ରେ ଆବେଦନକୁ ରଦ୍ଦ କରି ଦେଇଥିଲେ। ପରେ ଉକ୍ତ ରଦ୍ଦ ଉତ୍ତରାଧିକାରୀ ପ୍ରମାଣପତ୍ରକୁ ବିନୋଦ ଜାଲିଆତି କରି ଗତ ମେ' ୨୮ରେ ନିଜ ସ୍ୱାକ୍ଷରରେ ଷ୍ଟାମ୍ପ କାଗଜ କିଣି ସେହି ମାସ ୨୯ରେ କବଲା ଲେଖାଇ ଜୁନ ୨୧ରେ କବଲା ନଂ.୧୦୮୩୨୪୦୦୬୮୫ ଅନୁଯାୟୀ ଓଲେଇଚନ୍ଦନପୁର ମୌଜାର ଖାତା ନଂ.୧୭, ଖସଡ଼ା ନଂ.୧୫୨ରେ ଥିବା ୧୯ ଡିସିମିଲ ମଧ୍ୟରୁ ସେହି ଗ୍ରାମର ସୁରେନ୍ଦ୍ର ସାହୁଙ୍କୁ ୬ ଡିସ୍‌ମିଲ ୩ କଡ଼ି ଜମି ବିକ୍ରି କରିଛନ୍ତି। ଉକ୍ତ ସମ୍ପତ୍ତିରେ ଅଂଶୀଦାର ଥିବା ତାଙ୍କ ଭିନ୍ନକ୍ଷମ ଭାଇ ଓ ଭଉଣୀଙ୍କ ସହିତ କୌଣସିପ୍ରକାରର ବିଭାଜନ ହୋଇ ନ ଥିବାରୁ ତାହା ଆଇନଗତ ଅପରାଧ ବୋଲି ଦର୍ଶାଇ ଏହି କାର୍ଯ୍ୟରେ ସମ୍ପୃକ୍ତ ଥିବା ଅଭିଯୁକ୍ତ ବିନୋଦଙ୍କ ସମେତ ଷ୍ଟାମ୍ପଭେଣ୍ଡର ନିବେଦିତା ଆଚାର୍ଯ୍ୟ, ଦଲିଲ ଲେଖକ ଶରତ ଚନ୍ଦ୍ର ଆଚାର୍ଯ୍ୟ, ଚିହ୍ନଟ ଅରୁଣ ମଲ୍ଲିକ ଓ ଜାଲିଆତି ଉତ୍ତରାଧିକାରୀ ପ୍ରମାଣପତ୍ର ଆଧାରରେ ଜମି ରେଜେଷ୍ଟ୍ରି କରିଥିବା ସବରେଜିଷ୍ଟ୍ରାର ସୁବ୍ରତ ବାରିକଙ୍କ ନାମରେ ମାମଲା ରୁଜୁକରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭିନ୍ନକ୍ଷମ ଆନନ୍ଦ ଦାବି କରିଛନ୍ତି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ସବ୍‌ରେଜିଷ୍ଟ୍ରାର ବାରିକଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇ ପାରିନାହିଁ। ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି।

# ସଇଁତଲାରେ ଡେଙ୍ଗୁ ଆତଙ୍କ: ୧୮ ଆକ୍ରାନ୍ତ ଚିହ୍ନଟ

**ବଲାଙ୍ଗୀର/ସଇଁତଲା, ୫।୭ (ବୀରେନ୍ଦ୍ର କୁମାର ଝାଙ୍କର/ ରାଖାଲ ପ୍ରସାଦ ଶତପଥୀ)**

ବଲାଙ୍ଗୀର ଜିଲାର ସଇଁତଲାରେ ଡେଙ୍ଗୁ ଆତଙ୍କ ଦେଖାଦେଇଛି। ସଇଁତଲାର ଗୋପବନ୍ଧୁପଡ଼ାରେ ଗତ କିଛିଦିନ ମଧ୍ୟରେ ୧୮ଜଣ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟହେଲେଣି। ଶୁକ୍ରବାର ଚିହ୍ନଟ ହୋଇଥିବା ୧୪ ଡେଙ୍ଗୁ ଆକ୍ରାନ୍ତଙ୍କୁ ସଇଁତଲାରୁ ଭୀମ ଭୋଇ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ପରିସରରେ ଏକ ସ୍ୱତନ୍ତ୍ର ଡେଙ୍ଗୁ ୱାର୍ଡ ଖୋଲାଯାଇଛି। ଅନ୍ୟପକ୍ଷରେ ଶୁକ୍ରବାର ସକାଳୁ ବଲାଙ୍ଗୀର ଜିଲା ସ୍ୱାସ୍ଥ୍ୟ ବିଭାଗର ଏକ ଡାକ୍ତରୀ ଟିମ୍ ସଇଁତଲା ଯାଇ ଡେଙ୍ଗୁ ଚିହ୍ନଟ ପରୀକ୍ଷା କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରିଛନ୍ତି। ସଇଁତଲା ଗୋପବନ୍ଧୁପଡ଼ା ସମେତ ଅନ୍ୟ ଅଞ୍ଚଳରେ ମଧ୍ୟ ଜ୍ୱର ଏବଂ ଲକ୍ଷଣ ଥିବା ଲୋକଙ୍କ ରକ୍ତ ପରୀକ୍ଷା କରାଯାଇଥିବା ଜଣାପଡ଼ିଛି।


**ପୁରୀ ପୌରସଂସ୍ଥା କାର୍ଯ୍ୟାଳୟ, ପୁରୀ**

ସଂଖ୍ୟା: ୫୨୦୧ / ତାରିଖ: ୦୪.୦୭.୨୪

**ସୂଚନା**

No.C– ଆସନ୍ତା ରଥଯାତ୍ରା ୨୦୨୪ ଉପଲକ୍ଷେ ଜନସାଧାରଣଙ୍କ ସୁବିଧା ନିମନ୍ତେ ପୁରୀ ପୌରସଂସ୍ଥା ତରଫରୁ ୧୮ ଗୋଟି ସ୍ଥାନରେ ଅସ୍ଥାୟୀ ପାର୍କିଂର ବ୍ୟବସ୍ଥା କରାଯାଇଅଛି। ଉକ୍ତ ସ୍ଥାନରେ ଗାଡ଼ି ରଖିବା ନିମନ୍ତେ ପୌରସଂସ୍ଥାଙ୍କ ଦ୍ୱାରା ନିର୍ଦ୍ଧାରିତ ଦେୟ ଆଦାୟ କରିବା ପାଇଁ ସ୍ଥିର କରାଯାଇଅଛି। ଯଦି ନିଲାମଧାରୀ ନିର୍ଦ୍ଧାରିତ ଦରଠାରୁ ଅଧିକ ଟଙ୍କା ଆଦାୟ କରିବାର କୌଣସି ବ୍ୟକ୍ତିବିଶେଷଙ୍କ ଦୃଷ୍ଟିଗୋଚର ହୁଏ ତେବେ ସେ ପୁରୀ ପୌରସଂସ୍ଥାଙ୍କ ଦେୟମୁକ୍ତ ଯୋଗାଯୋଗ ନଂ.– ୦୬୭୫୨ ୩୫୦୦୪୫ରେ ଅଭିଯୋଗ ଦାଖଲ କରିପାରିବେ ତଥା ୯୫୫୬୪୪୮୫୫୮ ନମ୍ବରରେ Whatsapp ଯୋଗେ ମଧ୍ୟ ଅଭିଯୋଗ ଦାଖଲ କରିପାରିବେ।

**ପୁରୀ ପୌରସଂସ୍ଥାଙ୍କ ଦ୍ୱାରା ନିର୍ଦ୍ଧାରିତ ଦେୟ:**

ଚାରିଚକିଆ ଯାନ - ୨ ଘଣ୍ଟା ନିମନ୍ତେ – ଟ. ୩୦/-, ୬ ଘଣ୍ଟା ନିମନ୍ତେ – ଟ.୪୦/-
୧୨ ଘଣ୍ଟା ନିମନ୍ତେ – ଟ. ୭୦/-, ୨୪ ଘଣ୍ଟା ନିମନ୍ତେ – ଟ. ୧୦୦/-
ତିନିଚକିଆ ଯାନ - ୨ ଘଣ୍ଟା ନିମନ୍ତେ – ଟ. ୩୦/-, ୬ ଘଣ୍ଟା ନିମନ୍ତେ – ଟ.୪୦/-
୧୨ ଘଣ୍ଟା ନିମନ୍ତେ – ଟ. ୫୦/-, ୨୪ ଘଣ୍ଟା ନିମନ୍ତେ – ଟ. ୭୦/-
ଦୁଇଚକିଆ ଯାନ - ୨ ଘଣ୍ଟା ନିମନ୍ତେ – ଟ. ୨୦/-, ୬ ଘଣ୍ଟା ନିମନ୍ତେ – ଟ.୩୦/-
୧୨ ଘଣ୍ଟା ନିମନ୍ତେ – ଟ. ୪୦/-, ୨୪ ଘଣ୍ଟା ନିମନ୍ତେ – ଟ. ୫୦/-

OIPR-13159/11/0011/2425 ସ୍ୱା./- କାର୍ଯ୍ୟନିର୍ବାହୀ ଅଧିକାରୀ, ପୁରୀ ପୌରସଂସ୍ଥା, ପୁରୀ



idco | ODISHA NEW OPPORTUNITIES — No.CAD-470

**OFFICE OF THE CHIEF GENERAL MANAGER (P&C) IDCO, IDCO TOWER, BHUBANESWAR**

Tender Call Notice No. File No.: HO/P&C/EST/E-2552/01/2023/V-2/19355 Dated.03.07.2024

Bid Identification No.P&C/EST/E-05/2024-25

**NOTICE INVITING TENDER THROUGH e-Procurement**

**Name of the Work:** SITC of 2.5 MVA, 33/6.6 kV Transformer, 33kV cable laying, 1600A VCB panel and other electrical works at intake well, KNIC, Jajpur.

**Tender Value:** Rs.2,91,88,439.00 (Excl GST)

| Procurement Officer | Bid Identification No. | Period of Completion | Availability of Tender Online for Bidding | |
|---|---|---|---|---|
| | | | From | To |
| 1 | 2 | 3 | 4 | 5 |
| Chief General Manager (P&C), IDCO, IDCO Tower, Bhubaneswar | Bid Identification No:- P&C/ EST/E-05/ 2024-25 | 04 (Four Calendar Months) | 17.00 Hours of dt.09.07.2024 | 17.00 Hours on dt.12.08.2024 |

Further details can be seen from the e-Procurement Portal www.Tendersodisha.gov.in. and Corrigendum if any will be published in newspapers and can only be seen in the e-Procurement portal as well as in IDCO website.

OIPR-14003/11/0010/2425 Sd./-Chief General Manager (P&C), IDCO, Bhubaneswar



**OFFICE OF THE SUPERINTENDING ENGINEER DHENKANAL (R&B) DIVISION, DHENKANAL** — No.B-71

E-mail: eedklpwd@gmail.com

**INVITATION FOR BIDS THROUGH e-Procurement**

**Bid Identification No.SEDKL (R&B) 02/2024-25**

**Invitation for Bids**

| | | | |
|---|---|---|---|
| 1. | The Superintending Engineer, Dhenkanal (R&B) Division, Dhenkanal, on behalf of Governor of Odisha invites percentage rate bids in single cover system in ONLINE MODE only, for Construction of Building work as detailed below. | | |
| 2. | Nature of Work | : | Civil Works |
| 3. | No. of Work | : | 03 Nos. |
| 4. | Bid Cost | : | Rs.6,000/- & Rs.4000/- |
| 5. | Class of Contractor | : | 'B', 'C' & 'D' License |
| 6. | Availability of Bid document in the website | : | From 10.00 AM of 12.07.2024 to 5.00 PM of 26.07.2024 |
| 7. | Date of Opening of Bid | : | Dt.29.07.2024 at 11.00 AM |
| 8. | The Bidders have to participate in ONLINE bidding only. Further details can be seen from the website: **https://tendersodisha.gov.in**. Any addendum/corrigendum/cancellation of tender can also be seen in the said website only. | | |

OIPR-34016/11/0001/2425 Sd./- Superintending Engineer Dhenkanal (R&B) Division, Dhenkanal



**INDIRA GANDHI INSTITUTE OF TECHNOLOGY SARANG : DHENKANAL, ODISHA - 759146**

Ref. No. IGIT/Dip/290 Date : 05/07/2024

**WALK-IN-INTERVIEW**

No. KK-38: Interested Candidates having requisite qualifications may attend the Walk-In-Interview along with all the original testimonials with one set of self-attested photo copies and one passport photograph as per the programme below for engagement of Part-Time Guest Faculty (PTGF) for the Winter Session 2024-25. This engagement is purly need-based and temporary for a period of 6 months. The remuneration will be paid as per the rates approved by SD & TE Department Govt. of Odisha vide letter No. 7331 dtd 06-10-2023.

| Sl. No. | Discipline | Qualification | Date & Time |
|---|---|---|---|
| 1 | PTGF in Mechanical Engg. / Civil Engg. / Electrical Engg. / Metallurgy Engg. | 1st Class B.E/B.Tech (full-time regular mode) in respective discipline | Dt.19.07.2024, 10.00 AM |
| 2 | PTGF in English / Math / Physics / Chemistry | Master Degree (full-time regular mode) in relevant subjects with 1st class at Bachelor's or Master's Level from UGC recognized university. Computer and soft skills knowledge are desirable for PTGF in English | |

- No TA/DA will be paid for attending the interview.
- Authority reserves the right to cancel the interview / Candidature without assigning any reason thereof.

Sd./- Director, IGIT, Sarang

OIPR-44004/11/0003/2425



**ODISHA MINING CORPORATION LIMITED**

OMC House, Bhubaneswar - 751001, Odisha

CIN : U13100OR1956SGC000313, www.omcltd.in

OMC | ODISHA NEW OPPORTUNITIES — Mining Happiness — No.CAD-

E-procurement notice

**Bid document No.: OMC/E-PROC/C&P/002/2024-25, Dtd. 05/07/2024**

| | | |
|---|---|---|
| 1 | Work name | Engagement of agency for dewatering at Kaliapani Chromite Mines of OMC Limited (through e-tendering) |
| 2 | Pre-bid meeting | Date : 06.07.2024 : Time : 3.30 PM; Venue : Through VC |
| 3 | Bid Due Date | Date : 21.07.2024; Time : 3.30 PM |
| 4 | Opening of Techno-Commercial bid | Date : 21.07.2024; Time : 5.00 PM |
| 5 | opening of Price Bid | To be informed to the Technically Qualified Bidders |

All other details can be seen from the Tender Document available on the e-procurement portal of the Government of Odisha (www.tendersodisha.gov.in) and on the website of OMC (www.omcltd.in). OMC reserves the right to reject any or all bids without assigning any reason thereof.

OIPR-30005/11/0040/2425 Sd./- Head (C&P)



**STATE SELECTION BOARD**

**DEPARTMENT OF HIGHER EDUCATION**

**GOVERNMENT OF ODISHA**

**BHUBANESWAR - 09**

Web-site :- www.ssbodisha.ac.in / E-mail :- ssbdeptofhe@gmail.com

No. SSB (EX) 01/2024 494/SSB, Dated 05.07.2024

**Notice**

No.N- : It is for information of all concerned that the candidates bearing the following Roll Numbers have been provisionally shortlisted for verification of documents to determine their eligibility for recruitment to the post of Junior assistants in Odisha University of Health Sciences, Council of Higher Secondary Education and Board of Secondary Education in pursuance of Advt. No. 02/2024.

The candidates are required to report at the office of the State Selection Board, Unit - II, Ashok Nagar (Near Unit-2 Capital Girl's High School), Bhubaneswar by 10.00 AM in the first session and 2.00 PM in the second session on the dates mentioned below. Failure to report on the scheduled date and time shall result in rejection of candidature.

For details regarding the original certificates / documents / testimonials etc. to be produced at the time of verification, candidates are instructed to visit the official website of State Selection Board : ssbodisha.ac.in

**Date of Verification of Documents : 12.07.2024**

| First Session (10.30 AM - 1.00 PM) | Second Session (2.30 PM - 5.00 PM) |
|---|---|
| 24BMJA00321, 24BMJA01197, 24BMJA01511 24BSJA00482, 24BSJA00635, 24BSJA00832 24BSJA01094, 24BSJA01557, 24BSJA02122 24SPJA00073, 24SPJA00228, 24SPJA00243 24SPJA00289, 24SPJA00393, 24SPJA00503 24SPJA01014, 24SPJA01761, 24SPJA02117 24SPJA02123, 24SPJA02484, 24SPJA03229 24SPJA03312, 24SPJA03345, 24BHJA00023 24BHJA00202, 24BHJA00212, 24BHJA00287 24BHJA00346, 24BHJA00407, 24BHJA00448 24BHJA00528, 24BHJA00815 | 24BHJA00861, 24BHJA00868, 24BHJA00897 24BHJA00998, 24BHJA01107, 24BHJA01160 24BHJA01171, 24BHJA01174, 24BHJA01480 24BHJA01609, 24BHJA01949, 24BHJA01960 24BHJA01967, 24BHJA02148, 24BHJA02179 24BHJA02338, 24BHJA02438, 24BHJA02570 24BHJA02956, 24BHJA02986, 24BHJA03508 24BHJA03700, 24BHJA03885, 24BHJA04172 24BHJA04229, 24BHJA04299, 24BHJA04374 24BHJA04412, 24BHJA04435, 24BHJA04662 24BHJA04732, 24BHJA04910 |

**Date of Verification of Documents : 15.07.2024**

| First Session (10.30 AM - 1.00 PM) | Second Session (2.30 PM - 5.00 PM) |
|---|---|
| 24BHJA04968, 24BHJA05694, 24BHJA05804 24BHJA05987, 24BHJA06011, 24BHJA06039 24BHJA06092, 24BHJA06403, 24BHJA06516 24BHJA06623, 24BHJA06723, 24BHJA06860 24BHJA06986, 24BHJA07110, 24BHJA07341 24BHJA07343, 24BHJA07348, 24BHJA07388 24BHJA07399, 24BHJA07636, 24BHJA07701 24BHJA07839, 24BHJA07971, 24BHJA08289 24BHJA08448, 24BHJA08493, 24BHJA08733 | 24BHJA08927, 24BHJA08990 24BHJA09383, 24BHJA09404 24BHJA09529, 24BHJA09939 24BHJA10063, 24BHJA10163 24BHJA10189, 24BHJA10473 24BHJA10479, 24BHJA11175 24BHJA11183, 24BHJA11268 24BHJA11282, 24BHJA11450 24BHJA11666 |

OIPR-11015/11/0013/2425 Sd./- Secretary

## ଜନ୍ମଦିନର ଶୁଭେଚ୍ଛା

ନାମ: ..........................................
ବୟସ: ..........................................
ଜନ୍ମ ତାରିଖ: ..........................................

ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ଏସିଆନ ବିଲିୟାର୍ଡ୍ସ ଫାଇନାଲରେ ଆଡ୍‌ଭାନୀ

**ରୟାଦ, ୫।୭ (ପି.ଟି.):** ଭାରତର ଅଗ୍ରଣୀ କ୍ୟୁଇଷ୍ଟ ପଙ୍କଜ ଆଡ୍‌ଭାନୀ ଏଠାରେ ଚାଲିଥିବା ଏସିଆନ ବିଲିୟାର୍ଡ୍ସ ଚାମ୍ପିୟନଶିପ୍‌ର ଫାଇନାଲରେ ପ୍ରବେଶ କରି ହ୍ୟାଟ୍ରିକ୍ ଟାଇଟଲ ହାସଲ ଲକ୍ଷ୍ୟରେ ରହିଛନ୍ତି। ସେମିଫାଇନାଲରେ ସେ ନିଜ ଦେଶର ସୌରଭ କୋଠାରୀଙ୍କୁ ୫-୦ରେ ହରାଇ ଦେଇଛନ୍ତି। ବିଲିୟାର୍ଡ୍ସ ଟେବୁଲର ମାଷ୍ଟର ଆଡ୍‌ଭାନୀ ପ୍ରତିଟି ଫ୍ରେମ୍‌ରେ ୧୦୦ ଲେଖାଏ ସ୍କୋର କରିଥିଲେ। ପୂର୍ବରୁ କ୍ୱାର୍ଟରଫାଇନାଲରେ ସେ ଅନ୍ୟ ଜଣେ ଭାରତୀୟ ଖେଳାଳି ଶ୍ରୀକୃଷ୍ଣ ସୂର୍ଯ୍ୟନାରାୟଣନଙ୍କୁ ସମାନ ୫-୦ ବ୍ୟବଧାନରେ ପରାସ୍ତ କରିଥିଲେ।

# ଅଲିମ୍ପିକ୍ସ ବିଡ୍ ହାସଲ ନେଇ ପ୍ରଧାନମନ୍ତ୍ରୀ ଆଶାବାଦୀ

**ନୂଆଦିଲ୍ଲୀ, ୫।୭ (ପି.ଟି.)**

ଭାରତ ୨୦୩୬ ଅଲିମ୍ପିକ୍ସର ବିଡ୍ ହାସଲ କରିବା ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୃଢ଼ ଆଶାବାଦୀ। ଏହି ପରିପ୍ରେକ୍ଷୀରେ ସେ ପ୍ୟାରିସ ଗେମ୍ସରେ ଭାଗ ନେବାକୁ ଯାଉଥିବା ଆଥ୍‌ଲେଟମାନଙ୍କଠାରୁ ଫ୍ରେଞ୍ଚ ରାଜଧାନୀରେ କରାଯାଇଥିବା ବନ୍ଦୋବସ୍ତ ସମ୍ପର୍କରେ ମତାମତ ଲୋଡ଼ିଛନ୍ତି। ସେ କହିଛନ୍ତି ପ୍ରତି ୪ ବର୍ଷରେ ଅନୁଷ୍ଠିତ ହୋଇ ଆସୁଥିବା ଏହି କ୍ରୀଡ଼ା ମହୋତ୍ସବକୁ ଆମ ଦେଶକୁ ଆଣିବା ଲାଗି ତାଙ୍କ ସରକାର ଉଚ୍ଚାଭିଳାଷୀ ଯୋଜନା ପ୍ରସ୍ତୁତ କରୁଛନ୍ତି। ପ୍ୟାରିସ ଗସ୍ତ କରୁଥିବା ଆଥ୍‌ଲେଟମାନଙ୍କ ସହ ପ୍ରଧାନମନ୍ତ୍ରୀ ଗୁରୁବାର ଉଭୟ ବ୍ୟକ୍ତିଗତ ଓ ଅନଲାଇନ୍ ଜରିଆରେ ବାର୍ତ୍ତାଳାପ କରିଛନ୍ତି। ଫ୍ରେଞ୍ଚ ରାଜଧାନୀରୁ ଫେରିବା ପରେ ସେଠାରେ ହାସଲ କରିଥିବା ଅନୁଭୂତି ଓ ଅଭିଜ୍ଞତାକୁ ଶେୟାର କରିବାକୁ କହିଛନ୍ତି। ଆମେ ୨୦୩୬ ଅଲିମ୍ପିକ୍ସ ଆୟୋଜନ କରିବା ଲାଗି ଆଶାବାଦୀ ଥିବାରୁ ଦେଶରେ ଏକ ଖେଳ ପରିବେଶ ସୃଷ୍ଟି କରିବା ଦିଗରେ ଏହା ସହାୟକ ହେବ ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ ଅନ୍‌ଲାଇନରେ ଜାତୀୟ ପୁରୁଷ ହକି ଦଳ, ଶୁଟିଂ ଦଳ, ବକ୍ସର, ନୀରଜ ଚୋପ୍ରାଙ୍କ ଭଳି ଅନ୍ୟ ଆଥ୍‌ଲେଟମାନଙ୍କ ସହ ବାର୍ତ୍ତାଳାପ କରିଥିଲେ। ଏହି ଅବସରରେ କ୍ରୀଡ଼ା ମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଏବଂ ଭାରତୀୟ ଅଲିମ୍ପିକ ଆସୋସିଏଶନ(ଆଇଏଓ) ସଭାପତି ପି. ଟି. ଉଷା ପ୍ରମୁଖ ମଧ୍ୟ ଉପସ୍ଥିତ ଥିଲେ। ଗେମ୍ସ ଆୟୋଜନ ନେଇ ଭାରତ ବାରମ୍ବାର ଏହାର ଆଗ୍ରହ ଦେଖାଇଛି। ଅନ୍ତର୍ଜାତୀୟ ଅଲିମ୍ପିକ କମିଟି ମୁଖ୍ୟ ଥୋମାସ ବାକ୍‌ଙ୍କଠାରୁ ଏନେଇ ସମର୍ଥନ ମଧ୍ୟ ମିଳିଛି। ତେବେ ବିଡ୍ ହାସଲ କରିବା ସେତେଟା ସହଜ ମନେହେଉ ନାହିଁ। କାରଣ କାତାର ଓ ସାଉଦି ଆରବ ଭଳି କେତେକ ଶକ୍ତିଶାଳୀ ଦେଶ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବାର ସମ୍ଭାବନା ରହିଛି। ଆସନ୍ତାବର୍ଷ ଆଇଓସି ନିର୍ବାଚନ ହେବ। ଜଣେ ନୂଆ ସଭାପତି ଦାୟିତ୍ୱ ଗ୍ରହଣ କରିବେ ବୋଲି ଆଶା କରାଯାଉଛି। ଏହା ପୂର୍ବରୁ ୨୦୩୬ ଗେମ୍ସ ଆୟୋଜକ ଦେଶ ସମ୍ପର୍କରେ କୌଣସି ନିଷ୍ପତ୍ତି ନିଆଯିବ ବୋଲି ଆଶା କରାଯାଉ ନାହିଁ।



ପ୍ୟାରିସ ଅଲିମ୍ପିକ୍ସରେ ଭାଗନେଉଥିବା ଭାରତୀୟ ଆଥଲେଟ୍‌ଙ୍କ ସହ ଅନ୍‌ଲାଇନ୍‌ରେ ବାର୍ତ୍ତାଳାପ ଅବସରରେ ପ୍ରଧାନମନ୍ତ୍ର ନରେନ୍ଦ୍ର ମୋଦି।

# ଅଲିମ୍ପିକ୍ସରେ ପ୍ରଥମ ଏସୀୟ ଦଳ

ଅଲିମ୍ପିକ୍ସର ପଞ୍ଚମ ସଂସ୍କରଣ ୧୯୧୨ରେ ସୁଇଡେନରେ ଆୟୋଜିତ ହୋଇଥିଲା। ଷ୍ଟକ୍‌ହୋମର ୧୨ଟି ଭେନ୍ୟୁରେ ଏହାର ଇଭେଣ୍ଟଗୁଡିକ ଅନୁଷ୍ଠିତ ହୋଇଥିଲା। ଗେମ୍ସ ଅଫ୍ ଫିଫ୍‌ଥ ଅଲିମ୍ପିଆଡ ବୋଲି କୁହାଯାଇଥିବା ଏହି ଇଭେଣ୍ଟରେ ଆୟୋଜକ ଦେଶ ସର୍ବାଧିକ ପଦକ ହାସଲ କରିଥିଲେ ମଧ୍ୟ ଆମେରିକା ପ୍ରଥମ ସ୍ଥାନରେ ରହିଥିଲା। ଏହି ଅଲିମ୍ପିକ୍ସରେ ବିଶ୍ୱର ୧୪ ରାଷ୍ଟ୍ର ଭାଗ ନେଇଥିବା ବେଳେ ପ୍ରଥମ ଥର ଏସୀୟ ରାଷ୍ଟ୍ର ଅଂଶଗ୍ରହଣ ଦେଖିବାକୁ ମିଳିଥିଲା। ଜାପାନ ପ୍ରଥମ ଏସୀୟ ରାଷ୍ଟ୍ର ଭାବରେ ଅଲିମ୍ପିକ୍ସରେ ଭାଗ ନେବାର ରେକର୍ଡ ନିଜ ନାମରେ କରିଥିଲା। ଏହି ଅଲିମ୍ପିକ୍ସରେ ୨୮ଟି ରାଷ୍ଟ୍ର ଅଂଶଗ୍ରହଣ କରିଥିଲେ। ଏହା ମଧ୍ୟରୁ ୨୭ ରାଷ୍ଟ୍ରକୁ ଅନ୍ତର୍ଜାତୀୟ ଅଲିମ୍ପିକ୍ସ କମିଟି(ଆଇଓସି) ଜରିଆରେ ଆମନ୍ତ୍ରଣ ପଠାଇଥିଲା ସୁଇଡେନ୍। ୧୪ଟି କ୍ରୀଡ଼ା ଇଭେଣ୍ଟ ସାମିଲ ହୋଇଥିବା ବେଳେ ୨୩୫୯ ଜଣ ପୁରୁଷ ଓ ୪୭ ମହିଳା ଆଥ୍‌ଲେଟ ଏଥିରେ ଅଂଶଗ୍ରହଣ କରିଥିଲେ। ଆମେରିକା ସର୍ବାଧିକ ୨୬ ସ୍ୱର୍ଣ୍ଣ, ୧୯ ରୌପ୍ୟ ଓ ୧୯ ବ୍ରୋଞ୍ଜ ପଦକ ସହ ୬୪ ପଦକ ପାଇ ପ୍ରଥମ ସ୍ଥାନରେ ରହିଥିଲା। ଅନ୍ୟପକ୍ଷରେ ସୁଇଡେନ୍ ୨୩ ସ୍ୱର୍ଣ୍ଣ, ୨୫ ରୌପ୍ୟ ଓ ୧୭ ବ୍ରୋଞ୍ଜ ସହ ମୋଟ ୬୫ ପଦକ ହାସଲ କରିଥିଲା। ୧୦ ସ୍ୱର୍ଣ୍ଣ, ୧୫ ରୌପ୍ୟ ଓ ୧୬ ବ୍ରୋଞ୍ଜ ପଦକ ସହ ମୋଟ ୪୧ ପଦକ ପାଇ ଗ୍ରେଟ୍ ବ୍ରିଟେନ ତୃତୀୟ ସ୍ଥାନରେ ରହିଥିଲା। ପ୍ରଥମ ଏସୀୟ ଦଳ ଭାବରେ ଅଂଶଗ୍ରହଣ କରିଥିବା ଜାପାନ ପଦକଶୂନ୍ୟ ରହି ଫେରିଥିଲା।

ଷ୍ଟକ୍‌ହୋମର ୧୨ଟି ଭେନ୍ୟୁରେ ଏହି କ୍ରୀଡ଼ା ମହାକୁମ୍ଭ ଆୟୋଜିତ ହୋଇଥିଲା। ଷ୍ଟକ୍‌ହୋମ ଅଲିମ୍ପିକ୍ ଷ୍ଟାଡିୟମ ଯେଉଁଠାରେ ଅଲିମ୍ପିକ୍ସର ଇକ୍ୱିଷ୍ଟ୍ରିଆନ୍ ଓ ଫୁଟ୍‌ବଲ ଇଭେଣ୍ଟ ଅନୁଷ୍ଠିତ ହୋଇଥିଲା ପରବର୍ତ୍ତୀ ସମୟରେ ୧୯୫୬ ଅଲିମ୍ପିକ୍ସରେ ମଧ୍ୟ ବ୍ୟବହୃତ ହୋଇଥିଲା। ସେହିପରି ରସୁନ୍ଦା ଷ୍ଟାଡିୟମରେ ୧୯୫୮ ଫିଫା ପୁରୁଷ ବିଶ୍ୱକପ୍ ଓ ୧୯୯୫ରେ ଫିଫା ମହିଳା ବିଶ୍ୱକପ୍ ଆୟୋଜିତ ହୋଇଥିଲା। ୧୨ଟି ଭେନ୍ୟୁ ମଧ୍ୟରୁ ୩ଟି ଭେନ୍ୟୁ ଏଭଳି ରହିଥିଲା ଯାହାକୁ ପରବର୍ତ୍ତୀ ସମୟରେ ଡିସ୍‌ମ୍ୟାଣ୍ଟେଲ କରାଯାଇଥିଲା। ୧୯୧୨ ଏକମାତ୍ର ଅଲିମ୍ପିକ୍ସ ରହିଥିଲା ଯେଉଁଥିରେ ବକ୍ସିଂକୁ ସାମିଲ କରାଯାଇ ନ ଥିଲା।

ପ୍ରଥମ ଥର ଅଂଶଗ୍ରହଣ କରିଥିବା ଜାପାନର ମାରାଥନ ରନର କାନାକୁରି ସିଜୁଓ ଦୌଡ ମଝିରେ ନିଖୋଜ ହୋଇ ଯାଇଥିଲେ। ହିଟ୍ ଷ୍ଟ୍ରୋକ୍ କାରଣରୁ କାନାକୁରି ସିଜୁଓ ଅଚେତ ହୋଇପଡିଥିବା ବେଳେ ତାଙ୍କୁ ସେଠାରେ ଏକ ପରିବାର ଆଶ୍ରୟ ଦେଇଥିଲେ। କିଛି ସମୟ ପରେ ସୁସ୍ଥ ହୋଇ କାନାକୁରି ଟ୍ରେନ୍ ଯୋଗେ ଷ୍ଟକ୍‌ହୋମକୁ ଫେରି ନିଜ ଦେଶକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହି ଘଟଣା ସମ୍ପର୍କରେ ସେ ଆୟୋଜକ କମିଟିକୁ ମଧ୍ୟ ଜଣାଇ ନ ଥିଲେ। ୫୦ ବର୍ଷ ପରେ ସୁଇଡେନ୍ ସରକାରଙ୍କ ଆମନ୍ତ୍ରଣରେ ସେ ନିଜ ମାରାଥନ୍ ରେସ୍ ସମ୍ପୂର୍ଣ୍ଣ କରିଥିଲେ। ଅନ୍‌ଅଫିସିଆଲ ଭାବେ ୫୪ ବର୍ଷ ୮ ମାସ ୬ ଦିନ ୮ ଘଣ୍ଟା ୩୨ ମିନିଟ ୨୦.୩ ସେକେଣ୍ଡରେ ସେ ଏହି ମାରାଥନ ସମ୍ପୂର୍ଣ୍ଣ କରିଥିଲେ।

ଏହି ଅଲିମ୍ପିକ୍ସରେ ପ୍ରଥମ ଥର ପାଇଁ ପେଣ୍ଟାଥ୍ଲନ ଓ ଡେକାଥ୍ଲନ ଭଳି ଇଭେଣ୍ଟକୁ ସାମିଲ କରାଯାଇଥିଲା। ଏହି ଇଭେଣ୍ଟରେ ଆମେରିକାର ଜିମ୍ ଥ୍ରୋପ୍ ଦୁଇଟି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ତେବେ ୧୯୧୩ରେ ଆଇଓସି ପକ୍ଷରୁ ଥ୍ରୋପଙ୍କ ପଦକ ପ୍ରତ୍ୟାହାର କରାଯାଇଥିଲା। ଥ୍ରୋପ୍ ପ୍ରଫେଶନାଲ ବେସ୍‌ବଲ୍ ଖେଳି ପଇସା ନେଇଥିବାରୁ ଏହାକୁ ଅଲିମ୍ପିକ୍ସ ନିୟମର ବିରୋଧୀ ଦର୍ଶାଇ ଏଭଳି ପଦକ୍ଷେପ ନିଆଯାଇଥିଲା। ତେବେ ୧୯୮୩ରେ ଥ୍ରୋପ୍‌ଙ୍କ ପରିବାରକୁ ପଦକ ପୁନର୍ବାର ଦିଆଯାଇଥିବା ବେଳେ ୨୦୨୨ରେ ମରଣୋତ୍ତର ଭାବରେ ବିଜେତା ଘୋଷଣା କରାଯାଇଥିଲା।

### ୫୪ ବର୍ଷ ପରେ ମାରାଥନ ଫିନିଶ




### ପ୍ୟାରିସ୍ ଅଲିମ୍ପିକ୍ସ




ଆଉ ୨୦ ଦିନ


# Classified Everyday
0674-2580101, 2549949




SALE

**SC plot sale at Bagchi Cancer Hospital backside- 2000sqft.- 30,00,000. 6372753860.** D-75972

**1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 9937787418, 9348871859.** D-661

Duplex project at Retang Medical, Station, C.V. Raman University, Tamando, Bhubaneswar. 7008459987. D-75965

**Gharabadi boundary plot at ପୁରୀ ମାଳତୀ ପାଟପୁର sqft.-1200/-, 40ft. road, near Bus Stand & Rly Station. 7008067338, 9090746445.** D-75971

କଟକ- ଭୁବନେଶ୍ୱର ମଧ୍ୟରେ ନିର୍ମିତ Grandbazar ଏବଂ Sum-2 ହସ୍ପିଟାଲଠାରୁ ଅଳ୍ପ ଦୂରତାରେ ଘରବାରି ପ୍ଲଟ୍ କିଣନ୍ତୁ। 8249310759. D-75970

ନଖରା ସମ୍ ହସ୍ପିଟାଲ-2 ରୁ 9 K.M. 1200sqft.- 3,50,000/- ଘରବାରି ପ୍ଲଟ୍ ବିକ୍ରିହେବ। 9114705579. D-75973

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com




3 BHK available in 2nd Floor for rent for Office purpose at Palasuni, Bhubaneswar, 100mtrs. from NH-16. Rent- Rs 25000. Contact- 8217625744/ 9437214049. D-617




Fully relaxed body massage trained therapist. Central SPA. 9556483961. D-75757

Kerala body Massage best Therapist Bhubaneswar. 9337672475. D-614

Relax, refresh your body, mind by expert therapist. Contact: 9938843929. D-76132

Newly open health benefits spa special offer @999 Bapujinagar, 8018429809. D-76131

Relax refreshment body massage therapy by experience lady therapist. 7008773793. D-76129

Newly open Jyoti SPA positively health benefits (Expert therapist). 8458067955. D-76130

PILES Clinic, BBSR, ଅର୍ଶ, ମଳକଣ୍ଟକ, ଭଗନ୍ଦର ଚିକିତ୍ସା କରାଯାଏ। 9861146916, 9078463148. D-75339

## AFFIDAVIT

By virtue of an affidavit sworn before the Notary Public, Sambalpur, I, Eklavyaa Kumaar, S/o- Dolamani Kandher, R/o- At- New Bank Colony, P.O.- Sakhipada, Dist.- Sambalpur declare that in Aadhaar Card No.xxxx xxxx 5213 my name is wrongly mentioned as Ekalabya Kandher in place of Eklavyaa Kumaar. Now I have changed my name as Eklavyaa Kumaar for all purposes. D-662

By virtue of an affidavit sworn before the Notary Public, Sambalpur, I, Mohit Kumaar, S/o- Dolamani Kandher, R/o- At- New Bank Colony, P.O.- Sakhipada, Dist.- Sambalpur declare that in Aadhaar Card No.xxxx xxxx 7852 my name is mentioned as Mohini Mohan Kandher in place of Mohit Kumaar. That both the names belongs to one and same person. D-663

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before the Notary Public, Sambalpur, I, Kumaari Hemangini, D/o- Dolamani Kandher, R/o- At- New Bank Colony, P.O.- Sakhipada, Dist.- Sambalpur declare that in Aadhaar Card No.xxxx xxxx 7424 my name is mentioned as Hemangini Kandher in place of Kumaari Hemangini. That both the names belongs to one and same person. D-664

I, Manisha Kumari Gupta, D/o- Nandalal Gupta, resident of ward No.-5, DHOBA Sahi, P.O./P.S.- Koraput, Dist.- Koraput, PIN- 764020, Odisha declare by this affidavit No.- 10346, dtd. 30.12.2023. That now onwards I shall be known as MANISHA KUMARI GUPTA for all future purposes. D-669

I Hitherto known as SUKUMARI BAITHARU W/o JANAKOTI SUMAN ACHARY residing at Ranguni street, VTC- Makarajhola, P.O.- Makarajhola, Sub District.- Hindi, District.- Ganjam, State- Odisha, PIN Code- 761101 have changed my name and shall hereafter be known as JANAKOTI SUKUMARI ACHARY. D-670

**ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।**

## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**ଂଅନ୍ତର୍ଯ୍ୟାମୀ ଛୋଟରାୟ**
ବେଣୁପୁର, ବାଲିଅନ୍ତା, ଭୁବନେଶ୍ୱର
ଆବିର୍ଭାବ: ୦୧।୦୧।୧୯୩୪
ତିରୋଧାନ: ୨୬।୦୬।୨୦୨୪
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମେ ସମସ୍ତେ ବିନମ୍ର ପ୍ରାର୍ଥନା କରୁଛୁ।
ହତଭାଗ୍ୟ ପୁତ୍ର:
ରବି ଓ ଛବି, ଶୋକସନ୍ତପ୍ତ ପରିବାରବର୍ଗ।
ଧ-୭୧୨୩୦

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ଂ ବିଧୁଭୂଷଣ ମିଶ୍ର**
ପୂର୍ବତନ ପୋଲିସ ଆଇଜି
ଚଳିତ ଜୁଲାଇ ୩ ତାରିଖରେ ଆପଣ ଇହଲୀଳା ସମ୍ବରଣ କରିଛନ୍ତି। ଢେଙ୍କାନାଳ ଜିଲ୍ଲାର ମହିମ୍ଦ୍ରପୁର ଶାସନରେ ଜନ୍ମ ହୋଇ ତଥା ଓଡ଼ିଶାର ଜଣେ ଦକ୍ଷ ପୋଲିସ ଅଧିକାରୀ ରୂପେ ଆପଣ ସୁପରିଚିତ ଥିଲେ। ଆପଣଙ୍କ ବିୟୋଗରେ ପରିବାରବର୍ଗଙ୍କ ସହ ଆପଣଙ୍କ ସାଙ୍ଗସାଥୀ ଏବଂ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି।
ଶୋକସନ୍ତପ୍ତ:
ପରିବାରବର୍ଗ।
ଧ-୬୬୫


# ଆର୍ଜେଣ୍ଟିନା ସେମିଫାଇନାଲରେ



ଆର୍ଜେଣ୍ଟିନା ଓ ଇକ୍ୱେଡର ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

### କୋପା ଆମେରିକା ଫୁଟ୍‌ବଲ

**ହ୍ୟୁଷ୍ଟନ,୫।୭(ଏପି)**

ଗତଥରର ଚାମ୍ପିୟନ ଆର୍ଜେଣ୍ଟିନା ୪-୨ ପେନାଲ୍ଟି କିକ୍‌ରେ ଇକ୍ୱେଡରକୁ ପରାସ୍ତ କରି କୋପା ଆମେରିକା ଫୁଟ୍‌ବଲର ସେମିଫାଇନାଲରେ ପ୍ରବେଶ କରିଛି। ସଂଘର୍ଷପୂର୍ଣ୍ଣ ମ୍ୟାଚର ନିର୍ଦ୍ଧାରିତ ସମୟ ଖେଳ ୧-୧ରେ ଅମୀମାଂସିତ ରହିଥିଲା। ଫଳରେ ପେନାଲ୍ଟି କିକ୍‌ର ସହାୟତା ନିଆଯାଇଥିଲା। କ୍ରମାଗତ ତୃତୀୟ ଥର ଟାଇଟଲ ହାସଲ କରିବା ଲକ୍ଷ୍ୟରେ ଥିବା ଆର୍ଜେଣ୍ଟିନା ଏଥରକୁ ମିଶାଇ କ୍ରମାଗତ ୫ମ ଥର ସେମିଫାଇନାଲରେ ପ୍ରବେଶ କରିଛି। ଏଥର ଟାଇଟଲ ଜିତି ଆର୍ଜେଣ୍ଟିନା କୋପା ଆମେରିକା ଚାମ୍ପିୟନଶିପ୍‌ରେ ଏକ ରେକର୍ଡ ପ୍ରତିଷ୍ଠା କରିବା ଲକ୍ଷ୍ୟରେ ରହିଛି। ନିର୍ଦ୍ଧାରିତ ସମୟ ଖେଳର ୩୫ତମ ମିନିଟ୍‌ରେ ଲିସାଣ୍ଡ୍ରୋ ମାର୍ଟିନେଜ ଏକ ଗୋଲ ସ୍କୋର କରି ଆର୍ଜେଣ୍ଟିନାକୁ ପ୍ରଥମେ ଅଗ୍ରଣୀ କରାଇଥିଲେ। ତେବେ ଇଞ୍ଜୁରୀ ଟାଇମ୍ (୯୦+୧ ମିନିଟ)ରେ ଇକ୍ୱେଡରର କେଭିନ ରୋଡ୍ରିଗୁଏଜ୍ ଏକ ଗୋଲ୍ ପରିଶୋଧ କରି ଦେଇଥିଲେ। ପେନାଲ୍ଟି ଶୁଟ୍‌ଆଉଟରେ ଆରମ୍ଭ କରିଥିବା ଦଳର ଷ୍ଟାର ଖେଳାଳି ଲିଓନେଲ ମେସିଙ୍କ ଶଟ୍ କ୍ରସ୍ ବାର୍‌ରେ ବାଜି ଚାଲିଯାଇଥିଲା। ଆର୍ଜେଣ୍ଟିନା ଗୋଲ୍‌କିପର ମାର୍ଟିନେଜ ଚମତ୍କାର ପ୍ରଦର୍ଶନ କରି ଆଞ୍ଜେଲ ମେନା ଓ ଆଲାନ ମିଣ୍ଡାଙ୍କ ଶୁଟ୍‌ଆଉଟ କିକ୍‌କୁ ସେଭ କରିବାରେ ସଫଳ ରହିଥିଲେ। ଜୁଲିଆନ ଅଲ୍‌ଭାରେଜ ଓ ଆଲେକ୍ସିସ ମ୍ୟାକ୍ ଆଲିଷ୍ଟର କିକ୍‌କୁ ଗୋଲରେ ରୂପାନ୍ତର କରି ଆର୍ଜେଣ୍ଟିନାକୁ ୨-୦ରେ ଅଗ୍ରଣୀ କରାଇଥିଲେ। ଇକ୍ୱେଡରର ତୃତୀୟ ପ୍ରଚେଷ୍ଟାରେ ଜନ୍ ୟେବୋଆ ସଫଳ ହୋଇଥିଲେ। ମାତ୍ର ଗୋଞ୍ଜାଲେଜ ମଣ୍ଟିଲ ଆର୍ଜେଣ୍ଟିନାକୁ ୩-୧ରେ ଅଗ୍ରଣୀ କରାଇଥିଲେ। ପରେ ଜୋର୍ଡି କାଇସେଡୋ ଗୋଲ ଦେବାରେ ସଫଳ ରହି ଇକ୍ୱେଡର ପାଇଁ ସମ୍ଭାବନା ସୃଷ୍ଟି କରିଥିଲେ। ମାତ୍ର ଓଟାମେଣ୍ଡିଙ୍କ ଗୋଲ ଆର୍ଜେଣ୍ଟିନାକୁ ବିଜୟୀ କରାଇଥିଲା।

# ପ୍ରଥମ ଟି୨୦ରେ ହାରିଲା ଭାରତ

### ମହିଳା କ୍ରିକେଟ

**ଚେନ୍ନାଇ, ୫।୭ (ପି.ଟି.)**

ଟେଷ୍ଟ ଓ ଅନ୍ତର୍ଜାତୀୟ ଦିନିକିଆ ସିରିଜ ହାରିବା ପରେ ଦକ୍ଷିଣ ଆଫ୍ରିକା ମହିଳା କ୍ରିକେଟ ଦଳ ଚମତ୍କାର ପ୍ରତ୍ୟାବର୍ତ୍ତନ କରି ଭାରତ ବିପକ୍ଷ ପ୍ରଥମ ଅନ୍ତର୍ଜାତୀୟ ଟି୨୦ ମ୍ୟାଚକୁ ୧୨ରନରେ ଜିତି ନେଇଛି। ଶୁକ୍ରବାର ଅନୁଷ୍ଠିତ ଏହି ମ୍ୟାଚରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ଓପନର ଟାଜମିନ ବ୍ରିଟ୍ସ (୫୬ବଲ୍‌ରୁ ୮୧ରନ) ଏବଂ ମାରିଜେନ୍ କାପ୍ (୩୩ ବଲ୍‌ରୁ ୫୭ରନ)ଙ୍କ ଆକର୍ଷଣୀୟ ଅର୍ଦ୍ଧଶତକ ସହାୟତାରେ ୪ଉଇକେଟ ବିନିମୟରେ ୧୮୯ରନ କରିଥିଲା। ଜବାବରେ ସ୍ମୃତି ମନ୍ଧାନା (୩୦ ବଲ୍‌ରୁ ୪୬) ଓ ଶେଫାଳୀ ବର୍ମା (୧୪ ବଲ୍‌ରୁ ୧୮) ଦଳକୁ ଭଲ ଆରମ୍ଭ ଦେଇଥିଲେ ମଧ୍ୟ ଭାରତ ୧୭୭/୪ରେ ସୀମିତ ରହିଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା: ୨୦ ଓଭରରେ ୧୮୯/୪ (ଟାଜମିନ ବ୍ରିଟ୍ସ-୮୧, ମାରିଜେନ୍ କାପ୍-୫୭ ; ପୂଜା ବସ୍ତ୍ରାକାର- ୨/୨୩, ରାଧା ଯାଦବ-୨/୪୦)।
ଭାରତ: ୨୦ ଓଭରରେ ୧୭୭/୪ (ଜେମିମା ରୋଡ୍ରିଗ୍ସ-୫୩, ସ୍ମୃତି ମନ୍ଧାନା- ୪୬, ହରମନପ୍ରୀତ କୌର-୩୫)।

# ସହିଦ

## ଗଳ୍ପ

**ଶୁଭ୍ରାଂଶୁ ଶେଖର ପାଢ଼ୀ**

ମୁଁ ନୂଆକରି ବାହା ହୋଇ କାଦମ୍ବିନୀଙ୍କ ସହ କଳାହାଣ୍ଡି ଯାଇଥାଏ। କଳାହାଣ୍ଡି ଜିଲାର ଶାନ୍ତପୁର ହେଉଛି କାଦମ୍ବିନୀଙ୍କ ବାପଘର। ଜଙ୍ଗଲ ପାହାଡ଼ଘେରା ସେହି ସୁନ୍ଦର ପରିବେଶ ସବୁବେଳେ ଆକୃଷ୍ଟ କରି ରଖିଛି ଅତିଥି ଓ ପର୍ଯ୍ୟଟକମାନଙ୍କୁ। ସକାଳୁସକାଳୁ ଛାତ ଉପରକୁ ଗଲେ ଗାଁକୁ ଚତୁଃପାର୍ଶ୍ୱରୁ ଘେରି ରହିଥିବା ସୁନ୍ଦର ପାହାଡ଼ର ଅପୂର୍ବ ଦୃଶ୍ୟ ଦେଖିଲେ ମନେହୁଏ, ସତେ ଯେମିତି ପ୍ରକୃତିରାଣୀ ଆସି ଖେଳାକରୁଛି ସେ ସ୍ଥାନରେ। ଅଳ୍ପ ଦିନର ରହଣିକାଳ ମଧ୍ୟରେ ଗୋଟିଏ ଘଟଣା ମୋର ଅଭୁଲା ସ୍ମୃତି ହୋଇ ରହିଯାଇଛି। ତାହା ଥିଲା ଆମର ଲାଞ୍ଜିଗଡ଼ ଜଗନ୍ନାଥ ମନ୍ଦିର ଦର୍ଶନର କାହାଣୀ। ସେଦିନ ଥାଏ ସୋମବାର। କାଦମ୍ବିନୀ କହିଲେ, "ଚାଲ ଲାଞ୍ଜିଗଡ଼ ଜଗନ୍ନାଥ ମନ୍ଦିର ଯିବା। ସୁଉଚ୍ଚ ପର୍ବତ ଉପରେ ବିଶାଳ ମନ୍ଦିର। ଚାରିଆଡ଼େ ମାଳମାଳ ପର୍ବତ। ସୁନ୍ଦର ପ୍ରାକୃତିକ ପରିବେଶ। ତୁମେ ତ ସହଜେ ପ୍ରକୃତିପ୍ରେମୀ। ଚାଲ, ଭଲ ଲାଗିବ! ହଁ ପ୍ରସ୍ତାବଟି ମନ୍ଦ ନୁହେଁ, ମୁଁ ମନେମନେ ଭାବିଲି। ସେଠାକୁ ଗଲେ ବଞ୍ଜାରା ଘାଟି ବି ଦେଖିହେବ।" ଲାଞ୍ଜିଗଡ଼ରେ ଏକ ସୁନ୍ଦର ଜଗନ୍ନାଥ ମନ୍ଦିର ଦର୍ଶନ କରିବା ସହ ନବବିବାହିତା ପତ୍ନୀଙ୍କ ସହ ପ୍ରାକୃତିକ ପରିବେଶ ଉପଭୋଗ କରିବାର ସୁଯୋଗ, ସେଥିପାଇଁ ଖୁବ୍ ଉତ୍ସାହିତ ଥିଲି।

ଆମେ ଠିକ୍ ସକାଳ ଆଠଟାରେ ଲାଞ୍ଜିଗଡ଼ ଅଭିମୁଖେ ବାହାରିଲୁ ଏବଂ ପ୍ରାୟ ତିରିଶ ମିନିଟ ଭିତରେ ପହଞ୍ଚିଗଲୁ। ବାସ୍ତବିକ ମନ୍ଦିରଟା ଥିଲା ଖୁବ୍ ସୁନ୍ଦର। ସେଠାରୁ ପର୍ବତଗୁଡ଼ିକର ଦୃଶ୍ୟ ବି ବେଶ୍ ମନଲୋଭା। ମନ୍ଦିର ପରିବେଶ ଥିଲା ଅତୀବ ଶାନ୍ତ ଓ ସୁନ୍ଦର। ମନ୍ଦିରର ସୌନ୍ଦର୍ଯ୍ୟଭରା ପରିବେଶର କିଛି ଫଟୋ ସଂଗ୍ରହ କରିବାରେ ମୋର ଯଥେଷ୍ଟ ଆଗ୍ରହ ଥିଲା; କିନ୍ତୁ ମୋ' ପତ୍ନୀ ଶୀଘ୍ର ଠାକୁର ଦର୍ଶନ କରିବାକୁ ଚାହିଁଲେ। ତେଣୁ ଆମେ ବିଳମ୍ବ ନ କରି ପୂଜା ପାଇଁ ଭିତରକୁ ଗଲୁ। ମନ୍ଦିର ଭିତରେ ଅଳ୍ପ କିଛି ଶ୍ରଦ୍ଧାଳୁ ଠାକୁରଙ୍କ ଆଗରେ ଛିଡ଼ାହୋଇ ଦର୍ଶନ କରୁଥିଲେ। ଏହି ସମୟରେ କାଦମ୍ବିନୀଙ୍କ ନଜର ପଡ଼ିଲା ଜଣେ ମହିଳାଙ୍କ ଉପରେ। ଆରେ ମାନସୀ ଭାଉଜ! କାଦମ୍ବିନୀଙ୍କୁ ଦେଖି ଭାଉଜ ଖୁସିରେ ଆଲିଙ୍ଗନ କଲେ। ପଚାରିଲେ, 'କେମିତି ଅଛ'? କାଦମ୍ବିନୀ ମୋତେ ଡାକି ଭାଉଜଙ୍କ ସହ ପରିଚୟ କରାଇଦେଲେ। ୟେ ମାନସୀ ଭାଉଜ। ଦିବ୍ୟ ଭାଇଙ୍କ ସ୍ତ୍ରୀ। ହାତଯୋଡ଼ି ପ୍ରଣାମ କଲି। ସାଥିରେ ତାଙ୍କର ପାଞ୍ଚବର୍ଷର ପୁଅ ଅଂଶୁମାନ୍। ମୋତେ ପାଦଛୁଇଁ ପ୍ରଣାମ କଲା ବେଳେ କହିଲା– 'ବନ୍ଦେ ମାତରଂ' ଅଙ୍କଲ। କୁନି କଣ୍ଠରେ ବନ୍ଦେ ମାତରଂ ଶୁଣି ଛାତି ମୋର କୁଣ୍ଢେମୋଟ ହୋଇଗଲା। ମନେମନେ ଭାବିଲି, ଫୌଜିର ସନ୍ତାନ ମାତୃଗର୍ଭରୁ ସତେ ଯେମିତି ଦେଶପ୍ରେମୀ ହୋଇ ଜନ୍ମ ହୋଇଥାଏ।

ଆଜି ଭାଇଙ୍କ ଜନ୍ମଦିନ। ସେ ତ ଛତିଶଗଡ଼ରେ ଡ୍ୟୁଟିରେ। ତେଣୁ ପୁଅକୁ ନେଇ ମୋତେ ଆସିବାକୁ ପଡ଼ିଲା– ଭାଉଜ କହିଲେ। ଦିବ୍ୟ ଭାଇ କେବେ ଆସିବେ ପ୍ରଶ୍ନର ଉତ୍ତରରେ ଭାଉଜ କହିଲେ, ଏଇ ସାବିତ୍ରୀ ଅମାବାସ୍ୟା ବେଳାକୁ ଆସିବେ। ଭାଇ ଥିବା ସମୟରେ ଥରେ ଆସ ଜୋଇଁଙ୍କ ସହ। ଭାଇ ତିନିମାସ ଛୁଟିରେ ରହିବେ। ଏମିତି କିଛି କଥାବାର୍ତ୍ତା କରି ଭାଉଜ ଆମଠାରୁ ବିଦାୟ ନେଲେ। ଅଳ୍ପ ସମୟ ପରେ ଆମେ ମଧ୍ୟ ଘର ଅଭିମୁଖେ ବାହାରିଲୁ।

ସେଦିନ ଥାଏ ରବିବାର। ଦୁଇଦିନ ପରେ ସାବିତ୍ରୀ। କାଦମ୍ବିନୀଙ୍କ ସହିତ ସାବିତ୍ରୀ ବଜାର କରିବାକୁ ଯିବାପାଇଁ ପ୍ରସ୍ତୁତ ହେଉଥିଲି। ଅନ୍ୟମନସ୍କ ଭାବରେ ଟିଭି ସୁଇଚ୍ ଅନ୍ କରୁକରୁ ଗୋଟିଏ ଖବରରେ ଆମେ ଦୁହେଁ ସ୍ତବ୍ଧ ହୋଇଗଲୁ। ଛତିଶଗଡ଼ରେ ମାଓ ଆକ୍ରମଣରେ ସେନା ଗାଡ଼ି ଧ୍ୱଂସ। ପଚିଶ ଯବାନ ଶହୀଦ। ଶହୀଦଙ୍କ ମଧ୍ୟରେ କଳାହାଣ୍ଡିର ଦିବ୍ୟାଂଶୁ ଦାସ। ଖବର ଶୁଣିବା ପରେ ଯେମିତି ପଥର ପାଲଟି ଯାଇଥିଲୁ ଆମେ ଦି' ଜଣ। ମନେପଡୁଥିଲା ଭାଉଜଙ୍କ କଥା। ଏଇ ସାବିତ୍ରୀରେ ଭାଇ ଆସିଲେ ତିନି ମାସ ରହିବେ। ଜୋଇଁଙ୍କ ସାଥିରେ ତୁମେ ଥରେ ଆସ।

ଖବରଟା ଶୁଣି ଲଥ୍‌କିନା ବସିପଡ଼ିଲେ ମାନସୀ ଭାଉଜ। ପାଦତଳୁ ମାଟି ଖସି ପଡୁଥାଏ। ଆକାଶଟା ଖଣ୍ଡଖଣ୍ଡ ହୋଇ ଯେମିତି ତାଙ୍କ ମୁଣ୍ଡ ଉପରେ ପଡୁଥାଏ। ପର୍ବତ ଗହ୍ୱରରୁ କୁଆଁରୀ ଝରଣା ଝରିଲା ପରି ତାଙ୍କ ଆଖିରୁ ଝରୁଥାଏ ଲୁହର ଝରଣା। ଆସ୍ତେ ଆସ୍ତେ ତାଙ୍କ ଘରକୁ ଲୋକଙ୍କ ସୁଅ ଛୁଟୁଥାଏ। ମିଡିଆ, ପୋଲିସ, ନେତା ସମସ୍ତେ ଆସୁଥାନ୍ତି। ଭାଉଜ ଓ ଦିବ୍ୟ ଭାଇଙ୍କ ବାପା ମା'ଙ୍କୁ ଦେଖାକରୁଥାନ୍ତି। ସାନ୍ତ୍ୱନା ଦେଉଥାନ୍ତି। ମିଡିଆବାଲା ତାଙ୍କ ଘରର ବିଭିନ୍ନ ସ୍ଥାନରେ ଶୁଟିଂ କରୁଥାନ୍ତି। ଗାଆଁଲୋକ, ସାହି ପଡ଼ିଶା, ବନ୍ଧୁ ପରିଜନଙ୍କ ବାଇଟ୍ ନେଉଥାନ୍ତି। ଅଂଶୁମାନ୍ ସବୁ ଦେଖୁଥାଏ, କିନ୍ତୁ କିଛି ବୁଝିପାରୁ ନଥାଏ। ସେ ଦିବ୍ୟାଂଶୁ ଭାଇଙ୍କ ଏକମାତ୍ର ପୁଅ। ଦିବ୍ୟାଂଶୁ ଓ ମାନସୀ ଉଭୟଙ୍କ ନାମ ଯୋଡ଼ି ପୁଅର ନାମ ରଖିଥିଲେ ଅଂଶୁମାନ୍।

ସେଦିନ ସାବିତ୍ରୀ ବ୍ରତ। ଦିବ୍ୟ ଆସିବେ। ସେଥିପାଇଁ ସକାଳୁ ସକାଳୁ ମାନସୀ ଭାଉଜ ସଜ ହୋଇଗଲେ। ଗାଧୋଇପଡ଼ି ନାଲି ରଙ୍ଗର ଶାଢ଼ି ପିନ୍ଧିଲେ। ନାଲି ରଙ୍ଗର ଚୁଡ଼ି ପିନ୍ଧିଲେ। ସିନ୍ଥିରେ ସିନ୍ଦୂର ଭରିଲେ। ମଥାର ସିନ୍ଦୂର ସତେ ଯେମିତି ଦାଉ ଦାଉ ହୋଇ ଜଳିଉଠୁଥିଲା। ସତେଯେମିତି ନବବିବାହିତା ବୋହୂ ପ୍ରଥମ ସାବିତ୍ରୀ ବ୍ରତ ପାଳନ କରୁଛି। ତାଙ୍କର ଏଭଳି ବେଶ ଦେଖି ସମସ୍ତେ ଚମକି ଉଠୁଥିଲେ। ଘଡ଼ିଏ ଦେଖୁଥିଲେ। ଦିବ୍ୟାଂଶୁଙ୍କର ମୃତ୍ୟୁ ଖବର ପାଇବା ପରଠୁ ସେ ତ ପୂରା ସ୍ଥାଣୁ ପାଲଟି ଯାଇଥିଲେ। ସବୁବେଳେ ନିର୍ବାକ୍ ରହୁଥିଲେ। ଯେଉଁଠି ବସୁଥିଲେ, ସେଠି ଲୁହ ଝରାଉଥିଲେ। ସକାଳୁ ସକାଳୁ ଘରେ ସମ୍ପର୍କୀୟଙ୍କ ଭିଡ଼ ଜମିସାରିଥିଲା। ପାଖ ଆଖ ଗାଁରୁ ହଜାର ହଜାର ଲୋକ ଆସି ପହଞ୍ଚି ସାରିଥିଲେ ସହିଦ ଦିବ୍ୟାଂଶୁଙ୍କୁ ଶେଷ ଶ୍ରଦ୍ଧାଞ୍ଜଳି ଜଣାଇବା ପାଇଁ।

ଦିନ ପାଖାପାଖି ଦଶଟା। ବୀରବାଦ୍ୟରେ କମ୍ପି ଉଠୁଥିଲା ଖଣ୍ଡମଣ୍ଡଳ। ବର ରୋଶଣି କରି ଗଲାପରି ଫୁଲରେ ସଜ୍ଜା ହୋଇଥିଲା ଗାଡ଼ି। ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଗାଆଁରେ ପହଞ୍ଚିଲା ସହିଦ ଦିବ୍ୟାଂଶୁଙ୍କର ମୃତ ଶରୀର। ସତେ ଯେମିତି ବୀର ସନ୍ତାନକୁ ନିଜ କାନିରେ ଘୋଡ଼ାଇ ଦେଇଥିଲା ଭାରତ ମାତା ତ୍ରିରଙ୍ଗା ଦେଇ। ସମବେତ ଜନତାଙ୍କ ମୁହଁରୁ ଶୁଭୁଥାଏ 'ସହିଦ ଦିବ୍ୟାଂଶୁ ଅମର ରହେ'। ଭାରତ ମାତା କି ଜୟ! ଆକାଶରେ ଉଡ଼ିଯାଉଥିବା ପକ୍ଷୀ ବି ଦିବ୍ୟାଂଶୁଙ୍କ ବଳିଦାନକୁ ସମ୍ମାନ ଜଣାଇ କିଚିରିମିଚିରି ଶବ୍ଦ କରି ତାଙ୍କ ଭାଷାରେ କହୁଥିଲେ 'ସହିଦ ଦିବ୍ୟାଂଶୁ ଅମର ରହେ'। କଫିନ୍‌ରୁ ବାହାର କରି ଦିବ୍ୟାଂଶୁଙ୍କ ଶରୀରକୁ ଶୁଆଇ ଦିଆଯାଇଥିଲା ବାଲୁକା ଶଯ୍ୟାରେ। ସବାରି ପ୍ରସ୍ତୁତ ହେଉଥିଲା ଦିବ୍ୟଙ୍କ ଶେଷ ଯାତ୍ରା ପାଇଁ। କାନ୍ଦ ବୋବାଳିରେ ଫାଟି ପଡୁଥାଏ ସମଗ୍ର ପରିବେଶ। ପାଖରେ ଚୁପ୍‌ଚାପ୍ ବସିଥିଲେ ମାନସୀ ଭାଉଜ ଓ ଅଂଶୁମାନ୍। ଆଖିର ଲୁହ ବି ଶୁଖିଯାଇଥାଏ। କ'ଣ ଭାବିଲେ କେଜାଣି, ହଠାତ୍ ଦିବ୍ୟ ଭାଇଙ୍କ କପାଳରେ ଏକ ଗାଢ଼ ଚୁମ୍ବନ ଆଙ୍କିଦେଇ କହିଥିଲେ, 'ଆଇ ଲଭ୍ ୟୁ'। ତାଙ୍କର ଏମିତି ଭଲପାଇବା ଦେଖି ସମସ୍ତଙ୍କ ହୃଦୟ ଫାଟି ପଡୁଥାଏ। ଭାଇଙ୍କ ଛାତି ଉପରେ ମୁଣ୍ଡ ରଖି ଲୋଟିପଡ଼ିଲେ ସେ। ସମ୍ପର୍କୀୟମାନେ ତାଙ୍କର ଚେତା ଫେରାଇବା ପାଇଁ ଚେଷ୍ଟା କରି ବିଫଳ ହେବା ପରେ ଡାକ୍ତର ଆସିଲେ। ଆରମ୍ଭ କଲେ ଚିକିତ୍ସା। ମାତ୍ର ଅଳ୍ପ ସମୟ ପରେ ଭାଉଜଙ୍କ କାନିରେ ଢାଙ୍କିଦେଲେ ମୁହଁ। ହାତଯୋଡ଼ି ପ୍ରଣାମ କରିବା ଭଙ୍ଗୀରେ କହିଲେ– ସରି...।

ଏକା ସାଙ୍ଗରେ ଉଠିଲା ଦୁଇଟି କୋକେଇ। ଆଗେ ଆଗେ ଦିବ୍ୟାଂଶୁ ଭାଇଙ୍କର, ପଛରେ ମାନସୀ ଭାଉଜଙ୍କ। ଉପସ୍ଥିତ ଜନତାଙ୍କ ଆଖିରେ ଲୁହ। ହୃଦୟବିଦାରକ ପରିସ୍ଥିତିରେ କୋକେଇ ଉଠିଲାବେଳକୁ ସମସ୍ତଙ୍କ ନଜର ଚାଲିଯାଇଥିଲା ପାଞ୍ଚବର୍ଷର ପୁଅ ଅଂଶୁମାନ୍ ଆଡ଼କୁ; ଯିଏ କି ଆଖିରେ ଆଖିଏ ଲୁହ ନେଇ ସ୍ୟାଲୁଟ୍ କରି ବାପା ମାଆଙ୍କୁ ଦେଉଥିଲା ଶେଷ ବିଦାୟ।

ଅଂଶୁମାନ୍ ଏବେ ବଡ଼ ହୋଇଗଲାଣି। ସେନା ବାହିନୀରେ ଭର୍ତ୍ତି ହେବା ପାଇଁ ଜୋର୍‌ଦାର୍ ପ୍ରସ୍ତୁତି ଚଳାଇଛି।

ମୋ: ୯୬୬୮୦୦୧୧୫୫



## କବିତା

### ଭିନ୍ନବୋଧ

**ଶତପଥୀ ରୋଜାଲିନ୍ ବେହେରା**

ଯାଅ ଦେଖିବ
ଗ୍ଲୁକୋମିଟରରେ ଏବେ ବି
ଲାଗିରହିଛି
ବାପାଙ୍କର ସେଇ
ଶେଷଥର ରକ୍ତ ଟାଣିଥିବା
ଷ୍ଟ୍ରିପ୍ ଖଣ୍ଡିକ।
ଯନ୍ତ୍ରଟିଏ ହେଲେ ବି
ସାଇତି ରଖିଛି
ବାପାର ଶେଷ ସନ୍ତକ
ଶେଷ ସ୍ମୃତି

କିନ୍ତୁ ତୁମେ ?
ଦିନେ ପରଖି ନଥିବା
ସେଇ ବୋତାମ ଛିଣ୍ଡା
ମଳି କସରା ଜାମା ପ୍ୟାଣ୍ଟକୁ ମଧ
ଛାଡ଼ିଲନି
ଫିଙ୍ଗିଦେଇ ଆସିଲ
କେଉଁ ଅମଡ଼ା ତୁଠରେ ଅବା
ମଲା ମୁର୍ଦାରର ଅଛୁଆଁ ଅମୁହାଁ ବଣରେ...
ଫିଙ୍ଗିଦେଲ ବାପା କାନ୍ଧର
ଜାଲ, ଖାଲେଇ, ଦଣ୍ଡି, ସାଜ, ସକଳ କଥା,
ଫିଙ୍ଗିଦେଲ ନିତ୍ୟ ବ୍ୟବହୃତ
ପାନିଆଁ, ଚପଲ, ଛତା, ଢାଳ,
ଛଅର ବ୍ଲେଡ, ରେଜର ବ୍ୟାଗ୍,
ସେହି ହିସାବଖାତା, ଖଣ୍ଡି କଲମ
ତାଙ୍କ ପାନଡବା ଗୁଆକାତି,
ଔଷଧ ଫାଇଲ,
ଏମିତିକି ତାଙ୍କ ହର୍ଲିକ୍ସ ଗୋଳା
ଗିନା ଗିଲାସ ସହକାରେ...

କିନ୍ତୁ ଫୋପାଡ଼ି ପାରିଛ କି
ବାପା ହାତର
ସେହି କୋଡ଼ି କୋଦାଳର ବେଣ୍ଟ,
ନେଇପାରିଛ କି କାଢ଼ି
ବାପା ହାତର ପରଶ ତହିଁରୁ ?
ସେଇ ହାତ ତିଆରି
ବାଉଁଶ ସଳିଙ୍ଗ ଆଉ ସେଥିରେ
ଝୁଲିଥିବା ସୂତା କେଇ କେରା...
କାହିଁ ଫୋପାଡ଼ି ତ ପାରିନ
ତାଙ୍କ ସାଇତା ସମ୍ପତ୍ତି
ଘରଦ୍ୱାର ଡିଅବାଡ଼ି ପଟ୍ଟା କବଲା
କାମ ସାରି ଫିଙ୍ଗିଦେଲ
ତାଙ୍କ ଭୋଟର କାର୍ଡ, ଆଧାର କାର୍ଡ
ଇନ୍ସ୍ୟୁରାନ୍ସ କାଗଜପତ୍ର ଯାହା
କାଇଁ ଫୋପାଡ଼ି ତ ପାରିନାହଁ
ନିଜ ନିଜ ପରିଚୟପତ୍ର ସବୁ
ଯେଉଁଥିରେ ଏବେ ବି
ତାଙ୍କ ନାମ ଯୋଡ଼ା...

ମୋ: ୭୩୭୭୯୩୧୩୮୦

### ସ୍ୱାଧୀନତାର ସୁଧ

**ସ୍ନିଗ୍ଧା ପଣ୍ଡା**

ବୁଝିଲଣି କି ?
କେମିତି ଶୁଝିବାକୁ ହେବ
ଦିନୁଦିନ ବଢୁଛି
ଆସନ୍ତାକାଲିଠାରୁ ଉଧାର ଆଣିଥିବା
ସ୍ୱାଧୀନତାର ସୁଧ
ଯାହାର ଗୋଟେ ବି କିସ୍ତି
ଶୁଝାଯାଇନାହିଁ
ମୂଳ କଥା ଥାଉ
ତାକୁ ଶୁଝିବା ଆମ ଜାତକରେ ନାହିଁ।

ଊର୍ଦ୍ଧ୍ୱଶ୍ୱାସ ହୋଇ କିଏ ଏତେ ବୋହି ପାରିବ
ପ୍ରଗତିର ବୋଝ ?
ଦେଶ ନାଁରେ
ମାଟି ନାଁରେ
କେତେ ଦିନ ସହିନେବାକୁ ବାଧ କରିବ
ଆତ୍ମାକୁ ରୁନ୍ଧି ପକଉଥିବା ଭୋକ।

ଗତକାଲି ପାହିଥିଲା ରାତି ସୁଖର ସ୍ୱପ୍ନରେ
ଆସିବ ଆସିବ ବୋଲି ସୁଖ
ଅଟକିଯାଇଛି ଏବେ କାହା ଉଆସରେ
ଦେଖିବ ଦେଖିବ ବୋଲି ସ୍ୱପ୍ନ
ଆଖି ଦେହ ମଦୁଆଲା ବିଷର ନିଶାରେ।

ଆଉ କାହିଁକି ଡେରି କରୁଛ ?
ଫିଙ୍ଗିଦିଅ ମୁଖା
ଖୋଳପାରୁ ବାହାରି ଆସ
ହାତମାନଙ୍କରେ ଭରି ନିଅ
ସଂକଳ୍ପର ପାଣି
ଆଞ୍ଜୁଳାଏ ପଛକୁ
ଆଞ୍ଜୁଳାଏ ଆଗକୁ
ପଢ଼ି ନିଅ ନକ୍ସା
ଯିବାକୁ ଅଛି ରାସ୍ତା ନ ଥିବା
ଅନେକ ଆଗକୁ।

ଭାବିଲେ କି ଶୋକ ସରେ
ମାଗିଲେ କି ସୁଖ ମିଳେ
ବରଂ
ଭାବୁଥିଲେ ଦିନ ସରେ
ମାଗୁଥିଲେ ଭିକ ମିଳେ।

ଯାହା ହେଉଛି ହେଉ
ବିଗତ ବର୍ଷମାନଙ୍କର ପ୍ରଗତିର ହିସାବ
କିଏ ସେ ଲୋଡ଼ୁଛି ଆଉ
ଆମକୁ ତ ଶୁଝିବାକୁ ଅଛି
ସ୍ୱାଧୀନତାର ସୁଧ
ବୁଝିବାକୁ ଅଛି ସେଇ ଅନୁଭବ
ଯାହାକୁ ମନରେ ରଖିଛୁ ଆଜିଯାଏଁ
ଭାବିନେଇ ଖାଲି ଗୋଟେ ଶବ୍ଦ।

ମୋ: ୯୮୬୧୩୨୩୬୫୦

### ବାପା

**ଗାୟତ୍ରୀ ସିଂହ**

ବାପା ମୋ ପ୍ରକୃତ ବନ୍ଧୁ
ଯାହାକୁ ମୁଁ ଆଖି ବନ୍ଦକରି
ଭରସା କରିପାରେ।

ବିଶ୍ୱାସ କରିପାରେ
ଯାହା ପାଖରେ ମୁଁ ନିଜକୁ
ସହଜ ମନେକରେ
ମନ ଖୋଲି କହିପାରେ
ମନ ଖୋଲି ହସିପାରେ
ତାଙ୍କର ପ୍ରଥମ ଉକ୍ତିକୁ
ମୋର ଶେଷ ନିଷ୍ପତ୍ତି ମାନିନିଏ
ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଏ
ତାଙ୍କ କର୍ମକୁ ଅନୁକରଣ କରେ।

ମାତ୍ର ବିଧିର ବିଧାନ
ନିୟତିର ଖେଳ
ବାପାଙ୍କ ହାତ ଛାଡ଼ି
ଆଉ କାହାର ହାତ ଧରିବାକୁ ହୁଏ
ବାପାଙ୍କ ଇଚ୍ଛାରେ।

ମୋ: ୭୬୦୬୯୫୭୪୪୫

## ପୁସ୍ତକ ପରିଚୟ

### ସ୍ୱସ୍ତ୍ୟୟନ




**କବି:** ସୁନନ୍ଦା ମିଶ୍ର
**ପ୍ରକାଶକ:** ଏଥେନା ବୁକ୍‌ସ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୨୦୦/–

ମୋଟ ୫୧ଟି କବିତା ଆଲୋଚ୍ୟ କବିତା ଗ୍ରନ୍ଥରେ ସନ୍ନିବେଶିତ। ପ୍ରେମ, ଜୀବନ ଓ ଜଗତର ବିଶାଳ ପରିଧି ଭିତରେ ଆବର୍ତ୍ତମାନ ସୁନନ୍ଦାଙ୍କ କାବ୍ୟାନୁଭବ। ସୁନନ୍ଦାଙ୍କ କାବ୍ୟସ୍ୱରକୁ ବୁଝିବା ପାଇଁ ଆମେ କେଇଟି ଦୃଷ୍ଟାନ୍ତ ନେଇପାରିବା ତାଙ୍କ କବିତାରୁ। ୧. "ଆୟୁଷକୁ ମାଙ୍କଡ଼ା ପଥରରେ/ ସାରାଦିନ ଘଷିସାରିଲା ପରେ/ ଯେଉଁ ଘଡ଼ିକ ବେଳ/ ତମ ଖୋର୍ଦ୍ଧା ଲୁଙ୍ଗି ଗାମୁଛାରେ/ ବଳିପଡୁଥିଲା,/ ସେଇ ଘଡ଼ିକ ବେଳରୁ/ ତମେ ତମର ଏକାନ୍ତ ବୋଲି/ ଭାବୁଥିଲ ନା; ବାପା!" (ବାପା– ପୃ:୪୪), ୨. "ସ୍ୱାଧୀନତାର ପଞ୍ଚସ୍ତରୀ ବର୍ଷ ପରେ/ ଏବେ ତମେ କେମିତି ଅଛ, ଗାନ୍ଧୀ!/ x x ଯୋଉ ଲୁଣ ପାଇଁ ତମେ ସତ୍ୟାଗ୍ରହ/ ଜାରି ରଖିଲ/ ଏବେ ସେଇ ଲୁଣ/ ସବୁଠୁ ମହଙ୍ଗା/ ଲୁଣ ଖାଇଲେ/ ନିଗାଡ଼ିବାକୁ ପଡୁଛି ଦେହରୁ/ ବୁନ୍ଦା ବୁନ୍ଦା ରକ୍ତ।" (ସ୍ୱାଧୀନତାର ପଞ୍ଚସ୍ତରୀ ବର୍ଷ ପରେ– ପୃ:୯୬–୯୭)। ଏସବୁ ଉଦ୍ଧୃତିରୁ ଚିହ୍ନିପାରେ ପାଠକ କବିଙ୍କ ବକ୍ତବ୍ୟର ଅନ୍ତଃସ୍ୱରକୁ। କବିତାର ଭାଷା ସରଳ ଓ ହାରାହାରି ପାଠକେ ବୁଝିବା ଭଳି। ଗୋଟିଏ ଗୋଟିଏ ଧାଡ଼ି ଅନ୍ତରର ଗଭୀରତମ ପ୍ରଦେଶରେ କିପରି ଗାର ଟାଣିଯାଏ, ତାହା ଏଇ ଉଲ୍ଲେଖରୁ ସ୍ପଷ୍ଟ– "ରାସ୍ତାରେ ପାଦ ପକେଇଲି ତ/ ପ୍ରଥମେ ମାଡ଼ିଲି ଭଙ୍ଗା କାଚ।" (ଆଶ୍ୱାସନା– ପୃ: ୧୨୩)। ଜୀବନ ଏକ ଫୁଲଶେଯ ନୁହେଁ, ପ୍ରତି ପଦେ ପଦେ ବାଧା; ଯେଉଁ ବାଧାକୁ ଡେଇଁ ବଞ୍ଚିବାକୁ ହେବ। ସୁନନ୍ଦାଙ୍କ କବିତା ସକଳ ପ୍ରତିକୂଳତା ସତ୍ତ୍ୱେ ଜୀବନ ଜିଇବାର ଏକ ଦମ୍ଭ।

### Horizon of Science




**ଲେଖକ ଓ ପ୍ରକାଶକ:** ପ୍ର. ନିରଞ୍ଜନ ବାରିକ
**ପ୍ରଥମ ପ୍ରକାଶ:** ୨୦୨୩, **ମୂଲ୍ୟ:** ଟ.୧୫୦/–

ବର୍ତ୍ତମାନ ଆମେ ପ୍ରତ୍ୟକ୍ଷ କରୁଥିବା ଜଗତ ହେଉଛି ବିଜ୍ଞାନର ସେଇ ପ୍ରରୂପ, ଯାହା ଏଇ ଦ୍ୟାବ୍ୟା ପୃଥିବୀରେ ବ୍ୟାପ୍ତ। ଆମର ଉପଲବ୍ଧ ପୃଥିବୀ, ତା'ର ଜୀବ ଓ ପ୍ରକୃତି ଜଗତ, ଅନ୍ତରୀକ୍ଷ–ପ୍ରତ୍ୟେକଟି ପ୍ରତି ମୁହୂର୍ତ୍ତରେ ବିବର୍ତ୍ତିତ ଓ ଅଧିକରୁ ଅଧିକ ବ୍ୟାପ୍ତ ହୋଇଚାଲିଛି। ବିଜ୍ଞାନର ଇତିହାସ ହେଉଛି ବିଶ୍ୱର ସ୍ଥିତିକୁ ନିୟତ ଗବେଷଣା ଓ ଆବିଷ୍କାର ଦ୍ୱାରା ନୂତନ ଜ୍ଞାନ ସମ୍ପଦରେ ଋଦ୍ଧିମନ୍ତ କରିବା। ଜାଗତିକ ଓ ଅଣଜାଗତିକ ଆବିଷ୍କାର, ଯାହା ବିଜ୍ଞାନ ଦ୍ୱାରା ଅନବର୍ତ୍ତ ସାଧିତ ହୋଇଚାଲିଛି; ସେ ସମ୍ପର୍କରେ ବିଭିନ୍ନ ସମୟରେ ଲେଖାଯାଇଥିବା ନିବନ୍ଧଗୁଡ଼ିକୁ ପ୍ରଫେସର ବାରିକ ଏହି ଗ୍ରନ୍ଥରେ ସମାହିତ କରିଛନ୍ତି। ମୋଟ ୨୫ଟି ନିବନ୍ଧରେ ସମୃଦ୍ଧ ଏହି ବିଜ୍ଞାନ ଆକଳନମୂଳକ ଗ୍ରନ୍ଥଟି ବାସ୍ତବରେ ଗବେଷକ ଓ ଛାତ୍ରୀଛାତ୍ର (ଯେଉଁମାନେ ବିଜ୍ଞାନର ଗବେଷଣା ଓ ଜ୍ଞାନାଲୋକ ସମ୍ବନ୍ଧରେ ଆଗ୍ରହୀ)ମାନଙ୍କ ପାଇଁ ଦିଶାଦର୍ଶୀ ହୋଇପାରିବ ବୋଲି ବିଶ୍ୱାସ। ବିଜ୍ଞାନର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତର ତର୍ଜମା ଦୃଷ୍ଟିରୁ ଆଲୋଚ୍ୟ ଗ୍ରନ୍ଥଟି ଯେ ଏକ ସମୟୋପଯୋଗୀ ପ୍ରସ୍ତୁତି ଓ ପରିବେଷଣ– ଏଥିରେ ସନ୍ଦେହ ନାହିଁ।

## କାଳକାଳକୁ

**"ଶବ୍ଦ କେବେ ହଜେ ନାହିଁ। ଆଲମାରୀରେ ରଖା ପୁରୁଣା ଖେଳଣା ପରି ବିସ୍ମୃତ ବା ବୁଢ଼ିଆଣୀ ଜାଲ ଓ ଧୂଳି ଭିତରେ କେବଳ ଉହ୍ୟଥାଏ, ପୁଣି ଖୋଜା ପଡ଼ିବାଯାଏ।"**
**– ଅମିତାଭ ଘୋଷ**



**ଅମିତାଭ ଘୋଷ**ଙ୍କ ଜନ୍ମ ୧୧ ଜୁଲାଇ ୧୯୫୬ରେ, କୋଲକାତାରେ। ଭାରତ ଓ ଦକ୍ଷିଣ ଏସିଆର ସମାଜ ଓ ଜନଜୀବନ ତାଙ୍କ ସାହିତ୍ୟର ଚାରଣଭୂମି। ଉପନିବେଶବାଦ ଓ ଜଳବାୟୁ ପରିବର୍ତ୍ତନ ସମ୍ପର୍କରେ ସେ ପୃଥିବୀର ଜଣେ ପ୍ରମୁଖ ଚିନ୍ତାବିତ୍। ତାଙ୍କର ବହୁପଠିତ ପୁସ୍ତକ ମଧ୍ୟରେ 'ଦ ସେଡୋ ଲାଇନ୍‌ସ', 'ଦ ଗ୍ଲାସ୍ ପ୍ୟାଲେସ୍' ଓ 'ଦ ଗ୍ରେଟ୍ ଡିରେଞ୍ଜମେଣ୍ଟ' ଆଦି ପ୍ରଧାନ। ଭାରତୀୟ ସାହିତ୍ୟକୁ ମୂଲ୍ୟବାନ ଅବଦାନ ପାଇଁ ସେ 'ପଦ୍ମଶ୍ରୀ' ସମେତ 'କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର', 'ଆନନ୍ଦ ପୁରସ୍କାର' ଓ 'ଜ୍ଞାନପୀଠ ପୁରସ୍କାର' (୨୦୧୮) ଆଦିରେ ସମ୍ମାନିତ।

# ସାବିତ୍ରୀ

## ଲଘୁଗଳ୍ପ

**ସୁନନ୍ଦା ମହାନ୍ତି**

କୁଡ଼ିଆ ଘରେ ରହୁଥିଲେ ମାଆ ଓ ପୁଅ। ପୁଅ ଅସୁସ୍ଥ ହୋଇ ଆସ୍ତେ ଆସ୍ତେ କଥା କହିବା ବନ୍ଦ ହୋଇଗଲା। ଜଣାପଡ଼ିଲା ଥ୍ରୋଟ୍ କ୍ୟାନ୍‌ସର। ଅପରେଶନ କରାଗଲା। ସେଥିପାଇଁ ଯେଉଁ ପଇଁତିରିଶ ହଜାର ଖର୍ଚ୍ଚ ହେଲା ତାହା ଯୋଗାଡ଼ କରିବାକୁ ମାଆ ପାଖରେ ସହଜ କଥା ନଥିଲା। ବିକାଭଙ୍ଗା କରି କୌଣସିମତେ ଅପରେଶନ ତ ହୋଇଗଲା, ହେଲେ ପୁଅ କଥା କହିଲା ନାହିଁ। ପୁଅ ଠରୁ ମାଆ ଡାକ ନ ଶୁଣିଲେ କୋଉ ମାଆ ଧୈର୍ଯ୍ୟ ଧରି ରହିପାରିବ! ଡାକ୍ତର କହୁଥିଲେ ପୁଣି ଅପରେଶନ ହେବ, ହେଲେ ଆଉ ଥରେ ଏତେ ପଇସା କୋଉଠୁ ପାଇବ ମାଆ। ଏମିତିକି ଖାଇବା ଖର୍ଚ୍ଚ ବହନ କରିବା ଶକ୍ତି ନଥାଏ ମାଆ ପାଖରେ। ଅନାଥାଶ୍ରମରେ ଛାଡ଼ିଲେ ମାଆଟି ପୁଅକୁ ନ ଦେଖି ବଞ୍ଚିପାରିବନି। ଡାକ୍ତର ମାଆଟିର ବେଦନାକୁ ବୁଝିଥିଲେ ବି ଉପାୟ ନଥିଲା। ମନ ଥିଲେ ଉପାୟ ବଳେ ବଳେ ଆସେ ଭଳି ଡାକ୍ତର ବୈଜ୍ଞାନିକ ହୋଇଗଲେ। ସିଲିକନ ପେଟେଣ୍ଟ ଦରକାର ଥିଲା ଏହିପରି ପେସେଣ୍ଟମାନଙ୍କ ପାଇଁ ଗଳାଯନ୍ତ୍ର ବାହାର କରିବା ପାଇଁ। ଡାକ୍ତର ବନ୍ଧୁମାନଙ୍କ ସହାୟତାରେ ଶେଷକୁ ଗଳାଯନ୍ତ୍ର ଆବିଷ୍କାର କଲେ। ତାଙ୍କ ନାମ ଡାକ୍ତର ବିଶାଳ ରାଓ।

ସେହି କୁଡ଼ିଆରେ ରହୁଥିବା ମାଆ ପୁଅଙ୍କ ଉପରେ ପ୍ରଥମ ପରୀକ୍ଷଣ କରାଇଲେ। ବେକ ତଳେ ଯନ୍ତ୍ରଟିକୁ ଦେଇ ଯେତେ ଚେଷ୍ଟା କରୁଥିଲେ ମଧ୍ୟ ପିଲାଟି ଅ ଠାରୁ କ୍ଷ ପର୍ଯ୍ୟନ୍ତ କୌଣସି ଅକ୍ଷରର ଉଚ୍ଚାରଣ କରିପାରୁ ନ ଥିଲା। ହେଲେ ମାଆ ଯେବେ କାନ୍ଦି କାନ୍ଦି କହୁଥିଲା ଡାକ ଧନ ମା' ବୋଲି ଡାକ ତ ପୁଅ କହିବାକୁ ଲାଗିଲା ମା... ମା... ମାଆ... ଡାକ୍ତର ବାସ୍ତବ ଦୁନିଆର ହିରୋ ପାଲଟିଗଲେ। ଶହ ଶହ ରୋଗୀ ଅଳ୍ପ ମୂଲ୍ୟ ଅର୍ଥାତ୍ ମାତ୍ର ଏକଟଙ୍କା ବା ଅତି କମ୍‌ରେ ପଚାଶ ପଇସା ମୂଲ୍ୟରେ ଏହି କ୍ଷୁଦ୍ର ଯନ୍ତ୍ର ପାଇ ପୁଣି କଥା କହିଲେ। ଭାବ ବିନିମୟ କଲେ। ମାଆଟି ଏଥର କାନ୍ଦୁଥିଲା ସୁଖରେ, ଢାଳୁଥିଲା ଆଶୀର୍ବାଦ ଡାକ୍ତରଙ୍କୁ।

ପୁଅ ମୁନା ବଡ଼ ହୋଇ ପାଠ ପଢୁଥିଲା। ମାଆ ସାବିତ୍ରୀ ବାବୁଘରେ କାମ କରି ପୁଅକୁ ପଢ଼ାଉଥିଲା। ଖରାଦିନେ ସିନା ମଶାମାନଙ୍କ ଉତ୍ପାତ ନଥିଲା, ହେଲେ ପିମ୍ପୁଡ଼ିଙ୍କର ପ୍ରବଳ ଉତ୍ପାତ ଲାଗିରହିଥିବା କାରଣରୁ ବାବୁଘର ମାଆ ଯେତେ ଲକ୍ଷ୍ମଣରେଖା ଖଡ଼ିରେ ଗାର ଟାଣି ଖାଦ୍ୟ ପଦାର୍ଥ ରଖୁଥିଲେ ମଧ୍ୟ କେବେକେବେ ଅସାବଧାନତାର ଶିକାର ହୋଇ ଖାଦ୍ୟ ଦ୍ରବ୍ୟରେ ପିମ୍ପୁଡ଼ି ଲାଗୁଥିଲେ। ସେଥର ବାବୁଆଣୀ ଦେଖିଲେ ଅରୁଆ ଚାଉଳ ସାରା ପିମ୍ପୁଡ଼ି। ଫୋପାଡ଼ି ଦେବାକୁ ଯାଉଥିଲେ ତ ସାବିତ୍ରୀ କହିଲେ, ମାଆ ଚାଉଳ ପରି ଦ୍ରବ୍ୟ ଫୋପାଡ଼ିଲେ ଲକ୍ଷ୍ମୀ ସାଆନ୍ତାଣୀ କୋପ କରିବେ। ମତେ ବରଂ ଦେଇଦିଅ କହି ସେହି ଚାଉଳ ନେଇଆସିଥିଲା ସାବିତ୍ରୀ। ଭାବିଥିଲା ଖରାରେ ଶୁଖେଇ ପିମ୍ପୁଡ଼ି ଚାଲିଗଲା ପରେ ଭାତ ରାନ୍ଧି ମାଆ ପୁଅ ଖାଇବେ, କିନ୍ତୁ ଯୋଗକୁ ସେଦିନ ଚାଉଳ ସରିଯାଇଥାଏ ତ ମାଆ ସାବିତ୍ରୀ ଗୋଟେ ଉପାୟ ପାଞ୍ଚି ଗରମ ପାଣିରେ ଚାଉଳ ଧୋଇ ଦେବାରୁ ପିମ୍ପୁଡ଼ି ମରିଗଲେ ଓ ପାଣିରେ ଧୋଇଦେବାରୁ ମଲା ପିମ୍ପୁଡ଼ି ଭାସିଗଲେ ତ ମାଆ ଚାଉଳକୁ ପୁଣି ଗରମ ପାଣିରେ ପକେଇ ରାନ୍ଧୁଥିଲେ।

ଏସବୁକୁ ଦୂରରୁ ମୁନା ଲକ୍ଷ୍ୟ କରୁଥିଲା ତ ମାଆକୁ ବାରିପଟକୁ ନେଇ ଦେଖାଇଥିଲା କାଳବୈଶାଖୀ ବର୍ଷାରେ ଗୋଟେ ମରିପଡ଼ିଥିବା ଝିଣ୍ଟିକାକୁ ଦଳ ବଳ ବାନ୍ଧି ପିମ୍ପୁଡ଼ିମାନେ ନେଇଯାଉଥିଲେ। ମାଆ କହିଲା, ଏକତା ହିଁ ବଳ ପୁଅ। ମୁନା କାନ୍ଦି କାନ୍ଦି କହୁଥିଲା ସେହି ଏକତା ଓ ସଞ୍ଚୟ ଗୁଣ ଥିବା ପିମ୍ପୁଡ଼ିମାନଙ୍କୁ ମାରିବା କ'ଣ ଦରକାର ଥିଲା ମାଆ? ବରଂ ଚାଉଳକୁ ଯତ୍ନରେ ରଖିବାର ଥିଲା। ମାଆ ସାବିତ୍ରୀ ପୁଅକୁ କୋଳେଇ ନେଇ କହୁଥିଲେ ପ୍ରଭୁହେ ମୋ' ପୁଅ ଏମିତି ଭଲ କଥା କହୁଥାଉ ଓ ଅନ୍ୟଙ୍କୁ ଶିଖାଉଥାଉ। ମନେମନେ ସେହି ଡାକ୍ତରଙ୍କୁ ଖୁବ୍ ପ୍ରଶଂସା କରୁଥିଲେ ସାବିତ୍ରୀ ମାଆ ଏବଂ ପୁଅକୁ କହିଥିଲେ ଏମିତି ଭୁଲ ଆଉ କେବେ ହେବାକୁ ଦେବିନି ପୁଅ। ତଥାପି ପୁଅ ଆଖିରୁ ନିଗିଡ଼ି ଆସୁଥିବା ଲୁହକୁ ସାବିତ୍ରୀ ନିଜ ପଣତରେ ପୋଛି ନେଇ ପ୍ରଭୁଙ୍କୁ ଡାକୁଥିଲେ ମୋ' ପୁଅକୁ ଏମିତି ସଦ୍‌ବୁଦ୍ଧି ଦିଅ ଠାକୁରେ ଯେମିତି କଥା ଚାତୁରୀରେ ଜ୍ଞାନ ବାଣ୍ଟିପାରୁ ଅନ୍ୟମାନଙ୍କୁ।

ମୋ: ୯୦୪୦୯୭୭୩୨୭



ଧରିତ୍ରୀ DHARITRI
ଧରିତ୍ରୀ 50 Years
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ଜୁଲାଇ ୬/୨୦୨୪ Bhubaneswar, Saturday, July 6/ 2024

# ଅଲ୍‌କାରାଜଙ୍କ ସଂଘର୍ଷପୂର୍ଣ୍ଣ ବିଜୟ

**ଉ୍ୱିମ୍ବଲଡନ ଟେନିସ**

ଲଣ୍ଡନ, ୫।୭

ଡିଫେଣ୍ଡିଂ ଚାମ୍ପିୟନ ସ୍ପେନ୍‌ର କାର୍ଲୋସ ଅଲ୍‌କାରାଜ ଉ୍ୱିମ୍ବଲଡନ ଗ୍ରାଣ୍ଡସ୍ଲାମ ଟେନିସ ପୁରୁଷ ସିଙ୍ଗଲ୍ସର ତୃତୀୟ ରାଉଣ୍ଡରେ ସଂଘର୍ଷପୂର୍ଣ୍ଣ ବିଜୟଲାଭ କରିଛନ୍ତି। ୫ ସେଟ୍ ବିଶିଷ୍ଟ ମୁକାବିଲାରେ ସେ ଆମେରିକାର ଫ୍ରାନ୍ସେସ ଟିଆଫୋଙ୍କୁ ୫-୭, ୬-୨, ୪-୬, ୭-୬ (୭/୨), ୬-୨ ସେଟ୍‌ରେ ହରାଇଛନ୍ତି। ବର୍ଷା ଯୋଗୁ ଅନେକ ମ୍ୟାଚ ଅଧାରୁ ସସପେଣ୍ଡ ରହିଥିବାବେଳେ ଗାଏଲ ମନଫିଲ୍ସଙ୍କୁ ହରାଇ ଗ୍ରିଗୋର ଡିମିଟ୍ରୋଭ ଓ ଆଲେକଜାଣ୍ଡର ବୁବଲିକଙ୍କୁ ହରାଇ ଟମି ପଲ୍ ୪ର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ମହିଳା ସିଙ୍ଗଲ୍ସରେ ମାର୍ଟା କୋଷ୍ଟ୍ୟୁକଙ୍କୁ ହରାଇ ମାଡିସନ କିଜ୍, ବାଏଙ୍କା ଆଣ୍ଡ୍ରେସ୍କୁଙ୍କୁ ହରାଇ ଜସମିନ ପାଓଲିନି, ଡାରିଆ କାସାଟକିନାଙ୍କୁ ହରାଇ ପାଉଲା ବଦୋସା ଚତୁର୍ଥ ରାଉଣ୍ଡରେ ପହଞ୍ଚିଛନ୍ତି।


## Government of Odisha
### Higher Education Department

**Revised timeline for e-Admission into U.G. Courses under SAMS in the Higher Education Institutions for the Academic Session 2024-25**

**No.N-:** Revised timeline for e-Admission in all (+3) Degree HEIs including Self Financing (Degree) Colleges/ Sanskrit (Shastri) of the State under Student Academic Management System (SAMS) is given below. Any changes in the timeline will be published in the newspapers as well as in the website www.samsodisha.gov.in. Kindly refer the Common Prospectus (CP) before filling up the CAF.

| Sl# | Activities | Timeline |
|---|---|---|
| 1 | Publication of Provisional Allotment of Seats **(for Second Round Selection)** | **05-July-2024 (04:00 PM)** |
| 2 | Selection of **Slide/ Freeze/ Float** Option and **Online payment** of admission fees by the selected students through SAMS **[Student's Account]** portal | **05-July-2024 (07:00 PM) to 09-July-2024 (11:45PM)** |
| 3 | Reporting of applicants at allotted institutions for taking admission **(for Second Round Selection)** | **06-July-2024 (10:00 AM) to 10-July-2024 (05:00 PM) (Except 07-July-2024 & 08-July-2024)** |
| 4 | Data updation of admitted students in the e-space by the respective Institutions **(for Second Round Admission)** | **06-July-2024 (09:00 AM) to 10-July-2024 (07:00 PM)** |
| 5 | Publication of Provisional Allotment of Seats **(for Third Round Selection)** | **16-July-2024 (04.00 PM)** |
| 6 | **Online payment** of admission fees by the selected students through SAMS **[Student's Account]** portal | **16-July-2024 (07:00 PM) to 21-July- 2024(11:45PM)** |
| 7 | Reporting of applicants at allotted institutions for taking admission **(for 3rd/Final Round Selection)** | **18-July- 2024 (09:00 AM) to 22-July-2024 (05:00 PM) (Except Holiday)** |
| 8 | Data updation of admitted students in the e-space by the respective Institutions (for Third Round Admission) | **18-July-2024 (09:00 AM) to 22-July-2024 (07:00 PM)** |
| 10 | Reporting of applicants through [Student's Login] in online mode for their upper choice HEIs (Student must choose the HEIs name from the check box provided where S/he want to participate in Waiting list round) | **25-July-2024 (10:00 AM) to 28-July-2024 (11:45PM)** |
| 11 | Publication of merit wise list of applicants at HEI's e-space among the online reported waitlisted applicants | **31-July-2024 (4:00 PM)** |
| 12 | Publication of selected as well as waitlisted applicant's list by the HEIs at their Notice Board/ Website and will also communicate to the applicants via phone call/ sms | **01-August-2024 (02.00 PM)** |
| 12 | Reporting of waitlisted applicants to take admission in one of the selected HEIs, where the total/ differential admission fees will be deposited directly at the HEIs in online mode (Net Banking/ Bank Challan/ NEFT/ UPI etc. | **02-August-2024 (09.00 P.M.) & 03-August-2024 (05.00 P.M.)** |
| 20 | Admission Updation of the selected student's data by the HEIs in their e-Space | **02-August-2024 (09.00 PM) to 03-August-2024 (07.00 PM)** |
| 21 | Commencement of 1st Year Classes | **1-August-2024 (Thursday)** |
| 22 | Publication of Phase-II Admission | **After publication of Instant/ Supplementary result of CHSE, Odisha and Other Board** |

**For More details please contact: e-Admission Helpline (Toll Free) Number 155335/ 1800-345-6770**

**Sd./- Joint Secretary to Govt.**
**PTC Section**

OIPR-11001/11/0015/2425


# ଆଜିଠୁ ଭାରତ-ଜିମ୍ବାୱ୍ୱେ ଟି୨୦ ସିରିଜ

## କୋହଲି, ରୋହିତଙ୍କ ବିନା ଖେଳିବ ନ୍ୟୁ-ଲୁକ୍ ଟିମ୍ ଇଣ୍ଡିଆ

ହରାରେ, ୫।୭ (ପି.ଟି.)

ଭାରତ ଓ ଜିମ୍ବାୱ୍ୱେ ମଧ୍ୟରେ ୫ ମ୍ୟାଚ ବିଶିଷ୍ଟ ଟି୨୦ କ୍ରିକେଟ ସିରିଜ ଶନିବାରଠାରୁ ହରାରେ ସ୍ପୋର୍ଟ୍ସ କ୍ଲବ ଗ୍ରାଉଣ୍ଡରେ ଆରମ୍ଭ ହେବ। ଭାରତର ଟି୨୦ ବିଶ୍ୱକପ୍ ବିଜୟ ପରେ ବିରାଟ କୋହଲି, ରୋହିତ ଶର୍ମା ଓ ରବୀନ୍ଦ୍ର ଜାଡେଜା ଏହି ଫର୍ମାଟରୁ ଅବସର ନେଇସାରିଛନ୍ତି। ତେଣୁ ଯୁବ ଖେଳାଳିଙ୍କୁ ନେଇ ନ୍ୟୁ-ଲୁକ୍ ଭାରତୀୟ ଦଳ ଏହି ସିରିଜରେ ଖେଳିବ। ବିଶ୍ୱକପ୍ ଦଳରେ ରିଜର୍ଭ ଖେଳାଳିଥିବା ଶୁବମନ ଗିଲ୍ ଆଗାମୀ ସିରିଜ ପାଇଁ ଭାରତୀୟ ଦଳର ନେତୃତ୍ୱ ନେବେ। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ରେ ଭଲ ପ୍ରଦର୍ଶନ କରିଥିବା ଅନେକ ଖେଳାଳି ଭାରତୀୟ ଦଳରେ ସାମିଲ ହୋଇଛନ୍ତି। ତେଣୁ ଜିମ୍ବାୱ୍ୱେ ବିପକ୍ଷ ସିରିଜରେ ଏକାଧିକ ଖେଳାଳି ଅନ୍ତର୍ଜାତୀୟ ଡେବ୍ୟୁ କରିବା ନିଶ୍ଚିତ ହୋଇଛି।

ଡେବ୍ୟୁ ତାଲିକାର ଶୀର୍ଷରେ ଥିବା ଦୁଇ ଯୁବ ଖେଳାଳି ଅଭିଷେକ ଶର୍ମା ଓ ରିୟାନ ପରାଗଙ୍କୁ ନେଇ ଚର୍ଚ୍ଚା ଲାଗି ରହିଛି। ପଞ୍ଜାବର ଅଭିଷେକ ସନ୍‌ରାଇଜର୍ସ ହାଇଦ୍ରାବାଦ ପକ୍ଷରୁ ଏଥର ଚମତ୍କାର ପ୍ରଦର୍ଶନ କରିଥିଲେ। ସେହିପରି ଆସାମର ପରାଗ ରାଜସ୍ଥାନ ରୟାଲ୍ସ ଦଳରେ ପ୍ରଦର୍ଶନର ଛାପ ଛାଡ଼ିଥିଲେ। ଗତ କିଛିବର୍ଷ ଧରି ରୋହିତ ଓ କୋହଲି ଅନେକ ଦ୍ୱିପାକ୍ଷିକ ସିରିଜରେ ଖେଳିନାହାନ୍ତି। ବିଶେଷକରି ଟି୨୦ ଫର୍ମାଟରେ ଏମାନଙ୍କ ସ୍ଥାନରେ ଯୁବ ଖେଳାଳିଙ୍କୁ ସୁଯୋଗ ଦିଆଯାଇଛି। ଏବେ ସେମାନଙ୍କ ଅବସର ହୋଇଯାଇଥିବାରୁ ପ୍ରତିଭାସମ୍ପନ୍ନ ଖେଳାଳିଙ୍କ ସମ୍ଭାବନା ବଢ଼ିଯାଇଛି। ଆଧୁନିକ କ୍ରିକେଟର ଦୁଇ ଶ୍ରେଷ୍ଠ ଖେଳାଳି କୋହଲି ଓ ରୋହିତଙ୍କ କୌଶଳ ଏବଂ କ୍ୱାଲିଟିର ତୁଳନା ନାହିଁ। ସମୟ ଅନୁସାରେ ଏବେ ସେମାନେ ଯୁବ ଖେଳାଳିଙ୍କ ପାଇଁ ବାଟ ଛାଡ଼ିଛନ୍ତି।

ଜିମ୍ବାୱ୍ୱେ ସେପରି ଶକ୍ତିଶାଳୀ ପ୍ରତିଦ୍ୱନ୍ଦ୍ୱୀ ନୁହେଁ, ତେବେ ଟି୨୦ ଫର୍ମାଟରେ ଏକ ନିର୍ଦ୍ଦିଷ୍ଟ ଦିବସରେ ଯେକୌଣସି ଦଳ ଚ୍ୟାଲେଞ୍ଜ ଦେବାକୁ ସକ୍ଷମ। ଘରୋଇ ଦଳର ନେତୃତ୍ୱ ନେବେ ସିକନ୍ଦର ରାଜା। ସେ ନିକଟରେ ଆଇପିଏଲ୍‌ରେ ପଞ୍ଜାବ କିଙ୍ଗ୍ସ ପକ୍ଷରୁ ଖେଳିଥିଲେ। ଅପରାହ୍ଣରେ ଖେଳ ଆରମ୍ଭ ହେବାକୁ ଯାଉଥିବାରୁ ତାଙ୍କୁ ଅନେକ କିଛି ପ୍ରମାଣ କରିବାକୁ ପଡ଼ିବ।



ପିଚ୍ ଅନୁଧ୍ୟାନ ଅବସରରେ ଭିଭିଏସ୍ ଲକ୍ଷ୍ମଣଙ୍କ ସହ ଶୁବମନ ଗିଲ୍।

ବିଶ୍ୱକପ୍ ଦଳରେ ସାମିଲଥିବା ଶିବମ୍ ଦୁବେ, ସଞ୍ଜୁ ସାମସନ ଓ ଯଶସ୍ୱୀ ଜୟସ୍ୱାଲ ତୃତୀୟ ମ୍ୟାଚ ବେଳକୁ ଦଳରେ ଉପଲବ୍ଧ ହେବେ। ତେଣୁ ଯୁବ ପ୍ରତିଭାଙ୍କୁ କମ୍ ମ୍ୟାଚରେ ସେମାନଙ୍କ ଦକ୍ଷତା ଦେଖାଇବାକୁ ପଡ଼ିବ। ଭବିଷ୍ୟତରେ ସମ୍ଭାବ୍ୟ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା, ସମ୍ଭାବ୍ୟ ଉପ-ଅଧିନାୟକ ସୂର୍ଯ୍ୟକୁମାର ଯାଦବ, ରିଷଭ ପନ୍ତ, ଅକ୍ଷର ପଟେଲ, ଅର୍ଶଦୀପ ସିଂ ଓ କୁଲଦୀପ ଯାଦବ ଏହି ଫର୍ମାଟକୁ ଫେରିବେ। ତେଣୁ ପ୍ଲେଇଂ ଇଲେଭେନରେ ବେଶିକିଛି ସ୍ଥାନ ଫାଙ୍କା ରହିବନାହିଁ। ଏବେଠାରୁ ଭାରତରେ ଆୟୋଜନ ହେବାକୁ ଯାଉଥିବା ୨୦୨୬ ଟି୨୦ ବିଶ୍ୱକପ୍ ପର୍ଯ୍ୟନ୍ତ ଭାରତ ଏହି ଛୋଟ ଫର୍ମାଟରେ ମୋଟ ୩୪ଟି ଗେମ୍ ଖେଳିବାର ଅଛି। ଅଧିନାୟକ ଗିଲ୍ ଇନିଂସ ଓପନ କରିବା ସମ୍ଭାବନା ରହିଛି। ତେବେ ତାଙ୍କ ପ୍ରିୟ ବନ୍ଧୁ ଅଭିଷେକ କିମ୍ବା ଏସିଆନ ଗେମ୍ସ ଗୋଲ୍ଡ ମେଡାଲିଷ୍ଟ ଦଳର ଅଧିନାୟକ ଋତୁରାଜ ଗାଏକ୍ୱାଡଙ୍କ ମଧ୍ୟରୁ କିଏ ଅନ୍ୟତମ ଓପନର ହେବେ ତାହା ଦେଖିବାକୁ ରହିଛି। ଯଦି ଅଭିଷେକ ଓପନ କରନ୍ତି ତେବେ ଗାଏକ୍ୱାଡ୍ ୩ ନମ୍ବରରେ ଆସିବା ସମ୍ଭାବନା ଅଛି। ଏ କ୍ଷେତ୍ରରେ ପରାଗ ୪ ନମ୍ବରରେ ଖେଳିବେ। ରିଙ୍କୁ ସିଂ ୫ ଓ ଜିତେଶ ଶର୍ମା କିମ୍ବା ଧ୍ରୁବ ଜୁରେଲଙ୍କ ମଧ୍ୟରୁ କେହି ୬ ନମ୍ବରରେ ପଡ଼ିଆକୁ ଓହ୍ଲାଇବେ। ଚୟନ ପଦ୍ଧତି ଦେଖିଲେ ସଞ୍ଜୁ ସାମସନଙ୍କ ପଛକୁ ଦ୍ୱିତୀୟ ପସନ୍ଦ ଉଇକେଟ କିପରଭାବେ ଜୁରେଲ ଦଳରେ ସ୍ଥାନ ପାଇଥିଲେ। ସାମସନ ଆସିବା ବିଳମ୍ବ ହେବାରୁ ଜିତେଶଙ୍କୁ ସୁଯୋଗ ମିଳିଛି। ବୋଲିଂ ବିଭାଗରେ ଅଭେଶ ଖାଁ, ଖଲିଲ ଅହମଦ ଓ ମୁକେଶ କୁମାର ପେସ୍ ଚ୍ୟାଲେଞ୍ଜ ସମ୍ଭାଳିବେ। ଏହା ହେଲେ ହର୍ଷିତ ରାଣାଙ୍କୁ ଅପେକ୍ଷା କରିବାକୁ ହେବ। ଦୁବେ ଆସିବା ପର୍ଯ୍ୟନ୍ତ ଓ୍ୱାଶିଂଟନ ସୁନ୍ଦର ଅଲ୍‌ରାଉଣ୍ଡର ଦାୟିତ୍ୱରେ ରହିବେ। ଲେଗ୍ ସ୍ପିନର ରବି ବିଷ୍ଣୋଇ ସମସ୍ତ ମ୍ୟାଚ ଖେଳିବା ସମ୍ଭାବନା ରହିବ।

**ଭାରତୀୟ ଦଳ (ପ୍ରଥମ ୨ ମ୍ୟାଚ ପାଇଁ):** ଶୁବମନ ଗିଲ୍ (ଅଧିନାୟକ), ଋତୁରାଜ ଗାଏକ୍ୱାଡ୍, ଅଭିଷେକ ଶର୍ମା, ରିଙ୍କୁ ସିଂ, ଧ୍ରୁବ ଜୁରେଲ, ରିୟାନ ପରାଗ, ଓ୍ୱାଶିଂଟନ ସୁନ୍ଦର, ରବିବିଷ୍ଣୋଇ, ଆଭେଶ ଖାଁ, ଖଲିଲ ଅହମଦ, ମୁକେଶ କୁମାର, ତୁଷାର ଦେଶପାଣ୍ଡେ, ସାଇ ସୁଦର୍ଶନ, ଜିତେଶ ଶର୍ମା, ହର୍ଷିତ ରାଣା।

**ଜିମ୍ବାୱ୍ୱେ ଦଳ:** ସିକନ୍ଦର ରାଜା (ଅଧିନାୟକ), ଫରଜ ଆକ୍ରମ, ବ୍ରାଏନ ବେନେଟ, ଜୋନାଥନ କ୍ୟାମ୍ପବେଲ, ଟେଣ୍ଡାଇ ଚତରା, ଲୁକ୍ ଜୋଙ୍ଗୱି, ଇନୋସେଣ୍ଟ କାଇଆ, କ୍ଲାଇଭ୍ ମାଡାଣ୍ଡେ, ୱେସଲି ମାଧେଭେରେ, ଟାଡିୱାନାଶି ମାରୁମାନି, ୱେଲିଂଟନ ମାସାକାଜା, ବ୍ରେଣ୍ଡନ ମାଭୁଟା, ବ୍ଲେସିଂ ମୁଜରବାନି, ଡିଅନ ମେୟର୍ସ, ଅନ୍ତୁମ ନକ୍‌ଭି, ରିଚାର୍ଡ ନାଗାରଭା, ମିଲଟନ ଶୁମ୍ବା।

**ମ୍ୟାଚ ଆରମ୍ଭ: ଅପରାହ୍ଣ ୪ଟା ୩୦**
**ପ୍ରସାରଣ: ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କ**

# ଓସିଏଲ୍-୨୦୨୪: ଓଡ଼ିଶା ଚିତାସ୍, ପୁମାସ୍ ବିଜୟୀ

ଭୁବନେଶ୍ୱର, ୫।୭ (ତପନ ସ୍ୱାଇଁ)

ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ କଟକର ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଓଡ଼ିଶା କ୍ରିକେଟ ଲିଗ୍‌ରେ ୨ଟି ମ୍ୟାଚ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ଚିତାସ ଓ ଓଡ଼ିଶା ପୁମାସ ଦଳ ବିଜୟୀ ହୋଇଛି। ଦିବସର ବର୍ଷା ବାଧାପ୍ରାପ୍ତ ପ୍ରଥମ ମ୍ୟାଚରେ ଓଡ଼ିଶା ଚିତାସ ଡକଓ୍ୱର୍ଥ ଲୁଇସ (ଡିଏଲ୍‌ଏସ୍) ନିୟମରେ ମାତ୍ର ୧ ରନରେ ଓଡ଼ିଶା ପାନ୍ଥର୍ସଙ୍କୁ ପରାସ୍ତ କରିଛି। ଚିତାସ ୨୦ ଓଭରରେ ୬ ଉଇକେଟ ହରାଇ ୧୬୭ ରନ କରିଥିଲା। ଶ୍ରେୟାଂଶ ଭରଦ୍ୱାଜ ସର୍ବାଧିକ ୫୩ ରନ କରିଥିବାବେଳେ ବିପକ୍ଷ ଦଳର ଦେବବ୍ରତ ପ୍ରଧାନ ୪ ଉଇକେଟ ନେଇଥିଲେ। ଜବାବରେ ପାନ୍ଥର୍ସ ୧୫ ଓଭରରେ ୭ ଉଇକେଟ ହରାଇ ୧୨୭ ରନ କରିବାକୁ ସକ୍ଷମ ହୋଇଥିଲା। ରଘୁନାଥ ମଲ୍ଲ ସର୍ବାଧିକ ୪୨ ରନ କରିଥିଲେ। ଦ୍ୱିତୀୟ ମ୍ୟାଚରେ ଓଡ଼ିଶା ପୁମାସ ୫ ଉଇକେଟରେ ଜାଗୁଆର୍ସଙ୍କୁ ହରାଇ ଦେଇଛି। ଜାଗୁଆର୍ସ ୨୦ ଓଭରରେ ୯ ଉଇକେଟ ହରାଇ ୯୮ ରନ କରିଥିଲା। ବିପକ୍ଷ ଦଳର ରାଜେଶ ମହାନ୍ତି ୪ ଉଇକେଟ ନେଇଥିଲେ। ଜବାବରେ ଓଡ଼ିଶା ପୁମାସ ୧୫.୧ ଓଭରରେ ୫ ଉଇକେଟ ହରାଇ ୧୦୪ ରନ ସଂଗ୍ରହ କରି ନେଇଥିଲା। ସ୍ୱସ୍ତିକ ସାମଲ ୪୨ ରନ କରିଥିଲେ। ଦୁଇ ମ୍ୟାଚର ପ୍ଲେୟର ଅଫ୍ ଦି ମ୍ୟାଚ ଶ୍ରେୟାସ ଭରଦ୍ୱାଜ ଓ ରାଜେଶ ମହାନ୍ତି ଅତିଥି ସଂଗ୍ରାମ କେଶରୀ ଗୁମାନସିଂ ଓ ସତବୀର ସିଂ ରିଆରଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ।






# ଆନ୍ଥୋନୀ ଓଡ଼ିଶା ଏଫ୍‌ସିର ସହକାରୀ କୋଚ୍

ଭୁବନେଶ୍ୱର, ୫।୭(ତପନ ସ୍ୱାଇଁ)

ଓଡ଼ିଶା ଏଫ୍‌ସି ଆଗାମୀ ସିଜନ ପାଇଁ ଆନ୍ଥୋନୀ ଫର୍ନାଣ୍ଡିଜ୍‌ଙ୍କୁ ସହକାରୀ କୋଚ୍ ନିଯୁକ୍ତ କରିଛି। ଫଳରେ ଫ୍ଲୟଡ ପିଣ୍ଟୋଙ୍କ ସ୍ଥାନରେ ସେ ନୂଆ ସହକାରୀ କୋଚ୍ ହୋଇଛନ୍ତି। ବ୍ୟକ୍ତିଗତ କାରଣ ଦର୍ଶାଇ ପିଣ୍ଟୋ ନିଜ ଦାୟିତ୍ୱରୁ ଓହରିବାକୁ ନିଷ୍ପତ୍ତି ନେଇଥିଲେ। ଭବିଷ୍ୟତ ପାଇଁ କ୍ଲବ ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ଭାରତୀୟ ଫୁଟ୍‌ବଲରେ ଜଣେ ସମ୍ମାନାସ୍ପଦ ଚେହେରା ଆନ୍ଥୋନୀଙ୍କର ଅନେକ ଅଭିଜ୍ଞତା ରହିଛି। ସଫଳ ଖେଳ ଜୀବନ ପରେ ସେ କୋଚିଂକୁ ଆପଣେଇ ନେଇଥିଲେ। ଜଣେ ଖେଳାଳି ଭାବେ ସେ ଅନେକ କ୍ଲବ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ଏହା ବ୍ୟତୀତ ଏୟାର ଇଣ୍ଡିଆ ଏଫ୍‌ସିର ଅନ୍ତରୀଣ କୋଚ୍ ଭାବେ ମଧ୍ୟ ସେ ଦାୟିତ୍ୱ ତୁଲାଇଛନ୍ତି। ମୁମ୍ବାଇ ସିଟି ଏଫ୍‌ସିର ସହକାରୀ କୋଚ୍ ଏବଂ ଏହାର ୟୁଥ୍ ସେଟ୍‌ଅପ୍‌ରେ ସାମିଲ ହୋଇଥିବାରୁ ଆନ୍ଥୋନୀଙ୍କର କୋଚିଂ ଅଭିଜ୍ଞତା ପରିପକ୍ୱ ହୋଇଛି।



ଆନ୍ଥୋନୀ ଫର୍ନାଣ୍ଡିଜ୍

ଚତୁର ବୁଦ୍ଧିମତ୍ତା, ଖେଳାଳିଙ୍କୁ ମୋଟିଭେଟ୍ କରିବାର କ୍ଷମତା ଏବଂ ଯୁବ ଖେଳାଳିଙ୍କୁ ବିକଶିତ କରିବାର ଅଭିଜ୍ଞତା ନିକଟ ଅତୀତରେ ମୁମ୍ବାଇ ଦଳ ସଫଳତାର ଅନ୍ୟତମ କାରଣ। ଆନ୍ଥୋନୀଙ୍କ ନିଯୁକ୍ତିରେ ଖୁସିପ୍ରକାଶ କରିଛନ୍ତି ମୁଖ୍ୟ କୋଚ୍ ସର୍ଗିଓ ଲୋବେରା। ''ମୁମ୍ବାଇ ସିଟିରେ ତାଙ୍କ ସହ କାର୍ଯ୍ୟ କରିଥିବାରୁ ମୁଁ ଭାଗ୍ୟବାନ। ଆମେ ମିଶି ସଫଳତା ପାଇଥିଲୁ। ଜଣେ ପେସାଦାର ଏବଂ ଭଲ ବ୍ୟକ୍ତିଙ୍କ ସହିତ ମୁଁ ପୁଣିଥରେ କାମ କରିବାର ସୁଯୋଗ ପାଇଥିବାରୁ ବହୁତ ଖୁସି'' ବୋଲି ଲୋବେରା କହିଛନ୍ତି। ସେହିପରି ''ମୁଁ ଓଡ଼ିଶା ଏଫ୍‌ସିରେ ଯୋଗ ଦେଇଥିବାରୁ ଅତ୍ୟନ୍ତ ଆନନ୍ଦିତ। ଓଡ଼ିଶା ଏକ ଉଚ୍ଚାଭିଳାଷୀ କ୍ଲବ। ଟାଇଟଲ ପାଇଁ ଲଢ଼େଇ ଏବଂ ଦଳର ପ୍ରଗତିରୁ ଏହା ସ୍ପଷ୍ଟ। ସର୍ଗିଓଙ୍କ ସହ ପୁଣିଥରେ କାମ କରିବା ଉପରେ ମୁଁ ଫୋକସ କରୁଛି। ତାଙ୍କ ସହ ପୂର୍ବରୁ ମୁଁ ସଫଳତାକୁ ଉପଭୋଗ କରିଛି। ଓଡ଼ିଶା ଏଫ୍‌ସିକୁ ନୂଆ ସୋପାନକୁ ନେଇ ଯିବାକୁ ମୁଁ ଯଥାସାଧ୍ୟ ଉଦ୍ୟମ କରିବି'' ବୋଲି କୋଚ୍ ଆନ୍ଥୋନୀ ପ୍ରକାଶ କରିଛନ୍ତି।






1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ